# ରାମଲୀଳା

## ଦ୍ୱିତୀୟ ଭାଗ

ଓଡ଼ିଶା ସାହିତ୍ୟ ଏକାଡେମୀ

# ରାମଲୀଳା

( ଦ୍ୱିତୀୟ ଖଣ୍ଡ )

ଓଡ଼ିଶା ସାହିତ୍ୟ ଏକାଡେମୀ

ଭୁବନେଶ୍ୱର-୭୫୧୦୧୪

# ରାମଲୀଳା ( ଦ୍ୱିତୀୟ ଖଣ୍ଡ )

**ସଂକଳକ**—ପଣ୍ଡିତ ନଳମଣି ମିଶ୍ର, କ୍ୟୁରେଟର୍
ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ଭୁବନେଶ୍ୱର

**ପ୍ରକାଶକ**—ଓଡ଼ିଶା ସାହିତ୍ୟ ଏକାଡେ଼ମୀ
ଭୁବନେଶ୍ୱର-୧୪

**ପ୍ରଥମ ପ୍ରକାଶ**—୧୯୮୨

**ମୁଦ୍ରଣ**—କାଳିଦାସ ପ୍ରିଣ୍ଟର୍ସ
ଭୁବନେଶ୍ୱର-୨

**ମୂଲ୍ୟ**—ଟ ୩୦/— ( ତିରିଶ ଟଙ୍କା )

# RAMALILA ( Vol. II )

**Compilor**—*Pandit Nilamani Mishra*
*Curator, Orissa state musieum*
*Bhubaneswar-14*

**Published by**—*Orissa Sahitya Akademi*
*Bhubaneswar-14*

**First publication**—1982

**Printed at**—*Kalidas printers*
*Bhubaneswar-2*

**Price**—*Rs. 30/- (Thirty only)*

# ଉପୋଦ୍‌ଘାତ

ବାଲ୍ମୀକି-ଲେଖନୀ ନିଃସୃତ ରାମାୟଣ, ପ୍ରାଗୈତିହାସିକ କାଳରୁ, ଭାରତୀୟ ଅବଚେତନରେ କେବଳ ଅନ୍ତର୍ବ୍ୟାପ୍ତ ହୋଇନାହିଁ, ବୌଦ୍ଧ ଭିକ୍ଷୁ ଓ ସାମୁଦ୍ରିକ ବାଣିଜ୍ୟ ମାଧ୍ୟମରେ, ଉତ୍ତରରେ ମଙ୍ଗୋଲିଆ ଠାରୁ ଦକ୍ଷିଣରେ ଦକ୍ଷିଣ-ପୂର୍ବ-ଏସିଆର ଦେଶ ମାନଙ୍କ ପର୍ଯ୍ୟନ୍ତ ପ୍ରାଚୀନ କାଳରୁ ବିସ୍ତୃତି ଲାଭ କରି ଆସିଅଛି । ବସ୍ତୁତଃ ବିଶ୍ୱ-ସାହିତ୍ୟରେ ଅନ୍ୟ କୌଣସି କାବ୍ୟ ଏପରି ସାର୍ବଜନୀନତା ଲାଭ କରି ପାରି ନାହିଁ । ରାମାୟଣ ଏସିଆର ବିଭିନ୍ନ ଦେଶ ମାନଙ୍କରେ ଯେଉଁ ନାମରେ ପ୍ରଚଳିତ, ତାହା ନିମ୍ନ ସୂଚୀରୁ ସ୍ପଷ୍ଟ ହେବ !

ଶ୍ରୀଲଙ୍କା ଜାନକୀହରଣ ( ସଂ )

ଇଣ୍ଡୋନେସିଆ— ରାମାୟଣ କକଓ୍ୱିନ
ରାମାୟଣ ( ଜାଭାନିଜ୍ ଭାଷା )

ମାଲୟ— ହିକାୟତ୍ ସେରୀ ରାମ
( ଆରବୀ ଲିପି )

ଥାଇଲଣ୍ଡ---ରାମ କିୟେନ୍

ଲାଓସ୍ = ଫ ଲକ୍ ଫ ଲାମ
ଗ୍ୱେ ଦେବର୍ଭି

କାମ୍ବୋଡିଆ— ରାମ-କେର୍ତ୍ତୀ

ମଙ୍ଗୋଲିଆ—ଜୀବକ-କଥା

ଜାପାନ—ହୋବୁତ୍‌ସୁରୁ

ତିବ୍ବତ— ସୀତା-ହରଣ ( ତିବ୍ବତୀ ଭାଷା )

ଭାରତୀୟ ଭାଷା ସାହିତ୍ୟକୁ ରାମାୟଣ ତେଣୁ ଅନୁପ୍ରେରିତ କରିଥିବା ଅତ୍ୟନ୍ତ ସ୍ୱାଭାବିକ । ତାମିଲ ସାହିତ୍ୟରେ କମ୍ବନ୍ 'ରାମାୟଣ' ଭାରତୀୟ ଦେଶୀୟ-ଭାଷାରେ ସର୍ବପ୍ରଥମ ରାମାୟଣ । ସେହିଦିନଠୁ, ଭାରତର ଅନ୍ୟ ଭାଷା-ସାହିତ୍ୟ ମାନଙ୍କରେ ମଧ୍ୟ ଏହା ରଚିତ ହୋଇ ଆସିଅଛି । ମୂଳ ବାଲ୍ମୀକି-ରାମାୟଣ ଠାରୁ ଭାଷା-ବନ୍ଧରେ ରଚିତ ଏହି ରାମାୟଣ ମାନଙ୍କର କେତେକ ପାର୍ଥକ୍ୟ ରହିଥିଲେ ହେଁ,

ମର୍ମ ଓ ପ୍ରାଣରେ ଏସବୁ ବାଲ୍ମୀକି-ରାମାୟଣର ଅନୁସାରୀ ଓଡ଼ିଆରେ ବଳରାମଦାସଙ୍କ 'ଜଗମୋହନ-ରାମାୟଣ' ଏହିପରି ଏକ ରଚନା । କେବଳ ପୌରାଣିକ ଶୈଳୀରେ ନୁହେଁ, ଆଳଙ୍କାରିକ କାବ୍ୟଶୈଳୀରେ ରାମାୟଣ ଯେପରି ପରିବେଷିତ ହୋଇଅଛି ଉପେନ୍ଦ୍ର ଭଞ୍ଜଙ୍କ 'ବୈଦେହୀଶବିଳାସ' ତାହାର ଏକ ରସୋତ୍ତୀର୍ଣ୍ଣ ଦୃଷ୍ଟାନ୍ତ । ବସ୍ତୁତଃ ଓଡ଼ିଆରେ ରାମ ସାହିତ୍ୟର ପରିମାଣ ଅପ୍ରଚୁର ନୁହେ ।

ରାମାୟଣକୁ ଆଶ୍ରୟ କରି, ଓଡ଼ିଆରେ ଅଭିନୟୋପଯୋଗୀ, ବହୁ 'ଲୀଳା' ମଧ୍ୟ ରଚିତ ହୋଇଅଛି । ଏହି 'ଲୀଳା' ସବୁ ଦୃଶ୍ୟକାବ୍ୟ ଶୈଳୀରେ ରଚିତ ହୋଇଥିବାରୁ, ଗୀତ ହୋଇ ପାରିବା ଭଳି ବହୁ ସଙ୍ଗୀତ ଏଥିରେ ସନ୍ନିବିଷ୍ଟ ହୋଇଅଛି ।

ଶ୍ରୀ ନୀଳମଣି ମିଶ୍ର ଅଷ୍ଟାଦଶ ଶତାବ୍ଦୀର କବି ରଘୁନାଥ ଦାଶଙ୍କ 'ରାମଲୀଳା' ପୋଥିଟି ସଂପାଦନା କରି ପ୍ରକାଶ କରୁ ଅଛନ୍ତି । ଓଡ଼ିଆରେ ରାମ ସାହିତ୍ୟର ସମ୍ପଦ, ଏହା ବୃଦ୍ଧି କରିବ, ସନ୍ଦେହ ନାହିଁ ।

ସୁରେନ୍ଦ୍ର ମହାନ୍ତି
ସଭାପତି
**ଓଡ଼ିଶା ସାହିତ୍ୟ ଅକାଦମୀ**

# ଭୂମିକା

କବି ରଘୁନାଥ ଦାଶଙ୍କ ରାମଲୀଳା ପୁସ୍ତକଟି ଓଡ଼ିଆ ରାମଲୀଳା ପର୍ଯ୍ୟାୟର ଦ୍ୱିତୀୟ ଲୀଳା । ପ୍ରସ୍ତୁତ ପୁସ୍ତକଟି ରାଜ୍ୟ ସଂଗ୍ରହାଳୟ ପୋଥି ଭଣ୍ଡାରରେ ସଂରକ୍ଷିତ O.L./507 ଓ O.L./508 ସଂଖ୍ୟକ ପୋଥିର ପାଠ ଉପରେ ପର୍ଯ୍ୟବେଶିତ । ଉପରୋକ୍ତ ଦୁଇଖଣ୍ଡି ତାଳପତ୍ର ପୋଥି ଖୁରୁଧା ଅନ୍ତର୍ଗତ ହରଦ୍ରା ଦୁର୍ଗ ବା ହଳଦିଆ ଗଡ଼ର ରାଜାଙ୍କ ଠାରୁ ୧୯୫୮ ସାଲରେ ସଂଗୃହୀତ ହୋଇଛି । ପୋଥି ଦୁଇଟିର ମୋଟ ପତ୍ରସଂଖ୍ୟା ୩୨୬ ଏବଂ ପ୍ରତ୍ୟେକ ପତ୍ରରେ ୩/୪ ଧାଡ଼ି ଲେଖା ଯାଇଛି । ପୋଥିରେ ପ୍ରାଚୀନ ଅକ୍ଷର ବ୍ୟବହୃତ ହୋଇଛି । ପୋଥିଟିର ଶେଷ ପତ୍ରରେ—

"ଶ୍ରୀ ସୀତାରାମ ଉଧ (ଢ) ଶବେ ଅଧମ ଲେଖ୍ଣକାର ସଙ୍କୁଳ ପଟ୍ଟନାୟକଙ୍କୁ । ଶ୍ରୀ ରାହୁତା ଠାକୁରାଣୀ ରକ୍ଷା କରିଥିବେ ଅଧମ ଲେଖ୍ଣକାର(କୁ)" ବୋଲି ଗୋଟିଏ କ୍ଷୁଦ୍ର ପୁଷ୍ପିକା ରହିଛି ।

ପୁଷ୍ପିକାରୁ କେବଳ ଲେଖନକାର ଓ ତାଙ୍କର ଇଷ୍ଟଦେବୀଙ୍କ ନାମ ମାତ୍ର ମିଳୁଛି । କିନ୍ତୁ ଲେଖନକାରଙ୍କ ସମୟ ସମ୍ବନ୍ଧରେ କୌଣସି ସୂଚନା ମିଳୁନାହିଁ । ପୋଥିର ଲେଖନ ଶୈଳୀରୁ, ଲେଖନକାର ସଙ୍କୁଳ ପଟ୍ଟନାୟକ ଉନବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ପୋଥିଟି ନକଲ କରିଥିବାର ଅନୁମାନ କରାଯାଇପାରେ ।

ଓଡ଼ିଆ ସାହିତ୍ୟର ସମୃଦ୍ଧ ଗନ୍ତାଘରେ ବହୁରତ୍ନ ଅଦ୍ୟାପି ଲୁକ୍କାୟିତ ଅବସ୍ଥାରେ ରହିଛି । ସେହି ମହାର୍ଘ ରତ୍ନ ମଧ୍ୟରେ କବି ରଘୁନାଥ ଦାଶଙ୍କ 'ରାମଲୀଳା' ଅନ୍ୟତମ । ଅବଶ୍ୟ ରଘୁନାଥଙ୍କ ପୂର୍ବରୁ 'ବିଶି ରାମଲୀଳା' ବା ବିଚିତ୍ର ରାମାୟଣ ଓଡ଼ିଶାରେ ସୁପ୍ରଚରିତ ହୋଇଥିଲା । ତେଣୁ ଓଡ଼ିଶାର ଲୀଳାପ୍ରେମୀ ଜନସାଧାରଣ ବିଶ୍ୱନାଥଙ୍କ ରାମାୟଣଟିକୁ ଲୀଳା ମାଧ୍ୟମରେ ଦୃଶ୍ୟ କାବ୍ୟରେ ପରିଣତ କଲେ ।

କାଳର ପ୍ରବହମାନ ସ୍ରୋତ ମଧ୍ୟରେ ଆଞ୍ଚଳିକତା ମୁଣ୍ଡ ଟେକିଲା ଏବଂ ପ୍ରତ୍ୟେକ ଅଞ୍ଚଳର କବିକୋବିଦଗଣ ନିଜ ନିଜ ଅଞ୍ଚଳ ଲାଗି ଖଣ୍ଡିଏ ଖଣ୍ଡିଏ ରାମଲୀଳା ପ୍ରସ୍ତୁତ କରିବାକୁ ଆଗଭର ହୋଇଥିଲେ ।

ସପ୍ତଦଶ ଶତାବ୍ଦୀର ଶେଷାର୍ଦ୍ଧରେ ବିଶି ରାମାୟଣ ରଚିତ ହୋଇଥିବାରୁ, ତା'ର ଅନୁକୃତ ସର୍ଜନ ହୋଇଥିବା ଆଦୌ ଅସମ୍ଭବ ନୁହେଁ । ସେହି ପରିପ୍ରେକ୍ଷୀରେ ରଘୁନାଥ ସପ୍ତଦଶ ଶତାବ୍ଦୀର ଶେଷ ଦଶକ କିମ୍ବା ଅଷ୍ଟାଦଶ ଶତାବ୍ଦୀର ପ୍ରଥମ

ଦ୍ୱିତୀୟ ଦଶକ ମଧ୍ୟରେ ରାମଲୀଳା ପୁସ୍ତକଟି ରଚନା କରିଥିବାର ଅନୁମାନ କରାଗଲେ ଅସମୀଚୀନ ହେବ ନାହିଁ ।

ବିଶ୍ୱନାଥ ଖୁଣ୍ଟିଆ ଓ ରଘୁନାଥ ଦାସଙ୍କ ପରେ ଗଞ୍ଜାମର ଟିକିଟି ରାଜା ପୀତାମ୍ବର ରାଜେନ୍ଦ୍ର ଖଣ୍ଡିଏ ରାମଲୀଳା ରଚନା କରିଥିବାର ଶୁଣାଯାଏ । କିନ୍ତୁ ଦୁର୍ଭାଗ୍ୟ ବଶତଃ ପୀତାମ୍ବରଙ୍କ ରାମଲୀଳା ଅଦ୍ୟାପି ମୋର ଦୃଷ୍ଟିକୁ ଆସିନାହିଁ । କିନ୍ତୁ ଟିକିଟିରେ ଆଉ ଖଣ୍ଡିଏ ଲୋକପ୍ରିୟ ରାମଲୀଳା ରାଜା କୃଷ୍ଣଚନ୍ଦ୍ର ରାଜେନ୍ଦ୍ରଙ୍କ ଦ୍ୱାରା ଲିଖିତ ହୋଇଥିଲା । ଏହା ଓଡ଼ିଶାର ରାମଲୀଳା ପର୍ଯ୍ୟାୟରେ ଚତୁର୍ଥ ରାମଲୀଳା ହୋଇଥିଲେ ହେଁ, ଉପଲବ୍ଧ ଗ୍ରନ୍ଥ ମଧ୍ୟରେ ଏହାର ସ୍ଥାନ ତୃତୀୟ । ଏହା ବ୍ୟତୀତ ବଡଗଡ଼ (ଗଞ୍ଜାମ) ରାଜା ରଘୁନାଥ ସିଂହଙ୍କ ରାମଲୀଳା, ରଣପୁର ନିବାସୀ ଅନଙ୍ଗ ନରେନ୍ଦ୍ରଙ୍କ ରାମଲୀଳା, ଖୋର୍ଦ୍ଧା ଅଧିବାସୀ ବୈଶ୍ୟ ସଦାଶିବଙ୍କ ରାମଲୀଳା ଆଦି ଭିନ୍ନ ଭିନ୍ନ ସମୟରେ ରଚିତ ହୋଇଥିଲା । କଟକ ଜିଲ୍ଲାର ପଟାମୁଣ୍ଡାଇ ଅଞ୍ଚଳରେ ବଙ୍ଗଳା, ଓଡ଼ିଆ ମିଶ୍ରିତ ପଦ୍ୟାବଳୀରେ ଖଣ୍ଡିଏ ରାମଲୀଳା, ସେଠାକାର ଜନସାଧାରଣଙ୍କ ଦ୍ୱାରା ଅଭିନୀତ ହେଉଥିବାର ଶୁଣାଯାଏ । ସେହି ରାମଲୀଳାର ଭଣିତାରେ ଅଷ୍ଟାଦଶ ଶତାବ୍ଦୀର ବୈଷ୍ଣବ କବି ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମାଙ୍କ ନାମ ରହିଛି । ଅଭିନୟକାରୀଙ୍କ ରକ୍ଷଣଶୀଳ ମନୋଭାବ ଯୋଗୁ ପ୍ରୋକ୍ତ ଗ୍ରନ୍ଥଟି ଲୋକଲୋଚନର ଗୋଚରକୁ ଆସି ପାରୁନାହିଁ ।

ଏତଦ୍ ବ୍ୟତୀତ ଗୋପୀଦାସ, ବିକ୍ରମ ନରେନ୍ଦ୍ର ଓ ଦ୍ୱିଜ ବିଶ୍ୱମ୍ଭର ପ୍ରଭୃତିଙ୍କ ରାମଲୀଳାରୁ କିଛି କିଛି ଅଂଶ ଉପଲବ୍ଧ ହୁଏ ।

କବି ରଘୁନାଥ ଦାସ ଜଣେ ସଂସ୍କୃତ ବିଦ୍ୱାନ୍ ତଥା ବହୁ ଗ୍ରନ୍ଥ ଓ ଟୀକାର ପ୍ରଣେତା ରୂପେ ସେ ଯୁଗରେ ସୁଖ୍ୟାତି ଅର୍ଜନ କରିଥିଲେ । ତାଙ୍କର କାବ୍ୟିକ ପ୍ରତିଭା, ବ୍ୟାକରଣ ଶାସ୍ତ୍ରରେ ଅଗାଧ ପାଣ୍ଡିତ୍ୟ, ଦର୍ଶନ ଶାସ୍ତ୍ରରେ ବିଚକ୍ଷଣତା, ଜ୍ୟୋତିଷ, ଆୟୁର୍ବେଦ ଓ ଧର୍ମଶାସ୍ତ୍ରରେ ବିଦ୍ୱତ୍ତା, ଛନ୍ଦ ଶାସ୍ତ୍ରରେ ପାରଗତା, ତନ୍ତ୍ରଶାସ୍ତ୍ରରେ ନିପୁଣତା ତଥା ବଙ୍ଗଳା ଓ ଓଡ଼ିଆ ଭାଷାରେ ପ୍ରତ୍ୟୁତ୍ପନ୍ନ-ମତିତା ଲକ୍ଷ୍ୟ କଲେ ଆଶ୍ଚର୍ଯ୍ୟାନ୍ୱିତ ହେବାକୁ ପଡ଼େ ।

ଆଜି ସୁଦ୍ଧା ରଘୁନାଥ ଦାସଙ୍କ ନାମରେ ଭଣିତା ହୋଇଥିବା ଯେତେ ଖଣ୍ଡି ପୁସ୍ତକ ଗବେଷକମାନଙ୍କ ଗୋଚରକୁ ଆସିଛି ସେ ଗୁଡ଼ିକ ହେଉଛି—

୧- ନ୍ୟାୟ ରତ୍ନାବଳୀ, ୨- ସାହିତ୍ୟ ଭୂଷଣ, ୩- ଉତ୍ପାତ ତରଙ୍ଗିଣୀ,
୪- ସିଦ୍ଧାନ୍ତ ସଂଗ୍ରହ, ୫- ବର୍ଦ୍ଧମାନ ପ୍ରକାଶ, ୬- କାରକ ନିର୍ଣ୍ଣୟ,
୭- କାତନ୍ତ୍ର ବିସ୍ତାରାକ୍ଷେପ ନିଗୂଢ଼ାର୍ଥ ପ୍ରକାଶନ, ୮- ଶ୍ରାଦ୍ଧ ନିର୍ଣ୍ଣୟ,
୯- କାଳ ନିର୍ଣ୍ଣୟ, ୧୦- ବନଦୁର୍ଗା ପୂଜା, ୧୧- ଆୟୁର୍ବେଦ କଳ୍ପଲତା,
୧୨- ଲୀଳାବତୀ, ୧୩- ବୃତ୍ତାବଳୀ ପ୍ରଭୃତି ।

ପଣ୍ଡିତ ରଘୁନାଥ ଦାଶ ସଂସ୍କୃତ ଭାଷାରେ ବିଭିନ୍ନ ବିଷୟରେ ଗ୍ରନ୍ଥ ଲେଖି ଲୋକୋତ୍ତର ପ୍ରତିଭାର ଅଧିକାରୀ ହେବା ସଙ୍ଗେ ସଙ୍ଗେ 'ରାବଣବଧ ମହାକାବ୍ୟ' ଶୀର୍ଷକ ଆଉ ଖଣ୍ଡିଏ କାବ୍ୟଗ୍ରନ୍ଥ ଲେଖିଥିବାର ପ୍ରମାଣ 'ସାହିତ୍ୟ ଭୂଷଣ'ରୁ ମିଳିଥାଏ । ସେ 'ସାହିତ୍ୟ ଭୂଷଣ' ଗ୍ରନ୍ଥର ବିଭିନ୍ନ ପ୍ରକରଣରେ ରାବଣ ବଧ ମହାକାବ୍ୟର ନାମ କେତୋଟି ସ୍ଥାନରେ ଉଲ୍ଲେଖ କରିଛନ୍ତି । ଏହା ବ୍ୟତୀତ ଆଉ କେତୋଟି ଶ୍ଳୋକ ମଧ୍ୟ 'ଯଥା ମମ' ବୋଲି ଉଲ୍ଲେଖ କରି ଉଦାହରଣ ଦେଇଛନ୍ତି । ଉଦାହରଣ ସ୍ୱରୂପ ଦୁଇଟି ଶ୍ଳୋକ ଏଠାରେ ପ୍ରଦତ୍ତ ହେଲା—

କୌକା କକୋ କକି କାଙ୍କେ କେ କେ କେ ୨ କ କାଃ କ କାଃ ।
କୋ କା କ କାଃ କ କାକାଃ କେ ୨ କ କାକୁଃ କେକୁ କାକକାଃ ॥

ଜନ୍ତୁନାଂ ଦୈବ ଯୋଗାତ୍ ପ୍ରବିରଳ ବିଲସନ୍ନିଧନାତ୍ତ୍ୟୋ ପରସ୍ମା-
ଦ୍ଭ୍ରାନ୍ତଦ୍ ଘୋଣାକ୍ଷି କର୍ଣ୍ଣଦ୍ୱୟସ୍ଥ ବିରତି ମହାଚଙ୍କ ଗୋଲୋକ ଦମ୍ଭାତ୍ ।
ସର୍ବସ୍ୱେଽପରି ସର୍ବଦା ପରିଗଳତ୍ ପୀୟୂଷ ବାକୋପଧେଃ
ସୂଚ୍ୟରେ କୂପଷଟ୍କଂ ତଦୁପରି ନଗରୀ ତତ୍ର ଗଙ୍ଗା ପ୍ରବାହଃ ॥

ଏହି ଶ୍ଳୋକ ଦୁଇଟିରୁ ଜଣାଯାଏ— କବି ରାବଣ ବଧ ମହାକାବ୍ୟ ବ୍ୟତୀତ ଆହୁରି କେତେଖଣ୍ଡି କାବ୍ୟଗ୍ରନ୍ଥ ରଚନା କରିଥିଲେ । 'ସଂସ୍କୃତ ମଞ୍ଜରୀ' ଓ 'ସ୍ୱପ୍ନସ୍ମୃତି ଦଶକ' ଶୀର୍ଷକ ଆଉ ଦୁଇଖଣ୍ଡ ସଂସ୍କୃତ ପୁସ୍ତକ ରଘୁନାଥ ଦାଶଙ୍କ ଭଣିତାରେ ମିଳୁଛି । କିନ୍ତୁ ପ୍ରୋକ୍ତ ପୁସ୍ତକ ଦୁଇଟିରେ ରଘୁନାଥ ଦାଶଙ୍କ ରଚନା-ଶୈଳୀର ଅଭାବ ପରିଲକ୍ଷିତ ହେଉଥିବାରୁ, ତାହା ଷଡ଼୍‌ଗୋସ୍ୱାମୀଙ୍କ ମଧ୍ୟରେ ଅନ୍ୟତମ ରଘୁନାଥ ଦାଶଙ୍କ ରଚନା ବୋଲି ଅନୁମାନ କରାଯାଏ ।

ଏହା ବ୍ୟତୀତ ପ୍ରଖ୍ୟାତ ମହାକାବ୍ୟ ଗୁଡ଼ିକ ଉପରେ ରଘୁନାଥ ଦାଶଙ୍କ ରଚିତ କେତେଖଣ୍ଡି ଟୀକା ଗ୍ରନ୍ଥ ମଧ୍ୟ ରାଜ୍ୟ ସଂଗ୍ରହାଳୟର ପୋଥି ଭଣ୍ଡାରରେ ସଂରକ୍ଷିତ ହୋଇଛି । ସେଗୁଡ଼ିକ ହେଉଛି— ଭଟ୍ଟି ଟୀକା, ରଘୁବଂଶ ଟୀକା, ମାଘଟୀକା, ନଳୋଦୟ ଟୀକା ଓ ଅମରକୋଷ ଟୀକା ପ୍ରଭୃତି ।

ପଣ୍ଡିତ ରଘୁନାଥ ଦାଶ ବହୁ ଶାସ୍ତ୍ରରେ ବିଦ୍ୱତ୍ତା ଅର୍ଜନ କରି ପିତୃପିତାମହଙ୍କ ଗୌରବ ଅକ୍ଷୁଣ୍ଣ ରଖିବାରେ ସମର୍ଥ ହୋଇଥିଲେ । ତାଙ୍କ ପୁସ୍ତକ ଗୁଡ଼ିକରୁ ଦୃଢ଼ ଧାରଣା କରିହୁଏ ଯେ, ରଘୁନାଥ ଦାଶ ଜୀବନ ବ୍ୟାପି ଅଧ୍ୟବସାୟ କରି ବହୁଶାସ୍ତ୍ରରେ ଜ୍ଞାନାର୍ଜନ କରିଥିଲେ । ସେହି ଜ୍ଞାନରାଜିକୁ ସର୍ବସାଧାରଣରେ ବିତରଣ କରିବା ଲାଗି ସେ ପ୍ରତ୍ୟେକ ବିଷୟ ଉପରେ ଖଣ୍ଡିଏ ଖଣ୍ଡିଏ ପୁସ୍ତକ ଲେଖି ସଂସ୍କୃତର ଗ୍ରନ୍ଥ ଭଣ୍ଡାରକୁ ସମୃଦ୍ଧ କରିଛନ୍ତି ।

ଅନେକଙ୍କର ଧାରଣା, ସଂସ୍କୃତ ଭାଷା ଓ ସାହିତ୍ୟରେ ଅଗାଧ ପାଣ୍ଡିତ୍ୟ ଅର୍ଜନ କରିଥିବା ବ୍ୟକ୍ତି ଲୋକଭାଷା ବା ଆଞ୍ଚଳିକ ଭାଷାରେ ବ୍ୟୁତ୍ପନ୍ନ ହୋଇପାରେ ନାହିଁ । ତା'ର କାରଣ ସ୍ୱରୂପ ଏତିକି କୁହାଯାଇପାରେ ଯେ, ସଂସ୍କୃତ ବିଦ୍ୱାନମାନେ ସାଧାରଣତଃ ବ୍ୟାକରଣର ନିୟମ ଅନୁଯାରେ ରଚନା କରିଥାନ୍ତି । ଆଞ୍ଚଳିକ ଭାଷାରେ ରଚନା କରିବା ବେଳେ ବ୍ୟାକରଣର କଠୋର ନିୟମ ପ୍ରତି ଦୃଷ୍ଟି ଦିଆଯାଇ ପାରେ ନାହିଁ । ବିଶେଷତଃ ଦେଶଜ ଶବ୍ଦ ପ୍ରୟୋଗରେ ସଂସ୍କୃତ ବିଦ୍ୱାନ୍‌-ମାନେ କୃପଣତା ପ୍ରକାଶ କରିଥାଆନ୍ତି । ତେଣୁ ଏହି ଅପବାଦ ବହୁ କ୍ଷେତ୍ରରେ ସତ୍ୟରେ ପରିଣତ ହୋଇଥାଏ । କିନ୍ତୁ ପଣ୍ଡିତ ରଘୂନାଥ ଦାଶ ଏହି ବହୁ ପ୍ରଚଳିତ ଅପବାଦକୁ ପରାଭୂତ କରି ଓଡ଼ିଆ ଓ ବଙ୍ଗଳାରେ କେତେଖଣ୍ଡି ପୁସ୍ତକ ରଚନା କରିଛନ୍ତି ।

ରଘୂନାଥ ଦାଶ 'ଭୁବନ ମଙ୍ଗଳ' ଶୀର୍ଷକ ଖଣ୍ଡିଏ କୃଷ୍ଣଲୀଳା ପୁସ୍ତକ ବଙ୍ଗଳା ମିଶା ଓଡ଼ିଆରେ ରଚନା କରିଛନ୍ତି । ପୁସ୍ତକଟିକୁ ସେ ସମ୍ପୂର୍ଣ୍ଣ ଲୀଳା ଢଙ୍ଗରେ ଲେଖିଛନ୍ତି । ଖୁବ୍ ସମ୍ଭବତଃ କୌଣସି ଏକ ମଠ କିମ୍ବା ମନ୍ଦିରରେ ପ୍ରଦର୍ଶିତ ହେବା ଉଦ୍ଦେଶ୍ୟରେ ଲୀଳାଟି ରଚିତ ହୋଇଥିଲା । ଏଥିରେ ଶ୍ରୀକୃଷ୍ଣଙ୍କ ଜନ୍ମଠାରୁ ଆରମ୍ଭ କରି କଂସାସୁରର ମୃତ୍ୟୁ ଓ ଉଗ୍ରସେନର ଅଭିଷେକ ପର୍ଯ୍ୟନ୍ତ ଲୀଳା ବର୍ଣ୍ଣିତ ହୋଇଛି । ସମୁଦାୟ ପୁସ୍ତକଟିକୁ କବି ଏକୋଇଶଟି ଲୀଳାରେ ବିଭକ୍ତ କରିଛନ୍ତି—

" ଇତି ଶ୍ରୀ ଭୁବନ ମଙ୍ଗଳେ କଂସାସୁର ମୋକ୍ଷଣେ ମାତାପିତା ଲୌହବଳା ଛେଦନେ ଉଗ୍ରସେନ ମଥୁରା ରାଜ କରଣେ ନାମ ଏକୋଇଶ ଲୀଳା ସମ୍ପୂର୍ଣ୍ଣ " ।

କବି 'ଭୁବନ ମଙ୍ଗଳ' ଶେଷରେ ପୁସ୍ତକର ନାମକରଣର ସାର୍ଥକତା ଏବଂ ନିଜ ରଚନାର ବୈଶିଷ୍ଟ୍ୟ ସମ୍ପର୍କରେ କହିବାକୁ ଯାଇ ଲେଖିଛନ୍ତି—

" ମଥୁରା ନଗର ଜନେ ହୋଲ ସୁଖାନନ୍ଦ ।
ମଙ୍ଗଲ କରଲ ସବ ସ୍ୱର୍ଗବାସୀ ବୃନ୍ଦ ॥

ଅବନୀ ଆନନ୍ଦ ହୈଲ ଦିଗ ପରିମଲ ।
ରଘୂନାଥ ଦାଶ ଭନେ ଭୁବନ ମଙ୍ଗଲ ॥
ଓଡ୍ରଦେଶୀ ହୟାଁ କୈଲ ବାଙ୍ଗଲ ବର୍ଣ୍ଣନ ।
ନା ଲୈବେ ବଚନ ଦୋଷ ସବ ସାଧୂଜନ ॥

ଯାଇସନେ ତୁଳସୀ ଗାନ୍ଥିଥିବା ନତ ପଟେ ।
ନା ଲୟେ ତା ଦୋଷ ଦେବେ ଭୂଷଣ ମୁକୁଟେ ॥
ତେଣିଛେ ବ୍ରଜଲୀଳା ଗାନ୍ଥି ଓଡ଼ିଆ ବଙ୍ଗାଳେ ।
ଏକାଏ କରିଥୁ ଦୋହ୍ନୁ ଭୁବନ ମଙ୍ଗଳେ ” ॥

‘ଭୁବନ ମଙ୍ଗଳ’ ପୁସ୍ତକରୁ ଜଣାଯାଏ ଯେ, କବି ରଘୁନାଥ ଦାଶ ପରିଣତ ବୟସରେ ଗୌଡ଼ୀୟ ସମ୍ପ୍ରଦାୟରେ ଦୀକ୍ଷିତ ହୋଇଥିଲେ । ତେଣୁ ସେ କେତେକ ସ୍ଥଳରେ ଗୌର ଭକ୍ତବୃନ୍ଦ, ବିଶେଷତଃ ଶ୍ରୀ ଗଦାଧରଙ୍କୁ ଗୁରୁରୂପେ ବର୍ଣ୍ଣନା କରିଛନ୍ତି—

“ ଶ୍ରୀଗୁରୁ ଶ୍ରୀ ଗଦାଧର ଗୌର ପଦ ଦ୍ୱନ୍ଦେ ।
ରଘୁନାଥ ଦାଶ ଚିତ୍ତ ଲୁବ୍ଧ ମକରନ୍ଦେ ॥

× × ×

ଶ୍ରୀଗୁରୁ ଶ୍ରୀ ଗଦାଧର ଗୌର ପାଦଯୁଗେ ।
ରଘୁନାଥ ଦାଶ ଚିତ୍ତ ହୋଇଲ ଅନୁରାଗେ ” ॥

କବି ପ୍ରାୟ ପ୍ରତ୍ୟେକ ଲୀଳା ଶେଷରେ ଶ୍ରୀକୃଷ୍ଣ, ଶ୍ରୀରାଧା, ବ୍ରଜବାସିନୀ ଗୋପୀ, ଗୌରଚନ୍ଦ୍ର ଓ ଗୌର ଭକ୍ତବୃନ୍ଦଙ୍କୁ ପ୍ରଣାମ କରି ଲୀଳା ଶେଷ କରିଛନ୍ତି । କିନ୍ତୁ କବିଙ୍କର ଏ’ପ୍ରକାର ଭକ୍ତି ଭାବନା ଅନ୍ୟାନ୍ୟ ପୁସ୍ତକରେ ଦେଖିବାକୁ ମିଳେ ନାହିଁ ।

ରଘୁନାଥ ଦାଶଙ୍କ ନାମରେ ଭଣିତ ଅନ୍ୟ କୌଣସି ବଙ୍ଗଳା ପୁସ୍ତକ ଅଦ୍ୟାପି କୌଣସିଠାରେ ମିଳିନାହିଁ । ଆହୁରି ମଧ୍ୟ କେତେକ ବଙ୍ଗଳା ଚଉପଦୀରେ ରଘୁନାଥଙ୍କ ନାମ ଭଣିତାରେ ରହିଛି । କିନ୍ତୁ ସେଗୁଡ଼ିକ ପଣ୍ଡିତ ରଘୁନାଥ ଦାଶ କିମ୍ବା ଗୋସ୍ୱାମୀ ରଘୁନାଥ ଦାସଙ୍କ ରଚନା; ନିଃସନ୍ଦେହରେ କହି ହୁଏ ନାହିଁ ।

ରାମଲୀଳା ବ୍ୟତୀତ ରଘୁନାଥ ଦାସଙ୍କ ନାମରେ ଆଉ କେତେ ଖଣ୍ଡି ଓଡ଼ିଆ କାବ୍ୟ ରାଜ୍ୟ ସଂଗ୍ରହାଳୟର ପୋଥି-ଭଣ୍ଡାରରେ ସଂରକ୍ଷିତ ହୋଇଛି । ସେଗୁଡ଼ିକ ହେଉଛି —‘ଗୁରୁଭକ୍ତି ଚିନ୍ତାମଣି, ପିଣ୍ଡ ବ୍ରହ୍ମାଣ୍ଡ ଗୀତା ଓ ରାହାସ ଛାନ୍ଦ’ ।

କବିଙ୍କ ରଚିତ ‘ରାମଲୀଳା’ ପୁସ୍ତକଟି ଓଡ଼ିଆ ଲୀଳା ସାହିତ୍ୟରେ ଖଣ୍ଡିଏ ଅନବଦ୍ୟ ଗ୍ରନ୍ଥ । ସଂସ୍କୃତ ସାହିତ୍ୟରେ ଅଗାଧ ଜ୍ଞାନ ଅର୍ଜନ କରିଥିବା ଜଣେ ଧୁରୀଣ ବିଦ୍ୱାନ୍ କିପରି ଏତେ ସରଳ, ସାବଲୀଳ, ତଥା ସୁଗେୟ ଛନ୍ଦରେ ଲୀଳା ପୁସ୍ତକଟିଏ ଲେଖିଲେ; ତାବା ‘ରାମଲୀଳା’ ପୁସ୍ତକ ପାଠ ନ କଲେ ଆଦୌ ବିଶ୍ୱାସ କରିହୁଏ ନାହିଁ ।

[ ଟ ]

କବି ରଘୁନାଥ କେବଳ ଯାତ୍ରା ଉଦ୍ଦେଶ୍ୟରେ ପ୍ରସ୍ତୁତ ପୁସ୍ତକଟିକୁ ରଚନା କରିଥିଲେ । ଖୁବ୍ ସମ୍ଭବତଃ ସ୍ଥାନୀୟ ଲୋକମାନଙ୍କ ଅନୁରୋଧରେ ସେ ପୁସ୍ତକଟିକୁ ରଚନା କରି ଲୀଳା ଉଦ୍ଦେଶ୍ୟରେ ଜନସାଧାରଣଙ୍କ ହସ୍ତରେ ଅର୍ପଣ କରିଛନ୍ତି ।

"ଯେହୁ ରାମାୟଣ ଗ୍ରନ୍ଥ ସାର ।
ଉମା ଆଗେ କହିଲେ ଶଙ୍କର ॥

ସେହି କହିବାକୁ କର୍ତ୍ତବ୍ୟ କାହାର,
ରାମ ନାମ ମାତ୍ର ହେତୁକରି ହେ ସୁଜନେ ॥

ଯାତ୍ରା ପାଇଁ କଲି ନୃତ୍ୟ ରସ ।
ସାଧୁଜନେ ନ ଘେନ ମୋ ଦୋଷ ॥

ଯାତ୍ରା ହୋଇବ ପରମ ରସମୟ ।
ସେହି ଶୁଣି ସର୍ବେ ହୁଅ ତୋଷ ହେ ସୁଜନେ ॥

କବି ରଘୁନାଥ ଦାସ ପ୍ରଥମ ଦିନ କେଉଁ ଅଂଶତକ ଅଭିନୀତ ହେବ, ତାହା ନାଟକରେ ସୂତ୍ରଧର ମୁଖରେ କୁହାଗଲା ପରି ଗୋଟିଏ ଗୋଟିଏ ଗୀତରେ ଉଲ୍ଲେଖ କରିଛନ୍ତି—

"ପରଶୁରାମଙ୍କୁ ଜିଣି ରାଘବ ।
ଅଯୋଧ୍ୟା ବିଜେ ଅତି ସମ୍ଭବ ।
ରଘୁନାଥ ଦାସ ରାମ ଚନ୍ଦ୍ର କହେ,
ଆଜ ନୃତ୍ୟେ ଯେତେକ ହୋଇବ ହେ ସୁଜନେ ।"

ଏଥିରେ ସେ ପ୍ରଥମ ଦିନ ନୃତ୍ୟ, ଦ୍ୱିତୀୟ ଦିନ ନୃତ୍ୟ ଭେଦରେ କେତୋଟି ଲୀଳାରେ ସମୁଦାୟ ରାମାୟଣଟିକୁ ବିଭକ୍ତ କରିଛନ୍ତି ।

କବି ରଘୁନାଥ ଦାସ 'ଭୁବନମଙ୍ଗଳ' ପୁସ୍ତକର ମଙ୍ଗଳାଚରଣରେ ଶ୍ରୀକୃଷ୍ଣଙ୍କ ଲୀଳା ବର୍ଣ୍ଣନା କରି ବାହ୍ୟ ଆରମ୍ଭ କରିଥିଲେ ହେଁ, ରାମଲୀଳାର ମଙ୍ଗଳାଚରଣରେ ଶ୍ରୀରାମଚନ୍ଦ୍ରଙ୍କୁ 'ମଙ୍ଗଳ ଗୁର୍ଜ୍ଜରୀ' ରାଗରେ ସ୍ତୁତି କରି ରାମାୟଣରେ କଥାବସ୍ତୁ ଆରମ୍ଭ କରିଛନ୍ତି ।

"ଶୁନ ଓହେ ଭକ୍ତଗନ ଶ୍ରୀକୃଷ୍ଣଜନ୍ମ ଲୀଳା ।
ଯେଉଁ ଲୀଳା ଶୁକଦେବ ପରୀକ୍ଷେ କହିଲା ॥

କଂସର ପ୍ରତାପ ସହି ନାରି ଦେବଗନ ।
ଶିବ ଶେଷ ପୁରନ୍ଦର ଚତୁର ବଦନ ॥

ପ୍ରଭୁ ନିଜ ସ୍ଥଳେ ମିଳି ଲକ୍ଷ୍ମି ପାଦ ତଳେ ।
ଯାର ସେବା ସ୍ତୁତି ଭଜି ପଶିନ ବିକଳେ ॥

ସାହୁ ପ୍ରଭୁ ଭଗବାନ ଅଖିଳ ଈଶ୍ୱର ।
କେଶବ ଅଖିଳ ସାର ସମ୍ଭାଳ ତୁମ୍ଭର” ॥

( ଭୁବନ ମଙ୍ଗଳ, ମଙ୍ଗଳା ଚରଣ )

ରାମଲୀଳା ପୁ ସ୍ତକରେ କବି କେବଳ ଶ୍ରୀରାମଙ୍କ ସ୍ତୁତି କରି ନାହାନ୍ତି, ତାଙ୍କୁ ଭଗବାନଙ୍କ ପରଂବ୍ରହ୍ମ ତଥା ଦଶାବତାରୀ ରୂପେ ବର୍ଣ୍ଣନା କରିଛନ୍ତି—

ଜୟ ଜୟ ରଘୁନାଥ ଜୟ ରୂପଧାରୀ ।
ନୀଳୋତ୍ପଳ ସୁନ୍ଦର ମର୍କତ ତନୁ ହରି ହେ ॥

\+ + +

ମତ୍ସ୍ୟ କଚ୍ଛପ ବରାହ ନୃସିଂହ ରୂପଧାରୀ ।
ବାମନ ପରଶୁରାମ ରାମ ରୂପ ଧରି ହେ ॥

\+ + +

ବଉଦ୍ଧରୂପେ ବିଜୟ କରି ନୀଳଗିରି ।
ମଣ୍ଡନେ ବସିଛ ମ୍ଳେଚ୍ଛମାନଙ୍କୁ ଉଦ୍ଧରି ହେ ॥

ଏବଂ ଭୂତ ରାମ ପାଦ ହୃଦେ ଧ୍ୟାନ କରି ।
ରଘୁନାଥ ଦାଶ ବୋଲେ ଭବୁ ହେବି ପାରି ହେ” ॥

( ରାମଲୀଳା, ମଙ୍ଗଳାଚରଣ )

ଭୁବନମଙ୍ଗଳ ଓ ରାମଲୀଳା ପୁସ୍ତକର ମଙ୍ଗଳାଚରଣରୁ ଏତିକି ଧାରଣା କରିହୁଏ ଯେ, କବି ଯେତେବେଳେ ଯେଉଁ ଅବତାର ସମ୍ପର୍କରେ ପୁସ୍ତକ ରଚନା କରିଛନ୍ତି, ବିଷୟବସ୍ତୁ ଅନୁସାରେ ସେହି ଅବତାରଙ୍କୁ ସ୍ତୁତି କରିବାର ଶୈଳୀ ପ୍ରଦର୍ଶନ କରିଛନ୍ତି । କିନ୍ତୁ ତାଙ୍କ ସଂସ୍କୃତ ଗ୍ରନ୍ଥ ଗୁଡ଼ିକରେ ଏହାର ବ୍ୟତିକ୍ରମ ପରିଲକ୍ଷିତ ହୁଏ । କାରଣ କବି ପ୍ରାୟ ସମସ୍ତ ସଂସ୍କୃତ ଗ୍ରନ୍ଥରେ ଇଷ୍ଟଦେବ ନୃସିଂହଙ୍କୁ ସ୍ତୁତି କରି ବିଷୟବସ୍ତୁର ଅବତାରଣା କରିଥିବାର ପ୍ରମାଣ ଉପଲବ୍ଧ ହେଉଛି—

ଭକ୍ତ ସ୍ୱାନ୍ତନତାନ୍ତତାନ୍ତତତିକା ଚଣ୍ଡାନ୍ତ ବିଧ୍ୱଂସକୃତ୍ ।
ସର୍ବାତ୍ମା ସକଳାର୍ଥଦୋଽ ପରିମିତବ୍ରହ୍ମାଣ୍ଡଖଣ୍ଡେଶ୍ୱରଃ ।
ପ୍ରାରବ୍ଧାଽ ପରିପୂର୍ତ୍ତିଭାଭୟପରିତ୍ରସ୍ତାସ୍ତଲୋକାତ୍ମନଃ ।
ଶ୍ରେୟୋ ମେ ବିଦଧାତୁ ଧାତୁଲବ୍ଧପଃ ଶ୍ରୀମନ୍ନୃସିଂହୋଽବତୁ ॥

ପ୍ରଳୟଜଳଦ ଘୋଷଃକୋଟିସୂର୍ଯ୍ୟ ପ୍ରକାଶଃ ।
କୁଳିଶନଖରଧାରୀ ଦୈତ୍ୟବକ୍ଷୋବିଦାରୀ ।
ବିବିଧ ବିବୁଧବୃନ୍ଦୈଃ ପୂଜିତୋ ବୀରସିଂହଃ ।
ପ୍ରଭବତୁ ମମ ଚିତ୍ତେ ଜ୍ଞାନଦାତା ନୃସିଂହଃ ॥
(ସାହିତ୍ୟଭୂଷଣ)

ଶଙ୍ଖ ଚକ୍ରଂ ଭୁଜାଭ୍ୟାଂ ଦଧଦପରଭୁଜୌ ଜାନୁ-ଦତ୍ତୌ ନିଧାୟା-
ସୀନଃ ପଦ୍ମାସନେ ଯୋ ବିଲସତି ବିବୃତା ଯୋଽକ୍ଷିସଦ୍ ଯୋଗପଟ୍ଟଃ
ଦେବୈଃ ସଂସ୍ତୂୟମାନଃ ପ୍ରଭବତୁ ହୃଦି ମେ ସର୍ବଦା ଶ୍ରୀ ନୃସିଂହଃ ॥
(ଉତ୍ପ୍ରାତ ତରଙ୍ଗିଣୀ)

ଶ୍ରୀ ନୃସିଂହଂ ନମସ୍କୃତ୍ୟ ଭଗବନ୍ତଂ ଭବଚ୍ଛିଦଂ ।
ଶ୍ରୀମତା ରଘୁନାଥେନ କ୍ରିୟତେ କାଲନିର୍ଣ୍ଣୟଃ ॥
(କାଲନିର୍ଣ୍ଣୟ)

ଶ୍ରୀମନ୍ନୃସିଂହ ଚରଣଂ ସୁରରାଜ ରାଜି—
ରାଜତ୍ କିରୀଟ ମଣିରାଗ ବିରାଜିତଂ ତମ୍ ।
ସର୍ବାର୍ଥସାଧକତମଂ ଭଜତୋଽନିଶଂ ମେ
ଭୂୟାତ୍ ସ୍ଥିତିଃ କୃତଜନେ ମୁଦମାବହନ୍ତୁ ॥
(ବୃତ୍ତାବଲୀ)

ଦୈତ୍ୟେନ୍ଦ୍ର ଦନ୍ତାବଲମତ୍ତସିଂହୋ
ବ୍ରହ୍ମେନ୍ଦ୍ରପୂଜ୍ୟୋଽଖିଲ ଦେବସିଂହଃ ।
ବେଦାନ୍ତକାନ୍ତାରବିହାର ସିଂହୋ
ଜ୍ଞାନପ୍ରଦସ୍ତାନ୍ମୟି ଦିବ୍ୟସିଂହଃ ॥
(ରଘୁବଂଶ ଟୀକା)

ରଘୁନାଥ ଦାଶଙ୍କ ପ୍ରଣୀତ ଉପରୋକ୍ତ ନୃସିଂହ ସ୍ତୋତ୍ର ଗୁଡ଼ିକରୁ ଜଣାଯାଏ ଯେ, କବିଙ୍କ ଇଷ୍ଟଦେବ ଥିଲେ ନୃସିଂହ । ତେଣୁ ସେ ତାଙ୍କର ସ୍ତୁତିକରି ସ୍ୱରଚିତ ଗ୍ରନ୍ଥଗୁଡ଼ିକ ଆରମ୍ଭ କରିଛନ୍ତି । କେବଳ ସେତିକି ନୁହେ, 'ଉତ୍ପ୍ରାତ ତରଙ୍ଗିଣୀ'ରେ ପ୍ରଦତ୍ତ ଗୋଟିଏ ଶ୍ଳୋକରୁ ଆହୁରି ମଧ୍ୟ ଜଣାଯାଏ ଯେ, ତାଙ୍କ ପିତା ବାସୁଦେବ ମଧ୍ୟ ନୃସିଂହ ସେବକ ଥିଲେ -

ତତଃ ପିତା ମେଽଜନି ବାସୁଦେବଃ
ନୃସିଂହ ସେବା ପ୍ରଶମସ୍ତ କାମଃ ।

ଧୀରଃ ସୁଶାନ୍ତଃ ସ ପୁରାଣ ବକ୍ତା
ନୀଳାଚଳେ ମୌକ୍ତିକମଣ୍ଡପେ ଯଃ ।

ଶ୍ରୀ ବୃନ୍ଦାରକବୃନ୍ଦବନ୍ଦ୍ୟଚରଣ ଶ୍ରୀମନ୍ନୃସିଂହାତ୍ମଜଃ
ସମ୍ଭୂତୋ ରଘୁନାଥ ନାମ ବିଦିତସ୍ତସ୍ମାତ୍ ସୁଧୀଃ ଭୂସୁରଃ ।
ଯଶ୍ଚିନ୍ତାମଣିମୀଶ୍ୱରଂ ନରହରିଂ ଧ୍ୟାୟନ୍ ହୃଦି ସର୍ବଦା" ॥

ଏଥିରୁ ସ୍ପଷ୍ଟଭାବରେ ଧାରଣା କରିହୁଏ ଯେ, ରଘୁନାଥ ଦାଶଙ୍କ ପିତା ବାସୁଦେବ ନୃସିଂହ ସେବା ପରାୟଣ ଥିଲେ ଏବଂ ସେ ନିଜେ ମଧ୍ୟ ସେହି ପରମ୍ପରାରେ ଅନୁପ୍ରାଣିତ ହୋଇ ନରହରି ନୃସିଂହଙ୍କୁ ଭକ୍ତିପୂର୍ବକ ପ୍ରଣାମ କରି, ଗ୍ରନ୍ଥ ରଚନା କରୁଥିଲେ ।

ରଘୁନାଥ ଦାଶ ଯାତ୍ରା ପ୍ରଦର୍ଶନ ଉଦ୍ଦେଶ୍ୟରେ ରାମଲୀଳା ପୁସ୍ତକଟିକୁ ରଚନା କରିଥିବାରୁ; ସେ ବିଭିନ୍ନ ସୁଗେୟ ରାଗ ରାଗିଣୀ ପ୍ରୟୋଗରେ ଦୃଶ୍ୟ କାବ୍ୟଟିକୁ ଅତ୍ୟନ୍ତ ଚିତ୍ତାକର୍ଷକ କରିବାର ପ୍ରୟାସ କରିଛନ୍ତି । ଅବଶ୍ୟ ତାଙ୍କ ପୂର୍ବବର୍ତ୍ତୀ ରାମଲୀଳାର ପ୍ରଣେତା ବିଶ୍ୱନାଥ ଖୁଣ୍ଟିଆ ଆହୁରି ବହୁ ରାଗ ରାଗିଣୀରେ ସ୍ୱରଚିତ ଲୀଳାଟିକୁ ରସାଣିତ କରିଛନ୍ତି; ତଥାପି ରଘୁନାଥ ଦାଶ ସଂସ୍କୃତ ଛନ୍ଦଶାସ୍ତ୍ରରେ ଧୁରୀଣ ବ୍ୟକ୍ତି ହୋଇ ମଧ୍ୟ କମ୍ ଓଡ଼ିଆ ରାଗ ରାଗିଣୀ ପ୍ରୟୋଗ କରି ନାହାନ୍ତି । କାରଣ ସେସମୟର ଲୀଳାରେ ଗଦ୍ୟର ପ୍ରୟୋଗ ଆଦୌ ହେଉନଥିଲା । ଅଭିନେତା ଅଭିନେତ୍ରୀଗଣ ପଦ୍ୟ ମାଧ୍ୟମରେ କଥୋପକଥନ କରୁଥିଲେ । ନିଜେ ଯାତ୍ରାଦଳର ସଙ୍ଗଠକ, ପ୍ରବେଶକର କାର୍ଯ୍ୟ ନିର୍ବାହ କରି, ମଙ୍ଗଳାଚରଣ ତଥା ପୂର୍ବାଭାସ ସୂଚକ ଗୀତ ଗାଇବା ପରେ, ଅନ୍ୟ ସଂଳାପ ମୂଳକ ଗୀତଗୁଡ଼ିକ ଆରମ୍ଭ କରନ୍ତି । ଏପରି ସ୍ଥଳରେ ଗୀତଗୁଡ଼ିକ ଅପେକ୍ଷାକୃତ ଶ୍ରେଷ୍ଠ ତଥା ସୁଗେୟ ଛନ୍ଦ ଓ ସାବଲୀଳ ପଦ ସଂଯୋଜନାରେ ଅଳଙ୍କୃତ ହୋଇଥାଏ ।

କବି ରଘୁନାଥ ଦାଶ ଗୀତଗୁଡ଼ିକୁ ଯଥା ସମ୍ଭବ ଶ୍ରେଷ୍ଠ କରିବାକୁ ଚେଷ୍ଟା କରିଛନ୍ତି । ବହୁ ପଦଯୁକ୍ତ ଗୀତ ଥିବା ସଂଳାପଗୁଡ଼ିକୁ ଶ୍ରେଷ୍ଠ କରିଦେବାର ସେ ଗୋଟିଏ ନୂତନ ଶୈଳୀ ପ୍ରୟୋଗ କରିଛନ୍ତି । ଯେଉଁ ଯେଉଁ ଗୀତଗୁଡ଼ିକ ବହୁ ପଦଯୁକ୍ତ ହୋଇଛି, ସେପରି ସ୍ଥଳରେ, ମଝିରେ ମଝିରେ ଗୋଟିଏ ଦୁଇଟି 'ବଚନିକା' ଅର୍ଥାତ୍ ଅନ୍ୟ ରାଗରେ ଗୋଟିଏ ସଂଳାପ ମୂଳକ ଗୀତ ରଚନା କରି ଉଭୟ ଗାୟକ ଓ ଶ୍ରୋତାମାନଙ୍କ ବିରକ୍ତିର ଅବସାନ ଘଟାଇଛନ୍ତି । ପ୍ରବେଶକର କାର୍ଯ୍ୟ ନିର୍ବାହ କରୁଥିବା ଗାୟକ ଦୀର୍ଘ ଛନ୍ଦଯୁକ୍ତ ଗୀତଟିଏ ଗାଉଥିବା ବେଳେ, ଅଭିନେତା ଓ ଅଭିନେତ୍ରୀମାନେ 'ବଚନିକା' ମାଧ୍ୟମରେ ନିଜ ନିଜର ସଂଳାପ ଆବୃତ୍ତି କରି ପ୍ରବେଶକଙ୍କୁ ବିଶ୍ରାମ ଦେଇଛନ୍ତି । ତା' ଫଳରେ ଗୀତଗୁଡ଼ିକ ବେଶ୍ ମନୋଜ୍ଞ ହେବା ସଙ୍ଗେ ସଙ୍ଗେ ସାମାଜିକମାନଙ୍କର ଆଦରଣୀୟ ହୋଇପାରିଛି ।

କବି ରଘୁନାଥ ଦାସ ଏକାଧାରରେ ଅଳଙ୍କାରିକ ଓ କବି ହୋଇଥିବାରୁ ସୁଗେୟ ଛନ୍ଦ ଯୋଜନା ପ୍ରତି ବିଶେଷ ଦୃଷ୍ଟି ଦେଇଛନ୍ତି । ସେ ସମୁଦାୟ 'ରାମଲୀଳା' ପୁସ୍ତକରେ ବହୁ ରାଗ ରାଗିଣୀ ସମାବେଶ କରିଛନ୍ତି ଏବଂ ଗୋଟିଏ ଗୋଟିଏ ଲୋକପ୍ରିୟ ରାଗକୁ ବିଭିନ୍ନ ଗୀତର ରାଗ ରୂପେ ବ୍ୟବହାର କରି ଲୀଳାର ସାଙ୍ଗୀତିକ ମାଧୁରୀ ଉପଭୋଗ୍ୟ କରାଇଛନ୍ତି । କବି ରଘୁନାଥ ଦାସଙ୍କ ବ୍ୟବହୃତ ରାଗ ରାଗିଣୀଗୁଡ଼ିକ ହେଉଛି---

"ମଙ୍ଗଳ ଗୁଜ୍ଜରୀ, ଚନ୍ଦ୍ରାକେଦାର, ମୁଖାରୀ, ବସନ୍ତ, ବଙ୍ଗାଳଶ୍ରୀ, କେଦାର-କାମୋଦୀ, ଆହାରୀ, ଭୈରୀଆରୀ, ସିନ୍ଧୁଡ଼ା, କାଫି, ଗୁଜ୍ଜରୀ, ଶଙ୍କରାଭରଣ, କନଡ଼ା, କୁମ୍ଭକାମୋଦୀ, ତୋଡ଼ି" ପ୍ରଭୃତି । ଏହି ରାଗଗୁଡ଼ିକ ମଧ୍ୟରୁ କବି "ମଙ୍ଗଳଗୁଜ୍ଜରୀ, ଚନ୍ଦ୍ରାକେଦାର, ମୁଖାରୀ ଓ ବଙ୍ଗାଳଶ୍ରୀ" ରାଗଗୁଡ଼ିକୁ ବହୁ ଗୀତରେ ବ୍ୟବହାର କରିଛନ୍ତି । ଆଉ କେତେକ ସ୍ଥଳରେ କବି ପୂର୍ବାଚାର୍ଯ୍ୟମାନଙ୍କ ଗୀତକୁ 'ବାଣୀ' ରୂପେ ଗ୍ରହଣ କରିବାର ପ୍ରୟାସ କରିଛନ୍ତି ଏବଂ 'ବଚନିକା' ଗୁଡ଼ିକର ରାଗ ନିର୍ଦ୍ଦେଶ କରି ନାହାନ୍ତି । 'ବଚନିକା' ଗୁଡ଼ିକ କେତେକ ସ୍ଥଳରେ ଚଉଦ ଅକ୍ଷର ଓ ଏଗାର ଅକ୍ଷର ଯୁକ୍ତ ପଦ ହୋଇଥିବାର ପରିଲକ୍ଷିତ ହୁଏ ।

କବି ରଘୁନାଥ ଜଣେ ପ୍ରସିଦ୍ଧ ସଂସ୍କୃତଜ୍ଞ ହୋଇଥିବାରୁ ତାଙ୍କ ରଚନାରେ କ୍ଲିଷ୍ଟ, ଶ୍ଳେଷ, ବିରୋଧାଭାସ ଯୁକ୍ତ କଠିନ ପ୍ରୟୋଗ ଥିବାର ଅଶଙ୍କା କରାଯାଇ ଥାଏ । କିନ୍ତୁ କବି ଏତେ ସରଳ, ସୁବୋଧ, ତଥା ରସାନୁକୂଳ ପଦ ଯୋଜନାରେ ପୁସ୍ତକଟିକୁ ଅଳଙ୍କୃତ କରିଛନ୍ତି ଯେ, ତାଙ୍କ ରାମଲୀଳା ପାଠ କରି ନ ଥିବା ବ୍ୟକ୍ତି କେବେହେଲେ ବିଶ୍ୱାସ କରି ପାରିବେ ନାହିଁ । ଓଡ଼ିଶାର ଜନସାଧାରଣ, ବିଶେଷତଃ ଗାଁ' ଗହଳିର ଲୋକେ ତତ୍ସମ, ତଦ୍ଭବ ଶବ୍ଦଗୁଡ଼ିକୁ ଯେପରି ଉଚ୍ଚାରଣ କରନ୍ତି: କବି ବହୁ ସ୍ଥଳରେ ତା'ର ନମୁନା ପ୍ରଦର୍ଶନ କରିଛନ୍ତି । ତଦ୍‌ବ୍ୟତୀତ ସାରଳା ଓ ପଞ୍ଚସଖା ଯୁଗରେ ବ୍ୟବହୃତ ହେଉଥିବା ବହୁ ପ୍ରାଚୀନ ଶବ୍ଦର ପ୍ରୟୋଗ କରି ତତ୍କାଳୀନ ସମାଜରେ ଶବ୍ଦ ବ୍ୟବହାର ଓ ଉଚ୍ଚାରଣଗତ ତାରତମ୍ୟ ସମ୍ବନ୍ଧରେ ପାଠକମାନଙ୍କର ଧାରଣା ଜନ୍ମାଇଛନ୍ତି । ଉଦାହରଣ ସ୍ୱରୂପ କେତୋଟି ଶବ୍ଦ ଏଠାରେ ପ୍ରଦତ୍ତ ହେଲା- -

"ଶ୍ରାହାନ, ଶ୍ରୀହାନ (ସ୍ନାନ), ସାହେର (ବିଧାତା ଓ ସମୁଦ୍ର) ଖେଡ଼ାଅ (ବିରୁଦ୍ଧ), ଲେଚ୍ଛ (ଦୂରକର), ଉଛୁଡ଼ି, ଗୋଡ଼ାବନ୍ଧୀ, ନିହଣ, ବେଣ୍ଟ (ପୋଖରୀ), ସୁବେଢ଼ା (ବିବାହକାଳୀନ ବସ୍ତ୍ର', ରହୁବର, ପଣିକଲ (ଅନୁମାନ କରି), ମେଞ୍ଜନ (ବ୍ୟଞ୍ଜନ), ପାଗ୍ଲେଡ଼ (ବିଛଣା ଚଦର), ରୁହାଇଲେ, ସମ୍ଭବ, ଆଯୋବନ, ଆରୋବନ, ଚରଣି (ଘାସ), ବ୍ୟୁଣ୍ୟ (ବନ), ବେଗଲ (ପୃଥକ୍), ଝାଡ, ଧାଡ (ଶୀଘ୍ର), କପାଳବଣ୍ଟା (ପୁରସ୍କାର), ଝିଙ୍ଗାସ, ନର୍ଭା, ବିବାନ, ଉପଦର୍ପ, ଗଲଥା,

ରେକଆଇ (ଗୋଲ୍‌କାର କରି), ପ୍ରାକର୍ମ, ପ୍ରାଭବ, ଅନାସ୍ତ, ସଂସ୍ପ (ସଂକ୍ଷେପି), ଛୁର୍ନ୍ନି, ଏଦାନ୍ତ, ଠଣାପାଇକ (ଦ୍ୱାରପାଳ), ମୃଧୂନ, ସକ୍ଷ୍ୟ (ସାମର୍ଥ୍ୟ), ପହ୍ନରଣେ, ଅନୋଟତ, ନଶିଲ୍, ମେଦ୍ଧ (ଲଦ୍ଧ), ଘଞ୍ଚାଳ (ବନ୍ଦୁ ତ), ତପୁସି, ଦୃଗମ, ଖର୍ଜନ, ଶେଯ୍ୟା, ଜନେକ, ଭୃଥ, ପ୍ରସୁଧର, ଅହ୍ଲ୍ୟା, ବୈନେସ (ବୈନତେୟ) ଇତ୍ୟାଦି ।

ଏହା ବ୍ୟତୀତ କବି କେତେକ ସ୍ଥଳରେ ବାକ୍ୟ ପ୍ରୟୋଗରେ ମଧ୍ୟ ସ୍ୱତନ୍ତ୍ରତା ଦେଖାଇଛନ୍ତି । ଅନ୍ୟ କେତେକ ସ୍ଥଳରେ ସଂସ୍କୃତ ଶବ୍ଦଗୁଡ଼ିକୁ ଗ୍ରାମ୍ୟ ଉଚ୍ଚାରଣରେ ପରିଣତ କରି, ଓଡ଼ିଆ ଭାଷା ସମ୍ଭାରକୁ ସମୃଦ୍ଧ କରିଛନ୍ତି । ସଂସ୍କୃତ ବ୍ୟାକରଣ ଓ ପ୍ରୟୋଗ ଦୃଷ୍ଟିରୁ ଏହା ଆପତ୍ତିଜନକ ହେଲେ ମଧ୍ୟ ଓଡ଼ିଶାର ଜନସାଧାରଣଙ୍କ ଉଚ୍ଚାରଣ ଦୃଷ୍ଟିରୁ ଏଗୁଡ଼ିକ ଉପାଦେୟ ପ୍ରୟୋଗ ବୋଲି ମନେହୁଏ ।

ପଦ:—

"ନଧମ<ନର୍ଦ୍ଦନ, ତୃଣ, ତୋଣ<ତୂଣୀର, ଡାହାଣବ୍ରତ<ଦକ୍ଷିଣାବର୍ତ୍ତ, ଗ୍ୟାଂନ<ଜ୍ଞାନ, ପ୍ରତଗ୍ୟାଂ<ପ୍ରତିଜ୍ଞା, ଜନେକ<ଜନକ, ଭ୍ରତ, ଭ୍ରଥ<ଭରତ, ବୈନେସ<ବୈନତେୟ, ବୈତଣୀ<ବୈତରଣୀ, ବେଦ୍ରିକା<ବେଦିକା, ଆରମ୍ଭଣ<ଆରମ୍ଭ, ନାଗ୍ରିକ<ନାଗର, ରାକ୍ଷାସୁଣୀ<ରାକ୍ଷସୀ, ବିବାନ<ବିମାନ, ସନ୍ୟ, ସଇନ<ସୈନ୍ୟ, ବର୍ଣ୍ଣମାଳା<ବରଣମାଳା, ମୃଧୂନ<ମୂର୍ଦ୍ଧ୍ନ, ସକ୍ଷ, ସକ୍ଷ୍ୟ<ସକ୍ଷମ, ପହରଣ<ପରିଧାନ, ପ୍ରାକର୍ମବନ୍ତ<ପରାକ୍ରମବାନ, ତୋଣା<ତୋରଣ, ତୋଣ<ତୃଣ, ବହ୍ନନ<ବହ୍ନି, ତପୁସି<ତପସ୍ୱୀ" ଇତ୍ୟାଦି ।

ବାକ୍ୟ.—

"ସନ୍ଦେହ ଫିଟିଲା, ତୁମ୍ଭେ ଚଉହେଲ, ଦୂରଗଲା, ମୂଳକଲା, ପହଣ୍ଡି-ମଣାଇ ଆଣିଲା, କର କୋରକ କରି, ଲୁଗୃଦେଇ ରହିଲେ" ଇତ୍ୟାଦି ।

ସାରଳା କାଳୀନ ପ୍ରୟୋଗ ମଧ୍ୟରୁ 'ନ୍ତ' ପ୍ରୟୋଗ କରି ବହୁବଚନ କରିବା, ଅନୁଜ୍ଞା ଅର୍ଥରେ 'ସି' ପ୍ରୟୋଗ କରିବା ପ୍ରଭୃତି ପ୍ରାଚୀନ ପ୍ରୟୋଗ କରି କବି ଲୀଳା ପୁସ୍ତକଟିକୁ ସର୍ବାଙ୍ଗସୁନ୍ଦର କରିବାରେ ଚେଷ୍ଟା କରିଛନ୍ତି । ଏପରି ପ୍ରୟୋଗ ମଧ୍ୟରେ—

କରସି, ଯାଅସି, ରଖସି, ଆଣସି, ଆମ୍ଭେନ୍ତ, ତୁମ୍ଭେନ୍ତ, ସୈନ୍ୟନ୍ତ, ପ୍ରଭୃତି ପ୍ରଧାନ ।

କବି ସମୁଦାୟ ଲୀଳା ମଧ୍ୟରେ କଠିନ ଶବ୍ଦର ପ୍ରୟୋଗ ଅଳ୍ପ କେତୋଟି ସ୍ଥାନରେ କରିଛନ୍ତି । ତନ୍ମଧ୍ୟରୁ ଅଳ୍ପକେତୋଟିକୁ ଛାଡିଦେଲେ ଅନ୍ୟ ଶବ୍ଦଗୁଡିକ ଆଦୌ ଦୁର୍ବୋଧ ନୁହେଁ ।

“ବୃଷଦଂଶ = ବିରାଡି, ଜଣୁପାଳ = ଶୃଗାଳ, ସାନୁଜ = ସାନଭାଇ, ନବନୀତ = ଲହୁଣୀ, ବୈଶ୍ରବଣ = ବିଶ୍ରବା ପୁତ୍ର, ରସାଳ = ଅମ୍ବ, ଅଧିବାସ = ଅରମ୍ଭ, ପନ୍ନଗ = ସର୍ପ, ମାର୍ଗଣ = ଧନୁ, କ୍ରୁଞ୍ଚିନି = ଚୁଗୁଲି କରୁଥିବା ସ୍ତ୍ରୀ, ଶାୟକ = ବାଣ, ବଦତି = କହୁଛି” ଇତ୍ୟାଦି ।

କବି ରଘୁନାଥ ଦାଶଙ୍କ ରାମଲୀଳାର କେତେକ ସ୍ଥାନରେ ଦ୍ୱିରୁକ୍ତିମୂଳକ ପ୍ରୟୋଗ ଓ ଅନ୍ୟ ଗୋଟିଏ ଦୁଇଟି ସ୍ଥାନରେ ନିତାନ୍ତ ଅସଙ୍ଗତ ମୂଳକ ବର୍ଣ୍ଣନା ଥିବାର ପରିଲକ୍ଷିତ ହୁଏ । ତନ୍ମଧ୍ୟରୁ କେତୋଟି ଏଠାରେ ଉଦାହରଣ ସ୍ୱରୂପ ପ୍ରଦତ୍ତ ହେଲା--

“ଲଙ୍କପାଳସାଇଁ, ମହାଘୋର ଯୁଦ୍ଧ, ସଗୋତ୍ର ସହିତେ, ଦଶୀଗମାନ, ସର୍ବ ମହାଦେଇ ଗଲେ, ପ୍ରଭୃତି ।

ହୁଳହୁଳି ଦେଇଣ ଲକ୍ଷ୍ମଣ ବନ୍ଧାଇଲେ ।

× × ×

ନଗରଜନମାନେ ହୃଷ୍ଟେ ହୁଳହୁଳି ଦେଲେ” ॥ ପ୍ରଭୃତି ।

କବି ରଘୁନାଥ ଦାସ ‘ଜଗମୋହନ ରାମାୟଣ’ର ପ୍ରଣେତା ବଳରାମ ଦାସଙ୍କ ପରି ଜାତୀୟ ଗୌରବରେ ଉଦ୍‌ବୁଦ୍ଧ ହୋଇ ରାମାୟଣର ବିଷୟ ପ୍ରସଙ୍ଗରେ ଉତ୍କଳର ତୀର୍ଥ ଓ କ୍ଷେତ୍ର ଆଦିର ବର୍ଣ୍ଣନା କରିଛନ୍ତି । ବଳରାମ ଦାସ ଶ୍ରୀରାମ ଲକ୍ଷ୍ମଣଙ୍କୁ ବନବାସ ସମୟରେ ଓଡ଼ିଶାର ପ୍ରଖ୍ୟାତ କ୍ଷେତ୍ର ଚନ୍ଦ୍ରଭାଗା, ରାମଚଣ୍ଡୀ, ଏକାମ୍ର, ପୁରୀ, ଋଷିକୁଲ୍ୟା ଆଦି ସ୍ଥାନରେ ପରିଭ୍ରମଣ କରାଇ ଦଣ୍ଡକାରଣ୍ୟକୁ ନେଇଛନ୍ତି ।

“ସ୍ନାନ ସାରିଣ ତହୁଁ ଚଳିଗଲେ ।  
ଭାସ୍କର ତୀର୍ଥରେ ଯାଇ ପ୍ରବେଶ ହୋଇଲେ ॥  
ଚନ୍ଦ୍ରଭାଗା ତୀର୍ଥରେ ସେ ସ୍ନାନଦାନ ସାରିଲେ ।  
ଦକ୍ଷିଣ ମୂର୍ତ୍ତି ହୋଇ ତହୁଁ ଚଳିଗଲେ ॥

× × ×

ଏହା କହି ଦାଶରଥି ତହୁଁ ଚଳିଗଲେ ।
ଚନ୍ଦ୍ରଭାଗା ସଙ୍ଗମ ତୀର୍ଥକୁ ସେ ଦେଖିଲେ ॥

× × ×

ଉତ୍ତର ମୁଖ କରିଣ ତାଙ୍କୁ ତହିଁ ବସାଇଲେ ।
ଶ୍ରୀରାମଚଣ୍ଡୀ ବୋଲିଣ ତାହା ନାମ ଦେଲେ ॥

× × ×

ଏକାମ୍ର ବନରେ ସେ ଯେ ମିଳିଲେକ ଯାଇ ।
ଦେଖିଣ ପ୍ରଶଂସା ଯେ କରନ୍ତି ରଘୁସାଇଁ ॥

ରାମେଶ୍ୱର ବୋଲି କରି ଅଛି ଏକ ବଟ ।
ମଠ କରି ରହିଲେ ତହିଁ ଯେ ରଘୁରାଣ ॥

× × ×

କେତେହେଁ କ ଦୂରେ ଦେଖିଲେ ନଳଗିରି ।
ତହିଁରେ ବିଜେ କରିଣ ଅଛନ୍ତି ଶ୍ରୀହରି ॥

ଦକ୍ଷିଣ ସିନ୍ଧୁରେ ରାମ ସ୍ନାହାନ ସାରିଲେ ।
ଦାରୁବ୍ରହ୍ମ ସ୍ୱରୂପକୁ ଯାଇଣ ଦେଖିଲେ ॥

ନୀଳ ଧବଳ ପୀତ ଯେ ଅଲଙ୍କାର ମୂର୍ତ୍ତି ।
ତ୍ରିବିଧ ରୂପେ ତହିଁ ଦେଖିଲେ ସୀତାପତି ॥

× × ×

ଦକ୍ଷିଣ ମୁଖ ହୋଇ ଥୋକାଏ ଦୂର ଗଲେ ।
ପାଷାଣ ନ ପାଇଲାକୁ ଲଉକା ଟୁଜିଲେ ॥

ଋଷିକୁଲ୍ୟା ନଦୀର କୂଳରେ ସେ ମିଳିଲେ ।
ଅକ୍ଷତେଶ୍ୱର ବୋଲିଣ ବାମଦେବ ପୂଜିଲେ" ॥ ଇତ୍ୟାଦି

(ବଳରାମ ଦାସଙ୍କ ଜଗମୋହନ ରାମାୟଣ, ଅରଣ୍ୟ କାଣ୍ଡ)

ମୂଳ ବାଲ୍ମୀକି ରାମାୟଣରେ ଏ' ପ୍ରସଙ୍ଗର ଉଲ୍ଲେଖ ଆଦୌ ପରିଲକ୍ଷିତ ହୁଏ ନାହିଁ । ବଳରାମ ଦାସ ପ୍ରଥମେ ତାଙ୍କ ଦାଣ୍ଡି ରାମାୟଣରେ ଶ୍ରୀରାମଙ୍କ ବନବାସ କାଳୀନ ଜୀବନଧାରା ସହିତ ଓଡ଼ିଶାର ସମ୍ପର୍କ ନିବିଡ଼ ଭାବରେ ସଂଯୋଗ କରି ସ୍ୱଦେଶର ଗୌରବ ବୃଦ୍ଧି କରିଛନ୍ତି । ବଳରାମ ଦାସଙ୍କ ପରେ ସେହି ଧାରା ଅନ୍ୟାନ୍ୟ କବିମାନଙ୍କ ଦ୍ୱାରା ଅନୁସୃତ ହୋଇଛି ।

କବି ରଘୁନାଥ ଦାଶ, ଲଙ୍କା ବିଜୟ ପରେ ଶ୍ରୀରାମଙ୍କ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ପ୍ରକରଣରେ ଋଷିକୁଲ୍ୟା, ନୀଳଗିରି, ଚତୁର୍ଦ୍ଧାମୂର୍ତ୍ତି, ବାଲୁକେଶ୍ୱର, ଏକାମ୍ର ବନ ଓ ଲିଙ୍ଗରାଜ ପ୍ରଭୃତି ବର୍ଣ୍ଣନା କରିଛନ୍ତି ଏବଂ ଶ୍ରୀରାମଚନ୍ଦ୍ରଙ୍କ ଅଭିଷେକ ପ୍ରକରଣରେ ବୈତରଣୀ, ଋଷିକୁଲ୍ୟା, ଶ୍ୱେତଗଙ୍ଗା, ଗନ୍ଧବତୀ (ଗଙ୍ଗୁଆ), ବିନ୍ଦୁସାଗର, ଗୌରୀକୁଣ୍ଡ ପ୍ରଭୃତି ଉତ୍କଳୀୟ ତୀର୍ଥମାନଙ୍କରୁ ଜଳ ନେଇ ଶ୍ରୀରାମଙ୍କୁ ଅଭିଷେକକାଳୀନ ସ୍ନାନ କରାଇଛନ୍ତି ।

"ଋଷିକୁଲ୍ୟା ନଦୀ ଯେତି ମରାଳଗମନା !
ଆମ୍ଭେ ଯେଉଁ ଶଙ୍କର ପୂଜିଲୁ ଅନା ଅନା ॥

ଦେଖ ଜବାଧରି ଯେ ଅଟଇ ନୀଳଗିରି ।
ଚତୁର୍ଦ୍ଧା ରୂପରେ ବିଜେ କରିଛନ୍ତି ହରି ଗୋ ॥

ସ୍ତୁତି ବଚନ ଯେ ସ୍ଥାନ କୁମୁଦତି କରି ।
ବାଲୁକେଶ୍ୱର ନାମରେ ପୂଜିଲୁ ଶଙ୍କର ॥

ଦେଖ ଦେଖ ପ୍ରିୟେ ଦକ୍ଷେ ଯେକାମ୍ରର ବନ ।
ଲିଙ୍ଗରାଜ ନାମେ ଯେଥି ବିଜୟ ଈଶାନ ଗୋ" ॥
( ରାଜ୍ୟ ସଂଗ୍ରହାଳୟ ପୋଥି OL/508 ପତ୍ର ୧୬୮ )

× × ×

ମନ୍ଦାଗ୍ନି ସରଯୂ କୃଷ୍ଣବେଣୀ ।
ପ୍ରୟାଗ ଫଲଗୁ ବୈଣଣୀ ।
ଋଷିକୁଲ୍ୟା ଶ୍ୱେତଗଙ୍ଗା ଗନ୍ଧ ନଦୀ ।
ବିନ୍ଦୁସାଗର ଗଉରିବେଣୀ, ହେ ଗ୍ରୀଦେବ !

ଯେହ୍ନ ରୂପେ ଅଠଷଠି ତୀର୍ଥ ।
ଯାଇ ଜଳ ଆଣିଲୁ ହେ ନାଥ !
ଶୁଣି ରାମ ହୃଷ୍ଟ ହୋଇ ବେଶ ହେଲେ,
ରାମ ଭକତ ରଘୁନାଥ ଦାଶ, ହେ ସୁଜନେ" ॥
( ରାଜ୍ୟ ସଂଗ୍ରହାଳୟ ପୋଥି, O.L/508 )

ରାମାୟଣରେ ବର୍ଣ୍ଣିତ ଅସ୍ତ୍ରଶସ୍ତ୍ରର ବର୍ଣ୍ଣନା ପ୍ରକରଣରେ କବି ସ୍ୱକୀୟ ଜାତୀୟତାର ପ୍ରମାଣ ଉପସ୍ଥାପନା କରିଛନ୍ତି । ଓଡ଼ିଆ ପାଇକମାନେ ଯୁଦ୍ଧ ସମୟରେ ଯେଉଁ ଅସ୍ତ୍ରଶସ୍ତ୍ର ଧାରଣ କରନ୍ତି, କବି ସେହି ସେହି ଅସ୍ତ୍ରଶସ୍ତ୍ରଗୁଡ଼ିକୁ ରାମଲୀଳାରେ ପ୍ରୟୋଗ କରି ଲୀଳାଟିକୁ ସମ୍ପୂର୍ଣ୍ଣ ଓଡ଼ିଶୀ ଢାଞ୍ଚାରେ ଲିଖିତ ହୋଇଥିବାର ପ୍ରମାଣ ଯୋଗାଇଛନ୍ତି । ସେହି ଅସ୍ତ୍ରଶସ୍ତ୍ରଗୁଡ଼ିକ ହେଉଛି—

"ଢେଲ, ଚକ୍ର, ଗଦା, କୁନ୍ତ, ପରିଘ, ଖଡ୍‌ଗ, ଗୁରୁଜ, ଯମଦାଢ଼, ବାବଲ, କୋଦାଳି, ଶାବେଲୀ, ବାଟୁଲୀ, ତୀକ୍ଷ୍ଣମୁନା, ମୁଦ୍‌ଗର ପ୍ରଭୃତି ।

ଏହି ଅସ୍ତ୍ରଶସ୍ତ୍ରଗୁଡ଼ିକ ଓଡ଼ିଆ ପାଇକମାନଙ୍କ ଦ୍ୱାରା ବ୍ୟବହୃତ ହେଉଥିବାର ବିବରଣୀ ଓଡ଼ିଶାରେ ଲିଖିତ ଯୁଦ୍ଧ ସାହିତ୍ୟ ଖଲକୋଟ ଯୁଦ୍ଧ, ବୁଢ଼ାପଙ୍କ ଯୁଦ୍ଧ ଓ ସମର ତରଙ୍ଗ ଆଦି ପୁସ୍ତକରୁ ମିଳିଥାଏ ।

ରଘୁନାଥ ଦାଶ ନିଜର ତଥା ନିଜ ବଂଶର ପରିଚୟ 'ରାମଲୀଳା' ପୁସ୍ତକରେ ଦେଇ ନ ଥିଲେ ହେଁ, ତାଙ୍କ ସମ୍ବନ୍ଧରେ ବହୁ ବିବରଣୀ ବିଭିନ୍ନ ପୁସ୍ତକରୁ ମିଳିଥାଏ । ସେ 'ଉତ୍ପାତ ତରଙ୍ଗିଣୀ' ଶୀର୍ଷକ ଗ୍ରନ୍ଥରେ ନିଜର ବଂଶ ପରିଚୟ ଦେବାକୁ ଯାଇ ଲେଖିଛନ୍ତି ଯେ, ସେ ଥିଲେ—କୌଣ୍ଡିନ୍ୟ ଗୋତ୍ରଜ ଦାଶ ବ୍ରାହ୍ମଣ । ତାଙ୍କ ବଂଶରେ ଜନାର୍ଦ୍ଧନ ଦାଶ ବାଚସ୍ପତି ସଦୃଶ ପଣ୍ଡିତ ରୂପେ ପ୍ରଖ୍ୟାତି ଅର୍ଜନ କରିଥିଲେ । ଜନାର୍ଦ୍ଧନଙ୍କ ପରେ ଯଥାକ୍ରମେ ହରିହର, ଦେବ ଦାସ, ଗଦାଧର, ସୁଧାକର, ସିଦ୍ଧେଶ୍ୱର, ନରସିଂହ, ଶ୍ରୀନିବାସ ଏବଂ କବି ରଘୁନାଥଙ୍କ ପିତା ବାସୁଦେବ ଦାଶ ଜନ୍ମଗ୍ରହଣ କରିଥିଲେ । ବାସୁଦେବ ନୀଳାଚଳର ମୁକ୍ତିମଣ୍ଡପରେ ପୁରାଣ ପଣ୍ଡା ରୂପେ ପ୍ରଖ୍ୟାତି ଅର୍ଜନ କରିଥିଲେ ।

"ଆସୀତ୍ ପୁରା ପୁଣ୍ୟଯଶାଃ ପ୍ରକାଶଃ
କୌଣ୍ଡିନ୍ୟବଂଶେ ବିବୁଧାବତଂସଃ ।
ଅଶେଷଶାସ୍ତ୍ରାମ୍ବୁଧିପାରଗନ୍ତା
ଜନାର୍ଦ୍ଧନାଖ୍ୟୋ ରିପୁବର୍ଗହନ୍ତା ॥

× × ×

ତସ୍ୟାତ୍ମଜୋ ହରିହରଃ ସକଳାର୍ଥବିଜ୍ଞୋ
ରାଜଦ୍ୟଶା ହରିହରାଙ୍କିତଚିତ୍ତବୃତ୍ତିଃ ।
ତସ୍ମାଦଭୂଦ୍ ବହୁଗୁଣୋ ଭୁବି ଦେବଦାସଃ
ତସ୍ମାଦ୍ ଗଦାଧର ଇବାଥ ଗଦାଧରାଖ୍ୟଃ ॥

ସୁଧାକର ସ୍ତସ୍ୟ ବଭୂବ ପୁତ୍ରଃ
ସୁଧାକରୋ ଯେନ ଜିତଃ ସ୍ୱକୀର୍ତ୍ତ୍ୟା ।
ସିଦ୍ଧେଶ୍ୱରଃ ସିଦ୍ଧ ଇବାପରାଭୂତ୍
ତସ୍ମାତ୍ ସୁତଃ ଶ୍ରୀ ନରସିଂହ ନାମା ॥

ଲୋକୈକବନ୍ଦ୍ୟଃ ସୁତପୋଽଭିଲାଷୀ
କ୍ଷେତ୍ରାଧିବାସୀ ସ ପିତାମହୋ ମେ ।
ଶ୍ରୀ ଶ୍ରୀନିବାସସ୍ତନୟୋ ତତୋଽଭୂତ୍
ପୁରାଣଶାସ୍ତ୍ରାଗମପାରଗାମୀ ॥

ତତଃ ପିତା ମେ ହି ଜନ ବାସୁଦେବଃ
ନୃସିଂହସେବାପ୍ରଶମସ୍ତକାମଃ ।
ଧୀରଃ ସୁଶାନ୍ତଃ ସ ପୁରାଣବକ୍ତା
ନୀଳାଚଳେ ମୌକ୍ତିକମଣ୍ଡପେ ଯଃ ॥

ଶ୍ରୀବୃନ୍ଦାରକବୃନ୍ଦବନ୍ଦ୍ୟଚରଣଃ ଶ୍ରୀମନ୍ନୃସିଂହାଶ୍ରୟଃ ।
ସମ୍ଭୂତୋ ରଘୁନାମ ବନ୍ଦିତ ତସ୍ମାତ୍ ସୁଧୀଃ ଭୂସୁରଃ" ॥
(ଉତ୍ପାତ ତରଙ୍ଗିଣୀ, ଅଷ୍ଟେଷଠି ତରଙ୍ଗ)

କବି ରଘୁନାଥ 'ଉତ୍ପାତ ତରଙ୍ଗିଣୀ'ରେ ତାଙ୍କ ବଂଶ ପରିଚୟ ପ୍ରଦାନ କରି 'ସାହିତ୍ୟ ଭୂଷଣ' ଶୀର୍ଷକ ଗ୍ରନ୍ଥରେ ତାଙ୍କ ମାତାଙ୍କ ନାମ ସହିତ ନିଜ ବାସସ୍ଥାନ ଓ ପୃଷ୍ଠପୋଷକଙ୍କ ନାମ ଉଲ୍ଲେଖ କରିଛନ୍ତି । ସେଥିରୁ ଜଣାଯାଏ -- ରଘୁନାଥ ଦାଶଙ୍କ ମାତାଙ୍କ ନାମ ଥିଲା— ଅମ୍ବିକା ଦେବୀ ଏବଂ ସେ ପ୍ରାଚୀ ନଦୀ ଉତ୍ତର ଦିଗରେ ଥିବା 'ସାଇଲୋ' ବିଷୟ ଅନ୍ତର୍ଗତ ଗଡ଼ଗଡ଼ା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ପ୍ରାଚୀନ କାଳରେ ଗଙ୍ଗରାଜବଂଶ ଦ୍ୱାରା ଗଡ଼ଗଡ଼ାଠାରେ ଗୋଟିଏ ଦୁର୍ଗ ନିର୍ମାଣ କରାଯାଇଥିଲା ଏବଂ ସେହି ଦୁର୍ଗରେ ଚନ୍ଦ୍ରଧର ନାମକ ଦୁର୍ଗାଧିପତି ବାସ କରୁଥିଲେ । ଖୁବ୍ ସମ୍ଭବତଃ ସେହି ରାଜବଂଶଜ ଚନ୍ଦ୍ରଧର ଥିଲେ— କବି ରଘୁନାଥଙ୍କର ପୃଷ୍ଠପୋଷକ । ଅନ୍ୟଥା ସେ ଚନ୍ଦ୍ରଧରଙ୍କ ନାମ ସ୍ୱଗ୍ରନ୍ଥରେ ଉଲ୍ଲେଖ କରି ନଥାନ୍ତେ !

"କୌଣ୍ଡିନ୍ୟ କୁଳଜାତେନ ବାସୁଦେବାମ୍ବିକା ଭୁବା ।
ସାହିତ୍ୟଭୂଷଣମିଦଂ ରଘୁନାଥେନ ତନ୍ୟତେ ॥

× × ×

ଔଡ୍ରେ ନିବୃତ ସାଇଲୋ ବିଷୟକେ ପ୍ରାଚ୍ୟୁତ୍ତରସ୍ୟାଂ ଦିଶି ।
ଗ୍ରାମୋ ନିସ୍ତୁିତ ରାଜତେ ଗଡ଼ଗଡ଼ା ନାମା ଚରାତ୍ ପାଳିତଃ ।
ନାମ୍ନା ଚନ୍ଦ୍ରଧରେଣ ଦୁର୍ଗ ବଳଯଦ୍ ଗଙ୍ଗେଶ୍ୱରଃ ସ୍ଥାପ୍ୟିନା
ତସ୍ମିନ୍ସ୍ଥଂ ରଘୁନାଥ ନାମ ବିଦିତଂ ବିପ୍ରଂ ନୃସିଂହୋଽବତୁ" ॥

କବିଙ୍କ ବର୍ଣ୍ଣିତ ପ୍ରାଚୀନଦୀ କୂଳସ୍ଥିତ ଗଡ଼ଗଡ଼ା ଗ୍ରାମଟି ଆଧୁନିକ ସୁନ୍ଦରଗ୍ରାମ ଅନ୍ତର୍ଗତ 'ଗରଗଡ଼' ନାମରେ ଖ୍ୟାତ । ଏହି ଗ୍ରାମରେ ଅଦ୍ୟାପି କୌଣ୍ଡିନ୍ୟ ଗୋତ୍ରଜ ଦାଶ ବ୍ରାହ୍ମଣ ଅବସ୍ଥାନ କରୁଛନ୍ତି । ସେମାନଙ୍କର ଇଷ୍ଟଦେବ ରୂପେ ଲକ୍ଷ୍ମୀନୃସିଂହ ତଥା ରାଧାକୃଷ୍ଣ ବିଗ୍ରହ ପୂଜିତ ହେଉଛନ୍ତି ।

'ସାହିତ୍ୟ ଭୂଷଣ'ର ପୁଷ୍ପିକାରେ କବି ରଘୁନାଥ ଦାଶଙ୍କର ସମୟ ସମ୍ବନ୍ଧରେ ଏକ ଉଲ୍ଲେଖଯୋଗ୍ୟ ଉକ୍ତି ରହିଛି । ସେଥିରୁ ଜଣାଯାଏ ଯେ,

କବି ରଘୁନାଥ ସେହି ପୁସ୍ତକଟିକୁ ଖୁରୁଧା ରାଜବଂଶର ଗଜପତି ରାଜା ହରେକୃଷ୍ଣ ଦେବଙ୍କ ଦ୍ୱିତୀୟ ଅଙ୍କ ଅର୍ଥାତ୍ ରାଜତ୍ୱର ପ୍ରଥମ ବର୍ଷ ଶ୍ରାବଣ ମାସ ଶୁକ୍ଳପକ୍ଷ ନବମୀ ବୃହସ୍ପତି ବାରରେ ଶେଷ କରିଥିଲେ ।

"ଶ୍ରୀମଦ୍ ହରିକୃଷ୍ଣ ଦେବସ୍ୟ ଦ୍ୱିତୀୟେଽଙ୍କେ ଶ୍ରାବଣେ ମାସି ଶୁକ୍ଳପକ୍ଷ-ନବମ୍ୟାଂ ବୃହସ୍ପତି ବାସରେ ରଘୁନାଥ ଦାଶେନ ଲିଖିତ ମିଦଂ ପୁସ୍ତକମ୍" ।

ଖୁରୁଧା ଭୋଇ ରାଜବଂଶରେ ଜନେୈମାନ ହରେକୃଷ୍ଣ ଦେବ ରାଜତ୍ୱ କରିଥିଲେ । ଗଜପତି ଦିବ୍ୟସିଂହ ଦେବ ('ମ)ଙ୍କ ପରେ ଖୁରୁଧା ରାଜ-ସିଂହାସନରେ ହରେକୃଷ୍ଣ ଦେବ ଖ୍ରୀ: ଅ: ୧୭୧୬—୧୭୨୦ ପର୍ଯ୍ୟନ୍ତ ମାତ୍ର ସାତ ଅଙ୍କ ଭୋଗ କରି ଅକାଳରେ ମୃତ୍ୟୁବରଣ କରିଥିଲେ । ତାଙ୍କର ଦ୍ୱିତୀୟ ଅଙ୍କ ୧୭୧୭ ମସିହା ମେ ମାସ ନଅ ତାରିଖରେ ଆରମ୍ଭ ହୋଇଥିଲା । ହରେକୃଷ୍ଣ ଦେବଙ୍କ ଦୁଇ ଅଙ୍କ ଶ୍ରାବଣ ମାସ ଶୁକ୍ଳ ପକ୍ଷ ନବମୀ ଗୁରୁବାର ଖ୍ରୀଷ୍ଟାବ୍ଦ ୧୭୧୭ ଜୁଲାଇ ୨୮ ତାରିଖରେ ପଡ଼ିଥିଲା ।

ସାହିତ୍ୟଭୂଷଣ ପରି ଖଣ୍ଡିଏ ଦୁରୂହ ଅଳଙ୍କାର ଗ୍ରନ୍ଥ ଲେଖିବାକୁ ହେଲେ, କବି ନିଶ୍ଚିତ ଭାବରେ ପରିଣତ ବୟସରେ ଉପନୀତ ହୋଇଥିବାର ଅନୁମାନ କରାଯାଇ ପାରେ । ସେତେବେଳକୁ କବି ରଘୁନାଥ ଦାସଙ୍କୁ ଚାଳିଶରୁ ପଚାଶ ବର୍ଷ ବୟସ ହୋଇଥିଲେ, କବିଙ୍କ ଜନ୍ମ ସମୟ ଖ୍ରୀଷ୍ଟାବ୍ଦ ୧୬୬୫ ରୁ ୧୬୭୫ ମଧ୍ୟରେ ହେବା ଅସମୀଚୀନ ମନେ ହୁଏ ନାହିଁ । ଏହି ଗ୍ରନ୍ଥ ରଚନାର କିଛିଦିନ ପରେ ଅର୍ଥାତ୍ ଖ୍ରୀଷ୍ଟାବ୍ଦ ୧୭୩୦ ମଧ୍ୟରେ କବି ପ୍ରଥମେ ରାମଲୀଳା ଓ ପରେ କୃଷ୍ଣଲୀଳାତ୍ମକ ପୁସ୍ତକ 'ଭୁବନମଙ୍ଗଳ' ରଚନା କରିଥିବା ଅସମ୍ଭବ ନୁହେ ।

ଐତିହାସିକ ସ୍ୱର୍ଗୀୟ କେଦାରନାଥ ମହାପାତ୍ର ସର୍ବ ପ୍ରଥମେ ରଘୁନାଥ ଦାଶଙ୍କ ସମ୍ବନ୍ଧରେ ସ୍ୱ ସମ୍ପାଦିତ Descriptive Catalogue of Sanskrit Mss Vol I ରେ ଆଲୋଚନା କରିଥିଲେ । ସ୍ୱର୍ଗତଃ ମହାପାତ୍ରଙ୍କର 'ରଘୁନାଥ ଦାଶ'ଙ୍କ ସମ୍ବନ୍ଧୀୟ ଆଲୋଚନା Descriptive Catalogue of Sanskrit Mss Vol. II ଏବଂ Orissa Historical research journal ସ୍ୱତନ୍ତ୍ର ସଂଖ୍ୟା ୧୯୮୨ରେ ପ୍ରକାଶ ପାଇଛି । ସ୍ୱର୍ଗତ ମହାପାତ୍ର ରଘୁନାଥ ଦାଶଙ୍କ ସମ୍ବନ୍ଧରେ ସୁଚିନ୍ତିତ ମତ ଦେଇ ଲେଖିଛନ୍ତି—

" Raghunatha Dasa of Orissa was a celebrated author of many Sanskrit works. × × He was a native of village Gadagada near the Prachi river in the Sailo circle of Orissa. × × He seems to be a

prolific writer as he continued his literary persuits for a long period of about Forty years (c. 1710-1750A D.) After the d scovery of the works on different subjects, he can now be regarded as One of the great Sanskrit Writers of Orissa, who made worthy contribution to this literature. ( Orissa Historical Research Journal. Special Volume Page 299. )"

କବି ରଘୁନାଥ ଦାସ ସଂସ୍କୃତ ଗ୍ରନ୍ଥଗୁଡ଼ିକ ରଚନା କରିବା ପରେ ଜନ ସାଧାରଣଙ୍କ ଆଗ୍ରହ ତଥା ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରସାର ଦୃଷ୍ଟିରୁ 'ରାମଲୀଳା' ଶୀର୍ଷକ ପୁସ୍ତକଟିକୁ ରଚନା କରିଥିବେ ଏବଂ ତତ୍ପରେ ବଙ୍ଗଳା ମିଶା ଓଡ଼ିଆ ଭାଷାରେ 'ଭୁବନମଙ୍ଗଳ' ଲେଖି ତାଙ୍କ ପରବର୍ତ୍ତୀ ଜୀବନର ଦୀକ୍ଷାଗୁରୁ ତଥା ଗୌଡ଼ୀୟ ଗୁରୁଭାଇମାନଙ୍କୁ ପ୍ରୀତ କରାଇଥିବେ । ବିଶେଷତଃ ଅଷ୍ଟାଦଶ ଶତାବ୍ଦୀର ପ୍ରସିଦ୍ଧ ଗୌଡ଼ୀୟ ପ୍ରଚାରକ ବଳଦେବ ବିଦ୍ୟାଭୂଷଣ ଓ ରସିକାନନ୍ଦ ଗୋସ୍ୱାମୀଙ୍କ ପ୍ରଚାର ଫଳରେ ଗୌଡ଼ୀୟ ମତବାଦର ସିଦ୍ଧାନ୍ତ ପରିବ୍ୟାପ୍ତ ହୋଇଥିଲା । ଗୌଡ଼ୀୟ ଭାବଧାରାରେ ଅନୁପ୍ରାଣିତ ଓଡ଼ିଶାର କବି କୋବିଦମାନେ ରାଧାକୃଷ୍ଣଙ୍କ ଲୀଳାର ଅବଲମ୍ବନରେ ରାସ, ପଦାବଳୀ ଓ ଲୀଳା ପ୍ରଭୃତି ରଚନା କରି, ସ୍ୱ ସ୍ୱ ଭକ୍ତି ଭାବନାର ପରିଚୟ ଦେଇଥିଲେ । କେତେକ ଭକ୍ତକବି ବଙ୍ଗୀୟ ଗୋସ୍ୱାମୀ-ମାନଙ୍କୁ ସନ୍ତୁଷ୍ଟ କରିବା ଉଦ୍ଦେଶ୍ୟରେ, ନିଜେ ବଙ୍ଗଳା ଭାଷାରେ ସମ୍ପୂର୍ଣ୍ଣ ଅକ୍ଷମ ହୋଇଥିଲେ ମଧ୍ୟ ବଙ୍ଗଳା ପଦ ବ୍ୟବହାର କରି କାବ୍ୟ କବିତାଦି ରଚନା କରିଥିଲେ । ଅବଶ୍ୟ ଏ' ପ୍ରକାର ରଚନା କେବଳ ଅଷ୍ଟାଦଶ ଶତାବ୍ଦୀରେ ଆରମ୍ଭ ହୋଇଥିଲା ତା' ନୁହେଁ, ଶ୍ରୀ ଚୈତନ୍ୟ ଦେବଙ୍କ ସମସାମୟିକ ପଞ୍ଚସଖା, ମାଧବୀ ଦାସୀ, ଗଜପତି ପ୍ରତାପରୁଦ୍ରଙ୍କ ମନ୍ତ୍ରୀ ତଥା ଶ୍ରୀଚୈତନ୍ୟ ଦେବଙ୍କ ଗୁରୁତୁଲ୍ୟ ରାୟ ରାମାନନ୍ଦ ପଟ୍ଟନାୟକ 'ଶ୍ରୀ ଜଗନ୍ନାଥ ବଲ୍ଲଭ ନାଟକ' ସଂସ୍କୃତରେ ଲେଖିଥିଲେ ମଧ୍ୟ ବଙ୍ଗଳା ଓ ବ୍ରଜବୋଲୀର ସମ୍ମିଶ୍ରଣରେ ବହୁସଂଖ୍ୟକ ଚଉପଦୀ ରଚନା କରିଥିଲେ । କିନ୍ତୁ ଖ୍ରୀଷ୍ଟୀୟ ଅଷ୍ଟାଦଶ ଶତାବ୍ଦୀରେ ଏହି ଧାରା କ୍ଷିପ୍ରଗତିରେ ପ୍ରବାହିତ ହେବାକୁ ଲାଗିଲା । ଏହି ସମୟରେ ବଙ୍ଗଳା ମିଶା ଓଡ଼ିଆ ଭାଷାରେ ରଚିତ କାବ୍ୟଗୁଡ଼ିକ ମଧ୍ୟରେ ପିଣ୍ଡିକ ଶ୍ରୀଚନ୍ଦନଙ୍କ 'ବସନ୍ତରାସ', ଦୁଃଖିଶ୍ୟାମ ଦାସଙ୍କ କାଳୀୟଦଳନ ଲୀଳା ପ୍ରଭୃତି, କବିକର୍ଣ୍ଣଙ୍କ ଦୋଳ ପାଲା, ହଳଦିଆ ରାଜା ଶ୍ୟାମସୁନ୍ଦର ଭଞ୍ଜଙ୍କ 'ଶରତ୍‌କେଳି ରାସରସୋଦୟ', ବସନ୍ତ କ୍ରୀଡ଼ା ସମୁଜ୍ଜ୍ୱଳ ରସାବଳୀ, ରାସ ରତ୍ନାକର, କେଳି କଳାନିଧି, ନରୋତ୍ତମ ଦାସଙ୍କ ରାସୋଲ୍ଲାସ ରସାମୃତ ସିନ୍ଧୁ, ସ୍ମରମଙ୍ଗଳ ଓ ରଘୁନାଥ ଦାସଙ୍କ 'ଭୁବନମଙ୍ଗଳ' ପ୍ରଭୃତି ଗ୍ରନ୍ଥ ପ୍ରଧାନ । ତେଣୁ ରଘୁନାଥ ଦାସ ବିନୀତ ସହକାରେ କହୁଛନ୍ତି—

"ଉତ୍କଳ ଦେଶୀ ହୋଇଁ କୈଲ ବଙ୍ଗଳା ବର୍ଣ୍ଣନ ।
ନା ଲୈବେ ବଚନ ଦୋଷ ସବ ସାଧୁଜନ ।
ଜୈଛେ ବ୍ରଜମାଲ ଗାନ୍ଧି ଉଡ଼ିଆ ବାଙ୍ଗାଲେ ।
ଯେକଭ୍ଭ କରିଯା ଯୋହୁ ଭୁବନମଙ୍ଗଳେ" ॥

କବି ରଘୁନାଥ ଦାସ 'ରାମଲୀଳା' ପୁସ୍ତକଟିକୁ ଶ୍ରୀରାମଙ୍କ ଅଭିଷେକ ପର୍ଯ୍ୟନ୍ତ ଲେଖି ସମାପ୍ତ କରିଛନ୍ତି । ବାଲ୍ମୀକି ରାମାୟଣ ଓ ଅନ୍ୟାନ୍ୟ ଆଞ୍ଚଳିକ ରାମାୟଣ-ମାନଙ୍କରେ ଉତ୍ତରକାଣ୍ଡ ରହିଛି । କିନ୍ତୁ ଅଭିଷେକ ପରେ ଶ୍ରୀରାମ ବ୍ରହ୍ମାଙ୍କ ପରାମର୍ଶରେ ନଗର ପ୍ରଦକ୍ଷିଣରେ ବାହାରିବା ପର୍ଯ୍ୟନ୍ତ କଥାବସ୍ତୁ ଲୀଳା ମାଧ୍ୟମରେ ବର୍ଣ୍ଣନା କରି, କବି ରଘୁନାଥ ଦାଶ ଉତ୍ତରକାଣ୍ଡର ଦୁଃଖାନ୍ତ ଲୀଳାରୁ ସ୍ୱରଚିତ ପୁସ୍ତକଟିକୁ ମୁକ୍ତ କରିଛନ୍ତି ।

ଉତ୍ତରକାଣ୍ଡ ବ୍ୟତୀତ 'ରାମାୟଣ' ସମ୍ପୂର୍ଣ୍ଣ କରିବାର ଧାରା ବାଲ୍ମୀକିଙ୍କ ଦ୍ୱାରା ଅନୁସୃତ ହୋଇ ନ ଥିଲେ ମଧ୍ୟ ଭକ୍ତକବି ତୁଳସୀଦାସଙ୍କ ରାମାୟଣରେ ଉତ୍ତରକାଣ୍ଡରେ କେବଳ ଶ୍ରୀରାମଙ୍କ ଲୀଳାବିଳାସ ମାତ୍ର ବର୍ଣ୍ଣିତ ହୋଇଛି । ଆର୍ଷ-ରାମାୟଣରେ ବର୍ଣ୍ଣିତ ସୀତା ବନବାସ, ଶ୍ରୀରାମଙ୍କ ଅଶ୍ୱମେଧ ଯାଗ, ଲବକୁଶ ଜନ୍ମ, ସୀତାଙ୍କ ଦେହତ୍ୟାଗ, ଲକ୍ଷ୍ମଣଙ୍କ ନିର୍ବାସନ ଓ ପରିଶେଷରେ ସରଯୂ ନଦୀରେ ଶ୍ରୀରାମଙ୍କ ଆତ୍ମବିସର୍ଜନ ପ୍ରଭୃତି ଦୁଃଖାନ୍ତମୂଳକ ଘଟଣା ଭକ୍ତିଭାବନାର ପରିପନ୍ଥୀ ବୋଲି ମନେ କରି ତୁଳସୀଦାସ ସେହି ଅଂଶ ତାଙ୍କ 'ରାମଚରିତମାନସ' ପ୍ରଭୃତି ପୁସ୍ତକରେ ବର୍ଣ୍ଣନା କରି ନାହାନ୍ତି ।

ଖ୍ରୀଷ୍ଟୀୟ ଅଷ୍ଟାଦଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧର ରାଜକବି କୃଷ୍ଣଚନ୍ଦ୍ର ରାଜେନ୍ଦ୍ର ସ୍ୱରଚିତ ରାମଲୀଳାରେ ଉତ୍ତରକାଣ୍ଡର ବିଷୟବସ୍ତୁ ବର୍ଣ୍ଣନା ନ କରିବାର କାରଣ ସ୍ୱରୂପ ଲେଖିଛନ୍ତି—

"କଉଶଲ୍ୟା ଆନନ୍ଦ ବର୍ଦ୍ଧନ ରାବଣାରି ।
କୋଟି କାମରୂପ ଧରି ସର୍ବ ମନ ହରି ଯେ ॥
କୀର୍ତ୍ତି ପ୍ରତାପେ ମଣ୍ଡିତ କଲେ ତିନିପୁର ।
ସେ ମହିମା ବର୍ଣ୍ଣିବେ ସମର୍ଥ କାହା ପୁର ଯେ ॥
ତାହାଙ୍କ କୃପାରୁ କଉତୁକେ କିଛି କିଛି ।
ଚଉପଦୀ ରସେ ମୁଁ ବର୍ଣ୍ଣିଲି ବାଛି ବାଛି ଯେ ॥
ରାମାୟଣ ଚରିତ ଯେଠାରୁ ଶେଷ କଲି ।
ବିଚ୍ଛେଦକୁ ଡରି ମୁଁ ଯେଣିକି ନ ବର୍ଣ୍ଣିଲି ଯେ" ॥

ଖୁବ୍ ସମ୍ଭବତଃ କବି ରଘୁନାଥ ଦାଶ ସେହି କାରଣରୁ ଉତ୍ତରକାଣ୍ଡଟିକୁ ଲୀଳାରେ ବର୍ଣ୍ଣନା କରି ନାହାନ୍ତି । ଆହୁରି ମଧ୍ୟ କୁହାଯାଇ ପ ରେ ଯେ, ରଘୁନାଥ ଥିଲେ ଜଣେ ପ୍ରସିଦ୍ଧ ଆଳଙ୍କାରିକ 'ବିୟୋଗାନ୍ତଂ ନ ନାଟକମ୍' ବୋଲି ଅଳଙ୍କାର ଶାସ୍ତ୍ରରେ ନିର୍ଦ୍ଦେଶ ରହିଛି । ସେ ଯାହା ଉଦ୍ଦେଶ୍ୟରେ 'ରାମଲୀଳା' ପୁସ୍ତକଟିକୁ ରଚନା କରିଥିବାରୁ ନାଟ୍ୟଶାସ୍ତ୍ରର ବିଧି ବିଧାନ ପ୍ରତି ଅବହେଳା ପ୍ରଦର୍ଶନ କରନ୍ତେ କିପରି ? ତେଣୁ ସେ ଶ୍ରୀରାମଙ୍କ ଅଭିଷେକ ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ଘଟଣାବଳୀର ଉଲ୍ଲେଖ 'ରାମଲୀଳା'ରେ କରିବା ପରେ, ଶେଷ ଦିନର ଲୀଳାଟିକୁ ସୁଖାନ୍ତ କରିବା ସଙ୍ଗେ ସଙ୍ଗେ ସାମାଜିକମାନଙ୍କୁ ଉଲ୍ଲସିତ କରାଇଛନ୍ତି ।

"ବ୍ରହ୍ମା ଆଜ୍ଞା ଦେଲେ ଆମ୍ଭେ ଯାଉଛୁ ସ୍ୱର୍ଗକୁ ।
ରାଜା ହୋଇ ରଥେ ବସି ବୁଲନ୍ତି ନଗରକୁ ଯେ ॥

ଏହିତେ କହି ଦେବଗଣ ଗଲେ ସ୍ୱର୍ଗପୁର ।
ରାମ ଆଜ୍ଞା ଦେଲେ ବେଗେ ଆଣ ରଥବର ଯେ ॥

ଶୁଣି ପୁଷ୍ପକ ରଥକୁ ଆଣିଲେ ସୁମନ୍ତ୍ର ।
ଭିତରକୁ ବିଜେ କଲେ ଜନକ ଦୁହିତା ଯେ ॥

ଅଷ୍ଟ ସମ୍ପଦରେ ରଥେ ବିଜେ କଲେ ଯାଇ ।
ରଘୁନାଥ ଦାସ ରାମ ଚରଣରେ ଧ୍ୟାୟୀ ଯେ ॥"

କବି, ଦାର୍ଶନିକ, ଆଳଙ୍କାରିକ, ବୈୟାକରଣ, ସ୍ମୃତିଶାସ୍ତ୍ର ପାରଗ, ଜ୍ୟୋତିଷ, ଆୟୁର୍ବେଦ, ଛନ୍ଦଶାସ୍ତ୍ର ବିଶାରଦ ରଘୁନାଥ ଦାସଙ୍କର ଖଣ୍ଡିଏ ହେଲେ ପୁସ୍ତକ ଅଦ୍ୟାପି ଲୋକଲୋଚନର ଗୋଚରକୁ ଆସିନାହିଁ । କେବଳ କବିଙ୍କ ଲିଖିତ 'ସାହିତ୍ୟଭୂଷଣ' ଗ୍ରନ୍ଥ ଖଣ୍ଡିକ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ'ର ଅଧାପକ ଶ୍ରୀ ଅଦ୍ୱୈତଚରଣ ଧଳ ସମ୍ପାଦନା କରି 'କେନ୍ଦ୍ରୀୟ ସଂସ୍କୃତ ସଂସ୍ଥାନ'ରୁ 'ବିଦ୍ୟାବାରିଧି' ଉପାଧି ଲାଭ କରିଛନ୍ତି ।

ଓଡ଼ିଶା ସାହିତ୍ୟ ଏକାଡେ଼ମୀ'ର କର୍ତ୍ତୃପକ୍ଷ ଓଡ଼ିଆ 'ରାମଲୀଳା' ପ୍ରକାଶନ ଯୋଜନାରେ ରଘୁନାଥ ଦାଶଙ୍କ 'ରାମଲୀଳା'ଟିକୁ ପ୍ରକାଶ କରି ଧନ୍ୟବାଦାର୍ହ ହୋଇଛନ୍ତି । ବିଶେଷତଃ 'ସାହିତ୍ୟ ଏକାଡେ଼ମୀ'ର ସଭାପତି ସୁପଣ୍ଡିତ ଶ୍ରୀ ସୁରେନ୍ଦ୍ର ମହାନ୍ତି ଓ ସମ୍ପାଦକ ବିଦ୍ୟୋତ୍ସାହୀ ଶ୍ରୀ ରାଇଚରଣ ଦାସ ମୋ' ଉପରେ 'ରାମଲୀଳା' ସମ୍ପାଦନାର ଦାୟିତ୍ୱ ଅର୍ପଣ କରିଥିବାରୁ, ମୁଁ ଉଭୟ ବିଦ୍ୱାନ୍‌ଙ୍କ ନିକଟରେ କୃତଜ୍ଞ ।

ଏହି ସମ୍ପାଦନାରେ କେତେକ ତ୍ରୁଟି ରହିଥିବା ଅସମ୍ଭବ ନୁହେଁ । ସେ ପ୍ରକାର ତ୍ରୁଟି ବିଚ୍ୟୁତି ପ୍ରତି ମୋର ଦୃଷ୍ଟି ଆକର୍ଷଣ କରାଇଲେ, ମୁଁ ବିଦ୍ୱାନ୍‌ମାନଙ୍କ ନିକଟରେ ଚିର କୃତଜ୍ଞ ରହିବା ସଙ୍ଗେ ସଙ୍ଗେ ପରବର୍ତ୍ତୀ ସଂସ୍କରଣରେ ସେ ଗୁଡ଼ିକର ନିରାକରଣ ଲାଗି ଚେଷ୍ଟା କରିବି ।

ରାଜ୍ୟ ସଂଗ୍ରହାଳୟ, ଭୁବନେଶ୍ୱର
ଶ୍ରୀଗୁଣ୍ଡିଚା
ଆଷାଢ଼ ଶୁକ୍ଳ ଦ୍ୱିତୀୟା, ଶକାବ୍ଦ ୧୯୦୪
୨୩ - ୬ - ୧୯୮୨

ନୀଳମଣି ମିଶ୍ର

# ରାମଲୀଳା

ରାଗ— **ମଙ୍ଗଳଗୁଜ୍ଜରୀ** *

ଜୟ ଜୟ ରଘୁନାଥ ଜୟ ରୂପଧାରୀ ।
ନୀଳୋତ୍ପଳ ସୁନ୍ଦର ମର୍କତ-ତନୁ ହରି ହେ ।। ୧ ।।

ଧନ୍ୟ ଧନ୍ୟ ଦଶରଥ ଅଯୋଧ୍ୟା ନଗରୀ ।
ସେ ନଗର ଲୋକେ ପୂର୍ବେ କି ତପସ୍ୟା କରି ଯେ ।। ୨ ।।

କେଉଁ ପୁଣ୍ୟ କରି କଉଶଲ୍ୟା ଗର୍ଭଧାରୀ ।
ଏ ମୋ ପୁତ୍ର ବୋଲି କୋଳେ ଧଇଲେ ମୁରାରି ଯେ ।। ୩ ।।

ଶିବ ବିରଞ୍ଚି ଯା ପାଦ ସଦା ଲୟ କରି ।
ଯା ନାମ ଶ୍ରବଣ ମାତ୍ରେ ଭବସିନ୍ଧୁ ତରି ଯେ ।। ୪ ।।

ମଚ୍ଛ କଚ୍ଛ ବରାହ ନୃସିଂହ ରୂପଧାରୀ ।
ବାମନ ପରଶୁରାମ ରାମ ରୂପ ଧରି ହେ ।। ୫ ।।

ବଳରାମ ବଉଦ୍ଧ କଳକି ରୂପଧାରୀ ।
ଦେବ ଉଦ୍ଧରି ମନ୍ଦରଗିରି ପୃଷ୍ଠେ ଧରି ଯେ ।। ୬ ।।

ପିତା ଅଭିମାନେ ସହସ୍ରାର୍ଜ୍ଜୁନଙ୍କୁ ସଂହାରି ।
ରାବଣକୁ ମାରି କଂସାସୁର ଜୟ କରି ଯେ ।। ୭ ।।

ହିରଣାକ୍ଷ ବଧି ହିରଣ୍ୟ ବୁକୁ ବିଦାରି ।
ଇନ୍ଦ୍ର ଛଳେ ଦାନ ମାଗି ବଳି ଦର୍ପ ହରି ଯେ ।। ୮ ।।

ବଉଦ୍ଧରୂପେ ବିଜୟ କରି ନୀଳଗିରି ।
ମଉନେ ବସିଛ ମ୍ଳେଚ୍ଛମାନଙ୍କୁ ଉଦ୍ଧରି ଯେ ।। ୯ ।।

ଏବଂଭୂତ ରାମପାଦ ହୃଦେ ଧ୍ୟାନ କରି ।
ରଘୁନାଥ ଦାସ ବୋଲେ ଭବୁ ହେବି ପାରି ହେ ।। ୧୦ ।।

---

* ଏହି ଗୀତଟି ଅରଣ୍ୟ କାଣ୍ଡରେ ଅବିକଳ ଭାବରେ ରହିଛି । ଏହି ରାମଲୀଳାଟି ଅଦ୍ୟାପି ଅପ୍ରକାଶିତ ଏବଂ ଏହାର ମୂଳପାଠ ରାଜ୍ୟ ସଂଗ୍ରହାଳୟ ଓ:ଏଲ୍-୫୦୮ ପୋଥିରୁ ସଂଗୃହୀତ ।

## ରାଗ—ଶଙ୍କରାକେଦାର

ଯେହ୍ନ ରାମାୟଣ ଗ୍ରନ୍ଥ ସାର ।
ଉମା ଆଗେ କହିଲେ ଶଙ୍କର ॥
ଏହା କହିବାକୁ ସାମର୍ଥ କାହାର; ରାମନାମ ମାତ୍ର ହେତୁ କର, ହେ ସୁଜନେ ॥୧॥

ଯାହାପାଇଁ କଲି ନୃତ୍ୟ ରସ ।
ସାଧୁଜନେ ନ ଘେନ ମୋ ଦୋଷ ॥
ଯାହା ହୋଇବ ପରମ ରସମୟ;ଏହା ଶୁଣି ସର୍ବେ ହେବେ ତୋଷ, ହେ ସୁଜନେ ॥୨॥

ସଭା ମଧ୍ୟେ ଦଶରଥ ନୃପ ।
ପୁତ୍ର ଦୁଃଖେ କରିବେ ସନ୍ତାପ ॥
ସୁମନ୍ତ୍ର ମନ୍ତ୍ରୀ ପୂର୍ବ କଥା କହନ୍ତେ, ଚମ୍ପାବତୀ ପୁର ଯିବେ ଭୂପ, ହେ ସୁଜନେ ॥୩॥

ଋଷ୍ୟ ଶୃଙ୍ଗଙ୍କୁ ତହିଁ ଭେଟିବେ ।
ବେଳ ରାଜା ବସି ତା ଭଜିବେ ॥
ଋଷ୍ୟଶୃଙ୍ଗଙ୍କୁ ଦୁହିତା ଦାନ ଦେଇ,ସଙ୍ଗେ ଘେନି ଅଯୋଧ୍ୟା ଆସିବେ,ହେ ସୁଜନେ ॥୪॥

ହୋମ କରି ଋଷି ଚରୁ ଦେବେ ।
ଶୁଭେ ରାଣୀମାନେ ତା' ଭକ୍ଷିବେ ॥
କାଳୁଦନେ ତହୁଁ ଶ୍ରୀରାମ ଲକ୍ଷ୍ମଣ, ଭରତ ଶତ୍ରୁଘ୍ନ ଜନମିବେ, ହେ ସୁଜନେ ॥୫॥

ଜନ୍ମଠାରୁ ବ୍ରତ ପରଯନ୍ତେ ।
ବିଧିମତେ ହୋଇବେ ସମସ୍ତେ ॥
ଯାଗ ରଖିବାକୁ ବିଶ୍ୱାମିତ୍ର ଆସି, ରାମ ଲକ୍ଷ୍ମଣ ନେବେ ସଙ୍ଗତେ, ହେ ସୁଜନେ ॥୬॥

ବିଶ୍ୱାମିତ୍ର ରାମ ଲକ୍ଷ୍ମଣଙ୍କୁ ।
ବିଦ୍ୟା ଦେଇ ନେବେ ଆଶ୍ରମକୁ ॥
ତାଡ଼କା ସୁବାହୁ ମାରି ଯାଗ ରଖି, ରାମ ଯିବେ ମଥୁରା ପୁରକୁ, ହେ ସୁଜନେ ॥୭॥

ପଥେ ଅହଲ୍ୟାକୁ ନିସ୍ତାରିବେ ।
ମିଥିଳାରେ ଧନୁକୁ ଭାଙ୍ଗିବେ ॥
ସୀତା ମାଳା ଦେଇ ରାମଙ୍କୁ ବରିବେ, ଅଯୋଧ୍ୟାକୁ ଦୂତ ବରଗିବେ, ହେ ସୁଜନେ ॥୮॥

ସୈନ୍ୟ ସହିତରେ ରାଣୀହଂସ ।
ଦଶରଥ ମିଥିଳା ପ୍ରବେଶ ॥
ଜନକ ସଙ୍ଗତେ ଭେଟହୋଇ ରାମ,ଲକ୍ଷ୍ମଣଙ୍କୁ ଦେଖି ହେବେ ତୋଷ, ହେ ସୁଜନେ ॥୯॥

ସୀତା ଦେଖୁଣି ବିଧି ସରବ ।
ରାମ ସୀତା ଅଧିବାସ ହେବ ।
ଶ୍ରୀରାମ ଲକ୍ଷ୍ମଣ ଭରତ ଶତ୍ରୁଘନ, ଚାରି ଭାଇଙ୍କ ବାହା ବଢ଼ିବ, ହେ ସୁଜନେ ।।୧୦।।

ମଧୁଶଯ୍ୟା ବିଧିକ ସାରବେ ।
ନିଜ ରାଜ୍ୟକୁ ମେଲାଣି ହେବେ ।।
ମହାସମ୍ଭାରେ ଅଯୋଧ୍ୟାକୁ ଆସନ୍ତେ,ବାଟେ ପରଶୁରାମେ ଭେଟିବେ,ହେ ସୁଜନେ ।।୧୧।।

ପରଶୁରାମେ ଜିଣି ରାଘବ ।
ଅଯୋଧ୍ୟା ବିଜେ ଅଛି ସମ୍ଭବ ।।
ରଘୁନାଥ ଦାସ ରାମ ଚନ୍ଦ୍ର କହେ,ଆଜ ନୃତ୍ୟେ ଏତେକ ହୋଇବ,ହେ ସୁଜନେ ।।୧୨।।

## ରାଗ—**ଚକ୍ରାକେଦାର**

ଶିବ ବୋଲନ୍ତି ଶୁଣ ଗିରିଜା ।
ଅଯୋଧ୍ୟାରେ ଦଶରଥ ରାଜା ॥
ଅଜ ନୃପତିଙ୍କ ତନୟ ଅଟନ୍ତି, ଉରେ ସର୍ବେ କରିଥାନ୍ତି ପୂଜା, ହେ ଭୟରେ ॥୧॥

ସାତଶ ପଞ୍ଚାଶ ତାଙ୍କ ରାଣୀ ।
ତହିଁ ମଧ୍ୟେ କୌଶଲ୍ୟା ଅଗ୍ରଣୀ ॥
ଆବର କୈକେୟୀ ସୁମିତ୍ରା ଏ ତିନ, ରାଜା ମନୋହାରୀ ପାଟରାଣୀ, ସେ ଏମାନେ ॥୨॥

ମହାରାଜା ହୋଇ ଅପୁତ୍ରିକ ।
କାଳେ ଜନ୍ମିଲା ଦୁହିତା ଏକ ॥
ଶାନ୍ତ ହୋଇ ଶାନ୍ତା ବୋଲି ନାମ ଦେଇ,ପାଳିଥାନ୍ତି ଦୂରକରି ଶୋକ,ସେ ରାଜନ ॥୩॥

ସତ୍ୟେ ହୃଷ୍ଟ ଦଶରଥ ହୋଇ ।
ମନ୍ତ୍ରୀମାନଙ୍କୁ ରାଇଣ କହି ॥
ଚମ୍ପାବତୀ ନାଥ ଆମ୍ଭର ମଇତ୍ର, ତାଙ୍କ ଦୁହିତା ତ ଆଉ ନାହିଁ, ହେ ମନ୍ତ୍ରୀଏ ॥୪॥

ତାଙ୍କଠାକୁ ବେଗେ ପେଷ ଦୂତ ।
ଶୁଣି ରାଇ ଦୂତକୁ ତୁରିତ ॥
ବେଗେଚମ୍ପାବତୀ ନାଥଙ୍କୁ କହିବ, ତୁମ୍ଭ ମିତ୍ରର ଦୁହିତା ଜାତ, ରେ କହିବ ॥୫॥

ଏହା ଶୁଣିଣ ବେଗେ ଚରର ।
ରାଜାଙ୍କୁ ନମି ଗଲା ସତ୍ୱର ॥
ଚମ୍ପାବତୀ ପୁରେ ପ୍ରବେଶ ହୋଇଲା, ରାଜା ଅଗ୍ରତେ କହେ ଚରର, ସେ ଚରର ॥୬॥

ତୁମ୍ଭ ମିତ୍ରର ଦୁହିତା ଜାତ ।
ଶୁଣି ରାଜା ଆନନ୍ଦ ବହୁତ ॥
ଆହେ ମନ୍ତ୍ରୀ ସୈନ୍ୟ ବେଗେ ସଜକର, ମିତ୍ର ରାଜ୍ୟକୁ ଯିବା ତୁରିତ,ହେ ସଚିବ ॥୭॥

ସୈନ୍ୟ ରାଇ ସମ୍ଭବେ ଚଳିଲେ ।
ଚର ଦଶରଥଙ୍କୁ କହିଲେ ॥
ତୁମ୍ଭର ମଇତ୍ର ଆସୁଛନ୍ତି ଦେବ, ଶୁଣି ରାଜା ପାଛୋଟି ଆଣିଲେ, ସେ ସତ୍ୱରେ ॥୮॥

ବେନି ରାଜା ଆନନ୍ଦେ ବସିଲେ ।
ଦଶରଥ ମିତ୍ରଙ୍କୁ କହିଲେ ॥
କେଉଁ ପୁଣ୍ୟେ ଆମ୍ଭ ଦୁହିତାଏ ହେଲା, ଲୋମପାଦ ସନ୍ତୋଷେ କହିଲେ,ସେ ମିତ୍ରଙ୍କୁ ॥୯॥

ଶୁଣି ସନ୍ତୋଷେ ଅଇଲି ମୁହିଁ ।
ଆମ୍ଭେ ପାଳିବୁ ଦୁହିତା ନେଇ ।।
ଶୁଣି ଦଶରଥ ବୋଲନ୍ତି ଯେ ଇଚ୍ଛା, ଏ ଦୁହିତାଙ୍କ ତୁମ୍ଭର ନୋହି, ହେ ମଇତ୍ର ।।୧୦।।

ଏତେ କହି ଶାନ୍ତାକୁ ଆଣିଲେ ।
ମିତ୍ର ଅଗ୍ରତେ ନେଇଣ ଦେଲେ ।।
ଘେନି ଲୋମପାଦ ଆନନ୍ଦରେ ଯାଇ, ନିଜରାଜ୍ୟେ ନିଶ୍ଚିନ୍ତେ ରହିଲେ,ସେ ରାଜନ ।।୧୧।।

କିଛିଦିନ ଅନ୍ତେ ବିଚାରଇ ।
ଦାନ ଦେବି ମୁହିଁ ପୁତ୍ର ପାଇଁ ।।
ଦୁଃଖେ ସେ ରାଜନ ଦେଲା ବହୁଦାନ, ଦୁଃଖୀ ଦରିଦ୍ରମାନଙ୍କୁ ରାଇ, ସେ ନୃପତି ।।୧୨।।

ପ୍ରତିଦିନ ଦେଇ ନରସାଇଁ ।
ପୁତ୍ର କାମନାରେ ତୋଷ ହୋଇ ।।
ନିତିଦିନ ଏକ ବିପ୍ର ପୁନଃ ପୁନଃ, ଦାନ ମାଗନ୍ତେ ରାଜନ କହି, ସେ ନୃପତି ।।୧୩।।

କ୍ରୋଧେ ତର୍ଜ୍ଜି ବୋଲନ୍ତି ରାଜନ ।
ନିତି ନିତି ଆସୁଛୁ ବ୍ରାହ୍ମଣ ।।
ବହୁତ 'ତୁକାର'ବଚନ ବୋଲନ୍ତେ,ଶୁଣି କ୍ରୋଧେ ବୋଲଇ ବ୍ରାହ୍ମଣେ,ସେ ରାଜାକୁ ।।୧୪।।

ଏ ଦେଶରେ ନୋହୁ ବରଷଣ ।
ଶୁଣି ସମ୍ଭ୍ରମ ହୋଇ ବ୍ରାହ୍ମଣ ।।
ବିପ୍ରଙ୍କୁ ବଧୀନ ହୋଇ ବହୁ କହି, ମୋତେ କର ଏଥୁ ଉଦ୍ଧାରଣେ, ହେ ବ୍ରାହ୍ମଣ ।।୧୫।।

ଶୁଣି ବିପ୍ର ଅତି ତୋଷେ କହି ।
ମୋର ବଚନ ବ୍ୟର୍ଥ ନୋହି ।।
ବିଭାଣ୍ଡକ ସୁତ ଋଷ୍ୟଶୃଙ୍ଗ ଆଣ, ସେ ଆସିଲେ ମେଘ ବରଷଇ, ହେ ରାଜନ ।।୧୬।।

ଏହା କହିଣ ଗଲେ ବ୍ରାହ୍ମଣ ।
ଏଥୁଅନ୍ତେ ଗଲା କେତେଦିନ ।।
ମନ୍ତ୍ରୀକ ଗୁହିଁଣ ରାଜନ ବୋଲନ୍ତି, ଶାପ୍ୟ ଦେଇଣ ଗଲେ ବ୍ରାହ୍ମଣ, ହେ ସଚିବ ।।୧୭।।

କେଉଁ ଦେଶରେ ଋଷିଙ୍କ ଘର ।
କେହୁ ଆଣିଦେବ ମନ୍ତ୍ରୀବର ।।
ଋଷି ନ ଆସିଲେ ସର୍ବେ ନାଶଯିବେ,ଏହା ମୋତେ ଲାଗେ ଅଗୋଚର,ହେ ସଚିବ ।।୧୮

ଏହା ଶୁଣି କହି ମନ୍ତ୍ରୀବର ।
ବୋଲନ୍ତି ହେ ଶୁଣ ନୃପବର ।।
ଲକ୍ଷେ କାଞ୍ଚନ ଥାଳୀରେ ଆମ୍ଭେ ଭରି, ବୁଲାଇବା ନେଇଣ ନଗର, ହେ ରାଜନ ।।୧୯।।

ଯେ ଆଣିବ ଋଷ୍ୟଶୃଙ୍ଗ ଯାଇ ।
ଧନ ସେ ନେବ ହେ ନରସାଇଁ ॥
ଶୁଣି ରାଜା ସନ୍ତୋଷରେ ଧନ ଦେଲେ, ଉନ୍ନଧର ଦୋସାଧୁ ବୁଲାଇ,ସେ ସଭାରେ ॥୨୦॥

ତାଙ୍କ ଦାଣ୍ଡେ କହେ ଉଚ୍ଚେ ବାଣୀ ।
ଋଷ୍ୟଶୃଙ୍ଗଙ୍କୁ କେ ଦେବ ଆଣି ॥
ଏ ଧନକୁ ନେବ ଋଷି ଯେ ଆଣିବ, ଏହା ଶୁଣି ଜରତା ତରୁଣୀ, ହେ ସୁଜନେ ॥୨୧॥

ବାର ଗଣିକାରେ ମୋକ୍ଷ ପାନ ।
ଆସି ମିଳିଲା ସେ ତତକ୍ଷଣ ॥
ହସ୍ତ ପ୍ରସାରି ଧନକୁ ଘେନଗଲା,ବୋଲେ ଆଣିବ ମୁଁ ଋଷିନାନ, ହେ ଦୋସାଧୁ ॥୨୨॥

ଏତେ କହି ଗଲା ସେ କାମିନୀ ।
ବାହୁଡ଼ି ଦୋସାଧୁ ସେହା ଶୁଣି ॥
ରାଜାଙ୍କ ଅଗ୍ରତେ କହେ କରଯୋଡ଼ି, ଧନ ନେଲା ଜରତା ତରୁଣୀ, ହେ ରାଜନ ॥୨୩॥

ଶୁଣି ରାଜନ ତାକୁ ଡକାଇ ।
ଋଷ୍ୟଶୃଙ୍ଗ ଆଣିବୁ କି ଯାଇ ॥
ବେନି କରଯୋଡ଼ି ବୋଲଇ ଜରତା,ନିଶ୍ଚେ ଋଷି ଆଣିଦେବ ମୁହିଁ, ହେ ରାଜନ ॥୨୪॥

ବଡ଼ ଦୁର୍ଗମ ପଥ ଅଟଇ ।
ନାବ ଦେବ ମୋତେ ନରସାଇଁ ॥
ପୁର ସଜାଡ଼ି ସକଳ ଦ୍ରବ୍ୟ ଦେବ,ଏତେ କହି ନିଜ ପୁରେ ଯାନ୍, ସେ ଜରତା ॥୨୫॥

ରାଜା ନାବିକଙ୍କୁ ଡକାଇଲେ ।
ନାବ ଗୋଟା କେତେ ଆଣ ବୋଲେ ॥
ଆଜ୍ଞା ପ୍ରମାଣେ ଆସିଲା ନାବ ଧରି,ରାଜା ବେଗେ ବର୍ଦ୍ଧକି ରାଇଲେ, ସେ ସତ୍ୱରେ ॥୨୬॥

ଉତ୍ତମପୁର ନାବେ କରିବ ।
ଅତି ଯତ୍ନେ ମଣ୍ଡଣି ମଣ୍ଡିବ ॥
ସମ୍ଭାର ଦ୍ରବ୍ୟ ରାଜନ ଦେଇ କହି, ବେଗେ ଢାଆର ଆସିବ, ରେ ବର୍ଦ୍ଧକି ॥୨୭॥

ରାଜା ଆଜ୍ଞା ପ୍ରମାଣେ ଚଳିଲେ ।
ଅତି ଯତ୍ନରେ ପୁର ରଚିଲେ ॥
ଅନେକ ପ୍ରକାର ମଣ୍ଡଣି କରଣେ, ରାଜା ଛାମୁରେ ଆସି କହିଲେ, ସେ ଶ୍ବନାଣି ॥୨୮॥

ଦେବପୁର ହେଲାକ ନିର୍ମାଣ ।
ଶୁଣି ମନ୍ତ୍ରୀକି କହି ରାଜନ ॥
ବେଶ୍ୟାକୁ ବହନ ଡକାଅ ବୋଲନ୍ତି, ମନ୍ତ୍ରୀ ଜରତା ରାଇ ତତକ୍ଷଣ, ସେ ସଚିବ ॥୨୯॥

ବହୁ ବେଶ୍ୟାଙ୍କୁ ଜରତା ଘେନି ।
ସଙ୍ଗେ ଅଛୁ ମଦନ ମୋହନୀ ।।
ରାଜାର ନିକଟେ ଯାଇଣ ହୋଇଲେ, ଦେଖି ବାହାରିଲେ ନୃପମଣି, ସେ ରାଜନ ।।୩୦।।
ସମସ୍ତ ଦ୍ରବ୍ୟମାନ ବୁହାଇ ।
ଋଷିଶୃଙ୍ଗ ବଶ ହେବା ପାଇଁ ।।
ନାନା ବାଦ୍ୟମାନ ବଜାଇ ଆନନ୍ଦ, ସମ୍ମୁଖରେ ଚଳିଯାଇ ହୋଇ, ସେ ରାଜନ ।।୩୧।।
ଯାଇ ନାବ ପାଶରେ ହୋଇଲେ ।
ନାବିକଙ୍କୁ ରାଜନ କହିଲେ ।।
ଯେବେ ନାବ ନେବୁ ଦିବସ ରାତିରେ, ଶୁଭେ ଆସ ଋଷି ଘେନି ତୁଲେ, ରେ ବହନ ।।୩୨।।
ଜରତା ଦ୍ୱାଦଶ ନାରୀ ଘେନି ।
ନୃପତିଙ୍କ ଚରଣରେ ନମି ।।
ମନ୍ଦେ ମନ୍ଦେ ଆସି ନାବ ପରେ ବସି, ଚିନ୍ତି ମାଧବ ସିଂହବାହିନୀ, ସେ ତକ୍ଷଣ ।।୩୩।।
ଧୀରେ ଧୀରେ ବାହିଲେ ତରଣୀ ।
ବନ ଗହନକୁ ଗଲେ ଜଣି ।।
କେତେଦିନେ କଉଶିକ ନଦୀତଟେ, ନାବ ଖଟାଇଲେ ବେଳ ଜାଣି, ସେ ରମଣୀ ।।୩୪।।
ଖୋଜି ଜାଣି ବିଭାଣ୍ଡକ ପୁର ।
ଅଧକୋଶେ ଅଛି ପଥ ଦୂର ।।
ତହିଁ ଉତୁରିଲେ ସୁସ୍ଥାନକୁ ଦେଖି, ସବେ ବସି କରନ୍ତି ବିଚାର, ସେ ତରୁଣୀ ।।୩୫।।
ବିଭାଣ୍ଡକ ନ ଥିବାରେ ଯିବା ।
ଋଷିଶୃଙ୍ଗଙ୍କୁ ଠକି ଆଣିବା ।।
ସେ ଋଷି ଜାଣିଲେ ଶାପକୁ ପାଇଣ, ଅରକ୍ଷ ହୋଇଣ ପ୍ରାଣ ଦେବା, ଗୋ କନିଷ୍ଠେ ।।୩୬।।
ମୁନି ତପସ୍ୟାକୁ ଯିବା ଜାଣି ।
କହେ ସଖୀଙ୍କି ଜରତା ବାଣୀ ।।
"ତୁମ୍ଭେ ସବେ ଯାଇ ହାସ୍ୟରସ ଗୀତେ, ବଶକର ଋଷିଶୃଙ୍ଗ ମୁନି, ଗୋ ସୁନ୍ଦରି" ।।୩୭।।
ଏହା ଶୁଣି ରମଣୀ ତୁରିତେ ।
ଆମ୍ବ ଜାମ୍ବୁ କଦଳୀ ସହିତେ ।।
ଚୂଆ ଚନ୍ଦନ କର୍ପୂର ପୁଷ୍ପପାଟ, ଧରି ଚଳିଲେ ମୁନି ଅଗ୍ରତେ, ସେ ତରୁଣୀ ।।୩୮।।
ରମ୍ୟଶାଳ ବୃକ୍ଷ ତଳେ ବସି ।
ଅଜପାକୁ ଧ୍ୟାୟେ କରେ ଋଷି ।।
ଯାଇଣ ଦେଖିଲେ ରମଣୀ ଦ୍ୱାଦଶ, ପାଶକୁ ନ ଗଲେ ଭରସି, ସେ ବେଶ୍ୟାୟେ ।।୩୯।।
ଋଷି ଅଲକ୍ଷ ଗୁହାନ୍ତେ ନମିଲେ ।
ସାମଗ୍ରୀମାନ ଅଗ୍ରେ ଥୋଇଲେ ।।
ଦେଖି ଋଷିଶୃଙ୍ଗ ଉଠିଲେ ଆସନୁ, ରଘୁନାଥ ଦାସ ଗୀତେ ବୋଲେ, ହେ ସୁଜନେ ।।୪୦।।

## ରାଗ—ମଙ୍ଗଳଗୁଜ୍ଜରୀ

କଳ୍ପରୁ ସେ ଋଷିଙ୍କ ସ୍ତିତି ଦେଖିନାହିଁ ।
ପୁଚ୍ଛଇ ଯୁବତୀମାନ ମୁଖକୁ ଅନାଇ ସେ ॥୧॥

କେଉଁ ଦେଶରୁ ଆସିଛ କେଉଁ କ୍ଷେତ୍ରେ ଘର ।
କେବଣ କୁଳରେ ଜନ୍ମ ଅଟଇ ତୁମ୍ଭର ହେ ॥୨॥

କେଉଁ ଯନ୍ତ୍ରମାନେ ତୁମ୍ଭେ କହ ମୋତେ ସତ ।
କେଉଁ ତପସ୍ୟାରେ ତୁମେ ହୋଇଅଛ ରତ ହେ ॥୩॥

ମଦନ ମୋହିନୀ ବୋଲେ ଶୁଣ ଋଷିନାନ ।
ଉଜାଣି ବନରେ ଘର ତପସ୍ୟା ମୋହନ ହେ ॥୪॥

ଉତ୍ତମ କୁଳରେ ଆମ୍ଭେମାନେ ପୂଜା ପାଉଁ ।
ମହାଦେବ ଦେବତା ହୃଦରେ ରଖିଥାଉ ହେ ॥୫॥

କାମ ବୀଜ ମନ୍ତ୍ର ସଦା ଆମ୍ଭେ ଧ୍ୟାନେ କରୁ ।
ଜମ୍ବୁଦ୍ୱୀପ ଜନଙ୍କର ମନ ମୋହିପାରୁ ହେ ॥୬॥

ଏବେ ଆସିଲୁ ତୁମ୍ଭଙ୍କୁ ଦେଖି ଯିବାପାଇଁ ।
ଶୁଣି ଋଷିଙ୍କ ମନେ ବହୁ ତୋଷ ହୋଇ ସେ ॥୭॥

ପାଦ ପ୍ରକ୍ଷାଳନ କର ବୋଲି ଜଳ ଦେଲେ ।
ବ୍ୟାଘ୍ର ଚର୍ମ ନେଇ ସର୍ବେ ବସ ବୋଲି ବୋଲେ ସେ ॥୮॥

ଭକ୍ଷଣ କର ବୋଲନ୍ତି ଫଳମୂଳ ଦେଇ ।
ତୁମ୍ଭେ ଆସିଲେ ଯେ କିଛି ନ ଜାଣଇ ମୁହିଁ ସେ ॥୯॥

ପିତା ଆସିଲେ ପୂଜା କରିବେ ବୋଲି କହି ।
ଶୁଣି ରମଣୀ କହନ୍ତି ଋଷି ମୁଖ ଚାହିଁ ସେ ॥୧୦॥

ଜାଣିଲୁ ତୁମ୍ଭର ନାହିଁ କିଛି ତପବଳ ।
ତୁମ୍ଭ ବନେ ମିଳଇ କି ଏହୁ ଫଳମୂଳ ହେ ॥୧୧॥

ଏ ପଦାର୍ଥ ଖାଇଲେ କି ତପ କରି ପାର ।
ଏ ଜଳ ପାନ କଲେ କି ତୃଷାକୁ ନିବାର ହେ ॥୧୨॥

ଏତେ କହି ରତ୍ନ କମ୍ବଳକୁ ପାରି ଦେଲେ ।
ଆମ୍ଭ କାନନର ବ୍ୟାଘ୍ର ଛାଲ ଏ ବୋଇଲେ ସେ ॥୧୩॥

ତହିଁ ମୁନିଙ୍କି ବସାଇ ଦେଲ ଝୀନବାସ ।
ଆମ୍ଭ ବନସ୍ତରେ ଏ ବକଳ ଋଷି ଶିଷ୍ୟ ହେ ।।୧୪।।

ହରଷେ ମଦନ ମୋହନୀ କୁଞ୍ଚ ପିନ୍ଧାଇ ।
ଚୂଆ ଚନ୍ଦନ କର୍ପୁର ଲେପିଲ୍କ ନେଇ ସେ ।।୧୫।।

ଆମ୍ଭ ବନସ୍ତରେ ଏ ବିଭୂତି ଉପୁଜଇ ।
ଏହା କହି ମୁନି ଅଙ୍ଗେ ଅଳଙ୍କାର ଦେଇ ସେ ।।୧୬।।

ରଙ୍ଗ ପତନି କି ପୁଣି ଉପରାଣ ଦେଲ ।
ଯେକ ନାରୀ ଦର୍ପଣକୁ ନେଇ ଦେଖାଇଲ ଯେ ।।୧୭।।

ଅପୂର୍ବ ମଣିଣ ଋଷି ଦର୍ପଣକୁ ଚାହିଁ ।
ଏଥିରେ ତ ଦିଶେ ଆପଣାର ନିଜ ଦେହ ଯେ ।।୧୮।।

ସୁସ୍ୱାଦୁ ଫଳ ଭୁଞ୍ଜାଇ କନ୍ଦପଣା ଦେଲେ ।
ଆମ୍ଭ ବନର ଯେ ଫଳଜଳ ଯେ ବୋଇଲେ ଯେ ।।୧୯।।

ଆଶ୍ରୋବନ ସାର ମୁନି ଆନନ୍ଦକୁ ହୋଇ ।
କାମମୋହନୀ ଜାନୁ ଯଉବନ ଦେଖାଇ ଯେ ।।୨୦।।

ଏହା ଆମ୍ଭ ଦେହେ ନାହିଁ ଋଷ୍ୟଶୃଙ୍ଗ ବୋଲେ ।
ଅମୃତ ପୂରିଛୁ ଏଥେ ରମଣୀ ବୋଇଲେ ଯେ ।।୨୧।।

ଧନ୍ୟ ଧନ୍ୟ ତୁମ୍ଭ ତପୋବନ ବୋଲି ମୁନି ।
ସେ ସ୍ଥାନ ଦେଖାଅ ଆମ୍ଭେ ଯିବୁ ଏହିକ୍ଷଣି ଯେ ।।୨୨।।

ଆଜ ତ ଉଚ୍ଛୁର ମୁନି ହୋଇଲାଣି ବେଳ ।
କାଲି ନେବୁ ସଙ୍ଗେ ଆମ୍ଭେ ଆସି ଋଷି ବାଳ ହେ ।।୨୩।।

ଏତେ କହି ସର୍ବ ରମଣୀଯେ ଚଳିଗଲେ ।
କାଲି ଅବଶ୍ୟ ଆସିବ ଋଷ୍ୟଶୃଙ୍ଗ ବୋଲେ ଯେ ।।୨୪।।

ଆସିବୁ ବୋଲି ଜରତା ଆଗେ ଯାଇ କହି ।
ରସେ ବଶ କଲୁ ଆମ୍ଭ ବିଭାଣ୍ଡତନୟି ଯେ ।।୨୫।।

ଶୁଣି ଜରତା ଆନନ୍ଦ ହୋଇଣ ରହିଲେ ।
ଏମନ୍ତ ସମୟେ ବିଭାଣ୍ଡକ ଆସି ହେଲେ ଯେ ।।୨୬।।

ଦେଖିଲେକ ମୁନି ଆମୋଦଇ ସର୍ବଗନ୍ଧ ।
ପୁତ୍ରକୁ ଚାହିଁ ବୋଲନ୍ତି ଏକି ପରମାଦ ଯେ ।।୨୭।।

ବିଭାଣ୍ଡକ ବାଣୀ ଶୁଣି କହଇ ନନ୍ଦନ ।
ଆଜ ଆମ୍ଭେ ଦେଖିଲୁ ଅପୂର୍ବ ତପିଜନ ଯେ ॥୨୮॥

ଧନ୍ୟ ତାଙ୍କର ଜୀବନ ଧନ୍ୟ ତପୋବଳ ।
ଶୁଣି ମୁନି ବିଭାଣ୍ଡକ ବୋଲନ୍ତି ଦୁଲାଳ ରେ ॥୨୯॥

ସେମାନେ ଋଷି ନୁହନ୍ତି ଅଟନ୍ତି ଅସୁର ।
ବିଶ୍ୱାସ ନ ଯିବୁ ତାଙ୍କୁ ବୋଲନ୍ତି ଉତ୍ତର ଯେ ॥୩୦॥

ଏମନ୍ତ ପ୍ରବୋଧି ମୁନି ରଜନୀ ବଞ୍ଚିଲେ ।
ବିଭାଣ୍ଡକ ମୁନି ତହୁଁ ତପସ୍ୟାକୁ ଗଲେ ଯେ ॥୩୧॥

ତହୁଁ ଋଷ୍ୟଶୃଙ୍ଗ ମନ ହେଲା ଛନଛନ ।
ଛାଡ଼ି ପଳାଇଲେ କିବା ମୋତେ ତପିଜନ ଯେ ॥୩୨॥

ପଥ ଅନୁସରି ଋଷି ବେଶ୍ୟା ପାଶେ ଗଲେ ।
ଦେଖିଣ ରମଣୀ ପଞ୍ଚ ଆସି ଘେନିଗଲେ ଯେ ॥୩୩॥

ଦେଖିଣ ଜରତୀ ଋଷି ଚରଣେ ନମିଲେ ।
ହସ୍ତ ଧରି ନାବ ପରେ ନେଇ ବସାଇଲେ ଯେ ॥୩୪॥

ସେମନ୍ତ ସମୟେ ନାବ ବାହିଲା ପ୍ରଖର ।
ପବନୁ ବେଗେ ଯାଇ ନଜାଣେ ମୁନିବର ଯେ ॥୩୫॥

କୋଳେ ଘେନି ମୁନିଙ୍କି ଜରତୀ ବଶ କଲା ।
ଭୁଜେ ଭିଡ଼ି ଚୁମ୍ବ ଦେଇ ବକ୍ଷେ ଅନାଇଲା ଯେ ॥୩୬

ଋଷିଶୃଙ୍ଗଙ୍କୁ ରମଣୀ ସୁରତିକି ଦେଲା ।
ରତି ଶେଷେ ବାସ ଘେନି ଜରତୀ ବହିଲ ଯେ ॥୩୭॥

ଚମ୍ପାବତୀ ପୁରେ ନାବ ଲଗିଲାକ ଯାଇ ।
ଋଷିଶୃଙ୍ଗ ବୋଲନ୍ତି ଜରତୀ ମୁଖ ଚାହିଁ ଯେ ॥୩୮॥

ଦେଖାଅ ନର୍ତ୍ତିର ଆସ ତାପ ମୋ ଶରୀର ।
ଶୁଣି ପାଦେ ପଡ଼ି ଉଠି ଯୋଡ଼ି ବେନିକର ଯେ ।୩୯।

ଶୁଣ ଆହେ ମୁନି ସେହୁ ଚମ୍ପାବତୀ ପୁର ।
ଜଳ ନ ବରଷେ ଶାପ ଦେଲେ ବିପ୍ରବର ହେ ॥୪୦॥

ତେଣୁ ଶୀଘ୍ରେ ଆମ୍ଭଙ୍କୁ ପେଷିଲେ ନରସାଇଁ ।
ଆମ୍ଭ ଜାତି ବେଶ୍ୟା ଶୁଣ ବିଭାଣ୍ଡ ତନୟୀ ହେ ॥୪୧।

କ୍ଷମାକର ମୁନିବର ଆମ୍ଭ ଦୋଷାଦୋଷ ।
ଶୁଣିମନରେ ସନ୍ତୋଷ ହେଲେ ଋଷି ଶିଷ ଯେ ॥୪୨॥

ବରଷା କରୁ ବୋଲନ୍ତେ ଆଜ୍ଞା ପରମାଣେ ।
ଗର୍ଜିଣ ମେଘ ବରଷା କଲା ତତକ୍ଷଣେ ଯେ ।।୪୩।।

ବରଷା ଦେଖିଣ ସର୍ବେ ସାନନ୍ଦ ହୋଇଲେ ।
ମୁନି ଆସିଲେ କି ଇନ୍ଦ୍ର ଅବା ଦୟା କଲେ ଯେ ।।୪୪।।

ଏହି ସମୟେ ଚର ରାଜା ଅଗ୍ରତେ କହିଲା ।
ହେ ନୃପ ଜରତା ଋଷ୍ୟଶୃଙ୍ଗଙ୍କୁ ଆଣିଲା ହେ ।।୪୫।।

ଶୁଣି ରାଜା ଆନନ୍ଦରେ ଉତ୍ସବ କରାଇ ।
ମୁନିଙ୍କି ପାଛୋଟି ଗଲେ ସମ୍ଭ୍ରମ କରାଇ ଯେ ।।୪୬।।

ବାଦ୍ୟ ଶୁଣି ଋଷିଶୃଙ୍ଗ ବୋଲନ୍ତି କି ନାଦ ।
ଦର୍ଶନେ ରାଜା ଆସନ୍ତି ଶୁଭୁଅଛି ବାଦ୍ୟ ହେ ।।୪୭।।

ନାବରୁ ଓହ୍ଲାଇ ଋଷି କୂଳେ ଉଭା ହୋଇ ।
ନଉଚ୍ଛୁଳ ହୋଇ ରାଜା ପାଦେ ପଡ଼ି ଶୋଇ ଯେ ।।୪୮।।

ବହୁତ ବିନୟୀ ହୋଇ ରଥେ ବସାଇଲେ ।
ଅତି ହୃଷ୍ଟେ ନିଜ ରାଜ୍ୟେ ପ୍ରବେଶ ହୋଇଲେ ଯେ ।।୪୯।

ମେଲାଣି ଦେଇ ବେଶ୍ୟାକୁ ଗଉରବ କରି ।
ନିଜ ପୁରେ ରଖି ଋଷି ପୂଜେ ଦଣ୍ଡଧାରୀ ଯେ ।।୫୦।।

ମିତ୍ରଙ୍କ ରାଜ୍ୟକୁ ବେଗେ ଦୂତ ବରଗିଲେ ।
ରଘୁନାଥ ଦାସ ରାମ ଚରଣେ ଭାବିଲେ ଯେ ।। ୫୧।।

ରାଗ—**ମୁଖାରୀ**

ଏଥୁ ଅନନ୍ତେ ଶୁଣ ସୁଜ୍ଜନରେ ।
ରାମ ପାଦ ଶିବ ଧ୍ୟାୟି ମନରେ ।
କହିଲେ ସେ ହେତୁ ଚରିତ ଶୁଣ । ଏ ଗ୍ରନ୍ଥ ନାମ ଅଟେ ରାମାୟଣ ।। ୧ ।।

ସରଯୂ ତଟେ ଅଯୋଧ୍ୟା ନଗର ।
ସେ ପୁରେ ଦଶରଥ ଦଣ୍ଡଧର ।
ଦିନେ ଡକାଇଲେ କରି ଆସ୍ଥାନ । ଅଛନ୍ତି ଋଷି ଅମାନାତ୍ୟ ମାନ ।। ୨ ।।

ସୁମନ୍ତ୍ର ଆଦ୍ୟ ପାତ୍ରମନ୍ତ୍ରୀ ଯେତେ ।
ଅଛନ୍ତି ସର୍ବେ ନୃପତି ପୁରତେ ॥
ବଶିଷ୍ଠ ମୁଖ ଗୃହିଁଣ ରାଜନ । କହନ୍ତି ଦୁଃଖିତ ହୋଇ ବଚନ ॥୩॥

ଏ ମୁହିଁ କି ପାପ କର୍ମ ମୋହର ।
କୁଳେ ଉପୁଜି ନୋହିଲା କୁମର ॥
ନରକରେ ଅନ୍ତେ ହେବ ପ୍ରବେଶ । ରାଜ ସମ୍ପଦେ ନାହିଁ ମୋର ଆଶ ॥୪॥

ଏମନ୍ତ ଆକୁଳ ଦେଖି ରାଜାର ।
ସୁମନ୍ତ୍ର କହେ ଯୋଡ଼ି ବେନିକର ॥
ତୁମ୍ଭର ପୁତ୍ର ହୋଇବ ନିକର । କହି ଅଛନ୍ତି ସନତ କୁମାର ॥୫॥

ଋଷିଶୃଙ୍ଗଙ୍କୁ ଆଣି ଯାଗ କର ।
ରାଜନ ଚିତ୍ତେ ସଂଶୟ ନ କର ॥
ଶୁଣିଣ ରାଜନ ମନ୍ତ୍ରୀଙ୍କି ପୁଚ୍ଛି । କାହିଁ ଅଛନ୍ତି ବିଭାଣ୍ଡକ ବତ୍ସି ॥୬॥

ତୁମ୍ଭର ମିତ୍ର ଚମ୍ପାବତୀ ରାଏ ।
ବ୍ରହ୍ମ ଶାପରୁ ଅନାବୃଷ୍ଟି ହୋଏ ॥
ନରତ୍ତା ଆଦ୍ୟ ବେଶ୍ୟାଗଣ ପେଷି । ଭଣ୍ଡି ଆଣିଲେ ବିଭାଣ୍ଡକ ବତ୍ସି ॥୭॥

ଋଷି ଆସନ୍ତେ ବରଷିଲା ଜଳ ।
ଚମ୍ପାବତୀ ନଗ୍ର ହେଲା ଶୀତଳ ॥
ଆନନ୍ଦେ ସେ ଲୋମପାଦ ରାଜନ । ପୂଜା କରି ରଖିଛନ୍ତି ସଦନ ॥୮॥

ଏମନ୍ତ ସମୟେ ଚର ପ୍ରବେଶ ।
ରାଜନଙ୍କୁ ନମି କହେ ଆଦେଶ ॥
ତୁମ୍ଭର ମିତ୍ର ମୋତେ ପେଷିଲେ । ଋଷିଶୃଙ୍ଗଙ୍କୁ ଭଣ୍ଡିଣ ଅଣିଲେ ॥୯॥

ବହନ ଆସିବା ହେଉ ନରେଶ ।
ଶୁଣି ନୃପତି ମନରେ ହରଷ ॥
ସମ୍ଭବରେ ସୈନ୍ୟ ସାଜି ସତ୍ୱର । ବଶିଷ୍ଠଙ୍କୁ ରଖି ହେଲେ ବାହାର ॥୧୦॥

ମିତ୍ରଙ୍କ ଦେଶରେ ପ୍ରବେଶ ଯାଇଁ ।
ପାତ୍ରେ ଛିଟି ନେଲେ ଚମ୍ପାବତୀ ସାଇଁ ॥
ବହୁତ ମନେ ଆନନ୍ଦିତ ହୋଇ । କୁଶଳ ପୁଚ୍ଛଣ ରାଜନ କହି ॥୧୧॥

ବ୍ରହ୍ମଶାପରୁ ନ ବରଷେ ନୀର ।
ଭଣ୍ଡି ଅଣାଇଲି ଋଷି କୁମାର ॥
ଦେଖିଯିବା ଋଷି ରାଜା ବୋଇଲେ । ଶୁଣି ଦଶରଥ ଆନନ୍ଦ ହେଲେ ॥୧୨॥

ମିତ୍ରଙ୍କୁ ଧରି ସଙ୍ଗରେ ଚଳିଲେ ।
ଋଷି କେଶରୀଙ୍କି ରାଜା ବୋଇଲେ ॥
ଆସିଛନ୍ତି ଦଶରଥ ରାଜନ । ତୁମ୍ଭ ଚରଣେ କରିବେ ଦର୍ଶନ ॥୧୩॥

ଆସନ୍ତୁ ବୋଲି ଶୁଣି ରାଜା ଯାଇ ।
ଓଳଗ ହୋଇ ପାଦେ ପଡି ଶୋଇ ॥
ପୁଛନ୍ତି ମୁନି ରାଜାଙ୍କୁ କୁଶଳ । ମହାଦେଈ ଆଦି ପୁତ୍ର ସକଳ ॥୧୪॥

ସମସ୍ତ କୁଶଳ କହି ରାଜନ ।
ପୁତ୍ର ବିଷୟେ ଲୋତକ ନୟନ ॥
ତନୟ ଯାହା ପୁଚ୍ଛିଲେକ ଯତି । ବୋଇଲେ ମୋହର ନାହିଁ ସନ୍ତତି ॥୧୫॥

କର୍ମେ ପ୍ରାପତ ଏକଇ ଦୁହିତ ।
ପାଳଣା କରିଅଛୁ ବେନି ମିତ ॥
ଶୁଣିଣ ଋଷି ବିସ୍ମୟ ହୋଇଲେ । କନ୍ୟା ଅଣାଅ ଦେଖିବା ବୋଇଲେ ॥୧୬॥

ଲୋମପାଦ ଶାନ୍ତା କନ୍ୟା ଆଣିଲେ ।
ଋଷିଶୃଙ୍ଗଙ୍କୁ କନ୍ୟା ଓଳଗିଲେ ॥
ରାଜାଙ୍କୁ ମୁନି କହନ୍ତି ବଚନ । ଏ କନ୍ୟା ଆମ୍ଭଙ୍କୁ କର ପ୍ରଦାନ ॥୧୭॥

ଶୁଣି ବେନି ରାଜା ହରଷ ହେଲେ ।
କନ୍ୟା ଋଷିଶୃଙ୍ଗେ ପ୍ରଦାନ କଲେ ॥
ଅନେକ ମତେ ଯୌତୁକ ସମ୍ଭାର । ସମର୍ପି ଦଶରଥ ଦଣ୍ଡଧର ॥୧୮॥

ଦେଖି ଋଷିଶୃଙ୍ଗ ହରଷ ହେଲେ ।
ପରିକରଙ୍କୁ ରାଇ ବରଗିଲେ ॥
ସକଳ ଦରବମାନ ବୁହାଇ । ମଠକୁ ଦେଲେ ଋଷି ପଠିଆଇ ॥୧୯॥

ଏଥୁ ଅନ୍ତରେ ବିଭାଣ୍ଡକ ଋଷି ।
ମଠେ ପ୍ରବେଶ ତପସ୍ୟାରୁ ଆସି ॥
ଆଶ୍ରମେ ପୁତ୍ର ଯହୁଁ ନ ଦେଖିଲେ । ନିଷ୍ଠଳ ଯୋଗ ଧ୍ୟାନରେ ଜାଣିଲେ ॥୨୦॥

ଏମନ୍ତେ ଚମ୍ପାବତୀ ନଗ୍ର ଜନେ ।
ସମ୍ଭାର ଧରି ମିଳିଲେ ସେ ସ୍ଥାନେ ॥
ଦେଖିଣ ମୁନି ତାହାଙ୍କୁ ପୁଚ୍ଛିଲେ । ସକଳ ବୃତ୍ତାନ୍ତ ସେହୁ କହିଲେ ॥୨୧॥

●

## ବଚନିକା

ଶୁଣ ଆହେ ତପୋଧନ ସମସ୍ତ ବିଧାନ ।
ଚମ୍ପାବତୀ ପୁରେଛନ୍ତି ତୁମ୍ଭର ନନ୍ଦନ ॥ ୧ ॥

ସେ ଦେଶରେ ଅବୃଷ୍ଟି ହେବାରୁ ନୃପବର ।
ନେଇଗଲେ ଜରତାକୁ ପେଷି ନେଲେ ତୁମ୍ଭର କୁମର ॥ ୨ ॥

ଶାନ୍ତା ନାମରେ ଦଶରଥଙ୍କ ନନ୍ଦନୀ ।
ତାହାଙ୍କୁ ବିଭା ହେଲେ ସେ ଋଷ୍ୟଶୃଙ୍ଗ ମୁନି ॥ ୩ ॥

ଯଉତୁକ ସମ୍ଭାର ଅଛନ୍ତି ପଠାଇ ।
ରଖିବାକ ହୋଇ ସ୍ୱେବେ ଯତନ କରାଇ ॥ ୪ ॥

●

## ଗୀତ

ଶୁଣି ଋଷି ଅତି ହରଷ ହେଲେ ।
ଦ୍ରବ୍ୟ ରଖିବାକୁ ମେଲାଣି ଦେଲେ ॥ ୧ ॥

ପୁତ୍ରକୁ ଦେଖିବାକୁ ମୁନିଈଶ
ବାହାର ହେଲେ ଚମ୍ପାବତୀ ଦେଶ ॥୨॥

ମନ ଦଣ୍ଡରେ ଚଳି ତପୋଧନ ।
ମିଳିଲେ ଲୋମପାଦଙ୍କ ଭୁବନ ॥ ୩ ॥

ପିତାଙ୍କୁ ଦେଖିଣ ଋଷିକେଶରୀ ।
ଉଠି ଚରଣେ ନମସ୍କାର କରି ॥ ୪ ॥

କଲ୍ୟାଣ କର ଆଶ୍ୱାସନା କଲେ ।
ନ କହ କଥା ଅଇଲୁ ବୋଇଲେ ।। ୫ ।।

ଶୁଣ ହେ ପିତା ମୋହର ବଚନ ।
ଏଦେଶେ ନୋହିଲା ବାରି ପତନ ।। ୬ ।।

ତେଣୁ ଏ ଲୋମପାଦ ନରପତ ।
ଗୁର ପେଷି ଆଣି ଅଛନ୍ତି ଏଥି ।। ୭ ।।

କନ୍ୟା ସ୍ନେହକ ବିଭା କଲେକ ମୋତେ ।
ଶୁଣି ବିଭାଣ୍ଡକ ହରଷ ଚିତ୍ତେ ।। ୮ ।।

ମୁନିଙ୍କି ଦେଖି ବେନି ନୃପବର ।
ନମସ୍କାର କଲେ ତାଙ୍କ ପୟର ।। ୯ ।।

କଲ୍ୟାଣ କରଣ କୁଶଳ ପୁଛି ।
ରାଜା କହନ୍ତି ଆମ୍ଭେ ପୁତ୍ର ଦୁଃଖୀ ।।୧୦।।

ଋଷି ବୋଇଲେ ପୁତ୍ର ମୁଖ ଚାହିଁ ।
ଯାଗ ଆରମ୍ଭ କର ବାବୁ ତୁହି ।। ୧୧ ।।

ରାଜନଙ୍କୁ ଦିଅ ପୁତ୍ର-ସମ୍ପତ୍ତି ।
ତେବେ ରହିବ ତୋହର କୀରତି ।। ୧୨ ।।

ଏମନ୍ତ ପୁତ୍ରକୁ ପିତା କହିଲେ ।
ବିଭାଣ୍ଡକ ନିଜ ଆଶ୍ରମେ ଗଲେ ।। ୧୩ ।।

ତଦନ୍ତରେ ଦଶରଥ ରାଜନ ।
ମିତ୍ରଙ୍କ ଠାରୁ ମେଲାଣି ଦୋଇଣ ।। ୧୪ ।।

ସଙ୍ଗେ ଘେନି ବିଭାଣ୍ଡକ କୁମର ।
ପ୍ରବେଶ ହୋଇଲେ ଅଯୋଧ୍ୟାପୁର ।। ୧୫ ।।

ଋଷିଶୃଙ୍ଗଙ୍କୁ ରଖାଇ ରାଜନ ।
ପ୍ରବେଶ ହେଲେ ଆପଣା ଭୁବନ ।। ୧୬ ।।

ଋଷିଶୃଙ୍ଗଙ୍କୁ ଜଣାଇ ରାଜନ ।
ପୁତ୍ର କାମେ ଯାଗ ସମ୍ଭାର ମାନ ।। ୧୭ ।।

ସୁମନ୍ତ୍ର ସରବ ବିଧାନ କଲେ ।
ଦୂତ ପେଷି ସର୍ବ ଋଷି ଆଣିଲେ ॥ ୧୮ ॥

ଯାଗର ସର୍ବ ପଦାର୍ଥ ଆଣିଲେ ।
ଯାଗେ ଋଷ୍ୟଶୃଙ୍ଗ ଆଗୁସାଁ ହେଲେ ॥ ୧୯ ॥

ଶ୍ରୀରାମ ବେଦ ପଦ୍ମର କମଳ ।
ରଘୁନାଥ ଦାସ ମତି ଭ୍ରମର ॥ ୨୦ ॥

ରାଗ—**ବସନ୍ତ**

ଅଯୋଧ୍ୟାରେ ଋଷିଶୃଙ୍ଗ ଯାଗ ଆରମ୍ଭିଲେ ।
ସକଳ ଋଷିଙ୍କି ଦେଇ ଯଜ୍ଞ ବର୍ଷି କଲେ ॥୧॥

ସମସ୍ତ ଦେବଙ୍କୁ ହବି ଦେଇ ତୋଷ କଲେ ।
ପୂର୍ଣ୍ଣାହୁତି କାଳେ ବିଷ୍ଣୁ ରୂପକୁ ଦେଖିଲେ ॥୨॥

ସମସ୍ତ ଋଷି ଆନନ୍ଦ ସାଗରେ ମଜ୍ଜିଲେ ।
ହରଷ ବଶରେ ନାନା ସ୍ତୁତି ଆରମ୍ଭିଲେ ॥୩॥

ଦେବତାଙ୍କ ସନ୍ତୋଷ ଦେଖିଣ ତପିମଣି ।
ଚରୁ ନର୍ଭା କରି ଦଶରଥେ ଦେଲେ ଆଣି ॥୪॥

ରାଜନ ସେ ଚରୁ ପାଇ ଆନନ୍ଦ ହୋଇଲେ ।
କଉଶଲ୍ୟା କକେୟୀଙ୍କୁ ଭାଗ ବାଣ୍ଟି ଦେଲେ ॥୫॥

ସେ ଦେନ ରାଣୀଯେ ମନେ ଆନନ୍ଦ ହୋଇଲେ ।
ତହୁଁ କିଛୁ କିଛୁ ସୁମିତ୍ରାଙ୍କ କରେ ଦେଲେ ॥୬॥

ଚରୁ ଭୁଞ୍ଜୁ ଉଦରେ ରହିଲେ ଦୀନବନ୍ଧୁ ।
ଉଦୟ ହୋଇଲା କି କୋଟିଯେ ପୂର୍ଣ୍ଣଇନ୍ଦୁ ॥୭॥

ଦେନ ପାଞ୍ଚ ମାସ ଶୁଭେ ସମ୍ପୂର୍ଣ୍ଣ ହୋଇଲା ।
ରଘୁନାଥ ଦାସ ବୋଲେ ମୋ ଦୁଃଖ ସଉଲା ॥୮॥

## ରାଗ—ବସନ୍ତ

ଚଇତ୍ର ଶୁକ୍ଳ ନବମୀ ମଧ୍ୟାହ୍ନ କାଳରେ ।
କକଡ଼ା ଚନ୍ଦ୍ରମା ପୁଷ୍ୟା ଋକ୍ଷ ଭୋଗକରେ ॥୧॥
କଉଶଲ୍ୟା ଗର୍ଭୁ ଜାତ ହୋଇଲେ ମୁରାରି ।
ଦୂର୍ବାଦଳ ଶ୍ୟାମଳ ମର୍କତ ମନୋହାରୀ ॥୨॥
ତଦଅନ୍ତେ କଇକେଇ ପ୍ରସବେ କୁମର ।
ଅତସି କୁସୁମ କାନ୍ତି ଲାବଣ୍ୟ ସାଗର ॥୩॥
ସୁମିତ୍ରା ଉଦରୁ ଜାତ ହୋଇଲେ ବେନି ପୁତ୍ର ।
ସୁନ୍ଦର-ସାଗର ଚମ୍ପା:ପୁଷ୍ପ ପ୍ରାୟେ ଗାତ୍ର ॥୪॥
ଆକାଶୁଁ ସକଳ ଦେବେ ପୁଷ୍ପ ବୃଷ୍ଟି କଲେ ।
ଦୁନ୍ଦୁଭି ବଜାଇ ଅପସରା ନୃତ୍ୟ କଲେ ॥୫॥
ଜନମିଲେ ହରିହର ଅବନୀ ଭିତର ।
ଏମନ୍ତ ବୋଲିଣ ଦେବେ କରନ୍ତି ବିଚାର ॥୬॥
ଆନନ୍ଦ-ସାଗରେ କି ମଜ୍ଜିଲା ନବସୃଷ୍ଟି ।
ଏଥୁ ଅନନ୍ତରେ ରସ ଶୁଣ ଗୋ ବମ୍ବୋଷ୍ଠି ॥୭॥
ଅନ୍ତଃପୁର ଦାସୀ ଆସେ ବେଗ ବେଗ ହୋଇ ।
ଦଶରଥ ନିକଟରେ କରଯୋଡ଼ି କହି ॥୮॥
ହରିହର ଚନ୍ଦ୍ରସୂର୍ଯ୍ୟ ପ୍ରାୟେ ଚାରି ପୁତ୍ର ।
ତ୍ରୈଲୋକ୍ୟ ମଣ୍ଡନ ତୁମ୍ଭ କୋଳେ ହେଲେ ଜାତ ॥୯॥
ଶୁଣି ଦଶରଥ ରାଜା ଆନନ୍ଦ ହୋଇଲେ ।
ଦରିଦ୍ରରେ ଧନ ଅନ୍ଧ ଚକ୍ଷୁ କି ପାଇଲେ ॥୧୦॥
ଶୁଣି ସଭାଜନେ ଅତି ଆନନ୍ଦିତ ମନ ।
ଅନ୍ତଃପୁରକୁ ବିଜୟେ କଲେକ ରାଜନ ॥୧୧॥
ପୁତ୍ରଙ୍କର ମୁଖ ଦେଖି ଆନନ୍ଦ ହୋଇଲେ ।
ଧାଇ ପରିବାରଙ୍କି ତକ୍ଷଣେ ଆଜ୍ଞା ଦେଲେ ॥୧୨॥
ଯେଉଁ ରୂପେ ଋଷ୍ୟଶୃଙ୍ଗ କହିଥିଲେ ପୂର୍ବେ ।
ତହୁଁ ଶତେଗୁଣେ ପୁତ୍ରେ ହୋଇଛନ୍ତି ସୈବେ ॥୧୩॥
ଏମନ୍ତ କହିଣ ବହୁ ହରଷ ହୋଇଲେ ।
ବାହାର ଅବକାଶକୁ ସ୍ୱୟେ ବିଜେ କଲେ ॥୧୪॥

ଅନେକ ବ୍ରାହ୍ମଣମାନ ଦଶରଥ ରାଇ ।
ଭଣ୍ଡାରୁ ଅନେକ ଧନ ଅଣାଇ ବୁହାଇ ।।୧୫।।

ବିପ୍ରଙ୍କରେ ଦାନ ଦେଇ ନମସ୍କାର କଲେ ।
ଦେବତାଙ୍କ ଆଗେ ବହୁ -ଧନ ବିଧ୍ୱଂସିଲେ ।।୧୬।।

ବଶିଷ୍ଠଙ୍କୁ ରାଇ ରାଜା ନମସ୍କାର କଲେ ।
ଆନନ୍ଦ ହୋଇଣ ଜନ୍ମ ଲଗ୍ନକୁ ପୁଚ୍ଛିଲେ ।।୧୭।।

ଶୁଭଲଗ୍ନେ ଜାତ ବୋଲି ବଶିଷ୍ଠ କହିଲେ ।
କୁଳ ପବିତ୍ର କରିବେ ଏହୁ ପୁତ୍ରେ ଭଲେ ।।୧୮।।

ଏମନ୍ତ କହି ବଶିଷ୍ଠ ନିଜପୁରେ ଗଲେ ।
ଯେ ବିଧିରେ ପଞ୍ଚୁଆତି ବାର-ରାତ୍ର କଲେ ।।୨୯।।

ଏକବିଂଶ-ଦିନ ଶୁଭେ ପ୍ରବେଶ ହୁଅଇ ।
ବଶିଷ୍ଠ-ଋଷିଙ୍କି ଦଶରଥ ବେଗେ ରାଇ ।।୨୦।।

ନମସ୍କାର କରି ବୋଲେ ଦିଅ ପୁତ୍ର ନାମ ।
ଶୁଣିକରି ଆନନ୍ଦ ହୋଇଲେ ଋଷିଗଣ ।।୨୧।।

ଜ୍ୟେଷ୍ଠ ପୁତ୍ର ରାମଚନ୍ଦ୍ର ଭରତ ତାଙ୍କ ସାନ ।
ସୁଲକ୍ଷଣ ଲକ୍ଷ୍ମଣ କନିଷ୍ଠ ଶତ୍ରୁଘନ ।।୨୨।।

ଚାରିକୁମରଙ୍କୁ ନାମ ଦେଲେ ମହାଋଷି ।
ରାମ ପାଦ ଚିନ୍ତେ ରଘୁନାଥ ଅହର୍ନିଶି ।।୨୩।।

## ରାଗ—ମଙ୍ଗଳଗୁଜ୍ଜରୀ

ଶୀତପକ୍ଷ-ଶଶୀ ପ୍ରାୟୁ ବଢ଼ନ୍ତି ନନ୍ଦନ ।
ଚୂଡ଼ା ଆଦି କର୍ମମାନ କରାଇ ରାଜନ ଯେ ।।୧
ଶସ୍ତ୍ର ଶାସ୍ତ୍ର ସର୍ବ ବିଦ୍ୟାକୁ ପଢ଼ନ୍ତି ।
ସୁମନ୍ତ୍ର ପୁତ୍ରଙ୍କୁ ଘେନି ମୃଗୟା କରନ୍ତି ଯେ ।।୨
ମାରନ୍ତି ଗଣ୍ଡା ଶାର୍ଦ୍ଦୁଳ ହରିଣ ଶୂକର ।
କଣ୍ଠ ଧରି ଦିଅନ୍ତି ନୃପତି ନିକଟର ଯେ ।।୩
ଦେଖି ଦଶରଥ ରାୟେ ଆନନ୍ଦ ହୋଇଲେ ।
ପୁତ୍ରଙ୍କୁ ଧରିଣ ମୁଖେ ଚୁମ୍ବନକୁ ଦେଲେ ଯେ ।।୪
ଏମନ୍ତ ସମୟେ ବିଶ୍ୱାମିତ୍ର ହେଲେ ଆସି ।
ପଥୁ ଦଶରଥ ଘେନିଗଲେ ମହାଋଷି ଯେ ।।୫
ପାଦେ ତାଙ୍କୁ ନମସ୍କାର କଲେ ଅଜଶିଷି ।
ଅଯୋଧ୍ୟାର ବହୁ ଭାଗ୍ୟ ଆଜ ଏକାଦଶୀ ଯେ ।।୬
ଦିବ୍ୟ ଆସନେ ବସାଇ ବୋଲେ ନୃପବର ।
ପବିତ୍ର ହୋଇଲା ମୋର ଅଯୋଧ୍ୟା ନଗର ଯେ ।।୭
କି କାର୍ଯ୍ୟେ ଆସିବା ହେଲେ କହ ମୋ ଆଗର ।
ପୁତ୍ର ଦେଖିବାକୁ ଶ୍ରଦ୍ଧା ହେଲା କି ତୁମ୍ଭର ହେ ।।୮
ଋଷି ବୋଲେ ରାଜ୍ୟକୁ ପାଳନା ଠିକ କରୁ ।
କ୍ଷେ ମୁନି ସବୁ ମୋ ଭଲ ତୁମ୍ଭ ପ୍ରସାଦରୁ ହେ ।।୯

●

## ବଚନିକା

ଶୁଣ ହେ ରାଜନ ଆମ୍ଭେ ଶୁଦ୍ଧ ବନବାସୀ ।
ଯାଗ ଆରମ୍ଭ କରନ୍ତେ ମିଳି ସର୍ବ ଋଷି ।। ୧
ଅସୁରେ ଆସିଣ ତାହା ଭାଙ୍ଗିଲେକ ବଳେ ।
ପଳାଇଲୁ ଋଷିମାନେ ପ୍ରାଣରେ ବିକଳେ ।। ୨
ଅସୁର ବିନାଶ ଅର୍ଥେ ଯୋଗରେ ବସିଲୁ ।
ଧ୍ୟାନବଳେ ତୁମ୍ଭ ଜ୍ୟେଷ୍ଠ-ପୁତ୍ରକୁ ଦେଖିଲୁ ।। ୩

ଶ୍ରୀରାମ ବୋଲି ତୁମ୍ଭର ଯେବଣ କୁମର ।
ଆମ୍ଭର ସଙ୍ଗତେ ତାଙ୍କୁ ଦିଅ ନୃପବର ।। ୪

ଅସୁରଙ୍କୁ ମାରି ରାମ କରାଇବେ ଯାଗ ।
ଦେବଗଣେ ତୋଷ ହେବେ ପାଇ ହବିର୍ଭାଗ ।। ୫

## ଗୀତ

ବଜ୍ର ପତନ ପ୍ରାୟେକ ହୋଇଣ ରାଜନ ।
ଶୋକ ଭରେ ଲୋତେକ ପୂରି ବେନି ନୟନ ଯେ ।।୧

## ବଚନିକା

ଶୁଣ ହେ ବ୍ରହ୍ମମୁନି ରାମ କିଶୋର ବୟସ ।
ଆଜଯାଏ ଛାଡ଼ି ନପାରଇ ଧାତ୍ରୀ ପାସ ।। ୧ ।।

ଜନନୀ ପାଳନେ ରାମ ହୁଅନ୍ତି ତୃପତ ।
ନଜାଣଇ ସଂଗ୍ରାମର କେସନେକ ଗତ ।। ୨ ।।

ତୁମ୍ଭ ଆଜ୍ଞା ପ୍ରମାଣରେ ଆପେ ମୁହିଁ ଯିବି ।
ନିଜ ସୈନ୍ୟ ଘେନି ତୋର ଯାଗ ମୁଁ ରଖିବି ।। ୩ ।।

ଶୁଣି ରାଜା ତୋର ବଳେ ନୁହେ ଦୈତ୍ୟ ମାରି ।
ଇନ୍ଦ୍ର ଆଦି ସୁରେ ଯାକୁ ଛନ୍ତି ଭୟକରି ।। ୪ ।।

ସ୍ୱୟଂ ନାରାୟଣ ଏବେ ଛନ୍ତି ଅବତରି ।
ତାହାରେ ସେ ହୁଅଇ ରାକ୍ଷସ ବଧ କରି ।। ୫ ।।

ମୋହ ସଙ୍ଗେ ରାମଙ୍କୁ ନଦେଲେ ନୃପବର ।
କ୍ରୋଧ ଅନଳେ ଦହିବି ଅଯୋଧ୍ୟା ନଗର ।। ୬ ।।

## ଗୀତ

ଏହା ଶୁଣିଣ ରାଜନ ବଶିଷ୍ଠ ଙ୍କୁ ଚାହିଁ ।
ଦିଅ ରାମ ଋଷିସଙ୍ଗେ କିଛି ଭୟ ନାହିଁ ହେ ।। ୧ ।।

ଶୋକ-ଭର ହୋଇ ରାଜା ରାମଙ୍କୁ ଚାହିଁଲେ ।
ଶିରେ କର ଦେଇ ରାମଚନ୍ଦ୍ର ଚାହୁଁ ଗଲେ ଯେ ।। ୨ ।।

ଅନ୍ତଃପୁର ମଧ୍ୟେ ଯାଇ ପ୍ରବେଶ ହୋଇଲେ ।
ନମସ୍କାର କରି ଜନନୀଙ୍କି ଜଣାଇଲେ ଯେ ।। ୩ ।।

ପିତା ଆଜ୍ଞା ଦେଲେ ବିଶ୍ୱାମିତ୍ର ସଙ୍ଗେ ଯିବି ।
ଲକ୍ଷ୍ମଣ ସହିତେ ଯାଗ ରଖିଣ ଆସିବି ଗୋ ॥ ୪ ॥

ଶ୍ରୀରାମ ମୁଖୁଁ ଏସନ ବଚନଙ୍କୁ ଶୁଣି ।
ମର୍ମାହତ ହୋଇ ଢଳି ପଡ଼ିଲେ ଧରଣୀ ସେ ॥ ୫ ॥

ପ୍ରବୋଧ କରନ୍ତି ତାଙ୍କୁ ରାମଚନ୍ଦ୍ର ରାୟେ ।
ବୋଲେ ରଘୁନାଥ ଦାସ ଚିନ୍ତି ସେହୁ ପାୟେ ॥ ୬ ।

## ରାଗ—ଚକ୍ରକେଦାର

ରାମ ପ୍ରବୋଧନ୍ତେ କଉଶଲ୍ୟା, ଶୋକଆରତେ ନିମଗ୍ନ ହେଲା ।
ତୋତେ ନଦେଖି ପଲକେ କୋଟି ଯୁଗ,
ମୋତେ ମୃତ୍ୟୁ କିମ୍ପାଇଁ ନୋହିଲା ରେ, କୁମର । ୧ ।

କେତେ କେତେ ଗୃହ୍ୟାସ୍ନିଣ କରି, ନାନା ବ୍ରତମାନଙ୍କୁ ଅଚରି
ଋଷିକଲ୍ୟାଣେ ଯାଗଚରୁ ପ୍ରସାଦେ,
ତୋତେ ପାଇଲି ତନୟ କରି ରେ,ଶ୍ରୀରାମ । ୨ ।

ଦୈତ୍ୟ ହତ କରିବା ସାମର୍ଥ୍ୟ, କାଳ ହୋଇନାହିଁ ରଘୁନାଥ ।
ଏହା ଶୁଣି ମୋର ଜୀବ ରହୁନାହିଁ,
କିମ୍ପା କୁଳିଶ ନ ପଡ଼େ ମାଥରେ, କୁମର । ୩ ।

ତୋତେ ନ ଦେଖଇ ଯେବେ ଦଣ୍ଡେ, ପ୍ରାଣ ନରହଇ ମୋର ପିଣ୍ଡେ ।
ତୋର ମୁଖଚନ୍ଦ୍ର ମୋ ନେତ୍ର ଚକୋର,
ଦେଖି ପାତକ ମନରୁ ଖଣ୍ଡେ ରେ, କୁମର । ୪ ।

ଭୁଞ୍ଜି ନ ଜାଣୁ ଆହାର ଭଲେ, କେହ୍ନେ ଯୁଝିବୁ ଦାନବ କୁଳେ ।
ଗଲେ କର ଛନ୍ଦ ନିଦ୍ରା ଯାଉଥାଉ,
କଥା କହି ନ ଜାଣୁ ତୁ ଭଲେ ରେ,କୁମର । ୫ ।

ଏବେ କଷ୍ଟେ ମରିବି ନ ଦେଖି, ବନ୍ଧୁ ଗଲେ ଥିଲା ଏହା ଲେଖି ।
ଏହା ଶୁଣି ମୋର ଧୈର୍ଯ୍ୟ ରହୁନାହିଁ,
ଜୀବ ନେଉଛୁ କେ ପିଣ୍ଡ ରଖିରେ, ଶ୍ରୀରାମ । ୬ ।

## ଗୀତ

ନାନାମତେ କ୍ରୋଧକୁ ଆଚରି, ରାମ ମୂର୍ଦ୍ଧନ ଆଘ୍ରାଣ କରି ।
ଲକ୍ଷ୍ମଣଙ୍କୁ ଘେନି ବାହାର ଶ୍ରୀରାମ,
ମାତା ପାଦେ ନମସ୍କାର କରି ସେ, ଶ୍ରୀରାମ । ୭ ।

ପିତା ପାଦେ ପ୍ରଣିପାତ କଲେ, ବଶିଷ୍ଠାଦ୍ୟ ଋଷିଙ୍କି ନମିଲେ ।
ବନ୍ଧୁ ବନସ୍ଥୀ ବିଶ୍ୱାମିତ୍ର ଋଷିଙ୍କି,
ତାଙ୍କ ସଙ୍ଗତେ ବାହାର ହେଲେ ସେ, କାକୁସ୍ଥ । ୮ ।

ନଦୀ ସରଯୂକୁ ପାରି ହୋଇ, କାମେଶ୍ୱରଙ୍କୁ ଭେଟିଲେ ଯାଇ ।
ସ୍ନାନ ସନ୍ଧ୍ୟା ସାରି ବିଶ୍ୱାମିତ୍ର ଋଷି,
ରାମ ଲକ୍ଷ୍ମଣଙ୍କୁ ବିଦ୍ୟା ଦେଇ, ସେ କାଳରେ । ୯ ।

ବେଦମନ୍ତ୍ର ଶାସ୍ତ୍ରଶସ୍ତ୍ର ଦେଇ, ମୁନି ତହୁଁ ହୃଷ୍ଟମତି ହୋଇ ।
ରଜନୀ ବଞ୍ଚିଲେ ନାନା କଉତୁକେ,
କଥାମାନ ରାମଙ୍କୁ ବୁଝାଇ ସେ ସମସ୍ତ । ୧୦ ।

ପ୍ରଭାତରୁ ଶଯ୍ୟାତେଜି ରାମ, ଋଷି ଚରଣେ କଲେ ପ୍ରଣାମ ।
ନିତ୍ୟକର୍ମ ସାରି ବାହାର ହୋଇଲେ,
ତେଜି କାମେଶ୍ୱରଙ୍କ ଆଶ୍ରମ ସେ, ଶ୍ରୀରାମ । ୧୧ ।

ଗହନ ବନରେ ବେନିଭାଇ, ଋଷି ସଙ୍ଗେ ଯାନ୍ତି ପଥ ବାହି ।
ଶବଦ ଶୁଣିଣ ତାଡ଼କା ଦୈତୁଣୀ,
ଋଷି ସମ୍ମୁଖରେ ମିଳିଲା ଯାଇ ସେ, ରାକ୍ଷସୀ ॥ ୧୨ ॥

ମୁନି ଦେଖି ଅତିଭୟ କରି, ବୋଇଲେ ଏ ପାପିଷ୍ଠ ଅସୁରୀ ।
ଏହିକ୍ଷଣି ଆମ୍ଭଙ୍କୁ ଗ୍ରାସ କରିବ,
ବେଗେ ହତକର ଚାପଧାରୀ ହେ, ଶ୍ରୀରାମ ॥ ୧୩ ॥

ରାମ ବୋଇଲେ ହେ ଗାଧିସୁତ, ସ୍ତ୍ରୀର ବଧ ନୁହଇ ଉଚିତ ।
ନୋହିଲେ ପ୍ରାଣେ କି ଆନ୍ତା ଏ ପାମରୀ,
ଯମଭୁବନେ ହୁଅନ୍ତା ସ୍ଥିତ ହେ, ମହର୍ଷି ॥ ୧୪ ॥

ଋଷି ବୋଇଲେ ହେ ରଘୁବୀର, ଦୁଷ୍ଟଜନେ କିମ୍ପା ଦୟାକର ।
ଋଷି ବିପ୍ର ଗ୍ରାସ କରେ ଏ ପାମରୀ,
ତତକ୍ଷଣରେ ପେଷ ଯମପୁର ହେ, ଶ୍ରୀରାମ ॥ ୧୫ ॥

ସଉମିତ୍ରି ବୋଲେ ଦେବ ଶୁଣ, ଏହୁ ଋଷି ଆଶ୍ରମପୂଣ ।
ଯା କହନ୍ତେ ସର୍ବ ସନ୍ଦେହ ଫିଟିଲା,
ବେଗେ ବଧକର ରଘୁବୀର ହେ, ଶୌଦେବ ॥ ୧୬ ॥

ଋଷିଙ୍କି ଦେଖିଣ ଭଇରୁଣୀ, କ୍ରୋଧଭରେ ଆସେ ଗିରଳୁଣି ।
ବୃକ୍ଷେକ ଉପାଡ଼ ଋଷି ଆଗେ ଉଭା,
ହେଲା କୃତାନ୍ତବେଶ କି ଜାଣି ସେ, ରାକ୍ଷସୀ ॥ ୧୭ ॥

ବିକରାଳ ରୂପ ଦେଖି ତାର, ଭୟେ ଋଷି ହୋଇଲେ କାତର ।
ତତକ୍ଷଣେ ତୂଣରେ ଶର ସନ୍ଧି ରାମ,
ରୋଷେ ବିନ୍ଧିଲେ ତାଡ଼କା ପର ସେ, ଶ୍ରୀରାମ ॥ ୧୮ ॥

ଶର ହୃଦକୁ ଫୁଟି ବାହାର, ରାମ ତୂଣେ ସନ୍ଥାଇ ସତ୍ୱର ।
ଅସୁରୀ ପ୍ରାଣ ଦେବଯାନ ଆରୋହୀ,
ଯାଇ ପ୍ରବେଶ ସେ ଶକ୍ରପୁର ସେ, ସତ୍ୱର ॥ ୧୯ ॥

ଦେଖି ଅତି ହୃଷ୍ଟ ଗାଧିଶିଷି, ଦେବେ ଆକାଶୁ ପୁଷ୍ପ ବରଷି ।
ସିଦ୍ଧ-ବନେ, ଯାଇ ପ୍ରବେଶ ହୋଇଲେ,
ରାମ ଲକ୍ଷ୍ମଣଙ୍କୁ ଘେନି ଋଷି ସେ କାଳରେ ॥ ୨୦ ॥

ଋଷିମାନଙ୍କୁ ଦେଖି ଶ୍ରୀରାମ, ଜଣଜଣଙ୍କୁ କଲେ ପ୍ରଣାମ ।
କଲ୍ୟାଣ କରି ସକଳ ତପସ୍ୱୀ,
ଆରମ୍ଭିଲେ ଯାଗ କରି ହୋମ ସେ, ଋଷିଏ ॥ ୨୧ ॥

ମାରୀଚ ସୁବାହୁ ବେନି ବୀର, ମାତା ମରଣକୁ ଜାଣି ତାର ।
ବେଦମନ୍ତ୍ର ଧ୍ୱନି ଶ୍ରବଣେ ଶୁଣିଣ,
ଘେନି ଅନେକ ସୈନ୍ୟ ସଙ୍ଗର ସେ କାଳରେ ॥ ୨୨ ॥

ଅତି ତରସ୍ତ ହୋଇଣ ଋଷି, ରାମ ଲକ୍ଷ୍ମଣଙ୍କୁ ଗୃହ୍ଣି ଭାଷି,
ଏହିକ୍ଷଣି ଦୈତ୍ୟେ ପ୍ରବେଶ ହୋଇଣ,
ସର୍ବ ଋଷିଙ୍କି ଯିବେ ବିନାଶି ହେ, ଶ୍ରୀରାମ ॥ ୨୩ ॥

ଶୁଣି ଶ୍ରୀରାମ ଲକ୍ଷ୍ମଣ ବେନି, ଧନୁ ଖାଣ୍ଡଶର କରେ ଘେନି ।
ଶର ପ୍ରହାରି ଦୈତ୍ୟଙ୍କ ପ୍ରାଣ ଘେନି,
ବେଗେ ଧାଇଁଲେ ସୁବାହୁ ଚହ୍ନି ସେ, ଶ୍ରୀରାମ ॥ ୨୪ ॥

ଦୈତ୍ୟ ରାମଙ୍କୁ ଶର ପ୍ରହାରି, ବୋଲେ ମାତାକୁ ମୋ ଅଛୁ ମାରି ।।
ବେନଭ୍ରାତଙ୍କୁ ସମରେ ଆଜ ମୁହିଁ,
ବେଗେ ପେଷିବି ଶମନ ପୁରୀ ହେ ଶ୍ରୀରାମ ।। ୨୫ ।।

ରାମ କୋଦଣ୍ଡରେ ଅଗ୍ନି ଶର, ସନ୍ଧି ବାନ୍ଧିଲେ ସୁବାହୁ ପର ।
ଶରବାଜି ଦୈତ୍ୟ ଭସ୍ମ ହୋଇଗଲା,
ଜୀବ ମିଳିଲାତ ସ୍ୱର୍ଗପୁର ହେ, ସୁଜନେ ।। ୨୬ ।।

ତାହା ଦେଖି ମାରୀଚ ସ୍ୱରୂପ, ବେଗେ ଧଇଲା ବୃଷଭ ରୂପ ।।
ହାବୋଡ଼ା ଶରେ ଶ୍ରୀରାମ ଉଡ଼ାବନ୍ତେ,
ଦୂରେ ପଡି ହେଲା ନିଜରୂପ ସେ, ମାରୀଚ ।। ୨୭ ।।

ଦେବେ ଆକାଶୁ ପୁଷ୍ପ ବରଷି, ହରଷକୁ ପାଇ ସର୍ବଋଷି ।
ବିଶ୍ୱାମିତ୍ରଙ୍କ ଆଶ୍ରମେ ଦୁଇଭାଇ,
ସୁଖେ ରହିଲେ ସେଦିନ ନିଶି ସେ, ଶ୍ରୀରାମ ।। ୨୮ ।।

ବିଶ୍ୱାମିତ୍ର ରାମଙ୍କୁ କହନ୍ତି, ମିଥିଳାକୁ ଯିବା ଦାଶରଥି ।
ଜନକ ଘରେ ଶିବଧନୁ ଦେଖିବା,
ତୁମ୍ଭ ତତ୍ତ୍ୱ ଶ୍ରୀରାମ ବୋଲନ୍ତି ହେ, ସୁଜନେ ।। ୨୯ ।।

ରାମ ଅମ୍ବୁଜ ଚରଣ ଦୁଇ, ରଘୁନାଥଦାସ ହୃଦେ ଧ୍ୟାଇ ।
ନିଶି ପ୍ରଭାତେ ବିଶ୍ୱାମିତ୍ର ସଙ୍ଗତେ,
ରାମ ମିଥିଳାକୁ ଯାଜହୋଇ, ସେ କାଳରେ ।। ୩୦ ।।

# ବାଲ୍ୟଲୀଳା

## ରାଗ—ମଙ୍ଗଳଗୁର୍ଜ୍ଜରୀ

ଏଥୁଅନ୍ତେ ବେଳହୋଇ ପ୍ରଭାତୁ ଉଠିଲେ ।
ଋଷିମାନଙ୍କୁ ଯାଇଣ ନମସ୍କାର କଲେ ଯେ ॥ ୧ ॥

ବିଶ୍ୱାମିତ୍ରେ ବୋଇଲେ ବାହନ ହୁଅ ସଜ ।
ମିଥିଳା ଦେଶକୁ ବେଗେ ଯିବା ରାମରାଜ ଯେ ॥ ୨ ॥

ଶୁଣିଣ ଶ୍ରୀରାମ ବେଗେ ସାରି ନିତ୍ୟ କର୍ମ ।
ମୁନି ସଙ୍ଗେ ବାହାରିଲେ ଲକ୍ଷ୍ମଣ ଶ୍ରୀରାମ ଯେ ॥ ୩ ॥

ବିଶ୍ୱାମିତ୍ର ଆଶ୍ରମ ତେଜିଣ ରାମ ଗଲେ ।
ଶ୍ରୋଣିତ ନଗରେ ଯାଇ ପ୍ରବେଶ ହୋଇଲେ ଯେ ॥ ୪ ॥

ଗଉତମ ଙ୍କ ଆଶ୍ରମେ ପ୍ରବେଶ ହୋଇଲେ ।
ପାଷାଣ ଖଣ୍ଡକୁ ଚାହିଁ ଶ୍ରୀରାମ ପୁଚ୍ଛିଲେ ଯେ ॥ ୫ ॥

ବିଶ୍ୱାମିତ୍ର କହି ଗଉତମ ର ଘରଣୀ ।
ଶାପେ ପାଷାଣ ହୋଇଛି ଶୁଣ ରଘୁମଣି ହେ ॥ ୬ ॥

ଶଚୀପତି ଅନୀତିରେ ହେଲା ଏ ବେଭାର ।
ଶୁଣି ରାମ ପାଷାଣରେ ଦେଲେ ଶ୍ରୀପୟର ଯେ ॥ ୭ ॥

ଶାପୁ ପାର ହୋଇ ଦିବ୍ୟ ସ୍ୱରୂପ ଧଇଲା ।
ରାମଙ୍କୁ ଅନେକ ସ୍ତୁତି କଲା ସେ ଅହଲ୍ୟା ଯେ ॥ ୮ ॥

ହେ ରାମ ତୋ ଶ୍ରୀଚରଣରେଣୁକୁ ପାଇଲି ।
କେତେ କୋଟି ଜନ୍ମ ତୋତେ ତପ କରିଥିଲି ହେ ॥ ୯ ॥

ଏ ଚର୍ମ ନୟନେ ମୁଁ ଦେଖିଲି ତୋ ଶ୍ରୀମୁଖ ।
ଆଜୁଁ ଦୂର ଗଲା ମୋର ଜନ୍ମଗତ ଦୁଃଖ ହେ ॥ ୧୦ ॥

ଏମନ୍ତ କହି ଶ୍ରୀରାମ ଶିରେ ଅର୍ଘ୍ୟ ଦେଲା ।
ପ୍ରଦକ୍ଷିଣ କରି ସ୍ୱାମୀ ଆଶ୍ରମକୁ ଗଲା ସେ ॥ ୧୧ ॥

ଗଉତମ ଆଶ୍ରମ ତେଜିଣ ରାମ ଗଲେ ।
ସୁରନଦୀ ତୀରେ ଯାଇ ପ୍ରବେଶ ହୋଇଲେ ଯେ ॥ ୧୨ ॥

ଏଡ଼େ ରାଜାମାନେ ଶୁଣି ହୋଇଲେ ମଉନ ।
ଅଣୋଇଣ କିସ ହେବ ଶିବ ଶରାସନ ହେ ।।୩୪।।

ବିଶ୍ୱାମିତ୍ର ବୋଲେ ରାଜା ଶୁଣ ମୋ ଉତ୍ତର ।
ନିଶ୍ଚୟେ ଧନୁ ଭାଙ୍ଗିବେ ରଘୁକୁଳ ବୀର ହେ ।।୩୫।।

ଶୁଣିଣ ଜନେକ ମାଲମାନଙ୍କୁ ରାଇଲେ ।
ଶିବଶରାସନ ଆଣ ବୋଲି ଆଜ୍ଞା ଦେଲେ ଯେ ।।୩୬।।

ଆଜ୍ଞା ପ୍ରମାଣରେ ବଳବନ୍ତ ମାଲ ଗଲେ ।
ମଞ୍ଜୁଷା ଆଣି ଶ୍ରୀରାମ ଅଗ୍ରତେ ଥୋଇଲେ ଯେ ।।୩୭।।

ଲକ୍ଷ୍ମଣ କନ୍ଧରେ କର ଦେଇ ରଘୁପତି ।
ରାଜାମାନଙ୍କୁ ଅନାଇ ବଚନ ବୋଲନ୍ତି ଯେ ।।୩୮।।

ବାଣା ନାରକାସୁର ଯେ ଆଦ ଯେତେ ବୀର ।
ମହା ଯୋଦ୍ଧାମାନେ ଦେଖି ନମ୍ର କଲେ ଶିର ଯେ ।।୩୯।।

ବଳ ଥିଲେ ଧନୁ ଆମଞ୍ଚନ ଆସି କର ।
ଧନୁଭଗ୍ନ ହେଲେ ଗୋଳ ଆରମ୍ଭ ନ କର ହେ ।।୪୦।।

ରାଜାଏ ବୋଇଲେ ଗାଢ଼ ନ କହ କୁମର ।
ଅଙ୍ଗେ ବଳଥିଲେ ଧନୁ ଆମଞ୍ଚନ କର ହେ ।।୪୧।।

ରାଜାଙ୍କର ବାଣୀ ଶୁଣି ରଘୁକୁଳ ବୀର ।
ମଞ୍ଜୁଷା ପାଶରେ ଉଭା ହେଲେ ତତପର ଯେ ।।୪୨।।

ଲକ୍ଷ୍ମଣ ବୋଲନ୍ତି ଦେବ ନୃପେ ବସିଛନ୍ତି ।
ନମ୍ର ହୋଇ କୋଦଣ୍ଡ ନ ତୋଳ ରଘୁପତି ହେ ।।୪୩।।

ନମସ୍କାର କଲ ପ୍ରାୟ ଦିଶିବ ରାଜାଙ୍କୁ ।
କଳଙ୍କ ହୋଇବ ଆମ୍ଭ ତପନ-ବଂଶକୁ ହେ ।।୪୪।।

ସଉମିତ୍ରି କରେ ରାମ ନିଜ ଧନୁ ଦେଇ ।
ପୁଷ୍ପ ତୋଳିଲା ପରାଏ କରକୁ ବଢ଼ାଇ ଯେ ।।୪୫।।

ମଞ୍ଜୁଷା ଭିତରୁ ଧନୁ ରାଘବ ଆଣିଲେ ।
ଗୁଣ ଦେବାକୁ ପୃଥ୍ୱୀରେ ଧନୁ ଥୁଲ ଦେଲେ ଯେ ।।୪୬।।

ଥର ଥର ହୋଇ ପୃଥ୍ୱୀ ବଚନ ବୋଲଇ ।
ଧନୁଭର ସହ୍ଯ ମୁଁ ନ ପାରେ ରଘୁସାଇଁ ହେ ।।୪୭।।

ଶୁଣି ରାମ ଅଙ୍ଗୁଷ୍ଠିରେ ଥୋଇ ଗୁଣ ଦେଲେ ।
ଆକର୍ଣ୍ଣ ପର୍ଯ୍ୟନ୍ତେ ଟାଣି ବଳ ତା ଜାଣିଲେ ଯେ ।।୪୮।।

ଲକ୍ଷ୍ମଣ ପୃଥ୍ୱୀ ଦେବଙ୍କି ବଚନ ବୋଲନ୍ତି :
ଈଶ୍ୱର-କୋଦଣ୍ଡ ଆମଣ୍ଡିବେ ରଘୁପତି ଯେ ।।୪୯।।

ବାସୁକି ଧରନ୍ତୁ ତୋତେ ସାବଧାନ ହୋଇ ।
ଏଥୁ ଅନନ୍ତରେ ଜନେ ଶୁଣ ମନ ଦେଇ ହେ ।।୫୦।।

ହରଷେ ହର କୋଦଣ୍ଡ ରାମ ଆମଣ୍ଡିଲେ ।
ଇକ୍ଷୁଦଣ୍ଡ ପ୍ରାୟେ କରି ବେନିଖଣ୍ଡ କଲେ ଯେ ।।୫୧।।

କୋଟିପ୍ରାୟେ ବଜ୍ର ପଡିଲା ପ୍ରାୟେ ଧ୍ୱନି କଲା ।
ଯୋଗିଜନଙ୍କର ଧ୍ୟାନ ଅନ୍ତର ହୋଇଲା ଯେ ।।୫୨।।

ଏହିକ୍ଷଣି ନାଶ କି ହୋଇବ ନବସୃଷ୍ଟି ।
ଶ୍ରୀରାମ ଅଙ୍ଗେ ହୋଇଲା କେନ୍ଦପାତ ବୃଷ୍ଟି ଯେ ।।୫୩।।

ଏସନ ସମୟେ ଉଦ୍‌ବେଗେ ଦଶାନନ ।
ଆକାଶ ଦେବଙ୍କୁ ଦେଖି ପୁଚ୍ଛଇ ବଚନ ଯେ ।।୫୪।।

କେବଣ କାରଣେ ଏଥେ କରିଛ ପ୍ରୟାଣ ।
ଏ କିସ ଚରିତ ମୋତେ କୁହ ସୁରଗଣ ହେ ।।୫୫।।

ବିଧାତା ବୋଇଲେ ତୁମ୍ଭେ ଶୁଣ ଦଶଶିର ।
ମିଥିଳାରେ ଧନୁଭଗ୍ନ କଲେ ରଘୁବର ଯେ ।।୫୬।।

ଶୁଣି ମନେ ଭୟ କରିଲା ସେ ଦଶକନ୍ଧ ।
ବାହୁଡି ମନେ ପାଇଁଲା ହେଲା ପରମାଦ ଯେ ।।୫୭।।

ଏଥୁଅନ୍ତେ ଜନକ ଯେ ଅନ୍ତଃପୁରେ ଗଲେ ।
କୁମାରୀ ସୁବେଶ କରି କରେ ମାଳୀ ଦେଲେ ଯେ ।।୫୮।।

ରଘୁନାଥ ପାଦପଦ୍ମେ ଶରଣ ସମ୍ଭାଳ ।
ରଘୁନାଥ ଦାସ ବୋଲେ କି କରିବ କାଳ ଯେ ।।୫୯।।

ଦୂର୍ବାଦଳ ଚମ୍ପା ପ୍ରାୟେ ବେନି ତନୁ ଆଭା ।
ପୁଣ୍ଡରୀକଦଳ ଜିଣି ନୟନର ପ୍ରଭା ଯେ ।। ୬ ।।

ହେମ ମରକତ ସ୍ତମ୍ଭ ଜିଣି ବଶେ ଭୁଜ ।
ଋଷି ପଛେ ରାମ ତାଙ୍କ ପଛରେ ଅନୁଜ ଯେ ।। ୭ ।।

କେ ବୋଲଇ କେଉଁ ଦେଶୁ ହୋଇଲେ ପ୍ରବେଶ ।
କାହା ତନୟ ଏହାଙ୍କ ନାମ ଅଟେ କିସ ହେ ।। ୮ ।।

କେ ବୋଲଇ ଦଶରଥ ଅଯୋଧ୍ୟା ନୃପତି ।
ରାମ ଲକ୍ଷ୍ମଣ ଏ ଦୁହେଁ ତାହାଙ୍କ ସନ୍ତତି ହେ ।। ୯ ।।

ଯାଗ ରଖିବାକୁ ବିଶ୍ୱାମିତ୍ରେ ଆଣିଥିଲେ ।
ଅଗମ୍ୟ ବନରେ ଏହୁ ତାଡ଼କା ମାଇଲେ ହେ ।।୧୦ ।।

ତାଡ଼କା ସୁବାହୁ ମାରି ଯାଗ ରକ୍ଷା କରି ।
ମାରୀଚ ଉଡ଼ାଇ ଗଉତମ-ନାରୀ ତାରି ହେ ।। ୧୧ ।।

ସେବେ ଏ ଅଇଲେ ଦେଖି ଧନୁ ସ୍ୱୟମ୍ବର ।
ବିହି ବା ଘଟାଇ ଅଛି ଜାନକୀର ବର ଯେ ।। ୧୨ ।।

ଶ୍ରୀରାମ ଶ୍ରୀଅଙ୍ଗେ ଦୃଷ୍ଟି ଦେଇଛନ୍ତି ସର୍ବ ।
ଉତ୍କଳ ବେଣ୍ଟ ଯେସନ ଦେଖି ଜନଜୀବ ଯେ ।। ୧୩ ।

ମିଥିଳା ଅଙ୍ଗନା ଅଙ୍ଗେ ଅନଙ୍ଗ ପାଇଲେ ।
ରାମ ଦେଖି ବାରେ ଦେହ ବୁଦ୍ଧି ପାଶୋରିଲେ ଯେ ।। ୧୪ ।।

ଶ୍ରୀରାମ ସେ ପୁର ଦେଖି ବହୁ ପ୍ରଶଂସିଲେ ।
ଜନକ ନଗରେ ଯାଇ ପ୍ରବେଶ ହୋଇଲେ ଯେ ।। ୧୫ ।।

ଜଗତି ଉପରେ ଥାଇ ସୀତା ଦେଲେ ଦୃଷ୍ଟି ।
ରାମ ଶୋଭାକୁ ଅନାଇ ବୋଲନ୍ତି ବିମ୍ବୋଷ୍ଠୀ ଯେ ।। ୧୬ ।।

ଦୂର୍ବାଦଳ ଶ୍ୟାମଳ ସ୍ୱରୂପ ସଖି ଦେଖ ।
ଏ କି ତୋଳି ପାରିବେ ଈଶ୍ୱର କାର୍ମୁକ ଯେ ।। ୧୭ ।।

ସୁନ୍ଦର ନାସିକା ନିନ୍ଦେ ନବତିଳ ଫୁଲ ।
ଜବାପୁଷ୍ପ ଅଧରକୁ ନୋହେ ସମତୁଲ ଯେ ।। ୧୮ ।।

ତ୍ରିଭୁବନକୁ ଜୟ କରିଣ ମାର ବାର ।
ନୟନରେ ରଖିଲା କି ସେ କୁସୁମ-ଶର ଯେ ।। ୧୯ ।

କଷ୍ଟ କର ପ୍ରାୟେ ସଖି ଦେଖ ବାହୁ ବେଳ ।
ଶିବଧନୁ ସତେକି ପାଇବେ ଏହୁ ଘେଳ ଯେ ।। ୨୦ ।।

କି ଜାଣି ବିଧାତା ମୋତେ କି କରିବ ସଖି ।
ଫୁରୁ ଅଛି ଆଜିତ ମୋହର ବାମ ଆଖି ଯେ ।। ୨୧ ।।

ଧନୁଭାଙ୍ଗି ସତେ ମୋତେ ବରିହେବେ ପର ।
କହିବାକୁ ମନ ମୋର ହେଉଅଛି ଡର ଯେ ।। ୨୨ ।।

ଯେମନ୍ତ ଭାଗ୍ୟ କି ପୂର୍ବେ କରିଅଛି ମୁହିଁ ।
ଗଗନଚନ୍ଦ୍ର ଆଣିମି କରକୁ ବଢ଼ାଇ ଗୋ ।। ୨୩ ।।

ଦାରୁଣ ପିଅର ମୋର କଲେ ଗାଢ଼ ସତ୍ୟ ।
ଯେଉଁ ଧନୁ ନ ତୋଳନ୍ତି ଦେବାସୁର ଦୈତ୍ୟ ଯେ ।। ୨୪ ।।

ଏମନ୍ତେ ବୋଲନ୍ତେ ବାମଚକ୍ଷୁ ନୃତ୍ୟଭାବ ।
ସଖୀଯେ ବୋଲନ୍ତି ନିଶ୍ଚେ ଏ ବର ଲଭିବ ଗୋ ।।୨୫।।

ଜନେକ ଅନେକ ତାଙ୍କୁ ଗଉରବ କଲେ ।
ଶ୍ରୀରାମ ଜନେକ ରାଜନଙ୍କୁ ଔଳଗିଲେ ଯେ ।।୨୬।।

ବିଶ୍ୱାମିତ୍ର କହେ ଦଶରଥ ରାଜା-ସୁତ ।
ଯାଗ ରଖି ତାଡ଼କା ସୁବାହୁ କଲେ ହତ ଯେ ।।୨୭।।

ଗଉତମ ଆଶ୍ରମେ ଅହଲ୍ୟା ମୁକ୍ତ କଲେ ।
ଧନୁ ଦେଖିବାକୁ ତୁମ୍ଭ ପୁରକୁ ଆଇଲେ ଯେ ।।୨୮।।

ଜନେକ ବୋଇଲେ ରାଜସଭାକୁ ଅନାଇ ।
ସମସ୍ତ ନୃପତି ବସିଅଛ କାହିଁପାଇଁ ହେ ।।୨୯।।

ଧନୁ ନ ଭାଙ୍ଗି କନ୍ୟାକୁ ନେବ ବୋଲି ଭଲ ।
ଚତୁର୍ଦ୍ଦିଗ-ନୃପତିଏ ହୋଇଅଛ ଠୂଳ ହେ ।।୩୦।।

ଜନକ ଗିର ଶୁଣି ସକଳ ନୃପବର ।
ଅଭିମାନ ପାଇ ସର୍ବେ ନମ୍ର କଲେ ଶିର ଯେ ।।୩୧।।

ବିଶ୍ୱାମିତ୍ର କହନ୍ତି ଜନକ ନୃପବର ।
ଶିବଧନୁ ଆଣିବାକୁ ପେଷ ବେଗେ ଚର ଯେ ।।୩୨।।

ଜନେକ ବୋଇଲେ ତୁମ୍ଭେ ଗାଧିସୁତ ଶୁଣ ।
ଧନୁମଞ୍ଜୁଷା ଅଣାଇ ହେବ କି କାରଣ ହେ ।।୩୩।।

ଶ୍ରୀରାମଙ୍କୁ ବିଶ୍ୱାମିତ୍ର ବୋଇଲେ ବଚନ ।
ଗଙ୍ଗା ଅଛନ୍ତି ଏଥିରେ କରସି ସ୍ନାହାନ ହେ ।। ୧୩ ।।

ଶୁଣି ରଘୁପତି ବୋଇଲେ ହେ ଗାଧିସୁତ ।
ଏତ ସ୍ୱର୍ଗବାସୀ କେଉଁଠୁ ଅଇଲେ ଏ ମର୍ତ୍ତ୍ୟ ହେ ।। ୧୪ ।।

ଶୁଣ ହେ ଶ୍ରୀରାମ ତୁମ୍ଭ ଉପର ବଂଶରେ ।
ଭଗୀରଥ ବୋଲି ଥିଲେ ଏକ ନୃପବରେ ହେ ।। ୧୫ ।।

ବିଷ୍ଣୁଠାରୁ ମାଗି ଆଣି ଅଛନ୍ତି ଏହାଙ୍କୁ ।
ଶୁଣି ବେନି ଭାଇ ହୃଷ୍ଟେ କଲେ ସ୍ନାହାନକୁ ସେ ।। ୧୬ ।।

ଗଙ୍ଗା ପାରି କେମନ୍ତ ହୋଇବା ମୁନିବର ।
ରଘୁନାଥ ଦାସ ଭଜେ ଶ୍ରୀରାମପୟର ହେ ।। ୧୭ ।।

●

## ରାଗ—ଚନ୍ଦ୍ରାକେଦାର

ନାବ ଦେଖିଣ ରଘୁନାୟକ, ଦୂରୁ ଡାକନ୍ତି ଆସ ନାବିକ,
ବେଗେ ଆଣ ତରୀ, ଏ ଗଭୀର ବାରି,
ପାରି ହେବୁ ଆମ୍ଭେ ତିନିଲୋକ ହେ, ନାବିକ ।।୧।।

ଆମ୍ଭେ ଡାକିଲେ କଥା ନକହୁ, କିମ୍ପା ନଶୁଣି ମଉନେ ରହୁ,
ନକହୁ ବଚନ କାଲି ଲୋକ ପରି,
ଅଛୁ ପରାୟେ ନିରେଖି ଗୁହୁଁ ହେ, ନାବିକ ।।୨।।

ଶୁଣି ନାବିକ ଆସେ ତ୍ୱରିତ, ଆସି ମିଳିଲେ ଶ୍ରୀରାମ କତ,
ପାଦେ ପଡ଼ି ଉଠି ଶିରେ କର ଦେଇ,
ବିନୟରେ କଲା ସେ ଭଗତି ଯେ, ନାବିକ । ୩ ।

ଦାସ ବୋଲଇ ହେ ରଘୁପତି, ନାବ ଖାଇବା ମୋହର ବୃତ୍ତି,
ଏଥିଁରୁ ଯାହା ଉପଯୋଗ ମୁଁ କରଇ,
ବଞ୍ଚୁ ସମସ୍ତ କୁଟୁମ୍ବ କତି ହେ, ଶ୍ରୀରାମ । ୪ ।

ସଉମିତ୍ରି ମୁନି ନାବ ପରେ, ଯାଇ ବସିଲେ ଅତି ସନ୍ତୋରେ,
ରାମଙ୍କୁ ଗୁହିଁଣ ଧୀବର କହଇ,
ପାଦ ଧୋଇବି ଏ ଗଙ୍ଗାନୀରେ ହେ, ଶ୍ରୀରାମ । ୫ ।

ଆହେ ରାମ ତୁମ୍ଭ ପାଦଧୂଳି, ଲାଗି ପାଷାଣ ହୋଇଲା ବାଲୀ,
ନପୁଣ ନାବ ମୋ ନାରୀ ହୋଇଗଲେ,
ସରିଯିବଟି ମୋର ସଙ୍ଖାଳି ହେ, ଶ୍ରୀରାମ ॥ ୬ ॥

ରାମ ବଢ଼ାଇ ଦେଲେ ପୟର, ଗଙ୍ଗା ନୀରେ ଧୋଇଲା ସତ୍ୱର,
ଯେଉଁ ପାଦ ନୀର ନ ପାଇ ବିରଞ୍ଚି,
କେଉଁ ଭାଗ୍ୟେ ପାଇଲା ଧୀବର ହେ, ସୁଜନେ ॥ ୭ ॥

ବସନରେ ବେଗେ ପୋଛି ଦେଇ, ମନେ ବିକଳନ୍ତି ପଦ୍ମ ପାରଇ,
ଜଣାଇ ମଣାଇଁ ନେଇ ନାବ ପରେ,
ଧୀରେ ବିଜେ କଲେ ରଘୁସାଇଁ ହେ, ଶ୍ରୀରାମ ॥ ୮ ॥

ବିଶ୍ୱାମିତ୍ର ରାମ ଲକ୍ଷ୍ମଣଙ୍କୁ, ବିଜେ କରାଇ ବାହି ନାବକୁ,
ଧୀରେ ଧୀରେ ନେଇ ତୀରେ ଲଗାଇଲା,
ବହୁ ପ୍ରଶଂସିଲେ ନାବିକକୁ ସେ, ଶ୍ରୀରାମ ॥ ୯ ॥

ନାବୁ ବାହାର କୂଳରେ ହେଲେ, ବିଶ୍ୱାମିତ୍ର ରାମଙ୍କୁ କହିଲେ,
ଯିବା ମିଥିଳାକୁ ଧନୁ ଦେଖିବାକୁ,
ରଘୁନାଥ ଦାସ ଚନ୍ଦ୍ର ବୋଲେ ହେ, ସୁଜନେ ॥ ୧୦ ॥

●

## ରାଗ—ମଙ୍ଗଳଗୁଜ୍ଜରୀ

ଏଥୁ ଅନ୍ତେ ଉଭା ସଉମିତ୍ରି ରଘୁସାଇଁ ।
ମନହୃଷ୍ଟେ ଋଷିଙ୍କି ପ୍ରଶଂସି ବେନଭାଇ ଯେ ॥ ୧ ॥

ରାମ ଲକ୍ଷ୍ମଣଙ୍କୁ ସଙ୍ଗେ ଘେନ ମହାଋଷି ।
ଶିବଧନୁ ଦେଖିବାକୁ ମିଥିଳାକୁ ଆସି ଯେ ॥ ୨ ॥

ପ୍ରବେଶ ହୋଇଲେ ଯାଇ ଜନକ ନଗର ।
ବିଧାତା ସଙ୍ଗରେ ଅଇଲେ କି ହରି ହର ଯେ ॥ ୩ ॥

ମତ୍ତଗଜ ଜିଣି ରାମ ଚାଲିବାର ଗତି ।
ଏକକୁ ଆରେକ ଚାହିଁ ପୁଚ୍ଛନ୍ତି ଯୁବତୀ ଯେ ॥ ୪ ॥

ବାଳ ବୃଦ୍ଧା ଆଦି ଯେତେ ଯୁବତୀ ପୁରୁଷ ।
ରାମ ଶୋଭା ଦେଖିବାରେ ନେତ୍ର ଅନିମେଷ ଯେ ॥ ୫ ॥

## ରାଗ—ବଙ୍ଗଳଶ୍ରୀ

ଜନକ ଋଷି ସୀତାଙ୍କୁ ଘେନି ଆସି,
ଶ୍ରୀରାମ ନିକଟେ କଲେ ।
ଧରି କରିବା ବର୍ଣ୍ଣମାଳା ଦେଇଣ,
ରାମଙ୍କୁ ବରଣ କଲେ ॥୧॥

ଦୁଇ ଚକ୍ଷୁଯାକ ହୋଇବାରୁ ଏକ,
ସୁଖ ତହିଁ ଜାତ ହେଲା ।
ଚାତକ ତୃଷୀକି ମୁଖରେ କି ଅବା,
ବାରି ପତନ ହୋଇଲା ॥୨॥

ଭ୍ରମରେ କରି ମଧୁକର ଆଶା କି,
କଞ୍ଜପଦ୍ମକୁ ଚୁମ୍ବିଲା ।
କ୍ଷୁଦ୍ର ନିଶାରେ ଚକୋର ଆସି ଅବା,
ପୂର୍ଣ୍ଣିମା ଚନ୍ଦ୍ର ଦେଖିଲା ॥୩॥

ବରଣ ରାମଙ୍କୁ କରାଇ ଜନକ,
ପୁରେ ସୀତା ବେଶ କଲେ ।
ବହୁ ଭୃତ୍ୟ ନାରୀ ନବରଙ୍ଗ ମଣ୍ଡିଣ,
ବିଭା ବିଧି ଆରମ୍ଭିଲେ ॥୪॥

### ଜନକ ବଚନକା

ଇକ୍ଷ୍ୱାକୁ କୁଳମଣ୍ଡନ ଅଟ ରଘୁମଣି ।
ଧନ୍ୟ ହୁଅ ଆଜ ତୁମ୍ଭେ ଏ ମୋର ଦୁଲଣୀ ॥

### ଶ୍ରୀରାମ ବଚନକା

ଶୁଣ ହେ ଜେମୁନ ମିଥିଳାର ନରନାଥ ।
ମୋହର ପିଅର ଯେ ଅଟନ୍ତି ଦଶରଥ ॥୧

ଅନେକ କଷ୍ଟରେ ସେ ଯେ ମୋତେ ଲଭିଅଛି ।
ବଶହେବ ମୁଁ କେମନ୍ତେ ତାହାଙ୍କୁ ନ ପୁଛି ॥୨

## ଗୀତ

ଜନେକ ଶୁଣିଣ ଆନନ୍ଦ ହୋଇଣ,
ସତ୍ୟାନନ୍ଦକୁ ରାଇଲେ ।
ଅଯୋଧ୍ୟାକୁ ଯିବ ରାଜାଙ୍କୁ କହିବ,
ସତ୍ୱରେ ଆସ ବୋଇଲେ ହେ ।।୩

ସତ୍ୟାନନ୍ଦ ଶୁଣି କହି ରଘୁମଣି,
ଯାଉଛୁ ଅଯୋଧ୍ୟା ମୁହିଁ ।
ଲକ୍ଷ୍ମଣ ବୋଲନ୍ତି ଶୁଣ ରଘୁପତି,
ଲେଖ ଲେଖ ନରସାଇଁ ହେ ।।୪

ପତ୍ରିକା ଲକ୍ଷ୍ମଣ ତାଙ୍କ କରେ ଦେଇ,
ଯାଅ ଅଯୋଧ୍ୟା ବୋଇଲେ ।
ଆମ୍ଭର ବିନତି କହି ନୃପତିଙ୍କି,
ଶୁଣି ମେଲାଣି ହୋଇଲେ ସେ ।।୫

ତତକ୍ଷଣେ ଅଯୋଧ୍ୟାକୁ ଆସି-
ଦଶରଥ ନିକଟେ ମିଳିଲେ ।
ଦେଖି ନରସାଇଁ ନମସ୍କାର କରି,
ଆସନରେ ବସାଇଲେ ସେ ।।୬

## ସତ୍ୟାନନ୍ଦ ବଚନିକା

ଶୁଣ ରାଜା ସତ୍ୟାନନ୍ଦ ନାମ ଅଟେ ମୋର ।
ପେଷିଲେ ମିଥିଲାରୁ ଜନେକ ରଘୁବୀର ।।

## ଦଶରଥ ବଚନିକା

କହ କହ ମୁନି ରାମ ଛନ୍ତି ମୋର କାହିଁ ।
ତୃପତି କର ମୋତେ ଶ୍ରୀରାମ କଥା କହି ।।

## ସତ୍ୟାନନ୍ଦ ବଚନିକା

ଶୁଣ ରାଜା ବିଶ୍ୱାମିତ୍ର ସଙ୍ଗେ ରାମ ଗଲେ ।
ତାଡ଼କା ସୁବାହୁ ମାରି ଯାଗକୁ ରଖିଲେ ।।

ମୋହ ମାତା ଅହଲ୍ୟା ପାଷାଣ ହୋଇଥିଲେ ।
ଶ୍ରୀରାମ ପାଦ ଲାଗି ସେ ମୁକତ ହୋଇଲେ ।।

ତହୁଁ ଶ୍ରୀରାମଙ୍କୁ ଘେନି ବିଶ୍ୱାମିତ୍ର ଗଲେ ।
ମିଥିଳା ଦେଶରେ ଶିବଧନୁ ଦେଖାଇଲେ ।।

ଯେଉଁ ଧନୁ ଦେବାସୁରେ ତୋଳି ନ ପାରନ୍ତି ।
ତାହା ବେନିଖଣ୍ଡ କଲେ ରଘୁକୁଳପତି ।।

ଦେଖି ଜନେକ ରାଜନ ଆନନ୍ଦ ହୋଇଲେ ।
ବିଭାବିଧି ଅରମ୍ଭିଣ ରାମଙ୍କୁ କହିଲେ ।।

ଶୁଣିଣ ଶ୍ରୀରାମଚନ୍ଦ୍ର ତାହା କଲେ ନାସ୍ତି ।
ପିତା ନ ଜାଣିଲେ ବିଭା ନୋହିବ ବୋଲନ୍ତି ।।

ଶୁଣିଣ ଜନେକ ମୋତେ ଶୀଘ୍ର ପଠାଇଲେ ।
ସମସ୍ତ କହି ରାଜାଙ୍କୁ ଆଣ ଆଜ୍ଞା ଦେଲେ ।।

●

## ଗୀତ

ଏହା କହି ଚିଠାଉକୁ ବେଗେ ଦେଇ,
ସୁମନ୍ତ ସବୁ ପଢ଼ିଲେ ।
ସମସ୍ତ ଉଦନ୍ତମାନ କହି ତାଙ୍କୁ,
ସତ୍ୱରେ ଆସ ବୋଇଲେ ହେ ।।୧

ଶୁଣି ଦଶରଥ ରାଜ୍ୟେ ପୁଲକିତ,
ନେତ୍ରୁ ଅଶ୍ରୁ ଜାତ କଲେ ।
ଚତୁରଙ୍ଗ ସୈନ୍ୟ ସାଜ ହେ ବହନ,
ସୁମନ୍ତ୍ରଙ୍କୁ ଆଜ୍ଞା ଦେଲେ ସେ ।।୨

ଭ୍ରତ ଶତ୍ରୁଘନ ଘେନିଣ ରାଜନ,
ସୁଖାସନେ ବିଜେ କଲେ ।
ବାଦ୍ୟ ନାଦ କରି ବିଜେ ଦଣ୍ଡଧାରୀ,
ନାରୀ ହୁଳହୁଳି ଦେଲେ ଯେ ।।୩

ଚତୁରଙ୍ଗ ସୈନ୍ୟ ଘେନଣ ବହନ,
ମିଥିଳାକୁ ବାହାରଲେ ।
ସମସ୍ତ ରାଣୀଙ୍କି ଘେନିଆସ ବୋଲି,
ବଶିଷ୍ଠଙ୍କୁ ଆଜ୍ଞା ଦେଲେ ସେ ॥ ୪

ବଶିଷ୍ଠଋଷି ବହନ ଘେନିଆସି,
ରାଜାଙ୍କ ନିକଟେ ହେଲେ ।
ପଞ୍ଚ ଦିବସରେ ମିଥିଳା ଦେଶରେ,
ପ୍ରବେଶ ଯାଇ ହୋଇଲେ ସେ ॥ ୫

ଦଶରଥ ରାଜେ ପ୍ରବେଶ ହୋଇବା,
ଶୁଣିଣ ଜନେକ ଋଷି ।
ବିଶ୍ୱାମିତ୍ରଙ୍କୁ ସଙ୍ଗତେ ଘେନିଆସି,
ଭେଟହେଲେ ଅଜଶିଷି ଯେ ॥ ୬

ଦେଖି ନରପତି ହରଷରେ ଉଠି,
ନମସ୍କାର ତାଙ୍କୁ କଲେ ।
ଜନେକଋଷି କଲ୍ୟାଣ କରି ତାଙ୍କୁ,
କୁଶଳ ବାର୍ତ୍ତା ପୁଚ୍ଛିଲେ ଯେ ॥ ୭

ଶ୍ରୀରାମ ଲକ୍ଷ୍ମଣ ଆସିଣ ବହନ,
ପିତାଙ୍କୁ ଦର୍ଶନ କଲେ ।
ମାତାଙ୍କୁ ଶ୍ରୀରାମ ନମିଲେ ତକ୍ଷଣ,
ଯେଝା ମାନ୍ୟ ଧର୍ମ କଲେ ଯେ ॥ ୮

ବୋଲନ୍ତି ଦଶରଥ ମୋ ପୁରୁଷାର୍ଥ,
ତୁମ୍ଭରେ ପ୍ରାପତି ହେବ ।
ସୂର୍ଯ୍ୟବଂଶରେ ନୃପତି ମାନଙ୍କର,
ଭାଗ୍ୟ ଏଠାରେ ଦିଶିବ ଯେ ॥ ୯

ଜନେକ ଅନେକ ହରଷ ହୋଇଣ,
ଦିବ୍ୟପୁର ତାଙ୍କୁ ଦେଲେ ।
ସମସ୍ତ ରାଣୀମାନଙ୍କୁ ଘେନି ରାଜେ,
ସେ ପୁରେ ବିଜୟ କଲେ ଯେ ॥ ୧୦

ସମସ୍ତ ସୈନ୍ୟଙ୍କୁ ଅନୁରୂପ କରି,
ପୁରମାନ ତାଙ୍କୁ ଦେଲେ ।

ସତ୍ୟାନନ୍ଦଙ୍କୁ ପଠାଇଣ ସମସ୍ତ—
ଚରଗ୍ଣ ମାନ ବହିଲେ ଯେ ॥ ୧୧
ନିତ୍ୟକର୍ମ ସାରି ବେଗେ ଦଣ୍ଡଧାରୀ,
ବଶିଷ୍ଠଙ୍କୁ ଡକାଇଣ ।
ଯୋଗଲଗ୍ନ ତିଥି ବୁଝି ହେ ବହନ,
ସତ୍ୟାନନ୍ଦଙ୍କୁ ରାଇଣ ହେ ॥୧୨
ଶୁଣିଣ ବହନ ଅହଲ୍ୟାନନ୍ଦନ,
ଜନେକଙ୍କୁ ଜଣାଇଲେ ।
ମିଥିଳା ରାଜନ ସତ୍ୱର ହୋଇଣ,
ନଗ୍ରପୁର ମଣ୍ଡାଇଲେ ଯେ ॥ ୧୩
ସୀତାଙ୍କୁ ଦେଖୁଣି ହେବ ଏହିକ୍ଷଣି,
ବଶିଷ୍ଠଋଷି କହିଲେ ।
ସତ୍ୟାନନ୍ଦଙ୍କୁ ପଠିଆଇ ସେଠାକୁ,
ଦଶରଥଙ୍କୁ ଆଣିଲେ ଯେ ॥ ୧୪
ବଶିଷ୍ଠ ବିଶ୍ୱାମିତ୍ର ଆଦି ସମସ୍ତ—
ଋଷିମାନେ ତହିଁ ବସି ।
ବେନିରାଜାଙ୍କର କୁଳ କର୍ମମାନ,
କହି ଦୁଇ ମହାଋଷି ଯେ ॥ ୧୫
ତଦନ୍ତେ ଦିବ୍ୟବେଶ କରି ସଖୀକୁ,
ଜାନକୀଙ୍କୁ ଅଣାଇଲେ ।
ସମସ୍ତ ଶୋଭା ଠୁଳ ହୋଇଣ ଅବା,
କନ୍ୟାରୂପେ ଜନମିଲେ ସେ ॥ ୧୬
ଅଲଙ୍କାର ବାସ ଦେଇ ଦଶରଥ,
ଦେଖୁଣି ବିଧି ସାରିଲେ ।
ଆଜି ଅଧିବାସ କାଲି ହେବ ବିଭା,
ବଶିଷ୍ଠ ଋଷି କହିଲେ ଯେ ॥ ୧୭
ଏମନ୍ତ ନିର୍ଣ୍ଣୟ କରି ସଭାଭଙ୍ଗି,
ଯେ ଯାହା ପୁରକୁ ଗଲେ ।
ରଘୁନାଥ ଦାସ ମନରେ ହରଷ,
ରାମପାଦ ଚିନ୍ତି ବୋଲେ ଯେ ॥ ୧୮

# ଦୁତ୍ୟଦନ ନାଟ

## ରାଗ—କେଦାର କାମୋଦୀ

ଭାବହେ ସୁଜ୍ଞଜନେ ଶ୍ରୀରାମ ଚରଣ ।
ଆଜ ହୋଇବ ଯେଉଁ ଚରିତ ଶୁଣ ହେ ।
ଶ୍ରୀରାମ ଅଧିବାସ ବେଶକୁ ହୋଇ ।
ଜନେକ ପୁରେ ବିଭା ହୋଇବେ ଯାଇ ହେ ॥ ୧

ଶୁଭେ ଶ୍ରୀରାମ-ସୀତା ବିଭା ସରିବ ।
ତଦନ୍ତେ ରାମ ପଞ୍ଚୁଗ୍ରାସୀ ହୋଇବ ଯେ ।
ମଧୁଶେଯ୍ୟାରେ ବହ୍ନି ନିୟମ ସାରି ।
ନିଶି ପ୍ରଭାତେ ଫିବେ ଅଯୋଧ୍ୟା ପୁରୀ ଯେ ॥ ୨

ଦଶରଥ ନିକଟେ ଜନେକ ଦିବେ ।
ଦୋହିତାକୁ ସମର୍ପି ଶୋକ କରିବେ ଯେ ।
ପ୍ରବୋଧି ତାଙ୍କୁ ଦଶରଥ ରାଜନ ।
ଅଯୋଧ୍ୟା-ପୁରକୁ କରିବେ ଗମନ ଯେ ॥ ୩

ସୈନ୍ୟ ସମ୍ଭବେ ପୁତ୍ରବଧୂ ସହିତେ ।
ଶୁଭେ ଚଳିବେ ରାୟେ ହରଷ ଚିତ୍ତେ ଯେ ।
ଶବଦ ଶୁଣି ପ୍ରଶୁଧର ଆସିବେ ।
ଶ୍ରୀରାମ ଦେଖି ତାଙ୍କ ଗର୍ବ ନାଶିବେ ଯେ ॥ ୪

ଜାନକୀ ମାନ ରାମ କରିବେ ଦୂର ।
ପିତା ସଙ୍ଗେ ଆସିବେ ଅଯୋଧ୍ୟା ପୁର ଯେ ।
ନିଜ ନଗରେ ଶୁଭେ ପ୍ରବେଶ ହେବେ ।
ଅଜା ଘରକୁ ଭରତ ଶତ୍ରୁଘ୍ନ ଯିବେ ଯେ ॥ ୫

ଏମନ୍ତେ କିଛୁଦିନ ଗଲା ଉତ୍ତାରେ ।
ରାଜା ଭାଳିବେ ମନ୍ତ୍ରୀଗଣ ସଙ୍ଗରେ ଯେ ।
ରାମଙ୍କୁ ରାଜ୍ୟ ଦେବା ମୂଳ କରିବେ ।
ମନ୍ଥରା ମୁଖୁ ଭରତ ମାତା ଶୁଣିବେ ଯେ ॥ ୬

ସତ୍ୟ କରାଇ ରାଣୀ ମାଗିବେ ବର ।
ଏ ପୁରେ ରାଜା ହେବେ ମୋର କୁମର ଯେ ।

ବନେ ରାମ ଚଉଦ ବରଷ ଯିବେ ।
ରାମ ନ ମାଡ଼ି ବନବାସରେ ଥିବେ ଯେ ॥ ୭

ଶୁଣି ରାଜନ ମୋହଗତ ହୋଇବେ ।
ଏହା ଶୁଣି ଶ୍ରୀରାମ ବନକୁ ଯିବେ ଯେ ।
ସଙ୍ଗେରେ ବାହାରିବେ ସୀତା ଲକ୍ଷ୍ମଣ ।
ରଥେ ବସାଇ ମନ୍ତ୍ରୀ ଯିବେ ତକ୍ଷଣ ଯେ ॥ ୮

ଅଯୋଧ୍ୟା ଲୋକେ ସଙ୍ଗେ ଗୋଡ଼ାଇ ଯିବେ ।
ନ କହି ରାମ ଗଙ୍ଗାତଟେ ମିଳିବେ ଯେ ।
ଗୁହ ଶବର ସଙ୍ଗେ ହୋଇବେ ଭେଟ ।
ପ୍ରଭାତେ ବଟକ୍ଷୀରେ ବାନ୍ଧିବେ ଜଟ ଯେ ॥ ୯

ମିତ୍ର ଅଗ୍ରତେ ସର୍ବ ବିଧାନ କହି ।
ଭରଦ୍ୱାଜ ଆଶ୍ରମେ ମିଳିବେ ଯାଇ ଯେ ।
ଆଜ ନାଟ ହୋଇବ ଏଠାରୁ ଶେଷ ।
ଏ ରସେ କହଇ ରଘୁନାଥ ଦାସ ଯେ ॥ ୧୦

●

ରାଗ—**କଳସା**

ମନ ଦେଇ ସୁଜ୍ଞଜନେ ଶୁଣ ରାମରସ ।
ଜନକ ନଗରେ ସୀତା ରାମ ଅଧିବାସ ଯେ ॥ ୧

ରତ୍ନ ବସ୍ତ୍ରରେ ମଣ୍ଡପ ମଣ୍ଡଣିକା କଲେ ।
କଳସ ମାନଙ୍କେ ନେତ ଚରାଳ ବାନ୍ଧିଲେ ଯେ ॥ ୨

ନଗି ଅବଶେଷେ ସର୍ବ ସୁଲକ୍ଷଣୀ ନାରୀ ।
ହୋମ କଳସକୁ ଧରି ଗଲେ ପାଣି ତୋଳି ଯେ ॥ ୩

ହୁଳହୁଳି ଦେଇ ଗୀତ ମାନଙ୍କୁ ଗାଇଲେ ।
ଦ୍ୱାରେଦ୍ୱାରେ ବୁଲି ଶୁଦ୍ଧ ଜଳକୁ ଆଣିଲେ ଯେ ॥ ୪

ରାମ ଆଉଁ ରାଘବଙ୍କୁ ସ୍ନାନ କରାଇଲେ ।
ସୁଗନ୍ଧ ଦେଇଣ ଅଙ୍ଗେ କୁଙ୍କୁମ ଲେପିଲେ ଯେ ॥ ୫

ପୁଣି ସୁବାସିତ ଜଳେ ଶ୍ରୀଅଙ୍ଗ ପଖାଳି ।
ସରୁ ଝୀନବସ୍ତ୍ର ଘେନ ପୋଛିଲେକ ବାଳୀ ଯେ ॥ ୬

ରତ୍ନପୀଢ଼ା ପରେ ଆଣି ଉଭା କରାଇଲେ ।
ନବରତ୍ନ ଜରିପାଟ ଯତ୍ନେ ପିନ୍ଧାଇଲେ ଯେ ॥ ୭

ତୁରଙ୍ଗ ସୁବେଢ଼ା ତାଙ୍କୁ ବେଢ଼ାଇଲେ ନେଇ ।
ନାନା ଅଳଙ୍କାର ମାନ ଶ୍ରୀଅଙ୍ଗେ ଲଗାଇ ଯେ ॥ ୮

ଦୁଲାଦୁଲି ଦେଇ ରତ୍ନ କଠାଉକୁ ଦେଲେ ।
ପହସ୍ତେ ମଣୋଇଁ ଆଣି ସୀତା ପାଶେ ନେଲେ ଯେ ॥ ୯

କପାଳେ ସିନ୍ଦୁର ନେତ୍ରେ କଜଳକୁ ଦେଲେ ।
ଚନସାର କର୍ପୂରକୁ ଅଙ୍ଗରେ ବୋଳିଲେ ଯେ ॥ ୧୦

ନାନା କୁସୁମରେ ସେ ଶ୍ରୀମୂର୍ତ୍ତି ଶୋଭାପାଏ ।
ଦଧି ଅନ୍ନ ଭୁଞ୍ଜାଇଲେ ଶ୍ରୀରାମଙ୍କୁ ମାୟେ ଯେ ॥ ୧୧

ଠିକ କରି ପାଗ ରାମମସ୍ତକେ ବାନ୍ଧିଲେ ।
ରତ୍ନମୁକୁଟ ତହିଁର ଉପରେ ଖଞ୍ଜିଲେ ଯେ ॥ ୧୨

କନିଷ୍ଠ ତିନିଭାଇଙ୍କି ଏହି କ୍ରମେ କଲେ ।
ଅନୁକୂଳ ଆସି ପଞ୍ଚଯୋଗୀ ଜଣାଇଲେ ଯେ ॥ ୧୩

ଶୁଣି ଦଶରଥ ସୈନ୍ୟ ସଞ୍ଚାରକୁ କଲେ ।
ଆପଣେ ସୁବେଶ ହୋଇ ହସ୍ତୀ ଆରୋହିଲେ ଯେ ॥ ୧୪

ବଶିଷ୍ଠ ସହିତେ ବିଶ୍ୱାମିତ୍ର ଋଷି ଆସି ।
ଆଗରେ ବାହାର ହେଲେ ସୁଖାସନେ ବସି ଯେ ॥ ୧୫

ଶ୍ରୀରାମ ଲକ୍ଷ୍ମଣ ଭରତ ଶତ୍ରୁଘନ ଚାରି ।
ରତ୍ନ ରଥବରେ ବସି ପୁଷ୍ପଧନୁ ଧରି ଯେ ॥ ୧୬

ଯଥା ପଟୁଆରେ ରାମଚନ୍ଦ୍ର ବିଜେ କଲେ ।
ସାନ ଭାଇଭାଇ ତାଙ୍କ ପାରୁଶେ ରହିଲେ ଯେ ॥ ୧୭

ବରୁଣ ପୁରକୁ ଲକ୍ଷ୍ମୀ ବିଭା ଅର୍ଥେ ଅବା ।
ନାରାୟଣ ବିଜେ ପ୍ରାୟେ ଶ୍ରୀରାମର ଶୋଭା ଯେ ॥ ୧୮

ବାଦ୍ୟମାନ ବାଜିବାରେ କୁରୁମ ଉଚ୍ଛୁଳି ।
ସୈନ୍ୟର ଗହଳେ ଧନ ନୋହେଁ ପରକଳି ଯେ ॥ ୧୯

ଜନେକ ନଗରେ ଯାଇ ପ୍ରବେଶ ହୋଇଲେ ।
ବାଟରେ ବରଣ ଋଷି ଶ୍ରୀରାମଙ୍କୁ କଲେ ଯେ ॥ ୨୦

ଶ୍ରୀରାମ ମସ୍ତକେ ମୁନି ଶ୍ରୀଫଳ ଲଗାଇ ।
ଗଳେ ବରମାଳା ଦେଇ ହେଲେ ନଉତ୍ଫୁଲ୍ଲି ଯେ ॥ ୨୧

ଲଲାଟେ ସିନ୍ଦୁର ନେଏ କଙ୍କଲକୁ ଦେଲେ ।
ଜନେକ ରାଘବ କର ଧରି ଘେନିଗଲେ ଯେ ॥ ୨୨

ଏହିରୂପେ ବରଣ କନିଷ୍ଠ ଭ୍ରାତା ହେଲେ ।
ଜନେକ ଶ୍ରୀରାମ ହାତ ଧରି ଘେନିଗଲେ ଯେ ॥ ୨୩

କନକ ବେଦୀ ଉପରେ ବସାଇଲେ ନେଇ ।
ବରଣ ପୂଜାକୁ କଲେ ବଶିଷ୍ଠେ ବସାଇ ଯେ ॥ ୨୪

ବେଦ୍ରିକା ବରଣ କରି ମାତୃ ପୂଜା କଲେ ।
ଦେଶ-କାଳ-ବାକ୍ୟରେ ସଙ୍କଳ୍ପ କରାଇଲେ ଯେ ॥ ୨୫

ବଶିଷ୍ଠଙ୍କ ବଚନେ ସମସ୍ତ ବିଧି କଲେ ।
ସୁବର୍ଣ୍ଣର କୁଣ୍ଡେ ରାମ ପାଦକୁ ଧୋଇଲେ ଯେ ॥ ୨୬

ଯେଉଁ ପାଦ ଧୋଇ ଲକ୍ଷ୍ୟ ନ ପାନ୍ତି ବରଞ୍ଚି ।
ଜନେକ ଧଉତ କଲେ ପୂର୍ବ ଭାଗ୍ୟ ସଞ୍ଚି ଯେ ॥ ୨୭

ଆହ୍ନିକ ସାରି ବହୁଧାରା ତହିଁ ଦେଲେ ।
ଲବଟ ଚଉଁସ୍ତି ଅର୍ଥେ କନ୍ୟାକୁ ଆଣିଲେ ଯେ ॥ ୨୮

ଯୁବତୀ ସମୂହ ମଧ୍ୟେ ଆସି ମଇଥିଲୀ ।
ରାମ ପରେ ପକାଇଲେ ତଣ୍ଡୁଳ ଅଞ୍ଜଳି ଯେ ॥ ୨୯

ବାହୁଡ଼ିଣ ନିଜ ପୁରେ ହୋଇଲେ ପ୍ରବେଶ ।
ପୁର୍ବ ବେଦ୍ରିକାକୁ ବଜେ ହୋଇଣ ସୁବେଶ ଯେ ॥ ୩୦

ବର ବରଣ ସାରି କନ୍ୟା ବରଣ କଲେ ।
ତଣ୍ଡୁଳ ଶ୍ରୀଫଳ କରେ ଦେଇଣ ଆଣିଲେ ଯେ ॥ ୩୧

ବେଦୀ ପରେ ରାମ ଦଶରଥ କୋଳେ ବସି ।
ଜନକଙ୍କ କୋଳରେ ମୁଖ ପୋଡି ସୀତା ବସି ଯେ ।। ୩୨

ବଶିଷ୍ଠ ଜାବାଲୀ ବାମଦେବ ଋଷି ଆଦି ।
ମହାବାକ୍ୟ ବେଦମାର୍ଗେ କଲେ ସର୍ବ ବିଧି ଯେ ।। ୩୩

ରାଘବ ଶ୍ରୀକର ଜାନକୀର କରେ ଦେଲେ ।
କୁଶରଜ୍ଜୁ ଘେନି ମୁନି ବନ୍ଧନ କରିଲେ ଯେ ।। ୩୪

ଜନକ ଶଙ୍ଖରେ ଗଙ୍ଗାଜଳକୁ ପୂରାଇ ।
ଶ୍ରୀରାମ ଶ୍ରୀକରେ ଜଳ ସମର୍ପିଲେ ନେଇ ଯେ ।। ୩୫

କନ୍ୟାଦାନ ଦେଇ ନାନା ଯଉତୁକ ଦେଲେ ।
କୁମାରୀ ଗୋଟିଏ ସେ ବନ୍ଧନ ଫେଡି ଦେଲେ ଯେ ।। ୩୬

ଏହି ରୂପେ ଲକ୍ଷ୍ମଣ ଭରତ ଶତ୍ରୁଘନ ।
ଶୁଭ ଯୋଗେ ବିଭାମାନ ହୋଇଲା ସମ୍ପୂର୍ଣ୍ଣ ଯେ ।। ୩୭

ସେହି ଦିନ ଶ୍ରୀରାମ ସୀତାୟା ହେଲେ ଏକ ।
ଲାଜହୋମ ଆଦି କଲେ ବେନି ମୁନି ଯାକ ଯେ ।। ୩୮

ସେ ବରକନ୍ୟାଙ୍କ ବିଭା ଛାନ୍ଦରେ ଚଢାଇ ।
ରଘୁନାଥ ଦାସ ଏହା ଛାନ୍ଦରେ ଗାଇଲା ଯେ ।। ୩୯

## ରାଗ—ଆହାରୀ

ଅପୂର୍ବ ରସ, ବିଭା ହୋଇଲା ଶେଷ ।
ଜନକ ନଗରେ ବରକନ୍ୟା ପ୍ରବେଶ ।। ୧ ।।

ଜୁଆ ଖେଳାଇ, ମନେ ହରଷ ହୋଇ ।
ବନ୍ଦାପନା କଲେ ନାନା ବିଧିରେ ତହିଁ ।। ୨ ।।

ଗୀତ ଗାଇଲେ, ହୁଳହୁଳିକୁ ଦେଲେ ।
ସଜନୀମାନେ ବହୁତ ତମାଲି କଲେ ।। ୩ ।।

ବର କନ୍ୟାଙ୍କ ପାଇଁ, ଅନ୍ନ ବାଢନ୍ତି ତହିଁ ।
ମେଷ୍ଟାନ ପିଷ୍ଟକ ନାନା ବିଧିରେ ଦେଇ ।। ୪ ।।

ଜନକ ରାଣୀ, ସର୍ବ ପରଶେ ଆଣି ।
ଭୋଜନେ ସନ୍ତୋଷ ହେଲେ କୋଦଣ୍ଡପାଣି ॥ ୫ ॥

ଆଚମନ ସାରଲେ, ତାମ୍ବୂଳାଦି ଭୁଞ୍ଜିଲେ ।
ମଧୁଶଯ୍ୟା ଘରେ ଯାଇ ପ୍ରବେଶ ହେଲେ ॥ ୬ ॥

ମନ୍ଦିର ଶୋଭା, ବଚନେ କି କହିବା ?
ଅମରପୁର ପରାୟେ ଦିଶଇ ଶୋଭା ॥ ୭ ॥

ରତ୍ନରେ କର, ଚନ୍ଦ୍ର ଉଦୟେ ପର ।
ରଘୁନାଥ ଦାସ କହେ ରାମସୁମର ॥ ୮ ॥

●

## ରାଗ—ମଙ୍ଗଳଗୁଜ୍ଜରୀ

ଦନ୍ତୀଦନ୍ତ-ପଲଙ୍କେ ହଂସତୁଳୀ ତୁଳୀ ପାର ।
ନାଗେଶ୍ୱର କେଶରେ ମୁଚୁଳୀ ଛନ୍ତି କରି ଯେ ॥ ୧

ଯାଇପୁଷ୍ପ ପାଖୁଡ଼ାକୁ ବାଣ୍ଟିଲେକ ତହିଁ ।
ସରୁହୀନ ପାଛୋଡ଼ାକୁ ଉପରେ ପକାଇ ଯେ ॥ ୨

ନାନାରତ୍ନମାନଙ୍କରେ ପୁର ମଣ୍ଡି ଛନ୍ତି ।
ମାଣିକ୍ୟର ପ୍ରଦୀପ ଜଳଇ ଚଉକତି ଯେ ॥ ୩

ଚନ୍ଦ୍ରାତପ ରଞ୍ଜି ଗୁଞ୍ଜା ମୁକୁତା ଲମ୍ବାଇ ।
ସେ ପୁରେ ବିଜୟ କଲେ ରାମଚନ୍ଦ୍ର ଯାଇ ଯେ ॥ ୪

ପଲଙ୍କ ଉପରେ ରଘୁପତି ବିଜେ କଲେ ।
ସମସ୍ତ ଅଙ୍ଗନାମାନେ ହୁଳହୁଳି ଦେଲେ ସେ ॥ ୫

ଏଥୁ ଅନନ୍ତରେ ସର୍ବ ବାଲୀ ମେଲୀ ।
ନାନା ଅଳଙ୍କାରେ ବେଶ କଲେ ମହୀସ୍ଥଲୀ ସେ ॥ ୬

ପହଣ୍ଡ ମଣାଇ ହସି ବୋଲନ୍ତି ନାଗରୀ ।
କାନ୍ତଙ୍କୁ ମଣାଇ ବର ମାଗ ଗୋ ଚତୁରୀ ଗୋ ॥ ୭

ଇନ୍ଦୀବର ଦ୍ୱିଜରାଜ ପ୍ରୀତି ଆଜି ଯିବ ।
ଏବେ ସଖୀ ନୀର କ୍ଷୀର ପରାୟେ ହୋଇବ ଗୋ ॥ ୮

କର ଧରି ମାଗୁଅଛୁ ଏତେକ ମାତର ।
କାଲି ପ୍ରଭାତରୁ ନ ପୋଡିବ ସଖୀ ଶିର ଗୋ ॥ ୯

ଏତେ କହି ଦେହଲୀ ନିକଟେ ଯାଇ ହେଲେ ।
ଶ୍ରୀରାମ ପାରୁଶେ ସୀତାୟାଙ୍କୁ ସମର୍ପିଲେ ଯେ ॥ ୧୦

ଦ୍ୱାର ପାରୁଶରେ ସର୍ବବାଳୀ ରୁଣ୍ଡ ହୋଇ ।
ବୋଲନ୍ତି ଆମ୍ଭର ସଖୀ ଆଜୁଁ ଏ ନୋହଇ ହେ ॥ ୧୧

ବହୁତ ଯତନେ ପ୍ରତି ପାଳିଥିଲୁ ଆମ୍ଭେ ।
ରସ ରଖି ଫଳ ଭୋଗ କର ଏବେ ତୁମ୍ଭେ ହେ ॥ ୧୨

ଆମ୍ଭ ସଖୀ ଅଟେ ଯେ ଶିରୀଷ-ପୁଷ୍ପ ପରି ।
ତୃଷିତ-ମଧୁପ ତୁମ୍ଭେ ଅଟ ଗୃପଧାରୀ ହେ ॥ ୧୩

ତୁମ୍ଭର ଦ୍ରବ୍ୟକୁ ତୁମ୍ଭେ ପାଳନା କରିବ ।
ଆଉ କହିବାରୁ କିସ ପ୍ରତ୍ୟୟ ନୋହିବ ହେ ॥ ୧୪

ଏତେ କହି ସର୍ବ ସଖୀ ଗଲେ ପିଠି ଦେଇ ।
ସୀତା କର ଧରି ରାମ ଅଙ୍କରେ ବସାଇ ଯେ ॥ ୧୫

ଅନେକ ବିନୟେ ତାଙ୍କୁ କହି ରଘୁପତି ।
ପରସ୍ପରେ ବୈଶ୍ୱାନରେ କରାଇଲେ ସାକ୍ଷୀ ଯେ ॥ ୧୬

ହରଷ ବଶରେ ନାନା କେଳୀ ଆରମ୍ଭିଲେ ।
ଅନ୍ୟୋନ୍ୟରେ ବେନିଜନେ ପ୍ରେମକୁ ଲଭିଲେ ସେ ॥ ୧୭

ଏମନ୍ତ ସମୟେ ତାମ୍ରଚୂଡ଼ ରଡ଼ିଦେଲା ।
ଦେବତାମାନଙ୍କ ଆଳେ ଶଙ୍ଖଧ୍ୱନି ହେଲା ଯେ ॥ ୧୮

ପଲଙ୍କ ତେଜିଣ ରାମ ହରଷ ବିସ୍ମୟେ ।
ଜାନକୀ ଶୁଭିଲେ ନିଜ ସଖୀଙ୍କ ସମ୍ମୁହେ ଯେ ॥ ୧୯

ଅରୁଣ ପ୍ରକାଶେ ସର୍ବସଖୀ ତାଙ୍କୁ ଚାହିଁ ।
ବୋଲନ୍ତି ଯେମନ୍ତ ଯେବେ ହେଲ ତୁମ୍ଭେ କାହିଁ ଗୋ ॥ ୨୦

କାନ୍ତ ଅନୁରାଗ ତୁମ୍ଭେ ନେତ୍ରରେ ରଖିଛ ।
ତୁମ୍ଭର ଅଧର ସୁଧା ତାହାଙ୍କୁ ଦେଇଛ ଗୋ ॥ ୨୧

ଏତେ କହି ଆଳୀ ସର୍ବେ ଚ଼ମାଳୀ ଛାଡ଼ିଲେ ।
ମାଜଣା ସାରି ସୀତାଙ୍କୁ ଦିବ୍ୟବେଶ କଲେ ଯେ ॥ ୨୨

ଏଥୁ ଅନନ୍ତରେ ସର୍ବେ ନିତ୍ୟକର୍ମ ସାରି ।
ପିତାଙ୍କୁ ଦର୍ଶନ କଲେ ଚ଼ାରିଭ୍ରାତ ମିଳି ଯେ ॥ ୨୩

ଦେଖି ଦଶରଥ ବହୁ ସାନନ୍ଦ ହୋଇଲେ ।
ଘୋଷଣା ଦେଇଣ ସର୍ବ ସୈନ୍ୟଙ୍କୁ ସାଜିଲେ ଯେ ॥ ୨୪

ଜନକ ମନ୍ଦିରେ ଆସି ପ୍ରବେଶ ହୋଇଲେ ।
ଚାରି ପୁତ୍ରବଧୂଙ୍କୁ ସଙ୍ଗତେ ଘେନାଇଲେ ଯେ ॥ ୨୫

ଚାରି କୁମାରୀଙ୍କି ପାଶେ ବସାଇ ଜନକ ।
କଲି ନକରିବ ତୁମ୍ଭେ ନକରିବ ଶୋକ ଯେ ॥ ୨୬

ଆଜଦିନଠାରୁ ତୁମ୍ଭେ ଛାଡ଼ିଲ ଆମ୍ଭଙ୍କୁ ।
ପ୍ରତି ପାଳିଥିଲି ମୁହିଁ ପରଙ୍କୁ ଦେବାକୁ ଗୋ ॥ ୨୭

ଏହା ଶୁଣି ଦଶରଥ ପ୍ରବୋଧ କରାଇ ।
ଶୋକ କମ୍ପା କର ତୁମ୍ଭେ ହୁଅ ନରସାଇଁ ହେ ॥ ୨୮

ଜନକ ଅନେକ ଦଶରଥଙ୍କୁ କହିଲେ ।
କୁମାରୀଙ୍କ ଦୋଷ କ୍ଷମା କରିବ ବୋଇଲେ ଯେ ॥ ୨୯

ଯଉତୁକ ଦ୍ରବ୍ୟ ଆଣି ସମର୍ପଣ କଲେ ।
ସୈନ୍ୟ ସମ୍ଭବରେ ଦଶରଥ ଚଳିଗଲେ ଯେ ॥ ୩୦

ବିବିଧ ଛନ୍ଦରେ ବୀରବାଦ୍ୟକୁ ବଜାଇ ।
ସିଦ୍ଧବନେ ପ୍ରବେଶ ହୋଇଲେ ସୈନ୍ୟ ଯାଇ ଯେ ॥ ୩୧

ଧ୍ୟାନ ଭଗ୍ନ ହୋଇ ଭୃଗୁପତି କ୍ରୋଧ ହୋଇ ।
ପୁଣି ବୀରମାନେ ଜାତ ହୋଇଲେ କି ମହୀ ଯେ ॥ ୩୨

ପରଶୁ ବୁଲାଇ କ୍ରୋଧେ ଧନୁକୁ ଧଇଲେ ।
ଦଶରଥ ସୈନ୍ୟେ ଆସି ପ୍ରବେଶ ହୋଇଲେ ଯେ ॥ ୩୩

କୃତାନ୍ତ ପ୍ରାୟେ ପରଶୁ ରାମବେଶ ରହିଁ ।
ଛାମୁରେ ନରହି ସୈନ୍ୟ ଗଲେକ ପଳାଇ ଯେ ॥ ୩୪

ଅତିବେଗେ ଆସି ପର୍ଶୁ ପ୍ରବେଶ ହୋଇଲେ ।
ରଘୁନାଥ ଦାସ ରାମ ଚନ୍ଦ୍ର ପଦ ବୋଲେ ଯେ ॥ ୩୫

## ରାଗ— କେଦାରକାମୋଦୀ

ଦଶରଥ କହେ ବଶିଷ୍ଠଙ୍କୁ ଚାହିଁ ।
ବିପରୀତ ଶକୁନ ଦିଶେ କିମ୍ପାଇ ହେ ॥

ନିମଗ୍ନେ କରିଯାତ ଦିବସେ ତାରା ।
ରୋଦନ୍ତି ଶୃଗାଳେ ଅଶ୍ୱେ ଅଶ୍ରୁଧାରା ହେ ॥ ୧

ବଦନ୍ତି ବଶିଷ୍ଠେ ଭୟ ତୋତେ ନାହିଁ ।
ଯେତେକ କଥାଏ ଶୁଣିମା ନଇସାଇଁ ହେ ॥

ତପକରେ ଏ ବନେ ରେଣୁକା-ସୁତ ।
ତାହାକୁ ଭେଟିଲେ ହୋଇବ ଅନର୍ଥ ହେ ॥ ୨

ଯେମନ୍ତେ ରାଜନ୍ତି ଗୁରୁ କହିଲା ଆସି ।
ପଥେ ଓଗାଳିଲେ ପର୍ଶୁରାମ ଋଷି ଯେ ॥

ଭୟେ ଭାଜିଲେ ଚମୂର ସମସ୍ତ ବଳ ।
ଆସଇ ଭୃଗୁପତି କି ଦୁତ କାଳ ଯେ ॥ ୩

ଶୁଣି ଦଶରଥର ଉଡ଼େ ସାହସ ।
ଉର୍ଦ୍ଧ୍ୱ ନିଃଶ୍ୱାସ ଛାଡ଼େ ଚାହିଁ ଆକାଶ ଯେ ॥

ବିକଳେ ବଶିଷ୍ଠଙ୍କ ମୁଖକୁ ଚାହିଁ ।
ହେ ଧାତା-ସୁତ ମୋତେ କରିବା ଯାହି ଯେ ॥ ୪

ବଶିଷ୍ଠ ବୋଲନ୍ତି ଚାଲ ଆମ୍ଭେ ଯିବା ।
କିମ୍ପା ସେ ପ୍ରଭୁ ତାପ ତାହା ବୁଝିବା ହେ ॥

ବୀର ବାକ୍ୟ ଶୁଣି ବା କରନ୍ତୁ ରୋଷ ।
ବିନୟେ କହି ତାକୁ କରିବା ତୋଷ ହେ ॥ ୫ ॥

ଯେମନ୍ତେ କହି ସୁଜନ ରାଜା ସହିତେ ।
ଯାଇ ପ୍ରବେଶ ପ୍ରଭୁଧର ପୁରତେ ଯେ ॥

ଦେଖିଲେ ପ୍ରଭୁଧର କରନ୍ତି କୋପ ।
ଲଙ୍ଗେ ଯଷ୍ଟି ବାଜିଲେ ଯେମନ୍ତେ ସର୍ପ ଯେ ॥ ୬

ଦେଖି ନୃପତି ପାଦେ ପଡ଼ି ଶୋଇଲେ ।
ଉଠିଣ ଶିରେ କରଯୋଡ଼ି କହିଲେ ଯେ ॥

ବିନୟ ହୋଇଣ କହନ୍ତି ନରେନ୍ଦ୍ର ।
କି ଭାଗ୍ୟ ଆଜ ଦେଖିଲି ଭୃଗୁଚନ୍ଦ୍ର ହେ ॥ ୬

ତୁ ଦଶରଥ ବଡ଼ାଇ ନୃପବର ।
ଏହି ମଣ୍ଡଳରେ ତୁହି ଧନୁର୍ଦ୍ଧର ହେ ॥

କାହିଁ ତୋ ସୁତ ରାମ କେତେ ବୟସ ।
କେତେ ଅବା ବଳ କେତେକ ସାହସ ଯେ ॥ ୮

ଶିବ ଶରାସନ ଅସମର୍ଥ ହେଲେ ।
କାହିଁ ରହିଥିଲ ଏ ମର୍ତ୍ତ୍ୟ-ମଣ୍ଡଳେ ଯେ ॥

ଜନକ-ନନ୍ଦନୀ-ସୀତା ବଶ ହୋଇ ।
ଏ ପଥେ ଯାଉଛି ବୀର ତୂରୀ ବଜାଇ ଯେ ॥ ୯

**ଦଶରଥ ବଚନ :—**

ଶୁଣ ଭୃଗୁପତି ସଦା ଶରଣ ମୁଁ ତୋହର ।
କିଶୋର-ବୟସ-ରାମ ନଜାଣେ ଧନୁ ଧର ହେ ॥

**ଗୀତ**

ଦଶରଥ କହିବା ବିନୟ-ବାଣୀ ।
ପ୍ରଭୁ ସେ କଥାମାନ କର୍ଣ୍ଣେ ଶୁଣି ଯେ ॥

ଚରଣକୁ ସିଂହାଣି ସତ୍ୱର ହୋଇ ।
ଶ୍ରୀରାମ ନିକଟରେ ମିଳିଲେ ଯାଇ ଯେ ॥ ୧୦

ଦେଖି ରାଘବ ନମସ୍କାର କୋଇଲେ ।
କି କାର୍ଯ୍ୟେ ମୁନି ଆସିଅଛ ବୋଇଲେ ଯେ ॥

ଶୁଣନ୍ତେ କି ପ୍ରଶୁରାମ ରାମ ବୋଲନ୍ତି
ଅପାର କାଳର ପରାପତି ଗଢ ହେ ॥ ୧୧

ତୁମ୍ଭଙ୍କୁ ଆମ୍ଭେ ଦେଖିନାହୁଁ ତ କେବେ ।
ଶୁଣୁଁ ଯେ ଥିଲୁ ପୂର୍ବେ ଦେଖିଲୁ ଏବେ ଯେ ।।

ଆସିବା ବେଳେ କମ୍ପା ସନ୍ଧର ହୋଇ ।
ଶ୍ୱାସ ବହଇ ଅତି ପ୍ରଖର ହୋଇ ଯେ ।। ୧

## ପରଶୁରାମ ବଚନକା

ତୁହି ପଥରେ ତାଡକା ସୁବାହୁ ମାରିଲୁ ।
ଶିବଧନୁ ଭାଙ୍ଗି ଣ ସୀତାଙ୍କୁ ବାହା ହେଲୁ ।।

ଇନ୍ଦ୍ର ଯେ ତୋଳି ନପାରନ୍ତି ଯାହା ।
ଏତେ ବଡ ଧନୁ ବହିଲା ତୋର ବାହା ।।

ମେରୁ ଗିରିରୁ ସେ ବଡ ଅଟଇ ।
ତୋହର ଭୁଜ ଲାଗି ସେ ତୁଟଇ ।।

ଯେବଣ ଧନୁରେ ତ୍ରିପୁର ପ୍ରାଣ ହାରି ।
ତାହା ଭାଙ୍ଗିଲୁ ତୁ ପୁଣି ବେନିଖଣ୍ଡ କରି ।।

ଆଜ ମୁଁ ପରୀକ୍ଷା କରିବି ତୋର ବଳ ।
ପରଶୁରେ ଯେ ହେବୁ ବେନି ଫାଳ ।।

## ରାମ ବଚନ

ଯେ ତୋହର ଇଚ୍ଛା କର ତପ ସାଇଁ ।
ଋଷି ବିପ୍ରେ ସର୍ବଦା ମ୍ଭେ ମୋର କ୍ରୋଧ ନାହିଁ ।।

ତୋରୁ ବ୍ରାହ୍ମଣେ ମୁଁ ଯେ ନ କରଇ ରୋଷ ।
ତେଣୁ ତୁମ୍ଭରେ ମୁଁ ଯେ ନ ଧରଇ ଦୋଷ ।।

ମୋହର ଶିର ଯେବେ ଛେଦିବ କୁଠାରେ ।
ତେବେ ହେଲେ କ୍ରୋଧ ମୋର ନାହିଁ ମୁନିବରେ ।।

## ପରଶୁଧର ବଚନକା

ଏହି ଧନୁ ଧର ବୋଲି ପ୍ରଶୁଧର ଦେଲା ।
ନିଜ ତେଜ ସହିତେ ରାମଙ୍କୁ ସମର୍ପିଲା ।।

ଧନୁକୁ ଧଣ୍ଟେ ଗୁଣ ଦେଇ ରଘୁବର ।
ଶର ଯୋଡ଼ି ପଚାରନ୍ତି ଶୁଣ ମୁନିବର ॥

## ଶ୍ରୀରାମ ବଚନକା

ଇହ ପରଲୋକ ଯେ ବୋଲିବ ଯହିଁ ।
ଏ ଶର ପଶୁଁଧର ପେଷିବ ତହିଁ ହେ ॥

ଭୃଗୁ ବୋଲଇ ଇହ୍ନ ପରେ ନ ଭେଦ ।
ଏ ମୋ ଦୁସ୍ତର ପାପରାଶିକୁ ଛେଦହେ ॥

ବ୍ରାହ୍ମଣ ହୋଇ ମୁଁ ଅର୍ଜି ବଧ କଲି ।
ସ୍ୱକାମରେ ଅନେକ ପାପ ଅର୍ଜିଲି ହେ ॥

ଶୁଣି ଶ୍ରୀରାମଚନ୍ଦ୍ର ପେଷିଲେ ଶର ।
ଛେଦି ପକାଇଲେ ଭୃଗୁ ପାପଭାର ଯେ ॥

## ପରଶୁରାମ ସ୍ତୁତି

ନମୋ ନରଇନ୍ଦ୍ର ପ୍ରଭୁ ରାମଚନ୍ଦ୍ର ।
ଦୁଃଖିଜନ-କରୁଣାସିନ୍ଧୁ-ସମୁଦ୍ର ହେ ॥

ଅଶରଣ-ଶରଣ-ଜନ-ରକ୍ଷଣ ।
ନୀଳ-କମଳ-ଦଳ-ଧଳିତେକ୍ଷଣ ହେ ॥ ୧୫

ସ୍ତୁତିକରି ବୈଷ୍ଣବ ଧନୁକୁ ଦେଲେ ।
ଜନସ୍ତୁ କନ୍ଧୁ କର ମେଲାଣି ହେଲେ ଯେ ॥

ଶ୍ରୀରାମଚନ୍ଦ୍ର ନମସ୍କାର ହୋଇଲେ ।
ରାମ ଆଜ୍ଞାରେ ତପସ୍ଥାନକୁ ଗଲେ ସେ ॥ ୧୬

ସୀତାସ୍ତ୍ରୀ ବରାରନ୍ତି ନଷ୍ଟସ୍ତ୍ରେ ମୋତେ ।
ସପତ୍ନୀ ଶଙ୍କିଲେ କହି ସୁକତେ ଯେ ॥

ସତ୍ୟ କରଣ କୁଳଦୀପ ଜ୍ବଳିଲେ ।
ଷଷ୍ଟ ପୁରୁଷ ପଣ ସତ୍ୟ ଲଙ୍ଘିଲେ ଯେ ॥ ୧୭

ଧନୁଭଗ୍ନ ଦେଖି ସମସ୍ତେ ଆନନ୍ଦ ।
ମୁଖ ବିକାଶେ ଯେହ୍ନେ ପୂର୍ଣ୍ଣିମା ଚନ୍ଦ୍ର ଯେ ॥
ତହୁଁ ଶ୍ରୀରାମ ବେଗେ ବାହୁଡ଼ି ଆସି ।
ସୀତୟାଙ୍କ ପାଶରେ ମିଳିଲେ ଆସି ସେ ॥ ୧୮
ରାମ ଚାହିଁଲେ ସୀତା ବିରସ ମୁଖ ।
ବୋଲନ୍ତି ସଖୀ କମ୍ପା କରୁଛୁ ଦୁଃଖ ଗୋ ॥
ପ୍ରତିଜ୍ଞା କର ପ୍ରଭୁ ଆସିଣ ଥିଲ ।
ମୁଁ ଧନୁ ଧରନ୍ତେ ସେ ହାରିଣ ଗଲ ଗୋ ॥ ୧୯
ବିନୟ ହୋଇ ରୁଷ୍ଟ ବଚନ ଭାଷି ।
ବୋଲନ୍ତି ଟେକ ସଖୀ ବଦନ-ଶଶୀ ଯେ ॥
ଶ୍ରୀରାମ ମୁଖୁ ସୀତା ଏମନ୍ତ ଶୁଣି ।
ମାନ ଅନ୍ତର କଲେ କୁରଙ୍ଗକ୍ଷଣୀ ଯେ ॥ ୨୦
ତଦନ୍ତେ ପୁତ୍ରବଧୂ ଘେନି ସଙ୍ଗରେ ।
ପ୍ରବେଶ ଦଶରଥ ଅଯୋଧ୍ୟା ପୁରେ ଯେ ॥
ମଙ୍ଗଳ ବିଧି ପୁରେ କଲେ ସକଳ ।
ପୂର୍ଣ୍ଣକୁମ୍ଭେ ରସାଳ-ଦଳ ଶ୍ରୀଫଳ ଯେ ॥ ୨୧
କଦଳୀ ଗଛମାନ ଆଣି ହରଷେ ।
ଉଡ଼ାନ୍ତି ଶ୍ୱେତ-ପାରୁଆ ସେ ତୋଷେ ଯେ ॥
ବିବିଧ ବାଦ୍ୟ ନାଦରେ ହୁଳହୁଳି ।
ଜଣି ଅଯୋଧ୍ୟା ପୁର ପଡ଼େ ଉଚ୍ଛୁଳି ଯେ ॥ ୨୨
ରାମ ଜାନକୀ ସଙ୍ଗେ ଘେନି ରାଜନ ।
ପ୍ରବେଶ ହେଲେ ଯାଇ ନିଜ ସଦନ ଯେ ॥
ରତ୍ନମାନଙ୍କେ ପୁର ହୋଇଛୁ ଶୋଭା ।
କହି ନୋହେ ବଚନେ ସେ ପୁର ଆଭା ଯେ ॥ ୨୩
ସ୍ୱର୍ଗୁଁ ଅଧିକ ସୁଖ ଅଯୋଧ୍ୟା ପୁରୀ ।
ଲକ୍ଷ୍ମୀ ସହିତେ ଯହିଁ ବିଜେ ମୁରାରି ଯେ ॥
ଶକ୍ର ସମାନେ ଦଶରଥ ନରେଶ ।
ରତି କାମ ପରାସ୍ତେ ନାରୀ ପୁରୁଷ ଯେ ॥ ୨୪

ଚତୁର୍ଥୀ ଆଦ ସପ୍ତମଙ୍ଗଳା ସାରି ।
ସମସ୍ତ ନୃପତିଙ୍କି ମେଲାଣି କରି ଯେ ॥

ମାତୁଳ ନେଲେ ଭରତ ଶତ୍ରୁଘନଙ୍କୁ ।
ଅଜା ଦେଖିବେ ବୋଲି କହି ରାଜାଙ୍କୁ ଯେ ॥ ୨୫

ବିବିଧ ରସେ ରାମ ସୀତା ସଙ୍ଗରେ ।
ନିଅନ୍ତି ଦିନ ହାସ ରସରଙ୍ଗରେ ଯେ ॥

ବିପସ୍ୱା ବିପକୁ ଯେ ଅଟଇ ଗଦ ।
ରଘୁନାଥ ଦାସ ଚିନ୍ତେ ସେହୁ ପଦ ଯେ ॥ ୨୬

●

## ରାଗ— ଚିନ୍ତାକେଦାର

ଏକଦିନେ ତହୁଁ ରଘୁବର, ଲକ୍ଷ୍ମଣଙ୍କୁ ଘେନି ସଙ୍ଗତର
ଆବର ପାତ୍ରମନ୍ତ୍ରୀ ସୈନ୍ୟ ସଙ୍ଗତେ,
ମୃଗୟାକୁ ବାହାରିଲେ ସତ୍ୱର ସେ, ଶ୍ରୀରାମ ॥୧

ଅଗମ୍ୟ ବନସ୍ତେ ଯାଇ ହେଲେ । ମୃଗ-ଶୂକର ବହୁ ମାଇଲେ ।
ଲକ୍ଷ୍ମଣଙ୍କୁ ରାମ ଭେଟ ନପାଇଣ,
ତହୁଁ ଆକୁଳ ହୋଇ ଚଳିଲେ ସେ, ଶ୍ରୀରାମ ॥୨

କେତେଦୂର ତହୁଁ ରାମ ଯାଇ । ସରୋବରେ ଦେଖିଲେକ ତହିଁ ।
ଅଶ୍ୱରୁ ଉତୁରି ନିତ୍ୟକର୍ମ ସାରି
ଜଳପାନ କଲେ ରଘୁସାଇଁ ହେ, ଶ୍ରୀରାମ ॥୩

ଯାଇ ବୃକ୍ଷ ଛାଇରେ ବସିଲେ । ଗୁହ ଶବର ତହିଁ ଦେଖିଲେ ।
ଶ୍ରୀରାମଙ୍କୁ ଦେଖି ବହୁତ ପ୍ରଶଂସି,
ନାମ କିସ ତୁମ୍ଭ ପଚାରିଲେ ସେ, ଶବର ॥୪

ଶୁଣି ରାମ କହନ୍ତି ବଚନ । ଅଯୋଧ୍ୟା ଦଶରଥ ରାଜନ ।
ତାହାଙ୍କର ଆମ୍ଭେ ଚାରି ପୁତ୍ର ଜାତ,
ରାମ ଲକ୍ଷ୍ମଣ ଭରତ ଶତ୍ରୁଘ୍ନ, ହେ ବର ॥୫

ତିନି ରାଣୀ ଗର୍ଭ ପୁତ୍ର ଜାତ । କଉଶଲ୍ୟା ଅଟେ ମୋର ମାତ ।
ଭରତ ଜନନୀ କକେୟୀ ଅଟନ୍ତି,
ସୁମିତ୍ରାଙ୍କ ଅଟେ ବେନି-ସୁତ, ଭୋ ବୀର ॥୬

ମୃଗୟାକୁ ମୁହିଁ ଯେ ଅଇଲି । ଯେବେ ଲକ୍ଷ୍ମଣ ସଙ୍ଗ ଛାଡ଼ିଲି ।
ତୁମ୍ଭଙ୍କୁ ଦେଖିଣ ସ୍ଥିର ମୋର ଦେହ,
କାହିଁ ଗଲେ ଦେଖି ନପାରିଲି, ଭୋ ବୀର ॥୭

କୋ ଦେଶ କିସ ନାମ ତୁମ୍ଭର । କରଯୋଡ଼ି କହେ ଗୁହ ବୀର ।
ମୋହର ଘର ଶୃଙ୍ଗବେଣୀ-ପୁର ସେ,
ନାମ ଅଟଇ ଗୁହ ଶବର ହେ, ଶ୍ରୀରାମ ॥୮

ଏତେ କହିଣ ସେ ଗୁହ ବୀର । ଫଳମୂଳ ଆଣି ତତପର ।
ଶ୍ରୀରାମ ଛାମୁରେ ଭୁଞ୍ଜ ବୋଲି ଦେଲା,
ହରଷେ ଭୁଞ୍ଜନ୍ତି ରଘୁବୀର ସେ, ଶ୍ରୀରାମ ॥୯

ଭୁଞ୍ଜି ସାରି ଆଚମନ କଲେ । ଗୁହବୀରକୁ ରାମ କହିଲେ ।
ଆଜଠାରୁ ମୀତ ହେଲ ତୁମ୍ଭେ ଆମ୍ଭେ,
ଯେତେବୋଲି ରାମ କୋଳ କଲେ ସେ, ଶ୍ରୀରାମ ॥୧୦

ବେଗେ ଲକ୍ଷ୍ମଣ ଭେଟାଅ ମିତ୍ର । ଶୁଣି ଶବର ଚଳି ତୁରିତ ।
ରାମ ସଙ୍ଗତେ କିଛି ଦୂର ଚଳନ୍ତେ,
ପଥେ ଦେଖିଲେ ସୁମିତ୍ରା-ସୁତ ସେ, ତୁରିତେ ॥୧୧

ନମସ୍କାର କରିଣ ଲକ୍ଷ୍ମଣ । ଦେଖି ରାମ ବୋଲନ୍ତି ବଚନ ।
ଆହେ ମିତ୍ର ତୁମ୍ଭେ ବାହୁଡ଼ିଣ ଯାଅ,
ଓଲଗି ଚଲେ ତା'ର କୁଟୀର ସେ, ଶବର ॥୧୨

ରାମ ସବୁ ଲକ୍ଷ୍ମଣଙ୍କୁ କହି । ସୈନ୍ୟଯାକ ଭେଟ ହେଲେ ଯାଇ ।
ମୃଗ ଶୂକର ଧରାଇଣ ଚଳିଲେ,
ଅଯୋଧ୍ୟା ପୁରେ ପ୍ରବେଶ ଯାଇ ସେ, ସମସ୍ତେ ॥୧୩

ପିତା ମାତାଙ୍କୁ ପ୍ରଣାମ କଲେ । ସ୍ନାନ ଭୋଜନ ଆଦି ସାରିଲେ ।
ରଘୁନାଥ ଦାସ ଭାବ ଏହି କାଳେ,
ନାନା କଉତୁକେ ଦିନ ନେଲେ ସେ, ଶ୍ରୀରାମ ॥୧୪

ଇତି ଆଦ୍ୟକାଣ୍ଡ ଲୀଳା ସମ୍ପୂର୍ଣ୍ଣ

# ଶ୍ରୀରାମ ବନବାସ ଲୀଳା

## ଅଯୋଧ୍ୟା କାଣ୍ଡ

### ରାଗ—ଭଟିଆରୀ

ଶୁଣ ଜନେ ଦିବ୍ୟରସ, ରାମ ଚରିତ ପୀୟୂଷ ।
ଶ୍ରବଣେ ଅଶେଷ କଳୁଷ ନାଶଇ,
ଯେହ୍ନେ ତମକୁ ଦିନେଶ, ଶୁଣ ବିଶେଷ ॥ ୧

ଦଶରଥ ଦଣ୍ଡଧାରୀ, ଦିନେକ ଆସ୍ଥାନ କରି ।
ବସି ସକଳ ପାତ୍ର ମନ୍ତ୍ରୀ ବଶିଷ୍ଠ,
ଆଦି ଋଷିଙ୍କି ପଚାରି ସେ, ଦଣ୍ଡଧାରୀ ॥ ୨

ଚତୁର୍ଥକାଳତ ଆସି, ପ୍ରବେଶ ହୋଇଲେ ଋଷି ।
ଏକାଳେ ରାଜ ସମ୍ପଦରେ ମୋହର,
କି ପ୍ରୟୋଜନ ହେ ଋଷି, ମନେ ଆଶ୍ଚି ॥ ୩

ଶ୍ରୀରାମର ଗୁଣ ଶୁଣି, ବିଦ୍ୟାମାନଙ୍କେ ନିପୁଣ ।
ରିପୁ ନୃପକରୀ-ଯୂଥକୁ କେଶରୀ,
ନିଖିଯାର ତୀକ୍ଷ୍ଣବାଣ, ଅନେକ ଗୁଣ ॥ ୪

କମ୍ପା ମୁଁ ଦୁଃଖ ସହିବି, ଶ୍ରୀରାମକୁ ରାଜ୍ୟ ଦେବି ।
ଦଣ୍ଡ ସିଂହାସନ ଭଣ୍ଡାର ସହିତେ,
ସମର୍ପି ନିଶ୍ଚିନ୍ତ ହେବି, ସୁଖେ ରହିବି ॥ ୫

ବଶିଷ୍ଠେ କହିଁ ଭୂପାଳ, ଯୋଗ ଏବେ ଅନୁକୂଳ ।
କାଲି ପ୍ରଭାତୁ ରାମଙ୍କ ଶୁଭ କାଳ,
କହିଲେ ବ୍ରହ୍ମାଦୁଲାଳ, ଉତ୍ତମ କାଳ ॥ ୬

ସେ ମନ୍ତ୍ର ଶୁଣିଣ ରାୟେ, ସୁମନ୍ତ୍ରକୁ କହିଁ କହେ ।
ପୁରମଣ୍ଡଣି ଅଭିଷେକ ଯୋଗାଡ଼,
କର ବିଳମ୍ବ ନସହେ ହେ ସୁମନ୍ତ୍ର ॥ ୭

ରାମ ଆଣ ମୋର ପାଶ, ଶୁଣି ସୁମନ୍ତ ହରଷ ।
ଲୋକ ପେଷିଣ ସକଳ ନର୍ଭା କଲେ,
ଆପେ ଗଲେ ରାମ ପାଶ, ହୋଇ ହରଷ ॥ ୮

ରାଜା ଆଦେଶ କହିଲେ, ରାମଙ୍କୁ ଘେନି ଅଇଲେ ।
ପିତାଙ୍କୁ ଦେଖି ନମସ୍କାର ହୋଇଣ,
ମଉନେ ରାମ ବସିଲେ, ଚଉ ତୋଷିଲେ ॥ ୯

●

## ଦଶରଥ ବଚନିକା

"ଶୁଣ ହେ ରାମଚନ୍ଦ୍ର ମୋହର ଏ ବଚନ ।
ଜ୍ୟେଷ୍ଠ ରାଣୀଙ୍କ ତୁମ୍ଭେ ଅଟ ଜ୍ୟେଷ୍ଠ ନନ୍ଦନ ॥

ରାଜ୍ୟ ଧନଭଣ୍ଡାର ଅର୍ଜିଛି ମୁହିଁ ଯେତେ ।
ସମସ୍ତ ସମ୍ପଦ ଯେ ସମର୍ପିଦେଲି ତୋତେ ॥

ବୃଦ୍ଧକାଳେ ରାଜ୍ୟଭାର ନ ପାରିଲି ବହି ।
ହୁଅ ତୁମେ ରାଜନ ନିର୍ଶ୍ଚିନ୍ତ ହେଉ ମହୀ ॥

ରାଜନୀତି କାର୍ଯ୍ୟ ଯେ ବଶିଷ୍ଠଙ୍କୁ ପଚାରି ।
ଧର୍ମରେ ଆଶା ପାପରେ ଥିବ ଭୟ କରି ॥

ଆଜି ଅଧିବାସ କାଲି ରାଜନ ହୋଇବୁ ।
ଏ ମୋହର ବଚନ ବ୍ୟର୍ଥ ନକରିବୁ" ॥

## ଶ୍ରୀରାମ ବଚନିକା

ଶୁଣିଣ ଶ୍ରୀରାମ ସନମତ କଲେ ।
ଯେ ତୁମ୍ଭର ଆଜ୍ଞା ତାହା କରିବି ବୋଇଲେ ॥

## ଗୀତ

କୈକଇ ରାଣୀର ଦାସୀ, ନଗ୍ର ଭ୍ରମି ଭ୍ରମି ଆସି ।
ମନ୍ଥରୀ ନାମ ତାହାର ଦେବକାର୍ଯ୍ୟେ,
ଜନମ ହୋଇଛି ଆସି, ସେ ଦାସି ॥ ୧୦

ନରଜନଙ୍କୁ ପଚାରି, ମିଳିଲେ ସେ ଅନ୍ତଃପୁର ।
ଜନନୀ ରାଣୀଙ୍କି କହଇ ଶ୍ରୀରାମ,
କାଲି ହେବ ଦଣ୍ଡଧାରୀ, ଶୁଣ ଚତୁରୀ ॥ ୧୧

ଶୁଣି ସେ କଣ୍ଠରୁ ମାଳା, ଲମ୍ବାଇ ମନ୍ଥରା ଗଲା ।
ବୋଲଇ ଲୋଡା ନାହିଁ ମାଳା ନୃପତି
ଦେଉ ନାହିଁ ରୁନ୍ଧବଳା, ଶୁଣ ମନ୍ଥରା ॥ ୧୨

ରାଜା ସଭିଜ୍ଞଣୀ ରାଣୀ, ବୋଲି ହେଉ ଥାଉ ଟାଣି ।
ଯାରୁ ଯେବେ ରାମ ବନକୁ ପେଷିଣ,
ଭରଥ କର ନୃପମଣି, ଶୁଣ ମୋ ବାଣୀ ॥ ୧୩

ଧାପ ଜନକ ମନରେ । ନ ବସିଲ୍ ରାମଠାରେ ।
ଦେବେ ଜାଣି ଖଳ ଦୁର୍ବଳ ପେଷିଲେ
ବସିଲେ ରାଣୀ ଗଳାରେ, ଅଢ଼ ସନ୍ଧ୍ୟରେ ॥ ୧୪

ଶୁଣି ମନ୍ଥର ଉତ୍ତର । ରାଣୀ କଲେ ସ୍ୱୀକାର ।
ବୋଲେ ନୃପତିଙ୍କି ଆଜ ମନାଇବ,
ରାଜା ହେବ ମୋ କୁମର, ସତ୍ୟ ଏ ଗିର ॥ ୧୫

ଅଳଙ୍କାର ଦୂର କରି । ନୟନେ ଲୋତକ ଭରି ।
ମୁଖ ଘୋଡ଼ି ଶୋକ ମନ୍ଦିରେ ଶୋଇଲେ,
ମନରେ ସନ୍ତାପ କରି, ଦୁଃଖ ବିସ୍ତରି ॥ ୧୬

ଶ୍ରୀରାମ ମେଲାଣି ହେଲେ । ରାଜା ଭିତରକୁ ଗଲେ,
କୈକେୟୀ ରାଣୀ ପୁରରେ ମିଳି ପୁଣି,
ଦାସୀମାନଙ୍କୁ ପୁଚ୍ଛିଲେ, ସଂଶୟ କଲେ ॥ ୧୭

ଅମ୍ଭେ ନଜାଣୁ ବୋଲିଲେ, ପଛୁ ଧାଇଁ ସେ ରହିଲେ ।
ରାଜା କୈକେଇ କର ଧରି ତୋଳି,
ବିନୟ ଗିର ଭାଷିଲେ, ମନ ତୋଷିଲେ ॥ ୧୮

ଯାହା ମାଗିବୁ ଏକ୍ଷଣି, ସତ୍ୟରେ ଦେବି ମୁଁ ଆଣି ।
କୈକେୟୀ ବୋଲନ୍ତି ରାମ ବନ ଯିବ,
ଭରଥ ହେବ ନୃପମଣି, ଏହି ମାଗୁଣି ॥ ୧୯

ଶୁଣି କୈକେୟୀ ବଚନ, ରାଜା ହେଲେ ହତଜ୍ଞାନ
ମସ୍ତକରୁ ମସ୍ତରେ ପଡ଼ିଲେ ଜବା,
ହୋଇଣ ମୂଳ ଛେଦନ, ଯେସନ୍ତ ବନ ॥ ୨୦

ଚେତନା ପାଇ ନରେଶ, ବୋଲଇ କୈକେୟୀ କାସ
କହିଲୁ ମୋର ଜୀବନ ବନତୃଣ,
ବଚନ ତୋର ହୁତାଶ, ସ୍ନେହୁ ସନ୍ତାପ ॥ ୨୧

ରାମଭ୍ରଥକୁ ବେଗଳ ଜାଲୁ ହେଲୁ ମୋତେ କାଳ ।
ପୁତ୍ର ମୋ କେମନ୍ତେ ବନେ ଅବା ଯିବ,
ବୋଲି ନେତ୍ରୁ ବହେ ଜଳ, ଅତି ଆକୁଳ ॥ ୨୨

ଶୋକ କରୁ ନିଶିଶେଷ, ସୁମନ୍ତ ହେଲେ ପ୍ରବେଶ ।
ଦର୍ଶନ କରି ସମ୍ଭାରକୁ ଥୁଆଇ,
ବୋଲଇ ଉଦେ ଦିନେଶ, ମନ୍ତ୍ରୀ ଆଦେଶ ॥ ୨୩

ରାଜା ସମ୍ଭାଷ୍ୟା ନ ଦେଲେ, ମନ୍ତ୍ରେ ମୁଖ ପୋଛିଲେ
ତୁ ଯେବେ ରାମଙ୍କୁ ବେଗେ ଘେନି ଆସ,
ସୁମନ୍ତଙ୍କୁ ରାଣୀ ବୋଲେ, ସଦ୍ୱରେ ଗଲେ ॥ ୨୪

ସୁମନ୍ତ ମନେ ବରଷ, ମିଳିଲା ଶ୍ରୀରାମ ପାଶ ।
ଦେଖିଲେ ରାଘବ ବନେ କରିଛନ୍ତି,
ହୋଇ ଅଧିବାସ ବେଶ, ମନେ ହରଷ ॥ ୨୫

ବୋଲେ ଦେବ ବେଗେ ଆସ, ତୁମ୍ଭଙ୍କୁ ରାଜା ଆଦେଶ ।
ଶୁଣି ସୁମନ୍ତ ସଙ୍ଗରେ ରାମଚନ୍ଦ୍ର,
ରାଜା ସମ୍ମୁଖରେ ପ୍ରବେଶ, କୈକେୟୀ ବାସ ॥ ୨୬

ପିତାଙ୍କୁ କଲେ ଦର୍ଶନ, ଦେଖିଲେ ଅଶ୍ରୁ ମୋଚନ
କୈକେୟୀଙ୍କି କରଯୋଡି ଜଣାଇଲେ,
ସେ କହି ସବୁ ବିଧାନ, ସତ୍ୟ ବଚନ ॥ ୨୭

ଭରଥ ହୋଇବ ନରେଶ, ତୁମ୍ଭେ ଚଉଦ ବରଷ
କନ୍ଦମୂଳ ଖାଇ ଗ୍ରାମ ନ ମାଡିବ,
ବକଳ କରିବ ବାସ, ରାଜା ଆଦେଶ ॥ ୨୮

ସତ୍ୟ କରି ନୃପବର, ଦେଇଛନ୍ତି ବେନି ବର ।
ପିତା ଆଜ୍ଞାରେ ବନକୁ ଯିବ ବୋଲି,
ରାମ କଲେ ସ୍ୱୀକାର, ରାଣୀ ଉତ୍ତର ॥ ୨୯

କଉଶଲ୍ୟା ରାଣୀ ପାଶ, ରାମ ହୋଇଲେ ପ୍ରବେଶ
ନମସ୍କାର କରି ବୋଲନ୍ତି ବନକୁ—
ଯିବୁ ପିତାଙ୍କ ଆଦେଶ, ଶୁଣ ସନ୍ତୋଷ ॥ ୩୦

କୈକେୟୀ ମାଗିଲେ ବର, ଭରଥ ହେବ ନୃପବର ।।
ବୋଲେ ରଘୁନାଥ ଦାସ ମୋ କରମ,
ରହୁ ଶ୍ରୀରାମ ପୟର, ସ୍ନେହୁ ନକର ।। ୩୧

●

## ରାଗ-କଳସା

ରାମଚନ୍ଦ୍ର ତହୁଁ ବନବାସ ଯିବା ବାଣୀ
ଶୁଣି ମୋହ ଗଲେ ରାଣୀ ପଡ଼ିଣ ଧରଣୀ ।। ୧

ପରିଜନମାନେ ନୀର ସିଞ୍ଚିଲେ ବାଞ୍ଛିଲେ ।
ରାମ ମୁଖ ଚାହିଁ ମାତା ହେମନ୍ତ ଭାଷିଲେ ।। ୨

## କୌଶଲ୍ୟା ବଚନିକା

"ତୁମ୍ଭେ ଯେବେ ଅରଣ୍ୟକୁ ଯିବ ଦାଶରଥି ।
କାହା ମୁଖ ଚାହିଁ ଧନ ବଞ୍ଚିବି ମୁଁ ଏଥି ।। ୩

ତୁମ୍ଭର ସଙ୍ଗତେ ବନସ୍ତକୁ ଯିବି ମୁହିଁ ।
ବନକୁ ତେଜିଲେ ମାନ ପଡ଼ିଅଛୁ କାହିଁ ? ୪

ନିଶାକରକୁ ଚକୋର ପାରଇ ମୁର୍ଚ୍ଛି ।
ଜଳଧର ବିଜୁଳି ଚାତକ ଗତିଅଛୁ ।। ୫

ଭରଥ ରାଜା ହେଉ ପଛେ ନ ଯାଅ ତୁ ବନ ।
ତୁ ରାମ ବନକୁ ଗଲେ ହାରିବି ଜୀବନ ।। ୬

କେତେ କେତେ ତପ ବାବୁ ତୋତେ ପାଇଅଛୁ ।
ତୁ ମୋତେ ନିରାଶ କରିଯିବୁ ଏବେ ବାଛୁ ।। ୭

ଭରଥର ଜନନୀ ମୋତେ କିମ୍ପା ରାଗ କଲେ ।
ତୋହପରି ପୁତ୍ର ମୋର ବନକୁ ପେଷିଲେ ।। ୮

ଏହା ଶୁଣି ଜୀବ ରହିଅଛି ଅଙ୍ଗେ ମୋର ।
କଠୋର ହୃଦୟ ମୋର ପାଷାଣ୍ଡ ନିଷ୍ଠୁର" ।। ୯

ଏତେ କହି ବେନି କର ହୃଦରେ ମାରିଲେ ।
ଆହା ରାମ ବୋଲିଣ ସେ ଭୂମିରେ ପଡିଲେ ।। ୧୦

ଶ୍ରୀରାମ ମାତାଙ୍କୁ ତୋଳି ପ୍ରବୋଧି ଧଇଲେ ॥
ଚେତନା ପାଇଣ ପୁଣ ପୁଣ ଶୋକ କଲେ ॥ ୧୧

ଶ୍ରୀରାମ ବୋଲନ୍ତି ମାତା ମୁହିଁ ବନ ଯିବି ।
ପିତାଙ୍କ ଆଜ୍ଞା ତ ମୁହିଁ କେବେ ନ ଭାଙ୍ଗିବି ॥ ୧୨

ଅମ୍ଭଙ୍କୁ ଛାଡ଼ି ନ ଯାଅ ବୋଲନ୍ତି ସକଳେ ।
ସର୍ବରାଣୀ ଉର ଭିଜୁଅଛି ଅଶ୍ରୁ ଜଳେ ॥ ୧୩

ଏହା କହୁଁ ସୁମିତ୍ରା ଯେ ହୋଇଲେ ପ୍ରବେଶ ।
ପାଦେ ପଡ଼ି ରାମ ବୋଲେ ଯିବି ବନବାସ ॥ ୧୪

ପିତା ଅଜ୍ଞା ଦେଲେ ମୁହିଁ ଏହିକ୍ଷଣି ଯିବି ।
ଚଉଦ ବରଷ ଗଲେ ଏଥକୁ ଆସିବି" ॥ ୧୫

ଏହା ଶୁଣିଣ ସୁମିତ୍ରା ଛାଡ଼ଇ ନିଃଶ୍ୱାସ ।
କାହୁଁ ବିଧି ସମ୍ପାଦିଲା ଏହୁ ବନବାସ ॥ ୧୬

ଶ୍ରୀରାମ ପରି କୁମର ଯେବେ ବନ ଯିବ ।
ଏଣିକି ଅଯୋଧ୍ୟାକୁ ଛାଡ଼ିଲାଟି ଦଇବ ॥ ୧୭

ଏତେ କହି ଶୋକକରି ତହୁଁ ଚଳିଗଲେ ।
ନିଜ ପୁରେ ଲକ୍ଷ୍ମଣଙ୍କୁ ସମସ୍ତ କହିଲେ ॥ ୧୮

ରାଜା ସତ୍ୟ କଲେ ଯେବେ ଯିବେ ରାମ ବନ ।
ସଙ୍ଗେ ତାଙ୍କ କେହି ନାହିଁ ଯାଅନ୍ତୁ ବହନ ॥ ୧୯

ଏ ବାଣୀ ଶୁଣି ତାଟକା ହୋଇଲେ ଲକ୍ଷ୍ମଣ ।
ବେଗେ ଯାଇ ରାମ ପାଦେ କଲେକ ପ୍ରଣାମ ॥ ୨୦

ଲକ୍ଷ୍ମଣଙ୍କୁ ଚାହିଁ ରାମ ବୋଲନ୍ତି ବଚନ ।
ଆମ୍ଭେ ବନେ ଯିବୁ ଭରଥ ହୋଇବେ ରାଜନ ॥ ୨୧

ପିତାଙ୍କ ଚରଣେ ସେବା କରିଥିବ ବୀର ।
ଭରଥଠାରେ ମନେ କିଛି ନ ଧର ଅନ୍ତର ॥ ୨୨

ଲକ୍ଷ୍ମଣ କ୍ରୋଧେ ବୋଲନ୍ତି କମ୍ପା ଯିବ ବନ ।
ଭରଥ ସହିତରେ ଆଜ ମାରିବ ରାଜନ ॥ ୨୩

ଅସତ୍ୟପୁରୁଷ ସେ କିସ ଆମ୍ଭର ପିତା ।
ସତ୍ୟଥିଲେ ବୋଲିବାଟି ଚଣ୍ଡାଳେ ଦେବତା ॥ ୨୪

ନୋହିଲେ ନୃପତି ଏବେ ରାଜ୍ୟ ବାଣ୍ଟି ଦେଉ ।
ପିତାପଣ ତାର ଯୁଗେ ଯୁଗେ ରହିଥାଉ ॥ ୨୫

ଶୁଭେ ତୁମ୍ଭେ ଅଭିଷେକ ହୁଅ ଦାଶରଥି ।
ଶୁଣିଣ ଶ୍ରୀରାମଚନ୍ଦ୍ର ଛୁଇଁ ଭୂମି ଶ୍ରୁତି ॥ ୨୬

ପିଅରକୁ କୋପିବାର ଧର୍ମ ଯେ ନୋହଇ ।
ଲକ୍ଷ୍ମଣ ବୋଲନ୍ତି ଦେବ ଶୁଣିବା ଗୋସାଇଁ ॥ ୨୭

ଯେବେ ତୁମ୍ଭେ ବନେ ଯିବ ମୁହିଁ ସଙ୍ଗେ ଯିବି ।
ଏ ତୁମ୍ଭ ଚରଣେ ଦେବ ସେବା କରିଥିବି ॥ ୨୮

ବହୁତ କଷ୍ଟଟି ବନେ ପାଇବ ହେ ବୀର ।
ଲକ୍ଷ୍ମଣ ବୋଇଲେ ଯିବି ସତ୍ୟ ଏ ମୋହର ॥ ୨୯

ହୋଉ ଯିବ ଯେବେ ତେବେ ସଜ ହୋଇ ଆସ ।
ମାତାଙ୍କୁ ପ୍ରବୋଧି ସୀତା ପୁରେ ପରବେଶ ॥ ୩୦

ଶ୍ରୀରାମ ମୁଖ ବିରସ ଦେଖିଣ ଜାନକୀ ।
ବିନୟ ହୋଇଣ ତୁହିଁ ବୋଲନ୍ତି ପତିଙ୍କି ॥ ୩୧

ଅଭିଷେକ ହେବାକାଳେ ବିରସ-ବଦନ ।
ଶୁଣ ଗୋ ଜାନକୀ ଆମ୍ଭେ ଯିବୁ ଘୋରବନ ॥ ୩୨

କୈକେୟୀ ମାଗିଲେ ବର ଭରତ ହେବ ରାଜା ।
ପିତା ଆଜ୍ଞା ଦେଲେ ଶୁଣ ଜନକ ଆତ୍ମଜା ॥ ୩୩

ମନେ ଚିନ୍ତା ନ କରିବ ସେବିବ ଶାଶୁଙ୍କୁ ।
ଚଉଦ ବରଷ ଅନ୍ତେ ଦେଖିବ ଆମ୍ଭଙ୍କୁ ॥ ୩୪

ଜାନକୀ ବୋଇଲେ ଏଥେ କିମ୍ପା ମୁହିଁ ଥିବି ।
ତୁମ୍ଭ ସଙ୍ଗତରେ କଷ୍ଟେ ବନକୁ ମୁଁ ଯିବି ॥ ୩୫

ନ ନେଲେ ସଙ୍ଗତେ ପ୍ରାଣ ହାରିବି ଅବଶ୍ୟ ।
ରାଘବ ବୋଇଲେ ବଡ଼ କଷ୍ଟ ବନବାସ ॥ ୩୬

ଅରଣ୍ୟର ଦୁଃଖ କି ସହିବୁ ଶଶିମୁଖୀ ।
ଚନ୍ଦ୍ରଶାଳା-ପୁରେ ଭସ୍ମ କରୁ ଚିନ୍ତା ଦେଖି ॥ ୩୭

ଜାନକୀ ନିଷ୍ଠୁର କଲେ ନ ନେଲେ ମରିବ ।
ରାଘବ ବୋଇଲେ ତୋତେ ସଙ୍ଗତରେ ନେବ ॥ ୩୮

ହୁଅ ସଜ ବନକୁ ଗୋ ଯିବା ଏହିକ୍ଷଣ ।
ଏମନ୍ତ ସମୟେ ଆସି ମିଳିଲେ ଲକ୍ଷ୍ମଣ ॥ ୩୯

ତପସ୍ୱୀ ବେଶକୁ ହୋଇଲେ ଭାଇ ବେନ ।
ବାହାର ହୋଇଲେ ସଙ୍ଗେ ଜନକନନ୍ଦନୀ ॥ ୪୦

ଯାଇ ପ୍ରବେଶ ହୋଇଲେ କଉଶଲ୍ୟା ପାଶ ।
ରାମ ବୋଲେ ବନେ ଯିବୁ ଦିଅ ଗୋ ଆଦେଶ ॥ ୪୧

ସୀତା ଲକ୍ଷ୍ମଣଙ୍କୁ ଘେନି ବନକୁ ମୁଁ ଯିବ ।
ଚଉଦ ବରଷ ଗଲେ ଏଥିକୁ ଆସିବ ॥ ୪୨

ସୀତାଙ୍କୁ ବସାଇ କୋଳେ ବୋଲେ କଉଶଲ୍ୟା ।
ଆହାରେ ଜାନକୀ ମୋତେ ଦଇବ ଛାଡ଼ିଲା ॥ ୪୩

ଦୁଃଖର କାଳେ କାରଣ ନୋହିଲି ମୁଁ ଆଉ ।
ଧିକ ଧିକ ମୋର ପ୍ରାଣ ଏହିକ୍ଷଣି ଯାଉ ॥ ୪୪

ବୃଦ୍ଧ କାଳରେ ମୁଁ ପୁତ୍ର ଜାତ କରିଥିଲି ।
ଦଇବର ବଳେ ମୁଁ ତାହାକୁ ହରାଇଲି ॥ ୪୫

ତୁମ୍ଭେ ଯେବେ କାନ୍ତ ସଙ୍ଗେ ବନକୁ ଗୋ ଯିବୁ ।
ଅପୂର୍ବ ପଦାର୍ଥ ଦେଖିଲେ ତୁ ନ ମାଗିବୁ ॥ ୪୬

କନ୍ଦମୂଳ ଫଳ ତୁମ୍ଭେ ଯେସନ୍ତି ପାଇବୁ ।
ଆରଦିନକୁ ଥୋଇଣ ଥୋକାଏ ଖାଇବୁ ॥ ୪୭

ମୋହର କୁମର ବଡ଼ ସୁକୁମାର ଦେହୀ ।
ବିମନ ନ ଧରି ସେବା କର ବଇଦେହୀ ॥ ୪୮

ଆହା ରେ ଲକ୍ଷ୍ମଣ ତୁମ୍ଭେ ରାମ ସଙ୍ଗେ ଯିବୁ ।
ତୋତେ କ୍ରୋଧ କଲେ ବାବୁ ଛଳ ନ କରିବୁ ॥ ୪୯

ଦୁଃଖ କାଳରେ ତୁ ସାହା ଭାଇକି ହୋଇଲୁ ।
ସୋଦର ପଣ ବାବୁରେ ତୁମ୍ଭେ ଦେଖାଇଲୁ" ॥ ୫୦

ରାମ ବୋଲନ୍ତି ପିତାଙ୍କୁ ସେବା କରିଥିବ ।
ସପତଣୀଙ୍କ ସଙ୍ଗତେ କଳି ନ କରିବ ॥ ୫୧

ମାତାଙ୍କୁ ଓଲଗି ପିତା ସମୀପେ ମିଳିଲେ ।
ନମସ୍କାର ହୋଇ କୈକେୟୀଙ୍କି କହାଇଲେ ॥ ୫୨

ହେ ମାତ ମେଲାଣି ଦିଅ ବନେ ଯାଉଁ ଆମ୍ଭେ ।
ପିତାଙ୍କ ଚରଣେ ସେବା କରିଥିବ ତୁମ୍ଭେ ॥ ୫୩

ଶୁଣି କଇକେଇ ତପୋଧନ ଅଳଙ୍କାର ।
ରାମ ଲକ୍ଷ୍ମଣ ସୀତାଙ୍କୁ ଦେଲେ ତତପର ॥ ୫୪

ଦଶରଥ ବୋଲେ ଖଳ ଅଟୁଲେ ରାଢେଣୀ ।
ସୀତାଙ୍କୁ କେମନ୍ତେ ଏହା ସମର୍ପିଲୁ ଆଣି ॥ ୫୫

ମାସ ବେଳ ବେଳ ଚତୁର୍ଦ୍ଦଶ ବରଷକୁ ।
ଦିଅ ହେ ସୁମନ୍ତ ଦିବ୍ୟ ଶାଢ଼ୀ ସୀତାଙ୍କୁ ॥ ୫୬

ଆଜ୍ଞା ପାଇ ସୁମନ୍ତ ଆଣିଲା ବ୍ୟଗ୍ର କରି ।
ବେଣ୍ଟ ଯଷ୍ଟିରେ ରଖିଲେ ଅତି ଯତ୍ନ କରି ॥ ୫୭

ସୀତାଙ୍କୁ ଭୂଷଣ କଇକେଇ ଦେଲେ ପୁଣ ।
ସବୁ ସଜ କରି ତାହା ଧଇଲେ ଲକ୍ଷ୍ମଣ ॥ ୫୮

ନମସ୍କାର ହୋଇ ରାମ ହୋଇଲେ ମେଲାଣି ।
ଦେଖି ଅଶ୍ରୁ ଲୋଚନୁ ବୁହାଇ ସର୍ବରାଣୀ ॥ ୫୯

ଧିକ କଇକେଇ ଏହା ସମ୍ପାଦିଲା ଆଣି ।
ରାମ ବନେ ଯିବେ ଭୁଅ ଦେବେ ନୃପମଣି ॥ ୬୦

ଏମନ୍ତ ବୋଲି ସମସ୍ତେ ପଡ଼ିଲେ ଧରଣୀ ।
ଆକାଶ ପୂରି ଶୁଭିଲା ମୁଖରାବ ବାଣୀ ॥ ୬୧

ସୁମନ୍ତ ସାଜିଣ ଦିବ୍ୟ ରଥ ଦେଲା ଆଣି ।
ଲକ୍ଷ୍ମଣ ସୀତା ସହିତେ ଯିବେ ରଘୁମଣି ॥ ୬୨

ଏହା ଦେଖି ଦଶରଥ ପଡ଼ିଲେ ଧରଣୀ ।
ରଘୁନାଥ ଦାସ ଚନ୍ତେ ଭାବେ ରଘୁମଣି ॥ ୬୩

## ରାଗ—ଚକ୍ରାକେଦାର

ରଥବାହଣ ସୁମନ୍ତ୍ର ଗଲେ । ନଗରଲୋକେ ଦେଖି ଶୋକ କଲେ ।
ବୋଲନ୍ତି ରାମ ସଙ୍ଗତେ ଆମ୍ଭେ ଥିବା,
ପାଞ୍ଚ ରଥ ସଙ୍ଗେ ଗୋଡାଇଲେ ସେ, ସକଳେ ॥ ୧

ତମସାନଦୀତଟରେ ରହି । ରାମ ଲୋକଙ୍କୁ ପ୍ରବୋଧି କହି ।
ଆମ୍ଭ ତୁଲେ କଷ୍ଟ ବନକୁ ଆସୁଛ,
କଷ୍ଟିନ୍ତରେ ରାଜ୍ୟେ ରହ ଯାଇ ହେ, ସକଳେ ॥ ୨

ଭରଥ ଅଯୋଧ୍ୟାରେ ରାଜା ହେବ । ତୁମ୍ଭେ ତାଙ୍କୁ ସେବା କରିଥିବ ।
ଚଉଦ ବରଷ ପୂରିଲେ ଆସିବୁ,
ତେତେବେଳେ ଆମ୍ଭଙ୍କୁ ଦେଖିବ ହେ, ସକଳେ ॥ ୩

ଏ ବାଣୀ ସକଳଜନେ ଶୁଣି । ରାମପାଦେ ପଡ଼ି କହି ବାଣୀ ।
ଭୋଦେବ ତୁମ୍ଭ ସଙ୍ଗତେ ବନେ ଥିବୁ,
ଦଣ୍ଡାକର ଯିବୁ ରଘୁମଣିହେ, ଶ୍ରୀରାମ ॥ ୪

କିସ କରିବୁ ରାଜ୍ୟକୁ ଯାଇ । ଘର ସମ୍ପଦରେ କାର୍ଯ୍ୟ ନାହିଁ ।
ତୁମ୍ଭେ ଯଦି ବାହୁଡ଼ିବ ଆମ୍ଭେ ଯିବୁ,
ନୋହିଲେ ମରିବୁ ଏହିଠାରେଁ ହେ, ଶ୍ରୀରାମ ॥ ୫

ଲୋକଙ୍କ କଷ୍ଟୁର ଶୁଣି ରାମ । ତୃଣ ଅଣାଇଲେ ତତକ୍ଷଣେ ।
ଶେଯ ସଜାଡ଼ି ତହିଁରେ ପହୁଡ଼ିଲେ,
ଦେଖି ସର୍ବେ କରନ୍ତି ରୋଦନ ସେ, ସକଳେ ॥ ୬

ଆହା ରାମ ସ୍ନେହେ କଷ୍ଟ ସହିଲ । ରାଜପୁତ୍ର ହୋଇ ଏହାହେଲ ।
ହଂସୁଲୀ ତୁଳୀ ଗୁଡ଼ି ତୃଣେ ଶୋଇଛ,
ବନେ ଅରକ୍ଷ ପ୍ରାୟେ ରହିଲ ହେ, ଶ୍ରୀରାମ ॥ ୭

ଏହା ଦେଖି କେ ଧରିବ ପ୍ରାଣ । ବିହି କଷ୍ଟ ଦେଲା ଏ କାରଣେ ।
କାନ୍ଦି ତଳେ ପଡ଼ି ଗଡ଼ି ରଡ଼ି ଛାଡ଼ି,
ହୃଦେ କୋଡ଼ି ହୋନ୍ତି ପୁଣ ପୁଣ ସେ, ସକଳେ ॥ ୮

ଏହିରୂପେ ଅନେକ ରୋଦିଲେ । ଶ୍ରୀରାମଙ୍କୁ ବେଢ଼ି ନିଦ୍ରାଗଲେ ।
ସର୍ବେ ନିଦ୍ରାଯିବା ଦେଖିଣ ଶ୍ରୀରାମ,
ସୁମନ୍ତ୍ରକୁ ରାଇଣ କହିଲେ ସେ, ଶ୍ରୀରାମ ॥ ୯

ସର୍ବେ ନିଦ୍ରା ଏବେ ଛନ୍ତି ଯାଇ । ଏହିକାଳେ ଟିବା ବେଗ ହୋଇ ॥
ନିଦ୍ରା ଭଙ୍ଗ ହେଲେ ସର୍ବେ ଗୋଡ଼ାଇବେ,
ଶୁଣି ସୁମନ୍ତ୍ର ରଥ ଆଣଇ ସେ, ବହନ ॥୧୦

ବେଗେ ରାମ ବିଜେକଲେ ଯାଇ । ନିଶିକାଳେ ରଥ ନେଲେ ବାହି ।
ନିଦ୍ରା ଭଙ୍ଗ ହୋଇ ଉଠି ସର୍ବଜନେ,
କାହିଁ ନଦେଖିଲେ ରଘୁସାଇଁ ସେ, ସକଳେ ॥୧୧

ଖୋଜି ଖୋଜି ବହୁତ ରୋଦନ୍ତି । କାହିଁ ଛାଡ଼ିଗଲ ରଘୁପତି ।
ଏ ଘୋର ଅରଣ୍ୟେ ଛାଡ଼ି ପଳାଇଲ,
ନ ଜାଣିଲୁ ଗଲ କେଉଁ କତି ହେ, ଶ୍ରୀରାମ ॥ ୧୨

ତାଳେ ନିର୍ଦ୍ଦୟା କଲ ଶ୍ରୀରାମ । ତୁମ୍ଭ ମୁଖ ଦେଖିବୁ କେସନ ?
ଆମ୍ଭର ବିକଳ ସହି ନ ପାରିଲ,
ବାହୁଡ଼ି ଗଲ କି ନିଜ ଗ୍ରାମ ହେ, ଶ୍ରୀରାମ ॥ ୧୩

ଆମ୍ଭଙ୍କୁ କିମ୍ପା ନ ଗଲ କହି । କାନ୍ଦି ବାହୁଡ଼ି ଦୁଃଖିତ ହୋଇ ।
ସେଠାରୁ ସେ ଅଯୋଧ୍ୟାକୁ ବାହୁଡ଼ିଲେ,
ରାମ ଗଙ୍ଗାତଟେ ହେଲେ ଯାଇ ସେ, ଶ୍ରୀରାମ ॥ ୧୪

ଦେଖି ଆଇଲେ ଗୁହ ଶବର, ମିତ୍ର ପାଦେ କଲେ ନମସ୍କାର
ଶ୍ରୀରାମ ତାଙ୍କୁ ସର୍ବକଥା କହିଲେ,
ଶୋକ କଲେ ଶୃଙ୍ଗବେଣୀ ବୀର, ସେ କାଳରେ ॥ ୧୫

ପାଦେ ପଡ଼ି ବୋଲେ ଗୁହ ବୀର, ମୋର ନଗରରେ ବିଜୟ କର
ଶ୍ରୀରାମ ବୋଇଲେ ଗ୍ରାମେ ରହିବାକୁ,
ଆଜ୍ଞା କରି ନାହାନ୍ତି ପିଅର ହେ, ମଇତ୍ର ॥ ୧୬

ଫଳମୂଳ ଦ୍ରବ୍ୟେ ତୋଷ ମନ, ରାମ ନକଲେ ତାହା ଭୋଜନ
ଗୁହ ଶବରକୁ ସ୍ନେହ ସନ୍ତୋଷରେ,
ବୋଲନ୍ତି ଧୀରେ ବଚନ ସେ, ଶ୍ରୀରାମ ॥ ୧୭

ଆହେ ମିତ୍ର ଶୁଣ ମୋର ବାଣୀ, ଅଶ୍ୱଙ୍କ ପାଇଁ ଆଣ ତରଣୀ
ଶୁଣିଣ ଶବର ବେଗେ ଚଳିଯାଇ,
ରଥ ଓହ୍ଲାଇଲେ ରଘୁମଣି ସେ, ଶ୍ରୀରାମ ॥ ୧୮

ଜାନକୀ ଲକ୍ଷ୍ମଣ ରଘୁସାଇଁ, ପୁଇଗୃନ୍ଧଆ ମୂଳରେ ଯାଇ
ଶ୍ରୀରାମ ବୋଇଲେ ଏଠାରେ ରହିବା,
ତୃଣ ଆଣି ଊର୍ମିଳାର ସାଇଁ ସେ, ଲକ୍ଷ୍ମଣ ॥ ୧୯

ଶେଯ ସଜାଡ଼ି ରାମଙ୍କୁ ଦେଲେ, ଆପଣାର ଥବ ହୂତେ କଲେ
ତହୁଁ ସୁମନ୍ତ୍ର ଅଶ୍ୱ ଗୃଇ ଫେଡ଼ିଣ,
ପାଣି ଦେଇଣ ଆଣି ବାନ୍ଧିଲେ ସେ, ସୁମନ୍ତ୍ର ॥ ୧୦

ଯାସ ଧେନ ଗୁହ ମିଳେ ଆସି, ରାମ ବହୁତ ତାଙ୍କୁ ପ୍ରଶଂସି
ବୋଇଲେ ମଇନ ଯାଅ ନିଜ ଦେଶ,
ତୋତେ ନ ଛାଡ଼ିବ ରଘୁଶିଷ ହେ, ଶ୍ରୀରାମ ॥ ୨୧

ତୁ ସ୍ୱାମୀ ରହିବୁ ବିପୁଣ୍ୟରେ, ମୋତେ ନିଦ୍ରା ମାଡ଼ିବ କା ଘରେ
ଅନେକ ପୁଣ୍ୟେ ପାଇଅଛୁ ମୁଁ ଭେଟ,
ଆଜୁଁ ଖଟିବି ତୋହ ପଯ୍ୟରେ ହେ, ଶ୍ରୀରାମ ॥

ଶୁଣି ରାମ ହରଷ ହୋଇଲେ, ସୁମନ୍ତ୍ର ପାଶେ ବସ ବୋଇଲେ
ରାମ ଲକ୍ଷ୍ମଣ ସୀତା ଜଳ ସାଇଣ,
ବାହୁଡ଼ି ଲକ୍ଷ୍ମଣଙ୍କୁ କହିଲେ ସେ, ଶ୍ରୀରାମ ॥ ୨୩

ଶୁଣ ଶୁଣରେ ଲକ୍ଷ୍ମଣ ଭାଇ । ଆଜ କଷ୍ଟ ତ ସହି ନୁହଇ ।
କେଉଁ ବିଧି ମୋତେ ଏତେ କଷ୍ଟ ଦେଲା,
କ୍ଷୁଧାଭରେ ନିଦ୍ରା ନ ଲାଗଇ ରେ, ଲକ୍ଷ୍ମଣ ॥ ୪

ଏଯେ ରାଜକେମା ସୁକୁମାରୀ । କଷ୍ଟି ହୋଇଲା ମୋ କର ଧରି ।
ମୋ କଷ୍ଟ ଜନନୀ ନ ଦେଖିଲା ଏବେ,
ବୋଲନ୍ତି ଥିଲା ଯେ ଗର୍ଭଧାରୀ ରେ, ଲକ୍ଷ୍ମଣ ॥ ୨୫

ସୁଧ କଷ୍ଟ ପାଇଲା ମୋ ମାତ । କରୁଥିଲା କମା ମୋତେ ଜାତ ।
ମୋର ଭଲ ସିନା ଦେଖନ୍ତା ନୟନେ,
ଏବେ ଶିରେ ଦେଇଥିବ ହାତ ରେ, ଲକ୍ଷ୍ମଣ ॥ ୨୬

ସଉମିତ୍ରୀ ବୋଲେ ଶୁଣ ଦେବ ! ବିଧି ଲିହିବା ଆନ ନୋହିବ ।
ବିପତ୍ତିରେ ଧୈର୍ଯ୍ୟ ହେଲେ ସିନା କାର୍ଯ୍ୟ—
ଲଭି ଅରଣ୍ୟେ ଦନ ବଞ୍ଚିବ ହେ, ଶ୍ରୀରାମ ॥ ୨୭

ଲକ୍ଷ୍ମଣଙ୍କୁ କହନ୍ତି ଶ୍ରୀରାମ । ନିଶିଶେଷେ ସାରି ନିତ୍ୟକର୍ମ ।
ବଟକ୍ଷୀରେ ରାମ ଜଟା ସଜ କଲେ,
ଦେଖି ସୀତାୟୀ କଲେ କାରୁଣ୍ୟ ସେ, ଜାନକୀ ।। ୨୮

ସୁମନ୍ତ କଲେ ବହୁ ରୋଦନ । ଗୁହ ଶବର କରେ କାରୁଣ୍ୟ ।
ଆହାରେ ଦଇବ ଏହା ଲେଖିଥିଲୁ,
ବନେ କେମନ୍ତେ ବଞ୍ଚିବେ ଧନ ସେ, ଶ୍ରୀରାମ ।। ୨୯

ରାଜପୁତ୍ର ହୋଇ କଷ୍ଟ ପାଇ । ସବୁ ଦଣ୍ଡ କଲେ କଇକେଇ ।
ଲକ୍ଷ୍ମଣଙ୍କୁ ଚାହିଁ ଶ୍ରୀରାମ ବୋଲନ୍ତି,
ଯିବା ଗଙ୍ଗା ପାରି ହୋଇ ରେ, ଲକ୍ଷ୍ମଣ ।। ୩୦

ରାମ ଲକ୍ଷ୍ମଣ ସୀତାୟୀ ସଙ୍ଗେ । ବିଜେ କଲେ ଗଙ୍ଗା ତଟେ ବେଗେ ।
ଗଙ୍ଗା ଦେଖି ତୋଷ ରଘୁକୁଳ ଈଶ,
ନାବିକକୁ ଡାକନ୍ତି ସମୀପେ ସେ, ଶ୍ରୀରାମ ।। ୩୧

ଶୁଣି ନାବ ଧରିଣ ଆସଇ । ରାମ ଚରଣ ତଳେ ପଡ଼ଇ ।
ଶ୍ରୀରାମ ବୋଇଲେ ଗଙ୍ଗା ପାରି ହେବୁ,
ଧୀବର କରଯୋଡ଼ି କହଇ ସେ, ଶ୍ରୀରାମ ।।୩୨

କିଛି ସତ୍କାର କରିବ ଯେବେ । ଗଙ୍ଗା ପାରି କରିଦେବି ତେବେ ।
ନୋହିଲେ କର୍ତ୍ତବ୍ୟ ନାହିଁଟି ମୋହର,
ଦ୍ରବ୍ୟ ଚଣ୍ଡରେ ବିଚାର ଏବେ ହେ, ଶ୍ରୀରାମ ।। ୩୩

ଶୁଣି ଲକ୍ଷ୍ମଣ ବୋଲେ ନାବିକ । ତୁଚ୍ଛ ଦଶୁକୁ ଉତ୍ତମ ଲୋକ ।
ଅବିବେକ ପରି କହୁ ନ ବିଚାରି,
ଦେଖ ଆମ୍ଭର ତପସ୍ୱୀ ବେଶରେ, ନାବିକ ।। ୩୪

ଶୁଣ ଧୀବର ମୋହର ବାଣୀ । ଦଶରଥ ସୁତ ରଘୁମଣି ।
ବନକୁ ଅଇଲେ ପିତା ସତ୍ୟ ପାଳି,
ବଇ କାହୁଁ ତୋତେ ଦେବେ ଆଣି ରେ, ନାବିକ ।। ୩୫

ଶୁଣି ନାବିକ ମନେ ଆନନ୍ଦ । ମୁଣ୍ଡ ବିକାଶଇ ପୂର୍ଣ୍ଣଚନ୍ଦ୍ର ।
ମନେ ବିଚାରଇ "ଯେ ସେ ନାରାୟଣ,
ପାରି କରିବି ବୋଲି ଆନନ୍ଦ ସେ, ଧୀବର ।। ୩୬

ଦାସ ବୋଲଇ ଶୁଣ ଲକ୍ଷ୍ମଣ । ଏଥୁଁ ଉଦର ପୋଷୁଛୁ ଜାଣ ।
ବସ ଏବେ ତୁମ୍ଭେ ପାରହୋଇ ଯିବ,
ବୃତ୍ତି ଶୂନ୍ୟ ହେଲେ ପଛେ ହେବ, ହେ ଲକ୍ଷ୍ମଣ ॥ ୩୭

ରାମ ଲକ୍ଷ୍ମଣ ସୀତାଙ୍କୁ ନେଲେ । ନେଇ ନାବପରେ ବସାଇଲେ ।
ଗୁହ ଶବରକୁ ଯାଅ ବୋଲେ ରାମ,
ଶୁଣି କର ଯୋଡ଼ିଣ କହିଲା ସେ, ଶବର ॥ ୩୮

ତୁମ୍ଭ ସଙ୍ଗତେ ଯିବଇଁ ମୁହିଁ । ନାସ୍ତି କଲେ ରଘୁକୁଳ ସାଇଁ ।
ବନବାସ ସାରି ଆମ୍ଭେ ବାହୁଡ଼ିଲେ,
ଏହିବାଟେ ଯିବୁ ଦେଖା ହୋଇ, ହେ ମଇତ୍ର ॥ ୩୯

ନିଶ୍ଚିନ୍ତରେ ରାଜ୍ୟ ପାଳୁଥିବ । ଯେହ୍ନେ ଆଜ୍ଞା ପାଳଇ ଦଇବ ।
କହିଣ ଶବର ପାଦେ ପଡ଼ି ଚଳିଲା,
ସୁମନ୍ତ୍ରକୁ କହିଲେ ରାଘବ, ହେ ସୁମନ୍ତ୍ର ॥ ୪୦

ବାହୁଡ଼ି ଯାଅ ହେ ମନ୍ତ୍ରୀବର । ପିତାଙ୍କୁ ମୋ ନିତ୍ୟ ନମସ୍କାର
କହିବ ରାଜାଙ୍କୁ ଚିନ୍ତାର୍ଥୀ ନୋହିବେ,
ଅଣାଇଣ ଭରଥ ରାଜା କର, ହେ ସୁମନ୍ତ୍ର ॥ ୪୧

ମାତାମାନଙ୍କୁ କହିବ ଯାଇ । ନିତ୍ୟ ନିତ୍ୟ ପ୍ରଣାମ କରଇ ।
ଶତ୍ରୁଘ୍ନଙ୍କୁ ତୁମ୍ଭେ କହିବ ବିଶ୍ୱାସ,
ସେବା କରିଥିବ ଭରଥଙ୍କୁହିଁ, ହେ ସୁମନ୍ତ୍ର ॥ ୪୨

ବଶିଷ୍ଠଙ୍କୁ ଓଳଗ କହିବ । ସାବଧାନେ ଅଯୋଧ୍ୟା ପାଳିବ ।
ରାଜ୍ୟର ଲୋକଙ୍କୁ କହିବ ନିଶ୍ଚଳ,
ଭରଥ ତୁମ୍ଭମାନଙ୍କୁ ପାଳିବ,ହେ ସୁମନ୍ତ୍ର ॥ ୪୩

ଶୁଣି ସୁମନ୍ତ୍ର ବିନୟେ କହି । ତୁମ୍ଭ ସଙ୍ଗତେ ଯିବଇଁ ମୁହିଁ ।
ଶ୍ରୀରାମ ବୋଲନ୍ତି ନବୋଲ ଏବାଣୀ,
ବାବୁ କହ ଯାଇ ନରସାଇଁ, ହେ ସୁମନ୍ତ୍ର ॥ ୪୪

ଶୁଣି ସୁମନ୍ତ୍ର ବାହୁଡ଼ି ଗଲେ । ନାବ ବାହାରେ ରାମ ବୋଇଲେ ।
ଶୁଣି ଧୀବର ନାବକୁ ବାହି ଧୀରେ,
ନାବରୁ ଓହ୍ଲାଇ ବିଜେ କଲେ ସେ, ଶ୍ରୀରାମ ॥ ୪୫

ଭରଦ୍ୱାଜ ବନେ ଯାଇ ହେଲେ । ତାଙ୍କୁ ଦେଖି ନମସ୍କାର ହେଲେ ।
କଲ୍ୟାଣ କରି ଆସନ ଦେଇ ମୁନି,
ପୂଜା କରି ବାର୍ତ୍ତା ପଚାରିଲେ ସେ, ରାମଙ୍କୁ ।। ୪୬

ରାମ କହନ୍ତ ଋଷି ଆଗର । ଆମ୍ଭେ ଦଶରଥଙ୍କ କୁମର ।
ସୂର୍ଯ୍ୟବଶେ ଜାତ ରାମ ମୋର ନାମ,
ସାନୁଜ ଏହେ ସୁମିତ୍ରା କୁମର ଏହେ, ଭୋ ମୁନି ।। ୪୭

ସୀତା ସହିତେ ସଙ୍ଗତେ ଘେନି । ଅରଣ୍ୟକୁ ଅଇଲୁ ଭୋ ମୁନି
ଚଉଦ ବରଷ ଗ୍ରାମେ ନ ପଶିବୁ,
ପିତା ଆଜ୍ଞା ଥିବୁ ଶିରେ ଘେନି ହେ, ଭୋ ମୁନି ।। ୪୮

ପିତା ରାଜ୍ୟ ଦେବା କଲେ ମୋତେ । ଭ୍ରାତାମାତା ଶୁଣି କୋପଚିତ୍ତେ ।
ପିତାଙ୍କୁ ସତ୍ୟ କରାଇ ବରମାଗି,
ଭ୍ରଥ ରାଜା ହୋଇବା ସକାଶେ ହେ, ଭୋ ମୁନି ।। ୪୯

ଚଉଦ ବରଷ ବନବାସ । ଫଳମୂଳକୁ କରିବୁ ଗ୍ରାସ ।
ଏତେ କହି ରାମ ମଉନ ହୋଇଲେ,
ଗୀତେ ଭଣେ ରଘୁନାଥ ଦାସ, ହେ ସୁଜନେ ।। ୫୦

# ତୃତୀୟ ଦିନ ନାଟ

## ରାଗ—ସିନ୍ଧୁଡ଼ା

ଆଜ ହୋଇବ ଯେତେ ଯେତେ ବିଧାନ ଶୁଣ ଜନେ ହେତୁ କରି ।
ଭରଦ୍ୱାଜଙ୍କ ଆଶ୍ରମ ତେଜି ରାମ ଯିବେ ଚିତ୍ରକୂଟ ଗିରି ହେ ।
ରମ୍ୟ ଦେଖି ସେ ବନ,
ପର୍ଣ୍ଣ କୁଟୀରୁ ଯାଇ ବହନ ସେ ।
ସୀତା ସହିତେ ବଞ୍ଚିବେ ଦିନ ସେ ।
ବାଲ୍ମିକ ଭେଟିବେ ସେ ସ୍ଥାନ ସେ ॥ ୧

ମନ୍ଦାକିନୀ ନଦୀ ତଟରେ ରଘୁପତି ଜାନକୀ ସଙ୍ଗରେ ଘେନି ।
ନାନା ବିନୋଦରେ ବିହାର କରିବେ ଚିତ୍ରକୂଟର ମୂର୍ଦ୍ଧ୍ନି ସେ ।
ଏଥୁ ଅନ୍ତରେ ରସ, ସାଧୁଜନେ ଶୁଣି ହୁଅ ତୋଷ ହେ !
ସୁମନ୍ତ ଯିବେ ଅଯୋଧ୍ୟା ଦେଶ ହେ,
ରାଜା ଆଗେ କହିବେ ସନ୍ଦେଶ ସେ ॥ ୨

ଏ ବାଣୀ ଶୁଣି ଦଶରଥ ରାଜନ ଶୋକେ ନିମଗ୍ନ ହୋଇବେ ।
ଆହା ରାମ ବୋଲି ଅବନୀରେ ପଡ଼ି ପ୍ରାଣତ୍ୟଜି ସ୍ୱର୍ଗ ଯିବେ ସେ ।
ଅନ୍ତଃପୁରେ ରୋଦନ, ଶୁଣି ଆସିବେ ବ୍ରହ୍ମା ନନ୍ଦନ ସେ ।
ଶୋକ ନିବର୍ତ୍ତାଇବେ ବହନ ସେ,
ତୈଳଭାଣ୍ଡେ ରଖାଇ ରାଜନ ସେ ॥ ୩

ଭରତ ଶତ୍ରୁଘନଙ୍କୁ ଆଣିବାକୁ ସୁମନ୍ତ୍ର ବେଗେ ବେଗେ ଚର ।
ଅଜାଙ୍କ ଠାରୁ ମେଲାଣି ହୋଇ ଭ୍ରାତ ଆସିବେ ଅଯୋଧ୍ୟାପୁର ସେ ।
ମାତାଙ୍କୁ କରି ମାନ୍ୟ, ପଚାରିବେ ସମସ୍ତ ବିଧାନ ସେ ।
ମାୟେ କହିବେ ସର୍ବ ବିଧାନ ସେ ।
ଶୁଣି କ୍ରୋଧ ହୋଇବେ ନନ୍ଦନ ସେ ॥ ୪

ପିତାଙ୍କ ଦହନ କରି କୁଳାଚାର କ୍ରିୟାକର୍ମକୁ ସାରିବେ ।
ତଦନ୍ତେ ପାତ୍ର-ମନ୍ତ୍ରୀ ଘେନି ବାହାରି ଶ୍ରୀରାମଙ୍କୁ ଆଣିଯିବେ ସେ ।
ମାତା ସହିତେ ଯିବେ, ଗଙ୍ଗାତଟେ ପ୍ରବେଶ ହୋଇବେ ସେ ।
ଗୁହ ଶବର ତହିଁ ଭେଟିବେ ସେ ।
ପରସ୍ପରେ କହୁଣ କାନ୍ଦିବେ ସେ ॥ ୫

ଭରଦ୍ୱାଜଙ୍କ ଆଶ୍ରମେ ରହି ତାଙ୍କୁ ଓଳଗି ସବୁ କହିବେ ।
ଋଷିଙ୍କ ତହୁଁ ସନ୍ଦେଶ ପାଇ ଚିତ୍ରକୂଟେ ପ୍ରବେଶ ହୋଇବେ ସେ ।
ଗୁରୁଭାଇଙ୍କ ଭେଟ, ଶୋକେ ପୂରିବ ସେ ଚିତ୍ରକୂଟ ସେ ।
ତହୁଁ ଶୁଣିବେ ପିତାର ହତ ସେ ।
ସ୍ନାନପିଣ୍ଡକୁ ଦେବେ ତୁରିତ ସେ ॥ ୬

ଭରତ କହନ୍ତେ ନ ଆସିବେ ରାମ ପ୍ରବୋଧ ବଚନ କହି ।
ପାଦୁକା ଘେନି ଭରତ ଲେଉଟିବେ ରାମଙ୍କୁ ବିନୟୀ ହୋଇ ସେ ।
ଅଯୋଧ୍ୟାକୁ ନ ଯିବେ, ନନ୍ଦିଗ୍ରାମରେ ବାସ କରିବେ ସେ ।
ତପସ୍ୱୀ ବେଶରେ ଦିନ ନେବେ ସେ ।
ରଘୁନାଥ ଦାସ ଏହା ଭାବେ ସେ ॥ ୭

●

## ରାଗ—କଲ୍ୟାଣକେଦାର

ଏଥୁଅନ୍ତେ ଶୁଣ ସୁଜ୍ଞଜନେ ।
ଫଳମୂଳ ଦେଲେ ମୁନିବର ।
ଭୁଞ୍ଜିଣ ରାମ ରଜନୀ ବଞ୍ଚି ତହିଁ,
ପ୍ରଭାତରୁ ହୋଇଲେ ବାହାର ସେ, ଶ୍ରୀରାମ ॥ ୧

ଶ୍ରୀରାମଙ୍କର ବାଣୀ ନିଷ୍ଠୁର,
ଶୁଣି ବୋଲନ୍ତି ମୁନି ଈଶ୍ୱର ।
ଚଉଦ ବରଷକୁ ଯେତେ ଲାଗିବ,
ଆମ୍ଭେ ତୋତେ ଦେଖୁ ରଘୁବୀର ହେ, ଶ୍ରୀରାମ ॥ ୨

ଶୁଣି ଶ୍ରୀରାମ ତା' ନାସ୍ତି କଲେ ।
ଏହା ନ କହ ରାମ ବୋଇଲେ ।
ଫଳମୂଳ ଭକ୍ଷି ବନସ୍ତେ ବୁଲିବୁ,
ପିତା ଆଜ୍ଞାକୁ ପାଳିବୁ ଭଲେ ହେ, ଶ୍ରୀମୁନି ॥ ୩

ଚିତ୍ରକୂଟରେ ରହଣି କହି ।
ସ୍ଥାନ ରମଣୀ ଅଟଇ ସେହି ।
ଏମନ୍ତ କହି ଶିଷ୍ୟଙ୍କୁ ପଠାଇଲେ,
ଚିତ୍ରକୂଟ ମାର୍ଗ ଦେଲେ କହି ସେ, ରାମଙ୍କୁ ॥ ୪

ମାର୍ଗ ଅନୁସରଣ ବାହାର ।
ଭେଲା ବାନ୍ଧ ଯମୁନାକୁ ତରି ।
ତହୁଁ ତତକ୍ଷଣ ପଥ ବାହି ଯାଇ,
ବେଗେ ହେଲେ ଚିତ୍ରକୁଟ ଗିରି ସେ, ଶ୍ରୀରାମ ।। ୫

ଅତି ରମ୍ୟ ଅଟେ ସେହି ଗିରି ।
ଦେଖି ଶ୍ରୀରାମ ପ୍ରଶଂସା କରି ।
ବାଲ୍ମିକ ଋଷି ନିକଟେ ପ୍ରବେଶ,—
ହୋଇ ନମସ୍କାର ତାଙ୍କୁ କରି ସେ, ରାଘବ ।। ୬

ସବୁ ଚରିତ ତାଙ୍କୁ କହିଲେ ।
ଯହିଁ ପାଇଁ ବନକୁ ଆଇଲେ ।
ପିତା ରାଜ୍ୟ ମୋତେ ଦେବେ ବୋଲିବାରୁ,
ଭ୍ରାତମାତା ଶୁଣି କୋପ କଲେ ହେ, ତପୋମୁନି ।। ୭

ଭରଥ ରାଜା ହୋଇବ ବୋଇଲେ ।
ଆମ୍ଭଙ୍କୁ ବନସ୍ତକୁ ପେଷିଲେ ।
ସମସ୍ତ ଶୁଣି ସନ୍ତୋଷ ମହାଋଷି,
ପୂଜା ଗହୁରିବ ତାଙ୍କୁ କଲେ ହେ, ସୁଜନେ ।। ୮

ରହିବାକୁ ସ୍ଥାନ ଦେଲେ କହି ।
ପର୍ଣ୍ଣକୁଟୀ ତିଆଇଲେ ତହିଁ ।
ଆଶ୍ରମ କରି ତହିଁରେ କାଳ ନେଲେ,
ସୀତା ଲକ୍ଷ୍ମଣ ସଙ୍ଗରେ ରହି ସେ, ଶ୍ରୀରାମ ।। ୯

ଧନୁଶର ଧରି ତହୁଁ ଗଲେ ।
ମୃଗ ମାରି ତୁରିତେ ଆଣିଲେ ।
ଖାର କରି ବହି ଶ୍ରୀରାମ ବାହାରି,
ମନେ ସନ୍ତୋଷିଣି ବଢ଼ାଇଲେ ସେ, ଲକ୍ଷ୍ମଣ ।। ୧୦

## ଲକ୍ଷ୍ମଣ ବଚନିକା

ଦେଖିଣ ଲକ୍ଷ୍ମଣ ଭନ୍ଦୁଁ ବିଚଳିତ ମନ ।
ଲୋଚନୁ ଅଶ୍ରୁ-ଜଳ ବହଇ ଘନଘନ ॥

ଯାହାର କନ୍ଧରେ ତ୍ରୈଲୋକ୍ୟ ଲକ୍ଷ୍ମୀ ବସଇ ।
ସେହି ରାମ ମୃଗଭାର କନ୍ଧରେ ବହଇ ॥

ଚିନ୍ତା କିମ୍ପା କର ବାବୁ ବୋଇଲେ ଶ୍ରୀରାମ ।
କାଲି ଦେନ କଥା ତୁହି ବିଚାର ଲକ୍ଷ୍ମଣ ॥

ଉପବାସେ ପାଣି ପିଇ ଗଲା ଦିନଦିନ ।
ଆଜ ଏହାକୁ ପାଇଲେ ବଡ଼ ଆମ୍ଭ ପୁଣ୍ୟ ॥

ସନ୍ତୋଷ ଚିତ୍ତରେ ଏହା କରିବା ଭୋଜନ ।
କାଠ ଏହା ବୋଲି ରାମ ହୋଇଲେ ମଉନ ॥

### ଗୀତ

ଶୁଣି ଲକ୍ଷ୍ମଣ ଆନନ୍ଦ ହେଲେ ।
ମୃଗ କୋଳାଇବାକୁ ଚଳିଲେ ॥
ଲକ୍ଷ୍ମଣ ସକାଡ଼ି ଜାନକୀ ନିକଟେ,
ପାକ କରିବା ନିମନ୍ତେ ଦେଲେ ସେ, ତୁରିତେ ॥ ୧୧

ସୀତା ରାନ୍ଧିଲେ ଯତନ କରି ।
ରାମ ଲକ୍ଷ୍ମଣ ଭୋଜନ କରି ॥
ସୀତୟା ଭୋଜନ ସାରିଣ ହରଷ,
ଏହି ରୂପେ ଦିନ ଗଞ୍ଜି ହରି ସେ, କାକୁସ୍ଥେ ॥ ୧୨

ଆରେ ବନ ସାରି ରଘୁପତି ।
କଷା ଫଳ ଭକ୍ଷିଣ ତୃପତି ॥
ମୃଗ ଛାଲ ପରେ ବସି ହୃଷ୍ଟ ହେଲେ,
ରଘୁନାଥ ଦାସ ରାମ ଚନ୍ଦ୍ର, ହେ ସୁଜନେ ॥ ୧୩

## ଶ୍ରୀରାମ ବଚନକା

ଏଥୁଅନ୍ତେ ସୁଜ୍ଞଜନମାନେ ଶୁଣ । ଚିତ୍ରକୁଟେ ଥାଇ ରାମେ ଡାକିଜଣ ॥
ଶ୍ରୀରାମ ବୋଲନ୍ତି ଶୁଣ ଶୁଣ ଆରେ ଭାଇ ।
କି କରୁଥିବେ ମୋହର କଉଶଲ୍ୟା ମାଇ ॥

କେକୟୀ ଜନନୀ ମୋର ଆବର ସୁମିତ୍ରା ।
କେଉଁ ଅବକାଶ ଯେବେ ହୋଇଥିବେ ପିତା ॥

ଭରଥ ଶତ୍ରୁଘନଙ୍କୁ ଆଣି ଥିବେଟି ତାତ ।
କାହିଁ ଯାଇ ଆଜ ରହିଥିବେଟି ସୁମନ୍ତ ॥

କି ବିଚାର କରୁଥିବେ ରାଜ୍ୟ ନରନାରୀ ।
ଭରଥ ରାଜା ପଣକୁ ପାରିବଟିକି କରି ॥

## ଲକ୍ଷ୍ମଣ ବଚନକା

କରଯୋଡି ଲକ୍ଷ୍ମଣ ବୋଲନ୍ତି ରଘୁବରଙ୍କି ।
ପୋଡୁ ନିଜ ଦେଶ ଆମ୍ଭର କି କାର୍ଯ୍ୟ ଅଛି ॥

ରାଜା ଭ୍ରାତା ମାତୃଗଣ ମନ୍ତ୍ରୀ ଏମାନଙ୍କୁ ।
ରାଜ୍ୟ ସହିତେ ଦହିଜ୍ୟ କରିବ ତାହାଙ୍କୁ ॥

ବନେ ଆମ୍ଭେ ବଞ୍ଚୁ ଦରସିଝା ଫଳ ଖାଇ ।
ତୃଣ ଶେଯ ପାରି ବୃକ୍ଷ ମୂଳରେ ଯେ ଶୋଇ ॥

ସେମାନ୍ତ ରାଜ୍ୟେ ରହି ଦୁଃଖ ଭୋଗ ଯେ କରନ୍ତି ।
ମନେ ସେ କଥା ଆଉ ନ ଧର ରଘୁପତି ॥

## ରାମ ବଚନକା

ଶ୍ରୀରାମ ବୋଲନ୍ତି ସଉମିତ୍ରି ତୁ ନ ଜାଣୁ ।
ସମସ୍ତଙ୍କୁ ଆମ୍ଭେ ଜାଣ ଏକ କରି ମଣୁ ॥

ଆମ୍ଭେ ଗୃହ ଭ୍ରାତ କି ବେଗଳ ଅଟେ ଭାଇ ।
ଭରଥ ରାଜପଣ କଲେ ମୋତେ ଭଲ ହୋଇ ॥

ଯଦ୍ୟପି କେକୟୀ ମୋତେ ପେଷିଲେକ ବନ ।
ମୋହର କେବେ ତାହାଙ୍କୁ ମନେ ନାହିଁ ଆନ ॥

କଉଶଲ୍ୟା କେକୟୀ ସୁମିତ୍ରା ମୋତେ ଏକ ।
ଭରତ ଶତ୍ରୁଘ୍ନ ମୋତେ ତୋ ଠାରୁଁ ଅଧିକ ॥

## ଲକ୍ଷ୍ମଣ ବଚନିକା

ଶ୍ରୀରାମ ବଚନ ଶୁଣି ବୋଲନ୍ତି ଲକ୍ଷ୍ମଣ ।
ହେ ଦେବ ଧାର୍ମିକ ରୁ ପଙ୍କଜ ବିଚକ୍ଷଣ ॥

## ଗୀତ

ଏସନ କହି ସେ ଶ୍ରୀରାମ ।
ଶେଯେ ପହୁଞ୍ଚିଲେ ତତକ୍ଷଣ ।
ନଗି ଶେଷେ ରାମ ଲକ୍ଷ୍ମଣ ସୀତାୟା,
ତହୁଁ ଚଳିଲେକ ଢନଜଣ ସେ, ଶ୍ରୀରାମ ॥ ୧

ସୀତା ଶ୍ରମେ ବୋଲେ ପ୍ରାଣନାଥ ।
କେତେ ଦୂର ଅଛି ଯିବା ପଥ ।
ଶ୍ରୀରାମ ବୋଲନ୍ତି ସୀତା ମୁଖ ଚାହିଁ,
ବନେ କଷ୍ଟ ପାଇବୁ ବହୁତ ଗୋ ଜାନକୀ ॥ ୨

ଅପାର ଦୂର କଳନା ନାହିଁ ।
ଚଉଦ ବରଷ ପଥ ବାହି ।
ଢଆରେଲି ବୋଲି ନ କଲୁ ରେ ସଖି,
ବନେ ଦୁଃଖୀ ହେବୁ ପ୍ରାଣସଖୀ ଗୋ ଜାନକୀ ॥ ୩

ଏତେ ବୋଲି ଥୋକେ ଦୂର ଗଲେ ।
ଶବରପଲ୍ଲୀ ଯାଇ ଦେଖିଲେ ।
ଶବରୀମାନେ ସୀତାଙ୍କୁ ଦେଖିଣ,
ନିକଟକୁ ଯାଇଣ ପୁଚ୍ଛିଲେ, ସେ ନାସ୍ତ୍ରେ ॥ ୪

କଥା ପଚ୍ଛେ କହ ଯାଅ ସଖି ।
ଏ ଦୁଇଜଣ ତୋର କିସ ହୋଇ ।
ସୀତା ବୋଲନ୍ତି ପଛଜଣ ଦେବର ।
ଏତେ କହୁଣ ସେ ଭୂନ ହୋଇ ସେ, ଜାନକୀ ॥ ୫

ଶବରଣୀସ୍ଥେ କର ବସ୍ତୁର ।
ଆଗ ଜଣ ଅଟେ ଏହା ବର ।
ଶ୍ରୀରାମ ଥୋକାଏ ଦୂର ଯାଇ ରହି,
ଲକ୍ଷ୍ମଣଙ୍କୁ ବୋଲନ୍ତି ଉତ୍ତର ସେ, ଶ୍ରୀରାମ ॥ ୬

ଜାନକୀ କାହିଁ ଛୁଡ଼ିଲ ଖାଇ ।
ଶୁଣି ଲକ୍ଷ୍ମଣ ପଛକୁ ଚାହିଁ ।
ଯୁବତୀଙ୍କ ସଙ୍ଗେ ଜାନକୀ ରହିଲେ,
ସୀତା ବୋଲି ଉଚ୍ଚେ ଡ଼ାକ ଦେଇ ସେ, ଲକ୍ଷ୍ମଣ ॥ ୭

ଶୁଣି ଜାନକୀ ବେଗେ ଅଇଲେ ।
ଏକ ଚରିତ ଲକ୍ଷ୍ମଣ ବୋଲେ ।
ଏ ଘୋର ଅରଣ୍ୟେ ଏକା କମ୍ପା ରହୁ,
ବସ୍ତୁର ସୀତା ମଧ୍ୟେ ରଖିଲେ ସେ, ଲକ୍ଷ୍ମଣ ॥ ୮

ଆଗରେ ଶ୍ରୀରାମ ବଜେ ଜଲେ ।
ସୀତା ପଛେ ଲକ୍ଷ୍ମଣ ଚଳିଲେ ।
କେତେ ଦୂର ପଥ ବୁଲି ବୁଲି ପୁଣ,
ବେଳ ଅସ୍ତେ କୁଟୀରେ ମିଳିଲେ ସେ, ଶ୍ରୀରାମ ॥ ୯

ପାଦ ଧଉତ କରଣ ବସି ।
ଶୁଚି ହୋଇ ରାମ ସନ୍ଧ୍ୟା ଘୋଷି ।
ଲକ୍ଷ୍ମଣ କାଷ୍ଠ ଯୋଗାଇ ଦ୍ୟନ୍ତେ ନେଇ,
ସୀତା ମାଂସ ରାନ୍ଧିଲେକ ବସି ସେ, ନଗିରେ ॥ ୧୦

ସନ୍ଧ୍ୟା ସାରଣ ଶ୍ରୀରାମ ବସି ।
ଭ୍ରାତ ସଙ୍ଗେ କଥାକୁ ସମ୍ଭାଷି ।
ଏ କାଳେ ମାଂସ ରନ୍ଧନ ସାର ସୀତା,
ପତ୍ର ପାଶ ପାଣି ସିଞ୍ଚି ବସି ସେ, ଜାନକୀ ॥ ୧୧

ମାଂସ ପରଶିଲେ ଶ୍ରୀରାମଙ୍କୁ ।
ପୁଣି ପରଶି ଫଳମୂଳକୁ ।
ଏହି ରୂପେ ଲକ୍ଷ୍ମଣଙ୍କୁ ପରଶିଲେ,
ଭୁଞ୍ଜି ରାମ ଲଭି ସନ୍ତୋଷକୁ, ସେ କାଳରେ ॥ ୧୨

ରାମ ପଛେ ବାଡି ସୀତା ଭୁଞ୍ଜି ।
ଆମ୍ରୋବନାନ୍ତେ କଷାଁ ଫଳ ଭୁଞ୍ଜି ।
ତୃଣଶଯ୍ୟାରେ ସୀତା-ରାମ ପହୁଡି,
ରଘୁନାଥ ଦାସ ତାଙ୍କୁ ଭଜି, ହେ ସୁଜନେ ॥ ୧୩

●

ଏଥୁ ଅନ୍ତେ ସୁଜ୍ଞଜନେ ଶୁଣ ।
ଚିତ୍ରକୂଟେ ବନେ ରାମ ରାଣ ।
ସୀତାଙ୍କୁ ଘେନି ନାନା କଉତୁକେ,
ହରଷେ ବିହାର କରି ବନ, ସେ ଶ୍ରୀରାମ ॥ ୧

ମଦଅଗ୍ନି ନିକଟେ ଆରାମ ।
ଦେଖି ହରଷ ଚିତ୍ତ ଶ୍ରୀରାମ ।
ଜାନକୀ ସଙ୍ଗତେ ଘେନିଣ ହରଷେ,
କଉତୁକେ କଲେ କେଳୀଶ୍ରମ, ସେ ଶ୍ରୀରାମ ॥ ୨

କେଉଁ ବୃକ୍ଷରୁ ପୁଷ୍ପ ତୋଳନ୍ତି ।
କାହିଁ ବସିଣ ଗୁମ୍ଫି ଲଗାନ୍ତି ।
ଜାନକୀ ଜାନୁ ସିଂହସ୍ଥାନ କରିଣ,
ରାମଚନ୍ଦ୍ର କାହିଁ ପହୁଡନ୍ତି ସେ, କାନନେ ॥ ୩

ତହୁଁ ସୀତା କର ଧରି ଗଲେ ।
ମଦାଗ୍ନି ନଦୀ କୂଳେ ପଶିଲେ ।
ନାନା କଉତୁକେ କେଳୀ କ୍ରୀଡା ସାରି,
ନଦୀତଟ ଶିଳାରେ ଉଠିଲେ ସେ, ଦମ୍ପତି ॥ ୪

ଓଦା ଲୁଗନ୍ତେ ଗେରୁ ଉକୁଟେ ।
ଚିତ୍ର କଲେ ଜାନକୀ ଲଲାଟେ ।
ନାନା କଉତୁକ ବେନି ଜନ ସାରି,
ତହୁଁ ଚଳିଲେ ଅତ୍ୟନ୍ତ ହୃଷ୍ଟେ ସେ, ଦମ୍ପତି ॥ ୫

ପଥେ ବାନର ପଲଙ୍କୁ ଗ୍ରହିଁ ।
ଭୟ ପାଇଲେ ଶଶାଙ୍କ ମୁହିଁ ।
କାନ୍ତକୁ କୋଳ କଲେ ଯାଇ ବହନ,
ଅତି ଭୟରେ ତରସ୍ତ ହୋଇ ସେ, ଜାନକୀ ॥ ୬

କପୋଳର ଚନ୍ତା ରାମ ହୃଦେ ।
ଦେଖି ହସିଲେ ବେଳ୍ପ ଆନନ୍ଦେ ।
ମଣ୍ଡ଼ସ୍ଥାରେ ଆସି ପ୍ରବେଶ ହୋଇଲେ ।
ଦେଖି ଲକ୍ଷ୍ମଣ ନମିଲେ ପାଦେ, ସେ କାଳରେ ॥ ୭

ସୀତା ପରଶେ ଫଳ ଆଣିଣ ।
ରାମ ସନ୍ତୋଷେ କଲେ ଭୋଜନ ॥
ମୃଗମାର ମଂାସପାନେ କ୍ଷୁଧା ହରି,
ବଞ୍ଚୁଥାନ୍ତି ବନେ ପ୍ରତିଦିନ ସେ, ଶ୍ରୀରାମ ॥ ୮

ଯେତେକ ମଂାସ ବଳୁର ଥାଇ ।
ସୀତା ରଖନ୍ତି ତାହା ଶୁଖାଇ ॥
ଅନେକ ଜାନକୀ ମଂାସକୁ ଶୁଖାନ୍ତେ,
ଦେଖି ଦ୍ରୋଣ କାକ ଝାମ୍ପି ଦେଇ; ସେ ବାୟସ ॥ ୯

ମହାଧୂର୍ତ୍ତ କରଣ ଉଡ଼ାଇ ।
ଭୟେ ସେ କାକ ହୁଡ଼ି ପଳାଇ ॥
ମନ୍ଦାର ବୃକ୍ଷରେ ଯାଇଣ ବସିଲା,
ପୁଣି ଆଶାରେ ଆସଇ ଧାଇଁ ସେ, ବାୟସ ॥ ୧୦

ଗୃଧବେଳ କାକ ବାହୁଡ଼ିଲା ।
ମୂର୍ଚ୍ଛି ନପାରି ପୁଣି ଧାଇଁଲା ॥
ସୀତା ଦୃଢ଼େ ମଂାସ ଅଛନ୍ତି ଜଗିଣ,
କ୍ରୋଧେ ଘଉଡ଼ନ୍ତେ ପଳାଇଲା ସେ, ବାୟସ ॥ ୧୧

କୋପଭରେ ବୋଲେ ବଇଦେହୀ ।
ଅକାଳ କାଣ୍ଡ ପଡୁ ତୋ ଦେହୀ ॥
ଏତେ ବୋଲି ପୁଣି ଉଡ଼ାଇ ଦଅନ୍ତେ,
କ୍ରୋଧେ ସୀତା ଉପରକୁ ଧାଇଁ ସେ, ବାୟସ ॥ ୧୨

ରାଗେ ସୀତା ଓଷ୍ଠ କାମୁଡ଼ଇ ।
ଚରଣରେ ଉର ବିଦାରଇ ॥
ରଖ ରଖ କାନ୍ତ ବୋଲି ଡାକ ଦ୍ୟନ୍ତେ,
ରାମ ଆସନ୍ତେ କାକ ପଳାଇ ସେ, ଭୟରେ ॥ ୧୩

ମନ୍ଦାର ବୃକ୍ଷେ ବସିଲା ପୁଣି ।
ସ୍ତନ ଓଷ୍ଠ ଛୁଞ୍ଚ ବନ୍ଧେ ଶ୍ରୋଣି ॥
ଦେଖି ଶର ମନ୍ତ୍ରି ପେଷିଲେ କାକରେ,
ଚକ୍ଷୁ ଫୋଡ଼ ବୋଲି ରଘୁମଣି ସେ, ଶ୍ରୀରାମ ॥ ୧୪

ପବନହୁଁ ବେଗେ ଶର ଗଲା ।
ଦେଖି କାକ ଭୟେ ପଳାଇଲା ॥
ସମସ୍ତ କାକର ଚକ୍ଷୁ ଫୋଡ଼ି ଶର,
ଆସି ରାମ ଢୋଣେ ସମ୍ଭାଇଲା ସେ, ନାରାଚ ॥ ୧୫

ଯେତେ ବାୟସ ଥିଲେକ ତହିଁ ।
ସର୍ବେ ପଡିଲେ ଯେ ଅନ୍ଧ ହୋଇ ॥
ଦେଖି ମଇଥିଲୀ ବିକଳ ହୋଇଣ,
ବିନୟରେ କାନ୍ତକୁ କହଇ ସେ, ଭୋନାଥ ॥ ୧୬

ଆହେ ଦେବ ଜଣକର ଦୋଷେ ।
ଏହୁ ସକଳେ ମଲେ ଅଦୋଷେ ॥
ଏହାଙ୍କୁ ସୁଦୟା କରି ନେତ୍ରଦାନ,
ଦିଅ ଦୟାଳୁମଣି ସନ୍ତୋଷେ ହେ, ଭୋଦେବ ॥୧୭

ଶୁଣି ରାମଚନ୍ଦ୍ର ଦୟାକଲେ ।
ସର୍ବେ ନେତ୍ରକୁ ପାଅ ବୋଇଲେ ॥
ସୀତା ଠାରେ ଦ୍ରୋହ କରିବାରୁ କାକ,
ବଙ୍କ କରି ଚାହାନ୍ତୁ ବୋଇଲେ ସେ, ଶ୍ରୀରାମ ॥ ୧୮

ଏହାଙ୍କର ଅଂଶେ ଜାତ ଯେତେ ।
ଏହିମତେ ଚାହାନ୍ତୁ ସମସ୍ତେ ॥
ଏହାଶୁଣି କାକ ପଳାଇ ବଙ୍କରେ ,
ରଘୁନାଥ ଦାସ ରାମ ଚନ୍ଦ୍ରେ, ହେ ସୁଜନେ ॥ ୧୯

●

## ରାଗ—**କାଫି**

ଅଯୋଧ୍ୟାରେ ପ୍ରବେଶ ସୁମନ୍ତ୍ର ।
ରାଜାଙ୍କୁ ନମସ୍କାର କରିଣ ହେ, କହେ ରାମ ଉଦନ୍ତ ॥୧

ମୋ ଦେବ ବାହୁଡାଇ ଆଣିଲି ଯାନ ।
ଗଙ୍ଗା ପାରି ହୋଇ ଶ୍ରୀରାମ ହେ, ପଶିଲେ ଘୋରବନ ॥୨

ବଜ୍ରପତନ ପ୍ରାୟେ ମଣି ରାଜନ ।
ହା ଶ୍ରୀରାମ ବୋଲିଣ ତକ୍ଷଣ ସେ, ଢଳି ପଡିଲେ ପୁଣ ॥୩

ଉଠିଣ ଶୋକେ ଭିତରକୁ ସେ ଗଲେ ।
କଉଶଲ୍ୟା ରାଣୀଙ୍କି ଡକାଇ ସେ, ପୂର୍ବକଥା କହିଲେ ॥୪

ରାଜା ବୋଇଲେ ରାଣୀ ହେଲୁ ତୁ ଦୁଃଖୀ ।
ଋଷି ଶାପ୍ୟ ଦେଇଛନ୍ତି ମରିବି ଗୋ, ପୁତ୍ର ମୁଖ ନ ଦେଖି ॥୫

ରାଣୀ ଜାଣିଲେ ରାଜା କଲେ ଶୟନ ।
ନିଶି ଶେଷେ ଦେଖିଲେ ରାଜାର ଯେ, ଆଉ ନାହିଁ ଜୀବନ ॥୬

ଆମ୍ଭଙ୍କୁ ଅନାଥ କଲ ନରସାଇଁ ।
ମହାରାଜା ହୋଇ ମଲ ଯେ, ତୁମ୍ଭେ ପୁତ୍ର ମୁଖ ନ ଚାହିଁ ॥୭

ରାଜା ନିଧନ ଦେଖି ସକଳ ରାଣୀ ।
ରୋଦନ କରିବାରେ ଶୁଭଇ ଯେ, ସିନ୍ଧୁ ଘୋଷ କି ଜାଣି ॥୮

ନଗ୍ରଜନ ବିକଳ ନୁହଇ କହି ।
ବଶିଷ୍ଠ ସୁମନ୍ତ୍ର ପ୍ରବୋଧିଣ ଯେ, ବିଚାର କଲେ ତହିଁ ॥୯

ରାମ ତ ବନେ ଭରଥ ଅଜାଙ୍କ ଘର ।
ରାମ ନ ଆସିବେ ଭରଥ ଆସିବେ ଯେବେ ପେଷିବ ଚାର ॥୧୦

ତୈଳ ସଂଯୋଗ କରିବା ନରସାଇଁ ।
ବିଚାରିଣ ଦଶରଥ ଶବକୁ ଯେ ତୈଳ ଦ୍ରୋଣିରେ ଥୋଇ ॥୧୧

ଚାର ପେଷିଲେ ଭରଥ ଶତ୍ରୁଘ୍ନ ପାଶେ ।
ଏହା ନ କହି ରାଜା ସନ୍ଦେଶ ଯେ ବୋଲିଣ ଘେନି ଆସ ॥୧୨

ଅଶ୍ୱ ଆରୋହି ବହୁତେ କଲେ ଗମନ ।
ଭରଥ ବନ୍ଧୁଜନଙ୍କୁ ଯେ କହଇ ଅଶକୁନ ସପନ ॥୧୩

ଦୂତେ କହିଲେ ଯାଇ ଭରଥର ପାଶ ।
ବହନ ବେଗେ ଭାଇ ଆସିବ ଯେ ନୃପତିର ଆଦେଶ ॥୧୪

ଏତେ କହଣ ଲେଖା ଭରଥଙ୍କୁ ଦେଲେ ।
ପଢ଼ି ଲେଖ ଅଜାଙ୍କୁ କହଣ ଯେ ବେଗେ ବାହାର ହେଲେ ॥୧୫

ବାଟେ ଅଶକୁନ ବହୁତ ଦେଖନ୍ତି ।
ନିର୍ଘାତ ଆଦ ଦିବସେ ତାରା ଯେ ଶୃଗାଳେ ବୋବାଳି ଦ୍ୟନ୍ତି ॥୧୬

ଗୃଧ୍ରପକ୍ଷୀ ରଥରେ ବସଇ ଯାଇ ।
ଦେଖି ଭରଥ ପ୍ରମାଦ ଯେ ପଡ଼ିବ ବୋଲି ବିଚାରଇ ॥୧୭

ପ୍ରବେଶ ହେଲେ ଯାଇ ଅଯୋଧ୍ୟା ପୁରୀ ।
ରାଜ୍ୟ ନଗର ଶୋଭା ନ ପାଇ ଦଣ୍ଡଇ ଯେ ହତଶିର ॥୧୮

ଜନନୀଙ୍କ ଚରଣେ ପ୍ରଣାମ କଲେ ।
ମୋ ମାତ ତାତ କାହିଁ ଅଛନ୍ତି ଜାନକୀ ଯେ ନ ଦିଶିଲେ ॥୧୯

ଦେଖିଲି ନାହିଁ ରାମ ଲକ୍ଷ୍ମଣ ବେନି ।
ବନକୁ ଗଲେ ରାମ ବୋଲିଣ ଯେ କହିଲେ ଜନନୀ ॥୨୦

ରାମଙ୍କୁ ରାଜ୍ୟ ଦେବା ବିଚାର ।
ଜାଣି ମୁଁ ନୃପତିଙ୍କି ମନାଇ ଯେ ମାଗିଲି ବର ॥୨୧

ତୁମ୍ଭେ ରାଜା ହୋଇଣ ପାଳିବ ଦେଶ ।
ବନ କନ୍ଦରେ ରାମ ବୁଲିବେ ଯେ ଚତୁର୍ଦ୍ଦଶ ବରଷ ॥୨୨

ରାମ ସଙ୍ଗତେ ଗଲେ ସୀତା ଲକ୍ଷ୍ମଣ ।
ପୁତ୍ର ନ ଦେଖି ତୁମ୍ଭ ପିଅର ଯେ ହରାଇଲେ ଜୀବନ ॥୨୩

ପିତା ଶବ ବହ୍ନିନ କର ଦହନ ।
ମୁହିଁ ତୁମ୍ଭ ନିମିତ୍ତେ ହେ ଅର୍ଜିଛି ସୁଖେ ହୁଅ ରାଜନ ॥୨୪

ଜନନୀ ତହୁଁ ଭରଥ ଶୁଣି ଏସନ ।
କୋପ ନୟନେ ରହି ବୋଲନ୍ତି ଯେ ଧିକ ତୋର ଜୀବନ ॥୨୫

ସୂର୍ଯ୍ୟ ବଂଶେ ମନ୍ଦ ତୁ କଲୁ ରାଢ଼େଣୀ ।
କେମନ୍ତେ ଧର୍ମ ତୋତେ ସହିବ ଗୋ ଧରିଅଛି ଧରଣୀ ॥୨୬

ତୋର ମନ୍ଦପଣ ନ ଜାଣିମେ କେହି ।
ନଗ୍ର ନରନାରୀ ବରୁଷିବେ ଭରଥ ସ୍ୱାମୀର ଏହି ॥୨୭

ଶ୍ରୀରାମଙ୍କୁ ମୋତେ ତୁ ବେଗଳ କଲୁ ।
କେତେ କାଳରୁ ଗୋ କାହା ସଙ୍ଗରେ ବସି ବିଚାର କଲୁ ॥୨୮

ଦାସୀ କହିଲେ ମନ୍ଥରୀ ଏହା କଲା ।
ଶୁଣି ଲକ୍ଷ୍ମଣାନୁଜ ମନ୍ଥରୀକୁ ଭରଥ ପାଶକୁ ନେଲା ॥୨୯

ଅନେକ ମାଡ଼ ମାରି ମୁଣ୍ଡିଲେ କେଶ ।
ଶୋକରେ କଉଶଲ୍ୟା ଗୃହମୁରେ ଯେ ଭରଥ ହେଲେ ପ୍ରବେଶ ॥୩୦

ଦେଖିଣ କଉଶଲ୍ୟା ଶୋକେ ବୋଲଇ ।
ପିତା ରାଜ୍ୟ ଦେଇ ଅଛନ୍ତି ଯେ ରାଜା ହୁଅ ତୁ ଯାଇ ॥୩୧

ଆନନ୍ଦ କାଳେ କାହିଁକି ଶୋକ କର ।
ସେ ବେନି-ଭାଇ ସିନା ପଶିଲେ ଯେ ଅରଣ୍ୟର ଭିତର ॥୩୨

ଚରଣ ତଳେ ପଡ଼ି ଯୋଡ଼ଇ କର ।
ନିଯମ କରଣ ସେ କହିଲେ ଦୋଷ ନାହିଁ ମୋହର ॥୩୩

ପୁତ୍ର ନ ଥିବା ଲୋକ ଯେମନ୍ତ ହୋଇ ।
ପରଜାଙ୍କୁ ଅନ୍ୟାୟ କରନ୍ତି ଗୋ ଯେଉଁ ନରସାଇଁ ॥୩୪

ସଂସାରେ ଯେତେ ପାତକ ମୋତେ ହେଉ ।
ରାମଠାରେ ଅନ୍ତର ଥିଲେ ସବୁ ମୋ ଶିରେ ରହୁ ॥୩୫

ଏମନ୍ତ ସମୟେ ମିଳି ମନ୍ତ୍ରୀଗଣ ।
ଭରଥକୁ ଡାଆରଣ ବୋଲନ୍ତି ସେ ନ କର ତୁ କାରୁଣ୍ୟ ॥୩୬

ପିତାଙ୍କୁ ତୋହର ପିତୃ କାର୍ଯ୍ୟ କର ।
ଶୁଣିଣ ଭରଥ ବୀର ଚଳିଲେ ଯେ କରାଇଲେ ସମ୍ଭାର ॥୩୭

ପିତା ଶବକୁ ନେଇ କଲେ ଦହନ ।
କୁଳ ଆଚାର କରି ସାରିଲେ ଯେ ପ୍ରେତକର୍ମ ବିଧାନ ॥୩୮

ଶ୍ରୀରାମ ଚରଣେ ଦେଇଣ ମତି ।
ସର୍ବଦା ରଘୁନାଥ ଦାସର ଯେ ଅନ୍ୟେ ନାହିଁ ପିରତି ॥୩୯

## ରାଗ— ମଙ୍ଗଳଗୁଜ୍ଜରୀ

ଦଶରଥ ରାଜା ନିତ୍ୟ କର୍ମକୁ ସାରିଲେ ।
ଭରଥ ଶତ୍ରୁଘ୍ନ ଆସ୍ଥାନରେ ବିଜୟ୍ କଲେ ଯେ ॥ ୧

ବଶିଷ୍ଠ ଆଦି ସକଳ ପାତ୍ର ମନ୍ତ୍ରୀମାନ ।
ସୈନ୍ୟ ସହିତରେ ରହି ଆଣିଲେ ବହନ ଯେ ॥ ୨

ଅତି ଶୋକରେ ଭରଥ ବଚନ କହିଲେ ।
ପାମରୀମାତା ଯୋଗରୁ ପିତା ହତ ହେଲେ ଯେ ॥ ୩

ଶ୍ରୀରାମ ଲକ୍ଷ୍ମଣ ସୀତା କଲେ ବନବାସ ।
ଏଥକୁ ଉପାୟ କହ ଆହେ ବ୍ରହ୍ମଶିଷ ହେ ॥ ୪

ଭରଥ ମୁଖ ଚାହିଁ କହେ ଅରୁନ୍ଧତୀ ପତି ।
ଅଯୋଧ୍ୟା ନଗରେ ତୁମ୍ଭେ ହୁଅ ନରପତି ହେ ॥ ୫

ତୁମ୍ଭ ପିତାଙ୍କର ରିପୁ ଅଛନ୍ତି ବିଶେଷ ।
ଏମନ୍ତ ଛିଦ୍ର ପାଇଲେ ଘେନିବେଟି ଦେଶ ହେ ॥ ୬

ବଶିଷ୍ଠ କହିବା ଶିର ଭରଥ ନାସ୍ତି କଲେ ।
ସୈନ୍ୟ ସଜ କର ରାମ ଆଣିବା ବୋଇଲେ ଯେ ॥ ୭

ଯେମନ୍ତ ବିଚାର କମା କହିଲ ଗୋସାଇଁ ।
ଶ୍ରୀରାମ ସେ ପ୍ରଭୁ ତାଙ୍କ ଭୃତ୍ୟ ମୁଁ ଅଟଇ ହେ ॥ ୮

ଏମନ୍ତ ଶୁଣନ୍ତେ ବ୍ରହ୍ମସୁତ ହେଲେ ତୋଷ ।
ସୁମନ୍ତ୍ରଙ୍କୁ ଆଜ୍ଞା ଦେଲେ ସୈନ୍ୟ ଘେନି ଆସ ଯେ ॥ ୯

ଚତୁରଙ୍ଗ ବଳ ସାଜି ଆଣିଲେ ସୁମନ୍ତ୍ର ।
ଭରଥ ଶତ୍ରୁଘ୍ନ ରଥେ ବାହାର ତୁରିତ ଯେ ॥ ୧୦

ବଶିଷ୍ଠ ସହିତେ ପାତ୍ରମନ୍ତ୍ରୀ ମାତୃଗଣେ ।
ରାଜ୍ୟ ତୁଚ୍ଛା କରି ଗଲେ ଭରତ ସହିତେ ଯେ ॥ ୧୧

ରାମ ଦେଖିବାକୁ ସର୍ବେ ହରଷକୁ ଯାଇ ।
ସରଯୂ ନଦୀକୁ ବେଗେ ଗଲେ ପାରି ହୋଇ ଯେ ॥ ୧୨

ଗହନ-କାନନେ କଷ୍ଟେ ପଥ ବାହି ଗଲେ ।
ଗଙ୍ଗା ତଟେ ହୋନ୍ତେ ଗୁହ ଶବର ଦେଖିଲେ ଯେ ॥ ୧୩

ସୈନ୍ୟ ବଳ ଘେନି ବାଟ ଓଗାଳି ରହିଲା ।
ଭ୍ରଥର ଆଗରେ ଚର ବାରତା କହିଲା ଯେ ॥ ୧୪

ଶବର ଓଗାଳି ଯୁଝ କରଇ ଗୋସାଇଁ ।
ଶୁଣି ଭ୍ରଥ ବର ରଥୁ ଆସନ୍ତ ଓହ୍ଲାଇ ଯେ ॥ ୧୫

ବଶିଷ୍ଠ ସୁମନ୍ତ୍ର ଘେନି ଆସି ବେଗେ ହେଲେ ।
ଶବର ନିକଟେ ଯାଇ ଭ୍ରଥବୀର ବୋଲେ ଯେ ॥ ୧୬

ବାଟ ଓଗାଳୁଛୁ କିମ୍ପା କହରେ ଶବର ।
ଶ୍ରୀରାମ ଭାଇ ମୁଁ ଭ୍ରଥ ଅଟେ ନାମ ମୋର ରେ ॥ ୧୭

ମାତା କେକଇ ପିତାଙ୍କୁ ସତ୍ୟ କରାଇଲା ।
ଭ୍ରଥ ରାଜା ହେଉ ରାମ ବନେ ଯା ବୋଇଲା ଯେ ॥ ୧୮

ତହୁଁ ଶ୍ରୀରାମ ଲକ୍ଷ୍ମଣ ସୀତା ବନେ ଗଲେ ।
ଅଜା ଘରେ ଥିଲୁ ଆମ୍ଭେ ପିତା ହତ ହେଲେ ଯେ ॥ ୧୯

ବାରତା ପାଇ ଆଇଲୁ ଅଯୋଧ୍ୟା ପୁରକୁ ।
ପିଅରଙ୍କୁ ଦାହ କରି ସାରିଲୁ ଏଁହ୍ମାକୁ ହେ ॥ ୨୦

ମନ୍ତ୍ରୀ ଭଳା ମୋତେ ବୋଲେ ହୁଅ ନୃପବର ।
ମୁହିଁ ନାସ୍ତି କଲି ଏଥେ ରାଜା ରଘୁବର ଯେ ॥ ୨୧

ଯେବେ ଯାଉଛୁ ମୁଁ ରାମଚନ୍ଦ୍ରଙ୍କୁ ଆଣିବି ।
ନ ଆସିଲେ ମୋର ପ୍ରାଣ ନିଶ୍ଚୟ ହାରିବି ଯେ ॥ ୨୨

ଗୁହ ଶବର କହଇ ଦୋଷ ମୋ ଧର ।
ମୁହିଁ ଶ୍ରୀରାମ ମଇତ୍ର ଶୁଣ ଭ୍ରଥବୀର ହେ ॥ ୨୩

କୁଳ ବିତାଡ଼ନ ଅନ୍ୟାୟରେ ସେ ହୋଇଲେ ।
ସମସ୍ତ ବୃତ୍ତାନ୍ତ ଭ୍ରଥ ତାହାଙ୍କୁ କହିଲେ ଯେ ॥ ୨୪

ଭ୍ରଥବୀର କର ଧରି ଗୁହ ଘେନି ଗଲେ ।
ରାମ ରହିବାର ବଟ ତଳେ ନେଇ କଲେ ଯେ ॥ ୨୫

ଏ ବଟ ତଳରେ ରାମ ରଜନୀ ବଞ୍ଚିଲେ ।
ନିଶି ପ୍ରଭାତରେ ଜଟା ବାନ୍ଧି ଏଥୁ ଗଲେ ଯେ ॥ ୨୬

ଏହାଶୁଣି ଭ୍ରଥ ବେନ କର ହୃଦେ ତାଡ଼ି ।
ରୋଦନ କରନ୍ତି ସେ ଅବନୀ ତଳେ ପଡ଼ି ଯେ ॥ ୨୭

ଏ ବଟ କ୍ଷୀରରେ ଜଟା ବାନ୍ଧିଲେ ମୋ ଭାଇ ।
ସବୁ ମନ୍ଦ କଲା ଏକା କଇକେଇ ଆଈ ଯେ ॥ ୨୮

ଧିକ ଧିକ ମୋର ପ୍ରାଣ ଅଛଇ କମ୍ପାଇ ।
ଆହା ଭାଇ ମୋର ଆଉ ପାଇବଇଁ କାହିଁ ଯେ ॥ ୨୯

ଗୁହବୀର ତଆଚରଣ କହିଲେ ବହୁତ ।
ସେ ବଟ କ୍ଷୀରରେ ଜଟା ବାନ୍ଧି ବେନି ଭ୍ରାତ ଯେ ॥ ୩୦

କଷ୍ଟା ବସନକୁ ପିନ୍ଧି ତପସ୍ୱୀ ହୋଇଲେ ।
ସେହି ଶୋକଭରେ ଗୁହବୀରକୁ କହିଲେ ସେ ॥ ୩୧

ଅନ୍ତର ସଙ୍ଗରେ ତ୍ରମ୍ଭ ଟିବ ଗୁହବୀର ।
କେଉଁଠାରେ ଦୁଃଖ ପାଉଛନ୍ତି ରଘୁବୀର ହେ ॥ ୩୨

ଏତେ କହି ନାବେ ବସି ଗଙ୍ଗା ପାରହେଲେ ।
ମୁନିଙ୍କ ମଠରେ ଯାଇ ପ୍ରବେଶ ହୋଇଲେ ସେ ॥ ୩୩

ଭରଦ୍ୱାଜ ମୁନିଙ୍କି ଦେଖିଣ ଓଲଗିଲେ ।
ଭରତଙ୍କୁ ଗୃହିଁ ଋଷି ବଚନ ଭାଷିଲେ ଯେ ॥ ୩୪

ଶ୍ରୀରାମ ଲକ୍ଷ୍ମଣ ସୀତା ଗଲେ ବନବାସ ।
ତୁ କମ୍ପା ଶିରେ ଜଟା ବାନ୍ଧି ଯତିବେଶ ହେ ॥ ୩୫

ଭରତ ବୋଇଲେ ଅଜା ଘରେ ଥିଲୁ ଯାଇ ।
ମାତା ଏହା କଲେ କିଛି ନ ଜାଣଇ ମୁହିଁ ହେ ॥ ୩୬

ସମସ୍ତ ବୃତ୍ତାନ୍ତ ତାଙ୍କ ଆଗରେ କହିଲେ ।
ପିତାଙ୍କ ସୁମର ଭ୍ରଥ ଦୁଃଖେ ଶୋକ କଲେ ହେ ॥ ୩୭

ପ୍ରବୋଧି କହିଣ ଋଷି ଆଶ୍ୱାସନା କଲେ ।
ଏ ତୋର ସୈନ୍ୟଙ୍କୁ ଭୋଜନ ଦେବୁ ବୋଇଲେ ଯେ ॥ ୩୮

ଯେ ତୋହର ଆଜ୍ଞା ମୁନି ଭ୍ରଥବୀର ଭାଷି ।
ଦୋହରା ଘରେ ପଶି ମୁନି ସନ୍ଧ୍ୟା ମନାସି ଯେ ॥ ୩୯

ବିବିଧ ନଗର ତତକ୍ଷଣେ ଭିଆଇଲେ ।
ସମସ୍ତ ସୈନ୍ୟଙ୍କୁ ଭୂରି ଭୋଜନ ସେ ଦେଲେ ଯେ ॥ ୪୦

ସ୍ୱର୍ଗ ସମ୍ପତ୍ତି ପର୍ଯ୍ୟନ୍ତେ ମଣି ସର୍ବ ସୈନ୍ୟ ।
ରାନ୍ଧ ପାନ୍ଧିବାରୁ କିଛି ନାହିଁ ସଞ୍ଚାମାନ ଯେ ॥ ୪୧

ସମସ୍ତେ ଦେଖି ଆଶ୍ଚର୍ଯ୍ୟ ହୋଇଣ ଭାଳିଲେ ।
କେ ବୋଲଇ ସ୍ୱପ୍ନ କେ ବୋଲଇ ମାୟା କଲେ ଯେ ॥ ୪୨

ଏଥୁ ଅନ୍ତରେ ଭ୍ରଥବୀର ବାହାରିଲେ ।
ଭେଟି ମୁନି ଯାଉଛୁ ବୋଲି ବନସ୍ତେ କହିଲେ ଯେ ॥ ୪୩

ଋଷିଙ୍କି ଓଲଗି ତହୁଁ ସତ୍ୱରେ ବାହାରି ।
ବେଗେ ଯାଇ କାଳିନ୍ଦୀ ନଦୀକି ହେଲେ ପାରି ଯେ ॥ ୪୪

ତହୁଁ ବନେ ପଥ ବାହି ଗଲେ ଭ୍ରଥବୀର ।
ମନ୍ଦାଗ୍ନି ନଦୀ ତଟରେ ମିଳିଲେ ସତ୍ୱର ଯେ ॥ ୪୫

ଚିତ୍ରକୂଟ ପର୍ବତରେ ହେଲେ ସୈନ୍ୟ ଯାଇ ।
ମୁଖରାବ ଶୁଣି ରାମ ଲକ୍ଷ୍ମଣଙ୍କୁ ରାଇ ଯେ ॥ ୪୬

ବୃକ୍ଷ ପରେ ତୁମ୍ଭେ ବେଗେ ଉଠ ହେ ଲକ୍ଷ୍ମଣ ।
କି ଶବଦ ଶୁଭେ ତାହା ତଥ୍ୟ କରି ଜାଣ ହେ ॥ ୪୭

ଶୁଣି ସଉମିତ୍ରି ବୃକ୍ଷ ଉପରେ ଉଠିଲେ ।
ପିତାଙ୍କ ରଥକୁ ଦେଖି ତଳକୁ ଖସିଲେ ଯେ ॥ ୪୮

ଧନୁଶର ଧରି ଦେବ ଉଠ ହେ ତୁରିତ ।
ଆମ୍ଭଙ୍କୁ ମାରିବା ଘାଇଁ ଆସୁଛୁ ଭରତ ହେ ॥ ୪୯

ପିତା ରଘୁବର ଅଛୁ ବହୁ ସୈନ୍ୟ କୁଳ ।
ଭ୍ରଥ ଶତ୍ରୁଘନ ଆଜ ଯିବେ ଯମ ଆଲ ହେ ॥ ୫୦

ରାଜ୍ୟ ଛାଡ଼ି ଯତି ବେଶେ ଅଇଲୁ ବନକୁ ।
ଆମ୍ଭଙ୍କୁ ମାରିବା ପାଇଁ ଆସିଛୁ ଏଠାକୁ ହେ ॥ ୫୧

ସୈନ୍ୟ ସହିତରେ ଆଜ ହୋଇବ ଦହ୍ୟ ।
କେବଳ ଶ୍ୟାମଳ ବୁଝିବାତ ଯିବେ ଆଜ ହେ ॥ ୫୨

ଶ୍ରୀରାମ ବୋଇଲେ କ୍ରୋଧ ନୁହ ହେ ଲକ୍ଷ୍ମଣ ।
ଭରଥ ଅମ୍ଭଙ୍କୁ ନେବାକୁ ଆସୁଅଛି ଜାଣ ହେ ॥ ୫୩

ଭରଥ କଟକେ ଆସୁଅଛି ନେବାକୁ ଅମ୍ଭଙ୍କୁ ।
ତୁ ଯେବେ ଦୁଃଖ ପାଇଲୁ ଯାଅ ଅଯୋଧ୍ୟାକୁ ହେ ॥ ୫୪

ଲକ୍ଷ୍ମଣ ବୋଇଲେ ଦୋଷ ନ ଦେବ ଗୋସାଇଁ ।
ସେତେ କହି ଶିରେ କର ଦେଇ ଉଭା ହୋଇ ଯେ ॥ ୫୫

ସେହି କାଳେ ଭରଥ ଯାଇ ଭେଟିଲେ ରାମଙ୍କୁ ।
ପାଦେ ପଡି ଶୋଇଗଲେ ପୁଣି ନିକଟକୁ ଯେ ॥ ୫୬

ଶତ୍ରୁଘନ ନମସ୍କାର ହୋଇଲେ ବନ୍ଦନ ।
ରାଘବ ଉଠିଣ କୋଳ କଲେ ତତକ୍ଷଣ ଯେ ॥ ୫୭

ଲକ୍ଷ୍ମଣ ଭରଥଙ୍କୁ ଦେଖି ନମସ୍କାର କଲେ ।
ସୀତା ଲକ୍ଷ୍ମଣଙ୍କୁ ଶତ୍ରୁଘନ ଓଳଗିଲେ ଯେ ॥ ୫୮

ଶ୍ରୀରାମ ଲକ୍ଷ୍ମଣ-ସୀତା ବଶିଷ୍ଠଙ୍କୁ ନମି ।
ଭରଥ ବେଗେ ଉଠି ସୀତା ଚରଣେ ପ୍ରଣମି ଯେ ॥ ୫୯

ଚାରିଭାଇ ଏକଠେ ହୋଇଲେ ସନ୍ତୋଷ ।
ସନ୍ଦେଶ ଫିଟିବ ବୋଲେ ରଘୁନାଥ ଦାସ ହେ ॥ ୬୦

●

## ସେହି ରାଗ

ଶ୍ରୀରାମ ବୋଲନ୍ତି ବଶିଷ୍ଠଙ୍କ ମୁଖ ଚାହିଁ ।
ରାଜା ନୋହି ଭରଥ ଜଟା ବାନ୍ଧିଲେ କିମ୍ପାଇଁ ଯେ ॥ ୧

ବଶିଷ୍ଠେ ବୋଇଲେ ତୁମ୍ଭେ ଶୁଣ ରଘୁବର ।
ଚାରିଭାଇ ଏକାନ୍ତରେ ବସିଣ ବିଚାର ହେ ॥ ୨

ଶ୍ରୀରାମ ଲକ୍ଷ୍ମଣ ଭରଥ ଶତ୍ରୁଘନ ଚାରି ।
ବଶିଷ୍ଠଙ୍କୁ ଘେନିଣ ବସିଲେ ସଭାକରି ଯେ ॥ ୩

ବଶିଷ୍ଠ କହିଲେ' ତୁମ୍ଭ ପିତା ମୃତହେଲେ ।
ଶୁଣି ରାମ ଶୋକ କରି ଭୂମିରେ ପଡ଼ିଲେ ଯେ ॥ ୪

ଭରଥ ତାଙ୍କୁ ତୋଳି ଧରି ସେହୁ ଶୋକ କଲେ ।
ସୀତା ଲକ୍ଷ୍ମଣ ଶତ୍ରୁଘ୍ନ ସହିତେ ରୋଦଲେ ସେ ॥ ୫

ଶ୍ରୀରାମ ଅନେକ ଶୋକ କଲେ ପୁଣ ପୁଣି ।
ଆମ୍ଭଙ୍କୁ ଛାଡ଼ିଣ କାହିଁଗଲ ନୃପମଣି ହେ ॥ ୬

ଅରିର ଦର୍ପଗଞ୍ଜନ ଅଯୋଧ୍ୟାଈଶ୍ୱର ।
ରଘୁବଂଶ ମଣ୍ଡନ ଜିଣିଲ ଶଳଷ୍ଟର ହେ ॥ ୭

ଗୁରୁପୁତ୍ର ଜନ୍ମ ତୁମ୍ଭେ ଅକାରଣେ କଲ ।
ପ୍ରାଣଗଲା ବେଳେ ପୁତ୍ରମୁଖ ନଗୃହିଁଲ ହେ ॥ ୮

ଆମ୍ଭମାନଙ୍କୁ ଅନାଥ କଲ ହେ ପିଅର ।
ଏମନ୍ତ ବୋଲିଣ କରମାର ହୃଦୟର ସେ ॥ ୯

ବଶିଷ୍ଠେ ବୋଲନ୍ତି ଶୋକ ନକର ଶ୍ରୀରାମ ।
ବିଧି ଘଟାଇଛି ଯାହା ଅଛି ତୁମ୍ଭ କର୍ମ ହେ ॥ ୧୦

ବଶିଷ୍ଠ କହିବା ଶୁଣି କ୍ରୋଧ ଶାନ୍ତ କଲେ ।
ମନ୍ଦାଅଗ୍ନି ଜଳେ ତିନିଜଣ ସ୍ନାନ କଲେ ସେ ॥ ୧୧

ବଶିଷ୍ଠ ବଚନେ ରାମ କଲେ ଜଳଦାନ ।
ପିଣ୍ଡଦେଲେ ଇଙ୍ଗୁଦି ଫଳକୁ କରି ଚୂର୍ଣ୍ଣ ସେ ॥ ୧୨

କଉଶଲ୍ୟା ଦେଖିଣ ଅନେକ ଶୋକ କଲେ ।
ମହାରାଜା ହୋଇ ଏହା ଭୁଞ୍ଜିଲ' ବୋଇଲେ ସେ ॥ ୧୩

ତହୁଁ ଆସି ରାମ ନିଜ କୁଟୀରେ ବସିଲେ ।
ଶ୍ରୀରାମ ଚରଣେ ନମି ଭରଥ ଜଣାଇଲେ ସେ ॥ ୧୪

ଦେବଦେବ ଅଟ କୁଳ କୁମୁଦକୁ ଚନ୍ଦ୍ରମା ।
ସ୍ୱରାଜ୍ୟ ପାଳିଣ ମୋର ଦୋଷ କର କ୍ଷମା ହେ ॥ ୧୫

ମାତା ରାକ୍ଷୁଣୀ ତୁମ୍ଭଙ୍କୁ ପେଷିଲା ସେ ବନ ।
ଏହା ଦେଖି ଯାହା ମୋର ଦେହେ ଅଛି ପ୍ରାଣ ହେ ॥ ୧୬

ଭରଥଙ୍କୁ ତୋଳିଣ ରାମ ବୋଲନ୍ତି ଉତ୍ତର ।
ଆମ୍ଭେ ଫିରୁ ପୂର୍ଣ୍ଣ ହେଲେ ଚଉଦ ବର୍ଷର ହେ ॥ ୧୭

ସତ୍ୟ କରିଣ ବନକୁ ପେଷିଲେ ପିଅର ହେ ॥ ୧୮

ସମସ୍ତଙ୍କୁ ଏକ କରି ମଣ୍ଣୁ ଆମ୍ଭେ ଭ୍ରାତ ।
ତୁ ମୋର ସୋଦର ବେଗଲକ ରାମଭ୍ରଥ ହେ ॥ ୧୯

ଏହାଶୁଣି ଭ୍ରଥ କୁଶ ଶଯ୍ୟାରେ ଶୋଇଲେ ।
ଆପଣେ ନ ଗଲେ ନିଶ୍ଚେ ମରିବି ବୋଇଲେ ହେ ॥ ୨୦

ଶୂନ୍ୟେ ଥାଇ ଦେବେ ବୋଲନ୍ତି ହେ ଭ୍ରଥବୀର ।
ସତ୍ୱରେ ବାହୁଡି ଯାଅ ଅଯୋଧ୍ୟା ନଗର ହେ ॥ ୨୧

ଆମ୍ଭର ବଚନ ନ ଘେନିଣ ତୁମ୍ଭେ ଯେବେ ।
ଅଭିଶାପ ଦେବୁ ଏଥୁ ଶୀଘ୍ରେ ଯାଅ ଏବେ ହେ ॥ ୨୨

ଆକାଶୁ ଦେବ ବଚନ ଶୁଣି ଭ୍ରଥବୀର ।
ଶ୍ରୀରାମଙ୍କୁ ସତ୍ୟ କରାଇଲେ ତିନିଥର ସେ ॥ ୨୩

ଚଉଦ ବରଷୁ ଦିନେ ନ ବଳିବ ଅଉ ।
ମୋ ଦେବ ଚରଣୁ ଶ୍ରୀ ପାଦୁକା ଆଜ୍ଞା ହେଉ ହେ ॥ ୨୪

ଏମନ୍ତ ସମୟେ ଶରଭଙ୍ଗ ମୁନିଶିଷ ।
ପାଦୁକା ବେନି ଘେନିଣ ସେଠାରେ ପ୍ରବେଶ ହେ ॥ ୨୫

ଦେଖିଣ ଶ୍ରୀରାମ ତାଙ୍କୁ ନମସ୍କାର କଲେ ।
କଲ୍ୟାଣ କରିଣ ଋଷି ରାମଙ୍କୁ କହିଲେ ହେ ॥ ୨୬

ଗୁରୁ ପେଷିଲେ ପାଦୁକା ଦେଇ ତୁମ୍ଭ ପାଶ ।
ଆମ୍ଭ ଆଶ୍ରମରେ ହୋଇଥିବ ରଘୁଶିଷ ହେ ॥ ୨୭

ଶୁଣିଣ ଆନନ୍ଦ ହୋଇ କହିଲେ ଶ୍ରୀରାମ ।
ହୋଉ ଯିବୁ ଆମ୍ଭେ ନିଶ୍ଚେ ତୁମ୍ଭର ଆଶ୍ରମ ହେ ॥ ୨୮

ତହୁଁ ସେ ପାଦୁକା ଦେଇ ସନ୍ତୋଷରେ ଗଲେ ।
ଭ୍ରଥଙ୍କୁ ତହିଁ ଶ୍ରୀରାମ ଆନନ୍ଦେ ବୋଇଲେ ହେ ॥ ୨୯

ଏ ପାଦୁକା ନେଇ ତୁମ୍ଭେ ପ୍ରତିପାଳ ଦେଶ ।
ଶୁଣି ଭ୍ରଥ ତା' ଘେନିଲେ ହୋଇଣ ହରଷ ହେ ॥ ୩୦

ସୀତା ଲକ୍ଷ୍ମଣ ମାତାଙ୍କୁ କଲେ ନମସ୍କାର ।
ଶୋକେ ଗଦଗଦ ତୁଣ୍ଡେ ନ ଆସେ ଉତ୍ତର ଯେ ॥ ୩୨

ସମୁଦ୍ର-ଗର୍ଜନ ପ୍ରାୟେ ଶୁଭଇ ରୋଦନ ।
ଶ୍ରୀରାମ ପ୍ରବୋଧ କରାଇଲେକ ବହ୍ନନ ଯେ ॥ ୩୩

ରାଜ୍ୟ ପରଜାଙ୍କୁ ରାମ ବୋଧିଲେ ବହୁତ ।
ପାଦୁକାକୁ ଛତ୍ର ଧରାଇଣ ଗଲେ ଭ୍ରଥ ଯେ ॥ ୩୪

ଭରଦ୍ୱାଜଙ୍କ ଆଶ୍ରମେ ସେଦିନ ରହିଲେ ।
ତହୁଁ ଆସି ନନ୍ଦଗ୍ରାମେ ପ୍ରବେଶ ହୋଇଲେ ଯେ ॥ ୩୫

ଅଯୋଧ୍ୟା ନ ଯାଇ ହେଲେ ତପସ୍ୱୀ ବେଶ ।
ରାମ-ପାଦୁକା ସ୍ଥାପି ପାଳିଲେ ସେ ଦେଶ ଯେ ॥ ୩୬

ସୀତା ଲକ୍ଷ୍ମଣ ଶ୍ରୀରାମ ପାଦେ କଲେ ଆଶ ।
ସେ ତିନି ଚରଣେ ସେବେ ରଘୁନାଥ ଦାସ ଯେ ॥ ୩୭

# ଅରଣ୍ୟକାଣ୍ଡ ନାଟ

## ରାଗ—ମୁଖାରୀ

ଶୁଣି ଅଙ୍ଗେ ନ ରହିବ ଦୁରିତ ।
ଆଜ ହୋଇବ ଯେତେ ବିଧାନ ଶୁଣ ତହିଁରେ ଦେଇ ଚିତ୍ତ ॥ ପଦ ॥

ଭରଥ ମେଲାଣି ହେବାରୁ ରଘୁପତି ଜାନକୀ ସଙ୍ଗେ ବିହରିବେ ।
ଋଷିମାନେ ତହୁଁ ଅନ୍ତର ହେବାରୁ ରାମ ଚିତ୍ରକୂଟେ ଯିବେ ॥ ୧

ଦଣ୍ଡକାରଣ୍ୟ ନିକଟେ ଅତ୍ରି ଋଷି ସଙ୍ଗତରେ ଭେଟ ହୋଇବେ ।
ସୀତାଙ୍କୁ ଅନୁସୂୟା ଅମଳାଣ ବାସଭୂଷା ସମର୍ପିବେ ॥ ୨

ଦଣ୍ଡକ ଅରଣ୍ୟେ ପ୍ରବେଶ ହୋଇଣ ବିରାଧ ରାକ୍ଷସ ମାରିବେ ।
ତହୁଁ ପୁଣ ଶରଭଙ୍ଗଙ୍କ ଆଶ୍ରମେ ଶ୍ରୀରାମ ପ୍ରବେଶ ହୋଇବେ ॥ ୩

ତାଙ୍କୁ ନମସ୍କାର ହୋଇ କିଛୁଦୂରେ ସୁତୀକ୍ଷଣ ମୁନି ଭେଟିବେ ।
ସୀତା ଲକ୍ଷ୍ମଣ ସହିତରେ ଶ୍ରୀରାମ ପ୍ରଣାମ ତାହାଙ୍କୁ କରିବେ ॥ ୪

ଏମନ୍ତେ ଦଶ ବରଷ ଅନ୍ତେ ପଞ୍ଚବଟୀରେ ପ୍ରବେଶ ହୋଇବେ ।
ଅଗସ୍ତି ଋଷିଙ୍କି ଭେଟ ହୋଇ ପର୍ଣ୍ଣକୁଟୀ କରି ତହିଁ ରହିବେ ॥ ୫

ସୂର୍ପଣଖା ନାସା ଶ୍ରବଣ ଛେଦିଣ ଖରଦୂଷଣଙ୍କୁ ମାରିବେ ।
ସୂର୍ପଣଖା ଯାଇ ସକଳ ବୃତ୍ତାନ୍ତ ରାବଣ ଆଗରେ କହିବେ ॥ ୬

ରାବଣ ଶୁଣି କ୍ରୋଧରେ ଆସି ମାରୀଚକୁ ମୃଗ କରି ଆଣିବ ।
ପଞ୍ଚବଟୀରେ ଅପୂର୍ବ ମୃଗ ଦେଖି ଜାନକୀର ଶ୍ରଦ୍ଧା ବଳିବ ॥ ୭

ଶ୍ରୀରାମ ଲକ୍ଷ୍ମଣ ମୃଗ ମାରିଯାନ୍ତେ ରାବଣ ପ୍ରବେଶ ହୋଇବ ।
ଯତି ବେଶରେ ସୀତାଙ୍କୁ ଭର୍ତ୍ସି ନେଇ ପୁଣି ନିଜ ବେଶ ହୋଇବ ॥ ୮

ଜଟାୟୁ ଯେ ରାବଣକୁ କ୍ରୋଧ କରି ରାମ କାର୍ଯ୍ୟରେ ପ୍ରାଣ ଦେବେ ।
ଲଙ୍କାକୁ ନିଅନ୍ତେ ଜାନକୀ ରୋଦନ କରି ଭୂଷଣ ପକାଇବେ ॥ ୯

ଋଷ୍ୟମୂକରେ ସୁଗ୍ରୀବର ମନ୍ତ୍ରୀଙ୍କି ଭୂଷଣ ଦେଖାଇ ରଖିବେ ।
କାହାର ନାରୀ ରାବଣ ନେଉଅଛି ବୋଲିଣ ବିଚାର କରିବେ ॥ ୧୦

ତହୁଁ ସୀତା ଘେନିଣ ଲଙ୍କାଗଡ଼କୁ ରାବଣ ବେଗ ହୋଇଯିବ ।
ଅଶୋକ ବିପିନେ ସହସ୍ର ଅସୁରୀ ମଧ୍ୟରେ ସୀତାଙ୍କୁ ରଖିବ ।। ୧୧

ଶ୍ରୀରାମ ଲକ୍ଷ୍ମଣ ମୃଗ ମାରି ଆସି ନିଜ ମଢ଼ିଆରେ ମିଳିବେ ।
ସୀତାଙ୍କୁ ନ ପାଇ ମନେ ତାପ ପାଇ ଶ୍ରୀରାମ ଶୋକକୁ କରିବେ ।। ୧୨

ଜଟାୟୁ ସଙ୍ଗେ ଯାଇ ଭେଟ ହୋଇବେ ଶ୍ରୀରାମ ଶୋକ ହେବ ଶେଷ ।
ଆଜର ନୃତ୍ୟ ଏହିଠାରୁ ରହିବ କହଇ ରଘୁନାଥ ଦାସ ।। ୧୩

●

## ରାଗ—ଗୁର୍ଜ୍ଜରୀ

ଭ୍ରାତାକୁ ମେଲାଣି ଦେଇ ଶ୍ରୀରାମ ।
ଜାନକୀ ସଙ୍ଗେ ବୁଲନ୍ତି ଆରାମ ।। ୧

ନାନା ବିନୋଦେ କାଳ ତହିଁ ନେଲେ ।
ସାତବରଷ କାଳ ସେ ରହିଲେ ।। ୨

ଋଷି ସମସ୍ତ ଏକଠାବ ହେଲେ ।
ଏକମେଳ ହୋଇ ବିଚାର କଲେ ।। ୩

ବୋଲନ୍ତି କାହୁଁ ଅଇଲେ ଏ ବୀର ।
ଆମ୍ଭେ ରହିବାତ ନୁହେ ବେଭାର ।। ୪

ରାକ୍ଷସମାନେ ଏଠାକୁ ଆସିବେ ।
ଧନୁକୀ ଦେଖି ଆମ୍ଭଙ୍କୁ କୋପିବେ ।। ୫

ଏମନ୍ତ ପାଞ୍ଚି ସେ ଗିରି ତେଜିଲେ ।
ରାମ ଋଷିଙ୍କି ନ ଦେଖି ଭାଳିଲେ ।। ୬

ସତ୍ୱର ଆସି ଲକ୍ଷ୍ମଣଙ୍କୁ କହି ।
ଋଷିମାନେ ଏଥୁ ଗଲେ ପଳାଇ ।। ୭

ଏକା ହୋଇ ଆମ୍ଭେ କେମନ୍ତେ ଥିବା ।
ଏବେ ଆନ ଅରଣ୍ୟେ ଚାଲି ଯିବା ।। ୮

ଏମନ୍ତ କହି ସେ ନିଶି ବଞ୍ଚିଲେ ।
ନିଶି ଶେଷେ ପଥବାହୁଣ ଗଲେ ।। ୯

ଦଣ୍ଡକ ଅରଣ୍ୟ ପାଶେ ପ୍ରବେଶ ।
ଯାଇ ଆତ୍ରେୟ ମୁନିଙ୍କର ପାଶ ॥ ୧୦

ତାଙ୍କ ନିକଟେ ରାମ ଯାଇ ହେଲେ ।
ଲକ୍ଷ୍ମଣ ସୀତା ସେନି ଓଲଗିଲେ ॥ ୧୧

ସନ୍ତୋଷରେ ଋଷି କଲ୍ୟାଣ କଲେ ।
ବହୁ ବିଧିରେ ପୂଜା ତାଙ୍କୁ କଲେ ॥ ୧୨

ସୀତାଙ୍କୁ ଅନସୂୟା ସେନିଗଲେ ।
ରତ୍ନ ଆସନେ ବସାଇ ପୁଚ୍ଛିଲେ ॥ ୧୩

ଅମୂଲ୍ୟ ଅଳଙ୍କାର ସୁବାସକୁ ।
ପିନ୍ଧାଇ ଆନନ୍ଦ ହେଲେ ସୀତାଙ୍କୁ ॥ ୧୪

ସୀତା ତାହାଙ୍କ ଚରଣେ ପଡ଼ିଲେ ।
ଅନସୂୟା କର ଧରି ଆଣିଲେ ॥ ୧୫

ଶ୍ରୀରାମଙ୍କ ପାଶେ ପ୍ରବେଶ ହୋଇ ।
ଦେଖି ହରଷ ହେଲେ ରଘୁସାଇଁ ॥ ୧୬

ଋଷି କଲ୍ୟାଣ କରି ଶ୍ରୀରାମଙ୍କୁ ।
କହିଦେଲେ ମାର୍ଗ ବନ ଯିବାକୁ ॥ ୧୭

ଚଳିଗଲେ ତହୁଁ ହରଷ ମନେ ।
ମିଳିଲେ ଯାଇ ଦଣ୍ଡକ ଅରଣ୍ୟେ ॥ ୧୮

ଶ୍ରୀରାମ ସେ ବନ ଶୋଭା ଦେଖିଲେ ।
ଅତି ହରଷେ ତହିଁ ବିହରିଲେ ॥ ୧୯

ସେ ରାମଚନ୍ଦ୍ରଙ୍କ ପଦକମଳ ।
ଦୀନ ରଘୁନାଥ ମତି ଭୁଶଳ ॥ ୨୦

## ରାଗ—ବଙ୍ଗାଳଶ୍ରୀ

ସୀତା କର ଧରି ଦେଖାନ୍ତି ଶ୍ରୀରାମ
ବୁଲି ଦଣ୍ଡକ ଅରଣ୍ୟ ।
ଦେଖନ୍ତେ ତରୁଲତା କି ଶୋଭା ପାଉଛି
ଯେମନ୍ତେ ଇନ୍ଦ୍ର ଆରାମ ॥ ୧

ଦେଖରେ ସୁନାରି ପୁନ୍ନାଗ ପ୍ରଫୁଲ୍ଲ
ପଲ୍ଲବ ଚଳିତ ବାୟେ ।
ମରୁଆ ମାଳତୀ କେତେ ଜାତି ଯାତି
ମାଧବୀରେ ଶୋଭା ପାଏ ॥ ୨

ଦେଖରେ ପଳାଶ ହୋଇଛି ଉଲ୍ଲାସ
ନାଗେଶ୍ୱର ପ୍ରଫୁଲ୍ଲିତ ।
କୋକିଳର ରବ ଝିଙ୍କାରି ଝିଙ୍କାରେ
ଧ୍ୱନି କରେ ମଧୁବ୍ରତ ॥ ୩

ଦେଖ କରମଙ୍ଗା କପିତ୍ଥ ଜମ୍ବୁଲି
ଟଭା କମଳା ଡାଳିମ୍ବ ।
ଫଳଭରେ ଶୋଭା ପାଉଛନ୍ତି ପୁଣି—
ଜନ ହେଲା ପ୍ରାୟେ ନମ୍ର ॥ ୪

ଦେଖି ବନଶୋଭା ଦେଖାଉ ବିରାଧ—
ରାକ୍ଷସ ମିଳିଲା ଆସି ।
ମୃଗ ଶୁଣ୍ଡେ ଗୁନ୍ଥି ବାନ୍ଧୁଛି ବନ୍ଧୁ ବା
ରକତ ଦେଉଛି ଶୋଷି ॥ ୫

କର ବଢ଼ାଇଣ ବେଢ଼ାଇ ଧଇଲା
ସୀତାଙ୍କୁ ଯାଇ ବହନ ।
ଧୀରେ ସେ ରାକ୍ଷସ ଶ୍ରୀରାମ କଟରୁ
ହରଷେ କଲା ଗମନ ॥ ୬

## ସୀତା ବଚନକା

ସୀତସ୍ତା ଭରତ୍ରେ ବୋଲେ ଆହେ ପ୍ରାଣନାଥ ।
ତୁମ୍ଭ ସଙ୍ଗ ଛଡ଼ାଇଣ ନେଉଛି ଦଇତ ॥

### ଗୀତ

ସୀତାଙ୍କୁ ନେବାର        ଦେଖି ରଘୁବୀର
ଅସୁରକୁ କ୍ରୋଧ କରି ।
ବେନି ଭୁଜ ତାର        କାଟି ପକାଇଲେ
ପବନାଶର ପ୍ରହାରି ॥ ୭

ଦିବ୍ୟ ଗନ୍ଧର୍ବ ରୂପ ବହି ରାମଙ୍କୁ
ସ୍ତୁତି କରେ ଯୋଡ଼ି କର ।
ତୋର ନାଭି-ପଦ୍ମୁ ଜାତ ହୋଇ ବ୍ରହ୍ମା
ରଚନା କରେ ସଂସାର ॥ ୮

ତୁମ୍ଭେ କାଳେ ଦଶ ରୂପ ବହି ମହୀ
ରଖ ଦୁଷ୍ଟକୁଳ ନାଶି ।
ଏତେ ବୋଲି ନମସ୍କାର କରିଗଲା
ସ୍ୱର୍ଗକୁ ବିମାନେ ବସି ॥ ୯

ଦେଖି ଦେବେ ଜୟ        ଜୟ ଭଣି ପୁଷ୍ପ
ବୃଷ୍ଟି କଲେ ରାମ ଶିରେ ।
ଆକାଶ ନିର୍ମଳ        ଦିଶିଲା ଦୁନ୍ଦୁଭି
ବଜାଇଲେ ସୁରପୁରେ ॥ ୧୦

ସୀତସ୍ତାଙ୍କୁ ଦେଖି        ଶ୍ରୀରାମ ଲକ୍ଷ୍ମଣ
ସନ୍ତୋଷେ ତହୁଁ ଚଳିଲେ ।
କେତେ ଦୂରେ ଯାଇ        ଶରଭଙ୍ଗଙ୍କର
ଆଶ୍ରମେ ପ୍ରବେଶ ହେଲେ ॥ ୧୧

ଋଷିଙ୍କି ଦେଖି ରାମ ଲକ୍ଷ୍ମଣ ସୀତା
ଚରଣେ ପ୍ରଣାମ କଲେ ।
ଋଷି ଦେଖି ବହୁ ଆଶିଷ ଦେଇଣ
ଗଉରବେ ପୂଜା କଲେ ॥ ୧୨

ସେଠାରୁ ମେଲାଣି ହୋଇଣ ବହନ
ପଥ ବାହି ବେଗେ ଯାଇ ।
ସୁତୀକ୍ଷଣ ମୁନି ଦେଖି ରାମ ସୀତା
ଲକ୍ଷ୍ମଣ ନମିଲେ ଯାଇ ॥ ୧୩

ମୁନି ଦେଖି ବହୁ ଆଶିଷ ଦେଇଣ
ପୂଜା କରି ସେ କହନ୍ତି ।
ଆମ୍ଭମାନଙ୍କୁ ରକ୍ଷା—କର ଆପଣ
ମାର ରାକ୍ଷସ ନିଘାତି ॥ ୧୪

ଶ୍ରୀରାମ ବୋଇଲେ ଶୁଣ ହେ ଶ୍ରେ ମୁନି
ନିଷ୍ଟେ ମାରିବି ଦଇତ ।
ଏମନ୍ତ କହି ନମସ୍କାର ହୋଇଣ
ତହୁଁ ଚଳିଲେ ତୁରିତ ॥ ୧୫

ସୀତାୟା ବୋଲନ୍ତି ବିନା ଦୋଷେ ରୋଷେ
ଦୈତ୍ୟ ମାଇଲେ କି ଯଶ ।
ରାମ ବୋଲନ୍ତି ଜପ ଯଜ୍ଞ ଭାଙ୍ଗନ୍ତି
ଭକ୍ଷନ୍ତି ଋଷିଙ୍କ ମାଂସ ॥ ୧୬

ଏଣୁ ମୁଁ ତାଙ୍କୁଟି ମାରିବି ଅବଶ୍ୟ
ମନରେ ଚିନ୍ତା ନକର ।
ବଡ଼ ପ୍ରବଳ ହୋଇଛନ୍ତି ଅସୁର
କହି ଚଳିଲେ ସତ୍ୱର ॥ ୧୭

ତୀର୍ଥମାନ ବୁଲି ଦେଖାନ୍ତି ଶ୍ରୀରାମ
ଧରି ସୀତାୟାର କର ।
ଦେଖରେ କବେରୀ ଶୋଭା-ସ୍ୱେ କାବେରୀ
ନିର୍ମଳ ପାବନ ନୀର ॥ ୧୮

ଦେଖରେ ପ୍ରମଦା ଶୋଭିତ ନର୍ମଦା
ଉଜ୍ଜଳ କରିଛୁ କୂଳ ।
ଦେଖ ଏହୁ ରମ୍ଭା ଉରୁରେ ଯେହ୍ନୁ ବା
ହୋଇଛୁ ଅତି ନିର୍ମଳ ॥ ୧୯

ଦେଖ ବେଣୀବଟ ଆରେ ଶୋଭିବଟ
ଲୋଭା କରୁଛି ନୟନ ।
ଏଥିରେ ଶ୍ରାଦ୍ଧାନ କରେ ଯେଉଁ ଜନ
ହୋଏ ତା ପାପ ମୋଚନ ॥ ୧୦

ଦେଖ ଏହୁ ବ୍ରହ୍ମ ଲୋକେ ଜନ୍ମି ଅଛି
ନାମ ତୀର୍ଥଙ୍କର ଶ୍ରେଷ୍ଠ ॥
ଶୁଣିଣ ସୀତାୟା ଶ୍ରାଦ୍ଧାନ କରିଣ
ଗଲେ ତହୁଁ ହୋଇ ହୃଷ୍ଟ ॥ ୧୧

ଦେଖି କୃଷ୍ଣବେଣୀ ତୀରେ ସିଦ୍ଧପାଣି
ହେଲେ ହରଷ ମନରେ ॥
ରଘୁନାଥ ଦାସ ବୋଲେ ପରବେଶ
ହୋଇଲେ ଯାଇ ଗୟାରେ ॥ ୧୨

●

ରାଗ—**ବସନ୍ତ**

ଦେଖି ଫଲଗୁ ନଦୀରେ ରାମ ସ୍ନାନ କଲେ ।
ପିଣ୍ଡ ଦେବାକୁ ପିତୃଙ୍କୁ ତଟରେ ବସିଲେ ଯେ ॥ ୧

ସେଦିନ ବୈଦେହୀ ଲତା ହେଲେ କୁସୁମିତ ।
ନ ଛୁଇଁଲେ ନଦୀଜଳ ହୋଇଣ ଦୁଃଖିତ ଯେ ॥ ୨

ଫଲଗୁ ନଦୀ କୂଳକୁ ଯାଇ ରାମଜାୟା ।
ବାଲି-ପିଣ୍ଡକୁ ଦଅନ୍ତି ନାମଗୋତ୍ର ଧରି ॥ ୩

ଜାଣି ସଙ୍କଳ୍ପ କୌତୁକ ବଧୂ-ମନୋରଥ ।
କରାଞ୍ଜଳି କରି ପିଣ୍ଡ ଘେନ ଦଶରଥ ଯେ ॥ ୪

ଭୁଞ୍ଜି ଆନନ୍ଦେ ଅମର-ମନ୍ଦରେ ବସିଲେ ।
ରାମ ପିଣ୍ଡ ଦେବା ଦେଖି ଦେବେ ଡାକ ଦେଲେ ଯେ ॥ ୫

ହେ ରାମ ଛାଡି ଦେଲେ ତୁ ହୋଇବ ନିଷ୍ଫଳ ।
ସୀତାପିଣ୍ଡେ ତୁମ୍ଭ ପିତା ଗଲେ ସ୍ୱର୍ଗଅଳ ଯେ ॥ ୬

ପୁଣି ରାମ ବିଷାଦରେ ସୀତାଙ୍କୁ ପଚାରି ।
ଲଙ୍କାବଶୁ ଫେରିଗଲ ସୀତା ନାହିଁ କହ ଯେ ॥ ୭

ପୁଚ୍ଛିଲେ ନଦୀକୁ ରାମ ହୃଦେ ବହୁ କୋପ ।
ସୀତା ସ୍ନେହେ ନାହିଁ କରୁ ଦେଲେ ତାକୁ ଶାପ ଯେ ॥ ୮

ବୋଇଲେ ମୋହର ଆଗେ କହିଲୁ ତୁ ମିଛ ।
ରହୁକଥା ଆଜୁ ତୁହି ହୁଅ ଜଳ ତୁଚ୍ଛ ଯେ ॥ ୯

ଶୁଣି ନଦୀ ସଭୟରେ ସୀତାପାଦେ ପଡ଼ି ।
ଉଭାହୋଇ ବୋଲେ ଶିରେ ବେନିକର ଯୋଡ଼ି ଯେ ॥ ୧୦

ଭୋ ଦେବୀ ମୋତେ ତୁ ଏବେ ଶାପରୁ ଉଦ୍ଧର ।
ତୋ ବିନା ଜଗତେ ମୋତେ ନାହିଁ ପ୍ରତିକାର ଯେ ॥ ୧୧

ଶୁଣି ସୀତସ୍ତ୍ରୀ ବୋଇଲେ ଆଗୋ ତରଙ୍ଗିଣୀ ।
ଶୁଖିବୁ ଗ୍ରୀଷ୍ମେ ସଦାକାଳେ ରହୁ ପାଣି ଯେ ॥ ୧୨

ଶୁଣି ନଦୀ ତୋଷ ରାମ ପିଣ୍ଡକୁ ନ ଦେଲେ ।
ସେଦିନ ସୀତସ୍ତ୍ରୀ ଶୁଦ୍ଧଶାନ୍ତ ହୋଇଲେ ଯେ ॥ ୧୩

ତହୁଁ ବେନିଭାଇ ସୀତା ଘେନିଣ ଚଳିଲେ ।
ଦେଖି ରାସ୍ତାର ବ୍ରାହ୍ମଣେ ପଥ ଓଗାଳିଲେ ଯେ ॥ ୧୪

ବୋଲନ୍ତି ତୀର୍ଥ ଦକ୍ଷିଣା ଦିଅସି ଆମ୍ଭର ।
ଯଶ ଶିରୀ ଆୟୁବୃଦ୍ଧି ହୋଇବ ତୁମ୍ଭର ଯେ ॥ ୧୫

ରାମ ବୋଲନ୍ତି ତପସୀ ନିଧନତ ଆମ୍ଭେ ।
କି କାରଣେ କାଙ୍ଗାଳ କରୁଛ ଏବେ ତୁମ୍ଭେ ଯେ ॥ ୧୬

ବ୍ରାହ୍ମଣେ ବୋଲନ୍ତି ଏ କାହାର ଯୁବାନାରୀ ।
ବନେ ପଶିଅଛ ତୁମ୍ଭେ ଦୁହେଁ ଚୋରି କରି ଯେ ॥ ୧୭

ଗୁପ୍ତବୃତ୍ତି ଭଲେ ଆଜ ଯିବ ତୁମ୍ଭେ କାହିଁ ।
ବାନ୍ଧିନେଇ ଦଣ୍ଡାଇବୁ ନୃପତିରେ କହି ଯେ ॥ ୧୮

ଏତେ ବୋଲି ସୀତସ୍ତ୍ରୀ ପଣତ ଧରି ରାଗେ ।
ଓଟାରି ଉଚ୍ଛୁନ୍ତି ଗୋଡ଼ାବନ୍ତି ସଙ୍ଗେ ସଙ୍ଗେ ଯେ ॥ ୧୯

ଦେଖିଣ ଶ୍ରୀରାମ ଲକ୍ଷ୍ମଣଙ୍କୁ ଆଜ୍ଞା ଦେଲେ ।
ସୀତାବାସ କାଟିଦିଅ ବହୁ କଷ୍ଟ ଦେଲେ ଏ ॥ ୨୦

ଶୁଣି ଲକ୍ଷ୍ମଣ ବାସରୁ ଖଣ୍ଡେ କାଟିଦେଇ ।
ପଥଭାଙ୍ଗି ବିପ୍ରେ ପୁଣି ପଛରେ ଗୋଡ଼ାଇ ଯେ ॥ ୨୧

ରାମ ବୋଲନ୍ତି ସେ ଗୟାତୀର୍ଥେ ଯେ ଆସିବ ।
ଏ ଦେଶରେ ମଲେ ସେହୁ ଗଧଜନ୍ମ ହେବ ଯେ ॥ ୨୨

ସେଥେ ଯେତେ ବିପ୍ରେ ସବୁ ହେବେ କିସ୍ତା ହୀନ ।
ନଅର୍ଣ୍ଣିବ ଯେତେ ରୂପେ ଅରଜିଲେ ଧନ ଯେ ॥ ୨୩

କ୍ରୋଧେ ଲକ୍ଷ୍ମଣ ମାର୍ଗଣ ବସାଇ ଗୃପରେ ।
ପଳାଇଲେ ତୀର୍ଥପୁରେ ଦୁଃଖିତ ମନରେ ଯେ ॥ ୨୪

ତହୁଁ ସୀତସ୍ତାଙ୍କୁ ଘେନି ବେଗେ ଚଳିଗଲେ ।
ଗଙ୍ଗାରେ ପ୍ରବେଶ ହୋଇ ସ୍ନାନ ତହିଁ କଲେ ଯେ ॥ ୨୫

ତହୁଁ ଚନ୍ଦ୍ରଭାଗା ତୀର୍ଥେ ହୋଇଲେ ପ୍ରବେଶ ।
ବାଲୁକା ଲିଙ୍ଗକୁ ଆପି ପୂଜି ରଘୁଶିଷ ଯେ ॥ ୨୬

ଦିବ୍ୟଲିଙ୍ଗ ସ୍ଥାପି ସ୍ଥାନେ ସ୍ଥାନେ ପୂଜି ଗଲେ ।
ଋଷିକୁଲ୍ୟା ନଦୀତୀରେ ପ୍ରବେଶ ହୋଇଲେ ଯେ ॥ ୨୭

ତହିଁରେ ଈଶ୍ବର ପଦେ ଲିଙ୍ଗକୁ ବସାଇ ।
ତହୁଁ ଯାଇ ପୂଜା ଶମ୍ଭୁସ (?) ନାମକୁ ଦେଇ ଯେ ॥ ୨୮

ତୀର୍ଥମାନ ବୁଲି ତହୁଁ ଗଲେ ପଥ ବାହି ।
ଦେଖିଲେ ମୁନି ସମୁହ କେତେଦୂରେ ଯାଇ ଯେ ॥ ୨୯

ରାମ ଶୋଭା ଦେଖି ଲୋଭ ଋଷିଏ ହୋଇଲେ ।
କାମରେ ପୀଡ଼ିତ ହୋଇ କୁହାକୁହି ହେଲେ ଯେ ॥ ୩୦

ଧନ୍ୟ ଏହୁ ରାମା ଧନ୍ୟ ତପସ୍ୟା ଏହାର ।
କେତେ ପୁଣ୍ୟେ ପାଇଲା ଏହାକୁ କରି ବର ଯେ ॥ ୩୧

ବିଧାତା ପୁଣି ଆମ୍ଭଙ୍କୁ କରିଥାନ୍ତା ନାରୀ ।
କାନ୍ତ ହୋଇଥାନ୍ତେ ପୁଣି ଏ କୋଦଣ୍ଡଧାରୀ ଯେ ।। ୩୨

ତୁମ୍ଭ ସମ୍ପଦକୁ ଭୋଗ କରି ନେବ କିସ ।
କିରୂପେ ହୋଇବା ଏବେ ଆମ୍ଭେ ସ୍ତ୍ରୀ ବେଶ ଯେ ।। ୩୩

ଭକ୍ତି ଏହା ରାମ ଜାଣି ମନରେ ତାଙ୍କର ।
ସୀତା ଲକ୍ଷ୍ମଣ ପାଶରୁ ହୋଇଲେ ଅନ୍ତର ଯେ ।। ୩୪

ବୋଲନ୍ତି ହେ ମୁନିମାନେ ବାଞ୍ଛାକଲ ଯାହା ।
ଦେନବର ଯାଚକରି ଦେଉଛୁ ମୁଁ ତାହା ଯେ ।। ୩୫

ଦ୍ୱାପର ଯୁଗରେ ଗୋପାଙ୍ଗନା ହେବ ତୁମ୍ଭେ ।
କଂସଡରେ ଗୋପପୁରେ ବିହରିବୁ ଆମ୍ଭେ ଯେ ।। ୩୬

ତୁମ୍ଭ ଆମ୍ଭ ରାସକେଳୀ ବୃନ୍ଦାବନେ ହେବ ।
ବହିବୁ ନାମକୁ ଗୋପୀନାଥ ବାସୁଦେବ ହେ ।। ୩୭

ଏ ଦେହେ ସୀତସ୍ଥା ଏକା ବଲ୍ଲଭୀ ଅଟଇ" ।
ଏତେ କହି ରାମଚନ୍ଦ୍ର ଗଲେ ପଥ ବାହି ଯେ ।। ୩୮

କେଉଁ ଥାନେ ବେନିମାସ ଦଶଦିନ କାହିଁ ।
କେଉଁସ୍ଥାନେ ପାଞ୍ଚମାସ ପାଞ୍ଚଦିନ ରହିଯେ ।। ୩୯

କେଉଁ ଥାନେ ଦିନେ କେଉଁ ଥାନେ ତ୍ରିଦିନ ।
କେଉଁ ଥାନେ ଭୋଜନ ସାରି କଲେ ଗମନ ଯେ ।। ୪୦

ସମ୍ପୂର୍ଣ୍ଣ ଦଶବରଷ ବନବାସ ହୋଇ ।
କେତେଦିନ ଅଗସ୍ତି ଆଶ୍ରମେ ହେଲେ ଯାଇ ଯେ ।। ୪୧

ଦେଖିଣ ତାକୁ ଶ୍ରୀରାମ ସୀତସ୍ଥା ଲକ୍ଷ୍ମଣ ।
ମୁନିଙ୍କ ଚରଣେ ବେଗେ କରନ୍ତି ପ୍ରଣାମ ଯେ ।। ୪୨

ହରଷେ ମୁନି ରାମଙ୍କୁ କୁଟୀକି ଆଣିଲେ ।
ଆଜ ଆମ୍ଭ ତପସିଦ୍ଧି ହୋଇଲା ବୋଇଲେ ଯେ ।। ୪୩

ଆମ୍ଭମାନଙ୍କୁ ସୁଦୟା କର ରଘୁସାଇଁ" ।
ଆସନେ ବସାଇ ପୂଜା କଲେ ତୋଷହୋଇ ସେ ॥ ୪୪

ଅକ୍ଷୟ ତୋଣ ବୈଷ୍ଣବୀ-ଧନୁକୁ ଆଣିଲେ ।
ଶ୍ରୀରାମଙ୍କୁ ସମର୍ପି ପୂର୍ବ କଥା କହିଲେ ସେ ॥ ୪୫

ଶଚୀପତି କହିଥିଲେ ତୁମ୍ଭଙ୍କୁ ଦେବାକୁ ।
ଏ ଧନୁ ଧରି ସଂହାର ଯାଇ ରାବଣକୁ ଯେ ॥ ୪୬

ରାମ ଧନୁତୋଣ ଧରି ବିନମ୍ରରେ କହି ।
ହେ ମୁନି କେଉଣ ଥାନେ ରହିବି ମୁଁ ଯାଇ ହେ ॥ ୪୭

ମୁନି ବୋଲେ ପଞ୍ଚବଟୀ ରହ ପୁଣ୍ୟ ଥାନ ।
ଶ୍ରୀରାମ ଜାନକୀ ଲକ୍ଷ୍ମଣ କଲେ ପ୍ରଣାମ ଯେ ॥ ୪୮

ମେଲାଣି ହୋଇଣ ତହୁଁ ପଥ ବାହି ଗଲେ ।
ଗୃଧ୍ରକୋଣେ ପଞ୍ଚବଟୀ ଯାଇଣ ଦେଖିଲେ ଯେ ॥ ୪୯

ଗୋଦାବରୀ ନିକଟେ ହୋଇଲେ ପରବେଶ ।
ରଘୁନାଥ ବୋଲେ ରାମ ପାଦେ କରି ଆଶ ଯେ ॥ ୫୦

●

## ରାଗ—ଆହାରୀ

ଅଟି ସେ ରମ୍ୟବନ ତରୁଲତା ଶୋଭନ
ଶ୍ରୀରାମ ଲକ୍ଷ୍ମଣ ସୀତା ଆନନ୍ଦ ମନ ॥ ୧

ବନ ମଧ୍ୟରେ ଯାଇ ରାମ ଦେଖିଲେ ତହିଁ
ଦେଖିଲେ ସେ ପକ୍ଷୀଜଟା ଅଛଇ ତହିଁ ॥ ୨

ସୀତା ଭୟ ପାଇଲେ ରାମ ତାଙ୍କୁ ପୁଛିଲେ
ଗରୁଡ଼ଙ୍କ ସୁତ ଆମ୍ଭେ ସେହୁ ଭାଷିଲେ ॥ ୩

ଜଟାୟୁ ମୋ ନାମ ତ ସବୁଠାରେ ବିଦିତ
ଦଶରଥ ରାଜା ସଙ୍ଗେ ହୋଇଛୁ ମିତ ॥ ୪

ରାମ ହରଷ ହେଲେ କୁଳକ୍ରମ କହିଲେ
ଦଶରଥଙ୍କର ସୁତ ଅମ୍ଭେ ବୋଇଲେ ॥ ୫

ଭରଥ ରାଜା ହୋଇଲେ ମୋତେ ବନେ ପେଷିଲେ
ଲକ୍ଷ୍ମଣ ସୀତା ସହିତେ ମାନ୍ୟ ହିଁ କଲେ ॥ ୬

ଜଟାଇଶଙ୍କୁ ତହିଁ ରାମ ପୁଚ୍ଛିଲେ ତହିଁ
ପର୍ଣ୍ଣକୁଟୀ କରି ଆମ୍ଭେ ରହିବୁ କାହିଁ ? ୭

ତହୁଁ ଜଟାୟୁ ସଙ୍ଗେ ରାମ ଚଳିଲେ ବେଗେ
ଅମୂଲ୍ୟ ପୁଷ୍କରିଣୀ କି ଦେଖିଲେ ଆଗେ ॥ ୮

ପୁଷ୍ପ ଫଳ ତହିଁରେ ଅଛୁ ନାନା ପ୍ରକାରେ
ପର୍ଣ୍ଣକୁଟୀ ଉଦ୍ୟମକୁ କଲେ ସତ୍ୱରେ ॥ ୯

ବେଗେ ଲକ୍ଷ୍ମଣ ଯାଇ କାଷ୍ଠ ଆଣିଲେ ବହି
ଶ୍ରୀରାମ କୁଟୀକି ନର୍ଭା କଲେକ ତହିଁ ॥ ୧୦

ଯତ୍ନେ ପତ୍ର ଛାଇଲେ ଅତି ଆନନ୍ଦ ହେଲେ
ଲକ୍ଷ୍ମଣଙ୍କେ ପାଇଁ ଭିନ୍ନ କୁଟୀୟେ କଲେ ॥ ୧୧

କୁଟୀ କରିଣ ତହିଁ ମନେ ହରଷ ହୋଇ
ରଘୁନାଥ ଦାସ ରାମ ପାଦେ ଚନ୍ଦଇ ॥ ୧୨

●

ରାଗ—**ବଙ୍ଗଳାଶ୍ରୀ**

ପଞ୍ଚବଟୀରେ କୁଟୀର କରି ରାମ,
ସୀତାଯ୍ୱା ଘେନି ହରଷେ ।
ନାନା କଉତୁକେ ବିହାର କରନ୍ତି,
ଗୋଦାବରୀ ନଦୀ ପାଶେ ॥ ୧

ଅମୂଲ୍ୟ ସୁବାସ ପୁଷ୍ପ ତୋଳି ରାମ,
ଜାନକୀଙ୍କି ବେଶ କଲେ ।
ଆନନ୍ଦ ହୋଇ ସୀତାୟ୍ୱା ରାମଙ୍କର,
ଜଟାରେ ଫୁଲ ମଣ୍ଡିଲେ ॥ ୨

ନାନା କଉତୁକେ ବିନୋଦ ବଢ଼ାଇ,
ବେନି ଜନେ ତହୁଁ ଆସି ।
ପର୍ଣ୍ଣକୁଟୀରେ ହୋଇଲେ ପରବେଶ,
ପାଦ ଧୋଇ କରି ବସି ॥ ୩

କନ୍ଦମୂଳ ଫଳ ସୀତା ହିଁ ବାଢ଼ିଇ,
ଆଚ୍ଛୋବନ ରାମ କଲେ ।
କଷା ଫଳ ଭୁଞ୍ଜି ମୃଗ ଛାଲ ପରେ,
ବସିଣ ଆନନ୍ଦ ହେଲେ ॥ ୪

ନାନା ଷଡ଼ରସ ଅମୂଲ୍ୟ ପଦାର୍ଥ
ଯାର ମନକୁ ନ ଆସେ ।
ସେ ରାମ ଏବେ ଫଳମୂଳ ଭୁଞ୍ଜନ୍ତି,
ସୀତା ରାନ୍ଧୁଣୀ ସକାଶେ ॥ ୫

ସ୍ୱେମନ୍ତ ବିଚ୍ଛର କରି ସଉମିର୍ଦ୍ଧି
ନିଜ କୁଟୀରେ ବସିଲେ ।
ଶ୍ରୀରାମ ବାମ ପାଶୁରେ ବଇଦେହୀ,
ଅତ୍ୟନ୍ତ ଶୋଭା ଦିଶିଲେ ॥ ୬

ଅଯୋଧ୍ୟାର କଥା ଚିନ୍ତି ଲକ୍ଷ୍ମଣଙ୍କୁ କହି ରଘୁକୁଳ ଈଶ ।
ଶୁଣ ହେ ଲକ୍ଷ୍ମଣ ଅଯୋଧ୍ୟା ଛାଡ଼ିବା ହେଲା ଏକାଦଶ ବରଷ ॥ ୭

●

## ରାଗ—**ମଙ୍ଗଳଗୁଜ୍ଜରୀ**

ଆମ୍ଭ ତହୁଁ ଭରଥ ଅଯୋଧ୍ୟା ଯାଇଣ ହେଲକି ମହା ନରେଶ ।
ବାରତା ନପାଇଲେ ତ କିସ ହେଲା କାହାର କିବା ସନ୍ଦେଶ ॥୮

ଲକ୍ଷ୍ମଣ ବୋଲନ୍ତି ଏକଥାକୁ ଛାଡ଼ି ବନେ ଥିବାର ବିଚ୍ଛର ।
ସ୍ୱେମନ୍ତ ସମୟେ ରାକ୍ଷସୀଏ ଆସି ତହିଁ ପ୍ରବେଶ ହୁଅର ॥ ୯

ମଣିଷ ଚରଣ ଚିହ୍ନ ଖୋଜି ଆସି ରାମଙ୍କୁ ଦେଖି ହରଷ ।
ନିଜରୂପ ଲେଞ୍ଛି ଦିବ୍ୟବେଶ କାଛି ବୋଲେ ଏ ଭଲ ପୁରୁଷ ॥ ୧୦

ମଦନେ ଅଧୀର ହୋଇଣ ରାକ୍ଷସୀ ଅଳସେ ଅଙ୍ଗ ମୋଡ଼ିଲା ।
ମନ୍ଦେ ମନ୍ଦେ ଆସି ଉରୁ ବାସ ଟେକି ରାମ ନିକଟେ ମିଳିଲା ॥ ୧୧

## ରାକ୍ଷସୀ ବଚନିକା

କେ ତୁମ୍ଭର ଦେଶ ତୁମ୍ଭ ନାମ ଅଟେ କିସ ।
ଏଥି ଅରଣ୍ୟ ଭିତରେ କିମ୍ପା କଲ ବାସ ॥ ୧

ତୁମ୍ଭ ବେନିଜନଙ୍କର ଅଟଇ କେ ପିତା ।
ଏ ନାରୀ ଅଟଇ ପୁଣି କାହାର ବନିତା ॥ ୨

## ଶ୍ରୀରାମ ବଚନିକା

ସୁନ୍ଦରୀ ଗୋ ସୂର୍ଯ୍ୟବଂଶେ ରାଜା ଦଶରଥ ।
ତାହାଙ୍କ ତନୁଁ ଆମ୍ଭେ ଜନ୍ମିଲୁ ଚାରିଭ୍ରାତ ॥ ୩

କଉଶଲ୍ୟା ଗର୍ଭରୁ ହୋଇଲି ମୁହିଁ ଜନ୍ମ ।
ସବୁତହୁଁ ଜ୍ୟେଷ୍ଠ ରାମଚନ୍ଦ୍ର ମୋର ନାମ ॥ ୪

କେକୟୀ ସୁତ ଭରଥ ଅଟଇ ମୋତେ ସାନ ।
ସୁମିତ୍ରାର ସୁତ ନାମ ଏହାର ଲକ୍ଷ୍ମଣ ॥ ୫

ଏହା ତହୁଁ ସାନ ଯେ ଅଟଇ ଶତ୍ରୁଘନ ।
ଭରଥ ସଙ୍ଗତରେ ସେ ଯେ ଅଛନ୍ତି ସଦନ ॥ ୬

ପିତା ଦଶରଥ ରାଜ୍ୟ ଦେବା ସ୍ଥିର କଲେ ।
ସାବତ ଜନନୀ ତାଙ୍କୁ ସତ୍ୟ କରାଇଲେ ॥ ୭

ଭରଥ ରାଜା ହୋଉ ରାମ ବନବାସେ ଯାଇ ।
ତାହା ଶୁଣି ଆମ୍ଭେ ବନକୁ ଆଇଲୁ ତହିଁ ॥ ୮

ଭାଇ-ଭାଉଜଙ୍କୁ ଆମ୍ଭେ ସଙ୍ଗତରେ ଘେନି ।
ଅରଣ୍ୟରେ ବାସ କଲୁ ଶୁଣ ଗୋ କାମିନୀ ॥ ୯

ଶୁଣ ଗୋ, ସୁନ୍ଦରୀ ତୁ ଆଇଲୁ କାହୁଁ କହ ।

## ଶୂର୍ପଣଖା ବଚନିକା

ରାକ୍ଷସୀ ବୋଇଲା ମୁହିଁ ବଣବାର ଝିଅ ॥ ୧୦
ରାବଣ କୁମ୍ଭକର୍ଣ୍ଣ ଅଟନ୍ତି ମୋର ଭାଇ ।
ସାନୁଜ ବିଭୀଷଣ ମଝିଆ ଅଟେ ମୁହିଁ ॥ ୧୧

ଯେବେ ଏ ସ୍ତ୍ରୀଙ୍କୁ ଛାଡି ପତ୍ନୀ ମୋତେ କର ।
ରାବଣ କୁମ୍ଭକର୍ଣ୍ଣ ହୋଇବେ ବନ୍ଧୁ ତୋର ॥ ୧୨

## ଶ୍ରୀରାମ ବଚନକା

ରାଘବ ବୋଇଲେ ଏହା ନକର ଗୋ ମୂର୍ତ୍ତି ।
ଏକପତ୍ନୀ ବ୍ରତ ମୁଁ ନିୟମ କରିଅଛି ॥ ୩୨

ପାରୁ ଯେବେ ମୋ ସାନଭ୍ରାତଙ୍କୁ ସେବା କର ।
ଶୁଣିଣ ରାକ୍ଷସୀ ତହୁଁ ଚଳିଲା ସତ୍ୱର ॥ ୨୪

ଲକ୍ଷ୍ମଣଙ୍କୁ ବୋଇଲା ସୁରତ କର ମୋତେ ।

## ଲକ୍ଷ୍ମଣ ବଚନକା

ଶୁଣ ସୁନ୍ଦରି ମୁଁ ଦାସ ଅଟଇ ଯୁଗତେ ॥ ୧୫

ତୋହର ପରାୟେ ଲୋକ ହୋଇବୁ କି ଦାସୀ ।
ଏହା ଶୁଣି ରାକ୍ଷସୀ ବାହୁଡି ତହୁଁ ଆସି ॥ ୧୬

ସୀତାଙ୍କୁ ଭକ୍ଷିବ ବୋଲି ଅସୁରୀ ଆସଇ ।
ତାହା ଦେଖି ଶ୍ରୀରାମ ଯେ ଲକ୍ଷ୍ମଣଙ୍କୁ ରାଇ ॥ ୧୭

## ଗୀତ

ଅସୁରୀ ସୀତାଙ୍କୁ ଗ୍ରାସନ୍ତେ ରାଘବ କୋଳ କରିଣ ଧଇଲେ ।
ଆସ ହେ ଲକ୍ଷ୍ମଣ ନାରୀ ପରିହାସ ଦୂଷଣ ହେଲା ବୋଇଲେ ॥ ୧୨

ବୋଲନ୍ତି ଏହାର ନାସିକା ଶ୍ରବଣ
କର ହେ ବେଗେ ଛେଦନ ।
ପ୍ରାଣେ ମାଇଲେ ସ୍ତ୍ରୀ ବଧ ହୋଇବ
ଏଥୁ କେଉଁ ପ୍ରୟୋଜନ ॥ ୧୩

ଶୁଣିଣ ଲକ୍ଷ୍ମଣ ଯେନ ତୀକ୍ଷ୍ଣ ବାଣ
ଛେଦିଲେ ତା ନାସା କର୍ଣ୍ଣ ।
ଛାଡି ଯାଅନ୍ତେ ଶୋକ କରି ଉଠିଲା
ମୁଖ ଦିଶିଲା ବିବର୍ଣ୍ଣ ॥ ୧୪

କାନ୍ଦ କାନ୍ଦ ଯାଇ ପ୍ରବେଶ ହୋଇଲା,
ଖର ଦୂଷଣଙ୍କ ପାଶେ ।
କେ କଲା ଏମନ୍ତ ବୋଲି ଆଚମ୍ବିତ,
ହୋଇ ଖଡ୍‌ଗ ଧରି ରୋଷେ ॥ ୧୫

ବୋଲେ ସୂର୍ପଣଖା ଅଯୋଧ୍ୟା ନୃପତି,
ଦଶରଥ ବେନି ସୁତ ।
ଅତି ସୁନ୍ଦରୀ ସ୍ତ୍ରୀ ସେମାନଙ୍କ ସଙ୍ଗେ ଅଛି,
ଦେଖି ମୁଁ ଗଲି ତ୍ୱରିତ ॥ ୧୬

ପଞ୍ଚବଟୀରେ କୁଟୀର କରିଛନ୍ତି,
ଶୁଣ ହେ ଦୂଷଣ ଭ୍ରାତ ।
ସାନୁଜ ତା ଅତି ରୋଷ ବହ୍ନି ନାସା—
ଶ୍ରବଣ କଲା ବିକୃତ ॥ ୧୭

ତୁମ୍ଭେ ଥାଉଁ ମୁଁ ଯେ ଅନାଥ ହୋଇଲି,
ବୋଲି ଭୂମିରେ ପଡ଼ିଲା ।
ଶୁଣି ଖର ବୀର ସୈନ୍ୟ ସାଜି ସୂର୍ପ—
ଣଖା ସଙ୍ଗତେ ଅଇଲା ॥ ୧୮

ମୁଖରାବ ଧ୍ୱନି ଶୁଣିଣ ଶ୍ରୀରାମ
ଲକ୍ଷ୍ମଣଙ୍କୁ ଆଜ୍ଞା ଦେଲେ ।
ସୀତାଙ୍କୁ ଗୁପତ କରି ରଖ ତୁମ୍ଭେ,
ରାକ୍ଷସେ ଏବା ଅଇଲେ ॥ ୧୯

ସୀତାହୁଁ ତରସ୍ତ ହୋଇଣ ବୋଲନ୍ତି,
ଗୁଳ ଦେବ ଆମ୍ଭେ ଯିବା ।
ଦୈତ୍ୟମାନଙ୍କ ସଙ୍ଗତେ ଯୁଦ୍ଧ କଲେ,
ନିଶ୍ଚୟେ ପାଟେ ହାରିବା ॥ ୨୦

ଶୁଣ ଶଶିମୁଖୀ ରାକ୍ଷସଙ୍କୁ ଦେଖି,
ଭୟେ ଯେବେ ଏଥୁଁ ଯିବା ।
ତାହାଙ୍କୁ ତ ସ୍ୱର୍ଗପୁର ଦୂର ନୋହେ,
କେଉଁ ସ୍ଥାନରେ ରହିବା ॥ ୨୧

ଦେଖରେ ଦକ୍ଷୀ ପ୍ରଭଞ୍ଜା ଅସ୍ତ୍ର ଯେବେ ମନୁ ଚିନ୍ତା ଦୂର କର ।
ରାକ୍ଷସମାନେ ମୋ ଗୁମୁରେ ପଡ଼ିଲେ ଯିବେ ସର୍ବେ ଯମପୁର ॥ ୨୨

ଯେମନ୍ତ କହି ଧନୁରେ ଗୁଣ ଦେଇ ଯୋଗ ଦେନ କନ୍ଧେ ଭିଡ଼ି ।
ଲକ୍ଷ୍ମଣ ସୀତାଙ୍କୁ ଗୁପତେ ରଖିଲେ କିଛୁଦୂର ପଥ ଛାଡ଼ି ॥ ୨୩

ଧନୁଶର ଧରି ଶ୍ରୀରାମ ବିଜୟେ କରନ୍ତି ବୀରବେଶେ ।
ସୂର୍ପଣଖା ଖର ଦୂଷଣଙ୍କୁ ଘେନ, ମିଳିଲେ ଶ୍ରୀରାମ ପାଶେ ॥ ୨୪

ଚହ୍ନାଇ ରାମଙ୍କୁ ସୂର୍ପଣଖା ଦୂର ହୋଇଣ ଯାଇ ରହିଲା ।
ଦେଖି ଖର ବୀର କ୍ରୋଧରେ ପ୍ରଖର ହୋଇଣ ଶର ବିନ୍ଧିଲା ॥ ୨୫

ରାଘବ ତହିଁକି ପ୍ରତିଶର କରି ସମସ୍ତ ସୈନ୍ୟ ମାରିଲେ ।
କ୍ରୋଧଭର ହୋଇ ଖର ଦୂଷଣଙ୍କୁ ନାରାଚ ପ୍ରହାର କଲେ ॥ ୨୬

ହୃଦ ଫୁଟି ଶର ବାହାର ହୁଅନ୍ତେ କ୍ଷିତି ଉପରେ ପଡ଼ିଲା ।
ପୁଣି ଲକ୍ଷ୍ମଣ ଶର ପ୍ରହାର କରନ୍ତେ, ଦୂଷଣ ପ୍ରାଣ ହାରିଲା ॥ ୨୭

ପୁଣି ରଘୁପତି କ୍ରୋଧ ହୋଇ ଅତି ବାବନ ଶର ପେଷିଲେ ।
ତ୍ରିଶିରା ଶିର ଛେଦିଣ ବେନିଖଣ୍ଡ ହୋଇ ପଡ଼ିଲା ଭୂମିରେ ॥ ୨୮

ସମସ୍ତ ଦେବେ ହରଷ ହୋଇ ରାମ ଶିରେ କୁସୁମ ବର୍ଷିଲେ ।
ସୀତାଙ୍କୁ ଲକ୍ଷ୍ମଣ ଘେନି ଆସି ରାମ, ଚରଣେ ପ୍ରଣାମ କଲେ ॥ ୨୯

ଲକ୍ଷ୍ମଣ ସୀତାଙ୍କୁ ଘେନିଣ ଶ୍ରୀରାମ, କୁଟୀରେ ପରବେଶ ହେଲେ ।
ରଘୁନାଥ ଦାସ ଯେହ୍ନିକାଳେ ରାମ ଚରଣ ତଳେ ଭାବିଲେ ॥ ୩୦

●

**ରାଗ—ମୁଖାରୀ**

ଖର ଦୂଷଣ ତ୍ରିଶିରାଙ୍କୁ ମରାଇ ରାକ୍ଷସୀ ଲଙ୍କାକୁ ଅଇଲା ।
ରାବଣ ଅଗ୍ରତେ କାଟି ନାକ କାନ ଦେଖାଇ ସମସ୍ତ କହିଲା ।
ରାମ ଚରିତ,
ଶୁଣିମା କି ହେଲା ସେ ଆଚମ୍ବିତ ॥ ୧

ପୂର୍ବ କଥା ଜାଣି ମନେ ମନେ ଗୁଣି ବୋଇଲା ଏକ ବିପରୀତ ।
ସୂର୍ପଣଖାକୁ ପୁଣି ହିଁ ପଚାରିଲା ତୋତେ କିମ୍ପା କଲା ଏମନ୍ତ ॥ ୨

ପର୍ବତ ପକାଇ ମୁଣ୍ଡ ନ ପାଡିଲା ଶଙ୍କରୁ ହେଲା ବଳବନ୍ତ ।
ସମୁଦ୍ର ପହଁରି ମନୁକା ହାରିଲା ତାହାକୁ ନେଲେ ଯମଦୂତ ॥ ୩

କାହ୍ନ ଧରଣୀରେ ପଣ୍ଡି ବୋଲେ ଦେବ ଭ୍ରମନ୍ତି ଗୋଦାବରୀ ତଟ ।
ହରିହର ପ୍ରାୟେ ବେନି ଭାଇ ଶୋଭା ଦେଖି ହେଲି ତାଙ୍କ ନିକଟ ॥ ୪

ଖରିଯାକୁ ଜନପୁରେ ସମନାହିଁ ସୀତସ୍ତ୍ରୀ ନାମଟି ତାହାର ।
ତାହାକୁ ଆଣିଲେ ସବୁ ଯଶ ହେବ ବୁଝିଲେ କାର୍ଯ୍ୟ ନାହିଁ ବୀର ॥ ୫

ସୂର୍ପଣଖା ଶୋକ ନିବାରି ରାବଣ,
ପ୍ରବୋଧି ଯତ୍ନ କରାଇଲେ ।
ସୀତା ଆଣିବାକୁ ଉଦବେଗ ହୋଇ,
ପୁଷ୍ପକ ରଥ ଆରୋହିଲେ ॥ ୬

ଉତ୍ତର ଦିଗେ ଗମନ କରି ଯାଇ,
ସିନ୍ଧୁବେଣୀ କୂଳେ ହୋଇଲେ ।
ମାରୀଚକୁ ଦେଖି ଆକାଶରୁ ଖସି,
ରଥ ସେଠାରେ ରୁହାଇଲେ ॥ ୭

ନିକଟକୁ ଆସି କୁଳଗୋଣ୍ଡ ପୁଚ୍ଛି,
ବନ୍ଧୁପଣ ଲେଖି ବସିଲେ ।
ଏହିଠାରେ ଥାଅ ଲଙ୍କାକୁ ନ ଯାଅ,
ବୋଲିଣ ତାକୁ କୋଳ କଲେ ॥ ୮

ଯେବେ ତୁମ୍ଭେ ହେମମୃଗ ରୂପ ହୋଇ,
ପଞ୍ଚବଟୀକି ବେଗେ ଯିବ ।
ରାମ ମଣ୍ଡଆ ନିକଟେ ଦେଖା ଦେଇ,
ଭଣ୍ଡି ତାହାକୁ ଘେନି ଯିବ ॥ ୯

ରାବଣ ଉଦନ୍ତ ଶୁଣିଣ ମାରୀଚ,
ବୋଇଲା ଶୁଣ ଦଶଶିର ।
ରାମ ସଙ୍ଗତେ ଓଖଡ଼ାଅ ଲାଗିଲେ,
ସଗୋଷ୍ଠେ ହୋଇବ ବିନାଶ ॥ ୧୦

ବାର ବରଷ ବନରେ ରଘୁନାଥ,
ମାତାକୁ ମୋର ବନାଶିଲେ ।
ବୃଷ ରୂପ ହୋନ୍ତେ ମୋତେ ନ ମାରଣ୍ଟ,
ହାବୁଡ଼ା ଶରେ ଉଡାଇଲେ ॥ ୧୧

ଯେତେ ଦୂରରେ ପଡ଼ିଲି ଆସି ମୁହିଁ,
ରାମଙ୍କୁ ହୋଇଅଛୁ ଭୀତ ।
ଦଶଦଶକୁ ଦଶ ମଣ୍ଡଳି ବଳି,
କଣବେ ତୋତେ ରଘୁସୁତ ।

ଖଡ଼ଗ ଧରି ଝମକି ବୋଲେ ଦୈତ୍ୟ,
ଅଛୁ ତୁରେ ବଡ ଖଳ ତ ।
ଦଶ ମଣ୍ଡଳି କମ୍ପାଇଣ ବୋଲଇ,
ନିଶ୍ଚେ କରିବି ତୋତେ ହତ ॥ ୧୩

ଯେମନ୍ତ ରାବଣ କ୍ରୋଧ ହୋଇବାରୁ,
ମାରୀଚ ଦେଖି ଭୟ କଲା ।
ଯେବା କରେ ହତ ହେବା ତେଜି ରାମ-
ଶରେ ମରିବା ମୂଳ କଲା ॥ ୧୪

ମାରୀଚ ବୋଇଲା ଶୁଣ ହେ ରାବଣ,
ହେବି ମୁହିଁ ହେମ କୁରଙ୍ଗୀ ।
ରାମ ଶରେ ତ ନାଶ ହେବ ନିଶ୍ଚୟେ,
ତୁହି ହୋଇବୁ ମୋର ସଙ୍ଗୀ ॥ ୧୫

ଯେମନ୍ତ କହି ମାରୀଚ ରାବଣକୁ,
ପଞ୍ଚବଟୀକି ସେ ଆଇଲା ।
ରଘୁନାଥ ଦାସ ମନରେ ହରଷ,
ରାମ ପାଦ ଚିନ୍ତ କହିଲା ॥ ୧୬

## ରାଗ— **ମଙ୍ଗଳଗୁଜ୍ଜରୀ**

ବୃତ୍ତପାଦ ବେଜ୍ର ଶିର କନକ ଶରୀର ।
ବେଜ୍ର ଶୃଙ୍ଗ ହୀରା ନେତ୍ର ନିର୍ମଳ ନୀଳାର ଯେ ॥ ୧

ମାଣିକ୍ୟର ଜିହ୍ୱା କୃଷ୍ଣ ଚାମର ତା ପୁଚ୍ଛ ।
ଖୁରା ରଜତ ଆକାର ଦିଶଇ ପ୍ରତ୍ୟକ୍ଷ ଯେ ॥ ୨

ଶ୍ରୀରାମ ମଡ଼ିଆ ପାଶେ ହେଲା ବେଗେ ଯାଇ ।
ଅପୂର୍ବ କୁରଙ୍ଗୀ ଦେଖି ବୋଲେ ବଇଦେହୀ ଯେ ॥ ୩

ହେ ଦେବ ରାଘବ ଧରି ଆଣ ହେ ଏହାକୁ ।
ରାଜ୍ୟକୁ ଗଲେ ଏ ମୃଗ ଦେବାଟି ଭ୍ରତଙ୍କୁ ହେ ॥ ୪

ଧରି ନ ପାରିଲେ ମାରି ଛାଲ ରଖିଥିବା ।
ବଶିଷ୍ଠଙ୍କୁ ଅପୂର୍ବ ଜରଣ ଏହା ଦେବା ହେ ॥ ୫

ରାମ ଆଜ୍ଞା ଦେଲେ ସଖି ଏ ମୃଗ ନୁହଇ ।
ଅସୁର ମାୟା ସ୍ୱରୂପ ଶୁଣ ବଇଦେହୀ ଗୋ ॥ ୬

ଶରଧା ଯେବେ ତୁ କଲୁ ଦେବି ଏହିକ୍ଷଣ ।
ଏତେ ବୋଲି ଶ୍ରୀରାମ ଧଇଲେ ଧନୁବାଣ ଯେ ॥ ୭

ଜାନକୀ ବୋଲନ୍ତି ଦେବ ନଯାଅ ତହିଁକି ।
ମାୟାମୃଗକୁ ଶରଧା କଲି ମୁଁ କାହିଁକି ଯେ ॥ ୮

ଶୁଣ ବାଣୀ ଶଶିମୁଖି ! ବୋଇଲେ ଶ୍ରୀରାମ ।
ଆଣିବଇଁ ମୃଗ ଭୟ ନ କର ତୁ ମନ ଯେ ॥ ୯

ଲକ୍ଷ୍ମଣଙ୍କୁ ଜଗାଇଣ ହୋଇଲେ ବାହାର ।
ବାମହସ୍ତେ କୋଦଣ୍ଡ ଦକ୍ଷିଣେ ତୀକ୍ଷ୍ଣଶର ଯେ ॥ ୧୦

ରାମଙ୍କୁ ଦେଖି କୁରଙ୍ଗୀ ଭୟେ ପଳାଇଲା ।
ଶ୍ରୀରାମ ଗୋଡ଼ାନ୍ତେ ବେଗେ ଅଦୃଶ୍ୟ ହୋଇଲା ସେ ॥ ୧୧

ଖଣ୍ଡେଦୂର ଯାଇ ମୃଗ ଦେଖାଦେଲା ପୁଣି ।
ରାଗରେ ଶର ସନ୍ଧାନ କଲେ ରଘୁମଣି ସେ ॥ ୧୨

ବାଣ ବାଜନ୍ତେ ଭୂମିରେ ପଡ଼ିଲା ତକ୍ଷଣ ।
ମରିବା ବେଳେ ବୋଇଲା **ରଖ ହେ ଲକ୍ଷ୍ମଣ** ।। ୧୩

ମୃଗ ଦେହ ଛାଡ଼ି ଦିବ୍ୟ ଦେହ ହେଲା ତାର ।
ଦେବଯାନ ଆରୋହଣ ଗଲା ସ୍ୱର୍ଗପୁର ସେ ।। ୧୪

ରାମ ସ୍ୱରୂପରନ୍ତ କମ୍ପା ଡ଼ାକିଲା ସ୍ୱେ ବାଣୀ ।
ସୀତା ଛାଡ଼ି ସଉମିତ୍ରି ଆସଇ ନ ପୁଣି ଯେ ।। ୧୫

ସ୍ୱେମନ୍ତେ ସ୍ୱରୂପରୁ ରାମ ସ୍ଥୂଳରେ ବେହ୍ନଭୁଜ ।
ରଘୁନାଥ ଦାସ ଚହନ୍ତେ ରାମ ପଦାମ୍ବୁଜ ଯେ ।। ୧୬

●

## ରାଗ—**ମଙ୍ଗଳଗୁଜ୍ଜରୀ**

ଲକ୍ଷ୍ମଣ ରାହି ବୋଲଣ ଜାନକୀ ଶୁଣିଲେ ।
ତରସ୍ତ ହୋଇଣ ସଉମିତ୍ରିଙ୍କୁ କହିଲେ ସେ ।। ୧

ବିପତ୍ତି ପଡ଼ିଲା ବନେ ଭାଇଙ୍କୁ ତୁମ୍ଭର ।
ସହାୟ ହୁଅ ବହନ ଘେନି ଧନୁଶର ହେ ।। ୨

ଆତଙ୍କ ହୋଇ ଡାକିଲେ ଶୁଣିଲ ପ୍ରତ୍ୟକ୍ଷ ।
ମଉନ ହୋଇ ରହିଲ ମନେ କି ପାଞ୍ଚିଛ ହେ ।। ୩

ସଉମିତ୍ରି ବୋଲନ୍ତି ଶୁଣ ଗୋ ଜଗଧାତ୍ରୀ ।
ରାମଙ୍କୁ ଜିଣିମାକୁ ବ୍ରହ୍ମାଣ୍ଡେ ନାହିଁ କ୍ଷତ୍ରୀ ଯେ ।। ୪

ଇତର ଜନ ପ୍ରାୟେ ସେ କିମ୍ପାଇଁ ଡାକିବେ ।
ଇଚ୍ଛା କଲେ ବ୍ରହ୍ମାଣ୍ଡ ସେ କ୍ଷଣକେ ନାଶିବେ ଯେ ।। ୫

ତୁ ଗୋ ସୀତାୟୀ ମନରୁ ଦୂରକର ଚିନ୍ତା ।
ମୃଗ ଘେନି ଏକ୍ଷଣି ଆସିବେ ବଳବନ୍ତା ଗୋ ।। ୬

କ୍ରୋଧେ ବଇଦେହୀ କଟୁ ବଚନ କହଇ ।
ଜାଣିଲି ତୁ ବନକୁ ଆସିଛୁ ଯହିଁ ପାଇଁ ହେ ।। ୭

ଭ୍ରାତ ବୋଲେ କପଟେ ସଙ୍ଗତେ ଅଛୁ ଆସି ।
ମୋତେ ଘେନି ଯିବୁ ବନ୍ଧୁ ଶ୍ରୀରାମଙ୍କୁ ନାଶି ଯେ ।। ୮

ଭୃଅକୁ ମୋତେ ଦେଇ କି ବିଳସିବୁ ଭୋଗ ।
ସିଂହ ଅଶନ କି ଶ୍ୱାନକୁ ହୁଅଇ ଯୋଗ ଯେ ॥ ୯

ରାମ ଅନ୍ତେ ତୁକ ମୋତେ କରିବୁ ଘରଣୀ ।
ମୋ ବାଣୀ ଶୁଣି ନ ଯାଉ ଶୁଣି ଭୃଥ ବାଣୀ ଯେ ॥ ୧୦

ଶୁଣି ସଉମିତ୍ରି କରେ ଛୁଇଁ ଭୂମି ଶ୍ରୁତି ।
ଯେମନ୍ତ ବଚନ କିମ୍ପା ବୋଲୁ ମୃଗନେତ୍ରୀ ଗୋ ॥ ୧୧

ତୁ ଗୋ ବଇଦେହୀ ମୋତେ ସୁମିତ୍ରାଙ୍କ ସମ ।
ଦଶରଥ ପ୍ରାୟେ ମୋତେ ଅଟନ୍ତି ଶ୍ରୀରାମ ଗୋ ॥ ୧୨

ମୋର ଦୋଷ କାହିଁ ଯାଉଅଛୁ ବୋଲି ବୀର ।
ବାହାରି ହୋଇଲେ କରେ ଧରି ଧନୁଶର ଯେ ॥ ୧୩

ଉଟଜଗାର କାଟି ବୋଲେ କୁଟୀରୁ ନ ଯିବୁ ।
ଏ ରେଖା ଡେଇଁଣ ବାହାରକୁ ନ ଆସିବୁ ଗୋ ॥ ୧୪

ଏତେ କହି ଗଲେ ରାମ-ମାର୍ଗ ଅନୁସରି ।
ମିଳିଲା ରାବଣେଶ୍ୱର ଯତିରୂପ ଧରି ଯେ ॥ ୧୫

ନିଜ ବେଶ ଗୋପ୍ୟ କରି ଯତିବେଶ ଧରି ।
ବେନ-ଯଡ଼-ଚିତା ଅଙ୍ଗେ ଆଭରଣ କରି ଯେ ॥ ୧୬

ଯଜ୍ଞସୂତ୍ର କନ୍ଧେ ତମ୍ବା କୁଣ୍ଡଳ କର୍ଣ୍ଣରେ ।
କଷାବସ୍ତ୍ର ପିନ୍ଧି କୁଶବଟୁ ଅଛି କରେ ଯେ ॥ ୧୭

ଛତା କମଣ୍ଡଳୁ ବେନ କରେ ଅଛି ଧରି ।
କୃଷ୍ଣାଜିନ ଗୁଲି କାଖ ମୂଳେ ଅଛି ଭରି ଯେ ॥ ୧୮

ପର୍ଣ୍ଣଶାଳା ଦ୍ୱାରେ ବସି ବେଦ ଧ୍ୱନି କଲା ।
ମଢ଼ିଆ ଭିତରେ ଥାଇ ସୀତା ତା ଜାଣିଲା ଯେ ॥ ୧୮

ଯତିକି ଅନାଇ ମନେ ଶଙ୍କା ସେ ପାଇଲେ ।
ଶ୍ରୀରାମ ଅଇଲେ ପୂଜା କରିବେ ବୋଇଲେ ସେ ॥ ୧୯

ମାୟାଯତି ବୋଲେ କେଉଁ ଦେଶେ ତୁମ ଘର ।
ଅରଣ୍ୟ ଭିତରେ କିମ୍ପା କରିଅଛ ପୁର ଯେ ॥ ୨୦

ଏଡ଼େ ଅରଣ୍ୟରେ ଏକା ହୋଇଣ ରହିଲ ।
ତୁମ୍ଭ ପରି ସୃଷ୍ଟି କମ୍ପା ବନକୁ ଅଇଲ ଗୋ ।।୨୧

ଶୁଣି ବଇଦେହୀ ଫଳମୂଳ ଜଳ ଦେଲେ ।
ବନବାସ ଅଇଲାର ବୃତ୍ତାନ୍ତ କହିଲେ ସେ ।।୨୨

ଅଯୋଧ୍ୟାର ପତି ଦଶରଥ ନୃପବର ।
ଚାରିପୁତ୍ର ଜାତ ତିନ ରାଣୀରୁ ତାଙ୍କର ହେ ।।୨୩

ଶ୍ରୀରାମ ଭରଥ ଲକ୍ଷ୍ମଣ ଶତ୍ରୁଘନ ବୀର ।
ଶ୍ରୀରାମଙ୍କୁ ରାଜ୍ୟ ଦେବା କଲେ ନୃପବର ଯେ ।।୨୪

ଭରଥ ଜନନୀ ରାଜାଙ୍କୁ କରାଇଲା ସତ୍ୟ ।
ରାମ ବନେ ଯାଉ ରାଜା ହେଉ ମୋର ସୁତ ଯେ ।।୨୫

ତେଣୁ ସ୍ୱାମୀ ଯେନି ମୋତେ ବନବାସ କଲେ ।
ସ୍ନେହଭରେ ସାନୁଜ ଲକ୍ଷ୍ମଣ ହିଁ ଅଇଲେ ଯେ ।।୨୬

ଜନକ ଋଷି-ନନ୍ଦିନୀ ନାମ ମୋର ସୀତା ।
ରାମ ଶିବଧନୁ ଭାଙ୍ଗି ବିଭା କଲେ ପିତା ହେ ।।୨୭

ଦେବର ସହିତେ ସ୍ୱାମୀ ଗଲେ ମୃଗ ମାରି ।
ତେଣୁ ଏକା ହୋଇ ମୁହିଁ ଅଛଇ ଏ ପୁରୀ ହେ ।।୨୮

ଦଣ୍ଡେ କର ଦୟା ଆସନ୍ତୁ ରାମ ଲକ୍ଷ୍ମଣ ।
ଏହା ପୁଣି ଭସ୍ମଚଣ୍ଡେ କହଇ ରାବଣ ଯେ ।।୨୯

ତ୍ରୈଲୋକ୍ୟ ଦୁର୍ଲ୍ଲଭ ଅଟେ ଯେବଣ ସୁନ୍ଦରୀ ।
ତାହାକୁ କି ବନେ ଛାଡ଼ିଯାଇ ଏକା କରି ଗୋ ।।୩୦

ଜାଣିଲି ତୁମ୍ଭର ସ୍ୱାମୀ ଅତି ନିର୍ଗୁଣ ।
ମୁହିଁ ମେ ବିଶ୍ରବା ସୁତ ନାମ ମୋ ରାବଣ ଗୋ ।।୩୧

ସୁବର୍ଣ୍ଣମୟ ଲଙ୍କାର ଅଟଇ ମୁହିଁ ରାଜା ।
ତରେ ଲକ୍ଷେ ନୃପତି କରନ୍ତି ମୋତେ ପୂଜା ଗୋ ।।୩୨

ସକଳ ଦେବତା ବ୍ରହ୍ମା ଇନ୍ଦ୍ର ଆଦି କରି ।
ଦଶଦିଗପାଳଙ୍କୁ ଜିଣିଲି ବଳେ ଧରି ଗୋ ।।୩୩

କୈଳାସ ପର୍ବତ ମୁହିଁ ଉପାଡ଼ିଲି ହେଲେ ।
ସତୀ ସମ ମୋତେ ନାହିଁ ଏହୁ ରବ ତଳେ ଗୋ ॥୩୪

ତୁ ମୋହର ଘରଣୀ ହୋଇବୁ ଆସ ସୀତେ ।
ଶ୍ରୀରାମ ପଦ୍ମପଣେ ଗର୍ଜନ କୋନ୍ଦେ ତୋତେ ଗୋ ॥୩୫

ଭୟ ପାଇ ପୁଣି ଧୈର୍ଯ୍ୟ ଧର ରାମରାଣୀ ।
ପଳା ରାମ ଅଇଲେ ମରିବୁ ଏହିକ୍ଷଣି ରେ ॥୩୬

ଲକ୍ଷ୍ମଣ ଜାଣିଲେ ବାଣେ ଛେଦିବେ ତୋ ଶିର ।
ଯତି ବୋଲି ଉପ୍ରୋଧ ନୋହିବ ତାହାଙ୍କର ଯେ ॥୩୭

କାଳସର୍ପକୁ କିମ୍ପାଇଁ ଗୃହୁଅଛୁ ଗୋଡ଼େ ।
ବିଷ ଖାଇ ମରୁଛୁ ଭରସା ତୋର ଏଡ଼େ ରେ ॥୩୮

ପତଙ୍ଗ ହୋଇ ଅନଳେ ଦେଇ ଲେତୁ ଝାସ ।
ପଳା ବେଗେ ମଠବାକୁ ଧର ଆନ ଦେଶ ରେ ॥୩୯

ଏତେ ବୋଲି ରାମ ଗଲା ପଥକୁ ଗୃହିଁଲେ ।
ରଘୁନାଥ ଦାସ ସୀତା ପଦକୁ ଧ୍ୟାଇଲେ ହେ ॥୪୦

ରାଗ— **ମୁଖାରୀ**

କୋପ କରି ରାବଣ ଉଠିଲା ।
ରାମଙ୍କ ଗୃହାନ୍ତେ ବଳେ ଧଇଲା ।
ନେଇଣ ରଥବରେ ବସାଇ ।
ରାମ ସୁମରି କାନ୍ଦେ ବଇଦେହୀ ॥୧

ରାମ ଆସିବା ଡରେ ରାବଣ ।
ବେଗ ବେଗ ରଥ ବାହେ ଆପଣ ।
ପଥରେ ତାଙ୍କୁ ଦେଖି ଜଟାୟୁ ।
ବୋଲେ ରାମ ଘରଣୀ କିମ୍ପା ନେଉ ?୨

ରାମ ସଙ୍ଗତେ ନ କରୁ ସମର ।
ଚୋରାଇ କିମ୍ପା ନେଉ ଦଶଶିର ।
ଆଜ ମୁଁ ତୋତେ ଛାଡ଼ି ନ ଦେବ ।
ସମର କରିଣ ପରାଣ ନେବ ॥୩

ଏମନ୍ତ କହି ଜେଣା ବସ୍ତାଇଲା ।
ଧନୁ ଛଡ଼ାଇ ଭାଙ୍ଗି ଫିଙ୍ଗିଦେଲା ॥
ଚରଣେ ଅଙ୍ଗ କାଟି ତାହାର ।
ରାବଣ ଅଙ୍ଗୁ ରୁଧିର ବାହାର ॥୪

ଜେଣା ପିଟିଣ ମୁକୁଟ ଛିଣ୍ଡାଇ ।
ରଥ ଭାଙ୍ଗିଲା ମନେ କ୍ରୋଧ ହୋଇ ॥
ରାବଣ ଅଙ୍ଗେ ପାଇଣ ତାପ ।
ଯଷ୍ଟି ପ୍ରହାରେ ଯେହ୍ନେ କାଳସର୍ପ ॥୫

କ୍ରୋଧ ହୋଇଣ ଖଡ଼ଗ ଧଇଲା ।
ଜେଣା ସହିତେ ଚରଣ କାଟିଲା ॥
ଜଟାୟୁ ପଡ଼ି ହାରିଲା ଜ୍ଞାନ ।
ରାମ ଦେଖିବାକୁ ଅଛି ଜୀବନ ॥୬

ଜଟାୟୁ ସଙ୍ଗେ ଯୁଝୁଁ ଲଙ୍କସାଇଁ ।
ସୀତା ଗଲେ ତହୁଁ ଅନ୍ତର ହୋଇ ॥
ଉଚରେ ଶୋକ କରଣ ସତୀ ।
ରାଘବ ଯିବା ମାର୍ଗରେ ଚାଲନ୍ତି ॥୭

ରୋଦନ ଶୁଣି ଲଙ୍କପତି ଗଲା ।
ସୀତା କର ଧରି ଘେନି ଅଇଲା ॥
ଯେସନେ କୁରଙ୍ଗୀ କି କେଶରୀ ।
ସୀତାଙ୍କୁ ଧଣ୍ଡି ନେଲା ଦଶଶିର ॥୮

ପୁଷ୍ପକଯାନ ସୁମରଣା କଲା ।
ରଥ ଆସି ତତକ୍ଷଣେ ମିଳିଲା ॥
ସୀତାଙ୍କୁ ବସାଇ ସେ ରଥରେ ।
ଯାନ ବାହିଲା ପବନ ହୁଁ ଖରେ ॥୯

କାନ୍ଦିଲେ ଦେବୀ ଉଚେ ରାବ କରି ।
ଲକ୍ଷ୍ମଣ ରାମ ନାମକୁ ସୁମରି ।
ଶୁଣିଣ ଦେବେ ବିକଳ ହେଲେ ।
ରଘୁନାଥ ଦାସ ଗୀତେ ଭଣିଲେ ॥୧୦

ରାଗ— **ଶଙ୍କରାଭରଣ**

କାନ୍ଦନ୍ତି ଦେବୀ ଶ୍ରୀରାମ ନାମକୁ ସୁମରି ।
ବେନି କର ଶିରେ ତାଡ଼ି ହୃଦୟରେ ମାରି ॥
ବନଜୀବଙ୍କୁ ଅନାଇଁ
କହିବ ମୋତେ ନେଲା ଲଙ୍କସାଇଁ ॥ ୧

ଇକ୍ଷ୍ୱାକୁ-କୁଳ-ମଣ୍ଡନ ଅଟନ୍ତି ଶ୍ରୀରାମ ।
ତାହାଙ୍କ ଘରଣୀ ଜାନକୀ ଯେ ମୋର ନାମ ॥
ମୋତେ ନେଉଛି ଲଙ୍କାକୁ,
ତୁମ୍ଭେମାନେ ଦେଖିଲେ କହିବ ଶ୍ରୀରାମଙ୍କୁ ॥ ୨

ଅହେ ପୁନାଙ୍ଗ ଅଶୋକ ଦାରାକ୍ଷ ମାଳତୀ ।
ଟଗର ଚମ୍ପା ବକୁଳ ବାରୁଣୀ ସେବତୀ ॥
ଆହେ କାଞ୍ଚନ ତାଳମ୍ବ,
ମାଧବୀ କେତକୀ ପଲାଶ ପଣସ ଲମ୍ବ ॥ ୩

ଜନକ-ରାଜ-ନନ୍ଦିନୀ ନାମ ମୋର ସୀତା ।
ଶୁଣିଲେ ଅବଶ୍ୟ ତୁମ୍ଭେ କହିବ ବାରତା ॥
ଆହେ ସ୍ଥାବର ସମୂହ,
କହିଲେ ମୋର ସ୍ୱାମୀଙ୍କି ତେଜିବେ ସନ୍ଦେହ ॥ ୪

ପରମପୁରୁଷ ସେ ଅଟନ୍ତି ନିରାକାର ।
ଜୀବ ଯେ ଅଟଇ ମୁହିଁ ଶୁଣ ହେ ସ୍ଥାବର ॥
ଏକ ଅଙ୍ଗ ଆମ୍ଭେ ହୋଇ,
ଭକତ ତାରଣ ଅର୍ଥେ ନିଜ ଦେହ ବହି । ୫

ଆମ୍ଭେ ବେନିଜନ ଭିନ ଭିନ ନୋହୁ କେବେ ।
କାନ୍ତ ମୋର ମୃଗ ମାରି ଯାଇଥିଲେ ଏବେ ॥
ମୋତେ ଆଣିଲା ରାବଣ,
ଅବଶ୍ୟ କହିବ ତୁମ୍ଭେ ମୋର ଏ ଭାଷଣ ॥ ୬

ମୋତେ ନ ଦେଖି ଶ୍ରୀରାମ ଅଯୋଧ୍ୟାକୁ ଗଲେ ।
ତୁମ୍ଭେମାନେ ପ୍ରବୋଧି କହିବ ତାଙ୍କୁ ଭଲେ ॥
ଏହା କହି ବଇଦେହୀ,
ଶୋକେ ନେତ୍ରୁ ଅଶ୍ରୁଜଳ ବରଷଇ ॥ ୭

ହେ ବୃକ୍ଷମାନେ ତୁମ୍ଭଙ୍କୁ ହେଉଛୁ ଦଣ୍ଡନ ।
ଶ୍ରୀ ରାମଚନ୍ଦ୍ରଙ୍କୁ କହିବ ବିନୟ ଘେନ ॥
ଯେଣୁ ଅପ୍ରାଧ ମୋହର,
କ୍ଷମାକଲେ କୃପାସିନ୍ଧୁ ନାମ ହେବ ସାର ॥ ୮

ବୋଲିବ ମୋର ଅପ୍ରାଧ କ୍ଷମା ସେ କରିବେ ।
କରୁଣାସିନ୍ଧୁ ସେ ମୋତେ କରୁଣା କରିବେ ॥
ଯେତେ ବୋଲି ସେ ରୋଦନ୍ତ ।
ରଘୁନାଥ ଦାସ ବୋଲେ ସୀତା ରାମ ଚିନ୍ତ ॥ ୯

●

ରାଗ—**ମୁଖାରୀ**

ଯେମନ୍ତେ ଦେବୀ କରନ୍ତ ରୋଦନ ।
ଜୀବମାନେ ଦେଖି ଆକୁଳ ମନ ॥
ରାବଣ ମନେ କରଇ ଆଶଙ୍କା ।
ବହୁଡ଼ଇ ବେଗେ ଯିବ ମୁଁ ଲଙ୍କା ॥ ୧

ଋଷିମୂକ ଗିରି-ଶିଖରେ ରଥ ।
ବାହାନ୍ତେ ବେଗ କରି ଦଶମାଥ ॥
ସେ ଗିରିଶିଖରେ ମର୍କଟେ ରହିଁ ।
ବସ୍ତ୍ର ଆଭରଣ ସୀତା ପକାଇ ॥ ୨

ସୁଗ୍ରୀବ ତାହା ଫିଟାଇ ଦେଖିଲେ ।
ଯତ୍ନ କରି ତାହା ରଖାଇ ଦେଲେ ॥
ବିଚାର କରନ୍ତି ସେ ପାଞ୍ଚଜଣ ।
କାହାର ନାରୀ ନେଉଛି ରାବଣ ॥ ୩

ତହୁଂ ସୀତାଘେନି ସେ ଦଶ ଆସ୍ୟ ।
ଲଙ୍କା ଅଶୋକ ବିପିନେ ପ୍ରବେଶ ॥
ଆଣାଇ ଦଶସହସ୍ର ଅସୁରୀ ।
ଏହାଙ୍କୁ ରଖ ବୋଲି ଦଶଶିର ॥ ୪

ଦେଖ ସଜନ ଏହୁ ଲଙ୍କାପୁରୀ ।
ସୀତାଙ୍କୁ ଚାହିଁ ବୋଲେ ଦଶଶିର ॥
ମୃତ୍ତିକା ଯହିଁରେ ସବୁ ସୁବର୍ଣ୍ଣେ ।
ପୁର ନିର୍ମାଣ ହୋଇଛି ରତନେ ॥ ୫

ଇନ୍ଦ୍ର ସହିତେ ସର୍ବ ସୁରନର ।
ସେବା କରନ୍ତି ମୋତେ ନିରନ୍ତର ॥
ଗୁପତେ କରୁଅଛୁରେ ବିନତି ।
ଭୋଗ ଭୁଞ୍ଜିବୁ ହୁଅ ମୋ ଯୁବତୀ ॥ ୬

ସୀତା ବୋଲନ୍ତି ଶୁଣରେ ରାବଣ ।
ଜାଣିନାହୁଁ ତୁ ରାମ ବାଣ ଟାଣ ॥
ଚୋରାଇ ଆଣିଣ ଅଛୁ ଗୁପତେ ।
ନେବେ ମୋତେ ରାମ ମାରିଣ ତୋତେ ॥ ୭

ଜାନକୀ ତହୁଁ ଶୁଣିଣ ନିରାଶ ।
ରକ୍ଷା ଅସୁରୀଙ୍କି ହକାରି ପାଶ ।
ଏହାକୁ ଭୟ କରାଉଣ ଥିବ ।
ଯେମନ୍ତ କହିଣ ସେ ଦଶଗ୍ରୀବ ॥ ୮

ରହିଲେ ଦେବୀ ଅଶୋକ ବଣିନେ ।
ଗୁପତେ ଅଇଲେ ପାକଶାସନେ ।
ଅମୃତ ଦେଇଣ ବୋଧି କହିଲେ ।
ଭୋ ମାତ କିଛିଦିନ ଥାଅ ଭଲେ ॥ ୯

ମେଲାଣି ହୋଇ ଇନ୍ଦ୍ର ବାହୁଡ଼ିଲେ ।
ସ୍ୱର୍ଗ ଭୁବନେ ପ୍ରବେଶ ହୋଇଲେ ।
ଶ୍ରୀରାମ ଶ୍ରୀପାଦ-ପଙ୍କଜ-ବନ ।
ରଘୁନାଥ ଦାସ ଭୃତକ ମନ ॥ ୧୦

## ରାଗ—କନଡ଼ା

ବେଗେ ମୃଗମାରି ରାମ କାନ୍ଧେ ଧରି ବିଚାରି କରନ୍ତି ମନରେ ।
ଆଜ ପ୍ରମାଦ ପଡ଼ିବ ଆମ୍ଭରେ ।
ଲକ୍ଷ୍ମଣ ଯାହି ଜାନକୀ ଯାହି ଯାହା ଡାକିଲା ଅସୁର ସ୍ୱରରେ, ସେ ରାକ୍ଷସ ।
ଏହା ବିଚାରୁ ଲକ୍ଷ୍ମଣ ମିଳିଲେ ।
ରାମ ଚରଣେ ନମସ୍କାର କଲେ ।
ରାଘବ ବୋଇଲେ ତୁମ୍ଭେ ତ ଆଇଲ ଜାନକୀ କାହିଁ ରହିଲେ, ହେ ଲକ୍ଷ୍ମଣ ।। ୧

ଏଡ଼େ ଭୋଳା ହୋଇ ତୁମ୍ଭେ କାହିଁପାଇଁ ଆଇଲ କହ ମୋ ଆଗର ।
ମୁଖ ବିରସ କିମ୍ପାଇଁ ତୁମ୍ଭର ।
ସଂଗ୍ରାମ କରି ତୁମ୍ଭଙ୍କୁ ବଳେ ଧରି ଜିଣିଲା କି କେଉଁ ବୀର, ହେ ସାନୁଜ ।
ଏହା ସତ୍ୱରେ କହ ମୋ ପାଶ ।
ମୃଗ ନୁହେ ଏ ମାୟା ରାକ୍ଷସ ।
ସୀତାଙ୍କୁ ଅବା ଅସୁରୀ ମାନେ ନେଲେ ନୋହିଲେ କଲେକି ଗ୍ରାସ,
ହେ ସାନୁଜ ।।୨

ବେନିକର ଯୋଡ଼ି ବୋଲନ୍ତି ଭୋ ଦେବ ଅସୁର ଡାକିଲା ଶୁଣିଲି ।
ଜାନକଙ୍କି ଅନେକ ଠିଆରିଲି ।
କହୁତ କଟୁବଚନ କହିବାରୁ ତୁମ୍ଭ ଛାମୁକୁ ଆଇଲି ହେ, ଭୋଦେବ ।
ଭ୍ରାତୃଠାରେ କେ ଏମନ୍ତ କହିବ ।
ଶୁଣି ଯା'ହେଲ କାଣେ ତା ଦାନବ ।
ଅତି ନିଷ୍ଠୁର ନ ସହି ମୁଁ ଆଇଲି ଅପ୍ରାଧ କ୍ଷମା ହୋଇବ, ହେ ରାଘବ ।। ୩

ଶୁଣହେ ଲକ୍ଷ୍ମଣ ଆଜ ଅଲକ୍ଷଣ ପରାୟେ ତ ମୋତେ କହିଲ ।
ସ୍ତ୍ରୀର ବୋଲ ଶୁଣି ରୋଷ ବହିଲ ।
ବହିଅବା ଅନ୍ତଠାରେ ପ୍ରତିକୂଳ ହେବାରୁ ଛାଡ଼ି ଆଇଲ, ହେ ଲକ୍ଷ୍ମଣ ।।
ଯେତେତ ବୋଲି ଉଚ୍ଛେ ଶ୍ୱାସ ତେଜିଲେ ।
ସୀତା ପାଇବାକ ଅଭ୍ର ବୋଇଲେ ।।
ବେନିଭାଇ ମୃଗଭାର ତହୁଁ ଘେନି ବରସେ ଶୀଘ୍ରେ ଆଇଲେ, ସେ କାକୁସ୍ଥେ ।। ୪

ସୀତା ଗୁଣଶୁଣି ଶ୍ରୀରାମ ଲକ୍ଷ୍ମଣ ସତ୍ୱର ଗମନେ ଆଇଲେ ।
ପର୍ଣ୍ଣଶାଳା ଦ୍ୱାରେ ଯାଇ ହୋଇଲେ ।
ବେନିଭାଇ ମୃଗଭାର କାନ୍ଧୁ ରଖି ସୀତା ବୋଲିଣ ଡାକିଲେ, ସେ ଶ୍ରୀରାମ ।
ମୃଗମାରି ଆସିଲୁ ବଇଦେହି ।
ଆମ୍ଭ ଡାକ ନଶୁଣ କାହିଁପାଇଁ ।
ରଘୁନାଥ ପାଦ ହୃଦେ ଧ୍ୟାୟି ଦୀନ ରଘୁନାଥ ଦାସ କହି, ହେ ସୁଜନେ ।। ୫

●

## ରାଗ—କେଦାରକାମୋଦୀ

ମାୟା ଯେ ମୃଗ ମୋହେ ଶୁଣ ସୀତୟା ।
ଆମ୍ଭଙ୍କୁ ଭଣ୍ଡି ନେଲା କରଣ ମାୟା ଗୋ ।
ମାରିବା ବେଳେ ହେଲା ଅସୁର ରୂପ ।
ପାଦ ଧୋଇବା ବେଗେ ଦିଅ ତୁ ଆପ ଗୋ ।।୧

ଏହି ମୃଗ ମାଂସ ବେଗେ କର ରନ୍ଧନ ।
କ୍ଷୁଧାର୍ତ୍ତି ହୋଇଛୁ କରିବୁ ଭୋଜନ ଗୋ ।
ଜାନକୀ ନ ଶୁଣିମା ଦେଖି ଉଠିଲେ ।
ନିଜ କୁଟୀ ଭିତରେ ଯାଇ ପଶିଲେ ସେ ।।୨

ଦେଖିଲେ ପର୍ଣ୍ଣଶାଳା ଶୋଭା ନ ପାଇ ।
କାନ୍ତ ନଧନେ କାନ୍ତା ପରାୟେ ହୋଇ ଯେ ।
ସୀତା ନ ଦେଖି ରାମ ଆକୁଳ ହୋଇ ।
ଶୋକ କରଣ ତହୁଁ ବାହାର ହୋଇ ଯେ ।।୩

ମୋତେ ତେଜିଣ କାହିଁ ଗଲୁରେ ସହି !
ଲତାମାନଙ୍କେ ଅବା ଲୁଚିଛୁ ଯାଇ ରେ ।
ତୋର ଚନ୍ଦ୍ରବଦନ ବେଗେ ଦେଖାଅ ।
ମୋ ନେତ୍ର ଚକୋରକୁ ତୋଷ କରାଅ ଗୋ ।।୪

ଖୋଜି ଦେଖିଲେ ସୀତା ନାହାନ୍ତି କାହିଁ ।
ଅତି ଶୋକେ କହନ୍ତି ଲକ୍ଷ୍ମଣେ ଚାହିଁ ସେ ।
ଦେଖ ପଡ଼ିଛି ରଥସଙ୍ଖ ସାନୁଜ ।
କେ ନେଲା ପ୍ରିୟା ପ୍ରାଣ କାଢ଼ି ମୋ ଆଜ ହେ ।।୫

ସୀତା ଜଗାଇ ମୁହିଁ ଗଲଇଁ ତୋତେ ।
ତୁ ପୁଣି ତାକୁ ଛାଡ଼ି ଗଲୁ କେମନ୍ତେ ରେ !
ରାଜାମାନେ ଶୁଣିଲେ କରିବେ ହାସ୍ୟ ।
କଲଙ୍କ ହେଲା ଯେବେ ମୋ ରଘୁବଂଶ ରେ ॥୬

ହା ସୀତା ! ବୋଲି ଢଳି ପଡ଼ିଲେ କ୍ଷିତି ।
ଲକ୍ଷ୍ମଣ କୋଳ କରି ଧରିଲେ ଝାଟି ଯେ ।
ତହୁଁ କ୍ଷଣକେ ଜ୍ଞାନ ପାଇ ଉଠିଲେ ।
କାହିଁ ଗଲୁ ସୀତସ୍ତ୍ରୀ ବୋଲି ଭାଷିଲେ ଯେ ॥୭

ତୋତେ ହରାଇ ପ୍ରାଣ ଅଛୁ କମ୍ପାଇଁ ।
ବନେ ଅଇଲୁ ସେବା କରିବା ପାଇଁ ଗୋ !
ଉର୍ନ୍ଦ୍ରେ ବସି ମୋର ମଞ୍ଚାଲୁ ପାଦ ।
ହରଷ ବିନୁ ଦିନେ ନୋହୁ ବିଷାଦ ଗୋ ॥୮

ରାଜନନ୍ଦନୀ ନୃପତି—କୁଳବଧୂ ।
ଆଜନ୍ମ-ସୁଖୀ କାହିଁ ଗଲୁ ତୁ ବନ୍ଧୁ ରେ ।
ମୁଖ ଅମ୍ବୁଜ ନେତ୍ର ନୀଳେନ୍ଦୀ ବର ।
ଅଧର ବନ୍ଧୁଲୀ କି ନନ୍ଦେ ତୋହର ଗୋ ॥୯

ତୋ କେଶ ଶୋଭିବନ ଜିଣି ବିଶେଷ ।
କୃଷ୍ଣ-ଭ୍ରମର କାହିଁ ପାଇବ ଲେଶ ଯେ ।
ନାସିକା ଶୋଭା ତିଳ କୁସୁମେ ନାହିଁ ।
ଡାହାଣ-ନ୍ତ-ଶଙ୍ଖ ଗ୍ରୀବା ନନ୍ଦଇ ଗୋ ॥୧୦

ପିକ ବାଣୀ କି ଜିଣା ବଚନ ତୋର ।
ଚମ୍ପା କେତକୀ ନନ୍ଦେ ଅଙ୍ଗ ତୋହର ଗୋ ।
ହେମ-କମ-କୁମ୍ଭ କି କୁଚ ଯୁଗଳ ।
କେଶରୀ ମଧ୍ୟ କଟୀ ଅତି ମଞ୍ଜୁଳ ଗୋ ॥୧୧

ଅଙ୍ଗୁଳି ଶୋଭା ଚମ୍ପାକଳୀରେ ନାହିଁ ।
ଓଲଟ-ରମ୍ଭା ଜିଣି ଜାନୁ ଦିଶଇ ଗୋ !
ପାଦତଳ ରଙ୍ଗ ତ କହି ନୁହଇ ।
ଜବା କୁସୁମ-ଶ୍ରେଣୀ ବାସନା ନାହିଁ ଗୋ ॥୧୨

ତୋ ରୂପ ଗୁଣ ମୁହିଁ ବଚନେ ସହ୍ନ !
ଶତେ ବରଷେ କହି ପାରିବ ନାହିଁ ଗୋ ।
ଅନାଥ କରି ମୋତେ ଗଲୁ ମିତଣି !
ଏ ଜନ୍ମେ ସତେ ମୁଁ କି ପାଇବି ପୁଣି ରେ ॥୧୩

ଆହେ ଲକ୍ଷ୍ମଣ ସୀତା ଭେଟାଅ ମୋତେ ।
ବୋଲି ଉଠିଲେ ଧନୁଶାୟକ ହସ୍ତେ ଯେ ।
ସେ ରାମ ପଦାମ୍ବୁଜ କରଣ ଆଶ ।
କହଇ ରଘୁନାଥ ଦାସ ସ୍ନେହ ରସ ଯେ ॥୧୪

●

## ରାଗ—କାଫି

ଲକ୍ଷ୍ମଣ କହନ୍ତି ରାମ ଦେଇଣ କର ।
ରୋଦନ କରି ତହୁଁ ହେଲେ ବାହାର ।
ବନଜୀବଙ୍କୁ ଚାହିଁ,
ପୁଚ୍ଛନ୍ତି ଦୀନଜନ ପରାଯେ ହୋଇ ॥ ୧

ହେ ବୃକ୍ଷମାନେ ତୁମ୍ଭ ସଙ୍ଗତେ ଆମ୍ଭେ ।
ଦିନ ହରିଲୁ ସୀତା ଯେଜ୍ଜଣ ରଙ୍ଗେ ।
ମୋର ଘରଣୀ ଏବେ,
କେ ନେଲା କାହିଁ ଗଲା କହ ମୋ ଆଗେ ॥ ୨

ସ୍ନେହେ ସ୍ନେହେ ବୃକ୍ଷକୁ ପୁଚ୍ଛନ୍ତି ଚାହିଁ ।
କେ ନେଲା ସୀତା ମୋତେ କହିଲ ନାହିଁ ।
ଆହେ ତମାଲ ବୃକ୍ଷ !
ତୁମ୍ଭେ ତ ତାହାଙ୍କର କୁନ୍ତଳ ଲକ୍ଷ୍ୟ ॥ ୩

ଆହେ ଚମ୍ପକ ତୁମ୍ଭ ପରାଯେ କାନ୍ତି ।
ହେ ଡାଳିମ୍ବ ମୋ ଡାଳିମ୍ବ-ବୀଜଦନ୍ତୀ ॥
ଆହେ ବର ଅଶୋକ !
ସୀତା ଭେଟାଇ ହର ଏ ମୋର ଶୋକ ॥ ୪

କୁନ୍ଦ ଭେଟାଅ କୁନ୍ଦଦନ୍ତୀ ଗୁରତେ ।
ହେ ବନ୍ଧୁକ ବନ୍ଧୁକଓଷ୍ଠୀ ମୋ ସୀତେ ।
ଆହେ ଯାଗ କୁସୁମ !
ତୁମ୍ଭ ପାଖୁଡ଼ା ତା'ର କରଜ ସମ ।। ୫

ପୁଣି ପୁଚ୍ଛନ୍ତି ବନ-ଜୀବଙ୍କୁ ଗୁହିଁ ।
ସୀତାଙ୍କୁ ଦେଖିଥିଲେ କହ ବତାଇ ।
ଆହେ କୁରଙ୍ଗୀ ଶ୍ରେଣି !
କେ ନେଲା କହ ମୋ କୁରଙ୍ଗୀ ଇକ୍ଷଣୀ ।। ୬

ଆହେ କୋକିଲ ମୋ କୋକିଲବଚନା ।
ଆହେ ହଂସମାନେ ମୋ ହଂସଗମନା ।
ଦେଖି ଅଛକି ତୁମ୍ଭେ ?
ଘଟଣା କହ ଗୁଇ ବୁଝୁଁ ଆମ୍ଭେ ।। ୭

ଆହେ ମୟୂର ମୋ କେକି-ପୁଚ୍ଛ କେଶୀ ।
ଦୟା କରି କହ ତୁ ମୋ ପାଶେ ଆସି ।
ଗୋଦାବରୀ ତଟକୁ,
ତାଙ୍କୁ ପୁଚ୍ଛିବା ପାଇଁ ଗଲେ ପାଶକୁ ।। ୮

ଆଗୋ ପାପହାରିଣୀ ! ଶୁଣ ମୋ ବାଣୀ ।
ସୀତୟା ଆସିଛନ୍ତିକି ନେବାକୁ ପାଣି ।
କହଥିଲେ ତୁ ଜାଣି,
ତୋ ଆବଶ୍ର ଥାଉ କେ ମୋ ନେଲା ଘରଣୀ ।। ୯

ଲକ୍ଷ୍ମଣ ସଙ୍ଗେ ତହୁଁ ବାହାର ହେଲେ ।
କେହି ନ କହିବାରୁ କ୍ରୋଧ ହୋଇଲେ ।
ରାମ ପଦ୍ମ--ଚରଣ,
ରଘୁନାଥ ଦାସ ପଶଇ ଶରଣ ।। ୧୦

●

### ରାଗ--**ମଙ୍ଗଳଗୁଜ୍ଜରୀ**

ଜାନକୀ ନେବା ଉଦନ୍ତ ନ କହିଲେ କେହି ।
କୋପେ ରାମ ଅରୁଣ ନୟନ ହେଲେ ତହିଁ ସେ ।। ୧

କ୍ରୋଧେ ରାମ ଧନୁରେ ତୀକ୍ଷ୍ଣ ଶର ସନ୍ଧିଲେ ।
ବୃକ୍ଷଲତା ଗିରି ଜୀବମାନଙ୍କୁ କୋପିଲେ ଯେ ॥ ୨

କେହି ନ କହିଲ କାହିଁ ଅଛି ବଇଦେହୀ ।
ରେଣୁ ପ୍ରାୟେ ତୁମ୍ଭଙ୍କୁ ଛେଦିବି ଆଜ ମୁହିଁ ଯେ ॥ ୩

ସାହେର ସହିତେ ଆଉ ନ ରହିବେ କେହି ।
ଦିଗଦଶ ଦେବଙ୍କୁ ଆଜ ପକାଇବି ଦହି ଯେ ॥ ୪

ତପନ ଚନ୍ଦ୍ରମା ମେରୁ ଆଳୟ ସହିତେ ।
ଆଜ ମୋର ଶରେ ନାଶ ହୋଇବେ ସମସ୍ତେ ଯେ ॥ ୫

ଏତେ କହି କ୍ରୋଧେ ଧନୁଶର ଆମର୍ଷିଲେ ।
ସଉମିତ୍ରି ବେନି କରଯୋଡ଼ି ଜଣାଇଲେ ଯେ ॥ ୬

●

**ଜଟାୟୁ ଭେଟ—**

ଶୁଣ ହେ ଶ୍ରୀ ଦେବ ଆମ୍ଭେ ନ କରିବା କୋପ ।
ଖୋଜିଣ ଦେଖିବା କେହୁ କରିଥିବେ ଗୋପ୍ୟ ହେ ॥ ୭

ଭଗୀରଥ ଗଙ୍ଗା ଆଣି ପିତୃ ଉଦ୍ଧରିଲେ ।
ଅକୀର୍ତ୍ତି ଶୁଭିବ ତୁମ୍ଭେ ସୃଷ୍ଟି ନାଶ କଲେ ହେ ॥ ୮

ଲକ୍ଷ୍ମଣ ବଚନେ ରାମ ପ୍ରବୋଧ ହୋଇଲେ ।
ମୃଗ ଶାବକେ ଆଗରେ ପଥ କଢ଼ାଇଲେ ଯେ ॥ ୯

ଖଣ୍ଡେ ଦୂରେ ଦେଖିଲେ ପଡ଼ିଛି ପୁଷ୍ପମାଳା ।
ଆହେ ଲକ୍ଷ୍ମଣ ଏ ମାଳା ଥିଲା ସୀତା ଗଳା ହେ ॥ ୧୦

ପୁଣି ଦେଖିଲେ ସେ ସ୍ୱର୍ଣ୍ଣମାଳା ପଡ଼ିଅଛି ।
ଭଗ୍ନରଥ ଭଗ୍ନଧନୁ ରୁଧିର ପଡ଼ିଛି ଯେ ॥ ୧୧

ଶ୍ରୀରାମ ଦେଖିଣ ଲକ୍ଷ୍ମଣଙ୍କୁ ଚହ୍ନାଇଲେ ।
ସୀତାର ଯେ ହାର ଛିଡ଼ି ପଡ଼ିଛି ବୋଇଲେ ରେ ॥ ୧୨

ଦେଖ ଏଥି ରୁଧିର ପଡ଼ିଛି ସଉମିତ୍ରି ।
ଧନୁ ଦେଖି ବୋଇଲେ ସେ ଅଟେ ମହାକ୍ଷତ୍ରୀ ଯେ ॥ ୧୩

ଦେବତା ରାକ୍ଷସ କିବା ଜଣେ ଆସିଥିଲା ।
ଜାନକୀ ନିଅନ୍ତେ ଏଥି ସଂଗ୍ରାମ କେ କଲା ହେ ॥ ୧୪

କାହୁଁ ପାଇବା ଜାନକୀ ପ୍ରାଣେ କେ ମାରିଲା ।
କି ଅବା ଅସୁରେ ନେଲେ କେ ଅବା ଖାଇଲା ହେ ॥ ୧୫

କାହିଁ ଗଲା ନ ଜାଣିଲେ କି ବୁଦ୍ଧି କରିବା ?
ସୀତାର ସନ୍ଦେଶ ଆମ୍ଭେ କେମନ୍ତେ ପାଇବା ରେ ॥ ୧୬

ଲକ୍ଷ୍ମଣ ବୋଲନ୍ତି କଷ୍ଟେ ପାଇବା ସନ୍ଦେଶ ।
ତହୁଁ ପଥ ବାହୁଗଲେ ହୋଇଣ ବିରସ ସେ ॥ ୧୭

ଖଣ୍ଡେ ଦୂରେ ଦେଖିଲେ ପଡ଼ିଛି ପକ୍ଷୀବର ।
କ୍ରୋଧେ ରାମ ଧନୁରେ ସନ୍ଧିଲେ ତୀକ୍ଷ୍ଣ ଶର ଯେ ॥ ୧୮

ଦେଖରେ ଲକ୍ଷ୍ମଣ ଏହୁ ସୀତାଙ୍କୁ ଖାଇଛି ।
ପକ୍ଷୀଜଟା ବୋଲେ ମୋର ଦୋଷ ନାହିଁ କିଛି ॥ ୧୯

ସୀତାଙ୍କୁ ରଥେ ବସାଇ ଲଙ୍କାର ରାବଣ ।
ନେଉଥିଲା ମୁହିଁ ଦେଖି କଲି ଘୋର ରଣ ହେ ॥ ୨୦

ଅତିକ୍ରୋଧ ହୋଇ ମୋତେ ହାଣିଲା ରାବଣ ।
ଯାଇ ରାବଣକୁ ମାରି ସୀତମ୍ମାଙ୍କୁ ଆଣ ହେ ॥ ୨୧

ଏମନ୍ତ କହିଣ ପ୍ରାଣ-ବିସର୍ଜିଲା ପକ୍ଷୀ ।
ରେନ କରି ଅନ୍ତର୍ଯ୍ୟ ହୋଇଲେ ତାହା ଦେଖି ଯେ ॥ ୨୨

ଶ୍ରୀରାମ ବୋଇଲେ ଶୁଣିଲୁଟି କିରେ ଭାଇ ।
ଅଉ ସୀତମ୍ମାଙ୍କୁ ଆମ୍ଭେ ପାଇବାଟି ନାହିଁ ରେ ॥ ୨୩

ବିଲକ୍ଷଣ ଅସୁର ମୋ ଘରଣୀକି ନେଲା ।
ସୂର୍ଯ୍ୟବଂଶକୁ ମୋହର କଳଙ୍କ ହୋଇଲା ଯେ ॥ ୨୪

କେମନ୍ତେ ଦେହ ଧରି ରହିବ ମୋର ମନ ।
ଆହାରେ ଜାନକୀ ! ଶୋକ ଚିନ୍ତା ଗଲୁ ଦେଇ ଯେ ॥ ୨୫

ଆମ୍ଭର ପୂର୍ବବଂଶରେ ରାଜାମାନେ ଥିଲେ ।
ନାନା କୀର୍ତ୍ତିମାନ କରି ଯଶକୁ ରଖିଲେ ଯେ ॥ ୨୬

ସେହି କୁଳେ ମୁହିଁ ଜନ୍ମ ହୋଇ ବନେ ବାସ ।
ଘରଣୀ କ ଚୋରାଇଣ ନେଲା ଯେ ରାକ୍ଷସ ହେ ॥ ୨୭

ଏ କଷ୍ଟ ସହିଣ ପ୍ରାଣ ଅଛୁ କିମ୍ପା ରହି ।
ଭୋ ବିଧାତା କିମ୍ପା ମୋତେ ଏଥେ ଅଛୁ ଥୋଇ ଯେ ॥ ୨୮

ଲକ୍ଷ୍ମଣ ବୋଲନ୍ତି ଶୋକ ନ କର ଭୋ ଦେବ !
କାର୍ଯ୍ୟ ନାଶ ଯାଇ ଦେହ କ୍ଷୀଣକୁ ଭଜିବ ହେ ॥ ୨୯

ଭାଇର ବଚନେ ତୋଷ ହେଲେ ରଘୁସାଇଁ ।
ଲକ୍ଷ୍ମଣଙ୍କୁ ଚାହିଁଣ ବୋଲନ୍ତି ଶୁଣ ଭାଇ ରେ ॥ ୩୦

ଆମ୍ଭ କାର୍ଯ୍ୟେ ଏହୁ ପକ୍ଷୀଜଟା ଦେଲା ପ୍ରାଣ ।
ଲଗାଅ ଅନଳ ଆମ୍ଭେ କରିବା ଦହନ ହେ ॥ ୩୧

ଧର୍ମେ ପିତା ଅଟେ ଏହୁ ପର ଉପକାରୀ ।
ଶୁଣି ଲକ୍ଷ୍ମଣ କାଷ୍ଠ ଆଣିଲେ ବେଗ କରି ଯେ ॥ ୩୨

ଅଗ୍ନିଶର ବିନ୍ଧନ୍ତେ ଜଳିଲା ହୁତାଶନ ।
ଦହନ କରିଣ ସାରି ପ୍ରେତ କର୍ମମାନ ଯେ ॥ ୩୩

ତହିଁ ଶ୍ରୀରାମ ଲକ୍ଷ୍ମଣ ରଜନୀ ବଞ୍ଚିଲେ ।
ରଘୁନାଥ ଦାସ ରାମ ଚରଣେ ଧ୍ୟାଇଲେ ଯେ ॥ ୩୪

●

## ରାଗ—**ମଙ୍ଗଳଗୁଜ୍ଜରୀ**

ସେହୁଅନ୍ତେ ଶୁଣ ଜନେ ଶ୍ରୀରାମ ଚରିତ ।
ପଞ୍ଚବଟୀ-ବନରୁ ଚଳିଲେ ବେନିଭ୍ରାତ ଯେ ॥ ୧

ଗହନ-ବନରେ ଯାଇ ପ୍ରବେଶ ହୋଇଲେ ।
କେତେଦୂର ବେନିଭ୍ରାତ ପଥ ଚଳିଗଲେ ଯେ ॥ ୨

ଲକ୍ଷ୍ମଣ ବୋଲନ୍ତି ଶୁଣ ଶୁଣ ରଘୁବୀର ।
ବାମନେତ୍ର ବାମ ବାହୁ ଫୁଲଇ ମୋହର ଯେ ॥ ୩

ରାଘବ ବୋଲନ୍ତି ମୋର ଏହୁ ପରକାର ।
ଆଉ କିବା ବିପତ୍ତି ପଡ଼ିବ ବନଘୋର ଯେ ॥ ୪

ଏତେ ଭଳି ବେନିଭାଇ ଗଲେ କିଛି ଦୂର ।
ମିଳିଲେ ଯାଇ କବନ୍ଧ ବାହୁ ନିକଟର ଯେ ॥ ୫

ବେନିକର ସାଉଁଟି ଧଇଲା ଗ୍ରାସ ଅର୍ଥେ ।
ଶ୍ରୀରାମ ବୋଲନ୍ତି ଭାଇ ମଲେଟି ବିଅର୍ଥେ ହେ ॥ ୬

ଶୁଣି ଅସୁର ବୋଲଇ "ତୁମ୍ଭେ କେହୁ କହ ।
ଶ୍ରୀରାମ ବୋଲନ୍ତି ଆମ୍ଭେ ଦଶରଥ ପୁଅ ଯେ ॥ ୭

ଯେମ୍ଭେ ବେଳକ ଆମ୍ଭଙ୍କୁ ତୁ ରକ୍ଷାକର ବୀର ।
ନୋହିଲେ ଗ୍ରୁଣ୍ଡ ତୁ ଦିଅ ଭ୍ରାତଙ୍କୁ ମୋହର ଯେ ॥ ୮

ଲକ୍ଷ୍ମଣ ବୋଲନ୍ତି ଦେବ କଷ୍ମା ଚନ୍ଦ୍ରାକର ।
ଆଜ୍ଞା ଦେଲେ କାଟି ପକାଇବି ବେନିକର ହେ ॥ ୯

ଶ୍ରୀରାମ ବୋଇଲେ ବାବୁ ପାରିଲେ ତୁ ପାର ।
ଯେମ୍ଭେ ଘୋର କଟକୁ ଆମ୍ଭେ ହୋଇବାଟି ପାର ଯେ ॥ ୧୦

ଆଜ୍ଞା ପାଇ ଖଡ଼୍ଗେ ଛେଦିଲେ ବେନିକର ।
ଦେଖି ମନେ ଅତି ହୃଷ୍ଟ ହେଲେ ରଘୁବୀର ଯେ ॥ ୧୧

ମୁକତ ହୋଇ ସେ ନିଜ ଶରୀର ଧଇଲା ।
ଦେବଯାନ ଆରୋହି ରାମଙ୍କୁ କହିଲା ସେ ॥ ୧୨

ଶୁଣ ଦେବ ସ୍ୱର୍ଗର ମୁଁ ଗନ୍ଧର୍ବ ଅଟଇ ।
ଋଷିଶାପେ ଏହି ରୂପ ପାଇଥିଲି ମୁହିଁ ହେ ॥ ୧୩

ଏବେ ତୁମ୍ଭ ଦର୍ଶନେ ପାଇଲି ସଦଗତି ।
ସୀତାଙ୍କୁ ରାବଣ ଘେନିଗଲା ଲଙ୍କପତି ଯେ ॥ ୧୪

ଏହି ମାର୍ଗେ ବେନି କୋଶେ ଶବରୀ ଦେଖିବ ।
ଋଷ୍ୟମୂକେ ସୁଗ୍ରୀବ ସଙ୍ଗତେ ଭେଟ ହେବ ହେ ॥ ୧୫

ତାହାକୁ ସପକ୍ଷ ଥାଇ ମାର ଦଶଶିର ।
ଏତେ କହି ଗନ୍ଧର୍ବ ଚଳିଲା ସ୍ୱର୍ଗପୁର ଯେ ॥ ୧୬

ଶ୍ରୀରାମ-ଲକ୍ଷ୍ମଣ ନହୁଁ ପଥ ବହିଗଲେ ।
ଶବରୀ ଆଶ୍ରମେ ଯାଇ ପ୍ରବେଶ ହୋଇଲେ ଯେ ।।୧୭

ଦେଖିଣ ଶବରୀ ରାମ ଚହ୍ନି ପୂଜାକଲା ।
ଅନେକ କାର୍ପୁଣ୍ୟ ହୋଇ ଚରଣେ ପଡ଼ିଲା ସେ ।। ୧୮

ରାମ ଆଗତ ପଥକୁ ଜାଣି ହେଜ କରି ।
ଫଳମୂଳ ସାଇତିଣ ଥିଲା ସେ ଶବରୀ ଯେ ।। ୧୯

ଶ୍ରୀରାମ ଅଗ୍ରତେ ତାହା ସମର୍ପିଲା ଆଣି ।
ଭୋଜନ କରନ୍ତି ଭାବଗ୍ରାହୀ -ରଘୁମଣି ଯେ ।। ୨୦

ସୁରଙ୍ଗଣି ଅମ୍ବ ଗୋଟି ଦେଖି ରଘୁବର ।
ଦନ୍ତମୁଦ୍ରା ନଥିବାରୁ ନକଲେ ଆହାର ସେ ।। ୨୧

ଶବରୀ ବୋଲଇ ସ୍ୱାଦ ଅମ୍ବ ଗୋଟା ଏହୁ ।
ଆହାର କିମ୍ପା ନକଲ ତୁମ୍ଭେ ରାମ ବାହୁ ହେ ।। ୨୨

ରାଘବ ବୋଲନ୍ତି ଏଥେ ଦନ୍ତମୁଦ୍ରା ନାହିଁ ।
ଏତେ କହି ଭୋଜନକୁ ସାରି ଉଭା ହୋଇ ସେ ।। ୨୩

ଦେଖି ଶବରଣୀ ଉଚ୍ଛିଷ୍ଟକୁ ପାନ କଲେ ।
ପତିତ-ପାବନ-ବାନା ଶ୍ରୀରାମ ବହିଲେ ଯେ ।। ୨୪

ପୁଣି ଶବରୀକି ପଚାରନ୍ତି ରଘୁସାଇଁ ।
ଏ କୁଟୀମାନ କିମ୍ପାଇଁ ଶୂନ୍ୟ ଅଛି ରହି ହେ ।। ୨୫

ଶବରୀ କହେ ମାତଙ୍ଗ ଋଷି ଏଥେ ଥିଲେ ।
ଏହୁ ନିକଟରେ ମୁକ୍ତ ହୋଇ ଏଥୁ ଗଲେ ହେ ।। ୨୬

ଏମନ୍ତ କହି ଶବରୀ ପ୍ରଦକ୍ଷିଣ କଲା ।
ଅଗ୍ନିରେ ପଶିଣ ନିଜ ଶରୀର ଛାଡ଼ିଲା ଯେ ।। ୨୭

ଦିବ୍ୟ ଦେହ ପାଇ ଦେବ ବିମାନ ଆରୋହି ।
ଶ୍ରୀରାମ ଦେଖନ୍ତେ ସେହି ଗଲା ମୋକ୍ଷ ହୋଇ ହେ ।। ୨୮

ତହୁଁ ଶ୍ରୀରାମ ଲକ୍ଷ୍ମଣ ପଥ ବହିଗଲେ ।
ପମ୍ପା ସରୋବରରେ ଯାଇ ପ୍ରବେଶ ହୋଇଲେ ଯେ ।। ୨୯

ଅତି ରମ୍ୟ ପୁଷ୍କରିଣୀ ଦେଖିଣ ହରଷ ।
ରାମ-ଚରଣେ ଶରଣ ରଘୁନାଥ ଦାସ ଯେ ।। ୩୦

●

## ରାଗ—ବଙ୍ଗାଳଶ୍ରୀ

ସରୋବର ଶୋଭା ଶ୍ରୀରାମ ଲକ୍ଷ୍ମଣ
ହରଷେ ଦେଖନ୍ତି ତହିଁ ।
ପଦ୍ମ ନୀଳୋତ୍ପଳ କୁମୁଦ କହ୍ଲାର
ସହିତେ ଫୁଟିଛି ଯହିଁ ।। ୧

ନାନା ପୁଷ୍ପମାନ ଅତି ଶୋଭାବନ
ତଟ ନିକଟରେ ଅଛି ।
ଚମ୍ପା ନାଗେଶ୍ୱର ବକୁଳ ମନ୍ଦାର
ଅଶୋକ ଶୋଭା ପାଉଛି ।। ୨

ମଲ୍ଲୀ ମାଳତୀ ଜୁଈଅନା ସହିତେ
ବୃକ୍ଷମାନ ତହିଁ ଅଛି ।
ହଂସ ଚକ୍ରବାକ କୋକିଳ ସହିତେ
ବିହରନ୍ତି ସର୍ବ ପକ୍ଷୀ ।। ୩

ଶ୍ରୀରାମ ବୋଲନ୍ତି ଶୁଣ ହେ ଲକ୍ଷ୍ମଣ
ଋତୁରାଜ ଯେତେ ବସନ୍ତ ।
ଏ କାଳେ ଜାନକୀ ଅନ୍ତର ହେବାରୁ
ମୋ ଅଙ୍ଗ ଦହେ ସନ୍ତତ ।। ୪

କାହିଁ ଗଲୁ ସୀତେ ଛାଡି କରି ମୋତେ
ବୋଲିଣ ଶୋକେ ମର୍ଚ୍ଛିଲେ ।
ଏ ସେ ଦେବ କି କାର୍ଯ୍ୟ ଆଉ ଶୋକ କଲେ
ବୋଲି ଲକ୍ଷ୍ମଣ କହିଲେ ।। ୫

ଲକ୍ଷ୍ମଣ ପ୍ରବୋଧ　　　ନ ଘେନି ରାଘବ
କୂଳରେ ଯାଇଣ ହେଲେ ।
ଆହେ ପକ୍ଷୀମାନେ　　　ସୀତାଙ୍କୁ କେ ନେଲା
କହ ମୋତେ ଦେଖିଥିଲେ ॥ ୬

ଅଯୋଧ୍ୟା ଦଶରଥ　　　ରାଜାଙ୍କ ସୁତ
ବନକୁ ଆମ୍ଭେ ଆଇଲୁ ।
ଭରତ ରାଜା ହେଲେ　　　ତୁମ୍ଭ ପରି ଆମ୍ଭେ
ବନେ ଦିନ ହରୁଥିଲୁ ॥ ୭

ଏତେ ବୋଲି　　　ସରୋବର ଜଳେ ପକ୍ଷୀ
ଚକ୍ରବାକ କ୍ରୀଡ଼ା ଦେଖି ।
ପଚାରନ୍ତି ଦେଖି ଅଛ କି　　　କେ ନେଲା
ମୋ ଚନ୍ଦ୍ରମାମୁଖୀ ସଖୀ ॥ ୮

କନକଗାତ୍ରୀ ଶିରୀଷ ସୁକୁମାରୀ,
ମୋ ହୃଦୟମଣି ସୀତେ ।
ଅନ୍ତର ହେବାରୁ ବିଦେହ ମୋଦେହ,
ଦହୁଅଛି କୋପ ଚିତ୍ତେ ॥ ୯

କ୍ରୋଧରେ ବିହଙ୍ଗ ବୋଲେ ରଙ୍ଗଭଙ୍ଗ
କଲୁ କିମ୍ପାଇଁ ଆମ୍ଭର ।
ଯତିବେଶେ ନାରୀ ଖୋଜ ବନଗିରି
ଏକି ବେଭାର ତୋହର ॥ ୧୦

ତୁମ୍ଭ ଅବିବେକ ପଣ ଦେଖି ପିତା
ରାଜ୍ୟ ନ କଲେ ନୃପତି ।
କନିଷ୍ଠ-ପୁତ୍ରକୁ ରାଜ୍ୟ ଦେଇ ତୋତେ
ବିଧିଲେ ଯେମନ୍ତ ଗତି ॥ ୧୧

ଶୁଣିଣ ବଚନ ସୁମିତ୍ରା ନନ୍ଦନ
ବୋଲନ୍ତି ଶୁଣରେ ହୀନ ।
ନ ଚିହ୍ନି ଆମ୍ଭଙ୍କୁ ଦ୍ରୋହ କଲୁ ଏବେ
ଶାପକୁ ମୋହର ଘେନ ॥ ୧୨

ଆଜୁଁ ନୋହିବୁ ବିହଙ୍ଗ ଜାୟା ସଙ୍ଗ,
ମନେ ଥାଅ ହେତୁ କରି ।
ଏହା ମେଣ୍ଟି ଯେବେ ରମଣ କରିବୁ
ଲଭିବୁ ଶମନ ପୁରୀ ।। ୧୩

ଶୁଣି ଚକ୍ରବାକ ମନରେ ବିରସ,
ରାମ ସାରସ ପାଦରେ ।
ପଡ଼ିଣ କହଇ ଭବଗ୍ରାହୀ ତ୍ରାହି
କରିବା ହେଉ ଏବାରେ ।। ୧୪

ବେନି ତୋଳେ ଆମ୍ଭେ ଦେଖିଛୁ ରାବଣ
ନେବା ବେଳେ ତୋର ନାରୀ ।
ନକହିବାରୁ ପ୍ରତିଫଳ ପାଇଲୁ,
ଏବେ ଶାପୁ କର ପାରି ।। ୧୫

କୃପାକରି ରାମ ବୋଲନ୍ତି ଦିବସ
ଗତରେ ସନ୍ତୁଷ୍ଟ ହେବ ।
ରାତ୍ରେ ସଙ୍ଗ ହେଲେ ପ୍ରାଣେ ନାଶ ଯିବ
ବୋଲି ଚଳିଲେ ରାଘବ ।। ୧୬

ରାମ-ବାଣୀ ଶୁଣି ପକ୍ଷୀ ପକ୍ଷିଆଣୀ
ଭୁଲନ୍ତି ଏହା ଅର୍ଜିଲେ ।
ଅଠାନଳ ଘେନି ସମୀପେ ମିଳିଲା
ବ୍ୟାଧ ଆସି ଏହିକାଳେ ।। ୧୭

ପକ୍ଷୀଙ୍କି ଦେଖିଣ ଆନନ୍ଦ ହୋଇଣ
ବାନ୍ଧିଲା ପାଶ ଯନ୍ତ୍ରରେ ।
ବେନି ପକ୍ଷୀଙ୍କି ଧରି ବାନ୍ଧିଣ ବ୍ୟାଧ
ଯାଇ ହେଲା ଆଶ୍ରମରେ ।। ୧୮

ପେଡ଼ାରେ ପୂରାଇ ରଖିଲା ଯତନେ
ଭିକ୍ଟୁରେ ଛନ୍ଦି ବାନ୍ଧିଲା ।
ରାତି ପାହିଲେ ମୁଁ ବିକ୍ରୟ କରିବି
ବୋଲି ବିଚାରି ରଖିଲା ।। ୧୯

ପେଡ଼ାରେ ଥାଇଣ ବନ୍ଧୁରନ୍ତ ପକ୍ଷୀ
ନଷ୍ଟେ ହୋଇଲା ମରଣ ।
ପୁଣି ବନ୍ଧୁରନ୍ତ ଇଚ୍ଛାରେ ଏକାନ୍ତ
ଆମ୍ଭେ ନୋହିଲେକ ପୁଣ ॥୨୦

ଏମନ୍ତ ବନ୍ଧୁର ଶ୍ରୀରାମଙ୍କ ପକ୍ଷୀ
ମନେ ବହୁତ ଧାଇଲେ ।
ପେଡା ଗୋଟା ରଙ୍କୁ ଛୁଡ଼ନ୍ତେ ସେ ପକ୍ଷୀ
ଆନନ୍ଦରେ ପଳାଇଲେ ॥୨୧

ପଞ୍ଜରୁ ପକ୍ଷୀ ନ ଦେଖି ବ୍ୟାଧ ମନେ
ବହୁତ ଆଶ୍ଚର୍ଯ୍ୟ ହେଲା ।
ଏତେ ଯତ୍ନରେ ମୁଁ ରଖିଥିଲି କାଲେ
ନ ଥିବା କଥା ହୋଇଲା ॥୨୨

ଏତେ ଭଲି ବ୍ୟାଧ ମଉନେ ରହିଲା
ହୋଇଣ ମନେ ବିରସ ।
ସୁମନେ ଶ୍ରୀରାମ ପାଦ ଚିନ୍ତା କରି
ଭଣେ ରଘୁନାଥ ଦାସ ॥୨୩

●

## ରାଗ—ମଙ୍ଗଳଗୁଜ୍ଜରୀ

ହେଥୁ ଅନ୍ତେ ବେନିଭାଇ କେତେଦୂର ଯାଇ ।
କର ଯୋଡ଼ିଣ ଲକ୍ଷ୍ମଣ ଶ୍ରୀରାମଙ୍କୁ କହି ଯେ ॥ ୧

ହେ ଦେବ କ୍ଷୁଧାରେ ଚାଲି ନ ପାରଇ ମୁହିଁ ।
ଚାଲନ୍ତେ ଚରଣ ମୋର ଭ୍ରମିଣ ପଡ଼ଇ ହେ ॥ ୨

ସୀତା ହଜିଲା ଦିନରୁ ନାହିଁ ମୋ ଆହାର ।
କଷ୍ଟଯେ ପ୍ରାଣ ମୋହର ଗଲା ରଘୁବୀର ହେ ॥ ୩

ଶ୍ରୀରାମ ବୋଲନ୍ତି ଶୁଣ ଶୁଣ ଆରେ ଭାଇ ।
ଏତେ କଷ୍ଟ ସହିଲୁ ବାବୁ ମୋର ସଙ୍ଗେ ଥାଇ ଯେ ॥ ୪

ରାଜ୍ୟେ ଥିଲେ ସୁଖ ଭୋଗ କରନ୍ତୁରେ ବୀର ।
ତୋ କଷ୍ଟ ଦେଖିଣ ଯାହା ଅଛୁ ପ୍ରାଣ ମୋର ଯେ ॥ ୫

ପୂର୍ବେ ଦେଇନାହୁଁ ଏବେ ପାଇବାଟି କାହୁଁ ।
ଏତେ କହି ବେନି ଭ୍ରାତ ଚଳିଗଲେ ତହୁଁ ଯେ ॥ ୬

ଗୋଧନଗୋଷ୍ଠ ଦେଖିଲେ କିଛି ଦୂରେ ଯାଇ ।
ତହିଁ ଯାଇ ପ୍ରବେଶ ହୋଇଲେ ବେନିଭାଇ ଯେ ॥ ୭

ଶ୍ରୀରାମ ବୋଲନ୍ତି ଶୁଣ ରେ ଗୋରକ୍ଷାକାର ।
କ୍ଷୁଧାରେ ଆରତ ହୋଉଅଛୁ ମୋ ସୋଦର ରେ ॥ ୮

ଦଅ କିଛି କ୍ଷୀର କର୍ମା ନ କହ ବଚନ ।
ନଅ ରତ୍ନ ମୁଦ୍ର ଦଅ କ୍ଷୀର କରୁ ପାନ ହେ ॥ ୯

ଏମନ୍ତ କହି ମୁଦ୍ରିକା ତାଙ୍କ କରେ ଦେଲେ ।
ଦେଖି ବୋଲନ୍ତି ହେ ଯତି କେଉଁ ବୃକ୍ଷେ ଫଳେ ହେ ॥ ୧୦

କେବଣ ବନରେ ସେହି ହୋଉଛି ଉତ୍ପନ୍ନ ।
ଆମ୍ଭମାନଙ୍କୁ ଭଣ୍ଡୁଛ ବୋଲିଣ ରଜନ ସେ ॥ ୧୧

ବାନ୍ଧୁଡ଼ି ଯାଅ ବନ୍ଧନ ପଶୁ ଦେବୁ ନାହିଁ ।
ସେହା ଶୁଣି କ୍ରୋଧ ହୋଇ ଉର୍ମିଳାର ସାଇଁ ଯେ ॥ ୧୨

ଶୁଣ ଗୋପାଳମାନେ ତୁମ୍ଭ ଗୋଧନ ପଲ ।
ଦୁହନ୍ତେ ରୁଧିର ଦ୍ୟନ୍ତୁ ମୁଖେଁ ନ ଚଳନ୍ତୁ ଯେ ॥ ୧୩

ଶାପ ଦେଇ ବେନିଭାଇ ତହୁଁ ଚଳିଗଲେ ।
ଗୋପାଳେ ବୋଲନ୍ତି ଯତି ଶାପକୁ ବନ୍ଧିଲେ ଯେ ॥ ୧୪

ତୁମ୍ଭେ ଶାପ ଦେବା କଥା ଫଳିଲା ଗୋସାଇଁ ।
ଛାଡ଼ି ଛାଡ଼ି କର ଦେବ ବିନୟରେ କହି ସେ ॥ ୧୫

ସେ ଦେବ ନ ଚାହିଁ ଲୋକେ କଲୁ ଦ୍ରୋହ କର୍ମ ।
ଏ ଦୁସ୍ତର ଶାପରୁ ଛଡ଼ାଇବ ବନ୍ଧନ ସେ ॥ ୧୬

## ରାମ ବଚନକା

ରାମ ବୋଲନ୍ତି ବ୍ରଜେ ଶୁଣ ମୋ ଉତ୍ତର ।
ଦୁହଁ ଗୋଧନ ଆଉ ନ ଦେବେ ଦୁଧର ଯେ ॥ ୧୭

ଯେବେ ରେ ତୁମ୍ଭେମାନେ କରୁଥାଅ କସ ।
କ୍ଷୁଧାକୁଳରେ ଯେହୁ ବା ଆସିବଟି ପାଶ ଯେ ॥ ୧୮

ତାହାଙ୍କୁ ତୁମ୍ଭେରେ ନ କରିବ ନରାଣ ।
କହିଲେ ନଷ୍ଟହେ ଯିବଟି ତୁମ୍ଭେ ନାଶ ଯେ ॥ ୧୯

## ଗୀତ

ରାଘବ ଆଜ୍ଞାରେ ବେଗେ ବ୍ରଜସୁତେ ଗଲେ ।
ଦୁହିଁ କ୍ଷୀରଭାଣ୍ଡ ଶ୍ରୀରାମଙ୍କୁ ସମର୍ପିଲେ ଯେ ॥ ୨୦

ଭାବଗ୍ରାହୀ ରଘୁବୀର କରଣ ଭୋଜନ ।
କ୍ଷୁଧା ନିବାରିଲେ ପାଇ ସୁମିତ୍ରା ନନ୍ଦନ ଯେ ॥ ୨୧

ଶ୍ରୀରାମଙ୍କ ମନ ଜାଣି ହୃଷ୍ଟରେ ବ୍ରଜେକ ।
ଯାହା ବୋଲନ୍ତି ହୁଅଇ ମାଗିବ ପୁଣେକ ଯେ ॥ ୨୨

ବେନିକର ଯୋଡ଼ି କହେ ଶ୍ରୀରାମ ଆଗର ।
ପୁତ୍ର ନାହିଁ ଆଜ୍ଞା ଦିଅ ପୁତ୍ର ହେବ ମୋର ହେ ॥ ୨୩

ରାଘବ ବୋଲନ୍ତି ଶୁଣ ଶୁଣ ଗୋପ ପତି ।
ଏ ଜନ୍ମରେ ହେବ ନାହିଁ ତୋହୋର ସନ୍ତତି ଯେ ॥ ୨୪

ଦ୍ୱାପର ଯୁଗେ ମଥୁରା ଆମ୍ଭେ ଜାତ ହୋଇ ।
କଂସର ଡରେ ତୋ ପୁରେ ରହିବୁଟି ଯାଇ ରେ ॥ ୨୫

ଆମ୍ଭ ଦୁଇ ଭଣ୍ଡଙ୍କୁ ତୁ କରିବୁ ତନୁଜ ।
ସେ କଥାକୁ ହେତୁ କରିଥାଅ ବ୍ରଜରାଜ ହେ ॥ ୨୬

କ୍ଷୁଧା ନିବାରିଲୁ ଦେଇ ସୁଧାମୟ ପୟ ।
ନିଶ୍ଚୟ ହୋଇବୁ ଆମ୍ଭେ ତୋହୋର ତନୟ ହେ ॥ ୨୭

ଶୁଣିଣ ଗୋପାଳ ପତ୍ତ ଆନନ୍ଦ ହୋଇଲା ।
ଶ୍ରୀରାମଙ୍କୁ ନମି ନନ୍ଦ ଗୋ-ଗୋଷ୍ଠକୁ ଗଲା ସେ ॥ ୨୮

ଶ୍ରୀରାମ ଲକ୍ଷ୍ମଣ ତହୁଁ ବେଗେ ଚଳିଗଲେ ।
ରଘୁନାଥ ଦାସ ଭବୁ ପାରହେବା ବୋଲେ ଯେ ॥ ୨୯

●

## ରାଗ—ଚକ୍ରାକେଦାର

ଏଥୁ ଅନ୍ତେ ଶୁଣ ଗୋ ଭବାନୀ, ଶୋକଭରେ ଗଲେ ଘାଇ ବେନି ।
ଦେଖିଲେ କଦମ୍ବ ଫୁଟିଛୁ ଅନେକ,
ତହୁଁ ଗୋଟିଏ ଶ୍ରୀକରେ ଘେନି ସେ, ଶ୍ରୀରାମ ॥ ୧

ରୁଚିର ସୁବାସ ଦେଖି ତାର, ଏହାକୁ ସେ ଚୁମ୍ବଇ ଭ୍ରମର ।
ଏତେ ବୋଲି ପୁଷ୍ପ ବେଣ୍ଟ ଛୁଣ୍ଡାଇଲେ,
ଜାଣି ନ ପାରଲେ ରଘୁବୀର ସେ, ଶ୍ରୀରାମ ॥ ୨

ନିରେଖି ପୁଣ ପୁଣ ଅନାଇଁ, ଖୋଜିବା ଠାରୁ ତଥ୍ୟ ନ ପାଇ ।
ଲକ୍ଷ୍ମଣଙ୍କୁ ବୋଲନ୍ତି ଶୁଣରେ ଭ୍ରାତ,
ଏ ପୁଷ୍ପ ପ୍ରାୟେ ଗଲା ମୋ ସଙ୍ଗ, ହେ ଲକ୍ଷ୍ମଣ ॥ ୩

ଏହା ବେଣ୍ଟ ମୁଁ ଛୁଣ୍ଡାଇ ଦେଲି, ଛୁଣ୍ଡିବା ଠାରୁ ମୁଁ ନ ପାଇଲି ।
ଏହି ପ୍ରାୟେ ସୀତା ମୋ କଣ୍ଠରେ ଥିଲା,
କେହୁ ଘେନିଗଲା ନ ପାଇଲି, ରେ ଲକ୍ଷ୍ମଣ ॥ ୪

ଆହାରେ ମୋ କନକ-ବରନା ! ମନ୍ଦହାସୀ ମୁକୁଳ ରଦନା !
କ୍ଷୌଣୀ ତନୟା ତୋ ମୁଖ ଇନ୍ଦୁ ନିନ୍ଦେ,
କାହିଁ ସହୁଛୁ କେତେ ବେଦନା ରେ, ଜାନକୀ ॥ ୫

ଛାଡ଼ିଗଲୁ କାହିଁ ମୋତେ, ଅନାଥ ହୋଇଲି ମୁଁ ବନସ୍ତେ ।
ମୋହ ମନ ସଖି ଜାଣିବା ନିମନ୍ତେ,
ତେଣୁ ଆଣିଥିଲି ମୁଁ ସଙ୍ଗତେ ଗୋ, ଜାନକୀ । ୬

ସବୁ ଖାଇଁଗଲୁ ପ୍ରିୟା ମୋର, ଆଉ ଦେଖିବି କି ମୁଖ ତୋର ।
ତୋହର ବନ୍ଧନେ ପ୍ରାଣ ଅଛି ଯାହା,
ଜୀବ ତୋ ଯୋଗୁ ଯିବ ନିକର ରେ, ଜାନକୀ ॥ ୭

ଶୋକକରୁ ହୋଇ ଭ୍ରମାନ୍ୱିତ, କୋପେ ବୋଲନ୍ତି ଶୁଣରେ ଭ୍ରାତ !
ତୋହ ଯୋଗୁ ମୋର କାନ୍ତା ନ ପାଇଲି,
ସୀତା ଆଣ ତୁ ଯାଇ ତୁରିତ ରେ, ଲକ୍ଷ୍ମଣ ॥ ୮

ନୋହିଲେ ଘେନିବି ତୋର ପ୍ରାଣ, ସେ କଥା ଶୁଣି କହେ ଲକ୍ଷ୍ମଣ ।
କ୍ଷେ ଦେବ ସୀତାଙ୍କୁ ଆଣିଦେବି ମୁହିଁ,
କହି ଅନ୍ତର ହେଲେ ଲକ୍ଷ୍ମଣ, ସେ ବହନ ॥ ୯

ମୋହ ତେଜି ରଘୁକୁଳ ବୀର, ପାଶେ ନ ଦେଖିଲେ ସହୋଦର ।
ମନେ ବିଚାରି ଦଇବ ଏହା କଲା,
ଛାଡ଼ି ପଳାଇଲା ସହୋଦର, ହେ ଦଇବ ॥ ୧୦

ବୋଲନ୍ତି ରେ ବାବୁ ଗଲୁ କାହିଁ, ତୋତେ ମୁହିଁ ନ ପାରଇ ରହି ।
ଶୁଣି ଲକ୍ଷ୍ମଣ ତତକ୍ଷଣେ ଶ୍ରୀରାମ---
ପାଦେ ନମସ୍କାର କରେ ଯାଇ, ସେ ସତ୍ୱର ॥ ୧୧

ରାମ କହି ବାବୁ ଗଲୁ କାହିଁ, କରଯୋଡ଼ି ଲକ୍ଷ୍ମଣ ଜଣାଇ ।
କ୍ଷେ ଦେବ ତୁମ୍ଭର କ୍ରୋଧ ଚଣ୍ଡ ଦେଖି,
ତୁମ୍ଭରୁ ଦୂର ହୋଇଲି ମୁହିଁ ହେ, ଭୋ ଦେବ ॥ ୧୨

ବୋଇଲ ତ ସୀତା ଦେବୁ ମୋତେ, ନୋହିଲେ କାଟିବି ଆଜ ତୋତେ
ସବେ କହିଲେ ଲଙ୍କା ରାବଣ ନେଲା,
ନଦୋଷରେ କୋପ କଲ ମୋତେ ହେ, ଭୋ ଦେବ ॥ ୧୩

ରାମ ବୋଇଲେ ମୋ ଚିତ୍ତ ଭ୍ରମ, ତେଣୁ ବହିଲି ତୋଠାରେ ତମ ।
ଆଜଠାରୁ ମୋତେ ଛଳ ନ କରିବୁ,
ବିଧି ଯୋଗରୁ ହେଲା ଏ କର୍ମ ରେ, ଲକ୍ଷ୍ମଣ ॥ ୧୪

କାହୁଁ ପାଇବି ମୁଁ ଆଉ ସୀତା, ମୋତେ ଏହା କରିଲା ବିଧାତା ।
ଆମ୍ଭ ଦୁହିଙ୍କି ବିଚ୍ଛେଦ କଲେ ଅବା,
ହେତୁ କରିଥିବ ଏହି କଥାରେ, ସାନୁଜ ॥ ୧୫

ଏତେ କହିଣ କୋଦଣ୍ଡଧାରୀ, ବେନିଭାଇ ସେଠାରୁ ବାହାରି ।
ରାମ ଚନ୍ଦ୍ର ରଘୁନାଥ ଦାସ କହେ,
ପାର ହେବି ମୁଁ ଏ ଭବବାରି ହେ, ସୁଜନେ ॥ ୧୬

## ଚତୁର୍ଥ ଦିନ ନାଟ

### ରାଗ—ବଙ୍ଗଳାଶ୍ରୀ

ଏଥୁ ଅନନ୍ତରେ ଶ୍ରୀରାମ ଲକ୍ଷ୍ମଣ
ତହୁଁ ବେଗେ ଚାଲିଗଲେ ।
ପମ୍ପା-ସରୋବରେ ଯାଇଣ ବହନ
ପ୍ରବେଶ ସେହୁ ହୋଇଲେ ॥ ୧

### ଶ୍ରୀରାମ ବଚନକା

ଶୁଣ ହେ ଲକ୍ଷ୍ମଣ ମୋତେ ବନ୍ଧୁଅଛୁ କାମ ।
ଏକାଳେ ଜାନକୀ ମୋର ହୋଇବାରୁ ବାମ ରେ ॥

ସଂସାରେ ବସନ୍ତକାଳ ନଷ୍ଟେ ହେଲା କାଳ ।
ଆହାରେ ଜାନକି ; କାହିଁ ପାଇବି ତୋ କୋଳ ରେ ॥

ନିଶାକର-ମୂର୍ତ୍ତି ଦୋଷ ମୋହର କି ଦେଖି ।
ଛାଡ଼ି ପଳାଇଲୁ ମୋତେ କାହିଁ ଶଶିମୁଖି ରେ ॥

କେଉଁଠାରେ ରହିଲୁ ତୁ ନ ଜାଣିଲି ମୁହିଁ ।
ବେନି କରଯୋଡ଼ି କହେ ଉର୍ମିଳାର ସାଇଁ ଯେ ॥

### ଲକ୍ଷ୍ମଣ ବଚନକା

ଶୋକ ନ କର ଚନ୍ତାରେ ଦେହ କ୍ଷୀଣ ହେବ
ଲକ୍ଷ୍ମଣ ବୋଲରେ ବୋଧ ହୋଇଲେ ରାଘବ ॥

### ଗୀତ

ଶୋକ ସନ୍ତାପ ତେଜିଣ ବେନିଭାଇ,
ତରୁ ଛାଇରେ ବସିଲେ ।
ଋଷ୍ୟମୂକ-ଗିରି-ଶିଖରେ ଥାଇଣ,
ସୁଗ୍ରୀବ ତାଙ୍କୁ ଦେଖିଲେ ॥ ୨

ବାଲିର ଏ ଦୂତ ବୋଲି ରୋମାକାନ୍ତ,
କନ୍ଦରରେ ସେ ପଶିଲେ ।
ମନ୍ତ୍ରୀମାନେ ତାଙ୍କ ସନ୍ନିଧିକୁ ଆସି,
କି ଭୟ ବୋଲି କହିଲେ ॥ ୩

ସୁଗ୍ରୀବ ବୋଲନ୍ତି ସରୋବର ତଟେ,
ଛନ୍ତି ଧନୁର୍ଦ୍ଧର ବୀର ।
ହରହର ପ୍ରାୟେ ବେନି ଅଙ୍ଗ ଶୋଭା,
ବାଲୀର ନଷ୍ଟେ ସେ ସ୍ଥିର ॥ ୪

ନଷ୍ଟସ୍ୱେ ମରଣ ହୋଇଲା ଏ ଘାନ୍ତି,
ତୁମ୍ଭେ କି ବିଚାର କର ।
ହନୁ ବୋଲନ୍ତି ଭିକ୍ଷୁକ ରୂପ ଧରି,
ବୁଝି ଆସିବି ସତ୍ୱର ॥ ୬

ସୁଗ୍ରୀବଙ୍କୁ ହନୁ ନମସ୍କାର କରି,
ଭିକ୍ଷୁକ ତନୁ ଧରିଲେ ।
ପର୍ବତରୁ ଖସି ଧୀରେ ଧୀରେ ଆସି,
ରାମ ଛାମୁରେ ମିଳିଲେ ॥ ୬
ହନୁକୁ ଦେଖିଣ ଶ୍ରୀରାମ ଲକ୍ଷ୍ମଣ,
କାହୁଁ ଆଇଲ ପୁଚ୍ଛିଲେ ।
ଶ୍ରୀରାମ ଲକ୍ଷ୍ମଣ ତେଜ ଦେଖି ହନୁ,
ପୂର୍ବ କଥା ସୁମରିଲେ ॥ ୭

## ହନୁ ବଚନକା—

ଶୁଣ ଆହେ ଦେବ କେଉଁ ଦେଶେ ତୁମ୍ଭ ଘର ।
କେବଣ ରାଜାର ତୁମ୍ଭେ ଅଟ ହେ କୁମର ॥

ତପନ ଚନ୍ଦ୍ର ପ୍ରାୟେ ଦିଶୁଛ ଶୋଭାକର ।
ଧନୁଶର କରେ ଧରି ବନରେ ବିହର ॥

## ରାମ ବଚନକା—

ଶୁଣ ଆହେ ବ୍ରାହ୍ମଣ ଅଯୋଧ୍ୟା ଆମ୍ଭ ଦେଶ ।
ଦଶରଥ ନାମେ ସୂର୍ଯ୍ୟବଂଶରେ ନରେଶ ॥

ତାହାଙ୍କ ଉରୁଁ ଜନ୍ମିଲୁ ଆମ୍ଭେ ଚାରିଭ୍ରାତ ।
କଉଶଲ୍ୟା କେକେୟୀ ସୁମିତ୍ରା ତିନମାତ ॥

ଶ୍ରୀରାମ ନାମ ଅଟଇ ମୋର ମୁହିଁ ଜ୍ୟେଷ୍ଠ ।
ମୋତେ ସାନ ଭ୍ରାତ ଲକ୍ଷ୍ମଣ ତାଙ୍କ କନିଷ୍ଠ ॥

ସବୁତହୁଁ ସାନ ଅଟଇ ଯେ ଶତ୍ରୁଘନ ।
ମୋତେ ରାଜ୍ୟ ଦେବା ଲାଗି କଲେକ ରାଜନ ॥

ଭରଥ ଜନନୀ ପିତାଙ୍କୁ ସତ୍ୟ କରାଇଲେ ।
ମୋର ପୁତ୍ର ରାଜା ହେଉ ବୋଲି ମନାଇଲେ ॥

ରାମ ବନବାସ କରୁ ଚଉଦ ବରଷ ।
ଏମନ୍ତ ଶୁଣି ଆମ୍ଭେ ଛାଡ଼ିଲୁ ନିଜ ଦେଶ ॥

ଭାଇ ଭାରିଜା ଙ୍କୁ ସଙ୍ଗେ ଘେନିଣ ଅଇଲୁ ।
ଗୋଦାବରୀ କୂଳେ ଘରଣୀକି ହରାଇଲୁ ॥

ତୁମ୍ଭେ ହେ ଦ୍ୱିଜବର ଅଇଲ କାହୁଁ କହ ।
କେବଣ ବେଦ-ଶାଖା କାହିଁ ତୁମ୍ଭର ଗୃହ ॥

କେବଣ ଦେବତା ପୁଣ କହସି ଯଥାର୍ଥ ।
ମୁକୁଟ କୁଣ୍ଡଳକ ଦିଶଇ ତୁମ୍ଭ ମାଥ ॥

**ହନୁବଚନକା—**

ହନୁ ବହୁରେ ରାମ ଅଟନ୍ତି ଚକ୍ରଧର ।
ଗୁପତେ ଧାତା ଯାହା କହିଲେ ମୋ ଆଗର ॥

ଏହାଙ୍କୁ ଗୁପ୍ତ କରିବା ନୁହଇ ଉଚିତ ।
ଶ୍ରୀରାମ ଚରଣେ ହନୁ କଲା ପ୍ରଣମିତ ॥

ଶୁଣ ଦେବ ମୋ ନାମ ଅଟଇ ହନୁମନ୍ତ ।
ଅଞ୍ଜନୀ ନାମ ବାନରୀ ଅଟେ ମୋର ମାତ ॥

ବାଲୀ ସୁଗ୍ରୀବ ମୋହର ଅଟନ୍ତି ମଉଳା ।
କେଶରୀ ବାନରଙ୍କର ଅଟଇ ମୁଁ ବଳା ॥

ଋକ୍ଷରଜ ତନୟ ବାଲୀ ସୁଗ୍ରୀବ ବେନି ।
ବହୁ ଦିନେ ବେନିଭାଇ ହେଲେ ଅନ୍ୟାଅନ୍ୟ ॥

ଜ୍ୟେଷ୍ଠଭାଇ ଭୟେ ସୁଗ୍ରୀ ଅଇଲେ ପଳାଇ ।
ଅନେକ କାଳରୁ ଋଷ୍ୟମୂକେ ଛନ୍ତି ରହି ॥

ତୁମ୍ଭଙ୍କୁ ଦେଖି ସେ ବାଲୀ ଦୂତ ପ୍ରାୟେ ମଣି ।
ବୁଝି ଆସ ବୋଲି ଭୟତରେ କପିମଣି ॥

ମୋତେ ପେଷି କନ୍ଦରରେ ହୋଇଛୁ ଗୁପତ ।
ଜାଣିଲି ସୁଗ୍ରୀକ ଭାଗ୍ୟ ହେଲା ପରାପତ ॥

ବାଲୀ ଭୟେ ସୁଗ୍ରୀ ଆସି ନ ପାରଇ
ସେଠାକୁ କର ବିଜୟେ ।
ଏତେ କହି ହନୁ ନିଜ ରୂପ ଧରି
ନମିଲା ଶ୍ରୀରାମ ପ୍ରାୟେ ॥ ୮

ଶୁଣି ରଘୁମଣି ଗତକଥା ଜାଣି
ସୁଗ୍ରୀ ଠାରେ ଦୟା କରି ।
ହନୁ ସଙ୍ଗତେ ଚଳନ୍ତି ବେନିଭାଇ
କରେ ଧନୁଶର ଧରି ॥ ୯

ସୁଗ୍ରୀବ ରହିବା ଠାରେ ହନୁମନ୍ତ
ରାମ ଲକ୍ଷ୍ମଣ ପ୍ରବେଶ ।
ଆସ ହେ ସୁଗ୍ରୀବ ମାରୁତି ଡାକନ୍ତି
ଦୁଃଖ ଗଲା ଆଜୁଁ ନାଶ ॥ ୧୦

ହନୁ ବଚନ ଶୁଣିଣ ସୁଗ୍ରୀବର
ବିବରୁ ବାହାର ହେଲେ ।
ଦେଖି ଶ୍ରୀରାମ ଲକ୍ଷ୍ମଣଙ୍କୁ ସୁଗ୍ରୀବ
ଡାଳ ଭାଙ୍ଗି ବସାଇଲେ ॥ ୧୧

ସୁଗ୍ରୀବ ବୋଲନ୍ତି ଶୁଣ ହେ ଶ୍ରୀରାମ
ବନକୁ କିମ୍ପା ଅଇଲ ।
ଶିରେ ଜଟା ବାନ୍ଧି କଷା ବସ୍ତ୍ର ପିନ୍ଧି
ସନ୍ନ୍ୟାସୀ ବେଶ ଧଇଲ ॥ ୧୨

ଲକ୍ଷ୍ମଣ ବୋଲନ୍ତି ଶୁଣହେ ସୁଗ୍ରୀବ
ଅଯୋଧ୍ୟା ଆମ୍ଭର ଦେଶ ।
ପିତା ଦଶରଥ ଭୂପାଳ ଅଟନ୍ତି
ସେ ପୁଣି ତପନ ବଂଶ ॥ ୧୩

ତିନ ରାଣୀରୁ ଚାରି ପୁତ୍ର ଜନମ
ଜ୍ୟେଷ୍ଠ ଅଟନ୍ତି ଶ୍ରୀରାମ ।
ଭରଥ ଲକ୍ଷ୍ମଣ ମଝିଆ ଅଟନ୍ତି ବେନି
ଶତ୍ରୁଘନ ସାନ ନାମ ॥ ୧୪

ଶ୍ରୀରାମଙ୍କୁ ରାଜା କରିବାକୁ ପିତା
ରାଜ୍ୟ ପୁର ମଣ୍ଡାଇଲେ ।
ସାବତ ପୁଅ ଘେନିଣ ଭରଥ ମାତା
ପିତାଙ୍କୁ ବର ମାଗିଲେ ॥ ୧୫

ଚଉଦ ବରଷ ରାମ ବନବାସ
ଭରଥ ହୋଇବ ନୃପତି ।
ଏହା ଶୁଣି ରାମ- ସଙ୍ଗେ ମୁଁ ଅଇଲି
ଆବର ଅଇଲେ ସତୀ ॥ ୧୬

ସମସ୍ତ ଅରଣ୍ୟେ ରହି ରହି ଆମ୍ଭେ
ପଞ୍ଚବଟୀରେ ରହିଲୁ ।
ସୂର୍ପଣଖା ନାସା ଶ୍ରବଣ ଛେଦିଣ
ଖର ଦୂଷଣ ମାରିଲୁ ॥ ୧୭

ବେନି ଭାଇ ମୃଗ ମାରି ଯାଇଥିଲୁ
ସୀତାଙ୍କୁ କେ ନେଲା ହରି ।
ଶୋକ କରି ବନେ ଭ୍ରମି ଭ୍ରମି ଆସି
ହେଲୁ ଋଷିମୂକ ଗିରି ॥ ୧୮

ହନୁ ସଙ୍ଗେ ଭେଟ ହୋଇବାରୁ ଏବେ
ଦେଖା ପାଇଲୁ ତୁମ୍ଭଙ୍କୁ ।
ତୁମ୍ଭେ କାହିଁକି ଏଥିରେ ରହିଅଛ
ଏହା କହିବ ଆମ୍ଭଙ୍କୁ ॥ ୧୯

ସୁଗ୍ରୀବ ବୋଲନ୍ତି ଶୁଣ ହେ ଲକ୍ଷ୍ମଣ
ଖେଡ଼ଦର ଆମ୍ଭେ ସୁତ ।
ବାଲୀ ଜ୍ୟେଷ୍ଠ ମୁହିଁ କନିଷ୍ଠ ଅଟଇ
କିଷ୍କିନ୍ଧାରେ ନୃପ ତାତ ॥ ୨୦

ବାଲୀଙ୍କି ନୃପତି ମୋତେ ଯୁବରାଜ
କରି ସ୍ୱର୍ଗ ଗଲେ ପିତା ।
ବାଲୀ ଅତି ବଳ ପ୍ରାକର୍ମ ବଳରେ
ହୋଇଲେ ଜଗତେ ଜିତା ॥ ୨୧

ଦୁନ୍ଦୁଭି ନାମେ ରାକ୍ଷସ ପୁର ଭାଙ୍ଗି
ପାତାଳେ ଯାଇ ପଶିଲା ।
ବାଲୀ ତାହା ସଙ୍ଗେ ପଶି ସେ ବିମ୍ବରେ
ବରଷେ ତାକୁ ଯୁଝିଲା ॥ ୨୨

ଦୈତ୍ୟ ମାରିବା ବେଳରେ ରକ୍ତ ଶ୍ରୁଣି
ବିବର ଦ୍ୱାର ମୁଦିଲେ ।
ସମସ୍ତ ପାତ୍ରମନ୍ତ୍ରୀ ବିଚାର କରି
ମୋତେ ଅଭିଷେକ କଲେ ॥ ୨୩

ଏଥୁ କାଳେ ବାଲୀ ପ୍ରବେଶ ହୋଇଣ
ବଧାଏ ମୋତେ ମାଇଲା ।
ନଳ ନୀଳ ହନୁ ସୁଷେଣଙ୍କୁ ଘେନି
ଗଲଥା ମାରି ଛାଡ଼ିଲା ॥ ୨୪

ଜ୍ୟେଷ୍ଠ ଭାଇ ହୋଇ ଅନୀତି ଆଚରି
ହରିଲା ମୋହର ନାରୀ ।
ତାର ଭୟେ ମୁହିଁ ପଳାଇ ଅଇଲି
ଲୁଚି ରହୁଛି ଏ ଗିରି ॥ ୨୫

ଏମନ୍ତ ଉଦନ୍ତ ଶୁଣିଣ ଶ୍ରୀରାମ
ବୋଲନ୍ତି ଶୁଣ ହେ ବୀର ।
ବେନି ଜନଙ୍କର ଏକ ଦୁଃଖ ରାଜ୍ୟ—
ଛଡ଼ା ଘରଣୀ ଅନ୍ତର ॥ ୨୬

ଏତେ କହି ବେନି- ଜନେ ଅଗ୍ନି ସାକ୍ଷୀ
କରି ମଇତ୍ର ହୋଇଲେ ।
ତଦନ୍ତରେ ଏକ ଆସନେ ବସିଲେ
ରଘୁନାଥ ଦାସ ବୋଲେ ॥ ୨୭

ରାଗ—**ଚକ୍ରାକେଦାର**

ସଉମିର୍ଣି ସୁଗ୍ରୀଙ୍କି କହିଲେ ।
ଲଙ୍କା ରାବଣ ସୀତାଙ୍କୁ ନେଲେ ।
ଯେଉଁ ରାମଙ୍କୁ ବ୍ରହ୍ମାଣ୍ଡ ଆଶ୍ରେ କରି,
ଏବେ ତୁମ୍ଭ ଆଶ୍ରିତ ହୋଇଲେ, ହେ ସୁଗ୍ରୀବ ॥ ୧

ଶୁଣି ସୁଗ୍ରୀ କହଇ ବଚନ,
ହରି ନେଲା ସୀତା ଦଶାନନ ।
ରାବଣ ନେବା କାଳେ ଆମ୍ଭଙ୍କୁ ଦେଖି,
ପକାଇଲେ ଭୂଷଣ ବସନ, ସେ ଜାନକୀ ॥ ୨

ରାମ ଆଜ୍ଞା ଦେଲେ ଘେନି ଆସ,
ଦେଖିଲେ ଯେ ଫିଟିବ ସନ୍ଦେଶ ।
ଶୁଣି ସୁଗ୍ରୀବ ଅଣାଇଲେ ବହନ,
ରାମ ଛାମୁକୁ ଭୂଷଣ ବାସ, ସେ ସୁଗ୍ରୀବ ॥ ୩

ଦେଖି ଶ୍ରୀରାମ ସନ୍ତୋଷ ମନ,
ଲୋତକରେ ପୂରିଲା ନୟନ ।
ବୋଲନ୍ତି ଆହେ ଲକ୍ଷ୍ମଣ ଏ ଭୂଷଣ,
ସୀତାଙ୍କର ଅଟେ ଠିକ ଚହ୍ନ, ହେ ଲକ୍ଷ୍ମଣ ॥ ୪

ଶୁଣି ଲକ୍ଷ୍ମଣ ଯୋଡ଼ିଣ କର,
ଚହ୍ନି କହିଲେ ରାମ ଛାମୁର ।
ଆନ ଅଳଙ୍କାର ଚହ୍ନି ନ ପାରିଲି,
ଏହୁ ନୂପୁର ଦୁଇ ସୀତାର ହେ, ଶ୍ରୀ ଦେବ ॥ ୫

ରାମ ସୁଗ୍ରୀ ମୁଖକୁ ଅନାଇଁ,
ଆଜ୍ଞା ଦେଲେ ରଘୁକୁଳ ସାଇଁ ।
ଲଙ୍କା ରାବଣ ସୀତାଙ୍କୁ ଘେନିଗଲା,
ଦେଶ ତାର କେତେଦୂର ଯାଇ, ହେ ମଇତ୍ର ॥ ୬

ସୁଗ୍ରୀ କହେ ନୋହେ ମୋତେ ଦୂର,
ଖୋଜି ପାରଇ ମୁଁ ତିନି-ପୁର ।
ବାଳୀ ଭୟରେ ଅରଣ୍ୟେ ଲୁଚି ଅଛୁ,
ସୈନ୍ୟ ସାହା ନାହିଁ ମୋ ସଙ୍ଗର ହେ, ଶ୍ରୀ ଦେବ ॥ ୭

ରାମ ବୋଲନ୍ତି ଶୁଣ ହେ ମିତ,
ତୁମ୍ଭ କାର୍ଯ୍ୟ କରିବା ତୁରିତ ।
ଆମ୍ଭ କାର୍ଯ୍ୟ ସିନା ତୁମ୍ଭେ କର ପଛେ,
ଏବେ ଭୟ ଛାଡ଼ି ତୁମ୍ଭ ଚିତ୍ତ, ହେ ମଇତ ॥ ୮

ଆମ୍ଭ ତୋଣରେ ଯେତେକ ଶର,
ଯେତେକେ ଯେତେକେ ଦହିବେ ସଂସାର ।
ଶୁଣି ସୁଗ୍ରୀବ ଏକାନ୍ତ ହୋଇ ରାମ—
ସଙ୍ଗତରେ କରନ୍ତି ବିଚାର ସେ, ସୁଗ୍ରୀବ ॥ ୯

ସୁଗ୍ରୀ କହଇ ରାମ ଛାମୁର,
ଅସଂଖ୍ୟ ବଳ ଅଛି ବାଲୀର ।
ସଂଗ୍ରାମେ ଯେବେ ତାଙ୍କୁ ସମ ହୁଅନ୍ତ,
କାହିଁ ଲୁଚିଥାନ୍ତି ବନସ୍ତର ହେ, ମୋ ଦେବ ॥ ୧୦

ଏତେ କହି ଶ୍ରୀରାମଙ୍କୁ ନେଲା, ଦୁନ୍ଦୁଭିର ଅସ୍ଥି ଦେଖାଇଲା ।
ଏହା ଯେବେ ତୁମ୍ଭେ ଫିଙ୍ଗି ଦେଇପାର,
ତେବେ ପରତେ ଯିବି ବୋଇଲା ସେ, ସୁଗ୍ରୀବ ॥ ୧୧

ଦୁନ୍ଦୁଭି ଅସ୍ଥିକି ରାମ ଚାହିଁ, ପାଦ ଅଙ୍ଗୁଳି ଅଗ୍ର ଲଗାଇ ।
ଉଠିତ ଗତି କରି ଚୂଲି ଦିଅନ୍ତେ,
ଶତେ ଯୋଜନେ ପଡ଼ିଲା ଯାଇ ସେ, ବହନ ॥ ୧୨

ଲକ୍ଷ୍ମଣଙ୍କୁ କହଇ ସୁଗ୍ରୀବ, ବାଲୀ ବଧି ଆଣିଥିଲା ଶବ ।
ରୁଧିର ମାଂସ ନାହିଁ ଶୁଷ୍କ ଅସ୍ଥିକି,
ପାଦେ ଫିଙ୍ଗିଲେ ସିନା ରାଘବ, ହେ ଲକ୍ଷ୍ମଣ ॥ ୧୩

ଯେ ଯେ ସପ୍ତତାଳ ଏକୁ ଏକ, ତାଳେ ବିନ୍ଧିଲେ ରଘୁନାୟକ ।
ତେବେ ଜାଣିମି ବାଲୀ ବଧି ପାରିବେ,
ତେବେ ଛାଡ଼ିବ ମୋ ଚିତ୍ତୁ ଦକ, ହେ ଲକ୍ଷ୍ମଣ ॥ ୧୪

ଲକ୍ଷ୍ମଣ କହନ୍ତେ ରାମ ଜାଣି, ଗୁଣ ଦେଇ ଶର ସନ୍ଧି ଟାଣି ।
ବିନ୍ଧନ୍ତେ ସପତ ତାଳ ଛିଡ଼ି ଗିରି—
ଫୁଟି ସମ୍ଭାଇଲା ରାମ ତୋଣି, ସେ ଲକ୍ଷ୍ମଣ ॥ ୧୫

ଦେଖି ସୁଗ୍ରୀ ହରଷ ହୋଇଲା, ରାମ ଚରଣ ତଳେ ପଡ଼ିଲା ।
ନ ଜାଣି ତୁମ୍ଭଙ୍କୁ ପରୀକ୍ଷା ମାଗିଲି,
ବୋଲି ଶିରେ ବେନିକର ଦେଲା ସେ, ସୁଗ୍ରୀବ ।। ୧୬

ରାମ ବୋଲନ୍ତି ଶୁଣ ହେ ମିତ, କାହିଁ ଦେଖାଅ ତୋ ଜ୍ୟେଷ୍ଠ ଭ୍ରାତ ।
ଏକା କାଣ୍ଡକେ ସେ ଯମପୁର ଯିବ,
ତୁମ୍ଭେ ହେବ କିଷ୍କିନ୍ଧାରେ ନାଥ, ହେ ମଇତ ।। ୧୭

ଏହା ଶୁଣି ସୁଗ୍ରୀ ହୋୟେ ସଜ, ଲକ୍ଷ୍ମଣଙ୍କୁ ଘେନି ରାମ ରାଜ ।
ମନ୍ତ୍ରୀ ସହିତରେ କିଷ୍କିନ୍ଧା ପ୍ରବେଶ,
ଦ୍ୱାରେ ଡାକଇ ରବି ତନୁଜ ସେ, ସୁଗ୍ରୀବ ।। ୧୮

ଶୁଣି ବାଳୀ ବହନ ଆଇଲା, ସୁଗ୍ରୀ ସହିତେ ସମର କଲା ।
ବାଳୀକି ସଂଗ୍ରାମେ ହାରିଣ ସୁଗ୍ରୀବ,
ଋଷ୍ୟମୂକେ ପଳାଇ ପଶିଲା ସେ, ସୁଗ୍ରୀବ ।। ୧୯

ଗଲା ସଙ୍ଗ ଲୋକଙ୍କୁ ନ କହି, ବାଳୀ ଭୟେ ପଛକୁ ନ ଚାହିଁ ।
ସୁଗ୍ରୀ ପଳାନ୍ତେ ଗର୍ଜିଣ ବାଳୀବୀର,
ନିଜ ନଗରେ ମିଳିଲା ଯାଇ ସେ, କପୀନ୍ଦ୍ର ।। ୨୦

ମନ୍ତ୍ରୀ ସହିତେ ରାମ ଲକ୍ଷ୍ମଣ, ବାହୁଡ଼ି ଗଲେ ସେ ତତକ୍ଷଣ ।
ଦେଖିଲେ ସୁଗ୍ରୀବ ଚିନ୍ତାରେ ଶୋଇଛି,
ତାକୁ ଚିଆରନ୍ତି ସୀତା-ରାଣ ସେ, ସୁଗ୍ରୀବ ।। ୨୧

ପୂର୍ବେ ଦେଖିଲା ଅନ୍ତର ନାହିଁ, ଏକ ରୂପ ଅଟ ବେନି ଭାଇ ।
ତେଣୁ କରି ଆମ୍ଭେ ଶର ନ ଛାଡ଼ିଲୁ,
ମିତ୍ରବଧ ପାପେ ଭୟ ପାଇ, ହେ ମଇତ ।। ୨୨

ଆଉ ଥରେ ହେ କର ସମର, ମିଥ୍ୟା ନୁହଇ ବଚନ ମୋର ।
ଏକା କାଣ୍ଡକେ ବାଳୀକି ନ ମାଇଲେ,
ଧନୁଶର ନ ଧରିବି କର, ହେ ମଇତ ।। ୨୩

ସୁଗ୍ରୀ କହେ ଶୁଣ ରାମ ନୃପ, ଏକା ବଧାକେ ଭାଜି ମୋ ଦର୍ପ ।
ସଂଗ୍ରାମକୁ ଆଉ ଭରସା ନୋହୁଛି,
ମୁହିଁ ମଣ୍ଡୂକ ସେ କାଳସର୍ପ ହେ, ଶ୍ରୀ ଦେବ ।। ୨୪

ଏହା ଶୁଣି ରଘୁକୁଳ ବୀର, ବେଗେ ଧଇଲେ ସୁଗ୍ରୀବ କର ।
ଏକା କାଣ୍ଡକେ ମାରିବ ତୁମ୍ଭ ଶତ୍ରୁ,
ତୁମ୍ଭେ ଅଉ ବିଳମ୍ବ ନ କର, ହେ ମଇତ ।। ୨୫

ରାମ ସ୍ପରଶେ ସୁଗ୍ରୀ ଉଠିଲେ, ବଳ ପ୍ରାକର୍ମରେ ପୂର୍ଣ୍ଣ ହେଲେ ।
ରାମ ଲକ୍ଷ୍ମଣ ମନ୍ତ୍ରୀମାନଙ୍କୁ ଘେନ,
କିଷ୍କିନ୍ଧାପୁରକୁ ବାହାରିଲେ, ସେ ବହନ ।। ୨୬

ନାଗେଶ୍ୱର ପୁଷ୍ପେ ଗୁନ୍ଥି ମାଳା, ନେଇ ଲମ୍ବାଇଲେ ସୁଗ୍ରୀ ଗଳା ।
ନମସ୍କାର କରି ସୁଗ୍ରୀବ ଚଳିଲେ,
ପାଇ ରାମ ଅନୁଗ୍ରହ ମାଳା, ସେ ସୁଗ୍ରୀବ ।। ୨୭

ବାଳୀ ସିଂହଦ୍ୱାରରେ ମିଳିଲେ, ବାହାସ୍ଫୋଟ ମାରଣ ଗର୍ଜିଲେ ।
ଆରେ ଆରେ ବାଳୀ ତୋ ପ୍ରାଣ ଘେନମି,
ଆଜ ମୋହ ସଙ୍ଗେ ଯୁଦ୍ଧ କଲେ, ହେ ଅଗ୍ରଜ ।। ୨୮

ଏହା ଶୁଣି ବାଳୀ କ୍ରୋଧ ହେଲା, ଅତି ସତ୍ୱରେ ଗର୍ଜି ଉଠିଲା ।
ଏହା ଦେଖି ତାରାରାଣୀ ଆସି ପାଦେ—
ପଡ଼ି ପ୍ରବୋଧି ବହୁ କହିଲା, ସେ କାନ୍ତକୁ ।। ୨୯

ନାଥ ଯୁଦ୍ଧକୁ ନୁହ ବାହାର, ସାନ ଭାଇଙ୍କ କ୍ରୋଧ ନ କର ।
ମୋ ଦେବ ଶୁଣିଲି ସୁଗ୍ରୀବକୁ ସାହା,
ହୋଇଛନ୍ତି ରଘୁକୁଳ ବୀର ହେ, ମୋ ନାଥ ।। ୩୦

ସଖି ! ଶୁଣ ମୋହର ଆଦେଶ, ଅଧର୍ମୀ ନୁହନ୍ତି ସୂର୍ଯ୍ୟବଂଶ ।
ଏହିକ୍ଷଣି ମୁହିଁ ବଧାୟେ ମାରଣ,
ସୁଗ୍ରୀବକୁ କରିବ ବିନାଶ, ଗୋ ସୁନ୍ଦରୀ ।। ୩୧

ଏହା କହି ତାରାକୁ ବୋଧିଲା, ସୁଗ୍ରୀବର ନିକଟେ ମିଳିଲା ।
ଆରେ ଆରେ ସୁଗ୍ରୀ କାହିଁ ଟିକୁ ବୋଲି,
ମାଲ ଯୁଦ୍ଧରେ ମାତି ବସିଲା, ହେ ସୁଜନେ ।। ୩୨

ବହୁ ଯୁଦ୍ଧ କଲେ ବେନି ଭାଇ, ରାମ ତରୁ ଉହାଡ଼ରେ ଥାଇ ।
ଶ୍ରୀରାମ ବେଗେ ତୀକ୍ଷ୍ଣ ଶର ବିନ୍ଧନ୍ତେ,
ବାଳୀ ହୃଦରେ ପଡ଼ିଲା ଯାଇ, ହେ ସୁଜନେ ।। ୩୩

ଢଳେ ପଡ଼ି ବୋଲେ କପିବର, କିମ୍ପା ପ୍ରହାରିଲ ମୋତେ ଶର ।
ସୂର୍ଯ୍ୟବଂଶରେ ଜାତ ହୋଇଣ ତୁମ୍ଭେ,
ଏଡ଼େ ଅଧର୍ମ କିମ୍ପାଇଁ କର, ହେ ଶ୍ରୀରାମ ।। ୩୪

ମୃଗ ମାରିଲେ ଭୁଞ୍ଜନ୍ତି ପଲ, ସିଂହ ମାରିଲେ ଦଶନ୍ତି ବଳ ।
ଆଦୋଷେ ବୃଦ୍ଧ କପିକି ମାରି ତୁମ୍ଭେ,
ଏଥୁ ପାଇଲ ବା କେଉଁ ଫଳ, ହେ ଶ୍ରୀରାମ ।। ୩୫

ରାମ ବୋଲେ କପିରାଜ ଶୁଣ, ଅଧର୍ମକୁ ଅର୍ଜିଲ ଆପଣ ।
କନେଷ୍ଠ ଭାଇର ଭାର୍ଯ୍ୟାକୁ ହରିଲ,
ଏହା ଜାଣି ହରିଲୁ ତୋ ପ୍ରାଣ, ହେ କପୀନ୍ଦ୍ର ।। ୩୬

ବାଲୀ ବୋଲେ ଶୁଣ ରଘୁବର, ଯୋନି ଦୋଷତ ନୁହେ ଆମ୍ଭର ।
ହେ ରାମ ହେ ରାମଚନ୍ଦ୍ର ରଘୁବୀର,
ଜାଣିଲି ତୁମ୍ଭେ ପରମେଶ୍ୱର, ହେ ଶ୍ରୀରାମ ।। ୩୭

ନ ଜାଣି ବୋଇଲି ମୁହିଁ ଯାହା, କ୍ଷମା କରିବା ହେଉ ହେ ତାହା ।
ସ୍ୱେ ରୂପରେ ମୋତେ କର ଅବଧାନ,
ଆମ୍ଭର ଶୁଣ ବଚନ ଯାହା, ହେ ଶ୍ରୀରାମ ।। ୩୮

ମୋହର ସମାନେ ସେ ଯେ ବୀର, ଅଙ୍ଗଦ କୁମାର ହିଁ ମୋହର ।
ସ୍ୱେ ଘେନ ତା'ଠାରେ ସୁଦୟା କରିବ,
ଦୟା ରଖିଥିବ ରଘୁବୀର, ହେ ଶ୍ରୀରାମ ।। ୩୯

ବାଲୀ ରଣେ ପଡ଼ିବା ସନ୍ଦେଶ, ଶୁଣି ଆସେ ତାରା-ରାଣୀ ହଂସ ।
କାନ୍ଦି କାନ୍ଦି ଆସି ପ୍ରବେଶ ହୋଇଲା,
ରାମ ଚନ୍ଦ୍ରେ ରଘୁନାଥ ଦାସ, ହେ ସୁଜନେ ।।

●

ରାଗ— **ମଙ୍ଗଳଗୁଜ୍ଜରୀ**

ନିଜେ ସ୍ୱାମୀ ନିକଟେ ମିଳିଲା ତାରା ରାଣୀ ।
ଦେଖିଲା ସଂଗ୍ରାମେ ପଡ଼ିଅଛି ବୀରମଣି ।। ୧

ଆହା ପ୍ରାଣନାଥ ବୋଲି ଚରଣ ଧରିଲା ।
ବେନି କର ନେଇ ନିଜ ହୃଦରେ ମାରିଲା ସେ ।। ୨

## ଶୋକ

ଆହା ହେ ନାଥ ମୋହର କୋଳକୁ ତେଜିଣ ।
ଏବେ ଶୋଇଲ ଅବନୀ ନାରୀ କି ଘେନିଣ ହେ ॥ ୩

ନବୀନ ସୁନ୍ଦର ଅଙ୍ଗ ରୁଧିରରେ ରଙ୍ଗ ।
ଶୋଭାକୁ ନିନ୍ଦା କରଇ କୋଟିଏ ଅନଙ୍ଗ ହେ ॥ ୪

କସ୍ତୁରୀ ରେଖ ଦିଶ ହେ ଅରୁଣ-ଅଧର ।
ମେଘ ଗମ୍ଭୀର ବାଣୀ ହେ ସୁନେତ୍ର ମଞ୍ଜୁଳ ହେ ॥ ୫

ବିସ୍ତାର ହୃଦୟ ଦିଶେ ହୀରକର ସେହ୍ନା ।
ପଦ୍ମଙ୍କର ତେଜ ଦିଶେ ରବିଙ୍କ ଜୋଛନା ହେ ॥ ୬

କରି-କର ପ୍ରାୟେ ତୁମ୍ଭର ଯେ ଭୁଜକର ।
ମୋହର ତନୁକୁ ତୁମେ ଆଶ୍ଳେଷ କର ହେ ॥ ୭

ଅନର୍ଗଳ ତୋରଣ ଯେ ଶ୍ରୀ ପଞ୍ଜରେ ଶୋଭା ।
ତୁମ୍ଭଙ୍କ ସମରେ ସର ନୁହନ୍ତି ମଘବା ହେ ॥ ୮

ବୀରମାନଙ୍କର ବୀର ହେ ଅଟ ଗୋସାଇଁ ।
ତୁମ୍ଭର ପରିଏ ସ୍ୱାମୀ ପାଇବି ମୁଁ କାହିଁ ହେ ॥ ୯

ପୂର୍ବରୁ ଯେଉଁ ଯେ ଭୋଗ ଭୋଇଛ ଗୋସାଇଁ ।
ଶଚୀ ସାବିତ୍ରୀ ସେ ଭୋଗ ପାଇବେ ଯେ କାହିଁ ହେ ॥ ୧୦

ହେ ଦେବ ଦେବ ମୋହର ଦୁଃଖ ଯେ ନ ଦେଖ ।
କ୍ଷଣେକ ମାତ୍ରକେ ମୁହିଁ ହୋଇଲି ନରେଖ ହେ ॥ ୧୧

ଅଙ୍ଗଦ କୁମର ତୁମ୍ଭ ପ୍ରାଣରୁ ଅଧିକ ।
ସେବେ କାହାକୁ ଦେଇଣ ଗଲ ବୀରଶିଖ ହେ ॥ ୧୨

ବୀରମାନଙ୍କ ଠାକୁର ଅଟ ହେ ଗୋସାଇଁ ।
ଅନାଥ କରିଣ ମୋତେ ଛାଡ଼ିଗଲ କାହିଁ ହେ ॥ ୧୩

ତୁମ୍ଭର ଏ ଦଶା ଦେଖି ଅଛୁ ମୋର ପ୍ରାଣ ।
ଆହା ନାଥ କେତେ ବାହୁନମି ତୁମ୍ଭ ଗୁଣ ହେ ॥ ୧୪

କିଶୋର ବୟସ ତୁମ୍ଭ ତେଜ ରବି କର ।
ବିନା ଅପରାଧେ କେହ୍ନେ ମାଇଲ ମୋ ବର ହେ ॥ ୧୫

**ବାଳୀ ବୋଇ—**

ଯେବେ ଶାପିବ ତାରା ସୁନ୍ଦରୀ ।
ଯେହ୍ନେ ଅଛି ମୋର ମନୋହାରୀ ।
ଅଙ୍ଗଦ ସହିତେ ତାହାଠାରେ ପ୍ରଭୁ,
ତୁମ୍ଭେ ଥିବ ବାରେ ଦୟାକରି, ହେ ଶ୍ରୀରାମ ॥

ଶ୍ରୀହସ୍ତରେ ଛୁଇଁ ମୋତେ ବୀର,
ବେଗେ ବାହାର କର ହେ ଶର ।
ଶ୍ରୀରାମ ବେଗେ ତୀକ୍ଷ୍ଣଶର କାଢ଼ନ୍ତେ,
ସୁଗ୍ରୀବଙ୍କୁ ଅନାଏ ସେ କାଳେ, ସେ କପୀନ୍ଦ୍ର ॥

ହୃଦେ ଭାବି ମହାବୀର ବାଳୀ,
ବାସବ ଦେବାର ରତ୍ନମାଳୀ ।
ସୁଗ୍ରୀବ କଣ୍ଠରେ ନେଇ ଲମ୍ବାଇଲା,
ପ୍ରାଣ ହୋଇଲା ଅତି ଆକୁଳି, ହେ ସୁଜନେ ॥

ରାଜ୍ୟ ସହିତରେ ସମର୍ପିଲା,
ତାରାକୁ ବହୁତ ପ୍ରବୋଧିଲା ।
ଯେତେ କରଣ ରାମଙ୍କୁ ତୁଷ୍ଟି କରି,
ମଣ୍ଡନକୁ ହେଲେ କପିବୀର, ସେ ସନ୍ଧ୍ୟରେ ॥

●

ରାଗ—**ମଙ୍ଗଳଗୁଜ୍ଜରୀ**

କ୍ରୋଧଭରେ ହୋଇ ତାରା ବୋଲଇ ରାମଙ୍କୁ ।
ତୁମ୍ଭେ କିମ୍ପା ଅଦୋଷେ ମାଇଲ ମୋ କାନ୍ତଙ୍କୁ ହେ ॥ ୧

ସୀତା ତୁମ୍ଭଙ୍କୁ ଅଭେଟ ହୋଇବ ରାଘବ ।
ଧର୍ମଶାସ୍ତ୍ର ପୁରାଣ ଯେ ସତ ଯେବେ ହେବ ହେ ॥ ୨

ତାରା କ୍ରୋଧ ଦେଖି ରାମ ବଚନେ ବୋଲନ୍ତି ।
ଏ ପାପୁ ଉଦ୍ଧାର ମୋତେ କର ମହାସତୀ ହେ ॥ ୩

ଶୁଣ ହେ ଶ୍ରୀରାମ ସ୍ୱାମୀ ହତ ହେଲେ ମୋର ।
ମହାସତୀ ବୋଲିବାର ଅଛେ ଅବେଭାର ହେ ॥ ୪

ଶୁଣ ତାରା ଆଜୁଁ ହୁଅ ସତୀ ଶିରୋମଣି ।
ସୀତା ଅହଲ୍ୟା ଦ୍ରୌପଦୀ ସଙ୍ଗେ ତୋତେ ଗଣି ହେ ॥ ୫

ତୋହ ନାମ ପ୍ରଭାତୁ ଯେ କରିବେ ସ୍ମରଣ ।
ଅଶେଷ ଦୁଃଖରୁ ସେ ହୋଇବେ ଉଦ୍ଧାରଣ ହେ ॥ ୬

କିଷ୍କିନ୍ଧା କଟକେ ମିତ୍ର ସଙ୍ଗେ ଭୋଗ ପାଅ ।
ସୀତା ଭୋଗ୍ୟ ହେବାକୁ ବଚନ ମୋତେ ଦିଅ ଗୋ ॥୭

ତାରା ବୋଲେ ଦେବ ତୁମ୍ଭେ ସ୍ୱୟଂ ନାରାୟଣ ।
ସାଗର-ଦୁଲଣୀ ସୀତା ଅଟନ୍ତି ପ୍ରମାଣ ହେ ॥ ୮

ଆଜ୍ଞା ଯାହା ଦେଲେ ମିତ୍ର ସଙ୍ଗେ ରହିବାକୁ ।
ଏ କଥା ଅତି ଦୂଷଣ ସ୍ତିରୀ-ସଂସାରକୁ ହେ ॥ ୯

ରାମ ବୋଲେ କିଷ୍କିନ୍ଧାରେ ହୁଅ ପାଟରାଣୀ ।
ଦେହ ଅନ୍ତେ ମୋତେ ସ୍ୱର୍ଗେ ପାଇବୁ ତୁ ପୁଣି ଗୋ ॥୧୦

ଏତେ କହି ତାରା କର ସୁଗ୍ରୀ କରେ ଦେଲେ ।
ଏହାକୁ ଘେନିଣ ମିତ୍ର ରାଜ୍ୟ କର ଭଲେ ହେ ॥ ୧୧

ଏବେ ବେଗେ ବାଲୀଙ୍କି ଦହନ କର ମିତ ।
ଏମନ୍ତ ଶୁଣିଣ ବାଲୀ ଚଳିଲେ ତୁରିତ ଯେ ॥ ୧୨

ବହୁତ ସମ୍ଭବେ ଦ୍ରବ୍ୟ ବିମାନେ ବସାଇ ।
ମିତ୍ର ଗୋତ୍ର ଲୋକେ ଶମସ୍ଥାନେ କଲେ ନେଇ ଯେ ॥୧୩

ବିବିଧ ବାଦ୍ୟ ବଜାଇ ଅଗ୍ନି ଲଗାଇଲେ ।
ଅଙ୍ଗଦ ହସ୍ତରେ ମୁଖଅଗ୍ନି ଦିଆଇଲେ ଯେ ॥ ୧୪

ବାଲୀଙ୍କ ଦହନ କରି ସ୍ନାନ ବଢ଼ାଇଲେ ।
ଶ୍ରୀରାମ ନିକଟେ ମିଳି ଦରଶନ କଲେ ଯେ ॥ ୧୫

ଶ୍ରୀରାମ ବୋଲନ୍ତି ହନୁମନ୍ତ ମୁଖ ଚାହିଁ ।
ଅଭିଷେକ ସଜ୍ଞାମାନ ଆଣ ବେଗେ ଯାଇ ହେ ॥ ୧୬

ଏହା ଶୁଣି ହନୁମନ୍ତ ସଞ୍ଜ୍ଞା ଅଣାଇଲେ ।
ତାରା ସହିତରେ ସର୍ବ ମନ୍ତ୍ରୀଙ୍କି ଆଣିଲେ ହେ ॥ ୧୭

କିଷ୍କିନ୍ଧା କଟକ ଯାକ ପୁରଲୋକ ଆଛ ।
ସୁଗ୍ରୀ ମୂର୍ଦ୍ଧ୍ନରେ ରାମ ବାନ୍ଧଲେକ ପାଟ ଯେ ॥ ୧୮

ଅଙ୍ଗଦକୁ ଯୁବରାଜ କରି ରଘୂପତି ।
ସୁଗ୍ରୀବକୁ କହିଲେ ସକଳ ରାଜନୀତି ଯେ ॥ ୧୯

ବୋଲନ୍ତି ଶୁଣ ମିତ ମାଲ୍ୟବନ୍ତ ଗିରୁ ଆମ୍ଭେ ।
ବରଷା ଅନ୍ତରେ ଆଛ ଧରି ଆସ ତୁମ୍ଭେ ଯେ ॥ ୨୦

ଏମନ୍ତେ କହି ବେନି ଭାଇ ହୋଇଲେ ବାହାର ।
ସୁଗ୍ରୀ ସହିତେ ପାଛୋଟି ଗଲେ କିଛୁ ଦୂର ଯେ ॥ ୨୧

ମିତ୍ରଙ୍କୁ ବୁଝାଇ ତହିଁ ମନ୍ତ୍ରୀଙ୍କୁ କହିଲେ ।
ବରଷା ଅନ୍ତେ ଚେତାଇ ଦେବଟି ବୋଇଲେ ସେ ॥ ୨୨

ହେଉ ଦେବ ଆମ୍ଭେ ସୈନ୍ୟ ଘେନି ସଙ୍ଗତରେ ।
ପ୍ରବେଶ ହୋଇବୁ ଆମ୍ଭେ ବରଷା ଅନ୍ତରେ ହେ ॥ ୨୩

ନିଜ ନବରେ ସୁଗ୍ରୀବ ପ୍ରବେଶ ହୋଇଲେ ।
ତାରା ସହିତରେ ନିଜ ରାଜ୍ୟକୁ ପାଳିଲେ ଯେ ॥ ୨୪

ଶ୍ରୀରାମ ଲକ୍ଷ୍ମଣ ତହୁଁ ପଥ ବାହି ଯାଇ ।
ମାଲ୍ୟବନ୍ତ ପର୍ବତେ ପ୍ରବେଶ ବେନି ଭାଇ ଯେ ॥ ୨୫

ଅତି ରମ୍ୟ ସ୍ଥାନ ଦେଖି ହରଷ ହୋଇଲେ ।
ପର୍ଣ୍ଣକୁଟୀ କରି ତହିଁ ଦିନକୁ ହରିଲେ ଯେ ॥ ୨୬

ପୁଷ୍ପତରୁମାନଙ୍କରେ ଗିରି ଯେ ଶୋଭିତ ।
ରଘୁନାଥ ଦାସ ରାମ ଚନ୍ତଇ ସନ୍ତତ ଯେ ॥ ୨୭

## ରାଗ—କୁମ୍ଭକାମୋଦୀ

ମାଲ୍ୟବନ୍ତ ପର୍ବତେ ବିଳପନ୍ତେ ରଘୁସାଇଁ ।
ଜାନକୀ ବିଚ୍ଛେଦେ ଶୋକେ ଘନକାଳ ଗୃହି ।
ବଇଦେହୀ ଗୋ,
ମୋତେ ଛାଡ଼ି ଗଲୁ କାହିଁ ଗୋ ।। ୧

ତୋହର ବିହୁନେ ଦିବା ନିଶି ନ ସରଇ ।
ଅନାଥ ହୋଇଲି ସଖି ! ତୋତେ ମୁଁ ହରାଇ ।
ବଇଦେହୀ ଗୋ,
ମୋତେ ଛାଡ଼ି ଗଲୁ କାହିଁ ଗୋ ।। ୨

ଏ ବରଷା କାଳେ ସଖି ! ଗଲୁ ମୋତେ ଛାଡ଼ି ।
ତୋ ସଙ୍ଗ ନ ପାଇ ପ୍ରାଣ ଯାଉଅଛି ଉଡ଼ି ।
ବଇଦେହୀ ଗୋ, ମୋତେ.......... ।। ୩

ଶିଖଣ୍ଡୀ ଶିଖରେ କେକୀମାନେ ନୃତ୍ୟ କଲେ ।
ବଳାକାମାନେ ଉନ୍ମତ୍ତ ବୃକ୍ଷରେ ବସିଲେ ।
ବଇଦେହୀ ଗୋ, ମୋତେ.......... ।। ୪

ଇନ୍ଦ୍ରଧନୁ ଆଚ୍ଛାଦି ଘୋଡ଼ାଇ ଦିଗମାନ ।
ଭେକ ଡାହୁକ ଶାମୁକ ଉଚ୍ଚେ କଲେ ସ୍ୱନ ।
ବଇଦେହୀ ଗୋ, ମୋତେ...... ।। ୫

ଏମନ୍ତ ବୋଲୁ ଆକାଶେ ଘୋଟିଲା ଜଳଦ ।
ଦାମିନୀ ଚହଟି କଲା ଘଡ଼ଘଡ଼ି ନାଦ ।। ୬

ଦେଖୁ ଦେଖୁ ସ୍ଥାବରମାନଙ୍କୁ ଘୋଡ଼ାଇଲା ।
ଜଳଧାରା ମୁଞ୍ଚି ନିଶି ଦିନ ସାମ୍ୟେ କଲା ।। ୭

ସୀତା ସୀତା ବୋଲି ବେନି କରେ ହୃଦେ ତାଡ଼ି ।
ମୋହ ଗତେ ପଡ଼ିଣ ଅବନୀ ତଳେ ଗଡ଼ି ।। ୮

ପୁଣି କେତେବେଳେ ଚେତ ଧନୁଶର ଧରି ।
ପ୍ରେମଭଳ ହୋଇଣ ଅବନୀ ତଳେ ପଡ଼ି ।। ୯

ବେଗେ ତୁ ଲକ୍ଷ୍ମଣ ସୀତା ଆଣିଦେବୁ ମୋତେ ।
ନୋହିଲେ ନିଶ୍ଚୟ ନାଶ କରିବ ମୁଁ ତୋତେ ।। ୧୦

ଶୁଣି ସଉମିତ୍ରି ରାମ ନିକଟରୁ ଗଲେ ।
ପୁଣି କେତେବେଳେ ଜେଠ ଭ୍ରାତାଙ୍କୁ ଡାକିଲେ ॥ ୧୧

ଶୁଣ ହେ ଲକ୍ଷ୍ମଣ ଛଳ ନ କରିବ ମୋତେ ।
ବନ୍ଧୁର ଦୁର୍ବାଦ ଅବା ଛଡ଼ାଇବ କେତେ ॥ ୧୨

ଲକ୍ଷ୍ମଣ ବୋଲେ ଅଧୈର୍ଯ୍ୟ ନୋହିବ ହେ ଦେବ ।
ବରଷା ସରିଲା କର୍ମ ନଇଲା ସୁଗ୍ରୀବ ॥ ୧୩

ମହାପ୍ରଭୁ ତୁମ୍ଭେ ବେଗେ ଆଜ୍ଞା ଦିଅ ମୋତେ ।
ମୁଁ ଯାଇ ସୁଗ୍ରୀବ ଘେନି ଆସିବି ତୁରିତେ ॥ ୧୪

ଏମନ୍ତ ବୋଲୁ ଆକାଶ ନିର୍ମଳ ଦିଶିଲା ।
ରଘୁନାଥ ଦାସ ବୋଲେ ଶରଦ ହୋଇଲା ।
ବଇଦେହୀ ଗୋ,
ମୋତେ ଛାଡ଼ିଗଲୁ କାହିଁ ଗୋ ॥ ୧୫

ରାଗ—ତୋଡ଼ି

ଲକ୍ଷ୍ମଣର କନ୍ଧେ କର    ଦେଇଣ କୋଦଣ୍ଡଧର
କୁଟୀରୁ ବାହାର ହୋଇ ଲକ୍ଷ୍ମଣଙ୍କୁ,
ବୋଲନ୍ତି "ଶୁଣ ମୋ ଗିର, ଲକ୍ଷ୍ମଣ ବୀର ॥ ୧

ବରଷା ହୋଇଲା ଶେଷ    ଶରତ ଋତୁ ପ୍ରବେଶ
ସୈନ୍ୟ ସହିତରେ ଲକ୍ଷ୍ମଣ ଯାଇଣ,
ଶୀଘ୍ର କରି ଘେନି ଆସ, ଦେଖାଇ ତ୍ରାସ ॥ ୨

ବାଳୀକି ବଧିବା ଶର    ଦେଲେ ସଉମିତ୍ରି କର
ବୋଇଲେ ଏ ଶର ଦେଖିଲେ ସୁଗ୍ରୀବ,
ସତ୍ୱରେ ହେବ ବାହାର, ତୁମ୍ଭ ସଙ୍ଗର ॥ ୩

ଲକ୍ଷ୍ମଣ ଭିଡ଼ିଣ ତୋଣ    କରେ ଧରି ଧନୁବାଣ
ଶ୍ରୀରାମ ଚରଣେ ନମସ୍କାର କରି,
ବହନ କଲେ ପ୍ରୟାଣ, ସେହୁ ଲକ୍ଷ୍ମଣ ॥ ୪

ଲକ୍ଷ୍ମଣ ବୋଲନ୍ତି ଦେବ                ତୁମ୍ଭେ କାହିଁ ଯେବେ ଯିବ
ଭେଟ ନ ପାଇ ଆପଣଙ୍କୁ ମୋହର,
ଏହିଠାରେ ପ୍ରାଣଯିବ, ମିଥ୍ୟା ନୋହିବ ।। ୫

ରାଘବ କାନ୍ଦଣ ଶୋକ                ଲକ୍ଷ୍ମଣଙ୍କୁ କରି କୋଳ
ବୋଇଲେ ଥିଲ ସଙ୍ଗରେ କାହିଁ ଯିବ,
ନିକଟେ ନଥିଲେ ଜଳ, କହି ବିକଳ ।। ୬

ଶୁଣ ଶୁଣ ଆରେ ଭାଇ                ତୋତେ ମୁଁ ଦେଖିବା ପାଇଁ
ସ୍ନାହାନ ଭୋଜନ କିଛି ମୋର ନାହିଁ,
ବସିଥିବି ତୋତେ ରହିଁ, ଆସିବା ପାଇଁ ।। ୭

ଶିରକୁ ଆଘ୍ରାଣ କଲେ                ସତ୍ୱରେ ଆସ ବୋଇଲେ
ଚରଣ ତଳେ ପଡ଼ିଣ ସଉମିତ୍ରି,
ମେଲାଣି ହୋଇଣ ଗଲେ, ଏକା ରହିଲେ ।। ୮

ସୁଦୃଷ୍ଟେ ରାଘବ ନଇଁ                ତହୁଁ କେତେଦୂର ଯାଇ
ଚାଲନ୍ତି ସେଠାରୁ ଉହାଣ ରାମଙ୍କୁ,
ଲକ୍ଷ୍ମଣ ବଚନ କହି, ଫେରି ରହଇ ।। ୯

ସୁଗ୍ରୀ ନ ଆସିବ ଯେବେ                ଛେଦିବି ତା ଶିର ତେବେ
ଅଙ୍ଗଦକୁ କିଷ୍କିନ୍ଧାରେ ବସାଇବି,
ଆଜ୍ଞା ହୋଇବଟି ଯେବେ, କହିବି ତେବେ ।। ୧୦

ଶ୍ରୀରାମ ବୋଇଲେ ଭ୍ରାତ                ବଡ଼ ଦୁଃଖୀ ମୋର ମିତ
ସୁଖ ଭୋଗ ପାଇ ଭୋଳ ହୋଇଛନ୍ତି,
ନ ମାରିବ କଦାଚିତ, ନୋହେ ଉଚିତ ।। ୧୧

ଲକ୍ଷ୍ମଣ କିଷ୍କିନ୍ଧା ଗଲେ                ରାମ ତହୁଁ ବାହୁଡ଼ିଲେ
ବୃକ୍ଷବନଲତାମାନଙ୍କୁ ପୁଛିଣ,
ସୀତା ଦେଖିଛ ବୋଇଲେ, କହ ଜାଣିଲେ ।। ୧୨

ପର୍ବତ ମାନଙ୍କୁ ପୁଣି                ପଚାରନ୍ତି ରଘୁମଣି
ଅସ୍ଥିର କୋକିଳ ପ୍ରାୟେ ପକ୍ଷୀ ବାଣୀ,
କେ ନେଲା ଅଛକି ଜାଣି, କହତା ପୁଣି ।। ୧୩

ଶୁଣ ଆହେ ଗିରିବର          ତୁମ୍ଭେ ନ ଦିଅ ଉତ୍ତର
ସୀତାଙ୍କୁ ଦେଖିଣ ମଉନେ ରହିଛ"
ବୋଲି କ୍ରୋଧେ ରଘୁବୀର, ଅତି ସତ୍ୱର ॥ ୧୪

ଶୁଣ ଶୁଣ ଆରେ ଗିରି          ପୃଥ୍ୱୀକି ହୋଇଛ ଭାର
ଲତାମାନେ ତୋର ଶିଖୁ ଖସି ପଡୁ,
କହିଲେ ସେ ହେତୁ କରି, କୋଦଣ୍ଡ ଧାରୀ ॥ ୧୫

ପର୍ବତକୁ ଶାପ ଦେଲେ          ରାମ ତହୁଁ ବାହୁଡ଼ିଲେ
ମନରେ ସନ୍ତାପ ହୋଇ ପଥେ ଯାନ୍ତେ,
ବକକୁ ତହିଁ ଦେଖିଲେ, ହରଷ ହେଲେ ॥ ୧୬

ଶୁଣ ଶୁଣ ପକ୍ଷୀବର          ସୀତା ଦେଖିଛୁକି ମୋର
ସୁନ୍ଦର ଚାନ୍ଦମୁଖୀ କେ ମୋ ନେଲା,
କହି ମନ କରୁ ସ୍ଥିର, ହେ ପକ୍ଷୀବର ॥ ୧୭

ବକ ବୋଲେ ରଘୁମଣି          ରଥେ ନେଲା କାଂଶପାଣି
ଶୋକରୁ ଲୋତକ ମୋର ଦେହେ ପଡ଼ି,
ଶୁଷ୍କ ହେଲା ରଘୁମଣି, ସତ୍ୟ ମୋ ବାଣୀ ॥ ୧୮

ପକ୍ଷୀ ବାଣୀ ଶୁଣି ରାମ          ମାଗ ବର ଯେତେ ମନ
ବୋଲେ ବରଷାରେ ବସିବା ଠାବରେ,
ମିଳିବ ମୋତେ ଭୋଜନ, ହେ ରଘୁରାଣ ॥ ୧୯

ରାମ କହି ପକ୍ଷୀବର          ଘରଣୀ ଦେବ ଆହାର
ଶୁଣି ପକ୍ଷୀ ବୋଲେ ଘରଣୀ ଉଚ୍ଛିଷ୍ଟ,
ଭକ୍ଷିବି କା ରଘୁବର, ନୋହେ ବେଭାର ॥ ୨୦

ରାମ ବୋଲନ୍ତି ଉତ୍ତର          ସ୍ନେହ କାସ୍ଥା ଦୁହିଙ୍କର
ଏଥିରେ ଆନ ତୁ ନ ଧର ମନରେ,
ସତ୍ୟ ବଚନ ମୋହର, ହେ ପକ୍ଷୀବର ॥ ୨୧

କିଛି ମନେ ନ ଧରିବୁ          ଏକା କଥାଏ ପାଳିବୁ
କାର୍ତ୍ତିକ ଦଶମୀ ଠାରୁ ପୂର୍ଣ୍ଣି ଯାଏ,
ମୀନ କେବେ ନ ଭକ୍ଷିବୁ, ସ୍ନେହା କରିବୁ ॥ ୨୨

ଏହା କହି ରଘୁସାଇଁ — ବକଗଲ ହୃଷ୍ଟ ହୋଇ
ବର ଦେଇ ଯାନ୍ତେ କୁକ୍କୁଟ ପକ୍ଷୀକି,
ଦେଖି ପଚାରନ୍ତି ତହିଁ, ସେ ରଘୁସାଇଁ ॥ ୨୩

ପ୍ରାଣପ୍ରିୟାକୁ ମୋହର — ଜାଣିଛୁ କି କେ ନେବାର
ପିଣ୍ଡକୁ ରଖି କେ ପ୍ରାଣ ଘେନିଗଲା,
କହି ଚଞ୍ଚ କରି ସ୍ଥିର, କହ ସତ୍ୱର ॥ ୨୪

କୁକ୍କୁଟ ବୋଲଇ ମୁହିଁ — ତରୁ ପରେ ଥିଲି ରହି
ରାବଣ ଲଙ୍କାଗଡ଼କୁ ଘେନିଗଲା,
କାନ୍ଦୁଥିଲେ ରଥେ ଥାଇ, ଦେଖିଛି ମୁହିଁ ॥ ୨୫

ରାମ ବୋଲନ୍ତି କୁକ୍କୁଟ — ତୋ ଶିରେ ଥାଉ ମୁକୁଟ
ଏତେ କହି ତହୁଁ ଶ୍ରୀରାମ ଚଳିଲେ,
ହେଲେ ମଣ୍ଡଆ ନିକଟ, ଚିନ୍ତା ସଙ୍କଟ ॥ ୨୬

ଆକୁଳ ହୋଇ ରୋଦନ୍ତି — କାହିଁ ଛାଡ଼ି ଗଲୁ ସତୀ
ଏହି ସମୟେ ଅଗସ୍ତି ମହାମୁନି,
ମିଳିଲେ ଶ୍ରୀରାମ କତି, ସନ୍ତୋଷ ମତି ॥ ୨୭

ଦେଖିଣ ରାମ ଉଠିଲେ — ମୁନି ଚରଣେ ନମିଲେ
କଲ୍ୟାଣ କରି ଅଗସ୍ତି ତପୋଧନ,
ରାମଙ୍କୁ ଚାହିଁ ପୁଚ୍ଛିଲେ, ଆଶ୍ଚର୍ଯ୍ୟ ହେଲେ ॥ ୨୮

**ମୁନି ବଚନିକା—**

ସର୍ବାଙ୍ଗ କଳା କମ୍ପା ଦିଶିଲା ତୁମ୍ଭର ?
ଶୋଭା ପାଉ ନାହିଁ ଏହୁ ଧନୁଶର !

କ୍ଷୀଣ ହୋଇଲାଣି ତନୁ ଦିଶୁଅଛି ଅସ୍ଥି ।
ଭାଇ ଲକ୍ଷ୍ମଣ ତୁମ୍ଭ ସଙ୍ଗତେ ନାହାନ୍ତି !

ମୁହିଁ ରାଜାର କୁମର — ଛାଡ଼ିଲଇଁ ରାଜ୍ୟଭାର ।
କନ୍ଦମୂଳ ଖାଇ ବନେ ବାସ କଲି,
ତେଣେ ନାଶ ମୋ ପିଅର, ହେ ମୁନିବର । ୨୯

ପ୍ରିୟବତୀ କି ମୋହର କେ ନେଲା ହେ ମୁନିବର
କେବଣ ପୁଣ୍ୟରେ ପ୍ରାଣ ଅଛି ରହି,
ଦେହ ଝଞ୍ଜିବା ପରିର, ହେ ମୁନିବର ! ୩୦

ଏକା ଭରଜାକୁ ମୁହିଁ ରଖି ତ ପାରିଲି ନାହିଁ
ମୋହ କପାଳେ ବିଧି ଏହା ଲେଖିଲା,
ପ୍ରାଣ ମୋ ଯା ଅଛି ରହି, କିମ୍ପା ନ ଯାଇ ।। ୩୧

ସାନୁଜ ଲକ୍ଷ୍ମଣ ଥିଲେ ସୁଗ୍ରୀବକୁ ଆଣିଗଲେ
ଏଣୁ ମହାଚିନ୍ତା ହୋଇଛି ମୋହର,
ମୁନିଙ୍କି ରାମ କହିଲେ, ବ୍ୟାକୁଳ ହେଲେ ।। ୩୨

ମୁନି ବୋଲନ୍ତି ହେ ରାମ କିମ୍ପାଇ କର କାରୁଣ୍ୟେ
ଅଳପ ଦିନେ ତୁମ୍ଭେ ସୀତା ପାଇବ,
ରାଜ୍ୟେ ହୋଇବ ରାଜନ, ନ ଭାଳ ରାମ ।। ୩୩

ରାମଙ୍କୁ କହନ୍ତେ ଋଷି ମାରକଣ୍ଡ ହେଲେ ଆସି
ଦେଖିଣ ଶ୍ରୀରାମ ନମସ୍କାର କଲେ,
କଲ୍ୟାଣ କରଣ ଋଷି, ବହୁ ପ୍ରଶଂସି ।। ୩୪

## ମୁନି ବଚନିକା—

ଶ୍ରୀରାମଙ୍କୁ ମୁନି ବହୁତ ଡଆରିଲେ ।
ଆମ୍ଭର କଲ୍ୟାଣ ଆରୋଗ୍ୟ ହୁଅ ଭଲେ ।।

ଏତେ ବୋଲି ତହୁଁ ଗଲେ ବେନି ଯତି ।
ବାଟେ ମାରକଣ୍ଡ ଅଗସ୍ତିଙ୍କି ପଚାରନ୍ତି ।।

ଶ୍ରୀରାମ ଶ୍ରୀପତି ବୋଲି କହୁଥିଲ ତୁମ୍ଭେ ।
ବିଷ୍ଣୁ ନୁହନ୍ତି ଶ୍ରୀରାମ ବିଚାରୁଛୁ ଆମ୍ଭେ ।।

ମାରକଣ୍ଡଙ୍କ ବଚନେ ବୋଲନ୍ତି ଅଗସ୍ତି ।
ରାବଣ ନିମନ୍ତେ ଏତେ କଷ୍ଟ ପାଉଛନ୍ତି ।।

ଅଭିଷେକ ହେବା କାଳେ ଆସିବେ ମୋ ତୁଳେ ।
ଏତେ ବୋଲି ମୁନି ଦୁଇ ଯେ ଯାହାରେ ଗଲେ ।।

## ଗୀତ

ଲକ୍ଷ୍ମଣ କିଷ୍କିନ୍ଧାପୁର                ପ୍ରବେଶ ହେଲେ ସତ୍ୱର
ଦେଖି ନରନାରୀ ବିଚାର କରନ୍ତି,
କାହୁଁ ଅଇଲେ ଏ ବୀର, ଯାଇ କ୍ରୋଧର ॥ ୩୫

କେ ବୋଲେ ତୁମ୍ଭେ ନ ଜାଣ                ଶ୍ରୀରାମ ଭାଇ ଲକ୍ଷ୍ମଣ
ଯାହାର କାଣ୍ଡକେ ବାଲୀ ବୀର ମଲା,
ସୁଗ୍ରୀ ହେଲେ ନୃପବର, ସେହି ଲକ୍ଷ୍ମଣ ॥ ୩୬

ତହୁଁ ସଉମିତ୍ରି ବୀର                ପ୍ରବେଶ ସିଂହ ଦୁଆର
ବାନରମାନେ ଦ୍ୱାର ନିରୋଧ କଲେ,
କରେ ଧରି ତରୁବର, ଅତି କ୍ରୋଧର ॥ ୩୭

ଲକ୍ଷ୍ମଣ କହିଣ ରାଗ                ବୋଲନ୍ତି ରେ ଶାଖାମୃଗ
ଲକ୍ଷ୍ମଣ ଆସି ଅଛନ୍ତି ବୋଲି ସୁଗ୍ରୀ—
ଆଗେ କହ ଯାଇ ବେଗ, ଯାଅରେ ଆଗ ॥ ୩୮

ଶୁଣି ଦ୍ୱାରପାଳ ଗଲା                ସୁଗ୍ରୀବ ଆଗେ କହିଲା
ବୋଲେ ରଘୁନାଥ ଦାସ ଶୁଣି ସୁଗ୍ରୀ,
କେଉଁ ଲକ୍ଷ୍ମଣେ ବୋଲି ବୋଇଲା; ଆଶ୍ଚର୍ଯ୍ୟ ହେଲା ॥

●

## ରାଗ—ମଙ୍ଗଳଗୁଜ୍ଜରୀ

ବୋଲଇ ସୁଗ୍ରୀବ ଦ୍ୱାରପାଳ ମୁଖ ଚାହିଁ ।
କେବଣ ଲକ୍ଷ୍ମଣ ସେ ପଚାର ଆସ ଯାଇ ରେ ॥ ୧

ଲେଉଟିଣ ଦ୍ୱାରୀ ସଉମିତ୍ରି ପାଶେ ଗଲା ।
ଶୁଣ ହେ ମହାତ୍ମା କପିରାଜ ଆଜ୍ଞା ହେଲା ହେ ॥ ୨

କାହିଁର ଲକ୍ଷ୍ମଣ କେଉଁ ଦେଶେ ତୁମ୍ଭ ଘର ।
କି ଅର୍ଥେ ଗମନ କଲେ କେ ତୁମ୍ଭ ପିଅର ହେ ॥ ୩

ଶୁଣି ଲକ୍ଷ୍ମଣ ସକ୍ରୋଧେ ଅରୁଣ ନୟନ ।
ବୋଇଲେ ସୁଗ୍ରୀକି କହ ହରାଉଛି ଜ୍ଞାନ ରେ ॥ ୪

ଯାହାକୁ ଭେଟିବା ଯାୟେ ବନେ ଥିଲ ପଶି ।
ସେ ରାମ ଅନୁଜ ମୁହିଁ ଦ୍ୱାରେ ଅଛୁ ଆସି ରେ ॥ ୫

ଯାହାର ପ୍ରସାଦେ ହେଲ କିଷ୍କିନ୍ଧା-ନୃପତି ।
ଗର୍ବ ବହିଲ କି ସୁଖ ଭୋଗେ ରୋମାପତି ସେ ॥ ୬

ବାଇ ବାଳକ ମର୍କଟ ଏ ଡାକନ୍ତେଁ ସର ।
ଶୁଣି ଦ୍ୱାରପାଳ ପଳାଇଲ ଭୟ କରି ସେ ॥ ୭

କରଯୋଡ଼ି ଦ୍ୱାରପାଳ ସୁଗ୍ରୀ ଆଗେ କହି ।
ଦେବ ସେ ଲକ୍ଷ୍ମଣ ଅଟେ ଶ୍ରୀରାମର ଭାଇ ହେ ॥ ୮

ତାହାର ପ୍ରସାଦେ ହେଲ କିଷ୍କିନ୍ଧାର ସାଇଁ ।
ଦ୍ୱାରେ ଉଭା ହୋଇଛନ୍ତି ଅତି କ୍ରୋଧ ହୋଇ ହେ ॥ ୯

ଏସନ ସମୟେ କ୍ରୋଧେ ସଉମିତ୍ରି ବୀର ।
ଗୁଣେ ବସାଇ ତିଆରି ବାଳୀବଧ ଶର ସେ ॥ ୧୦

ଟଙ୍କାରନ୍ତେ ବଜ୍ର ପରାୟେ ବାଜେ ସେ ସ୍ତମ୍ଭରେ ।
ମୂର୍ଚ୍ଛାଗଲ ବାଣ ତେଜେ ତପନ କୁମର ସେ ॥ ୧୧

ମନ୍ତ୍ରୀ ସହିତରେ ସର୍ବେ ମୋହଗତ ହେଲେ ।
ଶବଦ ଶୁଣିଣ ତାରା ଭିତରୁ ଅଇଲେ ଯେ ॥ ୧୨

ସଚେତ କରିଣ ତାରା ସୁଗ୍ରୀକ ବୋଲଇ ।
ମନ୍ତ୍ରୀ ସହିତରେ କମ୍ପା ମୋହିତ ଗୋସାଇଁ ହେ ॥ ୧୩

ଆକୁଳେ ସୁଗ୍ରୀବ ଛାଡ଼େ ଖର ନିଶ୍ୱାସ ।
ତାରାକୁ ଚାହିଁ ବୋଲଇ ସଖି ! ଗଲି ନାଶ ଗୋ ॥ ୧୪

ଶ୍ରୀରାମ ଅନୁଜେ ମୁହିଁ ବିଭ୍ରମ ହୋଇଲି ।
କାହିଁର ଲକ୍ଷ୍ମଣ ବୋଲି ତାଙ୍କୁ ପଚାରିଲି ଯେ ॥ ୧୫

ଏ ନୃପ ସମ୍ପଦେ ମୋର ଆଉ ନାହିଁ କାର୍ଯ୍ୟ ।
କି ବୋଲିବେ ଦେଖି ମୋତେ ସୁମିତ୍ରା ତନୁଜ ହେ ॥ ୧୬

ରାମ ଦୀନଜନ-ବନ୍ଧୁ ବୋଲନ୍ତି ସେ ଯେଣୁ ।
ମୋର କଷ୍ଟ ଦେଖି ମିତ୍ର ଆସି ହେଲେ ତେଣୁ ଯେ ॥ ୧୭

ଏବେ ତାଙ୍କୁ ବୋଇଲି ମୁଁ କାହିଁର ଲକ୍ଷ୍ମଣ ।
ଏ ବାଣେ କମ୍ପାଇଁ ନ ଦେଲେ, ମୋର ପ୍ରାଣ ଯେ ॥ ୧୮

କେଉଁବଳେ କସ ଏବେ ନ ଦିଶଇ ବୁଦ୍ଧି ।
ଭେଟାଇବ କେ ବା' ମୋତେ ଲକ୍ଷ୍ମଣଙ୍କୁ ବୋଧି ଗୋ ॥ ୧୯

ଏ ବଚନ ଶୁଣିଣ ବୋଲନ୍ତି ମନ୍ତ୍ରୀଗଣ ।
ଘଡ଼ିଏ ହୋଇଲା କ୍ଷମା ହୋଇଲେ ଲକ୍ଷ୍ମଣ ହେ ॥ ୨୦

ସୁଗ୍ରୀ ବୋଲେ ମୁହିଁ ଗଲେ ପ୍ରାଣ ନ ରହଇ ।
ତୁମ୍ଭେ ମନ୍ତ୍ରୀଗଣ ମୋର ବୋଧ କର ଯାଇ ହେ ॥ ୨୧

ମନ୍ତ୍ରୀମାନେ ବୋଲନ୍ତି ହେ ଶୁଣିମା ହେ ଦେବ !
ତୁମ୍ଭ ପକ୍ଷରୁ ଅନ୍ତରେ କୋପ ତାଙ୍କ ଥିବ ହେ ॥ ୨୨

ମହାକ୍ରୋଧୀ ଅଟନ୍ତି ସେ ସୁମିତ୍ରାର ସୁତ ।
ବୋଧ ନୋହିବେ କହିଲେ ହେବେ କୋପଚିତ୍ତ ହେ ॥ ୨୩

ବୋଲିବେ ତୁମ୍ଭେ ଆଜ୍ଞା ଚଳାଇ ନ ଦେଲ ।
ନ ଚିହ୍ନିଲ ସୁଗ୍ରୀ ଯେବେ ତୁମ୍ଭେ ନ ଚିହ୍ନିଲ ହେ ॥ ୨୪

ଏତେ ମତ୍ତଗର୍ବୀ ତୁମ୍ଭେ ହୋଇଲ ବୋଲିବେ ।
ବାଳୀ ପରାୟେ ଆମ୍ଭର ଜୀବନ ହରିବେ ହେ ॥ ୨୫

ତାରା ବୋଲେ ମୁହିଁ ପ୍ରବୋଧିବ ସଉମିତ୍ରି ।
ଭୟ କଲ ଯେବେ ଚଳେ ନୃପ ପାଟମନ୍ତ୍ରୀ ହେ ॥ ୨୬

ଏତେ ବୋଲି ସାଜି ବେଶ ସଙ୍ଗେ ଘେନି ଆଳୀ ।
ବାହାରିଲା ତାରା ବେଗେ ଘେନି ଅର୍ଘ୍ୟ ସ୍ଥାଳୀ ଯେ ॥ ୨୭

ସିଂହଦ୍ୱାରେ ତାରା ଯାଇ ଦେଖିଲା ଲକ୍ଷ୍ମଣ ।
ସଉମିତ୍ରିଙ୍କି ପ୍ରଣାମ କଲା ତତକ୍ଷଣ ଯେ ॥ ୨୮

ଅର୍ଘ୍ୟସ୍ଥାଳୀ ଘେନି ବେଗେ ବନ୍ଦାଇଲା ବାଳୀ ।
ଆଳୀ ସମୂହେ ଉଚ୍ଚରେ ଦେଲେ ହୁଳହୁଳି ଯେ ॥ ୨୯

ବଜାଇଲେ ଶଙ୍ଖ ବାଦ୍ୟ ମଙ୍ଗଳ ମହୁରୀ ।
ହରଷ ବେଶରେ ନୃତ୍ୟ କଲେ ନୃତ୍ୟକାରୀ ଯେ ॥ ୩୦

ମନେ ମନେ ବିଚାର କରନ୍ତି ତାରମଣି ।
ସୀତାଙ୍କ ପଛାନ୍ତର ଅଟେ ଯେ ତରୁଣୀ ଯେ ॥ ୩୧

ତାରା ଜାଣିଲା ଯେ ଲକ୍ଷ୍ମଣର କୋପ ଗଲା ।
କରଯୋଡ଼ି ସେ ପ୍ରବୋଧି ବିନୟେ କହିଲା ଯେ ॥ ୩୨

ହେ ସ୍ୱାମୀ ! ଦାସବତ୍ସଳ ଅଟ ଦାଶରଥି !
କିମ୍ପାଇଁ ଦେବ ବିଜୟ କରିଅଛ ଏଥି ହେ ॥ ୩୩

କିଷ୍କିନ୍ଧା କଟକ ଯେ ତୁମ୍ଭର ଅଟଇଲା ।
ନବରକୁ ଯାନ୍ତେ କେ ତୁମ୍ଭଙ୍କୁ ନରୋଧିଲା ହେ ॥ ୩୪

ସୁଗ୍ରୀବ ସର୍ବଦା ଦାସ ଅଟଇ ତୁମ୍ଭର ।
ଦାସକୁ କ୍ରୋଧ କରିବା ନୁହଇ ବେଭାର ହେ ॥ ୩୫

ତାରା ବାଣୀ ମୁଖକୁ ନ ଚାହିଁ ରାମାନୁଜ ।
କହିଲେ ମସ୍ତକୁ ଚାହିଁ ହୃଦେ ରଖି ଲାଜ ସେ ॥ ୩୬

ମହାକଷ୍ଟେ ବନବାସେ ବଞ୍ଚେ ରଘୁପତି ।
ବରଷା ଗଲା କିମ୍ପା ନ ଗଲେ କପିପତି ଗୋ ॥ ୩୭

ଶରଦ ହେଲା ଖୋଜିବା ବୋଲୁଁ ବଇଦେହୀ ।
ଲଙ୍କା ବିବାଦକୁ ଯେ ବରଷ ଯିବ ପାଇ ହେ ॥ ୩୮

ଶୁଣି ତାରା ବୋଲେ ସୁଗ୍ରୀ ଦୂତ ପେଷିଅଛୁ ।
ଆବର ମୋହର ସୁତ ଅଙ୍ଗଦ ଯାଇଛୁ ହେ ॥ ୩୯

ଆଜି କାଲି ଆଠ ଯେନ ହୋଇବେ ପ୍ରବେଶ ।
ଏଥକୁ ହେ ଦେବ ତୁମ୍ଭେ ନ କରିବ ରୋଷ ହେ ॥ ୪

ସୁଗ୍ରୀ ଯେଣୁ ବନ୍ଧୁକାଳୁ ଦୁଃଖୀ ହୋଇଥିଲେ ।
ସମ୍ପଦମାନ ପାଇ ତୁମ୍ଭଙ୍କୁ ପାଶୋରିଲେ ହେ ॥ ୪

ଶୁଣିଣ ଲକ୍ଷ୍ମଣ ବୀର ସନ୍ତୋଷ ହୋଇଲେ ।
ଧନ୍ୟ ଧନ୍ୟ ସୁନ୍ଦରୀ ତୁ ଲକ୍ଷ୍ମଣ ବୋଇଲେ ଯେ ॥ ୪

ଏବେ ତାରା ସୁଗ୍ରୀବକୁ ଆଣ ଆମ୍ଭ ପାଶ ।
ଶୁଣି ତାରା ନମି ପୁରେ ହୋଇଲା ପ୍ରବେଶ ଯେ ॥ ୪

ସୁଗ୍ରୀ ସହଜରେ ମନ୍ତ୍ରୀମାନଙ୍କୁ କହିଲା ।
ଲକ୍ଷ୍ମଣଙ୍କ ଆଜ୍ଞା ବେଗେ ଆସି ହୋ ବୋଇଲା ଯେ ॥ ୪୪

ସଉମିତ୍ରି ବୋଇଲେ ଏହ୍ନେ ନୁହଇ ଉଚିତ ।
ତୁମ୍ଭେ ବାନରେଶ୍ୱର ଶ୍ରୀରାମଙ୍କ ମଇତ ହେ ॥ ୪୫

ସୁଗ୍ରୀବଇ ବୋଲେ ତୁମ୍ଭେ ଅଟ ହେ ଠାକୁର ।
ତୁମ୍ଭର ଭୃତ୍ୟର ମୁହିଁ ଭୃତ୍ୟ ପରିଗ୍ରହ ହେ ॥ ୪୬

ମୋହର ଦୋଷ ନ ଧର ସୁଗ୍ରୀବ କହିଲେ ।
ରାମ ପାଦ ଚନ୍ଦ୍ର ରଘୁନାଥ ଦାସ ବୋଲେ ଯେ ॥ ୪୭

●

ରାଗ—ଚକ୍ରାକେଦାର

ଲକ୍ଷ୍ମଣ ବୋଲନ୍ତି ସୁଗ୍ରୀବର ଏ କଥା ଉଚିତ କି ତୁମ୍ଭର ।
ଶ୍ରୀରାମ ତୁମ୍ଭଙ୍କୁ ଯାହା କରିଛନ୍ତି,
ତାହା ଜାଣିଛ ତ କପିବର, ହେ ସୁଗ୍ରୀବ ॥ ୧

ସୀତା ଦେବୀ ପର କପିକୀର୍ତ୍ତୀ ଏହି ମତ ହେବ ପର ସାହୀ ।
ସୁଖ ପାଇ ତୁମ୍ଭେ ସବୁ ପାଶୋରିଲ,
ମନ୍ତ୍ରୀ କିମ୍ପା ନ କହିଲେ ଏହା, ହେ ସୁଗ୍ରୀବ ॥ ୨

ତେତେ ଆଶା କରିଛନ୍ତି ରାମ ସୁଗ୍ରୀ ବୋଲନ୍ତି ଶୁଣ ଲକ୍ଷ୍ମଣ ।
ଅଙ୍ଗଦ ଯାଇଛି ସୈନ୍ୟ ଆଣିମାକୁ,
କାଲି ଆସିବ ଆଠ ଯୋଜନ, ହେ ଲକ୍ଷ୍ମଣ ॥ ୩

ଶୁଣି ଲକ୍ଷ୍ମଣ ହରଷ ହୋଇ ତାରା ରାଣୀ ନିଜ ପୁରେ ଯାଇ ।
ସୁଗ୍ରୀ ବୋଲେ ଦେବ ପୁରେ ବିଜେ କର,
ନାସ୍ତି କଲେ ଉର୍ମିଳାର ପାଇଁ ସେ, ଲକ୍ଷ୍ମଣ ॥ ୪

ଏ କଥା କେବେ ହେଁ ନ ଯୋଗାଇ ବଞ୍ଚିବୁ ଆମ୍ଭେ ବନସ୍ତେ ରହି ।
ପିତା ଆଜ୍ଞା ଦେଲେ ଗ୍ରାମେ ନ ରହିବୁ,
କହି ଲମ୍ବ ବୃକ୍ଷ ତଲେ ରହି ସେ, ଲକ୍ଷ୍ମଣ ॥ ୫

ଦେଖି ସୁଗ୍ରୀ ଫଳ ମୂଳ ଦେଲେ    ଏହା ଭୋଜନ କର ବୋଇଲେ
ଲକ୍ଷ୍ମଣ ବୋଲନ୍ତି ରାମଙ୍କୁ ଦେଖିଲେ,
ଭୋଜନ ହେବ ତେତେବେଳେ, ହେ ସୁଗ୍ରୀବ ॥ ୬

ଆସିବା ବେଳେ ଅଛନ୍ତି କହି    ତୋତେ ନ ଦେଖିଲେ ଗ୍ରାସ ନାହିଁ
ମୁଁ କେମନ୍ତେ ଆହାର କରିବଇଁ ଏଥେ,
ସ୍ୱାମୀ ଉପବାସେ ଥିବେ ରହି, ହେ ସୁଗ୍ରୀବ ॥ ୭

ଆଉ ନ ବଳାଅ ସୁଗ୍ରୀବର    ଶୁଣି ତୁନି ହେଲେ କପିବୀର
ନାନା କଥା ହୋଇ ରଜନୀ ବଞ୍ଚିଲେ,
ନିଶି ପାହି ଉଦେ ଦିନକର, ହେ ସୁଜନେ ॥ ୮

ନିତ୍ୟକର୍ମ ସାରିଲେ ଲକ୍ଷ୍ମଣ    ହନୁମନ୍ତଙ୍କୁ କହି ବଚନ
କାଲି ଯେଉଁ ଶର ସୁଗ୍ରୀକୁ ମାରିଲି,
ସେ ଶରକୁ ଆଣ ତୁ ବହନ ରେ, ପାବନି ॥ ୯

ଶୁଣି ହନୁମନ୍ତ ଚଳିଗଲେ    ନାରାଚକୁ ଦେଖିଣ ନମିଲେ
ଅନେକ ସ୍ତୁତି କରନ୍ତି ହନୁ କହି
ତୋତେ ନେବ ଲକ୍ଷ୍ମଣ ପେଷିଲେ, ହେ ନାରାଚ ॥ ୧୦

କହି ଶରକୁ ହନୁ ଆଣିଲେ    ସଉମିତ୍ରି କରେ ନେଇ ଦେଲେ
ଏ ସମୟେ ଚର ଆସି ସୁଗ୍ରୀବଙ୍କୁ,
ନମି କହଇ ସୈନ୍ୟ ଆସିଲେ ହେ, ଭୋ ଦେବ ॥ ୧୧

ଶୁଣି ସୁଗ୍ରୀବ ଆନନ୍ଦ ହୋଇ    ଦୂତକୁ ଗଉରବ କରାଇ
ନଳ ନୀଳ ସୁଷେଣ ହନୁ ଜାମ୍ବବ,
ଏମାନଙ୍କୁ ବେଗେ ଆଜ୍ଞା ଦେଲେ ସେ, ସୁଗ୍ରୀବ ॥ ୧୨

ତୁମ୍ଭେ ଯାଇ ଅଙ୍ଗଦକୁ ଆଣ    ଶୁଣି ସେନାୟେ ଗଲେ ତକ୍ଷଣ
ଦେଖିଣ ଅଙ୍ଗଦ ଗଉରବ କରି,
ସର୍ବ କୁଶଳ ପୁଚ୍ଛି ବହନ ସେ, ଅଙ୍ଗଦ ॥ ୧୩

ସୈନ୍ୟ ଘେନି ସମସ୍ତେ ଚଳିଲେ    ଯାଇ କିଷ୍କିନ୍ଧା ପ୍ରବେଶ ହେଲେ
ଲକ୍ଷ୍ମଣ ସୁଗ୍ରୀଙ୍କି ଦେଖିଣ ଅଙ୍ଗଦ,
ପାଦେ ଯାଇ ନମସ୍କାର କଲେ ସେ, ଅଙ୍ଗଦ ॥ ୧୪

ବହୁତ ପ୍ରଶଂସିଲେ ଲକ୍ଷ୍ମଣ          ଧନ୍ୟ ଧନ୍ୟ ତୁ ବାଳୀ ନନ୍ଦନ ।
ସୁଗ୍ରୀବର ଆଣି କୋଳେ ବସାଇଲେ,
ତୋ ଲାଗି କୋପ ତେଜିବେ ରାମରେ, କୁମର ॥ ୧୫

ଲକ୍ଷ୍ମଣ ବୋଲନ୍ତି ସୁଗ୍ରୀବର          ଦୁଃଖେ ରହିଥିବେ ରଘୁବୀର ।
ଆମ୍ଭେ ଆଗ ହୋଇ ଯିବା ଏହିକ୍ଷଣି,
ବାର୍ତ୍ତା ଦେବା ସୈନ୍ୟ ଆସିବାର, ହେ ସୁଗ୍ରୀବ ॥ ୧୬

ହନୁମନ୍ତ ଅଙ୍ଗଦ ରହିବେ          ସୈନ୍ୟ ଘେନିଣ କାଲି ଆସିବେ ।
ଜାମ୍ବେବ ସୁଷେଣ ନଳନୀଳ ସେନା,
ଏମାନେ ଆମ୍ଭ ସଙ୍ଗତରେ ଯିବେ, ହେ ସୁଗ୍ରୀବ ॥ ୧୭

ଶୁଣି ସୁଗ୍ରୀବର ଜଣାଇଲେ   ଯେ ତୋ ଆଜ୍ଞା ବୋଲି ତହୁଁ ଗଲେ ।
ତାରାକୁ ବୋଧି ଅଙ୍ଗଦକୁ କହନ୍ତି,
କାଲି ସୈନ୍ୟ ଧରି ଆସ ତୁଲେ, ହେ ଅଙ୍ଗଦ ॥ ୧୮

ଏତେ କହି ସୁଗ୍ରୀ ସଜ ହୋଇ          ଲକ୍ଷ୍ମଣ ପାଶେ ମିଳିଲେ ଯାଇ ।
ସେନାମାନ ଘେନି ସମ୍ମୁଖ ହୋଇଣ,
ଅନୁକୂଳେ ଗଲେ ପଥ ବହି, ସେ ଲକ୍ଷ୍ମଣ ॥ ୧୯

ବନସ୍ତରେ ପଥ ବହି ଗଲେ          ମାଲ୍ୟବନ୍ତ ନିକଟେ ମିଳିଲେ ।
ପର୍ବତରେ ଥାଇ ସୀତାସ୍ୱାମୀ ରମଣ,
ଦୁଃଖେ ମନେ ବିଚାରିଲେ, ସେ ଶ୍ରୀରାମ ॥ ୨୦

ବିଳମ୍ବ କମ୍ପା କଲା ଲକ୍ଷ୍ମଣ          ତା ବିନୁ ମୁଁ କି ବଞ୍ଚିବି ଧନ ।
ଆହା କହିବାକୁ ସାହା କେହି ନାହିଁ,
ମୋର କର୍ମରେ ଥିଲା ଏସନ, ହେ ଦଇବ ॥ ୨୧

ବନବାସ ସହି ନ ପାରିଲା          ମୋତେ ଛାଡ଼ି ଅବା ପଳାଇଲା ।
ଏମନ୍ତ ବିଚାର କରନ୍ତେ ଶ୍ରୀରାମ,
ଲକ୍ଷ୍ମଣ ସୁଗ୍ରୀ ସେନା ମିଳିଲେ, ସେ କାଳରେ ॥ ୨୨

ବେଗେ କରିଛନ୍ତି ରଘୁସାଇଁ          ସର୍ବେ ଲୋଟନ୍ତି ଚରଣେ ଯାଇ ।
ଦେଖି ଶ୍ରୀରାମ ଉଠ ଉଠ ବୋଲନ୍ତି,
ସର୍ବ କୁଶଳ ତ ତୋମାସାଇଁ, ହେ ମଇଦ ॥ ୨୩

ବଳାମ୍ଭ କମ୍ପା କଲ ମଇନ୍ତ      କେବେ ଦେବ ଜନେକ ଦୁହିତ ।
ପ୍ରିୟବନ୍ତୀ ଅସୁର ଘରେ ରହିଲ,
ତାହା ବିହୁନେ ମୋ ଜୀବ ବ୍ୟର୍ଥ ହେ, ମଇନ୍ତ ॥ ୨୪

ସୁଗ୍ରୀ ବୋଲେ ଶୁଣ ରଘୁବୀର      ମୋର ଦୋଷମାନ କ୍ଷମା କର ।
ଦାସ ମୁଁ ତୁମ୍ଭର ନ କରିବ କ୍ରୋଧ,
ନିଶ୍ଚେ ସୀତା ଆଣିମି ତୁମ୍ଭର ହେ, ଶ୍ରୀ ଦେବ ॥ ୨୫

ଶୁଣି ଶ୍ରୀରାମ ସନ୍ତୋଷ ହେଲେ      ହନୁ ଅଙ୍ଗଦ କମ୍ପା ନଇଲେ ।
କାଲି ସୈନ୍ୟ ଘେନି ଆସିବେ ସରବେ,
ଏ ସମସ୍ତେ ଲକ୍ଷ୍ମଣ କହିଲେ ସେ, ରାମଙ୍କୁ ॥ ୨୬

ଦେବ ସୁଗ୍ରୀ ଧାର୍ମିକ ଅଟଇ      ଅଙ୍ଗଦ ସୈନ୍ୟ ଆଣିଲ ଯାଇ ।
ଅପ୍ରମିତ ସୈନ୍ୟ କଳନା ନ ଯାଇ,
ଶୁଣି ତୋଷେ କହି ରଘୁସାଇଁ ହେ, ମଇନ୍ତ ॥ ୨୭

ସୈନ୍ୟ ସେନା ନଇଲେ କମ୍ପାଇଁ      ଶୁଣି ସୁଗ୍ରୀ କର ଯୋଡ଼ି କହି
ଏହିକ୍ଷଣି ସୈନ୍ୟ ଆସିବେ ଶ୍ରୀ ଦେବ,
ରଘୁନାଥ ଦାସ ରାମ ଧ୍ୟାୟି ହେ, ସୁଜନେ ॥ ୨୮

●

ରାଗ— **ମଙ୍ଗଳଗୁଜ୍ଜରୀ**

ଏଥୁଅନ୍ତେ ସୈନ୍ୟ ଘେନି ହନୁ ବାଳୀସୁତ ।
ଆସନ୍ତେ ବନ ପର୍ବତ ସର୍ବେ ହୋନ୍ତି ହତ ଯେ ॥୧

ସିନ୍ଧୁ ଗର୍ଜନ ପରାୟେ ମୁଖର ଚହଲ ।
ଶୁଣି ଶ୍ରୀରାମ କହନ୍ତି ମିନ୍ତ ଏକ ଗୋଳ ଯେ ॥୨

ସୁଗ୍ରୀ ବୋଲେ ସୈନ୍ୟ ଆସୁଛନ୍ତି ରଘୁଶିଷ ।
ଶୁଣିଣ ଗୃହିଲେ ରାମଚନ୍ଦ୍ର ବୋଲି କସ ଯେ ॥୩

କ୍ଷେପି ଆସନ୍ତି ବାନର ସୈନ୍ୟ ଗିରି ପୁର ।
କଳା ଧଳା ରଙ୍ଗବର୍ଣ୍ଣ ଦଶି ରୁକ୍ଷ ହର ଯେ ॥୪

ନୀଳ ଧୂସର ହରିତ ବସନ୍ତ କାହାର ।
ଏହା ଦେଖି ଆନନ୍ଦ ହୋଇଲେ ରଘୁବୀର ଯେ ॥୫

ଯମୁନା ସୁର-ସରିତ ସରସ୍ୱତୀ ମିଶି ।
ବହିଲା ପରାୟେ କପି ସୈନ୍ୟ ଶୋଭା ଦିଶି ଯେ ॥୬

ମାଲ୍ୟବନ୍ତ ନିକଟେ ହୋଇଲେ ସୈନ୍ୟ ଯାଇ ।
ହନୁମନ୍ତ ମୁଖ ଚାହିଁ ଅଙ୍ଗଦ କହଇ ଯେ ॥୭

ଥାଅ ରୁହାଇଣ ଆମ୍ଭେ ଆଗ ହୋଇ ଯିବା ।
ଶ୍ରୀରାମ ଛାମୁରେ ସୈନ୍ୟ ଆସିବା କହିବା ଯେ ॥୮

ସୈନ୍ୟ ରୁହାଇ ଶ୍ରୀରାମ ଛାମୁରେ ମିଳିଲେ ।
ପାଦେ ପଡ଼ି ଉଠି କର ଯୋଡ଼ିଣ ରହିଲେ ଯେ ॥୯

ଆଜ୍ଞା ହେବ ଯେତେବେଳେ ଆସିବେ ସଇନ ।
ଶୁଣି ଶ୍ରୀରାମ ସନ୍ତୋଷେ ବୋଲନ୍ତି ବଚନ ଯେ ॥୧୦

ନିତ୍ୟକର୍ମ ସାରି ଆମ୍ଭେ ଭୁଞ୍ଜୁ ଫଳମୂଳ ।
ତେତେବେଳେ ଦେଖା ଆସି ହେବ କପିବଳ ଯେ ॥୧୧

ଶୁଣି ସୁଗ୍ରୀ ବୋଲେ ଦେବ ଏ ତୋହର ଭାଇ ।
ତୁମ୍ଭଙ୍କୁ ଛାଡ଼ିଲା ଦିନୁ ଆହାର ନଖାଇ ଯେ ॥୧୨

ସେହି ଉପକାରେ ଛନ୍ତି ତୁମ୍ଭେ ଅଛ ରହି ।
ସାଧୁ ତୁମ୍ଭର ମହିମା ଅଟ ବେଦନାଶଇ ଯେ ॥୧୪

ମୋହର ଜ୍ୟେଷ୍ଠ ଭାଇ ଅଟଇ ବାଳୀ ବୀର ।
ପ୍ରାଣ ଘେନିମ ବୋଲି କରିଥିଲା ବଗ୍ରର ଯେ ॥୧୫

ହସିଣ ବୋଲନ୍ତି ରାମ ଶୁଣ ରୋମାସାଇଁ ।
ଯେ ଯାହା ସୋଦର ତାକୁ ବ୍ୟଥା ହିଁ ଲାଗଇ ଯେ ॥ ୧୬

ତୁମ୍ଭ ଦୁଇ ଭାଇଙ୍କର ପିତା ଭିନ୍ନ-ଭିନ୍ନ ।
ଏକଇ ଚରୁରୁ ଆମ୍ଭେ ଚାରିହେଁ ଜନମ ଯେ ॥୧୭

ସୁଗ୍ରୀବଙ୍କୁ କହିଣ ଲକ୍ଷ୍ମଣ ରଘୁସାଇଁ ।
ନିତ୍ୟକର୍ମ ମାନଙ୍କୁ ସାରିଲେ ବେଗ ହୋଇ ଯେ ॥୧୮

ଫଳମୂଳ ବେନିଭାଇ କଲେକ ଭୋଜନ ।
ଅଷ୍ଟ ସେନାଙ୍କୁ ଘେନିଣ ବିଜେ ରଘୁବୀର ଯେ ॥୧୯

ମୃଗଛାଲ ପରେ ବସି ଧରି ଧନୁର୍ବାଣ ।
ସୈନ୍ୟ ଆସନ୍ତୁ ବୋଲିଣ କହିଲେ ଶ୍ରୀରାମ ଯେ ॥୨୦

ହନୁମନ୍ତ ଅଙ୍ଗଦ ସୈନ୍ୟଙ୍କୁ ଆଣ ଯାଇ ।
ସେନାପତି ମାନଙ୍କୁ ଚିହ୍ନାନ୍ତୁ ରମାସାଇଁ ଯେ ॥ ୨୧

ଜମ୍ବେବ ମନ୍ତ୍ରୀ ଏମାନ ପାର୍ଶ୍ୱିରେ ଲିହିବେ ।
ଧୀରେ ଆସି ଦେଖା ଦେବେ ମାଡ଼ି ନ ପଡ଼ିବେ ଯେ ॥୨୨

ଶୁଣିଣ ହନୁ ଅଙ୍ଗଦ ଆଠ ଅଣାଇଲେ ।
ସେନାପତି ନାମ ମାନ ଶ୍ରୀରାମ ପୁଚ୍ଛିଲେ ଯେ ॥୨୩

ଶ୍ରୀରାମଙ୍କୁ ଦର୍ଶନ କରିବେ ବୋଲି ଧାଇଁ ।
ତୀର୍ଥଜଳ ଫଳ ପୁଷ୍ପ ଧରି ଦେଖା ହୋଇ ଯେ ॥ ୨୪

ଜଣେ ଜଣେ ଚିହ୍ନାଇଣ କହେ ରମାକାନ୍ତ ।
ଭୋ ଦେବ ଏହାର ନାମ ଅଟଇ ବସନ୍ତ ହେ ॥୨୫

ଗବୟ ଗବାକ୍ଷ ଯେହୁ ଅଟଇ ଚନ୍ଦନ ।
କୁନ୍ଦନ ଅଟନ୍ତି ଯେହୁ ଗନ୍ଧମାଦନ ଯେ ॥ ୨୬

ପନସ ପନଶୀଲ ଯେ ଅଟନ୍ତି ଦୃଢବନ୍ଧ ।
ତାଳମ୍ବ କାଞ୍ଚନ ଯେହୁ ଅଟଇ ମହେନ୍ଦ୍ର ହେ ॥ ୨୭

ସାରାକ୍ଷ ଦାରାକ୍ଷ ଯେହୁ ଅଟଇ ଶଉର ।
ବିବଧ କୁମୁଦ କାଳାଞ୍ଜନ ଯେ କେଶରୀ ହେ ॥୨୮

ତାରାପୀଠ ରମାପିତା ଶତବାଳୀ ଯେହି ।
ଦଧିମୁଖ ଧୂମ୍ରାକ୍ଷ ଏ ରମଣ ଗୋସାଇଁ ହେ ॥୨୯

ଶରସେତୁ ଭାରାକ୍ଷ ଏ ଅଟଇ ପବନ ।
ଆଉ ଦେଖ ଆସୁଛନ୍ତି ଅପ୍ରମିତ ସୈନ୍ୟ ହେ ।।୩୦

ଶେଷ ଦେବ ଏହାଙ୍କ ବଳ କଳନା ନ ଯାଇ ।
ବଗୁଣିଲେ ପୃଥ୍ୱୀକି ପାରନ୍ତି ସେହୁ କହି ଯେ ।।୩୧

ଶୁଣିଣ ଶ୍ରୀରାମଚନ୍ଦ୍ର ଆନନ୍ଦ ହୋଇଲେ ।
ଉଠିଣ ଶ୍ରୀରାମ ସୁଗ୍ରୀବଙ୍କୁ କୋଳ କଲେ ଯେ ।।୩୨

ଆହେ ମିତ୍ର ଯେବେ ସୀତା ଆଣି ଦେବ ମୋର ।
ତାହାଲି କହୁନେ ମୋର ଜୀବନ ଅସ୍ଥିର ହେ ।। ୩୩

ଶୁଣି ବେନିକର ଯୋଡ଼ି ବୋଲେ ସୁଗ୍ରୀବର ।
ଆଣିଦେବି କଷ୍ଟେ ସୀତା ଚିନ୍ତା ଛାଡ଼ି ବୀର ହେ ।।୩୪

ଶୁଣିଣ ଶ୍ରୀରାମଚନ୍ଦ୍ର ଅନନ୍ଦ ହୋଇଲେ ।
ସବୁ ସୈନ୍ୟ ବେଲବନେ ରହ ଆଜ୍ଞା ଦେଲେ ସେ ।।୩୫

ସମସ୍ତ ସୈନ୍ୟ ରହିଲେ ବେଲବନେ ପୁଣ ।
ରଘୁନାଥ ଦାସ ବୋଲେ ଭବୁ ହେବ ପାର ହେ ।। ୩୬

●

## ରାଗ—ଚକ୍ରାକେଦାର

କରଯୋଡ଼ି ସୁଗ୍ରୀବ ବୋଲନ୍ତି    ଶୁଣ ଶୁଣ ଆହେ ରଘୁପତି
କି ବିଚାର ଏବେ କରୁଛ ଶେଷ ଦେବ,
ସୈନ୍ୟ ଆସି ରହିଲେକ କତ, ହେ ଶ୍ରୀରାମ ।। ୧

ଶୁଣିଣ ବୋଲନ୍ତି ରଘୁବର    ମିତ୍ର ଶୁଣ ମୋହର ଉତ୍ତର
ଚାରି ଦିଗକୁ ଯେବେ ଦୂତ ପେଷିବା,
କେଉଁ ଦିଗେ ଅଛି ପ୍ରିୟା ମୋର, ହେ ମଇତ ।। ୨

କେଉଁ ଦେଶେ ରାବଣର ଘର    ତା' ନାମେ ଛନ୍ତି କେତେ ଅସୁର
ବନ୍ଧୁତ ସ୍ତ୍ରୀଙ୍କ ନାମ ଅଟେ ସୀତା,
ପ୍ରାଣେ ଅଛି କି ସଖୀ ମୋହର, ହେ ମଇତ ।। ୩

ଭଲେ ଯେବେ ଥିବ ବଇଦେହୀ    ଆଣ ଯେନାଇଣ ଯିବ ମୁହିଁ
ରାବଣକୁ ମାରି ସୀତାକୁ ଆଣିମି,
ଦୂତ ବେଗେ ପେଷ ରେମାପାଇଁ, ହେ ମଇତ ॥ ୪

ଶୁଣି ସୁଗ୍ରୀ ହରଷ ହୋଇଲେ    ସେନାପତିମାନଙ୍କୁ ଡାକିଲେ
ଦ୍ବିବିଦ ପନଶୀଳ ଦଧିମୁଖକୁ,
ଶରଭସେତୁକୁ ଡାକି କହିଲେ ସେ, ସୁଗ୍ରୀବ ॥ ୫

ଏହିକ୍ଷଣି ତୁମ୍ଭେମାନେ ଯିବ    ପୂର୍ବଦିଗେ ସୀତାଙ୍କୁ ଖୋଜିବ
ସ୍ୱୟଂ କମଳା ସେ ଜନକ ଦୁହିତା,
ମାସକରେ ବାର୍ତ୍ତା ଆଣି ଦେବ, ହେ ସେନାପ୍ତେ ॥ ୬

ଦ୍ବିବିଦକୁ ଚାହିଁ ରଘୁବର    କରେ ଦେଲେ ମନମଥ ଶର
ଏ ଶର ଦେଖିଲେ ପ୍ରିୟା ପ୍ରତେ ଯିବ,
ଖୋଜି ସୀତା ଆସିବ ସତ୍ୱର, ହେ ସେନାପ୍ତେ ॥ ୭

ଏଥୁ ଅନ୍ତେ ସୁଗ୍ରୀବର ଶାଳ    ଡାକିଲେ ଶତବାଳୀ ବୀରେ
ବୃଷଭ ଗବୟ ଗବାକ୍ଷ ଧୂମ୍ରାକ୍ଷ,
ତୁମ୍ଭେ ଉତ୍ତରକୁ ଯିବ ଚଳି, ହେ ସେନାପ୍ତେ ॥ ୮

ରାମ ଘରଣୀ ସୀତା ଖୋଜିବ    ମାସକେ ବାରତା ଆଣି ଦେବ
ଆଜ୍ଞା ଭ୍ରଷ୍ଟ ହେଲେ ଶିର ମୁଁ ଛେଦିବି,
ସୀତା ଥିବା ନଥିବା କହିବ, ହେ ସେନାପ୍ତେ ॥ ୯

ଶତବାଳୀକି ଶ୍ରୀରାମ ଡାକି    ଗରୁଡ଼ାଙ୍କ ନାରାଚ ଦେଇ
ସୀତାଙ୍କୁ ଦେଖିଲେ ଏ ଶରକୁ ଦେବୁ,
ତେବେ ପ୍ରତେ ହିବ ବଇଦେହୀ, ହେ ସେନାପ୍ତେ ॥ ୧୦

ପୁଣି ସୁଗ୍ରୀ ଡାକି ପବନଙ୍କୁ    କୁନ୍ଦ ସାରାକ୍ଷ କାଳିଞ୍ଜନଙ୍କୁ
ସୀତାଙ୍କୁ ତୁମ୍ଭେମାନେ ଯାଇ ଖୋଜିବ,
ଏହିକ୍ଷଣି ଯାଅ ପଶ୍ଚିମକୁ, ହେ ସେନାପ୍ତେ ॥ ୧୧

ସୀତା ବାର୍ତ୍ତା ମାସକେ ଆଣିମ    ପବନଙ୍କୁ ଚାହିଁଣ ଶ୍ରୀରାମ
ପବନାଶରକୁ ଦେଇଣ କହିଲେ,
ସୀତା ଏହା ଦେଖିଲେ ଛନ୍ଦିମ, ହେ ସେନାପ୍ତେ ॥ ୧୨

ଏଥୁ ଅନ୍ତେ ରାଜା ସୁଗ୍ରୀବର  ବେଗେ ରାଇ ଅଙ୍ଗଦ କୁମର
ଜାମ୍ବୁବ ହନୁ ଗନ୍ଧମାର୍ଦ୍ଦନ ନଳ,
ନୀଳ ସୁଷେଣ ତାରାକ୍ଷ ବୀର, ସେ ରାଇଲେ ॥ ୧୩

ତୁମ୍ଭେ ଦକ୍ଷିଣ ଦିଗକୁ ଯିବ  ଜାନକୀଙ୍କି ଯାଇଣ ଖୋଜିବ
ମାସକୁ ଅଧିକେ ଦିନେ ନ ବଳିବ,
ଆଜ୍ଞା ଭ୍ରଷ୍ଟ ହେଲେ ପ୍ରାଣ ଯିବ, ହେ ସେନାଯେ ॥ ୧୪

ଶ୍ରୀରାମ ହନୁମନ୍ତକୁ ରାଇ  ସୀତା ଅବଶ୍ୟ ଭେଟିବୁ ତୁହି
ନିଷ୍କଳଙ୍କ ଚନ୍ଦ୍ରମା ପ୍ରାୟେ ବଦନ,
ଡାଳିମ୍ବ ପୁଷ୍ପ ଅଧର ତୁହିଁ, ହେ ପାବନ ॥ ୧୫

କେଶ କୃଷ୍ଣ ଭ୍ରମର ତା ଜାଣି  ଉଲଟ କଦଳୀ ଯାନୁ ଜାଣି
ଅଣ୍ଟିର କୋକିଳ ପ୍ରାୟେ ସଖୀ ବାଣୀ,
କାହିଁ ଛାଡ଼ିଗଲା ମୋ ମିତଣୀ, ହେ ପାବନ ॥ ୧୬

କହିବ ହନୁ ପ୍ରିୟାକୁ ମୋର  ଚିତ୍ରକୂଟର ବନବିହାର
ଗେରୁ ଟିକା ଦେଇ ଯାଇଛେ ବାନରଙ୍କୁ,
ଦେଖି ସଖୀ କୋଳ କଲୁ ମୋର, ହେ ପାବନ ॥ ୧୭

ଆଉ କଥାଏ କହିବୁ ତୁହି  ମାଂସ ଶୁଖାନ୍ତେଣ ବଇଦେହି
କାକ ଝାମ୍ପ ଦିଅନ୍ତେ ସ୍ତନ ଓଷ୍ଠ ଛିଡ଼ି,
ଶ୍ରୁପଞ୍ଜରେ କାହ ବଇଦେହୀ, ହେ ପାବନ ॥ ୧୮

ପ୍ରତ୍ୟେ କେବେ ହନୁ ନୋହିବୁ  ଗୁପତରେ ସୀତାଙ୍କୁ ଦେଖିବୁ
ଅସୁର ତୁଲେ ପ୍ରୀତି ନୋହି ଆମ୍ଭଙ୍କ-
ଚିହ୍ନିଥିଲେ ଏମାନ କହିବୁ, ହେ ପାବନ ॥ ୧୯

କହି ହନୁ ହସ୍ତେ ମୁଦି ଦେଇ  ଯତ୍ନେ ବାନ୍ଧି ପାବନ ରଖଇ
ତ୍ରିଦିଗ ସେନାଙ୍କୁ ରାମ ବୋଲନ୍ତି,
ତୁମ୍ଭେ ଆସିବାକୁ ଅଛି ରହିଁ, ହେ ସେନାଯେ ॥ ୨୦
ରାମ ପାଦେ ପଡ଼ି ସର୍ବ ହୁତେ  ଯେ ଯାହା ଦିଗେ ଗଲେ ତୁରତେ
ରଘୁନାଥ ଦାସ ରାମ ଚନ୍ଦ୍ର ବୋଲେ,
ହୃତ ସେହି ରାମ ମାଲ୍ୟବନ୍ତେ ସେ, ରହିଣ ॥ ୨୧

## ରାଗ—ମଙ୍ଗଳଗୁଜ୍ଜରୀ

ଯେଥୁ ଅନ୍ତେ ଶୁଣ ଜନେ ଶ୍ରୀରାମ ଚରିତ ।
ଯେ ଯାହା ଦିଗକୁ ଦୂତେ ଚଳିଲେ ତୁରିତ ଯେ ॥ ୧

ସଚରାଚର ପୃଥ୍ୱୀକି ବୁଲିଣ ଲୋଡ଼ନ୍ତି ।
ପର୍ବତ କନ୍ଦରେ ପଶି ସୀତାଙ୍କୁ ଖୋଜନ୍ତି ଯେ ॥ ୨

ଶ୍ରୀରାମ ଘରଣୀଙ୍କି ସେ କାହିଁ ନ ଦେଖିଲେ ।
ଉତ୍ତର ଦିଗର ଦୂତ ବାହୁଡ଼ି ଅଇଲେ ଯେ ॥ ୩

ମାସକ ସମ୍ପୂର୍ଣ୍ଣେ ମାଲ୍ୟବନ୍ତରେ ହୁଅନ୍ତି ।
ଶ୍ରୀରାମ ଚରଣେ ପଡ଼ି ସମସ୍ତେ କହନ୍ତି ହେ ॥ ୪

ଶୁଣ ହେ ଶ୍ରୀ ଦେବ ସୀତା ଖୋଜି ଆମ୍ଭେ ଗଲୁ ।
ଶ୍ରୀହରି ପାଟଣା କାଉଁରୁ କାଶୀ ଦେଖିଲୁ ହେ ॥ ୫

ଯାଇଣ ଉଠିଲୁ ହେମବନ୍ତ ପର୍ବତରେ ।
ତହିଁରେ ବିଜୟ କରି ଅଛନ୍ତି ଶଙ୍କରେ ହେ ॥ ୬

ସେ ଦେବ ଆମ୍ଭଙ୍କୁ ପ୍ରସନ୍ନ ହୋଇଣ କହିଲେ ।
ଏଣେ ସୀତା ନାହିଁ ଯାଅ ବାହୁଡ଼ି ବୋଇଲେ ହେ ॥ ୭

ଏହା ଜାଣିଲେ କୋପ କରିବେ ସୁରଗଣ ।
ଏହା ଶୁଣି ବାହୁଡ଼ି ଅଇଲୁ ତତକ୍ଷଣ ହେ ॥ ୮

କେଉଁଠାରେ ନ ଦେଖିଲୁ ଘରଣୀ ତୁମ୍ଭର ।
ଏହା ଶୁଣି ବିସ୍ମୟ ହୋଇ ରଘୁବୀର ହେ ॥ ୯

ଯେସନ ସମୟେ ଆସି ପଶ୍ଚିମର ଦୂତ ।
ଯାଇଣ ଦର୍ଶନ କଲେ ଶ୍ରୀରାମ ପଦୁରୁ ଯେ ॥ ୧୦

ଶିରେ କର ଦେଇଣ ସେ କହନ୍ତି ବାରତା ।
ହେ ରଘୁନନ୍ଦନ କାହିଁ ନ ଦେଖିଲୁ ସୀତା ହେ ॥ ୧୧

ଯମୁନା କୂଳେ ନ ଦେଖି ବଦରିକା ଗଲୁ ।
ତହିଁ ସୀତାଙ୍କୁ ନ ଦେଖି ବନସ୍ତେ ଚଳିଲୁ ହେ ॥ ୧୨

ପଶ୍ଚିମ ସମୁଦ୍ର କୂଳେ ମିଳିଲୁ ଗୋସାଇଁ ।
ତେଣେ ଦେଖିଲୁ ନଗ୍ର ପାଟଣା ଆଉ ନାହିଁ ହେ ॥ ୧୩

ସାହେର କୂଳରେ ଏକ ଯତି ବସିଅଛି ।
କାହାକୁ ନ ଦେଖି ଆମ୍ଭେ ତାଙ୍କୁ ଯାଇ ପୁଚ୍ଛି ହେ ॥ ୧୪

ସେ ମୁନି ବୋଇଲେ ଏଣେ ନାହିଁ ବଇଦେହି ।
ଏହାଶୁଣି ବାହୁଡ଼ି ଅଇଲୁ ରଘୁସାଇଁ ହେ ॥ ୧୫

ଶୁଣିଣ ଶ୍ରୀରାମଚନ୍ଦ୍ର ବିରସ ହୋଇଲେ ।
ଏଥୁଅନ୍ତେ ପୂର୍ବ ଦୂତେ ଆସିଣ ମିଳିଲେ ସେ ॥ ୧୬

ପାଦ୍ୟେ ପଡ଼ି ଉଠି କର ଯୋଡ଼ିଣ କହନ୍ତି ।
କେଉଁଠାରେ ନ ଦେଖିଲୁ ତୁମ୍ଭ ପ୍ରିୟବନ୍ତୀ ହେ ॥ ୧୭

ପଞ୍ଚଧାରା ପର୍ବତ ଯେ ପଦ୍ମନାଭ ଗିରି ।
ସବୁ ଥାନ ଖୋଜିଗଲୁ ଆମ୍ଭେ ଗୃପଧାରୀ ହେ ॥ ୧୮

ଲୋକନାଥ ଦେବତା ଯେ ପାରେଶ୍ୱର ଜାଣ ।
ବୈତରଣୀ ତୀର୍ଥକୁ ଦେଖିଲୁ ରାମସ୍ମଣ ॥ ୧୯

ଚନ୍ଦ୍ରଭାଗା ତୀର୍ଥ ଦେଖି ନୀଳଗିରି ଗଲୁ ।
କଳ୍ପବୃକ୍ଷେ ଉଠି ପୂର୍ବ ଦିଗକୁ ଚାହିଁଲୁ ହେ ॥ ୨୦

କଣ୍ଟକ ବନ ଆଚ୍ଛାଦି ଅଛି ଯେ ଗଗନ ।
କିଛି ନ ଦିଶଇ ତହିଁ ଦିଶେ ମହାଶୂନ୍ୟ ହେ ॥ ୨୧

ବାହୁଡ଼ି ଅଇଲୁ ଦେବ ନ ଦେଖିଣ ସୀତା ।
ଏହାଶୁଣି ଆଶ୍ଚର୍ଯ୍ୟ ହୋଇଲେ ଜଗତ୍ପିତା ଯେ ॥ ୨୨

ସୁଗ୍ରୀବକୁ ଚାହିଁଣ ବୋଲନ୍ତି ରଘୁବୀର ।
କମ୍ପାଇ ନଇଲେ ମିତ୍ର ଦକ୍ଷିଣର ଗୃର ହେ ॥ ୨୩

ମୋହର ମନରେ ଆଶ୍ୱାସଇ ଯେ ଯେସନ ।
ନିଶ୍ଚେ କାର୍ଯ୍ୟ କରିବେ ଦକ୍ଷିଣ ଦୂତମାନ ହେ ॥ ୨୪

ଦୂତ ଯିବା ଠାରେ ବିଳମ୍ବ ହୋଇଲେ ମିତ୍ର ।
ଅବଶ୍ୟ କାର୍ଯ୍ୟ ହୁଅଇ ଜାଣ ହେ ତୁରିତ ହେ ॥ ୨୫

ସୁଗ୍ରୀ ବୋଲନ୍ତ ଅଟ ସର୍ବଙ୍କ ଶିରୋକଣି ।
ଯେ କାର୍ଯ୍ୟ ହୋଇବ ତୁମ୍ଭେ ତାହା ଅଛ ଜାଣି ହେ ॥ ୨୬

ଏତେ କହି ତୁନି ହେଲେ କପିକୁଳ ଈଶ ।
ଶ୍ରୀରାମ ଚରଣେ ଭଜେ ରଘୁନାଥ ଦାସ ଯେ ॥ ୨୭

●

ରାଗ— **ମୁଖାରୀ**

ଏଥୁ ଅନନ୍ତରେ ଦକ୍ଷିଣ ଦୂତେ ।
ମିଳିଲେ ଯାଇ ସେ ଘୋର ବନସ୍ତେ ।
ସୀତାଙ୍କୁ ଲୋଡ଼ନ୍ତି ତହିଁରେ ଯାଇ । ଭୋଜନେ ଶୟନେ ଧାରଧା ନାହିଁ ॥ ୧

ଖୋଜି ମହଲାର କାଶୀ ଯେ କର୍ଣ୍ଣାଟ ।
ଏ ନଗ୍ର ବୁଲି ଗଲେ ଗୁର୍ଜ୍ଜରାଷ୍ଟ୍ର ।
ନଗର ପାଟଣା ଖୋଜିଲେ ସୀମା । କାହିଁ ନ ଦେଖିଲେ ଶ୍ରୀରାମ ବାମା ॥ ୨

ବନଗିରି ପର୍ବତରେ ଲୋଡ଼ନ୍ତି ।
ଝାଡ଼ ବାଡ଼ ଖଣା ବୁଲି ଖୋଜନ୍ତି ।
ଯାଆନ୍ତେ ଦେଖିଲେ ଏକ ଅସୁର । ବିକଟ ବଦନ ସେ ଭୟଙ୍କର ॥ ୩

ଏହାଙ୍କୁ ଦେଖି ସେ ଧାଇଁ ଆସିଲା ।
କ୍ଷୁଧାଭରେ ସେ ଖାଇତେ ଲୋଡ଼ିଲା ।
ଦେଖିଣ ହନୁ ଧରିଣ ତା ବାଳ । ବଧାନ୍ତେ ମାଇଲା ବାଳୀ ଦୁଲାଳ ॥ ୪

ଜାମ୍ବବ ଟିଙ୍କି ଥୋକେ ଦୂର ନେଲେ ।
ତାରାକ୍ଷ ନଳ ନୀଳ ହିଁ ମାଇଲେ ।
ସୁଷେଣ ଗନ୍ଧ ମାରଦନ ବେନି । ଦଇତକୁ ମାଇଲେ ପାଦ ଯେନି ॥ ୫

ମୁଖରୁ ରୁଧିର ହେଲା ବାହାର ।
ପ୍ରାଣ ଛାଡ଼ି ପଡ଼ିଲା ସେ ଅସୁର ।
ଦନୁଜ ସଂହାରି ତହୁଁ ଗଲେ । ବିନ୍ଧ୍ୟଗିରି ଶିଖେ ଯାଇ ଉଠିଲେ ॥ ୬

ବୁଲିଣ ଖୋଜନ୍ତି ସେ ଚଉକତି ।
କାହିଁ ନ ଦେଖିଲେ ରାମ ଯୁବତୀ ।
ନ ଦେଖିଣ ମନେ ବିସ୍ମୟ ହୋଇ । ଦେଖିଲେ ବିବର ତହିଁ ଅଛଇ ॥ ୭

ଦେଖି ସେନାଏ ବିଚାର କରନ୍ତି ।
ଜାମ୍ବବ ମୁଖକୁ ଚାହିଁ ବୋଲନ୍ତି ।
ପଶିଣ ଚାଲ ହେ ଦେଖିବା ଯାଇ । ଶୁଣି ଜାମ୍ବବ ଆଗୁସାର ହୋଇ ।।୮

ସାତ ସେନାଏ ତାଙ୍କ ସଙ୍ଗେ ଗଲେ ।
ବିମ୍ବର ଭିତରେ ଯାଇ ପଶିଲେ ।
ଅନ୍ଧାରେ ତାଙ୍କୁ ନ ଦିଶଇ ପଥ । ଏକୁ ଆରେକ ଧରାଧରି ହାତ ।। ୯

ଯାଇ ଦେଖିଲେ ଅପୂର୍ବ ନଗର ।
ସ୍ୱର୍ଗପୁର ପ୍ରାଏ ଦିଶେ ସୁନ୍ଦର ।
ଦେଖିଣ ସରବେ ମନେ ବିଚାରି । ଏ ପୁର କରିଛି କି ଦଶଶିରୀ ।। ୧୦

ଜାନକୀ ଦେଖିବା ସ୍ନେହେ ନିଶ୍ଚିତ ।
ଏତେ ବୋଲି ତହିଁ ଗଲେ ତୁରିତ ।
ଦେଖିଲେ ବସିଅଛି ଏକ ସଖୀ । ବିଚାରନ୍ତି ମନେ ଏକ ଜାନକୀ ।। ୧୧

ଏହା ବିଚାରି ତା ପାଶକୁ ଗଲେ ।
ଏ ପୁର କାହାର ବୋଲି ପୁଚ୍ଛିଲେ ।
ତୁମ୍ଭର ବିନୁ ଯେ ନା ଦେଖୁ ଆନ । ତୁ ଗୋ ସୁନ୍ଦରୀ କେ କହ ବଚନ ।। ୧୨

ଶୁଣି ସେ ବୋଇଲା ଶୁଣ ହେ କପି !
ଏ ପୁଣ୍ୟ ଥାନ ନ ଦେଖନ୍ତି ପାପୀ ।
କେବଣ ଦେଶରୁ ତୁମ୍ଭେ ଆଇଲ । ଏ ଭୁବନ କେମନ୍ତେ ଠାବ କଲ ।।୧୩

ଶୁଣି ଅଙ୍ଗଦ କହଇ ଉତ୍ତର ।
ଦଶରଥ ଅଯୋଧ୍ୟା ନୃପବର ।
ତାହାଙ୍କ ଚାରି କୁମରଙ୍କ ନାମ । ରାମ ଭରଥ ଲକ୍ଷ୍ମଣ ଶତ୍ରୁଘନ ।। ୧୪

ଶ୍ରୀରାମଙ୍କୁ ରାଜ୍ୟ ଦିଅର ହେଲେ ।
ଭରଥମାତା ସତ୍ୟ କରି ମାଗିଲେ ।
ଅରଣ୍ୟକୁ ଯିବ ରାମ କୁମର । ଅଯୋଧ୍ୟା ରାଜା ହେବ ଭରଥବୀର ।। ୧୫

ସୀତା ଲକ୍ଷ୍ମଣଙ୍କୁ ଘେନି ସଙ୍ଗର ।
ବନରେ ବାସ କଲେ ରଘୁବୀର ।
କେ ନେଲା ସୀତା ଦେବୀଙ୍କୁ ତାଙ୍କର । ମଇତ୍ର ହେଲେ ସୁଗ୍ରୀବ ସଙ୍ଗର ।।୧୬

ମଇଷ ଛଳେ ବାଳୀକି ମାଇଲେ ।
ମାଲ୍ୟବନ୍ତ ଗିରେ ବସା ରଞ୍ଚିଲେ ।
ସୁଗ୍ରୀବର ସୈନ୍ୟ ଘେନ ଆସିଲେ । ଚଉଦିଗକୁ ଦୂତ ବରଗିଲେ ॥ ୧୭

ଦକ୍ଷିଣ ଦିଗକୁ ଆମ୍ଭେ ଅଇଲୁ ।
କାହିଁ ସୀତାଙ୍କୁ ଖୋଜି ନ ପାଇଲୁ ।
ପଶିଗଲୁ ଯେଥେ ନ ଜାଣି ବାଟ । ଏବେ ପଡ଼ିଲା ଆମ୍ଭଙ୍କୁ ସଙ୍କଟ ॥ ୧୮

ବାଟ କହ କେଉଁ କଥକ ଠିବୁ ।
ନ କହିଲେ ଅଗ୍ନି ଜାଳି ମରିବୁ ।
ସୁନ୍ଦରୀ ଶୁଣିଣ ବୋଲେ ବଚନ । ଏଥେ ଆସନ୍ତା ନାହିଁ ଆନ ଜନ ॥ ୧୯

ଶ୍ରୀରାମ ଦୂତ ଯେ ବୋଲି ବୋଇଲ ।
ଏ ବେଳକ ତୁମ୍ଭେ ପ୍ରାଣ ପାଇଲ ।
ସର୍ବେ ନୟନ ବୁଜି ଉଭା ହୁଅ । ମୋ ତପୋବଳେ ପାରହୋଇ ଯାଅ ॥୨୦

ଶୁଣି ନୟନ ବୁଜି ଅଷ୍ଟବୀର ।
ତକ୍ଷଣେ ବିମ୍ବରୁ ହେଲେ ବାହାର ।
ସାଗର କୂଳେ ଯାଇଣ ହୋଇଲେ । ରଘୁନାଥ ଦାସ ରାମ ଧାଇଲେ ॥ ୨୧

●

ରାଗ—**ବଙ୍ଗାଳଶ୍ରୀ**

ଏଥୁ ଅନନ୍ତରେ ଶ୍ରୀରାମଙ୍କ ଦୂତ
ସିନ୍ଧୁ କୂଳରେ ମିଳିଲେ ।
ଶରଦ ଋତୁରେ ରାଜା ପେଷିଥିଲେ
ବସନ୍ତ ଏବେ ହୋଇଲେ ॥ ୧

ଅଙ୍ଗଦ ଅଙ୍ଗୁଳି ଗେଣି ଲେଖିଲେ
ପାଞ୍ଚମାସ ଆସି ହେଲା ।
ମହାଚିନ୍ତା କରି ମନରେ ବିଚାରେ
ମରଣ କଷ୍ଟେ ହୋଇଲା ॥ ୨

ଆସିବା ବେଳେ      ସୁଗ୍ରୀବ କହିଥିଲେ
ମାସକେ ବାରତା ଦେବ ।
ଏବେ ପାଞ୍ଚମାସ      ଆସିଣ ହୋଇଲା
ମୋତେ କଷ୍ଟନ୍ତୁ ମାରିବ ॥ ୩

ମୁହିଁ ମଲି ବୋଲି      ଯାଇଣ କହିଲେ
ତୁମ୍ଭ ଦୋଷ ଉପେକ୍ଷିବେ ।
ଆମ୍ଭେବ ବୋଇଲେ      ଶୁଣ ହେ ଅଙ୍ଗଦ
ଝମ୍ପରେ ପଶିବା ସର୍ବେ ॥ ୪

ସୁଗ୍ରୀବ ପାଶକୁ      କେମନ୍ତେ ଯିବା ଆମ୍ଭେ
କି ବୋଲିବେ ରଘୁସାଇଁ ।
ବରଷ ନ ସରୁ      ପେଷିଲେ ଲକ୍ଷ୍ମଣ
ସଇନ ଆଣିବା ପାଇଁ ॥ ୫

ସୀତା ନ ପାଇ      ଆତୁର ହୋଇଥିଲେ
ହେଲା ଆସି ଏତେ ଦିନ ।
ତୁ କିମ୍ପା ଅଙ୍ଗଦ      ମରିବୁ ବୋଲୁଛୁ
ସମସ୍ତେ ହାରିବା ପ୍ରାଣ ॥ ୬

ଏ ବଚନ ଶୁଣି      ହନୁମାନ ବୋଲେ
ଶୁଣ ହେ ବାଳୀନନ୍ଦନ ।
ତୋତେ ଯେବେ ଏଥେ      ଛାଡ଼ି ଯିବୁ ଆମ୍ଭେ
ଲକ୍ଷ୍ମଣ ନେବେ ଜୀବନ ॥ ୭

ବୋଲିବେ ସୁଗ୍ରୀବ      କପଟେ ପେଷିଲି
ଅଙ୍ଗଦକୁ ମାରିବାକୁ ।
ତୁମ୍ଭେ ତାକୁ ମାରି      ଆସିଛ ଏଥକୁ
ନ ଆଣିଣ ସନ୍ଦେଶକୁ ॥ ୮

ତୁ ଯାଇ ଅଙ୍ଗଦ      କହ ସୁଗ୍ରୀ ପାଶେ
ସୀତା ନ ପାଇଲୁ ବୋଲି ।
ବୁଲି ବୁଲିଣ ସେ      ଯାତ ବାରେ ମଲେ
ମୋହ ଭାଗ୍ୟେ ମୁଁ ଅଇଲି ॥ ୯

ଏହା ବୋଇଲେ ଯୁ କିଛୁ ନ ବୋଲନ୍ତେ
ଶୁଣି ସୁଗ୍ରୀବ ରାଜନ ।
ତୁମ୍ଭ ବଞ୍ଚିଥିଲେ କୁଳ ରକ୍ଷା ହେବ
ଯୁ ବାବୁ ବାଳୀନନ୍ଦନ ॥ ୧୦

ଅଙ୍ଗଦ ବୋଲଇ ସୁଗ୍ରୀବର କଥା
ନ ଜାଣୁ କି ହନୁ ତୁମ୍ଭ ।
କଷ୍ଟେ ପ୍ରାଣ ଏଥେ ହରାଇବି ମୁହିଁ
ବୋଲି କୁଶ ପାରି ଶୋଇ ॥ ୧୧

**ସେନାଙ୍କ ଶୋକ—**

ସାତ ସେନାପତି ତାଙ୍କୁ ବେଢ଼ିଣ ରୋଦନ୍ତି ।
କିଷ୍କିନ୍ଧାରେ ଯୁବରାଜ କଲେ ରଘୁପତି ॥

ତୋତେ ଛାଡ଼ି ଦେଇ କାହିଁ କମ୍ପା ଆମ୍ଭେ ଯିବୁ ॥
କଷ୍ଟମ୍ଭେ ତୋହର ସଙ୍ଗେ ପ୍ରାଣ ହରାଇବୁ ॥

ଏତେ ବୋଲିଣ ସେ ଶୋକେ ସାତ ସେନାପତି ।
କୁଶ ପାରି ଶୋଇଲେ ଅଙ୍ଗଦ ଚଉକତି ॥

ଫଳମୂଳ ଆହାର ଛାଡ଼ି ମରିବୁ,
ବୋଲି ମନେ ବିଚାରିଲେ ॥
ଧନ ହରିବାକୁ ଶ୍ରୀରାମ ଚରିତ,
କୁହାକୁହି ତହୁଁ ହେଲେ ॥ ୧୨

ଋଷ୍ୟଶୃଙ୍ଗ ଠାରୁ ହେବାର ବ୍ୟବସ୍ଥା,
ଧନୁ ଭାଙ୍ଗିବା ଚରିତ ॥
ସୀତା ବିଭା ହେବା ବନବାସ କଥା,
ଶୂର୍ପଣଖା ନାସା ହତ ॥ ୧୩

ଖର ଦୂଷଣ ତ୍ରିଶିରାର ମରଣ,
ରାବଣ ସୀତା ନେବାର ॥
ପକ୍ଷୀଜଟା ନାଶ କବନ୍ଧର ଭେଟ,
ମିତ୍ର ହେବା ସୁଗ୍ରୀବର ॥ ୧୪

ବାଲୀକି ମାରଣ ମାଲ୍ୟବନ୍ତେ ରାମ,
ସୁଗ୍ରୀବରେ ଦୂତ ପେଷି ।
ଏତେ ବୋଲି ରାମ ନାମକୁ ଭଜିଲେ,
ରଘୁନାଥ ଦାସ ଭାଷି ॥ ୧୫

ରାଗ—**ଚକ୍ରାକେଦାର**

ଗିରିଶିଖେ ସମ୍ପାତି ଶୁଣିଲା   ବହୁରଇ ଆହାର ମିଳିଲା ।
ଭ୍ରାତ ହତ ଶୁଣି ପୁଣ ମନେ ଗୁଣି,
ତାଙ୍କ ନିକଟେ ଯାଇ ମିଳିଲା, ସେ ସମ୍ପାତି ॥ ୧

ଘରୁରଇ କି ବହୁର କର   ଆଜ ହୋଇବ ମୋର ଆହାର ।
କାହୁଁ ଅଇଲ କାହାର ଦୂତ ତୁମ୍ଭେ,
କେହ୍ନୁ ମନ୍ତ କାହା କାର୍ଯ୍ୟ କର, ହେ କପିସ୍ୱେ ॥ ୨

ହନୁ କହେ ଆମ୍ଭେ ରାମ ଦୂତ   ସୀତା ହରିନେଲା କେଉଁ ଦୈତ୍ୟ
ଜଟାୟୁ ତା ସଙ୍ଗେ ଯୁଝି ପ୍ରାଣ ଦେଲା,
ସେହୁ କଥା ଅଟଇ ଯଥାର୍ଥ, ହେ ମହାତ୍ମା ॥ ୩

ସୀତା ଖୋଜି ଆସି ଆଠଜଣ   ନ ପାଇଣ ହରାଉଛୁ ପ୍ରାଣ ।
ଭ୍ରମି ଭ୍ରମି ଆସି ଏ ସ୍ଥାନେ ହୋଇଲୁ,
ତୁମ୍ଭେ କେ ତାହା କହ ପ୍ରମାଣ, ହେ ମହାତ୍ମା ॥ ୪

ଶୁଣି ସମ୍ପାତି କହେ ଇକତ   ଜଟାୟୁର ମୁହିଁ ଜ୍ୟେଷ୍ଠଭ୍ରାତ ।
ରବି ତେଜ ଲାଗି ଡେଣା ମୋର ନାହିଁ,
ମୋତେ ସ୍ନାନ କରାଅ ତୁରିତ, ହେ କପିସ୍ୱେ ॥ ୫

ମନରୁ ସର୍ବେ ବିଷାଦ ତେଜ   କରିବ ନିଶ୍ଚେ ଶ୍ରୀରାମ କାର୍ଯ୍ୟ ।
ରାବଣ ଲଙ୍କା ଗଡ଼କୁ ସୀତା ନେଲା,
ଏଥୁ ରୁହିଁଲେ ହାରିବ ଧ୍ୱଜ, ହେ କପିସ୍ୱେ ॥ ୬

ପକ୍ଷୀ ନାହିଁ ଉଡ଼ିବ କେସନ   ସୀତା ଅଛି ଅଶୋକ ବପିନ ।
ଏହା ଶୁଣି କପିମାନେ ତାଙ୍କୁ ନେଇ,
ସିନ୍ଧୁ ଜଳେ କରାଇଲେ ସ୍ନାନ, ସେ ସମ୍ପାତି ॥ ୭

ରାମଦୂତ ଛୁଅନ୍ତେ ନସ୍ତାର ତେଣା ପକ୍ଷୀ କଅଁଳିଲା ତାର :
ଲଙ୍କାଗଡ଼କୁ ମାର୍ଗ କହି ତାହାଙ୍କୁ,
ନକାଶ୍ରମେ ଗଲା ପକ୍ଷୀବର, ସେ ସମ୍ପାତି ॥ ୮

ସେନାମାନେ କରନ୍ତୁ ବିଚାର ଜଳପଥ ଶହେ ଯୁଣ ଦୂର ।
କେମନ୍ତ ପକାରେ ତରିବା ବୋଲିଣ,
ଏକ ଆରକେ କଲେ ବିଚାର, ସେ ସେନାୟେ ॥ ୯

କେହୁ ବୋଲେ ଯିବ ଦଶଯୁଣ ବିଂଶଯୋଜନ କାହାର ମନ ।
କେ ବୋଲେ ପଞ୍ଚାଶ କେ ବୋଲେ ଷାଠିଏ,
କେହୁ ବୋଲେ ଯିବ ଅଶୀଯୁଣ ସେ, ବିଚାର ॥ ୧୧

ଜାମ୍ବବ ବୋଲେ ପାରଇ ତେଉଁ ଆସିବାକୁ ସାହାସ ନ ପାଇ ।
ହନୁବୋଲେ ସମସ୍ତଙ୍କର କଲ୍ୟାଣେ,
ସୀତା ଖୋଜି ମୁଁ ଆସିବି ଯାଇ, ହେ ସେନାୟେ ॥ ୧୧

ଏତେ କହି ହୋଇଲେ ବାହାର କରି ଯେ ଯାହା ମାନ୍ୟ ବେଭାର ।
ରାମ ଚନ୍ଦ୍ର ରଘୁନାଥ ଦାସ ବୋଲେ,
ଶେଷ କିଷ୍କିନ୍ଧା କାଣ୍ଡ ବେହାର, ହେ ସୁଜନେ ॥ ୧୨

# ସୁନ୍ଦର କାଣ୍ଡ

ରାଗ—**ମଙ୍ଗଳଗୁଜ୍ଜରୀ**

ଶୁଣ ହେ ସୁଜନେ ଏ ସୁନ୍ଦରାକାଣ୍ଡ ରସ ।
ଲଙ୍କାକୁ ବାହାର ହେଲେ ପବନର ଶିଷ ଯେ ॥୧

ଅତିବଡ଼ କରି କାୟା ହନୁ ବଢ଼ାଇଲେ ।
ଶ୍ରୀରାମ ସୁମରି ଉର୍ଦ୍ଧ୍ୱେ ସେ ଉଡ଼ିଣ ଗଲେ ଯେ ॥୨

ରାଘବ ଚରଣ ଧ୍ୟାଇ କରନ୍ତି ଗମନ ।
ପଥେ ନାଗମାତା ଭେଟି ବୋଲନ୍ତି ବଚନ ଯେ ॥୩

ସୁରସା ବୋଇଲେ କପି ଭକ୍ଷିବି ମୁଁ ତୋତେ ।
ଏମନ୍ତ କହିଣ ମୁଖ ବିସ୍ତାରି ତୁରିତେ ଯେ ॥୪

ହନୁ ବୋଇଲେ ଶୁଣ ମାତ ରାମର ମୁଁ ଦୂତ ।
ପ୍ରାକର୍ମ ଦେଖାଇ ତହୁଁ ଚଳିଲେ ତୁରିତ ଯେ ॥୫

ପଥ ଛାଡ଼ି ନାଗମାତା ଗଲେ ସ୍ୱର୍ଗପୁରୀ ।
ହନୁକୁ ଦେଖି ଗୃହିଲେ ମଣିନାଗ ଗିରି ଯେ ॥୬

ହନୁ ଭାରି ପାଇ ଗିରି ଲସିଲା ତଳକୁ ।
ତହୁଁ ଯାଇ ଭେଟିଲେ ସେ ରାହୁର ମାତାକୁ ଯେ ॥୭

ଆକାଶ ମାର୍ଗରେ ତୁଣ୍ଡ ବିସ୍ତାରି ରାକ୍ଷସୀ ।
ଜାଣିଣ ପାବନି ତା ଗର୍ଭରେ ଯାଇ ପଶି ଯେ ॥୮

ଉଦର ଚିରି ବାହାରି ଗଲେ ହନୁ ଲଙ୍କା ।
ଗର୍ଜନ କରି ପଡ଼ନ୍ତେ ତହିଁ ପାଡ଼େ ଡଙ୍କା ଯେ ॥୯

ସିନ୍ଧୁ ଡେଇଁ ଯାଇ ସୁବଳଗ୍ରୀରେ ରହିଲେ ।
ଗିରିବର ଦେଖି ଅତି ସାନନ୍ଦ ହୋଇଲେ ଯେ ॥୧୦

ଦିବସ ଜାଣିଣ ରବି ଅସ୍ତ ଯହୁଁ ହେଲେ ।
ସନ୍ଧ୍ୟା ସମୟେ ଲଙ୍କା ଗଡ଼କୁ ବାହାରିଲେ ଯେ ॥୧୧

ସାମାନ୍ୟ ସ୍ୱରୂପେ ଧେନୁ ସଙ୍ଗତେ ପଶିଲେ ।
ଲଙ୍କେଶ୍ୱରୀ ଦେଖି ତାଙ୍କୁ ପଥେ ପଚାରିଲେ ଯେ ॥୧୨

ଏଡ଼େ ଅଗମ୍ୟ ଗଡ଼ରେ ପଶିଲୁ କେମନ୍ତେ ।
କାହିଁ ଯିବୁ କପି ଆଜ ଭକ୍ଷିବି ମୁଁ ତୋତେ ରେ ॥୧୩

କ୍ରୋଧେ କପିବର ତାଙ୍କୁ ମୁଠେ ପ୍ରହାରିଲେ ।
ଭୟ ପାଇ ଲଙ୍କାଦେବୀ ପ୍ରସନ୍ନ ହୋଇଲେ ଯେ ॥ ୧୪

ବ୍ରହ୍ମା କହିବାର କଥା ହେଲା ଏତେ କାଳେ ।
ସଗୋଷ୍ଠି ସହିତେ ନାଶ ଯିବ ଲଙ୍କାପାଳେ ଯେ ॥ ୧୫

ଲଙ୍କା ଉଚ୍ଛୁଯୋଗ କାଳେ କହିଛନ୍ତି ବିଧି ।
ଯାଅ ହେ ବାନର ତୁମ୍ଭ କାର୍ଯ୍ୟ ହେବ ସିଦ୍ଧି ହେ ॥ ୧୬

ଲଙ୍କାର ଦେବତା ମୁହିଁ ନାମ ଲଙ୍କେଶ୍ୱରୀ ।
ଏମନ୍ତ କହି ଅନ୍ତର ହେଲେ ଲଙ୍କେଶ୍ୱରୀ ଯେ ॥ ୧୭

ଏମନ୍ତ ଶୁଣି ମାରୁତି ହରଷ ହୋଇଲେ ।
ଲଙ୍କାପୁର ପ୍ରତି ଘରମାନ ସେ ଖୋଜିଲେ ଯେ ॥ ୧୮

ପ୍ରହସ୍ତର ଘର ଇନ୍ଦ୍ରଜିତର ନଗର ।
କୁମ୍ଭକର୍ଣ୍ଣ ପୁର ଶୁକମାରଣ ନବର ଯେ ॥ ୧୯

ସମସ୍ତ ପାତ୍ରମାନଙ୍କ ଘର ସେ ଖୋଜିଲେ ।
ରାବଣ ନଗରେ ଯାଇ ପ୍ରବେଶ ହୋଇଲେ ଯେ ॥ ୨୦

ବିବିଧ ରତ୍ନମାନଙ୍କେ ଶୋଭା ଦିଶେ ପୁର ।
ଇନ୍ଦ୍ର ବାରସ୍ୱତୀ ଜିଣି ଦିଶେ ଶୋଭା ପୁର ଯେ ॥ ୨୧

ହନୁବୀର ଦେଖି ବହୁ ପ୍ରଶଂସିଲେ ପୁର ।
ଭ୍ରମର ସ୍ୱରୂପେ ପଶି ଖୋଜି ସର୍ବ ଘର ଯେ ॥ ୨୨

ରାବଣ ନିଜ ନଗରେ ହୋଇଲେ ପ୍ରବେଶ ।
ଦେଖିଲେ ପଲଙ୍କେ ଶୋଇଅଛି ଦଶ ଆସ୍ୟ ଯେ ॥ ୨୩

ମାଣିକ୍ୟର ପ୍ରଦୀପ ଜଳଇ ଚଉକଡ଼ି ।
ପାରୁଶେ ଅଙ୍ଗନାମାନେ ସେବା କରୁଛନ୍ତି ଯେ ॥ ୨୪

ପାଶରେ ଶୋଇଛନ୍ତି ଏକ ଅପୂର୍ବ ସୁନ୍ଦରୀ ।
ହନୁ ବିଚାରନ୍ତି ପରା ଏହି ରାମ ନାରୀ ଯେ ॥ ୨୫

ଏମନ୍ତ ବିଚାରି ତାଙ୍କ ନିକଟକୁ ଗଲେ ।
ମୁଖ ମଦିରା ବାସନା ଜାଣି ବାହୁଡ଼ିଲେ ଯେ ॥ ୨୬

ବୋଇଲେ ଅପ୍ରାଧ ମୁହିଁ କଲିତ ନ ଜାଣି ।
ଗୁଞ୍ଜମାଳୀ ସମ କଲି ଇନ୍ଦ୍ର-ନୀଳମଣି ଯେ ॥ ୨୭

କର୍ପୂର ସଙ୍ଗତେ ଭସ୍ମ ମିଶାଇଲି ନେଇ ।
ଅମୃତ ଗୁଡ଼କୁ ସମ କରି ମୁଁ ଲୋଡ଼ଇ ଯେ ॥ ୨୮

ମନରେ ବହୁତ ସନ୍ତାପ ସେ ଜାତ କଲେ ।
ସମ୍ପାତି କହିବା କଥାମାନ ଚେତୋଇଲେ ଯେ ॥ ୨୯

ତହୁଁ ଯାଇ ଅଶୋକ ବନରେ ପରବେଶ ।
ନନ୍ଦନ-ବନ ରୁ ଶୋଭା ଅଟଇ ବିଶେଷ ଯେ ॥ ୩୦

ବୃକ୍ଷମାନଙ୍କ ମୂଳରେ ସୁବର୍ଣ୍ଣର ବେଦୀ ।
ଖୀତ କରି ଶ୍ରୀକର୍ପୂର ମୂଳେ ଛନ୍ତି ମେଦୀ ଯେ ॥ ୩୧

ଦେଖିଲେ ସେ ଦିବ୍ୟରତ୍ନ ଅଟ୍ଟାଳିକା ପୁରି ।
ଶିଶୁପା ବୃକ୍ଷ ଅଛଇ ତହିଁ ନିକଟରେ ଯେ ॥ ୩୨

ସହସ୍ରେ ଅସୁରୀ ଚଉକତି ବେଢ଼ିଛନ୍ତି ।
ଶରଦଚନ୍ଦ୍ର-ବଦନୀ ମଧ୍ୟେ ବସିଛନ୍ତି ଯେ ॥ ୩୩

ହନୁ ବିଚାରନ୍ତି ଯେହୁ ପରା ରାମ ନାରୀ ।
କେତେ କାଳ ବସି ବନ୍ଧି ଥିଲି ନିର୍ଭ କରି ଯେ ॥ ୩୪

ଧନ୍ୟ ସୂର୍ଯ୍ୟବଂଶ ଧନ୍ୟ ଅଯୋଧ୍ୟା ସୁଦେଶ ।
ଧନ୍ୟ ଦଶରଥ ଧନ୍ୟ ରାମର ମୁଁ ଦାସ ଯେ ॥ ୩୫

ସାକ୍ଷାତ କମଳା ଯେହୁ ସାହେର ଦୁଲଣୀ ।
ରାମଚନ୍ଦ୍ର ଅଟନ୍ତି ନିଶ୍ଚୟେ ଚକ୍ରପାଣି ଯେ ॥ ୩୬

ଶିଶୁପା ବୃକ୍ଷରେ ହନୁ ପଶିଲେକ ଯାଇ ।
ରଘୁନାଥ ଦାସ ସୀତା ଚରଣ ଚନ୍ତଇ ଯେ ॥ ୩୭

## ପୂର୍ବ ରାଗ

ସ୍ୱପନେ କହିଲେ ଲଙ୍କେଶ୍ୱରୀ ରାବଣକୁ ।
ବାନର ଲଙ୍କା ଅଇଲା ସୀତା ଖୋଜିବାକୁ ଯେ ॥ ୧

ସ୍ୱପନ ଶୁଣିକି ରାବଣ ଶଙ୍କା ମନେ କଲେ ।
ଅଶୋକ ବନକୁ ଅତି ଶଙ୍କା ମନେ ଗଲେ ଯେ ॥ ୨

ସଙ୍ଗତେ କଯୋଗ ଘଟିଛନ୍ତି ସର୍ବ ନାରୀ ।
ସୀତାଙ୍କ ନିକଟେ କ୍ରୋଧେ ଆସି ଦଶଶିର ଯେ ॥ ୩

ନୃପତିଙ୍କି ଦେଖି ରକ୍ଷୀ ରାକ୍ଷସୀ ଉଠିଲେ ।
ପ୍ରଣିପତ୍ୟ କରି ପଛ ଘୁଞ୍ଚିଣ ରହିଲେ ସେ ॥ ୪

ସୀତା ହିଁ ବସନେ ତନୁ ଘୋଡ଼ାଇଣ ବସି ।
ରାବଣ ବନୋଇ ଗୃହ୍ଣୁ-ବଚନ ପ୍ରକାଶି ଯେ ॥ ୫

### ରାବଣ ବଚନିକା—

ଆସ ଆସ ସୁନ୍ଦରି ! ନ କର ମୋତେ ମାନ ।
ତୋତେ ପତି ପଣେ ମୁଁ କି ନୁହଇ ଭାଜନ ଗୋ ॥ ୬

ଏ କନକ ପୁରେ ତୁମ୍ଭେ ହେବ ଠାକୁରାଣୀ ।
ସେବା କରିଥିବେ ଯତ୍ନେ ମନ୍ଦୋଦରୀ ରାଣୀ ଗୋ ॥ ୭

ଯତି-ପତି ସଙ୍ଗେ ବନେ ବୁଲି ଦିନ ନେଇ ।
ଏଥକୁ ଅଇଲୁ ବହିବାରୁ ସୁଖ ବହି ଗୋ ॥ ୮

ରାଜାଧିରାଜନ ମୁଁ ବସିବା ରୂପି ଶିଷ ।
ସମାନ ମଣ୍ଡୁକ ବ୍ରହ୍ମା ଇନ୍ଦ୍ର ମୋର ବଶ ଗୋ ॥ ୯

ତୋହୋରେ ଶରଣ ଏବେ ହେଲି ସଖି ! ମୁହିଁ ।
ଅନୁକମ୍ପା କର ତୁ ଶରଦ-ଚନ୍ଦ୍ର-ମୁହାଁ ଗୋ ॥ ୧୦

### ସୀତାଙ୍କ ବଚନିକା—

ଜାନକୀ ବୋଇଲେ ନଷ୍ଟ ଅଟୁରେ ପାମର ।
ପାପିଷ୍ଠ ଦ୍ରୁପିଷ୍ଠ ଦୁଷ୍ଟ ଅଟୁ ଦୁରାଚାର ରେ ॥ ୧୧

ଶ୍ରୀରାମ ଜାଣିଲେ ନିଶ୍ଚେ ମରିବୁ ଅସୁର ।
ଦଶହରେ ଦଶମୁଣ୍ଡ ବଳି ହେବ ତୋର ରେ ॥ ୧୨

## ଗୀତ

ଶୁଣି ଲଙ୍କପତି କ୍ରୋଧେ ବୋଲଇ ବଚନ ।
ରାମ ନ ଦେଖାଇଲେ ତୁ ହୋଇବୁ ନିଧନ ରେ ॥ ୧୩

ଆଜି ଦିନ ଠାରୁ ବେନି ମାସରେ ଅବଧି ।
ରାମ ନ ଆସିଲେ ତୋତେ ପକାଇବି ବଧି ରେ ॥ ୧୪

ରକ୍ଷୀ ଅସୁରୀଙ୍କି କହି ନିଜ ପୁରେ ଗଲା ।
ପୁଷ୍ପକ ବିମାନେ ଯାଇ ନିଶ୍ଚିନ୍ତେ ଶୋଇଲା ସେ ॥ ୧୫

ରାକ୍ଷସୀମାନେ ସୀତାଙ୍କୁ ଭୟ କରାଇଲେ ।
ଅଜ ତୋର ମାଂସ ଆମ୍ଭେ ଖାଇବୁ ବୋଇଲେ ଯେ ॥ ୧୬

ରାକ୍ଷସୀ ଭର୍ତ୍ସନା ଶୁଣି ନେତ୍ରୁ ଅଶ୍ରୁ ଗଳା ।
ଶ୍ରୀରାମ ସୁମରି ଶୋକ କଲେ ମହାସ୍ଥଳୀ ଯେ ॥ ୧୭

ଆହା ପ୍ରାଣନାଥ ମୁହିଁ ହୋଇଲି ନିମଖୀ ।
ଶ୍ରୀମୁଖ ନ ଦେଖି ନିଶ୍ଚେ ମରିବି ମୁଁ ଦୁଃଖୀ ଯେ ॥ ୧୮

ସେହିସନ ସମୟରେ ତ୍ରିଜଟା ତହିଁ କହି ।
ଏହିକ୍ଷଣି ସ୍ୱପନେକ ଦେଖିଲଇଁ ମୁହିଁ ଗୋ ॥ ୧୯

ଶ୍ରୀରାମ ଲକ୍ଷ୍ମଣ କପିସୈନ୍ୟ ଘେନି ଆସି ।
ପିତାଙ୍କୁ ମୋ ରାଜା କଲେ ରାବଣକୁ ନାଶି ଗୋ ॥ ୨୦

ଚିନ୍ତା ନ କର ରାବଣ ମାରି ନେବେ ତୋତେ ।
ଏଥିଅନ୍ତେ ରାକ୍ଷସୀଙ୍କି କହଇ ତୁରିତେ ଯେ ॥ ୨୧

ଏ ମହାସତୀଙ୍କି ତୁମ୍ଭେ ନ କର ଘଞ୍ଚାଳ ।
ଏହା ଶୁଣି ତୁନି ହେଲେ ରାକ୍ଷସୁଣୀ କୁଳ ଯେ ॥ ୨୨

ଶିଶୁପା ବୃକ୍ଷରେ ହନୁ ସମସ୍ତ ଶୁଣିଲେ ।
ଏହି ନିଶ୍ଚେ ସୀତା ବୋଲି ମନେ ବିଚାରିଲେ ॥ ୨୩

କେମନ୍ତ ପ୍ରକାରେ ଏଥି କହିବ ସନ୍ଦେଶ ।
ଏମନ୍ତ ଭାଳନ୍ତେ ନିଶି ହୋଇଲାକ ଶେଷ ଯେ ॥ ୨୪

ପ୍ରାଚୀ ନାରୀ-ମୁଖ ଶୋଭା ହୋଇଲା ପ୍ରକାଶ ।
କୁମୁଦ ଚକୋର ବେନି ହୋଇଲେ ବିରସ ଯେ ॥ ୨୫

ତାମରସ ଚକ୍ରବାକ ହରଷ ଲଭିଲେ ।
ସ୍ନାହାନ କରିବା ଅର୍ଥେ ଅସୁରୀଏ ଗଲେ ଯେ ॥ ୨୬

ଏକାନ୍ତେ ଉଭା ହୋଇଣ ବିଚାରନ୍ତି ସୀତା ।
ବରଷେ ହେଲା ଅଇଲି ନ ପାଇଲି ବାର୍ତ୍ତା ହେ ॥ ୨୭

ହେ ରାମ ତୁମ୍ଭଙ୍କୁ ଛାଡ଼ି ଏଥେ ବନ୍ଦୀ ହେଲି ।
କେଉଁଠାରେ ଅଛ ତୁମ୍ଭେ ଜାଣି ନ ପାରିଲି ହେ ॥ ୨୮

ଏହି କାଳେ ହନୁ ରାମ ଚରିତ କହିଲେ ।
ନିକଟକୁ ଯିବାକୁ ଆଶଙ୍କା ମନେ କଲେ ଯେ ॥ ୨୯

ଋଷ୍ୟଶୃଙ୍ଗ ଯାଗୁଁ ସୀତା ହରଣ ପର୍ଯ୍ୟନ୍ତ ।
ସମସ୍ତ କହିଲେ ତହିଁ ଖୋଜିଲେ ଯେମନ୍ତ ଯେ ॥ ୩୦

ଏହା ଶୁଣି ସୀତା ମନେ ହରଷ ବିସ୍ମୟେ ।
ବୃକ୍ଷକୁ ଚାହାନ୍ତେ ଅଛି ବାନର ଗୋଟାଏ ଯେ ॥ ୩୧

ଆସ ଆସ କପି ଜୀବଦାନ ଦେଲୁ ମୋରେ ।
ରାମନାମ ସୁଧା ପିଆଇଲୁ କର୍ଣ୍ଣଦ୍ୱାରେ ହେ ॥ ୩୨

ମାରୁତି ଓହ୍ଲାଇ ସୀତା ଚରଣେ ପଡ଼ିଲେ ।
ଭୋ ମାତ ମୁଁ ରାମ ଦୂତ ବୋଲିଣ କହିଲେ ଯେ ॥ ୩୩

ଜାନକୀ ବୋଇଲେ କେଉଁ ଦେଶେ ତୋର ଘର ।
ଏଡେ ଦୁର୍ଗମେ ଅଇଲୁ କେମନ୍ତ ପ୍ରକାର ହେ ॥ ୩୪

ଶୁଣି ସେ ବୋଲେ ଅଞ୍ଜନା ଅଟେ ମୋର ମାତା ।
ବାଳୀ ସୁଗ୍ରୀ ମାତୁଳ କେଶରୀ ମୋର ପିତା ଗୋ ॥ ୩୫

ସୀତାଙ୍କୁ ଦୃଶ୍ୟ ହୁଅନ୍ତେ ହନୁର ମୁକୁଟ ।
ଜାଣିଲେ ଦୁଷ୍ଟ ରାକ୍ଷସ କରିଅଛି କୂଟ ଯେ ॥ ୩୬

କେ ଜାଣେ ବାଳୀ ସୁଗ୍ରୀବ କେ ଜାଣେ କେଶରୀ ।
ନିଷ୍ଟୟେ ରାବଣ ତୁ ଆସିଛୁ ମାୟା କରି ରେ ॥ ୩୭

କହ ଶ୍ରୀରାମ ଗୁପତ କହିବାର ମୋତେ ।
ନୋହିଲେ ଭସ୍ମ ହୋଇବୁ ଶାପ ଦେବି ତୋତେ ରେ ॥ ୩୮

ହନୁ ଭୟ ପାଇ ସୀତା ଚରଣେ ପଡ଼ିଲେ ।
ଚିତ୍ରକୂଟର ବେହାର ଚରିତ କହିଲେ ସେ ॥ ୩୯

ଅଞ୍ଚଳରୁ ଫେଡ଼ି ମୁଦି ଦେଲେ ବେଗେ ନେଇ ।
କରରେ ଘେନିଣ ସୀତା ଶିରରେ ଲଗାଇ ଯେ ॥ ୪୦

ବହୁତ ବିଶ୍ୱାସ ତୁମ୍ଭେ ଅଟ କପିବୀର ।
ଏ ମୁଦ୍ରିକା ଅଙ୍ଗୁ ଷଣେ ନୁହଇ ଅନ୍ତର ହେ ॥ ୪୧

ଆହା ସ୍ୱାମୀ ଛାଡ଼ିଣ ଅଇଲି ମୁଁ ଏଥକୁ ।
ମୋର ବହୁନେ କେମନ୍ତେ ହରିବ ଧନକୁ ହେ ॥ ୪୨

ମୁଦ୍ରିକା କାମା ଆଣିଲ ପବନର ସୁତ ।
ଅଲଗା ଦିଶୁଥିବ ମୋ ସ୍ୱାମୀଙ୍କ ଶ୍ରୀହସ୍ତ ଯେ ॥ ୪୩

ମୋତେ ଆଣିଲେ ବନକୁ ମୂରୁଛି ନ ପାରି ।
ମାୟା ମୃଗ ଦେଖାଇ ଆଣିଲା ମୋତେ ହରି ଯେ ॥ ୪୪

ଦଶମାସ ହେଲା ଯେ ଦଇବ କଲା ଭିନ୍ନ ।
କାହାକୁ ଘେନିଣ ସ୍ୱାମୀ ବଞ୍ଚିଥିବେ ଧନ ଯେ ॥ ୪୫

ଏଠାକୁ ଆସିବେ କିକି ଶ୍ରୀରାମ ଲକ୍ଷ୍ମଣ ।
ଶ୍ରୀମୁଖ ନ ଦେଖି ଯାହା ଅଛି ମୋର ପ୍ରାଣ ଯେ ॥ ୪୬

ହନୁ ବୋଲନ୍ତି ଭୋ ମାତ ନିଷ୍ଟୟେ ଆସିବେ ।
ରାବଣ ସଗୋଷ୍ଠି ମାରି ତୁମ୍ଭଙ୍କୁ ସେ ନେବେ ଗୋ ॥ ୪୭

ଏହା ଶୁଣି ହରଷେ ବୋଲନ୍ତି ବଇଦେହୀ ।
ବେଗେ ଶ୍ରୀରାମ ଲକ୍ଷ୍ମଣ ଆଣ ହନୁ ଯାଇ ହେ ॥ ୪୮

କହିବ ହେ ହନୁ କ୍ଷମା କରିବେ ମୋ ଦୋଷ ।
ରାବଣ ଯେ କଷ୍ଟ କରିଅଛି ବେନି ମାସ ଯେ ॥ ୪୯

ଶ୍ରୀରାମଙ୍କ ଦସ୍ତା ଅଛୁ ଚିହ୍ନ ନେବା ପାଇଁ ।
ସମୁଦ୍ର ଲଂଘି ଆସିବେଟିକ ରଘୁସାଇଁ ଯେ ॥ ୫୦

ଏତେ କହି ହନୁ କରେ ମଣି ଆଣି ଦେଲେ ।
ମଧୁଶଯ୍ୟାର ନୟମ ବୃତ୍ତାନ୍ତ କହିଲେ ଯେ ॥ ୫୧

ହନୁ ବୋଲନ୍ତି ଖେ ମାତ ଯାଉଅଛୁ ମୁହିଁ ।
ରାବଣ ମାରନ୍ତି ମୋତେ ଆଜ୍ଞା ହୋଇନାହିଁ ଯେ ॥ ୫୨

ନମସ୍କାର କରି ହନୁ ବାହାର ହୋଇଲେ ।
ଜାନକୀ ନିକଟେ ଆସି ରାକ୍ଷସୀଏ ହେଲେ ଯେ ॥ ୫୩

ଯେଝା ଆଶ୍ରମରେ ଆସି ହୋଇଲେ ପ୍ରବେଶ ।
ସୀତା ପାଦ ଚନ୍ଦ୍ର କହେ ରଘୁନାଥ ଦାସ ଯେ ॥ ୫୪

●

### ରାଗ— ଚକ୍ରକେଦାର

ସୀତା ପାଶୁ ଆସି ହନୁବୀର        ମଧୁବନରେ କଲେ ସଞ୍ଚାର
ଫଳନ୍ତି ଫୁଟିଲ ବୃକ୍ଷ ଉପାଡ଼ିଲେ,
ପକ୍ୱଫଳକୁ କଲେ ଆହାର, ସେ ମାରୁତି ॥ ୧

ତୋଟା ଜଗିବା ଦୈତ୍ୟ ଦେଖିଲେ କେହୁ ଭାଙ୍ଗିଲ ବୋଲି ଭାଳିଲେ
ହନୁ ତାଙ୍କୁ ବୃକ୍ଷେ ଓପାଡ଼ି ଗୋଡ଼ାନ୍ତେ,
ଭୟ ପାଇ ତହୁଁ ପଳାଇଲେ, ସେ ତୋଟାଳେ ॥ ୨

ସୀତା-ରକ୍ଷିକା ରାକ୍ଷସୀମାନେ        ବନ ଭଗ୍ନେ ଭୟ କଲେ ମନେ
ସୀତାଙ୍କୁ ଭର୍ତ୍ସନା କରି ରାବଣକୁ,
କହିବାକୁ ଚଳିଲେ ସେମାନେ, ସେ ରାକ୍ଷସୀ ॥ ୩

ରାଜା ନଗରେ ପ୍ରବେଶ ଆସି        ଭିତରକୁ ପ୍ରବେଶ ରାକ୍ଷସୀ
ଦେଖିଲେ ରାବଣ ଆସ୍ଥାନେ ବସିଣ,
ନୃତ୍ୟେ ଅବଧାନ ହୋଇଅଛି, ସେ ଲଙ୍କେଶ ॥ ୪

ବ୍ରହ୍ମା ଇନ୍ଦ୍ର ଆଦି ସର୍ବ ଦେବେ    ଯକ୍ଷ ରାକ୍ଷସ ନାଗ ଗନ୍ଧର୍ବେ
ଶୁକ ସାରଣ ପ୍ରଶସ୍ତ ଇନ୍ଦ୍ରଜିତ,
ସର୍ବ ସୈନ୍ୟ ଅଛନ୍ତି ସମ୍ମୁଖେ, ହେ ସୁଜନେ ॥ ୫

ରାକ୍ଷସୀଏ ଫୁକାରିଲେ ଯାଇ    ମଧୁବନ ଭାଙ୍ଗିଲା ଗୋସାଇଁ
କାହୁଁ ବାନରେ ଆସିଣ ସୀତା ପାଶେ,
କି କି ବାର୍ତ୍ତା କହୁଥିଲା ତହିଁ ହେ, ଭୋ ଦେବ ॥ ୬

ବଇଦେହୀ ତାଙ୍କୁ କି କହିଲା    ତହୁଁ ଯାଇ ତୋଟା ହତ କଲା
ରକ୍ଷୀ ଲୋକଙ୍କୁ ଦେଖିଣ କ୍ରୋଧ ବହି,
ବୃକ୍ଷେ ଉପାଡ଼ି ପ୍ରହାର କଲା, ସେ ବାନର ॥ ୭

ଶୁଣି କ୍ରୋଧ ହୋଇ ଲଙ୍କମଣି    ବୋଲେ କିଙ୍କରଗଣଙ୍କୁ ଆଣି
ତୁମ୍ଭେ ଯାଇ ଏବେ ବାନରକୁ ବାନ୍ଧି,
ବେଗେ ମୋ ଛାମୁରେ ଦେବ ଆଣି, ହେ କିଙ୍କର ॥ ୮

ଶୁଣି ଧାଇଁଲେ କିଙ୍କରମାନେ    ବେଗେ ମିଳିଲେ ସେ ମଧୁବନେ
ଦେଖିଲେ ହନୁ ତୋଟା କୋଣା ଖମ୍ବରେ,
ବସି ଅଛଇ ଅତି ମଉନେ, ସେ ପାବନି ॥ ୯

ଦେଖି ଧାଇଁଲେ କିଙ୍କରଗଣ    କରେ ଧରିଛନ୍ତି ଧନୁର୍ବାଣ
ତାଙ୍କୁ ଦେଖି ହନୁ ତଳକୁ ଓହ୍ଲାଇ,
ହେଲା ଯୁଦ୍ଧରେ ଘେନିଲେ ପ୍ରାଣ, ସେ ପାବନି ॥ ୧୦

ଏହା ଦେଖି ଚରମାନେ ଗଲେ    ଯାଇ ରାବଣ ଆଗେ କହିଲେ
ଶୁଣି ଲଙ୍କପତି କ୍ରୋଧ ହୋଇ ଅତି,
ଶାଳକଙ୍କୁ ରାଇ ଆଜ୍ଞା ଦେଲେ, ସେ ରାବଣ ॥୧୧

ବେଗେ ବାନରକୁ ବାନ୍ଧି ଆଣ    ଶୁଣି ଗଲେ ସେ ଶାଳକଗଣ
ଦେଖିଲେ ହନୁ କୋଣା ଖମ୍ବେ ବସିଛି,
ନିଶ ଆଉଁସଇ ପୁଣ ପୁଣ, ସେ ପାବନି ॥୧୨

ବେଗେ ଉଠିଣ ପବନ ସୁତ    ବୃକ୍ଷ ପିଟି ତାଙ୍କୁ କଲେ ହତ
କର ପାଦ ଶିଳା ପ୍ରହାର କରନ୍ତେ,
କ୍ଷଣେକରେ ହୋଇଲେ ନିପାତ, ସେ ଶାଳକେ ॥୧୩

ବେଗେ ରାବଣ ଅଗ୍ରତେ ଚର                    ବାର୍ତ୍ତା କହିଲା ଯାଇ ସତ୍ୱର
ଶୁଣି ଲଙ୍କପତି ବିସ୍ମୟ ହୋଇଣ,
ଜମ୍ବୁମାଳୀକି ବୋଲେ ଉତ୍ତର, ସେ ରାବଣ ।।୧୪

ପ୍ରଶସ୍ତକୁ ଘେନି ବେନି ବୀର                    ଯାଇ ବାନ୍ଧି ଆଣ ସେ ବାନର
ଏହା ଶୁଣି ରଥ ଚଢ଼ି ସୈନ୍ୟ ଘେନି,
ମଧୁବନେ ହେଲେ ବେନି ବୀର, ସେ ରାକ୍ଷସେ ।।୧୫

ହନୁ ତୋରଣ ଖମ୍ବେ ଅଛି ବସି                    ସୈନ୍ୟ ବେଢ଼ିଲେ ନିକଟେ ଆସି
ଛେଲ ଟଙ୍କ ଗଦା କୁନ୍ତ ପ୍ରହାରନ୍ତେ,
ତାପ ପାଇ ସର୍ବ ସୈନ୍ୟ ନାଶି, ସେ ପାବନି ।।୧୬

ପାଦେ ଲତ୍ତେ ସୈନ୍ୟ ହତ କଲା                    କରେ ପର୍ବତେକ ଉପାଡ଼ିଲା
ପ୍ରଶସ୍ତ ରଥ ଉପରେ କଚାଡ଼ନ୍ତେ,
ପ୍ରାଣ ଘେନି ଗଲା ପଳାଇଲା, ସେ ପ୍ରଶସ୍ତ ।।୧୭

ଜମ୍ବୁମାଳୀର ଭାଙ୍ଗିଲା ରଥ                    ହନୁ ପ୍ରହାରେ ମଲା ଦଇତ
ସୈନ୍ୟ ଅପଯଶ ଜମ୍ବୁମାଳୀ ନାଶ,
ରାବଣକୁ କହିଲା ପ୍ରଶସ୍ତ, ସେ ସମସ୍ତ ।।୧୮

ଶୁଣି ରାବଣ ହେଲା କାତର                    ପାଶେ ରାଇ ଅକ୍ଷୟ କୁମାର
ତାକୁ ବୋଇଲା ବହନ ଯାଅ ବଳା,
ବାନ୍ଧି ଘେନି ଆସ ସେ ବାନର, ରେ କୁମର ।।୧୯

ଶୁଣି ଉଠିଲା ଅକ୍ଷୟ ବୀର                    ପିତା ପାଦେ କରି ନମସ୍କାର
ଦିବ୍ୟ ରଥେ ବସି ହନୁ ପାଶେ ଆସି,
ସୈନ୍ୟ ସହିତେ କଲା ସମର, ସେ ଦନୁଜ ।।୨୦

ହନୁ ଉଠିଣ ଅତି କ୍ରୋଧରେ                    ସର୍ବ ସୈନ୍ୟ ମାରିଲେ ନିର୍ଭରେ
ରଘୁନାଥ ଦାସ ରାମ ଚନ୍ଦ୍ର କହେ,
ଅକ୍ଷୟ କ୍ଷୟ ହନୁ ପ୍ରହାରେ, ହେ ସୁଜନେ ।।୨୧

## ରାଗ—ମଙ୍ଗଳଗୁଜ୍ଜରୀ

ରାବଣ ଛାମୁରେ ଯାଇ ଜଣାଇଲା ଚର ।
ସମରେ ପଡ଼ିଲେ ଦେବ ଅକ୍ଷୟ କୁମାର ହେ ॥୧

ଏ ତୋହର ଛାମୁରୁ ଯେତେକ ସୈନ୍ୟ ଗଲେ ।
ଜୀବନ ଘେନିଣ କେହି ଲେଉଟି ନଇଲେ ହେ ॥୨

ପୁତ୍ର ବଧ ଶୁଣି ସ୍ତମ୍ଭୀଭୂତ ଲଙ୍କପତି ।
ଅବନୀରେ ପଡ଼ି ଶୋକେ ବଚନ ବୋଲନ୍ତି ଯେ ॥୩

ଆହାରେ ଅକ୍ଷୟ ମୋତେ ଛାଡ଼ି କରି ଗଲୁ ।
ଏକାଥରେ ତୁ ଯାଇଣ ବାହୁଡ଼ି ନଇଲୁ ରେ ॥୪

କ୍ଷୟ ନୋହିବୁ ବୋଲି ଅକ୍ଷୟ ନାମ ଦେଇ ।
ଛାର ନଲକ୍ଷଣ ହସ୍ତେ ପ୍ରାଣ ଦେଲୁ ତୁହି ରେ ॥୫

ସୁନ୍ଦର ପଣକୁ ସରି ନୋହେ କାମ ତୋତେ ।
ଅନାଥ କରିଣ କାହିଁ ଛାଡ଼ି ଗଲୁ ମୋତେ ରେ ॥୬

ଏତେ ବୋଲି ଦଶଶିର କ୍ରୋଧ କଲା ଶାନ୍ତ ।
ଇନ୍ଦ୍ରଜିତ କୁମର ହକାରି ଲଙ୍କପତି ଯେ ॥୭

ପିତା ଅଗ୍ରତରେ ଆସି ମିଳିଲା କୁମର ।
କରଯୋଡ଼ି ଉଭା ହେଲା ଶକ୍ରଜିତ ବୀର ଯେ ॥୮

**ରାବଣ ବଚନକା :—**

ଶୁଣରେ ତୁ ମେଘନାଦ ଯିବୁ ଏହିକ୍ଷଣି ।
ବାନରକୁ ବାନ୍ଧି ମୋ ଛାମୁରେ ଦେବୁ ଆଣି ରେ ॥୯

ଅକ୍ଷୟକୁ ମାରିଲାରେ ବୁଝି କାର୍ଯ୍ୟ କର ।
ବାନରକୁ ମାରିଲେ ମଣୋହି ଆଜ ମୋର ରେ ॥୧୦

**ଇନ୍ଦ୍ରଜିତ ବଚନିକା :—**

ଶୁଣିଣ ସେ ଇନ୍ଦ୍ରଜିତ ଶିରେ କର ଦେଲା ।
ଏହିକ୍ଷଣି ବାନ୍ଧି ଘେନି ଆଣିମି ବୋଇଲା ଯେ ॥୧୧

### ଗୀତ

ପିତାଙ୍କୁ ଓଳଗି ରତ୍ନ ରଥ ପରେ ବସି ।
ସୈନ୍ୟ ସହିତରେ ମଧୁବନେ ହେଲା ଆସି ଯେ ॥୧୨

ତାହା ଦେଖିଣ ମାରୁତ ମଣ୍ଡନ ହୋଇଲେ ।
ପତ୍ରମାନଙ୍କରେ ଲୁଗ୍ନ ଦେଇଣ ରହିଲେ ସେ ॥୧୩

ଦେଖିଲେ ତ ମଧୁବନ ଅଶୋଭ ଦିଶିଲା ।
ହନୁଙ୍କୁ ନ ଦେଖି ଶକ୍ରଜିତ କ୍ରୋଧ କଲା ଯେ ॥୧୪

ନ ପାଇ ସେ ଅବଶେଷ ତୋଟା ଦେଲା ଭାଙ୍ଗି ।
ଜଗିଣ ରହିଲେ ସୈନ୍ୟ ଦେହେ ଦେହେ ଲାଗି ଯେ ॥୧୫

ଅନେକ ଗୋଳ ଶୁଣିଣ ମନେ ତାପ ପାଇ ।
ଏହିକାଳେ ହନୁ ଉଗ୍ର ମୂର୍ତ୍ତି ଦେଖା ଦେଇ ଯେ ॥୧୬

ଅଇଲା ଅଇଲା ବୋଲି ପଳାଇଲେ ସୈନ୍ୟ ।
ଶୁଣି ଆଗଭର ହେଲା ରାବଣ-ନନ୍ଦନ ଯେ ॥୧୭

ଅନେକ ଶର ମାଇଲା ଶକ୍ରଜିତ ବୀର ।
ଦେଖି ହନୁ ହସି ତାକୁ ବୋଇଲେ ଉତ୍ତର ଯେ ॥୧୮

ଗୁରୁଙ୍କୁ ସେବିଣ ଯେତେ ଅସ୍ତ୍ର ଅଛୁ ପାଇ ॥
ମାରରେ ଦଇତ ଏବେ ସାବଧାନ ହୋଇ ରେ ॥୧୯

କ୍ରୋଧେ ଶକ୍ରଜିତ ନାଗଫାଶ ଶର ମାରି ।
ବନ୍ଧନ ହୋଇଲେ ହନୁ ମୁଖ ଶାପୁଁ କରି ଯେ ॥୨୦

ହନୁକୁ ଘେନାଇ ପିତା ନିକଟେ ମିଳିଲା ।
ନମସ୍କାର କରି ବାନ୍ଧି ଆଣିଲି ବୋଇଲା ସେ ॥୨୧

ପୁତ୍ରକୁ ପ୍ରଶଂସି ତୋଷ ହୋଇଲା ରାବଣ ।
କାହିଁ ଅଛୁ ବାନର ମୋ ନିକଟକୁ ଆଣ ରେ ॥୨୨

ଶୁଣିଣ ରାକ୍ଷସେ ମାରୁତି କୁ ଧରି ନେଲେ ।
ଜଗତ ତଳରେ ଲଙ୍କପତି ଆଗେ କଲେ ଯେ ॥୨୩

**ରାବଣ ବଚନଂ :—**

ଆରେ ଆରେ ମର୍କଟ ତୁ ଅଇଲୁ ଯେ କାହୁଁ ।
କେ ତୋହର ମାତା ପିତା କିସ ନାମ ବହୁ ରେ ॥୨୪

କି କାର୍ଯ୍ୟେ ତୁ ପାପୀ ଲଙ୍କାଗଡ଼କୁ ଅଇଲୁ ।
ସୈନ୍ୟ ସୁତ ମଧୁବନ କିମ୍ପା ହତ କଲୁ ରେ ॥୨୫

**ହନୁମାନ ବଚନଂ :—**

ଯାହା ପଚାରିଲୁ ମୋତେ ଶୁଣ ବଂଶକର ।
ସୂର୍ଯ୍ୟବଂଶେ ଦଶରଥ ନାମେ ନୃପବର ହେ ॥୨୬

ତାହାଙ୍କର ସୁତ ଶ୍ରୀରାମ ଲକ୍ଷ୍ମଣ ବେନି ।
ବନକୁ ଅଇଲେ ସଙ୍ଗ ସୀତା ସଙ୍ଗେ ଘେନି ହେ ॥୨୭

ଗୋଦାବରୀ ନଦୀ ତୀରେ ବାସ କରିଥିଲେ ।
ସୂର୍ପଣଖା ନାହା କର୍ଣ୍ଣ ତା ଦୋଷେ ଛେଦିଲେ ହେ ॥୨୮

କନକ ମୃଗ ଦେଖାଇ ନେଲୁ ରାମକାନ୍ତା ।
ସେ ରାମ ଦୂତ ହନୁ ମୁଁ ଶୁଣ ଦଶଶିର ହେ ॥୨୯

ପ୍ରଭଞ୍ଜନ ଗର୍ଭେ ଜାତ କେଶରୀର ବଳା ।
ବାଲୀ ସୁଗ୍ରୀବ ଅଟନ୍ତି ମୋହର ମଉଳା ହେ ॥୩୦

ସୀତା ଖୋଜି ଆସି ଭାଙ୍ଗିଲି ମୁଁ ମଧୁବନ ।
ପୁଣ ଜାତ ସହିତେ ତୁ ହୁଅନ୍ତୁ ନିଧନ ରେ ॥୩୧

ଏକା ଚାପୋଡ଼ାକେ ଛେଦି ପାରଇ ତୋ ଶିର ।
ମାରିବାକୁ ପ୍ରତିଜ୍ଞା ଯେ ଅଛି ରଘୁବୀର ରେ ॥୩୨

**ଗୀତ**

ରାବଣ କ୍ରୋଧରେ ସମସ୍ତଙ୍କୁ ଆଜ୍ଞା ଦେଲା ।
ଏ ବାନର ମୁଣ୍ଡ ଶୀଘ୍ର ଛେଦସି ବୋଇଲା ସେ ॥୩୩

ରାଜା ଆଜ୍ଞା ପାଇ ବୀର ପ୍ରଶସ୍ତ ଉଠିଲା ।
ଖଡ଼୍‌ଗ ଉଞ୍ଚାଇ ହନୁକୁ ବଚନ ବୋଇଲା ସେ ।।୩୪

ତୋହର ଇଷ୍ଟ ଦେବତା ସୁମରରେ କପି ।
ଏ ଜନ୍ମ ଆଜହୁଁ ତୋର ଯାଉଛୁ ଅଦ୍ୟାପି ରେ ।।୩୫

ସେ ବୋଲେ ରେ ରାକ୍ଷସ ମୋ ପ୍ରଭୁ ରଘୁରାଣ ।
ମୋତେ କି କରି ପାରିବ ନିଶାଚର ଗଣ ରେ ।।୩୬

କ୍ରୋଧରେ ପ୍ରଶସ୍ତ ବେଗେ ମାଇଲା ଖଡ଼ଗ ।
ହନୁ ଅଙ୍ଗେ ବାଜି ଭାଜି ଗଲା ଅତି ବେଗ ଯେ ।।୩୭

ଲଙ୍କପତି ଆଜ୍ଞାରେ ଗୁରୁଜ ପ୍ରହାରିଲେ ।
ଯତନେ ମାରୁତି ମଥା ପୋତିଣ ବସିଲେ ଯେ ।।୩୮

ଲଙ୍କା ଦେଶେ ମାଡ଼ ମରାଇଲେ ଦାଣ୍ଡେ ବୁଲି ।
ଜାଣିଣ ମାରୁତି ତହିଁ ପଡ଼ିଲେକ ଢଳି ସେ ।।୩୯

ମଲା ବୋଲି ରାବଣ ଶ୍ରୀମୁଖରେ ସେ କହିଲେ ।
ହାହାକାର କରି କେହୁ ଶ୍ରବଣ ଛୁଇଁଲେ ସେ ।। ୪୦

ଏହି କାଳରେ ସେ ହନୁ ନଣେ ହସ୍ତ ମାରି ।
ରାବଣକୁ ଚାହିଁଣ ପ୍ରତିଜ୍ଞା ମାନ କରି ଯେ ।। ୪୧

ମୋତେ ମାରିବା ନିଷ୍ଟସ୍ତ କଲୁ ହୋ ରାବଣ ।
ଏତେ ଦୁଃଖେ ଜୀଇବାର ହେବ କି କାରଣ ହେ ।। ୪୨

ଋଷିଙ୍କ ଶାପରେ ସଲଙ୍ଗୁଡ଼ା ବ୍ୟାଧି ମୋର ।
ଲାଙ୍ଗେ ବସ୍ତ୍ର ବାନ୍ଧି ତଇଲରେ ଜରଜର ରେ ।। ୪୩

ଜାଳି ଦିଅ ହୁତାଶନ ଯାଉ ପ୍ରାଣ ମୋର ।
ଏତେ ବୋଲି ନିଜ ହୃଦେ ମାରେ ବେଣ୍ଢ କରି ଯେ ।। ୪୪

ଏହା ଶୁଣି ଉସତ ହୋଇଲା ଲଙ୍କପତି ।
ଲାଙ୍ଗେ ବସ୍ତ୍ର ବେଢ଼ାଇଣ ତଇଲେ ବୁଡ଼ାନ୍ତି ଯେ ।। ୪୫

ଲାଙ୍ଗେ ଅଗ୍ନି ଜାଳି ନାଗପାଶ ଫିଟାଇଲେ ।
ଶ୍ରୀରାମ ସୁମରି ହନୁ ଉଶ୍ବାସ ପାଇଲେ ଯେ ।। ୪୬

ବୋଲେ ଶୁଣରେ ରାବଣ ଦହିବ ତୋ ପୁର ।
ଏତେ ବୋଲି ବସିଲେ ଜଗତ ରାଜା ପର ଯେ ୪୭

ମେଡ଼ ମଣ୍ଡପ ଅଟ୍ଟାଳୀ ଶୟନ ମନ୍ଦିର ।
ବିଚିତ୍ର ସଦନମାନ ଜାଳିଲେ ସତ୍ୱର ଯେ ॥ ୪୮

ରାବଣ ରୂହାନ୍ତେ ଅଗ୍ନି ମଳିନ ହୋଇଲା ।
ଲଲାଟରୁ ବ୍ରହ୍ମ ଅଗ୍ନି ହନୁ ଜାତ କଲା ଯେ ॥ ୪୯

ସେ ଅଗ୍ନି ଲାଗନ୍ତେ ଦହି ହେଲା ଲଙ୍କାପୁରୀ ।
ଅତି ଶୋକେ ନଗ୍ର ଲୋକେ କଲେ ଧୁରି ଜୁରି ଯେ ॥ ୫୦

ପୁତ୍ର ଦାର ସହିତରେ ଗୁଡ଼ି ପଳାଇଲେ ।
ହାତୀ ଘୋଡ଼ା ଓଟ ଫିଟି ପଳାଇଣ ଗଲେ ଯେ ॥ ୫୧

ଖଣ୍ଡ ଭଣ୍ଡାରମାନେ ପଦାର୍ଥ ବୋହି ନେଲେ ।
ଅଗ୍ନି ଭୟେ ଲୋକେ କୂପ ତଡ଼ାଗେ ପଶିଲେ ଯେ ॥ ୫୨

**ବ୍ରହ୍ମାଙ୍କ ବଚନକା:—**

ବ୍ରହ୍ମା ବୋଲେ ହନୁ ଏବେ ଆଉ ନାହିଁ ଯଶ ।
ବାରତା କହ ଯାଇଣ ଶ୍ରୀରାମଙ୍କ ପାଶ ଯେ ॥ ୫୩

ବ୍ରହ୍ମା ତଆରନ୍ତେ ହନୁ ଅଗ୍ନି ସଂହରିଲେ ।
ମେଲାଣି ହେବାକୁ ସୀତା ପାଶକୁ ଚଳିଲେ ଯେ ॥ ୫୪

## ଗୀତ

ଯାଉଛୁ ଭୋ ମାତ ବୋଲି ଚରଣେ ପଡ଼ିଲେ ।
ଜାନକୀ ବଚନ ରାମ ଗ୍ରାମୁକୁ କହିଲେ ଯେ ॥ ୫୫

କହିବ ହନୁ ମୋ ପ୍ରାଣ ଦୁଇ ମାସ ଅଛୁ ।
ବହନ ଏଠାକୁ ଆଣ ରଘୁକୁଳ ବଚ୍ଛି ରେ ॥ ୫୬

ହନୁ ବୋଲନ୍ତି ଭୋ ମାତ ମୋର କାନ୍ଧେ ବସ ।
ଏହିକ୍ଷଣି ଘେନି ଯିବି ଶ୍ରୀରାମଙ୍କ ପାଶ ହେ ॥ ୫୭

ସ୍ୱଇଚ୍ଛାରେ କେମନ୍ତେ ମୁଁ ଛୁଇଁବି ପୁରୁଷ ।
ଚୋରାଇ ଆଣିଛି ତୁମ୍ଭେ ମାର ନେଲେ ଯଶ ଯେ ॥ ୫୮

ଏହି ନିକଟେ ଆସିବେ ଶ୍ରୀରାମ ରାଜନ ।
ଏତେ କହି ସୀତା ପାଦେ ପଡ଼ି ହନୁମାନ ଯେ ॥ ୫୯

ତହୁଁ ଆସି ହନୁ ସୁବଳଯ୍ୟାରେ ପ୍ରବେଶ ।
ସୀତା ପାଦ ଚିନ୍ତି କହେ ରଘୁନାଥ ଦାସ ଯେ ॥ ୬୦

●

## ରାଗ—**ମଙ୍ଗଳଗୁଜ୍ଜରୀ**

ସୁବଳଯ୍ୟା ପର୍ବତେ ରଜନୀ ହନୁ ରହି ।
ପ୍ରଶଂସା କରନ୍ତି ବୀରବରଙ୍କୁ ଅନାଇଁ ଯେ ॥ ୧

ବିଚାରନ୍ତି ଏଠାକୁ ଦିଶଇ ଲଙ୍କା ଦେଶ ।
ରାମଙ୍କୁ ଜଣାଇ ଏଥି କରିବା ନିବାସ ଯେ ॥ ୨

ଏତେ ବୋଲି ହନୁ ପ୍ରାତଃ ବାହାର ହୋଇଲେ ।
ଆକାଶେ ଉଡ଼ନ୍ତି ସିନ୍ଧୁ ଡେଇଁଣ ଆଇଲେ ଯେ ॥ ୩

ସାଗର ଏ କୂଳେ ଆସି ହୋଇଲେ ପ୍ରବେଶ ।
ଅଙ୍ଗଦ ଆଦି ସେନାଏ ହୋଇଲେ ହରଷ ଯେ ॥ ୪

ଯେ ଯାହା ମାନ୍ୟ ଧର୍ମରେ ଗଜ୍ଜରୋବ କଲେ ।
ଦେଖିଲି କି ସୀତା ବୋଲି ଜାମ୍ବେବ ବୋଇଲେ ଯେ ॥ ୫

ଅଙ୍ଗଦ ଜାମ୍ବେବ ଆଦି ସମସ୍ତ ସେନାଙ୍କୁ ।
ଆଦ୍ୟ ପ୍ରାନ୍ତ କରି ସବୁ କହିଲେ ତାହାଙ୍କୁ ଯେ ॥ ୬

ନାଗମାତା ଭେଟି ମଣିନାଗର ବ୍ୟବସ୍ଥା ।
ରାହୁମାତା ହତ ସୀତା ଖୋଜିବାର କଥା ଯେ ॥ ୭

ଅଶୋକ ବଣିକେ ସୀତା ଦେଖିଲେ ଯେମନ୍ତ ।
ରାକ୍ଷସଙ୍କୁ ମାରି ଲଙ୍କା ଦାହିବା ପର୍ଯ୍ୟନ୍ତ ଯେ ॥ ୮

ବ୍ରହ୍ମା ଉଆରନ୍ତେ ତହୁଁ ବାହୁଡ଼ି ଆଇଲି ।
ସୁବଳଯ୍ୟା ରହି ପ୍ରାତଃ ଏଥିକୁ ଆଇଲି ଯେ ॥ ୯

ଏମନ୍ତ ଶୁଣି ଅଙ୍ଗଦ ଆଲିଙ୍ଗନ କଲେ ।
ମାଗ ତୁ ବଧାଇ ନିଷ୍ଟେ ଦେବ ମୁଁ ବୋଇଲେ ସେ ॥ ୧୦

ମାରୁତି ବୋଲନ୍ତି ତନୁ କ୍ଷୁଧାରେ ବ୍ୟାକୁଳ ।
କିଷ୍କିନ୍ଧା ତୋଟାରେ ଯେବେ ଭୁଞ୍ଜାଇବୁ ଫଳ ଯେ ॥ ୧୧

ଅଙ୍ଗଦ ଶୁଣିଣ ସିଦ୍ଧକାର ତାହା କଲେ ।
ତହୁଁ ଆସି ମଧୁବନେ ପ୍ରବେଶ ହୋଇଲେ ଯେ ॥ ୧୨

ଦିବ୍ୟ ଫଳମାନ ଖାଇ ମତୁଆଲ ହୋଇ ।
ବୃକ୍ଷମାନ ଉପାଡ଼ିଲେ ଅତିଗର୍ବ ବହି ସେ ॥ ୧୩

ତୋଟା ଜଗୁଆଳ ସେ ବାନର ଦଧିମୁଖ ।
ବୃକ୍ଷ ଭଗ୍ନ ଦେଖି ମନେ ହୋଇଲା ବିମୁଖ ଯେ ॥ ୧୪

ବୋଲଇ କିମ୍ପାଇଁ ତୁମ୍ଭେ ତୋଟା କଲ ଭଗ୍ନ ।
ଏହା ଶୁଣି ବାଧାଏ ମାଇଲେ ହନୁମାନ ଯେ ॥ ୧୫

ଯେମନ୍ତେ ମାରନ୍ତେ ସେ ତୋଟାରୁ ପଳାଇଲା ।
ମାଲ୍ୟବନ୍ତେ ସୁଗ୍ରୀବଙ୍କୁ କାନ୍ଦଣ କହିଲା ସେ ॥ ୧୬

ହେ ଦେବ ଅଷ୍ଟ ସେନାଏ ଭାଙ୍ଗି ମଧୁବନ ।
କ୍ରୋଧ କରନ୍ତେ ମୋତେ ମାରେ ହନୁମାନ ହେ ॥ ୧୭

ଏହା ଶୁଣି ରମାକାନ୍ତ ହରଷ ହୋଇଲେ ।
ପଉଶ୍ଳେଷ କରି ତାଙ୍କୁ ରାମ ପାଶେ ଗଲେ ଯେ ॥ ୧୮

ନମସ୍କାର କରି ନିକଟରେ ହେଲେ ଯାଇ ।
ହାସ ହରଷରେ ମୁଖ ଯୁକ୍ତ ଅଛି ହୋଇ ଯେ ॥ ୧୯

ବୋଲନ୍ତି ହେ ଦେବ ଦକ୍ଷିଣକୁ ଯିବା ଦୂତ ।
କିଷ୍କିନ୍ଧା ତୋଟାରେ ଛନ୍ତି ଶୁଣିଲି ଯଥାର୍ଥ ହେ ॥ ୨୦

ଅବଶ୍ୟ ସେ କାର୍ଯ୍ୟ କରି ଆଇଲେ ଗୋସାଇଁ ।
ତୋଟା ଭଗ୍ନ କଲେ ମୋର ଏଥୁଁ ଜାଣିଲଇଁ ହେ ॥ ୨୧

ଏମନ୍ତେ ଶୁଣିଣ ସୁଗ୍ରୀବଙ୍କୁ କୋଳ କଲେ ।
ହେ ମିତ୍ର ସତେ କି ଏହା ଶୁଣିଲ ବୋଇଲେ ସେ ॥ ୨୨

ଏହି ଦେବ ବୋଲି ତୋଟାଲକୁ ବେଗେ ନେଇ ।
ତାହା ମୁଖୁଁ ସବୁ କଥା ଦଅନ୍ତି ଶୁଣାଇ ସେ ॥ ୨୩

ଏହି ସମୟରେ ସୈନ୍ୟ ଚହଲ ଶୁଭିଲେ ।
ଦକ୍ଷିଣ ଦିବାର ଦୂତେ ପ୍ରବେଶ ହୋଇଲେ ଯେ ॥ ୨୪

ଶ୍ରୀରାମ ନିକଟେ ଆସି ହୋଇଲେ ପ୍ରବେଶ ।
ପାଏ ପଡି ଶୋଇ ପୁଣ ଗଲେ ଭେଟା ଦଶ ଯେ ॥ ୨୫

ନିକଟେ ହୁଅନ୍ତେ ପୁଣ ଚରଣେ ପଡ଼ିଲେ ।
ନମସ୍କାର ହୋଇ ସୁଗ୍ରୀ ନିକଟକୁ ଗଲେ ଯେ ॥ ୨୬

ଜାମ୍ବେବ ବୋଲନ୍ତି ଦେବ ହନୁ ଲଙ୍କା ଗଲା ।
ଅଶୋକବନରେ ତୁମ୍ଭ ଘରଣୀ ଦେଖିଲା ଯେ ॥ ୨୭

ରାମ ଆଜ୍ଞା ଦେଲେ ହନୁ ଆସ ମୋର ପାଶ ।
ବେଗ କରି କହ ମୋତେ ସୀତାର ସନ୍ଦେଶ ରେ ॥ ୨୮

ତୁ ପୁଣ ଲଙ୍କାରେ ଠାବ କଲୁ ବଇଦେହି ।
ହଇ ଦେବ ବୋଲି ଉଭା ହୋଇ ହନୁ କହି ଯେ ॥ ୨୯

ତୁମ୍ଭ ଚରଣ ପ୍ରସାଦୁ ସିନ୍ଧୁ ଟଲି ତେଉଁ ।
ଲଙ୍କା ଗଡ ଅଶୋକ ବନରେ ମେଲି ଯାଇ ହେ ॥ ୩୦

ସହସ୍ରେ ଅସୁରୀ ମଧ୍ୟେ ବିକେ କରିଛନ୍ତି ।
ତୁମ୍ଭ ପାଦ ଚିନ୍ତି ପ୍ରାଣ ମାତ୍ର ଧରିଛନ୍ତି ହେ ॥ ୩୧

ସେହି ନିକଟରେ ବୃକ୍ଷେ ବସିଥିଲି ଯାଇ ।
ଏହି କାଳେ ରାବଣ ପ୍ରବେଶ ହେଲା ତହିଁ ହେ ॥ ୩୨

ଅନେକ ପ୍ରକାରେ ଦୁଷ୍ଟ ବଚନ କହିଲା ।
ଜାନକୀ କଉନ ଦେଖି ଅତି କ୍ରୋଧ ହେଲା ସେ ॥ ୩୩

ରାମକୁ ତୁ ବେଗ ମାସେ ଦେଖାଇବୁ ଆଣି ।
ନୋହିଲେ ନିଶ୍ଚୟେ ତୋତେ ପକାଇବି ହାଣି ଯେ ॥ ୩୪

ଏମନ୍ତ କହି ରାବଣ ଗଲା ନିଜ ପୁର ।
ରାକ୍ଷସୀମାନେ ସ୍ନାନକୁ ହୋଇଲେ ବାହାର ଯେ ॥ ୩୫

ଏହି କାଳେ ଦେବ ତୁମ୍ଭ ଚରିତକୁ କହି ।
ଶାପ ଦେଉଥିଲେ ଭେଟ ହେବାରୁ ବୈଦେହୀ ଯେ ।। ୩୬

ତାହାଙ୍କଠୁ ସନ୍ଦେଶ ଶୁଣି ସେ ହେଲେ ତୋଷ ।
ଶୋକଭର ହୋଇ କହିଲେ ଏହି ସନ୍ଦେଶ ହେ ।। ୩୭

ଏତେ କହି ହନୁ ମଣି ଦେଲେ ରାମ କରେ ।
ମଧୁଶଯ୍ୟା ନିୟମ କହିଲେ ଏକାନ୍ତରେ ସେ ।। ୩୮

ଆହା ସୀତା ବୋଲି ରାମ ପଡ଼ିଲେ ଧରଣୀ ।
ଲକ୍ଷ୍ମଣ ତୋଳି ଧରିଲେ ମୁଖେ ସିଞ୍ଚି ପାଣି ଯେ ।। ୩୯

ଚେତନା ପାଇଣ ପୁଣି ହେଲେ ଶୋକଭର ।
ଅସୁର ଘରେ ରହିଲୁ ଧରି ମୋର କର ଗୋ ।। ୪୦

ଧିକ ମୋର ପୁରୁଷାର୍ଥ ଧିକ ମୋର ବଳ ।
ନିନ୍ଦିତ ହୋଇଲି ମୋହ ଯୋଗୁଁ ସୂର୍ଯ୍ୟକୁଳ ଯେ ।। ୪୧

କିସ ବାହୁବଳ ଗୁଣ ଅଛୁ ତୁ ସୁଜାଣ ।
ଧିକ ଧିକ ଅଛୁ କିମ୍ପା ଯାଉ ମୋର ପ୍ରାଣ ହେ ।। ୪୨

ଚନ୍ଦ୍ରଶାଳା ପୁରକୁ ତୁ ଡରୁ ବଇଦେହୀ ।
ଏବେ ରାକ୍ଷସୀରେ ବନ୍ଦୀ ହେଲୁ ଏକା ହୋଇ ଯେ ।। ୪୩

ଲକ୍ଷ୍ମଣ ବୋଲନ୍ତି ଦେବ କିମ୍ପା ଶୋକ କର ।
ରାବଣ ମାରିବା କଥା ବିଚାର ମନର ହେ ।। ୪୪

କ୍ରୋଧ ଶାନ୍ତ କରି ସୁଗ୍ରୀବକୁ ଆଜ୍ଞା ଦେଲେ ।
ସୈନ୍ୟ ଘେନି ଆସ ବୋଲି ଆପଣେ ଉଠିଲେ ସେ ।। ୪୫

ସୀତା ରୂପ ଚିନ୍ତି ରାମ ବଢ଼ାଇଲେ ପାଦ ।
ସୈନ୍ୟ ସହିତେ ବାହାର କଲେ କପିନାଦ ସେ ।। ୪୬

ସିନ୍ଧୁ ଦକ୍ଷିଣ କୂଳରେ ହୋଇଲେ ପ୍ରବେଶ ।
ରାମ ପାଦ ଚିନ୍ତି କହେ ରଘୁନାଥ ଦାସ ହେ ।। ୪୭

## ପଞ୍ଚମ ଦିନ ନାଟ

ରାମଂ ଲକ୍ଷ୍ମଣପୂର୍ବଜଂ ରଘୁବରଂ ସୀତାପତିଂ ସୁନ୍ଦରଂ
କାକୁତ୍ସ୍ଥଂ କରୁଣାକରଂ ଗୁଣନିଧିଂ ବିପ୍ରପ୍ରିୟଂ ଧାର୍ମିକମ୍ ॥
ରାଜେନ୍ଦ୍ରଂ ସତ୍ୟସନ୍ଧଂ ଦଶରଥତନୟଂ ଶ୍ୟାମଳଂ ଶାନ୍ତମୂର୍ତ୍ତିଂ
ବନ୍ଦେ ଲୋକାଭିରାମଂ ରଘୁକୁଳତିଳକଂ ରାଘବ ରାବଣାରିମ୍ ॥

ପୂର୍ବଂ ରାମତପୋବନାଦି ଗମନଂ ହତ୍ୱା ମୃଗୀକାଞ୍ଚନଂ
ବୈଦେହୀ ହରଣଂ ଜଟାୟୁମରଣଂ ସୁଗ୍ରୀବସମ୍ଭାଷଣମ୍ ।
ବାଲୀ-ନିଗ୍ରହଣଂ ସମୁଦ୍ରତରଣଂ ଲଙ୍କାପୁରୀଦାହନଂ
ପଶ୍ଚାଦ୍ରାବଣକୁମ୍ଭକର୍ଣ୍ଣନିଧନମେତଦ୍ଧି ରାମାୟଣମ୍ ॥

ଜୟ ଜୟ ରଘୁନାଥ ଜୟ ନୃପଧାରୀ ।
ନୀଳୋତ୍ପଳ ସୁନ୍ଦର ମର୍କତ ତନୁଧାରୀ ହେ ॥

ଧନ୍ୟ ଧନ୍ୟ ଦଶରଥ ଅଯୋଧ୍ୟା ନଗରୀ ।
ସେ ନଗରୀ ଲୋକେ ପୂର୍ବେ କି ତପ ଆଚରି ହେ ॥

କେଉଁ ପୁଣ୍ୟ କରି କଉଶଲ୍ୟା ଗର୍ଭଧାରୀ ।
ଏ ମୋ ପୁତ୍ର ବୋଲି କୋଳେ ଧଇଲେ ମୁରାରି ହେ ॥

ଶିବ ବିରଞ୍ଚି ଯା ପାଦ ସଦା ଧ୍ୟାୟେ କରି ।
ଯା ନାମ ଶ୍ରବଣ ମାତ୍ରେ ଭବସିନ୍ଧୁ ତରି ହେ ॥

ମଚ୍ଛ କଚ୍ଛ ବରାହ ନୃସିଂହ ରୂପ ଧରି ।
ବାମନ ପରଶୁରାମ ରାମ ରୂପ ଧରି ହେ ॥

ବଳରାମ ବୌଦ୍ଧ କଳଙ୍କି ରୂପ ଧାରୀ ।
ବେଦ ଉଦ୍ଧରି ମନ୍ଦର ଗିରି ପୃଷ୍ଠେ ଧରି ହେ ॥

ପିତା ଅଭିମାନେ ଶ୍ରୀ ଅର୍ଜୁନକୁ ସଂହାରି ।
ରାବଣକୁ ମାରି କଂସାସୁର ଜୟ କରି ହେ ॥

ହିରଣାକ୍ଷ ବଧି ହିରଣ୍ୟ ବୁକୁ ବିଦାରି ।
ଇନ୍ଦ୍ର ଛଳେ ଦାନ ମାଗି ବଳୀ ଦର୍ପ ହରି ହେ ॥

ବନ୍ଧ ରୂପେ ବିଜୟ କର ନୀଳଗିରି ।
ମଣ୍ଡନେ ବସିଛ ମ୍ଳେଚ୍ଛମାନଙ୍କୁ ଉଦ୍ଧରି ହେ ॥

ଏବଂଭୂତ ରାମ ପାଦ ହୃଦେ ଧ୍ୟାନ କରି ।
ରଘୁନାଥ ଦାସ ବୋଲେ ହେବ ଭବୁ ପାରି ହେ ॥

●

ରାଗ—ଚକ୍ରାକେଦାର

ଯେହ୍ନୁ ରାମାୟଣ ଗ୍ରନ୍ଥ ସାର ଉମା ଆଗେ କହିଲେ ଶଙ୍କର
ଏହା କହିବାକୁ କର୍ତ୍ତିବ୍ୟ କାହାର,
ଏକା ରାମ ନାମ ମାତ୍ର ହେତୁ କର, ହେ ସୁଜନେ ॥ ୧

ଯାତ୍ରା ପାଇଁ କଲି ନୃତ୍ୟରସ ସାଧୁଜନେ ନ ଘେନ ମୋ ଦୋଷ
ଯାତ୍ରା ହୋଇବ ପରମ ରସମୟ,
ଏହା ଶୁଣି ସର୍ବେ ହୁଅ ତୋଷ, ହେ ସୁଜନେ ॥ ୨

**ସେତୁବନ୍ଧ ମଙ୍ଗଳ :—**

ଜୟ ଜୟ ଶବଦ ଶୁଭଇ ଚକ୍ରପୁର ।
ସେତୁବନ୍ଧ ଉପରେ ବିଜୟେ ରଘୁବୀର ॥ ୧

ମର୍କତ ଶିଳା ଉପରେ ପୂର୍ଣ୍ଣକୁମ୍ଭ ଥାପି ।
କନକ ମୃଗ ଛାଲ ପରେ ବିଜୟ କରନ୍ତି ॥ ୨

ଯୁଦ୍ଧ ସଜ ହୋଇ ରାମ ବିଜୟ କରନ୍ତି ।
ଗୋରୋଚନା ତିଳକ ଜାମ୍ବେବ ଆଣି ଦିଅନ୍ତି ॥ ୩

କ୍ଷର୍ଦିବର ବୋଲଣି ସିନ୍ଦୁର ଟୀକା ଦେଲେ ।
ମଙ୍ଗଳ ଆଳତି ଅର୍ଘ୍ୟ ଘେନି ବନ୍ଦାଇଲେ ॥ ୪

ଅନର୍ଗଳ ତୋଡ଼ର ଚଯ ପଯ୍ୟରେ କଠାଉ ।
ଦେବାର୍ଚ୍ଚନ ମଣ୍ଡପକୁ ବିଜେ ରାମ ରାହୁ ॥ ୫

ପାଞ୍ଜି ଫେଡ଼ି ଲଗ୍ନ ଖୋଜି ମନ୍ତ୍ରୀ ଯେ ସୁଷେଣ ।
ଏହି ଯୋଗେ ବିଜେ କଲେ ମାରିବା ରାବଣ ॥ ୬

ଅକ୍ଷୟ ବେନି ତୋଣକୁ ବାନ୍ଧି ବେନି ବାହୁ ।
ସୁଗ୍ରୀବ ରାଜନକୁ କହନ୍ତି ରାମରାହୁ ॥ ୭

ଲକ୍ଷ୍ମଣଙ୍କୁ ଘେନ ବିଜୟେ ଶ୍ରୀରାମଚନ୍ଦ୍ର ।
ମୁଖ ବିକାଶଇ ତାଙ୍କ କୋଟି ଅରବିନ୍ଦ ॥ ୮

କନ୍ଧେ କାଣ୍ଡ ଖର ଯେ ବିକ୍ରମ ସିଂହ ମୂର୍ତ୍ତି ।
ସୁବଳାଖ୍ୟା ଗିରିରେ ବିଜୟେ ଦାଶରଥି ॥ ୯

ଶୁଭ ଯୋଗେ ସୁବଳ ଗିରିରୁ ଓହ୍ଲାଇଲେ ।
ସଂଗ୍ରାମ ଭୂଇଁରେ ଯାଇ ପ୍ରବେଶ ହୋଇଲେ ॥ ୧୦

ଶାରଙ୍ଗ ଧନୁ ଶ୍ରୀକରେ ଶଙ୍ଖ ଜୟେ ବୀର ।
ବାମଭୁଜେ ଧନୁ ଧରି ବିଜେ ଦେବବର ॥ ୧୧

ରାବଣକୁ ଭେଟି ଯେ ହୋଇଲେ ରଘୁନାଥ ।
ଅଗସ୍ତିଙ୍କ ଦେବା ଧନୁ ଧରିଛନ୍ତି ହାତ ॥ ୧୨

ଦେବାଙ୍ଗନା ବଢ଼ାଇଣ ରଘୁପତି ଯାନ୍ତି ।
ଲଙ୍କା ଜୟ କରିବାକୁ ବିଚାର କରନ୍ତି ॥ ୧୩

●

ରାଗ— **ଚିନ୍ତାକେଦାର**

ଶିବ ଶର୍ବାଣୀ ଆଗରେ କହନ୍ତି ରାମ ସୀତାର ସନ୍ଦେଶ ପାଇ
ସୁଗ୍ରୀବଙ୍କୁ ବୃହିଁ ଶୀଘ୍ର ଆଜ୍ଞା ଦେଲେ,
ସୈନ୍ୟ ସଜକର ବେଗ ହୋଇ, ହେ ମଇଦ ॥ ୧

ନୀଳସେନଙ୍କୁ ଆଣ ପାଶକୁ ଆଗେ ସେନା କରିବା ତାହାକୁ
ଆଗୁଁସାର ହୋଇ ଯିବ ପଥ ମାଡ଼ି,
ଆଜ୍ଞା ପ୍ରମାଣେ ଆସି ନଳକୁ ସେ, ସୁଗ୍ରୀବ ॥ ୨

ଦିବ୍ୟ ସୁରଙ୍ଗ ଶାଢ଼ୀ ଅଣାଇ ନୀଳ ମସ୍ତକରେ ରଘୁସାଇଁ
ଆପେ ଶ୍ରୀହସ୍ତରେ ବାନ୍ଧିଦେଲେ ପାଟ,
ଆଗେ ସେନାପତି ହେଲୁ ଏହି, ହେ ସୁଜନେ ॥ ୩

ଏତେ କହି ବେଶ ହେଲେ ରାମ ଛବି ନିନ୍ଦା କରେ କୋଟି କାମ
ଶ୍ରୀହସ୍ତେ ଧରି କୋଦଣ୍ଡ ଅକ୍ଷୟଶର,
କନ୍ଧେ ଅକ୍ଷୟ ତୋଣ ଶୋଭନ, ହେ ସୁଜନେ ॥ ୪

ଦିବ୍ୟ କୁସୁମରେ ମଣ୍ଡି ଚୂଳ          କର୍ଣ୍ଣେ ଲୁଳେ ମକରକୁଣ୍ଡଳ
ସୀତା ଅମଳାନ ବସ୍ତ୍ର ଆଭରଣ,
ମଥାମଣି ଲମ୍ବେ ବକ୍ଷସ୍ଥଳ, ସେ ଶ୍ରୀରାମ ॥ ୫

ନବଘନ ନୀଳ ଦାଢ଼ି ଦୀପ୍ତି          ଦଳା କସ୍ତୁରୀ ହିଁ ନିରାକାନ୍ତି
ଶ୍ୟାମଳ ସୁନ୍ଦର ଦୁର୍ବାଦଳ ରୂପ,
କୋଟି ଚନ୍ଦ୍ର ମୁଖକୁ ନିନ୍ଦନ୍ତି, ହେ ସୁଜନେ ॥ ୬

ଏହି ରୂପେ ସୁବେଶ ଲକ୍ଷ୍ମଣ          କଲେ ମନ୍ତ୍ରୀ ମଙ୍ଗଳାରୋପଣ
ତଦ ଅନ୍ତେ ହନୁ ଅଙ୍ଗଦ କାନ୍ଧରେ,
ବେନି ଭାଇ କଲେ ଆରୋହଣ, ହେ ସୁଜନେ ॥ ୭

ଶୁଭ ଲଗ୍ନ ସୁଷେଣ କହିଲେ          ସୀତା ରୂପ ଶ୍ରୀରାମ ଧ୍ୟାଇଲେ
ସକଳ ସୈନ୍ୟ ସହିତରେ ଘେନିଣ,
ତହୁଁ ଗୃପଧାରୀ ବଳେ କଲେ ସେ, ଶ୍ରୀରାମ ॥ ୮

ଆଗେ ପଛେ କେହୁ ପାର୍ଶ୍ୱରେ          ପଟୁଆରେ ଚଳନ୍ତି ବାନରେ
ବନଗିରି ଚୂରି ଯାନ୍ତି ପଥ କରି,
କମ୍ପେ ଧରଣୀ ମୁଖରାବରେ, ସେ ଗର୍ଜନେ ॥ ୯

ସିନ୍ଧୁ ଦକ୍ଷିଣ କୂଳରେ ଯାଇ          ରାମ ପ୍ରବେଶ ହୋଇଲେ ତହିଁ
ଦେଖିଲେ ଅଗାଧ ଜଳଧି ଲହରୀ,
ଅତି ତୁଙ୍ଗର ହୋଇ ଆସଇ, ସେ ତରଙ୍ଗ ॥ ୧୦

ହନୁ କାନ୍ଧୁ ଓତୁରି ଶ୍ରୀରାମ,          ଅଙ୍ଗଦରୁ ଓତୁରି ଲକ୍ଷ୍ମଣ
ସୁଗ୍ରୀବର ଆଦି ସବୁ ସେନାମାନେ,
ରାମ ଚରଣେ କଲେ ପ୍ରଣାମ, ସେ ସକଳେ ॥ ୧୧

ବାଳ ରହିଲେ କୂଳରେ ମାଡ଼ି          ଦେଖି ଆଠକୁ ବେଗେ ଲହରି
ବେଳକୁ ବେଳ ହୋଏ ଅତି ଦୁଷ୍କର,
ତହିଁ ରାମ କ୍ଷୋଭ କଲେ ବୁଦ୍ଧି, ସେ ଶ୍ରୀରାମ ॥ ୧୨

ହୃଦେ ଚିନ୍ତା କରି ରଘୁନାଥ          କାହିଁ ଯିବାକୁ ନ ଦିଶେ ପଥ
ଏତେ ସୈନ୍ୟ ଘେନି କେମନ୍ତେ ମୁଁ ଯିବି,
ଭ୍ରାତା-ମାତା ଯୋଗୁ ସବୁ ହତ, ହେ ଏମନ୍ତ ॥ ୧୩

ଶୋକ ଭର ହୋଇ ରଘୁପତି    ସୁଗ୍ରୀବକୁ ହକାରିଲେ କତି
ଦୁଃସହ ଜଳଧି ତରିବାକୁ ବୁଦ୍ଧି,
ମୋତେ ଦିଶୁନାହିଁ କପିପତି, ହେ ମଇତ ॥ ୧୪

ମନେ ପଡୁଅଛୁ ଭୂମିସୁତା    ମୋତେ ଏହା ଚିନ୍ତାଲ ବାଧାତା
ସତେ କି ପ୍ରିୟାର ଶ୍ରୀମୁଖ ଦେଖିବି,
ପ୍ରତେ ନୋହୁଛି ମନେ ଏ କଥା, ହେ ମଇତ ॥ ୧୫

ଆହାରେ ମୋ ଗଜରାଜ ଗତି    ମୋତି ନିନ୍ଦେ କୁନ୍ଦ-ଦନ୍ତ-ପନ୍ତି
କୁଟିଳ କୁନ୍ତଳ ନୀଳମଣି ନିନ୍ଦେ,
ଜମ୍ବୁନଦ ଝଳି ଜିଣି କାନ୍ତି, ହେ ମଇତ ॥ ୧୬

ଭ୍ରୁରୁ ଜିଣି କାମ ଶରାସନ    ଚମ୍ପା କଳିକା ଅଙ୍ଗୁଳିମାନ
କରପଦ୍ମ କୋକନଦ ଛବି ନିନ୍ଦେ,
ମୁଖ ପୂର୍ଣ୍ଣିମା ଶଶୀ ସମାନ, ହେ ମଇତ ॥ ୧୭

ସିନ୍ଧୁ କେମନ୍ତେ ପାରି ହୋଇବା    ସତେ କି ଆମ୍ଭେ ଲଙ୍କାକୁ ଯିବା
ସତେ କି ରାବଣ ସଗୋଷ୍ଠ ସହିତେ,
ମାରି ଜାନକୀ ଘେନି ଆସିବା, ହେ ମଇତ ॥ ୧୮

ସୁଗ୍ରୀ କହେ ଯୋଡ଼ି ବେନିକର    ଦେବ ଏଥକୁ ଶୋକ ନ କର
ଅଗସ୍ତି ପରାଏ ଏହୁ ସିନ୍ଧୁ ଜଳ,
ପିଇ ଶୁଖାଇବେ କପିବଳ ହେ, ଭୋ ଦେବ ॥ ୧୯

ତୁମ୍ଭ ମହିମା ଅତି ଅପାର    ଯେବେ ଆଜ୍ଞା ହେବ ରଘୁବୀର
ଲଙ୍କାଗଡ଼ ଯାଇ ଉପାଡ଼ି ଆଣିବେ,
କ୍ଷଣ ମାତ୍ରକେ ଋକ୍ଷ ବାନର ହେ, ଭୋ ଦେବ ॥ ୨୦

ଯେଉଁ ବାଳୀବୀର ରାବଣକୁ    କାଖେ ଜାକି ନେଲା କିଷ୍କିନ୍ଧାକୁ
ସେ ବାଳୀ ତୁମ୍ଭର କାଣ୍ଡ ମୁନେ ମଲା,
କି ବଚନ ତାକୁ ମାରିବାକୁ ହେ, ଭୋ ଦେବ ॥ ୨୧

ଯେତେ ଦୁଷ୍ଟ ଅଛନ୍ତି ଜଗତେ    କ୍ଷଣକେ ମାରି ପାର କାହିଁତେ
ରଘୁନାଥ ଦାସ ରାମ ଚନ୍ଦ୍ର କହେ,
ଛାର ରାବଣ ଅଟଇ କେତେ ହେ, ଭୋ ଦେବ ॥ ୨୨

## ରାଗ— **ମୁଖାରୀ**

ଯେଉଁଅନ୍ତେ ସିନ୍ଧୁକୂଳରେ ଚରର ଶ୍ରୀରାମ ସନ୍ଦେଶ ବୁଝିଲା ।
ଲଙ୍କାକୁ ସତ୍ୱର ଯାଇ ରାବଣକୁ କରଯୋଡ଼ି ବେଗେ କହିଲା ।
ଶୁଣ ହେ ଦେବ ! ଯାହା ଦେଖିଲି ଅତି ଅସମ୍ଭବ ॥୧

ଶ୍ରୀରାମ ଲକ୍ଷ୍ମଣ ସୁଗ୍ରୀବ ସଙ୍ଗରେ ଅକଳିତ ସୈନ୍ୟ ଆଇଲେ ।
ଲଙ୍କାପୋଡ଼ା କପି ବାର୍ତ୍ତା କହିବାରୁ ସିନ୍ଧୁକୂଳେ ଆସି ରହିଲେ ।
ଋକ୍ଷ ମର୍କଟେ, ପୂରି ରହି ଅଛନ୍ତି ସିନ୍ଧୁତଟେ ॥୨

ଶ୍ରୀରାମ ବାଳୀକି ହତ କରି ସୁଗ୍ରୀବରକୁ କଲେ ନୃପବର ।
ଶୁଣି ରାଜା ବୋଇଲ ବାଳୀ ମାରିବାକୁ ମର୍ତ୍ତ୍ୟରେ କେହି ନାହିଁ ବୀର ।
ଯାହା କହିଲୁ, ଏହା କାହାଠାରୁ ଶୁଣି ଆଇଲୁ ॥୩

କ୍ରୋଧଭରେ ହୋଇ ଚରରକୁ ଚାହିଁ ପୁଣି ବୋଲଇ ଲଙ୍କେଶ୍ୱର ।
ସତେ କିରେ ଯତି ବାଳୀକୁ ମାରିଲା ମିଛ କହିଲା ଏ ପାମର ।
ଶିର ଏହାର, କାଟ ନଗରୁ କରିଣ ବାହାର ॥୪

ରାବଣର କ୍ରୋଧ ଦେଖି ବିଭୀଷଣ ବେନି କର ଯୋଡ଼ି କହଇ ।
ହେ ଦେବ ଯାହା ସେ ଦେଖିଲା କହିଲା ପ୍ରମାଣ ଏ ମିଛ ନୁହଇ ।
କାହିଁ ପାଇଁକି, ଭୃତ୍ୟଠାରେ ଏଡ଼େ କ୍ରୋଧ କରିକ ॥୫

ତୁମ୍ଭେ ତ ଜାଣିଛ ମିଥିଳାରେ ରାମ ଭାଙ୍ଗିଲେ ଶିବ ଶରାସନ ।
ପରଶୁରାମ ଜିଣି ପିତା ସତ୍ୟରେ ଆସି ବନେ କଲେ ବିଶ୍ରାମ ।
ପଞ୍ଚବଟୀରେ, କୁଟୀ କରି ରହିଥିଲେ ସେଠାରେ ॥୬

ସୂର୍ପଣଖା ଯାଇ ଦ୍ୱନ୍ଦ୍ୱ ଲଗାଇଲା ଛେଦିଲେ ତା ନାସା ଶ୍ରବଣ ।
ଚଉଦ ସହସ୍ର ରାକ୍ଷସ ସହିତେ ନାଶ କଲେ ଖର ଦୂଷଣ ।
ଶୁଣି ଲମ୍ପଟେ, ଧରି ମାରୀଚକୁ ଗଲ କପଟେ ॥୭

ତୁମ୍ଭେ ଜାଣୁ ଜାଣୁ ଶ୍ରୀରାମ ଘରଣୀ ଚୋରାଇ ଆଣିଲଟି ଯାହା ।
ନୃପତିମାନେ ଶୁଣିଲେ କି ବୋଲିବେ ମନେ ନ ବିଚାରିଲ ତାହା ।
ନୋହେ ଉଚିତ, ବଡ଼ ଅକୀର୍ତ୍ତି ହେଲା ଦଶମାଥ ॥୮

ସତ କହିବାର ଲୋକକୁ ମାରିବ ଏଥୁ କି ଯଶ ଅରଜିବ ।
ଏବେ ହେଲେ ସୀତା ବାହୁଡ଼ାଇ ଦେଲେ ତେବେ ନିଷ୍କଣ୍ଟକରେ ରହିବ ।
ମୁଁ ଯେ କହୁଛି, ଦିବ୍ୟ ଚକ୍ଷୁକୁ ଯେମନ୍ତ ଆସୁଛି ॥୯

ବଇଦେହୀ ସ୍ୱୟଂ କମଳା ଜନମ ସାକ୍ଷାତରେ ବିଷ୍ଣୁ ଶ୍ରୀରାମ ।
ବ୍ରହ୍ମା ଶିବ ଯାର ନାମ ଘୋଷୁଛନ୍ତି ତାହାଙ୍କୁ ସାମାନ୍ୟ ନ ମଣ ।
ଦ୍ୱନ୍ଦ ନ କର, ପ୍ରୀତି କର ଏବେ ପାଦେ ତାଙ୍କର ॥୧୦

ଏଡ଼େ ବଡ ସମ୍ପଦ ବିଅର୍ଥେ ଯିବ ତୁମ୍ଭ ହିତ କେ ନ କହିବେ ।
ସିନ୍ଧୁ ପାରି ହୋଇ ସଗୋଷ୍ଠେ ମାରିଣ ଶ୍ରୀରାମ ସୀତା ଏଥୁ ନେବେ ।
ପୂର୍ବର କଥା, ଏବେ ଆସି ହୋଇଲା ଦଶମଥା ॥୧୧

ବିଭୀଷଣ ବାଣୀ ଶୁଣି ଦଶଶିର ବୋଲେ ଆରେ ମୂଢ଼ ପାମର ।
ରାମର ମହିମା ବଖାଣୁ ମୋ ଆଗେ ପ୍ରତିଜ୍ଞା ନ ଜାଣୁ ମୋହର ।
ମୁଁ ଯେ ନିଷ୍ଠୁର, ଜିଣିବାରେ କାହାକୁ ନାହିଁ ଡର ॥୧୨

ଯେବେ ରାମ ମୋତେ ସଂଗ୍ରାମେ ଜିଣିବ ତେବେ ଏଥୁ ସୀତା ସେ ନେବ ।
କମ୍ପାଇଁ ସୀତା ମୁଁ ବାହୁଡ଼ାଇ ଦେବ ଜୀବ ଥିଲେ ଏହା ନୋହିବ ।
ସତ କହୁଛି, କରଗତ ହେବା ଦ୍ରବ୍ୟ ନ ମୁଞ୍ଚି ॥୧୩

ବିଭୀଷଣ ବୋଲେ ଆହେ ଲଙ୍କଭୂପ ହିତ କହିଲେ କର କୋପ ।
ସମ୍ପଦ ଥିବାକୁ ଯେବେ ଇଚ୍ଛା ଅଛି ଶ୍ରୀରାମଙ୍କୁ ସୀତା ସମର୍ପ ।
ମନେ ବିଚାର, କର ମୋ କଥା ଏବେ ଲଙ୍କେଶ୍ୱର ॥୧୪

ମୋ ବୋଲ ନ କଲେ ସୀତାଙ୍କୁ ନ ଦେଲେ ପ୍ରାଣେ ମାରିବେ ରଘୁସାଇଁ ।
ସୁକୃତ ଛୁଡ଼ିଲ ପାପରେ ବଢ଼ିଲ ଛେଦନ ହେବ ଲଙ୍କସାଇଁ ।
ଶୁଣି ରାବଣ, କ୍ରୋଧେ ଖଡ୍ଗ ଧରି ଉଠି ବହନ ॥୧୫

ଦେଖି ଶୀଘ୍ରେ ଓଗାଳଇ ଇନ୍ଦ୍ରଜିତ ପ୍ରବୋଧି କହଇ ବହୁତ ।
ବୋଲେ ଏଡ଼େ କୋପ କ୍ଷେ ପିତା ଭ୍ରାତକୁ କରିବାର ନୋହେ ଉଚିତ ।
କହେ ରାବଣ, ଏହୁ ଥିଲେ ହେବ ମୋତେ କଷଣ ॥୧୬

ଏତେ ବୋଲି କ୍ରୋଧ ଭରେ ଦଶଶିର ବିଭୀଷଣକୁ ନାତେ ମାରି ।
ବୋଇଲା ଯା ଯା ମୋ ରାଜ୍ୟରୁ ମୋ ଅନ୍ତେ ରାଜା ତୁ ହୋଇ ଭୁଞ୍ଜ ଶିରି ।
ଯେବେ ଏହାର, ମୁଖ ଚାହିଁ କି ନାହିଁ ପାପିଷ୍ଠର ॥୧୭

ମହାରାବଣକୁ ଚାହିଁ ଲଙ୍କନାଥ ବୋଲଇ ତୋତେ ମୋ ଶପଥ ।
ତୁ ବାବୁ ଏହାକୁ ନେଇ ଲଙ୍କା ସୀମା ଡିଆଇଁ ଆସିବୁ ତୁରିତ ।
ଯାଉ ପାମର, ନଗ୍ରେ ଥିଲେ ଏ କଳଙ୍କ ମୋହର ॥୧୮

ଶୁଣି କର ମହାରାବଣ ସଭ୍ୟରେ ଧଇଲା ବିଭୀଷଣ କର ।
ବୋଲେ ରାଜା ଆଜ୍ଞା ତୁମ୍ଭଙ୍କୁ ମୁଁ ନେବ ନଗରୁ କରିବ ବାହାର ।
କ୍ଷଣେ ବିଳମ୍ବ, ହେଲେ ମୋତେ ରାଜା କ୍ରୋଧ ହୋଇବ ॥୧୯

ବିଶ୍ରବା ନନ୍ଦନ ସଭାରୁ ବହନ ଧୀରେ ଗଗନେ ଚଳିଗଲା ।
ରଘୁନାଥ ଦାସ ରାମ ଚନ୍ଦ୍ର ବୋଲେ ବିଭୀଷଣ କି ଭାଗ୍ୟ କଲା ।
ଯାହା ଅଇଲା, ଭ୍ରାତୃ ବନ୍ଧୁ ବର୍ଗ ଆଶା ଛେଡ଼ିଲା ॥୨୦

●

## ରାଗ—**ମୁଖାରୀ**

ଏଥୁ ଅନନ୍ତରେ ବିଭୀଷଣ ଗଲା ।
ସିନ୍ଧୁ ତେଜି କୂଳେ ପ୍ରବେଶ ହେଲା ।
ବାନରେ, ପୃଥ୍ୱୀ ଅଛନ୍ତି ପୂରି, ଦେଖି ବିଭୀଷଣ ମନେ ବିଚାର ॥୧

ରାବଣ ମୋତେ ଯା ଘଉଣ୍ଡି ଦେଲା ।
ଏ କଥା ମୋତେ ଭଲ ଯୋଗାଇଲା ।
ଶ୍ରୀରାମ, ପଦେ ଶରଣ ଯିବି, ଏ ଜନ୍ମ ସଫଳ ମୋର କରିବି ॥୨

ଏତେ ବିଚାରି ଆକାଶରେ ରହି ।
ଯହିଁ ଛନ୍ତି ରାମ ତହିଁକି ଚାହିଁ ।
ଏମନ୍ତ, ସମୟେ ସୁଗ୍ରୀବର, ସନ୍ଧ୍ୟା କରିବାକୁ ହେଲେ ବାହାର ॥୩

ଆଗରେ ବାନର ଛନ୍ତି ବହୁତ ।
ସନ୍ଧ୍ୟା କରି ବସିଲେ ହେମ.କାନ୍ତ ।
ବାନରେ, ଆକାଶକୁ ଚାହିଁଲେ, କେ ବୋଲେ ମେଘ କେ ଅସୁର ବୋଲେ ॥୪

କେ ବୋଲେ ଚାଲ ଆଣିମା ହେ ଧରି ।
କେ ବୋଲେ ଏଥେ ପକାଇବା ମାରି ।
ଶୁଣିଣ, ବିଭୀଷଣ ବୋଲଇ, ନ ମାର ମୋତେ ମୁଁ ରାବଣ ଭାଇ ॥୫

ଆହେ କପି କହ ସୁଗ୍ରୀବଙ୍କି ଯାଇ ।
ଆସିଛୁ ଶରଣ ପଶିବା ପାଇଁ ।
ମୋହର, ବୋଲ ଭ୍ରାତ ନ କଲା, ଅଦ୍ଭୁତ ମଣି ମୋତେ ଘଉଡ଼ିଲା ॥୬

ଶୁଣି ବାନରେ ସୁଗ୍ରୀବ ଆଗରେ ।
ଜଣାଇଲେ ଯାଇ ଅଛ ସଦ୍ଧ୍ୱରେ ।
ହେ ନାଥ, ଲଙ୍କପତିର ଭାଇ, ଆସିଛୁ ଶରଣ ପଶିବା ପାଇଁ ॥୭

ଶୁଣି ସୁଗ୍ରୀବ ଅଶ୍ଚର୍ଯ୍ୟ ହୋଇଲେ ।
ତାକୁ ମୋ ପାଶକୁ ଆଣ ବୋଇଲେ ।
ବାନରେ, ଶୁଣି ବହନ ଧାଇଁ, ବିଭୀଷଣ ଆଗେ କହିଲେ ଯାଇ ॥୮

ଆସ ଆସ ହୋ ଦଶାନନ ଭାଇ ।
ଆଜ୍ଞା ଦେଲେ ତୋତେ କିଷ୍କିନ୍ଧା ସାଇଁ ।
ଶୁଣିଣ ବିଭୀଷଣ ହରଷ, ପ୍ରବେଶ କଲେ ସୁଗ୍ରୀବର ପାଶ ॥୯

ଦେଖି କପିରାଜ ତାକୁ ପୁଚ୍ଛଇ ।
ଲଙ୍କା ନଗ୍ରରୁ ଅଇଲ କିମ୍ପାଇଁ ।
କହଇ, ବିଶ୍ରବା ଋଷି ସୁତ, ଶୁଣ ହେ ତୁମ୍ଭେ କପିକୁଳ ନାଥ ॥୧୦

ସୀତାଙ୍କୁ ରାବଣ ଚୋରାଇ ନେଲା ।
ମୁଁ ଡଆରନ୍ତେ ମୋ ବୋଲ ନ କଲା ।
ଖଡ଼ଗ, ଧରି ପ୍ରହାରୁ ଥିଲା, ଇନ୍ଦ୍ରଜିତ ହେତୁ ପ୍ରାଣ ରହିଲା ॥୧୧

ବୋଇଲା ରାମରେ ପଶ ଶରଣ ।
ଏଥେ ଥିଲେ ତୋର ଯେନିବ ପ୍ରାଣ ।
ଏମନ୍ତ, ଯହୁଁ ବାଣୀ ଶୁଣିଲି, ତେଣୁ ଲଙ୍କା ଦୁର୍ଗ ତେଜି ଅଇଲି ॥୧୨

ଶୁଣି ସୁଗ୍ରୀବ ହରଷ ହୋଇଲେ ।
ବିଭୀଷଣ କର ଧରି ଆଣିଲେ ।
ସତ୍ତ୍ୱରି, ପାଶେ ରଖାଇ ଦେଇ, ବସିଥାଅ ମୁହିଁ ଆସିବି ଯାଇ ॥୧୩

ଏତେ କହି କପିରାଜନ ଗଲେ ।
ଶ୍ରୀରାମ ଛାମୁରେ ପ୍ରବେଶ ହେଲେ ।
ଦର୍ଶନ, କରି କହେ ସୁଗ୍ରୀବ, ଅପୂର୍ବ କଥାଏକ ଶୁଣ ରାଘବ ॥ ୪

ରାବଣ ସାନଭାଇ ବିଭୀଷଣ ।
ଆସିଛୁ ଚରଣେ ହେବ ଶରଣ ।
ଆଜ୍ଞାକୁ, ଯାହା ଆସିବ ଦେବ, ଶୁଣି ହରଷ ହେଲେ ସୀତାଧବ ॥୧୫

ଶରଣ ଜନଙ୍କୁ କରେ ମୁଁ ଦୟା ।
ସେ ପଛେ କେମନ୍ତ କରୁ ଯେ ମାୟା ।
କହନ୍ତ, ସେନାମାନଙ୍କୁ ଚାହିଁ, ତୁମ୍ଭ ମନକୁ କେମନ୍ତେ ଆସଇ ॥୧୬

ଶ୍ରୀରାମ ଶ୍ରୀମୁଖରେ ସୁଗ୍ରୀବ କହେ ।
ଅସୁରଙ୍କ ମାୟା ଜାଣିତ ନୋହେ ।
ସେ ଯେଣୁ, ଆନ୍ତ ଶତ୍ରୁର ଭାଇ, ତେଣୁ କରି ତାକୁ ପ୍ରତେ ନୁହଇ ॥୧୭

ଜାମ୍ବବ ବୋଇଲନ୍ତି ଶୁଣ ହେ ଦେବ ।
ସେ ଯେବେ ଆସି ଶରଣ ପଶିବ ।
ପବନ-ନନ୍ଦନଙ୍କୁ ପଚାର, ହନୁମାନଙ୍କୁ ଚାହିଁ ରଘୁବୀର ॥୧୮

କର ଯୋଡ଼ି କହେ ପବନ ସୁତ ।
ଶୁଣ ଦେବ ଠାକୁର ସୀତାକାନ୍ତ ।
ଯେବଣ, ଦିନ ଲଙ୍କାକୁ ଗଲି, ଅଶୋକବନେ ସୀତା ଠାବ କଲି ॥୧୯

ଜାଣି ରାବଣ ମୋତେ ବାନ୍ଧି ନେଲା ।
ଏହାର ଶିର ଛେଦରେ ବୋଇଲା ।
କହିଲା, ଦେଖି ଏ ବିଭୀଷଣ, ତେଣୁ ମୋ ନାଥ ପାଇଲି ଜୀବନ ॥୨୦

ଆଉ କଥାଏ ଦେଖିଲି ଗୋସାଇଁ ।
ସୀତାଙ୍କୁ ଜଗିଛି ଏହା ତନୟୀ ।
ଜାନକୀ, ତାଙ୍କୁ କର ବିଶ୍ୱାସ, ବୁଝିବାରେ ଏ ନୁହଇ ରାକ୍ଷସ ॥୨୧

ଶୁଣି ଶ୍ରୀରାମ ଲକ୍ଷ୍ମଣଙ୍କୁ ଚାହିଁ ।
ସେନା ଯୂଥପତିମାନଙ୍କୁ କହି ।
ତୁମ୍ଭେ ହେ, ସବେ ଯାଅ ବହନ, ମାୟା କମାୟା ବୁଝ କଥାମାନ ॥୨୨

ଶ୍ରୀରାମ ଆଜ୍ଞାରେ ଲକ୍ଷ୍ମଣ ଗଲେ ।
ବିଭୀଷଣ ଦୂରୁ ଦେଖି ପୁଛିଲେ ।
ଏହିକ, ଆସନ୍ତ ରଘୁସାଇଁ, ସତ୍ୱର ବୋଲେ ତାଙ୍କ ସାନଭାଇ ॥ ୨୩

ଏମନ୍ତ ଶୁଣି ରାବଣର ଭାଇ ।
ଲକ୍ଷ୍ମଣ ପାଦେ ପ୍ରଣିପାତ ହୋଇ ।
ଉଠ ହେ, ବୋଲି ଶ୍ରୀରାମ ଭ୍ରାତ, ଆଶ୍ୱାସି ପୁଚ୍ଛିଲେ ତାଙ୍କ ଉଦନ୍ତ ॥୨୪

କହଇ କର ଯୋଡ଼ି ବିଭୀଷଣ ।
ଶୁଣ ଦେବ ପାପିଷ୍ଠ ନଷ୍ଟ ରାବଣ ।
ସୀତାଙ୍କୁ, ମୂଢ଼ ଚୋରାଇ ନେଲା, ମୁଁ ବାରନ୍ତେ କୋପ ମୋତେ କଲା ॥୨୫

ମାରିବ ବୋଲି ଖଡ଼ଗ ଉଞ୍ଚାଇ ।
ଲଙ୍କା ନଗ୍ରରୁ ଦେଲା ଘଉଡ଼ାଇ ।
ତେଣୁ ମୁଁ, ଲଙ୍କା ତେଜି ସଦ୍ଧରେ, ଶୁଣ ଦେବ ଶରଣ ଗଲି ପଦ୍ମରେ ॥୨୬

ଲକ୍ଷ୍ମଣ ବୋଲନ୍ତି ଶୁଣ ହେ ଦୈତ୍ୟ ।
ତୁ ଅଟୁ ଅମ୍ଭର ଶତ୍ରୁର ଭ୍ରାତ ।
ଶରଣ, ରହିବୁ ତୁ କେମନ୍ତେ, ଆମ୍ଭେ ପ୍ରତେ ଯିବୁ କି ରୂପେ ତୋତେ ॥୨୭

କର ଯୋଡ଼ି କହଇ ବିଭୀଷଣ ।
ଶୁଣ ଦେବ ମୁହିଁ କରିବି ପ୍ରମାଣ ।
କହିଣ, ସିନ୍ଧୁ ଜଳେ ପଶଇ, ସ୍ନାହାନ କରି ବଚନ ଭାଷଇ ॥ ୨୮

ଯେବେ ମୁଁ ଶ୍ରୀରାମ ପାଦପଦ୍ମରେ ।
କପଟ ରଖିଥିବି ହୃଦୟରେ ।
ନୃପତି, କଳିଯୁଗରେ ହେବି, ବହୁ କୁଟୁମ୍ବୀ ବିପ୍ର ମୁଁ ହୋଇବି ॥୨୯

ଏମନ୍ତ କହି ସେ କୂଳକୁ ଆସି ।
ଶୁଣି ଋଷି କପି ସକଳେ ହସି ।
ଉତ୍ତମ, ହନୁମ ଏହୁ କଲା, ଭଲ କଥାମାନ ମନେ ବାନ୍ଧିଲା ॥୩୦

ରାବଣ ଭାଇ ଏ କେଡ଼େ ଉଦାସ ।
ଶୁଣି ସୌମିତ୍ରି ହେଲେ ହସ ହସ ।
କହିଲେ, ରାମ ଆଗେ ଲକ୍ଷ୍ମଣ, ଆଜ୍ଞା ହନୁମ କଲା ବିଭୀଷଣ ॥୩୧

ବୋଇଲା ମାୟା ଥିଲେ ମୋର ଅଙ୍ଗେ ।
ନୃପତି ହେବି ମୁହିଁ କଳିଯୁଗେ ।
ବ୍ରାହ୍ମଣ, ବହୁ କୁଟୁମ୍ବୀ ହେବି, ଏ ତିନ ଜନ୍ମର ଫଳ ଭୁଞ୍ଜିବି ॥୩୨

ଶୁଣି ତା ରାଘବ ଆଶ୍ଚର୍ଯ୍ୟ ହୋଇ ।
ବୋଇଲେ ବେଗେ ଆଣ ତାକୁ ଯାଇ ।
ଜାଣିଲ, ମାୟା ନାହିଁ ତାହାର, ଯେଉଁ ହନୁମ କଲା ଅତି ଘୋର ॥୩୩

କଳିଯୁଗରେ ହୋଇଲେ ନୃପତି ।
ରାଜ୍ୟର ପାପ ଅଙ୍ଗରେ ବହନ୍ତି ।
ବ୍ରାହ୍ମଣେ, ହୋଇ ବେଦକୁ ତେଜେ, ଦାନ ଗ୍ରହଣରେ ପାପକୁ ଭଜେ ।।୩୪

ବନ୍ଧୁ କୁଟୁମ୍ବ ହୁଅଇ ଯାହାର ।
ନିର୍ଦ୍ଦେ ଅଧର୍ମ ବଢ଼େ ତାହାର ।
ଏହାକୁ, ପାପ ନର୍କେ ପକାଇ, ଦଣ୍ଡ ନିଯମ ସେ କାଳରେ ଖାଇ ।।୩୫

କପିରାଜକୁ ରାମ ଆଜ୍ଞା ଦେଲେ ।
ରାବଣ ଭାଇକି ଆଣ ବୋଇଲେ ।
ସୁଗ୍ରୀବ, ଅତି ସତ୍ୱରେ ଯାଇ, ବିଭୀଷଣ ପାଶେ ମିଳିଲେ ଯାଇ ।।୩୬

ଆସ ଆସ ହେ ଦଶାନନ ଭାଇ ।
କରୁଣା କଲେ ତୋତେ ରଘୁସାଇଁ ।
ବହନ, ଆସି ଦର୍ଶନ କର, ଜନ୍ମ ମରଣରୁ ହୁଅ ନିସ୍ତାର ।।୩୭

ଶୁଣି ବିଭୀଷଣ ହରଷ ହେଲେ ।
ଉଠି କପିରାଜଙ୍କୁ କୋଳ କଲେ ।
ସୁଗ୍ରୀବ, ତାଙ୍କୁ ଘେନି ସଙ୍ଗରେ, ପ୍ରବେଶ ହେଲେ ଶ୍ରୀରାମ ଛାମୁରେ ।।୩୮

ଦେଖିଣ ରାଘବଙ୍କୁ ବିଭୀଷଣ ।
ସାଷ୍ଟାଙ୍ଗେ କରଇ ଦଣ୍ଡ ପ୍ରଣାମ ।
ବୋଲଇ, ପ୍ରଭୁ ଶରଣ ଗଲି, ଅନେକ ଜନ୍ମର ଦୁଃଖ ନାଶିଲି ।।୩୯

ଦୟାନିଧି ନାମ ଶୁଣି ଶ୍ରବଣେ ।
ଶରଣ ଗଲି ଅଭୟ ଚରଣେ ।
ମୋହର, ଯେବେ କପଟ ଥିବ ମୁଁ କଲି ସୁକୃତ ନାଶ ହୋଇବ ।।୪୦

ଉଠ ଉଠ ବୋଲନ୍ତି ରଘୁମଣି ।
ଉଠି କର ଯୋଡ଼ି କହଇ ପୁଣି ।
ହେ ପ୍ରଭୁ, ରାବଣକୁ ବହୁତ, କହିଲି ଅନେକ ପ୍ରକାର ହିତ ।।୪୧

ସୀତା ସମର୍ପିବା ବୋଲି ବୋଇଲି ।
କୋପ କଲା ଯହୁଁ ତେଜି ଆଇଲି ।
ନିଷ୍ଠୁରେ, ତାକୁ ବହୁ ଗୁଣ୍ଡିଲି, ଅଧର୍ମରେ ବେଳୁବେଳ ବଢ଼ିଲି ।।୪୨

ଏବେ ତୁମ୍ଭ କାନ୍ତ ମୁନେ ମରିବ ।
ସବଂ ସମ୍ପଦ ବଂଶ ନାଶ ଯିବ ।
ତୁମ୍ଭର, ପାଦେ ଦ୍ରୋହ ଚଳିଲ, ନଷ୍ଟମତେ ଦଶକଣ୍ଠ ନାଶ ଗଲା ॥୪୩

ଏମନ୍ତ କହି ଚରଣେ ନମଇଁ ।
କ୍ଷାନ୍ତ କର ମୋତେ ହେ ସୀତାସାଇଁ ।
ତୁମ୍ଭର, ପାଦପଦ୍ମେ ମୋ ଆଶ, ଭଣନ୍ତି କବିର ରଘୁନାଥ ଦାସ ॥୪୪

●

## ରାଗ—ମଙ୍ଗଳଗୁଜ୍ଜରୀ

ଏଥୁଅନ୍ତେ ଭବାଣୀଙ୍କି ଶଙ୍କର କହିଲେ ।
ହସି ରାମଚନ୍ଦ୍ର ବିଭୀଷଣଙ୍କୁ ପୁଚ୍ଛିଲେ ହେ ॥୧

ଶୁଣ ଅଛୁ କି ତୋହର ଭାଇ ଦଶଶିର ।
କେତେ ସୈନ୍ୟ ଛନ୍ତି କେତେ ପ୍ରାକର୍ମ ତାହାର ହେ ॥୨

ବେନି କର ଯୋଡି କରି କହେ ବିଭୀଷଣ ।
ସେ ଦେବ ବଡ ପ୍ରତାପୀ ତ୍ରୈଲୋକ୍ୟ ରାବଣ ହେ ॥୩

ଭାଇ କୁମ୍ଭକର୍ଣ୍ଣ ସ୍ୱର୍ଗପୁର କଲା ଜୁର ।
ପୁତ୍ର ଇନ୍ଦ୍ରଜିତର ମହିମା ଅଗୋଚର ହେ ॥୪

ଶତେ ବାର ଇନ୍ଦ୍ରଙ୍କୁ ଜିଣିଲା ଦେବ ସେହି ।
ତାକୁ ଜିଣିବାକୁ ଆଉ ଆର କେହି ନାହିଁ ହେ ॥୫

ହେ ପ୍ରଭୁ ସମ୍ପଦ କିସ ପଚାର ତାହାର ।
ସମାନ କେ ତାକୁ ଇନ୍ଦ୍ର ବଣେ ଯା'ର ଦ୍ୱାର ହେ ॥୬

ବେଦ ଅଧ୍ୟୟନ ନିତ୍ୟ କରେ ବେଦବର ।
ଜ୍ଞାନ ତାକୁ କହୁଥାନ୍ତି ବୁଝାଇ ଶଙ୍କର ହେ ॥୭

କୁବେର ଯତନେ ବହି ଦେନ ଛଟିଆଗ ।
ଜନୁଯତ୍ନ ବୈଦ୍ୟ ହୋଇ ବ୍ୟାଧି ତା' ନାଶଇ ହେ ॥୮

ବୃନ୍ଦାରକବୃନ୍ଦେ ଆନ୍ତି ଯେ ଯାହା ସେବାରେ ।
ଅପସରାମାନେ ନୃତ୍ୟ କରନ୍ତି ସଭାରେ ହେ ॥୯

ଅଠର ଗଣ୍ଡା କୁ ର ତେର ଶତ ନାଥ ।
ହାସ୍ତୀ ରଥୀ ସେନାପତି ଅନେକ ଅଛନ୍ତି ଯେ ॥ ୧୦

ଶୁଣ ଦେବ ଯେ ଧନୁ ସୀତା ଚୋରି କରି ନେଲା ।
ସେ ଧନୁ ନଷ୍ଟଯେ ତାକୁ ବିଧାତା ଗୁଡ଼ିଲା ଯେ ॥ ୧୧

ବିଭୀଷଣ ମୁଖୁ ଶୁଣି ରାଘବ ହସିଲେ ।
ବୁଝିବା ଲଙ୍କାକୁ ଗଲେ ସଂଗ୍ରାମ ହୋଇଲେ ଯେ ॥ ୧୨

ଶ୍ରୀରାମ ବିଭୀଷଣଙ୍କୁ ପାଶକୁ ଗଇଲେ ।
ଆଶ୍ୱାସନା କରି ତାକୁ ଆଲିଙ୍ଗନ କଲେ ଯେ ॥ ୧୩

ଆଜ୍ଞା ଦେଲେ ଆହୁଁ ତୋତେ ଲଙ୍କା ଆମ୍ଭେ ଦେଲୁ ।
ରାବଣ ଆଜହୁଁ ମଲା ତୁ ରାଜା ହୋଇଲୁ ଯେ ॥ ୧୪

ଶ୍ରୀରାମ ବିଭୀଷଣରେ ସୁହୃଦ ଜାଣିଲେ ।
ଲକ୍ଷ୍ମଣଙ୍କୁ ତୀର୍ଥଜଳ ଅଣାଅ ବୋଇଲେ ଯେ ॥ ୧୫

ଏହାକୁ କରିବା ଆମ୍ଭେ ଲଙ୍କାରେ ନୃପତି ।
ଏହି ଧନୁ ଦେଲୁ ଲଙ୍କା ସେ ଭୁଞ୍ଜୁ ବିଭୂତି ଯେ ॥ ୧୬

ଯେତେ ଦିନ ରାମ ନାମ ଏ ସଂସାରେ ଥିବ ।
ଚନ୍ଦ୍ର ସୂର୍ଯ୍ୟ ଥିବା ଯାଏ ଅମର ହୋଇବ ଯେ ॥ ୧୭

ଶୁଣି ସଉମିତ୍ରି ତୀର୍ଥଜଳ ଅଣାଇଲେ ।
ବିଭୀଷଣ ଶିରେ ଅଭିଷେକ କରାଇଲେ ଯେ ॥ ୧୮

ରାମ ଆଜ୍ଞା ପାଇ ସର୍ବ ସୈନ୍ୟ ସେନାପତି ।
ବିଭୀଷଣଙ୍କୁ ଡ଼ାକନ୍ତି ଆହେ ଲଙ୍କପତି ହେ ॥ ୧୯

ଏହା ଦେଖି ସୁଗ୍ରୀବର ବୋଲନ୍ତି ଶୁଣ ଦେବ ।
ରାବଣ ଯଦ୍ୟପି ଆସି ଶରଣ ପଶିବ ହେ ॥ ୨୦

ଦର୍ଶନେ ବିଭୀଷଣଙ୍କୁ ଲଙ୍କା ଦେଲ ଦେବ ।
ସେ କାହିଁ ରହିବ ଆଉ ତାକୁ କସ ଦେବ ହେ ॥ ୨୧

କପିରାଜ ମୁଖରୁ ଶ୍ରୀରାମ ଏହା ଶୁଣି ।
ବୋଇଲେ ଯେବେ ଆସିବ ନଷ୍ଟେ ବଂଶ ପାଣି ହେ ॥ ୨୨

ତାହାକୁ ଅଯୋଧ୍ୟାପୁର ଅବଶ୍ୟ ମୁଁ ଦେବି ।
ମୁଁ ପଛେ ଅରଣ୍ୟ ବାସ କରି ଧନ ନେବି ହେ ॥ ୧୩

ଏହା ଶୁଣି କର ଯୋଡ଼ି କହେ ବିଭୀଷଣ ।
ହେ ପ୍ରଭୁ ଅନାଥ ନାଥ ଶରଣ ରକ୍ଷଣ ହେ ॥ ୧୪

ମୋତେ ବା ଲଙ୍କାରେ ରାଜା କର ବା ନ କର ।
ମୁଁ ଦାସ ତୁମ୍ଭ ପାଦରେ ସର୍ବଦା କିଙ୍କର ହେ ॥ ୧୫

ଯେଉଁ ରୂପେ ମରିବ ସେ ଦୁଷ୍ଟ ଲଙ୍କପତି ।
ସେ କଥା ବିଚାର କର ହୃଦେ ଦାଶରଥି ହେ ॥ ୧୬

ଶ୍ରୀରାମ ବୋଲନ୍ତି ହେ କିଷ୍କିନ୍ଧା ଦଣ୍ଡଧାରୀ ।
କେମନ୍ତେ ଏ ଘୋର ସିନ୍ଧୁ ହେବା ଆମ୍ଭେ ପାରି ହେ ॥ ୧୭

ସୁଗ୍ରୀବ ବୋଲନ୍ତି ଦେବ ଶୁଣ ରଘୁପତି ।
ଜଳପତି ସଙ୍ଗତରେ ହୋଇବା ପୀରତି ହେ ॥ ୧୮

କପିରାଜ ମୁଖୁ ଶୁଣି ରାମ ତୋଷ ହେଲେ ।
ରଘୁନାଥ ଦାସ ରାମ ପାଦ ଚିନ୍ତି ବୋଲେ ହେ ॥ ୧୯

●

ରାଗ— **ଚିନ୍ତାକେଦାର**

ଶିବ ଗିରିଜା ଆଗେ କହିଲେ     ରାମ ବରୁଣକୁ ସ୍ତୁତି କଲେ
ଜହ୍ନୁରୁ ଉଦ୍ଧର ଗଙ୍ଗା ଦେବୀ ପତି,
ଅତି ବିନୟ ମତି ଯେ ହେଲେ, ସେ ଶ୍ରୀରାମ ॥ ୧

ସର୍ବ ତୀର୍ଥମାନଙ୍କ ଈଶ୍ୱର     ତୁମ୍ଭେ ଲକ୍ଷ୍ମୀର ଅଟ ପିଅର
କରୁଣା ମୋ ଠାରେ କର ସିନ୍ଧୁପତି,
ପଥ ଦିଅ ଲଙ୍କାକୁ ସତ୍ୱର, ହେ ବରୁଣ ॥ ୨

ପାପୀ ରାବଣ ନେଲା ମୋ ସୀତା     ତେଣୁ ହେଉଛି ଅନେକ ଚିନ୍ତା
ଏ ବନଜୀବ ଋକ୍ଷ କପି ମୋ ସଙ୍ଗେ,
ପାଉଛନ୍ତି ଅନେକ ଅବସ୍ଥା, ହେ ଧନେଶ ॥ ୩

ଏ ଜଳଧି ତରିବି କେମନ୍ତେ     ତେଣୁ ବୁଦ୍ଧି ନ ଦିଶଇ ମୋତେ
କେଉଁ ରୂପେ ଯିବି ମୋତେ ପଥ ଦିଅ,
ମୋର ଘେନ ତୁ ବିନୟ ବଚନେ, ହେ ବରୁଣ ॥ ୪

ଯହୁଁ ବରୁଣ ନୋହେ ପ୍ରସନ୍ନ     ହୋଇ ରାଘବ ଚିନ୍ତାର୍ଥୀ ମନ
କୁଶ ଶଯ୍ୟା କରି ତହିଁ ପହୁଡ଼ିଲେ,
ହୃଦ ପଦ୍ମରେ ଘୋଷି ସ୍ୱନାମ, ସେ ଶ୍ରୀରାମ ॥ ୫

ରାମ ପହୁଡ଼ିବାର ଦେଖିଲେ     ସର୍ବ ସେନାଏ ବେଢ଼ି ରହିଲେ
ଲକ୍ଷ୍ମଣ ରହିଲେ ରାମ ସନ୍ନିଧାନେ,
ଚିନ୍ତା ଜଳରେ ବୁଡ଼ି ରହିଲେ, ସେ ସକଳେ ॥ ୬

ଏହା ଦେଖି ରାବଣ ଚରରେ     କହିଲେ ଯାଇ ରାଜା ଆଗରେ
ଭୋ ଦେବ ତୋ ଭାଇ ବିଭୀଷଣ ଯାଇ,
ଶରଣ ପଶି ରାମ ପୟରେ, ହେ ଲଙ୍କେଶ ॥ ୭

ରାମ ତାକୁ କରାଇ ପ୍ରମାଣ     ଲଙ୍କା ଦେଇ ଦେଲେ ରାଜପଣ
ଶୁଣି ବିସ୍ମୟ ହୋଇଲା ଲଙ୍କନାଥ,
ମନେ ଭାଳିଲା ହେଲା କଷଣ, ସେ ଦଶସ୍ୟେ ॥ ୮

ଚରରକୁ ରାବଣ ପୁଚ୍ଛିଲା     ବିଭୀଷଣ କ ରେ ଏହା କଲା
ଶତ୍ରୁ ଆଗରେ ମୋର ଛିଦ୍ର କହିବ,
ଏତେ ବୋଲି ମନ୍ତ୍ରୀକି ରାଇଲା, ସେ ଲଙ୍କେଶ ॥ ୯

ତୁମ୍ଭେ ବେନି ମନ୍ତ୍ରୀ ବେଗେ ଯିବ     ବିଭୀଷଣକୁ ଯାଇ କହିବ
ବୋଲିବ ସୋଦରେ କ୍ଷମାଇ ବିରୋଧ,
ତାକୁ ପ୍ରବୋଧି ଘେନି ଆସିବ, ହେ ସଚିବ ॥ ୧୦

ସୁଗ୍ରୀବ କହିବ ମୋ ଉଦନ୍ତ     ବାଲୀ ରାବଣ ଏ ବେନି ମିତ୍ର
ତେଣୁ କରି ତୁହିଁ ଭ୍ରାତ ଯେ ହୋଇବୁ,
ବାହୁଡ଼ି ତୁ ଯାଅ କପିନାଥ, ହେ କହିବ ॥ ୧୧

ରାଜା ଆଜ୍ଞା ପାଇ ମନ୍ତ୍ରୀ ଗଲେ     ବେଗେ ଜଳଧି କୂଳେ ମିଳିଲେ
ଦେଖିଲେ ଶ୍ରୀରାମ ସକଳ ସଇନ୍ୟ,
ଦୂରୁ ବିଭୀଷଣକୁ ଚହ୍ନିଲେ, ସେ ସଚିବ ॥ ୧୨

ଡାକ ଦେଲେ ଆହେ ବିଭୀଷଣ  ଆମ୍ଭଙ୍କୁ ପେଷିଲେ ଲଙ୍କରାଣ
ନ ଜାଣି ତୁମ୍ଭଙ୍କୁ ଭ୍ରାତା କୋପ କଲେ,
ଏବେ ବୋଇଲେ ସେ ଯେନ ଆଣ, ଯେ ତାହାକୁ ॥ ୧୩

ଭ୍ରାତ କୋପକୁ ତୁ ଛଳ କରି  ଲଙ୍କାପୁରୁ ଅଇଲୁ ବାହାରି
ଶୁଣି ବିଭୀଷଣ ବୋଲଇ ପଳାଅ,
ବାନ୍ଧି ମାରିବେଟି ଋକ୍ଷ ହରି, ହେ ସଚିବ ॥ ୧୪

ଯେବେ ରାବଣ ହେବ ବିନାଶ  ସୀତା ସମର୍ପିବି ରାମ ପାଶ
ତେବେ ମୋର ମନ ନିପୁଣ ହୋଇବ,
ଶୁଣି ଶୁକ ସାରଣ ବିରସ, ସେ ସଚିବେ ॥ ୧୫

ଶୁଣି ବେନି ମନ୍ତ୍ରୀ ତହୁଁ ଗଲେ  ତେଣୁ ଆ ପକ୍ଷୀ ସ୍ୱରୂପ ହେଲେ
କେ କେ ରେ ବୋଲି ଡାକନ୍ତି ସୈନ୍ୟ ଦେଖି,
ତେଣୁ ସୁଗ୍ରୀବଙ୍କୁ ନ ଚିହ୍ନିଲେ, ସେ ସଚିବେ ॥ ୧୬

ଦେଖି କପି କହିଲେ ସୁଗ୍ରୀକି  ଦେଖ ଆହେ ରାଜା ଏ ପକ୍ଷୀକି
ଶୁଣି ସୁଗ୍ରୀବର ଉଭୟଁକୁ ଗ୍ରହିଲେ,
ବେଗେ ପଚାରିଲେ ସେ ଦୁହିଁଙ୍କି, ସେ ସୁଗ୍ରୀବ ॥ ୧୭

କେହୁ ତୁମ୍ଭେ କାହାକୁ ତଲାଶ  ପକ୍ଷୀ କହିଲେ ଲୋଡ଼ୁ କପୀଶ
ସୁଗ୍ରୀ କହେ ଆମ୍ଭେ କିଷ୍କିନ୍ଧାର ସାଇଁ,
କହ କହିବ ପକ୍ଷୀଏ କାମ, ହେ ସତ୍ୱରେ ॥ ୧୮

ବେଗେ କହନ୍ତି ସେ ବେନି ମନ୍ତ୍ରୀ  ଶୁଣ ଅହେ କିଷ୍କିନ୍ଧାର ପତି
ରାବଣ ପେଷିଛି ତୁମ୍ଭର ପାଶକୁ,
ବାହୁଡ଼ି ତୁ ଯାଅ ସୋମାପତି, ହେ ରାଜନ ॥ ୧୯

ବାଲୀ ରାବଣ ଏ ଦୁହେଁ ମିତ  ଏଣୁ କରି ତୁମ୍ଭେ ହେଲ ଭ୍ରାତ
ପ୍ରୀତି ଠାରେ କଦା ଅପ୍ରୀତି ହୋଇବ,
ବାହୁଡ଼ି ତୁ ଯାଅ ରୋମାକାନ୍ତ, ହେ ମଇସ ॥ ୨୦

ଶୁକ ସାରଣଙ୍କ ବାଣୀ ଶୁଣି  କୋପଭରେ ବୋଲେ କପିମଣି
ଶ୍ରୀରାମର ଯେଣୁ ବଇରି ହୋଇଲୁ,
ମୋର ଶତ୍ରୁ ଅଟେ ବାଣପାଣି, ରେ ରାକ୍ଷସେ ॥ ୨୧

ଦଶଗ୍ରୀବ ଆଗେ କହ ଯାଇ          ନଷ୍ଟେ ତାର ପ୍ରାଣ ନେବ ମୁହିଁ
ଏହା ଶୁଣି ବାଳୀ-ନନ୍ଦନ କ୍ରୋଧରେ,
ଡେଉଁ ବିଧାଏ ମାଇଲା ଯାଇ, ସେ ଦୁହିଙ୍କ ।। ୨୨

ବେନି ମନ୍ତ୍ରୀ ତହୁଁ ପଳାଇଲେ          ଲଙ୍କାଗଡ଼ରେ ପ୍ରବେଶ ହେଲେ
ରାବଣଙ୍କୁ ଦେଖି ନମସ୍କାର କରି,
ସବୁ ବୃତ୍ତାନ୍ତ ଆଗେ କହିଲେ, ସେ ରାଜାଙ୍କୁ ।। ୨୩

ସାବଧାନେ ଶୁଣ ଲଙ୍କେଶ୍ୱର          କହିଛନ୍ତି ସୁଗ୍ରୀ ବିଭୀଷଣ
ଦଶଶିର କାଟି ସୀତାଙ୍କୁ ଆଣିବୁ,
ଶୁଣି ବିସ୍ମୟ ହେଲ ରାବଣ, ସେ ମନରେ ।। ୨୪

ଏଥୁଅନ୍ତେ ଶୁଣ ହିମବନ୍ତୀ          ତୃଣ-ଶଯ୍ୟା କରି ଦାଶରଥି
ତିନି ଦିନ ଘୋର ଚିନ୍ତାଥୀ ହୋଇଣ,
କୋପଭରେ ଉଠି ସୀତାପତି, ସେ ଶ୍ରୀରାମ ।। ୨୫

ଯେଣୁ ବରୁଣ ନୋହେ ପ୍ରସନ୍ନ          କ୍ରୋଧେ ରାମ ଅରୁଣ ନୟନ
ସିନ୍ଧୁ ଦେଖାଇଲା କଦାରୁଣ ପଣ,
ଆଣ ହେ ଲକ୍ଷ୍ମଣ ଧନୁବାଣ, ହେ ସାନୁଜ ।। ୨୬

ଏବେ ତାହାକୁ ଦେବି ମୁଁ ଦଣ୍ଡ          ଏତେ ବୋଲି ଧଇଲେ କୋଦଣ୍ଡ
ଜଳଧି କି ବୁଝି ଗୁଣ ଟଙ୍କାରିଲେ,
ରାମ ମନରେ ହୋଇ ପ୍ରଚଣ୍ଡ, ସେ ସିନ୍ଧୁକୁ ।। ୨୭

ତୁ ଯେବେ ପଥ ଛାଡ଼ିବୁ ନାହିଁ          ଶରେ ସାଗର ଦେବି ଶୁଖାଇ
ସେଥିରେ ଆଉ ସମୁଦ୍ର ନ ରହିବ,
ତିନି ଭୁବନେ ରହିବ କେହି, ରେ ଜଳଧି ।। ୨୮

ରାମ କରେ ଧରି ଅଗ୍ନି ଶର          କୋଦଣ୍ଡରେ ସନ୍ଧିଲେ ସତ୍ୱର
ଦେଖି ଜଳଚର ହୋଇଲେ ଅକୁଳ,
ଦେବେ ଦାନବେ ହେଲେ ଅଧୀର, ସେ ଭୟରେ ।। ୨୯

ମନେ ବରୁଣ କଲା ବିଚାର          ନ ଗଲେ ମାରିବେ ରଘୁବୀର
ସମୁଦ୍ର ବାହାରି ଧରି ରତ୍ନାଞ୍ଜଳି,
ଆସି ପଡ଼ିଲେ ରାମ ପୟର, ସେ ବରୁଣ ।। ୩୦

ଉଠି ଶିରେ ଦେଇ ବେନି କର ବୋଲେ ଘେନ ଏ ସ୍ତୁତି ମୋହର
ହେ ଦେବ ଦେବ ସକଳ ଅନ୍ତର୍ଯାମୀ,
ଅପରାଧ ମୋର କ୍ଷମା କର, ହେ ଶ୍ରୀରାମ ।। ୩୧

ଆଜ କି ଭାଗ୍ୟ ମୋହର ଧନ୍ୟ      ବେନି ନେତ୍ରେ କଲି ଦରଶନ
ପ୍ରସନ୍ନ ହୋଇ କରୁଣା କର ମୋତେ,
ମୁଁ ଯେ ତୁମ୍ଭର ସଙ୍କିଲ୍ଲା ଜନ, ହେ ହେ ଦେବ ।। ୩୨

ହେ ପ୍ରଭୁ କୋଟି-ବ୍ରହ୍ମାଣ୍ଡ ପତି      କ୍ଷଣ ମାତ୍ରେ ନାଶି ପାର କ୍ଷିତି
ମୋ ଭଳି ହୀନ ପାମର ଠାରେ କୋପ,
କ୍ଷମା କରୁଅଛ ଦାଶରଥି, ହେ ହେ ଦେବ ।। ୩୩

ଏ ସିନ୍ଧୁ ଭଗୀରଥଙ୍କ କୃତ୍ୟ      ତୁମ୍ଭେ ଦେବ ସେହି କୁଳେ ଜାତ
ଅବନୀର ଭାର ନାଶ କରିବାକୁ,
ଅବତାର ହୋଇଅଛ ମର୍ତ୍ତ୍ୟ, ହେ ହେ ଦେବ ।। ୩୪

ଯେବେ ତୁମ୍ଭଙ୍କୁ ଦେବ ମୁଁ ବାଟ      ପୃଥିବୀରେ ଛନ୍ତି ବହୁ ଦୁଷ୍ଟ
ତୁମ୍ଭର ପରାୟେ କରିବେ ଅନର୍ଥ,
ତେବେ ପାଇବ ବହୁତ କଷ୍ଟ, ହେ ହେ ଦେବ ।। ୩୫

ଅଗାଧ ଯେ ଜଳଧି ଅଟଳ      ପାରି ହେବାକୁ ନୁହଇ ବଳ
ହେ ଦେବ ପର୍ବତେ ବନ୍ଧ ବାନ୍ଧ ଏଥିଁ,
ପାରି ହେବେ ଋକ୍ଷ କପିବଳ, ହେ ହେ ଦେବ ।। ୩୬

ଏ ତୁମ୍ଭର ନଳ ସେନାପତି      ବିଶ୍ୱକର୍ମାର ସେହୁ ସନ୍ତତି
ଏ ଛୁଇଁଲେ ଜଳେ ଭାସିବ ଶୈଳ,
ପୂର୍ବେ ମୁନିମାନେ କହିଛନ୍ତି, ହେ ହେ ଦେବ ।। ୩୭

ଯେବେ ଛୁଇଁବ ଯେ ନଳ କରେ      ନିଶ୍ଚେ ପର୍ବତ ଭାସିବ ନୀରେ
ବନ୍ଧ ବାନ୍ଧି ସୁଖେ ପାରି ହୋଇ ଯାଇ,
ରାବଣକୁ ଜିଣାନ୍ତି ଯୁଦ୍ଧରେ, ହେ ହେ ଦେବ ।। ୩୮

ଶୁଣି ସନ୍ତୋଷ ସେ ରଘୁବୀର      ବୋଇଲେ କାହିଁ ପେଷିବି ଶର
ତୋହୋର ଜନମନ୍ତେ ଗୁଣ ବଖାଣିଛୁ,
ଏ ନାରାଚ ଅଛେ ଅନିବାର, ହେ ବରୁଣ ।। ୩୯

ଶୁଣି ବେଗେ କହେ ସିନ୍ଧୁପତି    କ୍ଷୀର ସିନ୍ଧୁ ପ୍ରାନ୍ତେ ଦୁଷ୍ଟେ ଛନ୍ତି
ତାଙ୍କ ପ୍ରୟୋଗ କର ଏବେ ହେ ଦେବ !
ଶୁଣି ପେଷିଲେ ଶ୍ରୀଦାଶରଥି, ହେ ସୁଜନେ ॥ ୪୦

ମେଲାଣି ହେଲେ ଜଳଧି ସ୍ୱାମି    ରାମ ପାଦେ ନମସ୍କାର ହୋଇ
ନିଜ ପୁରେ ଯାଇ ପ୍ରବେଶ ହୋଇଲେ,
ରଘୁନାଥ ଦାସ ରାମ ଧ୍ୟାୟି, ହେ ସୁଜନେ ॥ ୪୧

●

## ରାଗ—**ମୁଖାରୀ**

ଏଥୁ ଅନ୍ତେ ଶୁଣ ମନ ଦେଇ,    ହରଷେ ଶ୍ରୀରାମ ନଳକୁ ଚାହିଁ
ବୋଲନ୍ତି, କହ ବରୁଣ କଥା ।
କହ ବେଗେ ମନରୁ ଯାଉ ଚିନ୍ତା ॥ ୧

ନଳ କହଇ ବାଳ କାଳେ ମୁହିଁ, କାନନେ ଋଷି ଧ୍ୟାନ ଦେଖି ଯାଇ
ତାହାଙ୍କ, ଦ୍ରବ୍ୟମାନ ଜଳରେ
ପକାଇ ଥାଏ ଅଜ୍ଞାନ ଭୋଳରେ ॥ ୨

ଦେଖି ତପୀମାନେ ଶାପ ନ ଦେଲେ, ବାଳକ ବୋଲି ମୋତେ କ୍ଷମା କଲେ
ବୋଇଲେ, ଆଜ ଦିନରୁ ଯାହା,
ଜଳେ ପକାଇଲେ ଭାସିବ ତାହା ॥ ୩

ନଳ ମୁଖରୁ ଶୁଣିଣ ଏମନ୍ତ,    ଅତି ଆନନ୍ଦ ହେଲେ ରଘୁନାଥ
ସୁଗ୍ରୀବ, ଚାହିଁ ବୋଲନ୍ତି ରାମ,
ଦେଖ ବିଧାତା କରିଛି ଘଟଣ ॥ ୪

ରାବଣ ମରଣ ହେବା ନିମନ୍ତେ,    ଦେବେ ଭିଆଣ କରିଛନ୍ତି ଏତେ
ସୁଗ୍ରୀବ, ବୋଲେ ହେ ଦେବ ଶୁଣ,
ତିନିପୁରର ବଇରି ରାବଣ ॥ ୫

ଚେଷ୍ଟା କରି ଦେବଙ୍କର ବାକ୍ୟରେ,    ତୁମ୍ଭେ ଅବତାର ହେଲ ମର୍ତ୍ତ୍ୟରେ
ଶ୍ରୀରାମ, କପିରାଜଙ୍କୁ ଚାହିଁ,
ବୋଇଲେ ପର୍ବତ ଆଣ ବୁହାଇ ॥ ୬

କହ ଏଠାକୁ ଲଙ୍କା ଦୂର କେତେ,     ବନ୍ଧ ବାନ୍ଧିବା ଆମ୍ଭେ କେଉଁ ପଥେ
ଶୁଣିଣ, ଦଶଗ୍ରୀବର ଭାଇ,
ଏହି ସଳଖେ ଲଙ୍କା ବୋଲି କହି ॥ ୭

ଏଠାକୁ ଦେଢ଼ ଶତେ ଯୁଣ ଦୂର,     ସୁବଳ ନାମେ ତହିଁ ଗିରିବର
ଅଛଇ, ଲଙ୍କା ସିନ୍ଧୁର ତଟେ,
ବନ୍ଧ ବାନ୍ଧିବା ଅମ୍ଭେ ଏହି ବାଟେ ॥ ୮

ଶୁଣି ଆନନ୍ଦ ହେଲେ ସୀତାସାଇଁ,     ସେନାମାନଙ୍କୁ ଆଜ୍ଞା ଦେଲେ ସେହି
ଅଙ୍ଗଦ, ହନୁ ଟଉର ନୀଳ,
ସଙ୍ଗେ ଘେନି ଯାଅ ଯେ ଯାହା ବଳ ॥ ୯

ବୁହାଇ ଆଣ ହେ ବେଗେ ପର୍ବତ,     ଶୁଣି ଚଳିଲେ ସେନାପତି ଯୂଥ
ଯେ ଯାହା, ସୈନ୍ୟ ଘେନି ସଙ୍ଗତେ,
ଗିରି ବହି ଆଣିଲେ ଯେଝା ମତେ ॥ ୧୦

କେଉଁ କପି ବୁହଇ ଦୁଇ ଗୁରି,     କେ ମୁଣ୍ଡେ ଆଣେ ଆଠ ଦଶ ଗିରି
କେ ବିଂଶ ତିରିଶ କେ ଧରନ୍ତି,
କେ କପି ପଞ୍ଚାଶ ବହି ଆଣନ୍ତି ॥ ୧୧

ନଳ ସେନାପତି କରେ ଛୁଆଇଁ,     ପକାନ୍ତି ସମୁଦ୍ର ଜଳରେ ନେଇ
ପୁଣିହିଁ, ଧାମନ୍ତି ଶୂନ୍ୟେ କ୍ଷେପି,
କଳିତ ନୋହେ ଋକ୍ଷ ବଳ କପି ॥ ୧୨

ପର୍ବତ ବହି ଆଣନ୍ତି ସତ୍ୱରେ,     ନଳ ସେନାପତି ଛୁଅଁଇ କରେ
ପକାନ୍ତି, କପି ସମୁଦ୍ରେ ନେଇ,
ସେ ଗିରିମାନ ଜଳେ ନ ବୁଡ଼ଇ ॥ ୧୩

ଏମନ୍ତ ବନ୍ଧର ପ୍ରମାଣ ଶୁଣ,     ବିସ୍ତାର କରନ୍ତି ଦଶ ଯୋଜନ
ଚଉଦ, ଯୁଣ ଲମ୍ବ ପର୍ଯ୍ୟନ୍ତେ,
ପ୍ରଥମ ଦିନ ବନ୍ଧା ହେଲା ଏତେ ॥ ୧୪

ଦେଖି ହରଷ ହେଲେ ସୀତାପତି,     ନିଦ୍ରା ଅଭିଳାଷ ନଶି କରନ୍ତି
ପ୍ରଭାତୁ, ଉଠି ଶ୍ରୀରାମଚନ୍ଦ୍ର,
ସେନାକୁ ଆଜ୍ଞା ଦେଲେ ବନ୍ଧ ବାନ୍ଧ ॥ ୧୫

ଶ୍ରୀରାମ ଆଜ୍ଞା ପାଇ ସୈନ୍ୟେ ଗଲେ, ଅନେକ ପର୍ବତ ବହି ଆଣିଲେ
ଛୁଆଇଁ, ନଳ ସେନର କରେ,
ନେଇ ପକାନ୍ତି ଜଳଧି ଭିତରେ ॥ ୧୬

ସେଦିନ ହେଲା ବିଂଶତି ଯୋଜନ, ବନ୍ଧ ହୋଇଲା ଏତେ ପରିମାଣ
ପଞ୍ଚାଶ, ପୁଣି ଆର ଦିନରେ,
ନେଇ ପକାନ୍ତି ଜଳଧି ଭିତରେ ॥ ୧୭

ସୁଗ୍ରୀ ବିଭୀଷଣ ବେନି ରାଜନ, ଶ୍ରୀରାମ ପାଦେ ଜଣାଇ ବହନ
ଭେ ଦେବ, ରହିଲା ପୁଣି ଗୁରି,
କାଲି ନିର୍ଭା କରି ହୋଇବା ପାରି ॥ ୧୮

ତୁମ୍ଭ ଦର୍ଶନେ ବୃଦ୍ଧ କପିଙ୍କର, ତାଙ୍କ ବଳ କେ କରିବ ଗୋଚର
ଇଙ୍ଗିତେ, ଆଣିଲେ ସେ ପର୍ବତ,
ଶୁଣି ଆନନ୍ଦ ହେଲେ ସୀତାକାନ୍ତ ॥ ୧୯

ଆର ଦିବସର ଚରିତ ଶୁଣ, ବନ୍ଧ ଯେ ଥିଲା ଅଛି ଗୁରି ପୁଣି
ପ୍ରଭାତୁ, ଉଠି ବାନରେ ଗଲେ,
ଗିରି ଶିରେ ଧରି ବେଗେ ଆଣିଲେ ॥ ୧୦

ହନୁ ଅଙ୍ଗଦ ବେନି ବୀର ମୂଳେ, ସେନାଏ ବହି ଆଣନ୍ତି ସକଳେ
ସତ୍ୱରେ, ନଳ କରେ ଛୁଆଇଁ,
ପକାନ୍ତି କପିଏ ଜଳରେ ନେଇ ॥ ୨୧

ନଳ ଛୁଆଁଇ ହୋଇ ବେଗ ବେଗ, ଏ ସମୟେ ହନୁ ମିଳିଲେ ଆଗ
ମୋ ଗିରି, ଛୁଅଁ ହନୁ ବୋଲଇ,
ନଳ ତାହା ବାମ କରେ ଛୁଅଁଇ ॥ ୨୨

ଦେଖି ମାରୁତି ମନେ ରୋଷ କଲା, ସେ ଗିରି ନେଇ ଜଳେ ପକାଇଲା
ବୋଇଲା, ମୋତେ ଏ ତୁଚ୍ଛ କରି,
ବାମ ହସ୍ତରେ ଛୁଇଁଲା ମୋ ଗିରି ॥ ୨୩

ଆଜ ନଳକୁ ପୋତିବି ମୁଁ ଜଳେ, ଏମନ୍ତ ବୋଲି ବୀର ଗଲା ଛଳେ
ଅନେକ, ଶଇଳ ଉପାଡିଲା,
କ୍ରୋଧରେ ଉଗ୍ର ମୂର୍ତ୍ତିକୁ ଧଇଲା ॥ ୨୪

ଗଗନ ମାର୍ଗେ ଧରି କ୍ଷେପି ଆସେ, ଗିରି ଉହାଡ଼ରେ ରବି ନ ଦିଶେ
ଶ୍ରୀରାମ, ଜାମ୍ବୁବନ୍ତଙ୍କୁ ପୁଚ୍ଛନ୍ତି,
ଅଦୃଶ୍ୟ ହେଲେ କିମ୍ପା ଗ୍ରହପତି ॥ ୨୫

କର ଯୋଡ଼ିଣ ଜାମ୍ବୁବ କହନ୍ତି, ଶୁଣିମା ହେଉ ଏବେ ରଘୁପତି
ହନୁର, ଗିରି ଅତି ବେଗରେ,
ନଳ ଛୁଇଁଲା ଯେଣୁ ବାମ କରେ ॥ ୨୬

ହନୁ ମନେ ଭଲ କ୍ରୋଧ ବଢ଼ୁଛି, ନଳ ଗିରି ବାମ ହସ୍ତେ ଛୁଇଁଛି
ପୋତିବ, ତାକୁ ବନ୍ଧରେ ଆଜ,
ତେଣୁ କ୍ରୋଧେ ଆସେ ବାତ-ତନୁଜ ॥ ୨୭

ଶୁଣି ରାଘବ ହକାରି ନଳକୁ, ବୋଇଲେ ଯାଅ ତୁ ହନୁ ପାଶକୁ
ସେ ବଡ଼, ରୋଷ କରଛି ତୋତେ,
ତା ଗିରି ଛୁଇଁଲୁ ତୁ ବାମ ହସ୍ତେ ॥ ୨୮

ତୁ ଏବେ ତାହାର ପାଶକୁ ଯାଅ, ଆମ୍ଭେ ପେଷିଲୁ ବୋଲି ତାକୁ କହ
ଯାଅ ହେ, ଯୂଥପତିଏ ସର୍ବ,
ତୁମ୍ଭଙ୍କୁ ଦେଖିଲେ ତା'ଛଳ ଯିବ ॥ ୨୯

ଶୁଣି ସଭୟ ହୋଇ ନଳ ଗଲା, ପଥରେ ହନୁକୁ ଯାଇ ଭେଟିଲା
ବୋଇଲା, କୃପା କର ହେ ମୋତେ,
ତୋ ଗିରି ଛୁଇଁଲି ମୁଁ ବାମ ହସ୍ତେ ॥ ୩୦

ଏଣୁ ମୋ ଠାରେ କରଅଛ ରୋଷ, ଶ୍ରୀରାମ ପେଷିଛନ୍ତି ତୁମ୍ଭ ପାଶ
ସକଳ, ସେନା ସଙ୍ଗତେ ଘେନି,
ଆସିଅଛୁ ଦେଖ ମୁଁ କପିମଣି । ୩୧

ଯୋକାସ୍ତେ ଗିରି ଆମ୍ଭଙ୍କୁ ତୁ ଦିଅ, ବ୍ୟଥା ନ ପାଅ ପବନଙ୍କ ପୁଅ
ଶୁଣିଣ, ହସି ମାରୁତି କହେ,
ଜବ ରଖିଲୁ କରି ଏ ଉପାୟେ ॥ ୩୨

ଯେବେ ରାମଙ୍କୁ ସୁମରି ନ ଥାନ୍ତୁ, ତେବେ କି ତୋହର ପ୍ରାଣ ଧରନ୍ତୁ
ହନୁର, ମୁଖୁ ସେନାଏ ଶୁଣି,
ଆଶ୍ୱାସି କହି ଗିରି ବହି ଆଣି ॥ ୩୩

ନଳ ଛୁଇଁଲା ମନେ ଭସ୍ମ କରି, ସିନ୍ଧୁରେ ନେଇ ପକାଇ ସେ ଗିରି
ସେଦିନ, ଗିରି ଯୁଣ ଯେ ଥିଲା,
ଏକା ବେଳେକେ ବନ୍ଧ ନିର୍ଭା ହେଲା ॥ ୩୪

ସୁବଳଯ୍ୟା ନାମେ ଏକଇ ଗିରି, ବନ୍ଧ ପଡ଼ିଲା ତାକୁ ଲାଗି କରି
ସେ ଗିରି, ପରେ ଉଠି ସତ୍ୱରେ,
ଦେଖି ଲଙ୍କାକୁ ପ୍ରଶଂସି ବାନରେ ॥ ୩୫

ଲଙ୍କା ଭୁବନ ଦେଖି ତୋଷ ହୋଇ, କହିଲେ ଶ୍ରୀରାମ ଛାମୁରେ ଯାଇ
ହେ ଦେବ, ନିର୍ମା ହୋଇଲା ବନ୍ଧ,
ଶୁଣି ଆନନ୍ଦ ହେଲେ ରାମଚନ୍ଦ୍ର ॥ ୩୬

ଆହେ ମିତ୍ର ଏବେ ବନ୍ଧ ହୋଇଲା, ଜଳେ ନ ବୁଡ଼ି ଶିଳା ଭାସିଲା
ଏ କଥା, ହେଲା କି ଆଚମ୍ବିତ,
ତଳେ ହୋଇଲେ ମୀନେ ଆତଜାତ ॥୩୭

ସୁଗ୍ରୀବର କର ଯୋଡ଼ି କହଇ, ତୁମ୍ଭଙ୍କୁ ଆଶ୍ଚର୍ଯ୍ୟ ନୋହେ ଗୋସାଇଁ
ହରଷେ, ରାମ ସେନାଙ୍କୁ କହି,
ବନ୍ଧ ପରେ ବାଲି ପକାଅ ନେଇ ॥୩୮

ଯିବାକୁ ହୋଇଲା ଏ ଉଚ ଖାଲ, ବାଲି ପକାଇ କର ସମତୁଲ
ସକଳ, ସେନା ହରଷେ ଗଲେ,
ବନ୍ଧ ଉପରେ ବାଲି ପକାଇଲେ ॥୩୯

ଏକ ଇନ୍ଦୁର ମିଳି ତହିଁ ଯାଇ, ଜଳରେ ବୁଡ଼ି ବାଲିରେ ଗଡ଼ଇ
ବନ୍ଧରେ, ଯାଇ ଝାଡ଼ି ସେ ହୋଇ,
ଦେଖି ମାରୁତି ରାମ ଆଗେ କହି ॥୪୦

ହେ ଦେବ ଶୁଣ ଅପୂର୍ବ କଥାଏ, ବନ୍ଧରେ ଇନ୍ଦୁର ବାଲି ପକାଏ
ଶ୍ରୀରାମ, ଶୁଣି ହୋଇଲେ ତୋଷ,
ବୋଇଲେ ତାକୁ ବେଗେ ଘେନି ଆସ ॥୪୧

ଶୁଣି ପବନ ସୁତ ତହୁଁ ଗଲା, ଶୀଘ୍ରେ ମୂଷିକକୁ ଘେନି ଅଇଲା
ରାମଙ୍କୁ, ଦେଖି ଇନ୍ଦୁର ନମି,
ଶ୍ରୀକରେ ଆଉଁଷି ବୋଲନ୍ତି ସ୍ୱାମୀ ॥୪୨

ତୁ ପର ଉପକାରୀ ବଡ଼ ଅଟୁ, ମୋହର ଦୁଃଖ ଜାଣି ମୋତେ ଖଟୁ
ଆଜହୁଁ, ଦେବଆଳରେ ଥିବୁ,
ଅନ୍ତଃ କାଳରେ ମୋତେ ତୁ ପାଇବୁ ॥୪୩

ଏହି ସମୟେ କହିଲେ ସୁଗ୍ରୀବ, ସେତୁବନ୍ଧ ନିର୍ମା ହୋଇଲା ଦେବ
ଶ୍ରୀରାମ, ଶୁଣି ଆନନ୍ଦ ହେଲେ ।
ଅତି ହରଷେ ରଜନୀ ବଞ୍ଚିଲେ ॥୪୪

ପ୍ରଭାତୁ ଶ୍ରୀରାମ ତେଜି ଶୟନ, ନିତ୍ୟ କର୍ମମାନ ସାରି ବହନ
ଜାମ୍ବୁବ, କରଯୋଡ଼ି କହଇ,
ଅନୁକୂଳ ବେଳ ହେଲା ଗୋସାଇଁ ॥୪୫

ଜାମ୍ବୁବ ବାଣୀ ଶୁଣି ରଘୁବୀର, ସିନ୍ଧୁ ତଟରେ ବସାଇ ଶଙ୍କର
ଆପଣା, ନାମ ତାହାକୁ ଦେଇ,
ସେ ଶଙ୍କର ରାମେଶ୍ୱର ବୋଲାଇ ॥୪୬

ଶଙ୍କର ପୂଜି ରାମ ବେଶ ହେଲେ, କନ୍ଦରେ ଅକ୍ଷୟ ତୋଣ ଭିଡ଼ିଲେ
ସୀତାର, ଅମଲାନ ବସନ,
ଶ୍ରୀଅଙ୍ଗେ ହେଲେ ତାହା ଆଭରଣ ॥୪୭

ଯାଇ-କୁସୁମେ ଜଟା ଦଶେ ଶୋଭା, ଭକ୍ତଜନ ଦେଖି ହୁଅନ୍ତି ଲୋଭା
ଶ୍ରୀକରେ, ଧରି କୋଦଣ୍ଡ ବାଣ,
ସେହି ରୂପେ ସଜ ହେଲେ ଲକ୍ଷ୍ମଣ ॥୪୮

ସୁଗ୍ରୀ ବିଭୀଷଣ ସକଳ ବୀରେ, ଯିବାକୁ ସଜ ହେଲେ ଯେ ଯାହାରେ
ଗୁଡ଼ନ୍ତି, ରଡ଼ି ଲଙ୍କାକୁ ଚାହିଁ,
ମୁଖ ରବରେ ବ୍ରହ୍ମାଣ୍ଡ କମ୍ପଇ ॥୪୯

ତହୁଁ ରାଘବ ହନୁମନ୍ତ କନ୍ଧେ, ସନ୍ଧରେ ବିଜୟେ କଲେ ଆନନ୍ଦ
ଗରୁଡ଼, ପୃଷ୍ଠ ପରେ ବିହର,
ତେମନ୍ତ ରୂପ ଶୋଭା ଚକ୍ରଧାରୀ ॥୫୦

ଲକ୍ଷ୍ମଣ ବାଳୀ ନନ୍ଦନର କନ୍ଧେ, ବିଜୟ କଲେ ପରମ ଆନନ୍ଦେ
କି ଶୋଭା, ସୁମିତ୍ରାଙ୍କ କୁମର,
ବୃଷଭ ପୃଷ୍ଠରେ କି ବିଜେ ହର ॥୫୧

ସୁଷେଣ ମନ୍ତ୍ରୀ ମଙ୍ଗଳ ପଢ଼ନ୍ତି,   ଜାମ୍ବେବ ବେଦ ବାକ୍ୟ ଉଚ୍ଚାରନ୍ତି
ଲଲାଟେ, ଗନ୍ଧ କୁସୁମ ଦେଲେ,
ରାଘବ ଶିରେ ଅର୍ଘ୍ୟ ବନ୍ଧାଇଲେ ।।୫୨

ସମ୍ମୁଖ ହୋଇ ରାଘବ ଚଳିଲେ,   କପିରାଜଙ୍କୁ ଗୃହିଁ ଆଜ୍ଞା ଦେଲେ
ସମ୍ଭାରେ, ସୈନ୍ୟ ଆସନ୍ତୁ ଧୀରେ,
ଗହଳି ହୋଇ ନ ଆସନ୍ତୁ ଖରେ ।।୫୩

ଏମନ୍ତ କହି ବନେ ରାମଗଣ, ପାରି ହୋଇଲେ ସିନ୍ଧୁ ଶତେ ଯୁଣ
ସୁବଳ, ଗିରି ଉପରେ ଯାଇ,
ପ୍ରବେଶ ହେଲେ ତହିଁ ରଘୁସାଇଁ ।।୫୪

ଲଙ୍କା କଟକ ଦେଖି କୃପାଧାମ, ବୋଇଲେ ଏଥିରେ ଅଛି ମୋ ନାରୀ
ମାରିବ, ରାବଣେ ସବଂଶ,
ସୀତାଙ୍କୁ ଘେନି ଯିବା ନିଜ ଦେଶ ।।୫୫

ଏଥି ରହିବା ଆମ୍ଭେ ଗଡ଼ କରି,   ଲଙ୍କାକୁ ଏ ଗିରି ଅଟେ ବଇରି
ଉତ୍ତର, ମାରୁତିର କନ୍ଦରୁ,
ଲକ୍ଷ୍ମଣ ଓହ୍ଲାଇ ଅଙ୍ଗଦ ପରୁ ।।୫୬

ପୁଣି ବିଭୀଷଣଙ୍କୁ ଗୃହିଁ ରାମ,  ବୋଲନ୍ତି ଆହେ ସେନାମାନେ ଶୁଣ
ମୁଁ ତୁମ୍ଭ, ଭରସାରେ ଆସିଛି,
ଅସୁରଙ୍କ ମାୟା ନ ଜାଣେ କିଛି ।।୫୭

ଶ୍ରୀରାମ ମୁଖୁ ଶୁଣି ବିଭୀଷଣ,   ବୋଲନ୍ତି କିଛି ନ ଭାଳ ଆପଣ
ହନୁକୁ, ଗୃହିଁ ଶ୍ରୀରାମ କହି,
ସୈନ୍ୟ କଥା ସବୁ ତୋତେ ଲାଗଇ ।।୫୮

ଅଷ୍ଟ ସେନାଙ୍କୁ ଘେନି ସଙ୍ଗତରେ, ଥାଟରେ ବୁଲିବ ନିଶା କାଳରେ
ରାବଣ, ଆସି କଳିବ ସୈନ୍ୟ,
ଏଥକୁ ହୋଇଥିବ ସାବଧାନ ।।୫୯

ଶୁଣି ଆନନ୍ଦ ହୋଇ ହନୁ ନମି, ବୋଲଇ ଯେ ଆଜ୍ଞା ହୋଇବ ସ୍ୱାମୀ
ଏମନ୍ତ, କହି ସେନାକୁ ଧରି,
ବେଢ଼ି ରହିଲେ ସୁବଳସ୍ଥା ଗିରି ।।୬୦

ଶିବଙ୍କ ଶ୍ରୀରାମ ପ୍ରଶଂସା କଲେ,     ଆଶ୍ରମ ସକାଶୁ ତହିଁ ରହିଲେ
ସେ ଦେବ, ନଦୀରେ କରି ସ୍ନାନ,
କଲେ ଆନନ୍ଦେ ଫଳମୂଳ ପାନ ॥୬୧

ମହା ନାଟକ ଏହୁ ରାମାୟଣ,     ଶୁଣନ୍ତେ କୁଗତି ହୋଏ ଖଣ୍ଡନ
ସିନ୍ଦୁର' କାଣ୍ଡ ହୋଇଲା ଶେଷ,
ବୋଲେ ରଘୁନାଥ ଦାସ ଏ ରସ ॥

## — ସିନ୍ଦୁର କାଣ୍ଡ ଲୀଳା ଶେଷ —

---

୧- ଫଳମୂଳ ପାନ କରାଯାଏ ନାହିଁ । ଜଳ ପାନ କରାଯାଏ । କିନ୍ତୁ ପୋଥିରେ 'ଫଳମୂଳ ପାନ' ବୋଲି ପାଠ ରହିଛି । କିନ୍ତୁ 'କଲେ ଆନନ୍ଦେ ଫଳାଦ ଭୋଜନ' କଲେ ଅସମୀଚୀନ ହେବ ନାହିଁ ।

୨- ସୁନ୍ଦର କାଣ୍ଡ ପାଠ ସମୀଚୀନ । ସୁନ୍ଦରା କାଣ୍ଡ ପାଠ କେତେକ ପୋଥିରେ ରହିଛି । ସିନ୍ଦୁରା କାଣ୍ଡ ପାଠ ପ୍ରାଚୀନ ପ୍ରୟୋଗ ।

୩- ମୂଳ ପାଠରେ 'ଏଠାରୁ ସିନ୍ଦୁରା କାଣ୍ଡ ଲୀଳା ଶେଷ ହେଲା' ବୋଲି ରହିଛି ।

# ଲଙ୍କା କାଣ୍ଡ

## ପ୍ରଥମ ଯୁଦ୍ଧ । ଅଷ୍ଟାବଧାନୀ ଲୀଳା

### ରାଗ—ମୁଖାରୀ

ଶୁଣ ସୁଜନେ ଲଙ୍କାକାଣ୍ଡ ବାଣୀ,    ପାର୍ବତୀ ଆଗେ ପଞ୍ଚାନନ ଭଣି
ସୁବଳ, ଗିରି ଶିଖରେ ରାମ,
ଦୁର୍ଗ କରି ଯହିଁ କଲେ ବିଶ୍ରାମ ॥୧

ଏହା ଦେଖିଣ ରାବଣର ଚର,    ଯାଇ ଜଣାଏ ରାଜାର ଛାମୁର
ଶୁଣ ଦେବ, ରାମ ଲକ୍ଷ୍ମଣ ବେନି,
ଋକ୍ଷ ବାନର ଅନେକ ସଇନି ॥୨

ସିନ୍ଧୁରେ ସେତୁବାନ୍ଧି ପାରି ହେଲେ, ସୁବଳ ଗିରିରେ ବିଜୟେ କଲେ
ସୈନ୍ୟରେ, ପୃଥ୍ୱୀ ନ ଧରେ ଦେବ,
ସିନ୍ଧୁ ଉଛୁଳେ ପ୍ରଳୟ ହୋଇବ ॥୩

ଏମନ୍ତ ଶୁଣି ବିଶ୍ରବା ନନ୍ଦନ,    କ୍ରୋଧେ ବୁଲାଇଲା ବିଂଶ ନୟନ
ମିଛ ତୁ, କହୁ ମୋତେ ଡରାଉ,
ଯେତକ ବଡ଼ କରି ମୋତେ କହୁ ॥୪

ପ୍ରଶସ୍ତକୁ ଆଜ୍ଞା ଦେଲେ ରାଜନ,    ଏହାକୁ ଶୂଳ ତୁ ଦିଅ ବହନ
ପ୍ରଶସ୍ତ, ଶୁଣି ଘେନାଇ ଗଲା,
ଗ୍ରାମ ବାହାରେ ନେଇ ଶୂଳ ଦେଲା ॥୫

ଏଥୁ ଅନନ୍ତେ ରାଜା ଦଶଶିର,    ଏକାନ୍ତେ ଶୁକସାରଣ ହକାରି
ତୁମ୍ଭେ ଯେ, ଅଟ ମୋର ବିଶ୍ୱାସ,
ଶ୍ରୀରାମ ସୈନ୍ୟ ବେଗେ କଳି ଆସ ॥୬

ପର୍ବତେ ସାଗର ପୋତିଲେ ହେଲେ, ସୁବଳସ୍ଥାରେ ଆସିଣ ରହିଲେ
ବୁଝିବ, ବଳ ପ୍ରାକର୍ମ କେତେ,
କି କି ବିଗ୍ରହ କରୁଅଛି ଚଳେ ॥୭

ଏହା ଶୁଣି ବେନ ମନ୍ତ୍ରୀ ଉଠିଲେ, ନମସ୍କାର କରି ଚଳିଣ ଗଲେ,
ମର୍କଟ, ରୂପ ହୋଇଲେ ବେନ,
ରାମେ ବୁଲିଣ ଦେଖନ୍ତି ସଇନ ॥୮

ରାମେ ବିଭୀଷଣ ସୁଗ୍ରୀବ ରଣା, ନୈନେ ବୁଲନ୍ତି ବଜାଇ ବାଜଣା
ବୁଲନ୍ତେ, ଭେଟ ପଡ଼ିଲେ ବେନ,
ରାବଣ ମନ୍ତ୍ରୀ ବିଭୀଷଣ ଚହ୍ନି ॥୯

କପଟେ ରାବଣ ପେଷି ଅଛଇ, ମନ୍ତ୍ର ପେଷିଣ ରଖିଲା ବନ୍ଧାଇ
ପ୍ରଭୁରୁ, ରାମ ପାଶକୁ ଯାଇ ।
ମୃଗ ଛୁଟିଲେ କଜେ ଶ୍ରୀ ରଘୁସାଇଁ ॥୧୦

ରବି ସୁତ ପରେ ଦେଇଣ କର, ଗୃପଇ ହନୁମନ୍ତ ଶ୍ରୀପଦ୍ମେ
ଅଙ୍ଗଦ, କନ୍ଧେ ଦକ୍ଷିଣ ଭୁଜ,
ଅନୁକୂଳ କହନ୍ତି ଋକ୍ଷରାଜ ।୧୧

ଶ୍ରୀରାମ ପୃଷ୍ଠ ଦେଶରେ ଲକ୍ଷ୍ମଣ, ବସି ସଳଖ ଦେଖନ୍ତି ମାର୍ଗେ
ଲଙ୍କାକୁ, ଅନାଇ ରଘୁପତି,
ମନରେ କ୍ରୋଧ ହେଉଅଛି ଅତି ॥ ୧୨

ଏହି କାଳେ ବିଭୀଷଣ ମିଳିଲେ, ରାମଙ୍କୁ ନମିଣ ବାର୍ତ୍ତା କହିଲେ
ସ୍ୱାମୀ ଦେବ, ରାବଣ ମନ୍ତ୍ରୀ ବେନ,
ରାମେ ବୁଲୁଥିଲେ ଆମ୍ଭ ସଇନ ॥ ୧୩

ମୁଁ ତାଙ୍କୁ ଚହ୍ନି ବାନ୍ଧିଲି ସତ୍ୱର, ପର୍ବତ ତଳେ ଛନ୍ତି ରଘୁବୀର
ଶୁଣିଣ, ରାମ ଆନନ୍ଦ ହେଲେ,
ଅଟାଅ ଦେଖିବା ବୋଲି ବୋଇଲେ ॥ ୧୪
ତକ୍ଷଣରେ ଋକ୍ଷ ବାନର ଗଲେ, ରାମ ଛାମୁକୁ ତାହାଙ୍କୁ ଆଣିଲେ
ରାମଙ୍କୁ, ଦେଖି ସେ ମନ୍ତ୍ରୀ ବେନ,
ଚହ୍ନି ବିନୟ ଭାବେ ପାଦେ ନମି ॥ ୧୫

**ଶ୍ରୀରାମ ବଚନକା**

ଶୁକ ସାରଣଙ୍କୁ ପଚାରନ୍ତି ସୀତାପତି ।
ତୁମ୍ଭେ ବେନିଜଣ କହୋ ରାବଣର ମନ୍ତ୍ରୀ ॥

କି କାର୍ଯ୍ୟେ ଆସିଣ ଅଛ କହିବଟି ସତ ।
ମାୟା କଲେ କି ମୋତେ ଜିଣିବ ଲଙ୍କନାଥ ॥

ଏହା ଶୁଣି ଶୁକ ସାରଣ ବେନି, ବେନି କର ଯୋଡ଼ି କହନ୍ତି ବାଣୀ
ରାବଣ, ମନ୍ତ୍ରୀ ଆମ୍ଭେ ଦ୍ୱେ ଦେବ
ଆମ୍ଭଙ୍କୁ ପେଷିଛନ୍ତି ଦଶଗ୍ରୀବ ॥୧୬

କଳିବା ପାଇଁ ତୁମ୍ଭ ବଳ ବୁଦ୍ଧି କେମନ୍ତେ ପାରି ହୋଇଲ ବାରିଧି
ଏ ସର୍ବ, ବୁଝିବାକୁ ଆଇଲୁ
କପି ରୂପ ହୋଇ ସବୁ ଦେଖିଲୁ ॥୧୭

ଶୁଣି ବୋଲନ୍ତି ରଘୁକୁଳ ନାଥ ତୁମ୍ଭେ ବେନି ମନ୍ତ୍ରୀ ରାବଣ ଦୂତ
ଦେଖିବା, ନିଜ ରୂପକୁ ଧର
କେଉଁ କାରଣେ ତନୁ ଗୋପ୍ୟ କର ॥୧୮

ଏମନ୍ତ ଶୁଣି ସେ ଶୁକ ସାରଣ ନିଜ ରୂପକୁ ଧଇଲେ ତକ୍ଷଣ
ଶ୍ରୀରାମ, ଦେଖି ହେଲେ ଚକିତ
ବିଭୀଷଣଙ୍କୁ ପୁଚ୍ଛନ୍ତି ଉଦନ୍ତ ॥୧୯

ଦେଖ କପଟ କରି ଦଶଶିର ମନ୍ତ୍ରୀଙ୍କି ପେଷିଅଛି କରି ଚର
ଏହାର, କେଉଁ ଜାଣିମା ପଣ
କର ଯୋଡ଼ିଣ କହେ ବିଭୀଷଣ ॥୨୦

ବିହି ତାକୁ ହେଲଣି ପ୍ରତିକୂଳ ନିଶ୍ଚୟେ ନାଶ ଯିବ ଲଙ୍କପାଳ
ସୀତାୟା, ନେବା ଦିନୁ ତାହାର
ବୁଦ୍ଧି ବଳ ସବୁ ହେଲାଣି ଦୂର ॥୨୧

ସାମାନ୍ୟ ନୁହନ୍ତି ଏ ବେନି ଜନ ବୁଦ୍ଧିରେ ଚଣ୍ଡଗୁପ୍ତଙ୍କ ଦ୍ୱେ ସମ
ରାଜାର, ଅଟନ୍ତି ଦ୍ୱେ ବିଶ୍ୱାସ
ଅନୁବ୍ରତେ ଖଟିଆନ୍ତି ତା' ପାଶ ॥୨୨

ଦେବ ଏହାଙ୍କୁ ଉପ୍ରୋଧ ନ କର କାଟି ପକାଇବା ଏହାଙ୍କ ଶିର
ନୋହିଲେ, ବନ୍ଧନରେ ରଖିବା
ରାବଣ ଗ୍ରାମକୁ ଛାଡ଼ି ନ ଦେବା ॥୨୩

ଶୁଣି ରାମ ଶ୍ରବଣେ ଦେଇ ହାତ    ବୋଇଲେ ତୁମ୍ଭେ ଶୁଣ ଲଙ୍କନାଥ
ଏହାଙ୍କୁ, ଯେବେ କରିବା ହତ
ତେବେ କି ନାଶ ଯିବ ଲଙ୍କନାଥ ॥୨୪

ଏମନ୍ତ କହି ତାଙ୍କୁ ଗୃପଧାରୀ    ବେନି ମନ୍ତ୍ରୀଙ୍କୁ ବନ୍ଧନୁ ଉବାରି
ବୋଇଲେ, ତୁମ୍ଭେ ରାବଣ ଆଗେ
କହ ସମର କରୁ ଆସି ବେଗେ ॥୨୫

ଏମନ୍ତ ଶୁଣି ସେହୁ ମନ୍ତ୍ରୀ ବେନି    ଶ୍ରୀରାମ ପାଦ-ପଦ୍ମ ତଳେ ନମି
ଭୋ ଦେବ, ଚରଣରେ ଶରଣ
ସମ୍ଭାଳ ଆମ୍ଭଙ୍କୁ ହେ ରଘୁରାଣ ॥୨୬

ଶୁଣି ଶ୍ରୀରାମ ହୃଷ୍ଟ ହୋଇ କହି    ବିଭୀଷଣଙ୍କୁ ରାଜା କରିବାଇଁ
ତୁମ୍ଭଙ୍କୁ, ମନ୍ତ୍ରୀ କରିବା ଆମ୍ଭେ
ନିଶ୍ଚିନ୍ତ ହୋଇ ରହିଥାଅ ତୁମ୍ଭେ ॥୨୭

ଏହା ଶୁଣିଣ ସେ ଶୁକ ସାରଣ    ନମସ୍କାର କରି ଗଲେ ତକ୍ଷଣ
ପ୍ରବେଶ, ହେଲେ ଲଙ୍କା ଭୁବନ
ରାବଣଙ୍କୁ ଯାଇ କଲେ ଦର୍ଶନ ॥୨୮

ବ୍ରହ୍ମାଙ୍କୁ ଚାହିଁ ବୋଲେ ଲଙ୍କପତି    ବହୁତ ଅନର୍ଥ ହୋଇଲା ଏଥି
ଜାଣ ତ, ସବୁ ସକଳ ଦେବ
ଅବଶ୍ୟ ସମର କାଲି ହୋଇବ ॥୨୯

ସବୁ ଦେବେ ଯାଅ ନିଜ ସଦନ    ଶତ୍ରୁ ମଲେ ଆସିବ ଦେବଗଣ
ଏମନ୍ତ, ଶୁଣି ସେ କୁଶଧର
ବାହୁରିଲେ ମୁଖୁ ହେଲା ଏହାର ॥୩୦

ଏମନ୍ତ ଭବ ବ୍ରହ୍ମା ଆଦି ସୁରେ    ପ୍ରବେଶ ହେଲେ ଯାଇ ନିଜ ପୁରେ
ମନ୍ତ୍ରୀଙ୍କି, ଚାହିଁ ପୁଚ୍ଛେ ରାବଣ
କି ବାର୍ତ୍ତା ଆଣିଛ କହ ବଚନ ॥୩୧

ଭୋ ଦେବ ଅଜ୍ଞା ପ୍ରମାଣରେ ଗଲୁ    ନିଶାରେ ରାମ ସୈନ୍ୟରେ ବୁଲିଲୁ
କଳଣା, ନୋହେ ସେ କପିବଳ
ସିନ୍ଧୁ ଘୋଷ ଜିଣି ମୁଖ ଚହଳ ॥୩୨

ସୈନ୍ୟ ଗହଳରେ ନ ଦିଶେ ମହୀ   ନିର୍ଚ୍ଚିନ୍ତ ହୋଇ ସର୍ବେ ଥିଲେ ଶୋଇ
ସେଠାରୁ, ସୁବଳାଦ୍ରିକୁ ଗଲୁ
ସେନାପତି ସମୂହକୁ ଦେଖିଲୁ ॥୩୩

ବିଜୟେ କରିଛନ୍ତି ରଘୁବୀର   ଲକ୍ଷ୍ମଣ କରେ ଧରି ଧନୁଶର
ରାମଙ୍କ, ଜଗି ସେ ବୀରମଣି
ବିରାଜନ୍ତି କାଳ କୃତାନ୍ତ ଜାଣି ॥୩୪

ସୈନ୍ୟଙ୍କର ବଳ କହି ନୁହଇ   ଐରାବତ ତାଙ୍କ ସରି ନୁହଇ
କ୍ଷଣକେ, ପୃଥ୍ୱୀ କରିବେ ଧୂଳୀ
ଗର୍ଜନ ତ ଗୃରି ମେଘକୁ ବଳି ॥୩୫

କେତେ କହିବୁ ଆଉ କଥାମାନ   ପୃଥ୍ୱୀ ନ ଦିଶେ ରହିଛନ୍ତି ସୈନ୍ୟ
ଦେଖନ୍ତେ, ଭୁଲି ରାମ ସଇନ
ତୋ' ଭ୍ରାତ ବାନ୍ଧିଲା ଆମ୍ଭଙ୍କୁ ଚିହ୍ନି ॥୩୬

ଅନେକ ମାଡ଼ ମାରି ରଖିଥିଲେ   ଶ୍ରୀରାମ ଆମ୍ଭଙ୍କୁ ଛୁଡ଼ାଇଣ ଦେଲେ
କରୁଣା, ସିନ୍ଧୁ ଅଟନ୍ତି ରାମ
କହିଛନ୍ତି କହ କରୁ ସଂଗ୍ରାମ ॥୩୭

ଏମନ୍ତ ଶୁଣି କ୍ରୋଧେ ଲଙ୍କସାଇଁ   କହିଲା ବିଂଶ ଲୋଚନ ବୁଲାଇ
ଶର୍ଦ୍ଦୁର, ପ୍ରତିଗ୍ୟାଂମାନ କେତେ
କହୁଛ ଭୟ କରାଇଣ ମୋତେ ॥୩୮

ତା' ବଂଶେ ଆରଣ୍ୟକ ରାଜା ଥିଲା   ଗୃପୋଡ଼େ ମାରନ୍ତେ ପ୍ରାଣ ହାରିଲା
ପୃଥିବୀ, ଶତେବାର ଜିଣିଲି
କପିଳାସ ପର୍ବତ ଉପାଡ଼ିଲି ॥୩୯

ଏହି ଗୁରୁ ରକ୍ଷ କର ବାନର   ଭକ୍ଷ ଅଟନ୍ତି ଆମ୍ଭମାନଙ୍କର
କହିଣ, ଶାର୍ଦ୍ଦୁଳକୁ ସେ ରାଇ
ରାମ ସୈନ୍ୟ କଳି ଆସ ତୁ ଯାଇ ॥୪୦

ରାବଣ ଆଗ୍ୟାଂରେ ଶାର୍ଦ୍ଦୁଳ ଗଲା   ପାଚେରୀ ପରେ ଉଠି ଦୃଷ୍ଟି ଦେଲା
ନାରଦ, ଦେବୀ ମନ୍ତ୍ର ସୁମରି
ବାମ ପାଦରୁ ଧୂଳୀ କରେ ଧରି ॥୪୧

ନିଜ କପାଳେ ମଣ୍ଡି ଣ ଲଗାଇ           ଉତ୍ତର ଦିଗକୁ ଦେଲା ଅନାଇ
ଭୂଲୋକ, ବ୍ୟାପିଛନ୍ତି ବାନର
ବର୍ଣ୍ଣି ହୁଅଇ ପ୍ରକାର ପ୍ରକାର ॥୪୨

ଇନ୍ଦ୍ର ଉପବନ ସୁବଳ ଗିରି           ଗୋଦାବରୀ ବେଲାବନ ଅବୋରି
ମହେନ୍ଦ୍ର, ଗିରି ତଟରେ ହରି
ସିନ୍ଧୁ ତଟରେ ସେ ଅଛନ୍ତି ପୂରି ॥୪୩

ଋଷିମୁଖ ଇସ୍କିନ୍ଧା ଆଦି କରି           ଦେଖି ଶାର୍ଦ୍ଦୂଳ ଚଉଠି ଭୟ କରି
ବାହୁଡ଼ି, ରାଜା ପାଶେ ପ୍ରବେଶ
କହେ ରମ୍ଭୁନାଥ ଦାସ ଏ ରସ ॥୪୪

●

## ରାଗ—ବସନ୍ତ

ଦଶଗ୍ରୀବ ଚରଣରେ କରି ନମସ୍କାର ।
ବେନି କର ଯୋଡ଼ିଣ ସେ କହଇ ଉତ୍ତର ଯେ ॥ ୧

ହେ ଦେବ ଆଶ୍ଚର୍ଯ୍ୟ କଥା ଅଇଲି ମୁଁ ଦେଖି ।
ଭୂଲୋକ ବ୍ୟାପିଣ ରହିଛନ୍ତି ଋକ୍ଷ କପି ହେ ॥ ୨

ସିଂହ ଐରାବତ ପ୍ରାକର୍ମକୁ ନୋହେ ସରି ।
ବଦନ ଚନ୍ଦ୍ରେ କମ୍ପୁ ଅଛି ବସୁନ୍ଧରୀ ହେ ॥ ୩

ପ୍ରଳୟ ସିନ୍ଧୁ ପରାଏ କରନ୍ତି ଗର୍ଜନ ।
ପାଦ ଧୂଳୀରେ ଅଦୃଶ୍ୟ ହେଉଛି ଗଗନ ଯେ ॥ ୪

କେ ତାହା ସଂକ୍ଷେପି ଦେବ କହିବ ବଚନେ ।
ଚିତ୍ରଗୁପ୍ତ ସନ୍ତାପକୁ ଲଭିବେଟି ମନେ ଯେ ॥ ୫

ସୀତାକୁ ନେଇ ଯଗିକ ଦିଅ ବାହୁଡ଼ାଇ ।
ନ ଦେଲେ ନଷ୍ଟପ୍ରାୟେ ନାଶ ଯିବା ଲଙ୍କସାଇଁ ହେ ॥ ୬

ଏମନ୍ତ ଶୁଣି କ୍ରୋଧରେ କହେ ଲଙ୍କପତି ।
ଇନ୍ଦ୍ରଜାଲ ବାଜି ଶିକ୍ଷା କରିଥିବ ଯତି ଯେ ॥ ୭

ଯଣ୍ଡା ନଳକ୍ଷଣ କିସ କରିପାରେ ମୋତେ ।
ବର-ଯୁକ୍ତ ବାନା ମୋର ଅଛଇ ଜଗତେ ଯେ ॥ ୮

ଏମନ୍ତ ବୋଲିଣ ଶୁକ ସାରଣଙ୍କୁ କହି ।
ବୀର ମହାବୀର ରଥୀ ଯୋଦ୍ଧା ଆଣ ଯାଇ ହେ ॥ ୯

ଆଜ୍ଞା ପାଇ ମନ୍ତ୍ରୀ ସବୁ ସୈନ୍ୟ ଅଣାଇଲେ ।
ମେଘନାଦ ପ୍ରହସ୍ତ ମହୋଦର ଆଇଲେ ॥ ୧୦

କାଳଦଣ୍ଡ ଯମଦଣ୍ଡ ଅତିକାୟ ବୀର ।
ମିତ୍ରଘନ ଦେବଦନ୍ତ ସ୍ଥୂଳଜଙ୍ଘ ବୀର ଯେ ॥ ୧୧

ମହାପାର୍ଶ୍ୱ ଧୂମ୍ରାକ୍ଷ କଙ୍କ ଧଙ୍କ ବେନି ।
ସଲେପି ଅଲେପି ସିଂହ ତୁରଙ୍ଗକୁ ଘେନି ଯେ ॥ ୧୨

ଏହି ରୂପେ ଚତୁରଙ୍ଗ ସୈନ୍ୟ ହେଲେ ଭେଟ ।
ଦେଖିଣ ସାନନ୍ଦ ହେଲା ବଗ୍ରବାର ଗୃଠ ଯେ ॥ ୧୩

ସମସ୍ତଙ୍କୁ ଚାହିଁଣ ବୋଲଇ ଦଶଶିର ।
ତୁମ୍ଭେମାନେ ହେଲେ ଜିଣିପାର ତିନିପୁର ଯେ ॥ ୧୪

ଏତେ କାଳେ ଆସି ମୋତେ ପଡ଼ିଲା ବିପତ୍ତି ।
ରାମ ଲକ୍ଷ୍ମଣ ବୋଲି ଅଛନ୍ତି ବେନି ଯତୀ ଯେ ॥ ୧୫

ବାଲୀକି ବିନାଶି ସୁଗ୍ରୀ ସଙ୍ଗେ ମିତ୍ର ହେଲେ ।
ଋକ୍ଷ କପି ସୈନ୍ୟ ଘେନି ସମୁଦ୍ର ତରିଲେ ଯେ ॥ ୧୬

ସୁବଳ ଗିରିରେ ଦୁର୍ଗ କଲେ କାଲି ଆସି ।
ଏ ତଥ୍ୟ ଜାଣିଲି ଚର ଜଣାଇଲା ଆସି ଯେ ॥ ୧୭

ଯେଉଁ ନଳକ୍ଷଣ କପି ବନସ୍ତରେ ଥାନ୍ତି ।
ମନୁଷ୍ୟ ଦେଖିଲେ ଖତାଇ ହୋଇ ପଳାନ୍ତି ଯେ ॥ ୧୮

ସେମାନେ ଆସିଣ ମୋତେ ହୋଇଲେ ବଇରି ।
ଏଣୁ କରି କହୁଅଛୁ ତୁମ୍ଭଙ୍କୁ ହକାରି ଯେ ॥ ୧୯

ରାବଣ ମୁଖରୁ ଏସନକ ବାଣୀ ଶୁଣି ।
ପ୍ରତିଜ୍ଞା କରି ଦୈତ୍ୟେ କହନ୍ତି ଶିରଧୁଣି ଯେ ॥ ୨୦

ଯେ ଦେବ ପଇତେଶ୍ୱର ଜମ୍ମା ଏଣ୍ଡା କନ୍ଧୁ ।
ଚତୁର୍ଦ୍ଦଶ ବ୍ରହ୍ମାଣ୍ଡେ ଜିଣେନ୍ତା ତୋତେ କେନ୍ଧୁ ଯେ ॥ ୨୧

ବ୍ରହ୍ମା ରୁଦ୍ର ଇନ୍ଦ୍ର ଅଦ ଭବ ଦଶରେ ।
ତୁର ନିଲକ୍ଷଣ ଯଜ୍ଞ କା କମ୍ପାଇଁ ତର ଯେ ॥ ୨୨

ପଥ ଆଗ୍ୟାଂ ଦେଇ ଦେବ ଜଳମ୍ଭ କର୍ମା କର ।
କୃଷ୍ଣ ବାନର ମାର କାଟିବୁ ଯଜ୍ଞ ଶିର ହେ ॥ ୨୩

ସୁଗ୍ରୀ ହନୁମନ୍ତ ଆଦି କରିବୁ ନିଧନ ।
ଅଯୋଧ୍ୟା କିଷ୍କିନ୍ଧାପୁର କରିବୁ ଦହନ ହେ ॥ ୨୪

ଶ୍ରୀରାମ ନିଧନେ ପଳାଇବେ ରକ୍ଷ ବଂଶ ।
ଆନନ୍ଦେ ଜାନକୀ ଭୋଗ କର ଦୈତ୍ୟଈଶ ହେ ॥ ୨୫

ଏ ବଚନ ଶୁଣିଣ କହଇ ଉଠିଲ ।
ଜମା ଅମ୍ଭେମାନେ ଯାଇ କରିବା ସମର ହେ ॥ ୨୬

ଜବାଟ ପକାଇ ଆମ୍ଭେ ଦୁଷ୍ଟେ ରହିଥିବା ।
କେତେ ଦାକର୍ମ ପଣ୍ଡିତ ସମସ୍ତ ତୁଟିବା ହେ ॥ ୨୭

ଏମନ୍ତେ ଦୈତ୍ୟମାନଙ୍କୁ ବୋଲେ ଦୈତ୍ୟଈଶ ।
ରାମ ପାଦ ଚନ୍ଦ୍ର ବୋଲେ ରଘୁନାଥ ଦାସ ହେ ॥ ୨୮

ରାଗ— **ମୁଖାରୀ**

ଜିତ ଯୋଦ୍ଧାଗଣ କହେ ଇନ୍ଦ୍ରଜିତ,
ଜମ୍ମ କି ଲାଗୁ ଅଛ ମନେ ଭୀତ ।
କୁମ୍ଭକର୍ଣ୍ଣ, ମକର ଯୂପ, ଏ ଦୂତ ସେ କି ଜାଣିବେ ସମର ବେଭାର ॥ ୧

ମମମଙ୍କ ଭଞ୍ଜିବେ ରାମଙ୍କ ଗୁଡ଼ି,
ମାରିବା ଆମ୍ଭେମାନେ ଯେ ଧଇଡ଼ି ।
ମୋହର, ପ୍ରତିଗ୍ୟାଂ ନାହିଁ ସୁଣି ସ୍ୱର୍ଗେ ପଶି ଜିଣିଲି ବଜ୍ରପାଣି ॥ ୨

ପୁତ୍ର ମୁଖରୁ ଏମନ୍ତ ଶୁଣିଣ,
ହରି ହରଗ ସୈନ୍ୟ କଲା ରାବଣ ।
ପ୍ରହସ୍ତ, ସେନାପତିଙ୍କ ଦେଇ କହିଲା ସୋଦର ଭାବ ଦେଖାଇ ॥ ୩

ବହୁ ସେନାମାନ ଦେଇ ତାହାକୁ,
ବୋଇଲା ନିରୋଧ ପୂର୍ବ ଦ୍ୱାରକୁ ।
ପାଇଣ, ରାଜାଙ୍କ ଆଦେଶକୁ ପ୍ରଶସ୍ତ ଚଳିଲା ପୂର୍ବ ଦ୍ୱାରକୁ ॥ ୪

ମହୋଦରକୁ ଦକାଣି ବହନ,
ବୋଇଲା ଯେତେ ଇଚ୍ଛା ଯେତେ ସୈନ୍ୟ ।
ପଞ୍ଚାଶ, କୋଟି ରଥୀ ସଙ୍ଗରେ ଯେଣ ତୁ ଜଗ ଦକ୍ଷିଣ ଦୁଆରେ ॥ ୫

ରାବଣ ପାଦେ ନମସ୍କାର କଲା,
ଦକ୍ଷିଣ ଦ୍ୱାର ଯାଇ ନିରୋଧିଲା ।
ସଙ୍ଗତେ, ସେନା ସୈନ୍ୟ ଘେନଣ କଟିଲେ ଦ୍ୱାରେ ଅର୍ଗଳୀ ଦେଇଣ ॥ ୬

ଇନ୍ଦ୍ରଜିତକୁ ଡକାଇ ରାବଣ,
ଅଙ୍ଗେ ମଣ୍ଡିଲା ରତ୍ନ ଆଭରଣ ।
କିରୀଟି, କୁଣ୍ଡଳରେ ଶୋଭିତ ହରାଇଲା ଜଣି କାଳ କୃତାନ୍ତ ॥ ୭

ସୁରଙ୍ଗଣି ପାଟ ବାନ୍ଧିଣ ଶିର,
କହେ ତୋତେ ଲାଗେ ପଶ୍ଚିମ ଦ୍ୱାର ।
କବାଟ, ପୀଢ଼ି ଭିତରେ ଥିବ କେତେ ପ୍ରାକର୍ମ ତାହାର ବୁଝିବ ॥ ୮

ଏହା ଶୁଣି ମେଘନାଦ ସତ୍ୱର,
ପିତା ଚରଣେ କରି ନମସ୍କାର ।
ପଶ୍ଚିମ, ଦ୍ୱାରକୁ ଚଳିଗଲା ବାଛୁ ବାଛୁ ଯୋଦ୍ଧାମାନଙ୍କୁ ନେଲା ॥ ୯

ତିନି ଦ୍ୱାରକୁ ସୈନ୍ୟ ବରଗିଲା,
ଆପଣେ ଉତ୍ତର ଦ୍ୱାରକୁ ଗଲା ।
ଅନେକ, ବାଦ୍ୟମାନ ବଜାଇ ଶବଦେ କର୍ଣମାନ ହେଲା ମଣା ॥ ୧୦

ସହୁଁ ପକାଇଲା ଚାରି ଦୁଆର,
ଶ୍ରୀରାମ ଆଗେ ଜଣାଇଲା ଚର ।
ଦେଖ ଦେବ, ଶୁଣ କୋଦଣ୍ଡପାଣି ଦଶଗ୍ରୀବ ତୁମ୍ଭ ଆଗମ ଜାଣି ॥ ୧୧

ସମସ୍ତ ସୈନ୍ୟ ଚାରି ଭାଗ କଲା,
ପ୍ରଶସ୍ତକୁ ପୂର୍ବକୁ ବରଗିଲା ।
ଦକ୍ଷିଣେ, ମହୋଦରକୁ ପେଷି ଭଲ ଭଲ ବୀର ନେଲେ ସେ ବାଛି ॥ ୧୨

ପଶ୍ଚିମେ ଗଲା ଇନ୍ଦ୍ରଜିତ ବୀର,
ଆପେ ଜଗିଥିଲେ ଉତ୍ତର ଦ୍ୱାର ।
କବଚ, କଳା ଅଛନ୍ତି ରହି    କହିଲି ଶୁଣ ସାବଧାନ ହୋଇ ॥ ୧୩

ଶୁଣି ରାମ ବିଭୀଷଣଙ୍କୁ ଚାହିଁ,
ଏ କଥା କାହିଁ ନଙ୍କମାଳ-ସାଇଁ ।
ଏକଥା, ଭାଇ ଜାଣିମା ପଣ    କେମନ୍ତ ବୀର ବୋଲିଲ ରାବଣ ॥ ୧୪

ବିଭୀଷଣ ବୋଇଲା ଏହା ଶୁଣି,
ଶୁଣ ଦେବତା ଯୋଦ୍ଧା ନୃପମଣି ।
ରାବଣ, ତୁମ୍ଭ ଆଗମ ଶୁଣି    ହୃଦରେ ଭୟ କଲା ଲଙ୍କାମଣି ॥ ୧୫

ଗରୁଡ ଆଗେ ଯେହ୍ନେ କାଳଫଣୀ,
ସିଂହ ଆଗେ କଣ୍ଠପାଳକୁ ମଣି ।
ଅଗ୍ନିକି, ଜିଣିପାରେ କି ତୃଣ    ଏହି ପାପେ ସବ ଜାଣୟ ଜାଣ ॥ ୧୬

ଇନ୍ଦୁର ବୃଷଦଂଶ ଦେଖା ପାଇ,
ବିବରୁ ଯେହ୍ନେ ବାହାର ନୁହଇ ।
ତୁମ୍ଭଙ୍କୁ, ତେହ୍ନେ ଭୟ ବଗୁର    ଦ୍ୱାର ମୁଦ ରହିଲା ଦଶଶିର ॥ ୧୭

ଶ୍ରୀରାମ ଧର କେତେ ହାତ ଦେଇ,
ଲୁଚିଲେ କି ଭୟେ ଛୁଟିବ ମୁହିଁ ।
ଏ କଥା, ମୋର ଅଟେ ପ୍ରମାଣ    ହୃଦେ ପେଷିବ ବେଳ ବ୍ରହ୍ମ ବାଣ ॥ ୧୮

ଅତି ଅଜ୍ଞାନ ଅଟେ ଲଙ୍କାସାଇଁ,
କଦାଚ ଦେଲେ ଯମ କି ନ ନେଇ ।
ଏ କଥା, ମାନଙ୍କୁ ନ ବଚୂଇ    ଏହି କୁଟେ ଜିଣିଲା ଉନପୁରୀ ॥ ୧୯

ଏ ତ ଜାଣି ରାମ ସୁଗ୍ରୀବ ଚାହିଁ,
ପଥଧାରି ଆନନ୍ଦ ସଜ ହୋଇ ।
କଟକ, ଯାଇ ବେଢ଼ିବା ତାର    ସମର ଆଶେ କରୁ ଦଶଶିର ॥ ୨୦

ଶୁଣି ସୁଗ୍ରୀବ ଦୂତ ବରଗିଲେ,
ସେନାମାନଙ୍କୁ ହକାରି ଆଣିଲେ ।
ରାମଙ୍କୁ, ଯାଇ କଲେ ଦର୍ଶନ    କରନ୍ତି ବହୁତ ପ୍ରଣିପାତ ମାନ ॥ ୨୧

ରାମ ବୋଇଲେ ଶୁଣ ଆହେ ମିତ,
ପୂର୍ବ ଦ୍ୱାରେ ଜଗିଅଛୁ ପ୍ରଶସ୍ତ ।
ତହିଁକି, ତୁମ୍ଭେ ସତ୍ୱରେ ଯାଅ   ସଙ୍ଗତେ ନୀଳ ଶତବଳ ନିଅ ॥ ୨୨

ଦଧିମୁଖ ନୀଳମୁଖ ସାରସ,
ସଙ୍ଗତେ ବାଛୁ ନିଅ ବୃନ୍ଦାରଣ ।
ଏମନ୍ତ, ଶୁଣିଣ କପିରାଜ   କାଛଟା ପିନ୍ଧଣ ହୋଇଲେ ସଜ ॥ ୨୩

ଶିରେ ମୁକୁଟ ଯେହ୍ନେ ରତ୍ନଧର,
ବାହେ ବର ନେତ ବାନ୍ଧି ଦମ୍ଭର ।
ଚରଣେ, ଅନର୍ଗଳ ତୋଡ଼ର   କଟିରେ ମେଖଳା କର୍ଣ୍ଣେ କୁଣ୍ଡଳ ॥ ୨୪

କପୋଳେ କସ୍ତୁରୀ ତିଳକ ତୋରା,
ଚନ୍ଦ୍ରପାଶେ ମୁକୁତା କେରା କେରା ।
ଅନନ୍ୟ, ବେଶ ଦେଖି ତାହାର   ସନ୍ତୋଷ ହେଲେ ରଘୁକୁଳ ବୀର ॥ ୨୫

ଅଙ୍ଗଦକୁ ଆଜ୍ଞା ଦେଲେ ରାଘବ ।
ସଙ୍ଗେ ସଉତ୍ରି ସେନାପତି ଥିବ ।
ମହେନ୍ଦ୍ର, କୁଳ ଗନ୍ଧମାର୍ଦ୍ଦନ   ଯେତେକ ଇଚ୍ଛା ତେତେ ନିଅ ସୈନ୍ୟ ॥ ୨୬

ଦକ୍ଷିଣ ଦ୍ୱାର ରକ୍ଷା କର ଯାଇ,
ସବୁ ବନ୍ଧୁ ତୁମ୍ଭଙ୍କ ଲଗାଇ ।
ଏମନ୍ତ, ଶୁଣି ବାଳୀ ତନୁଜ   ରାମ ଆଜ୍ଞା ପାଇ ହୋଇଲେ ସଜ ॥ ୨୭

ହନୁମନ୍ତକୁ ଚାହିଁ ରଘୁବୀର,
ବୋଇଲେ ଜଗ ଦକ୍ଷିଣ ଦୁଆର ।
ରାବଣ, ଜ୍ୟେଷ୍ଠ-ସୁତ ତହିଁରେ   ସୈନ୍ୟ ଘେନି ବସିଛି ସେ ଦୁଆରେ ॥ ୨୮

ସଙ୍ଗତେ ଦୁର୍ବନ୍ଦ କାଳମୁଖକୁ,
ନପକନ୍ତ ସାରସ ପନଶୀଳକୁ ।
ବହୁତ, ସୈନ୍ୟ ସଙ୍ଗତେ ନିଅ   ଦୈତ୍ୟକୁ ବାହାର କରି ନ ଦିଅ ॥ ୨୯

ଶୁଣି ଅଙ୍ଗଦ ହନୁ ସୁଗ୍ରୀବର,
ରାମ ଆଜ୍ଞାରେ ଶିରେ ଦେଲେ କର ।
ବୋଇଲେ, ଆଜ ଦେଖିବ ରଣେ   ଶେଷ ହେଲେ ଯୁଝିବ ଆପଣେ ॥ ୩୦

କି କରିପାରେ ତ୍ରୁର ଦୈତ୍ୟ ମୂଢ଼,
ମିଛେ ମିଛେ ବୋଲଉ ଅଛୁ ବଢ଼ ।
ଶ୍ରୀରାମ, ପଦ୍ମ-ପାଦ-ସାରସ ରଘୁନାଥ ଦାସ କରଛୁ ଆଶ ॥ ୩୧

●

ରାଗ—**ବସନ୍ତ**

ଏଥୁ ଅନନ୍ତରେ ତୁମ୍ଭେ ଶୁଣ ଭଗବନ୍ତ ।
ଲକ୍ଷ୍ମଣଙ୍କୁ ବୃହ୍ନିଁ ଆଗ୍ୟାଂ ଦେଲେ ରଘୁପତି ଯେ ॥୧

ହୁଅ ସଜ ଯିବା ବେଗେ ଉତ୍ତର ଦ୍ୱାରକୁ ।
ବୁଝିବା ନା ଆଜ ଦଶଗ୍ରୀବ ଧ୍ରାକର୍ମକୁ ଯେ ॥୨

ବଭୀଷଣ ମୋର ସଙ୍ଗେ ଥିବ ସାକ୍ଷୀ ହୋଇ ।
ମାରିବ ଦନୁଜ ରଖି ନ ପାରିବେ କେହି ଯେ ॥୩

ଏମନ୍ତ କହିଣ ସଜ ହେଲେ ଦାଶରଥି ।
ବେନି କନ୍ଦରେ ଭିଡ଼ିଲେ ଅକ୍ଷୟ ଭାରଥି ଯେ ॥୪

କସ୍ତୁରୀର ତିଳକ ଲଲାଟେ ଶୋଭା ଦିଶି ।
ନିର୍ମଳ ମେଘରେ ଯେହ୍ନେ କଳା ମେଘ ଦିଶି ଯେ ॥୫

ସୁବାସ-କୁସୁମେ ଶୋଭା ଦିଶେ ଜଟାଭାର ।
ତେହ୍ନେ କର୍ଣ୍ଣେ କୁଣ୍ଡଳ କଣ୍ଠେ ରୁଦ୍ରାକ୍ଷ ହାର ଯେ ॥୬

ପୋଇଗୁନ୍ଧଅ ତୁଳସୀ ମାଳ ହୃଦସ୍ଥରେ ।
ଅମଳାନ ବସ୍ତ୍ର ଶୋଭା ଦିଶେ ଶ୍ରୀଅଙ୍ଗରେ ଯେ ॥୭

ଜାନକୀ ମଣି କି କଣ୍ଠେ ବାନ୍ଧି ଯତ୍ନ କରି ।
ଶ୍ୟାମଳ ମେଘେ ଚପଳା ଗତ୍କି ଯେ କରି ଯେ ॥୮

କଟୀରେ ଯମଦାଢ଼ ବାନ୍ଧେଣ ବୀର ନେତ ।
ଅଣ୍ଟାକୁ ଖଣ୍ଡା ଦିଶିଲା ଅତ୍ୟନ୍ତ ଶୋଭିତ ଯେ ॥୯

ଏହି ପ୍ରାୟେ ସଉମିତ୍ରି ବେଗେ ସଜ ହୋଇ ।
ଶ୍ରୀରାମ ଚରଣେ ନମସ୍କାର କଲେ ଯାଇ ଯେ ॥୧୦

ବିଭୀଷଣଙ୍କୁ ଅନାଇଁ ରଘୁକୁଳ ବୀର ।
ବୋଲ ବେଗେ ଯିବା ଆମ୍ଭେ ଉତ୍ତର-ଦୁଆର ଯେ ।।୧୧

ଦଧିମାଛ ପୂର୍ଣ୍ଣକୁମ୍ଭ ନାରିକେଳ ଫଳ ।
ରମ୍ଭାବୃକ୍ଷ ଶ୍ୱେତପାରା ରାଜହଂସ ମେଳ ଯେ ।।୧୨

ଏହାଙ୍କୁ ଦେଖିଣ ରାମ ପାଦ ବଢ଼ାଇଲେ ।
ଜାମ୍ବେବ ମଙ୍ଗଳ ଶ୍ଳୋକ ଆଗରେ ପଢ଼ିଲେ ଯେ ।।୧୩

ଲଲାଟେ ସୁଷେଣ ଗୋରଚନାଚିତା ଦେଲେ ।
ବନ୍ଦାପନା କରଣି ସେ କଲ୍ୟାଣ ବାଞ୍ଛିଲେ ଯେ ।।୧୪

ଯୁଦ୍ଧ ଅନୁକୂଳେ ବାହାରିଲେ ରଘୁବୀର ।
ଦକ୍ଷିଣେ ଲକ୍ଷ୍ମଣ ବାମେ ବିଶ୍ରବା କୁମର ଯେ ।।୧୫

ଢମକ ନିଶାଣ ଢୋଲ ଦାଉଣ୍ଡି କଂସାଳ ।
ରାମତାଳି ତାଳ ଯନ୍ତ୍ର ବାଜନ୍ତେ ଗହଳ ଯେ ।।୧୬

ଶ୍ରୀରାମ ଲକ୍ଷ୍ମଣ ସେନାପତି ଯେ ସଇନ ।
ଏହୁମାନେ ଚଳନ୍ତେ ଯେ କମ୍ପଇ ମେଦିନୀ ଯେ ।।୧୭

ଦେଖିଣ ଆନନ୍ଦ ହେଲେ ସ୍ୱର୍ଗେ ସୁରବର ।
ବିଚାରିଲେ ନାଶ ନଷ୍ଟେ ଯିବ ଦଶଶିର ଯେ ।।୧୮

ଏଥୁ ଅନନ୍ତରେ ତୁମ୍ଭେ ଶୁଣ ଭଗବତୀ ।
ଯେ ଯାହା ବର୍ଗାକୁ ସୈନ୍ୟ କଲେକ ତଡ଼ିତ ଯେ ।।୧୯

ପୂର୍ବେ ସୁଗ୍ରୀବ ଉତ୍ତରେ ରଘୁକୁଳ ପତି ।
ଦକ୍ଷିଣେ ଅଙ୍ଗଦ ପଶ୍ଚିମେ ଗଲା ମାରୁତି ଯେ ।।୨୦

ରାବଣ ଆଗରେ ଏହା ଜଣାଇଲା ଚର ।
ଶ୍ରୀରାମର ବାର୍ତ୍ତା ଶୁଣ ଲଙ୍କା ଦଣ୍ଡଧର ହେ ।।୨୧

**ଚର ବଚନିକା :—**

ଦେବ ଶ୍ରୀରାମ ଲକ୍ଷ୍ମଣ ବୋଲି ଯନ୍ତୀ ବେନି ।
ସଙ୍ଗତରେ ବଳରିକ୍ଷ କପି ସୈନ୍ୟ ଘେନି ।।

ଗୃହଭାଗ କରି ସେତୁ ବାନ୍ଧିଲେ ସଇନ୍ୟ ।
ଶ୍ରୀରାମ ଉତ୍ତରେ ପଶ୍ଚିମରେ ହନୁମାନ ॥

ପୂର୍ବେ ସୁଗ୍ରୀବର ଦକ୍ଷିଣରେ ତାରାସୁତ ।
ଦେଖି ଆଇଲି ଦେବ ଏ କଥା ଅଟେ ତଥ୍ୟ ॥

## ଗୀତ

ଶୁଣି ଲଙ୍କପତି ମନେ ବିସ୍ମୟ ହୋଇଲା ।
ପୂର୍ବ କଥାମାନ ସୁମରଣ ଭୟ କଲା ଯେ ॥ ୧୨

ଏକାନ୍ତ ସ୍ଥାନକୁ ବିଦ୍ୟୁତଜିହ୍ୱାକୁ ହକାରି ।
ବିଶ୍ୱାସ କରି ତାକୁ କହେ ଦଶଶିର ଯେ ॥ ୧୩

ରାମ ସଦୃଶରେ ଶିର ଧନୁ ତିଆରିବୁ ।
ମାୟା କରି ବଦନ ତୁ ଯାଇଣ ଆଣିବୁ ଯେ ॥ ୧୪

ଶୁଣି ବିଦ୍ୟୁତଜିହ୍ୱା ତହୁଁ ବେଗେ ଚଳିଗଲା ।
କଇତବ କରି ଶିର ଧନୁ ନିର୍ମ କଲା ଯେ ॥ ୧୫

ରାବଣ ସମ୍ମୁରେ ଯାଇ କଲା ଦରଶନ ।
ଦେଖିଣ ଆନନ୍ଦ ହେଲା ବିଶ୍ରବା-ନନ୍ଦନ ଯେ ॥ ୧୬

ଅଶୋକବନକୁ ବାହାରିଲା ନିଶାଚର ।
ଦେଖି ରାକ୍ଷସୀଏ ପାଦେ କଲେ ନମସ୍କାର ଯେ ॥ ୧୭

ତ୍ରିଜଟା ମୁଖ ଚାହିଁ ବୋଲନ୍ତି ମହାସତୀ ।
କ୍ରୋଧଭର କମ୍ପା ଦିଶେ ଆଜ ଲଙ୍କପତି ଯେ ॥ ୧୮

ଏମନ୍ତ କହିଣ ଦେବୀ ନମ୍ର କଲେ ଶିର ।
ନିକଟେ ଆସି ପ୍ରବେଶ ହେଲା ନିଶାଚର ଯେ ॥ ୧୯

**ରାବଣ ବଚନକା :—**

ଶୁଣ ଗୋ ଜାନକୀ ତୁମ୍ଭେ କାଲିର ଉଦନ୍ତ ।
ସମୁଦ୍ରେ ବନ୍ଧ ବାନ୍ଧି ଆଇଲା ତୋର କାନ୍ତ ॥

ସୁଗ୍ରୀବର ସହିତେ ବାନର ବଳ ଯେନି ।
ସୁବଳୟା ପର୍ବତରେ ବଞ୍ଚିଲେ ରଜନୀ ॥

ଭାଦୀ ଦେଖି ତୁନାର କହିଲା ଆସି ମୋତେ ।
ତହୁଁ ମୁହିଁ ପ୍ରହସ୍ତକୁ ରାଇଲି ତୁରତେ ॥

ତାହା ସଙ୍ଗେ ବହୁ ସୈନ୍ୟ ଦେଲି ପଠାଇ ।
ଶୋଇଥିଲେ ବେନି ଭାଇ ପଥ ଶ୍ରମ ପାଇ ॥

ଏହି କାଳେ ଯାଇ ସେ ଛେଦିଲା ତାଙ୍କ ଶିର ।
ପଳାଇଲେ ବିଭୀଷଣ ପବନକୁମାର ॥

ସୁଗ୍ରୀବର ଜାମ୍ବୁବ ଅଙ୍ଗଦ ନଳ ନୀଳ ।
ସମର କରଣ ପାଣ ହାରିଲେ ସକଳ ॥

ଯୋକାଏ ଋକ୍ଷ କପି ସମରେ ଗଲେ ନାଶ ।
ଯୋକାଏ ପଳାଇ ଗଲେ ଯେ ଯାହାର ଦେଶ ॥

ଲକ୍ଷ୍ମଣ ପଳାଇ ଗଲା ସିନ୍ଧୁ ପାରି ହୋଇ ।
ଏବେ ପ୍ରତେ ଗଲ କି ଶରଦଚନ୍ଦ୍ର-ମୁହାଁ ॥

ବିଦ୍ୟୁତ୍‌ଜିହ୍ୱା କରୁ ଘେନି ଗଲା ଲଙ୍କସାଇଁ ।
ଜାନକୀ ଅଗ୍ରତେ ଶିର ଧନୁ ନେଇ ଥୋଇ ॥

**ସୀତାଙ୍କ ଶୋକ :—**

ଶିର ଧନୁ ଦେଖି ଶୋକ କଲେ ବଇଦେହୀ ।
ଆହା ପ୍ରାଣନାଥ କେମା ମୋହ ଛୁର ପାଇଁ ହେ ॥ ୩୦

ଏଥକୁ ଆସିଣ ତୁମ୍ଭେ ପ୍ରାଣ ହରାଇଲ ।
ନଶିରେ ଜାଗ୍ରତ ନୋହି ନିଦ୍ରା କେମା ଗଲ ହେ ॥ ୩୧

ମୁହିଁ କାଳରାଣି ହେବ ହୋଇଲି ତୁମ୍ଭଙ୍କୁ ।
ଲକ୍ଷ୍ମଣ ଯାଇ ବାରତା କହିବେ ମାତାଙ୍କୁ ଯେ ॥ ୩୨

ଏହା ଶୁଣି ଶାଶୁ ମୋର ହରାଇବେ ପ୍ରାଣ ।
ଏହି ଖଡ଼ଗରେ ମୋତେ ହାଣରେ ରାବଣ ରେ ॥ ୩୩

କଇକେଇ ରାଣୀ ଯୋଗୁ ହେଲା ଏହି ଦଶା ।
ଏତେ କହି ଗଡ଼ି ଶୋକେ ପଡ଼ିଲେକ ରସା ଯେ ॥ ୩୪

ପୁଣି ଶିର ସାଉଁଟି ଧରଣ ଶୋକ କର ।
ଅଯୋଧ୍ୟା ରାଜନ କମ୍ପା ହେଲ ଏତେ ସବୁ ହେ ॥ ୩୫

ତପନ-କୁଳ-ମଣ୍ଡନ ଅଟ ହେ ଶ୍ରୀରାମ ।
ସୁନ୍ଦର-ଶ୍ୟାମଳ ରୂପ ଜନେ କୋଟି କାମ ହେ ॥ ୩୬

ରାଜାମାନେ ଶୁଣିଲେ କରିବେ ଉପହାସ ।
ବୋଲିବେ ପତ୍ନୀ ଯୋଗରେ ପତି ହେଲା ନାଶ ହେ ॥୩୭

ପିତାଙ୍କ ଘରରେ ମୋତେ ଦେଖି ତପୀମାନେ ।
ବୋଲନ୍ତି କୁଳରକ୍ଷଣ ହେବ ସବୁ ଦିନେ ଯେ ॥୩୮

ମିଥ୍ୟା ହୋଇଲା କମ୍ପାଇଁ ସେମାନଙ୍କ ଗିର ।
ପ୍ରତ୍ୟକ୍ଷେ ଦେଖିଲି ସ୍ୱାମୀଙ୍କର ଏହୁ ଶିର ଯେ ॥୩୯

ଅନେକ କାରୁଣ୍ୟ କରନ୍ତି ସେ ଗୁଣ ଗୁଣି ।
କପଟେ ନାଶିଲୁ କମ୍ପା ସମରେ ନ ଜିଣି ରେ ॥୪୦

ମୁହିଁ ଯେବେ ମହାସତୀ ଅଟଇ ପ୍ରମାଣ ।
ଅଳପ ଦିନରେ ନାଶ ଯିବୁ ତୁ ରାବଣ ରେ ॥୪୧

ଏହି ସମୟରେ ଚର ଜଣାଇଲା ଯାଇ ।
ସାବଧାନେ ଶୁଣ ତୁମ୍ଭେ ମନ୍ଦୋଦରୀ ସାଇଁ ହେ ॥୪୨

ପ୍ରଶସ୍ତ ଅଶ୍ୟାଂ ପ୍ରମାଣେ ଅଇଲେ ମୁଁ କହି ।
ବାନରେ କଟକେ ପଶିଲେ ପାଚେରୀ ଡେଇଁ ହେ ॥୪୩

ଚର ମୁଖରୁ ଏମନ୍ତ ବଚନକୁ ଶୁଣି ।
ସ୍ତମ୍ଭୀଭୂତ ହୋଇଣ ପଡ଼ିଲା ବିଂଶପାଣି ଯେ ॥୪୪

ମାୟା ଧନୁ ଶିରକୁ ଘେନାଇ ଦୈତ୍ୟ କରେ ।
ପ୍ରବେଶ ହୋଇଲା ଯାଇ ଉଆର ଦୁଆରେ ଯେ ॥୪୫

ଏଥୁ ଅନନ୍ତରେ ତୁମ୍ଭେ ଶୁଣ ଗୋ କାହାଣୀ ।
ସରମା ନାମେଣ ବିଭୀଷଣର ଦୁଲଣୀ ଯେ ॥୪୬

ଆଜର ବଧାନକୁ ତୁ ଶୁଣ ମହାସତୀ ।
ମାୟା ମୁଣ୍ଡ ଧରି ଭଣ୍ଡୁ ଥିଲା ଲଙ୍କପତି ଯେ ॥୪୭

ଶୁଣିଲ ତ ଚୂର ଆର୍ତ୍ତ ଜଣାଇଲୁ ଯାଇ ।
ତହୁଁ ସଙ୍କୋଚରେ ପଳାଇଲୁ ଲଙ୍କସାଇଁ ଯେ ।।୪୮

ତୁମ୍ଭ ପତି ଦେବର ଛନ୍ତି ନିଶ୍ଚିନ୍ତ ହୋଇ ।
ସତ ପ୍ରାୟେ ମଣି କେହ୍ନେ କାନ୍ଦିଲ ଗୋ ସଖି ।।୪୯

ଏହା ଶୁଣିଣ ଜାନକୀ ହୋଇଲେ ଆନନ୍ଦ ।
ମୁଖ ବିକାଶଇ ଯେହ୍ନେ ପୂର୍ଣ୍ଣିମୀର ଚନ୍ଦ୍ର ଯେ ।।୫୦

ମୁହିଁ ଯେବେ ମହାସତୀ ଅଟଇ ପ୍ରମାଣ ।
ଅଳପ ଦିନରେ ନାଶ ଯିବ ସେ ରାବଣ ଗୋ ।।୫୧

ଏମନ୍ତ ବିଚାରି ରାମ ନାମକୁ ସୁମରି ।
ରଘୁନାଥ ଦାସ ବୋଇଲେ ଭବୁ ହେବୁ ପାରି ହେ ।।୫୨

●

## ରାଗ— ମୁଖାରୀ

ଚାର କହିବାରୁ ଅଶୋକ ବନରୁ ଲଙ୍କା ପାଇଣ ବାହୁଡ଼ିଲା ।
ଗଡ଼-ଉତ୍ତର ପାଚେରୀରେ ବାନରମାନଙ୍କୁ ଦେଖି ଭୟ କଲା ।।
ବସି ବାନର, ଚଢ଼ି ଅଛନ୍ତି ବୃକ୍ଷ ବନଚର ।।୧

କେ ବୋଲଇ ଚାଲ କଟକେ ପଶିଣ ମାରିବା ନିଶାଚର ବଳ ।
କେ ବୋଲଇ ଲଙ୍କା ଉପାଡ଼ିଣ ନେଇ ପକାଇବା କାରୁଣ୍ୟ ଜଳ ।।
ଏମନ୍ତ ଶୁଣି, କେହୁ ପ୍ରତିଜ୍ଞା କରେ ଶିର ଧୁଣି ।।୨

ଏହି କାଳେ ଦଶାନନ କ୍ରୋଧଭରେ ଦୈତ୍ୟମାନଙ୍କୁ ଆଜ୍ଞା ଦେଲା ।
ଚାର ବୃକ୍ଷ ହର ପାଚେରୀରେ ପୂରି ହରି କି ନଅନ୍ତି ବୋଇଲା
ଏବେ ସତ୍ୱରେ, ମାରି ପଳାନ୍ତୁ ଏ ବୃକ୍ଷ ବାନରେ ।। ୩

ଦୈତ୍ୟେ ହୋଇ କୋପ ଛେଲ ଚକ୍ର ଫିଙ୍ଗି ବାଟୁଳିରେ ପ୍ରହାରିଲେ ।
ନ କରି ସମର ବୃକ୍ଷ ବନଚର ଖଟାଇ ହୋଇ ପଳାଇଲେ ।
ଦେଖି ରାକ୍ଷସେ, ହୃଷ୍ଟେ କହିଲେ ଦଶାନନ ପାଶେ ।।୪

ଶୁଣ ଲଙ୍କପତି ଆଜ ଶୁଦ୍ଧ ଯୁଦ୍ଧ ହୋଇଲା କପିମାନଙ୍କରେ ।
ଯେତେ କପି ପାଚେରୀରେ ଉଠିଥିଲେ ନ ରହିଲେ ଆଜ ସମରେ ॥
ଥୋକାଏ ହରି, ଆମ୍ଭେ ସଂହାରିଲୁ ସଂଗ୍ରାମ କରି ॥ ୫

ଶୁଣି ଦଶଶିର ବୋଲେ କପି ଛାର ସେ କାହୁଁ ଜାଣିବେ ସମର ।
ଭଣ୍ଡି ତପସୀ ତାହାଙ୍କୁ ଆଣିଥିଲା ପଳାଇ ଯିବେ ବନଚର ।
କାଲି ଯାଇଣ, ଧରି ମାର ତୁମେ ରାମ ଲକ୍ଷ୍ମଣ ॥୬

ଏମନ୍ତ ଦୈତ୍ୟଙ୍କୁ କହି ଦୈତ୍ୟଇନ୍ଦ୍ର ପ୍ରତ୍ୟେକ ସ୍ଥାନେ ଭଜେ କଲା ।
ଲକ୍ଷେ ଛତ୍ର ଲକ୍ଷେ ଶଙ୍ଖ ଲକ୍ଷେ ବାଦ୍ୟ ନେଇ ତହିଁରେ ସମ୍ଭାଳିଲା ।
ଶ୍ୱେତ ଚାମର, ଲକ୍ଷେ ନାଚୁଛନ୍ତି ଯୁବତୀବର ॥୭

ଧରି ଧନୁଶର ଦଶରଥ କୁମର ଖ ମାର୍ଗେ କଲା ରଘୁବର ।
ଦେଖିଲା ଗଡ଼ ଚଉକତି ପୂରିଣ ଅଛନ୍ତି ଋକ୍ଷ ବନଚର ।
ଗହଳେ ହରି, ହୁରିରେ ପୂରିଅଛି ବସୁନ୍ଧରୀ ॥୮

ପଶ୍ଚିମେ ମାରୁତି ପୂର୍ବେ କପିପତି ଦକ୍ଷିଣରେ ତାରା କୁମର ।
ଐରାବତ ପ୍ରାୟେ ପ୍ରଦକ୍ଷିଣ କରନ୍ତି ସେନାଣି ନଳେ ତରୁବର ।
ଉତ୍ତର ଦ୍ୱାର, ନିରୋଧି ଅଛନ୍ତି ବେନି ସୋଦର ॥୯

ବ୍ରହ୍ମାଣ୍ଡ ଶୋଭା କି ସେନା ଅବତାର ମାର ଯାହାର ପଞ୍ଚଶର ।
ବାମେ ଦକ୍ଷିଣେ କୋଦଣ୍ଡ ପଞ୍ଚଶର ପୃଷ୍ଠ ଦେଶରେ ତୂଣ ଭାର ।
ପାଶେ ସାନୁଜ, ଜମ୍ବୁନଦକୁ ଦଶେ ବଳି ତେଜ ॥୧୦

ଲକ୍ଷ୍ମଣ ସୁଷେଣ ବିଭୀଷଣ ସେନା ଲଙ୍କା ଜୟକୁ ଭଲୁଥିଲେ ।
ବିଭାକର କର ଅଦୃଶ୍ୟ ଦେହାରୁ ବିଭୀଷଣଙ୍କୁ ପଚାରିଲେ ।
କି ଦଶଇ ସେ, ବିଭାକର କିମ୍ବା ହେଲେ ଅଦୃଶ୍ୟେ ॥୧୧

ଶୁଣି ବିଭୀଷଣ ବୋଲେ ଦେବ ଶୁଣ ସୈନ୍ୟ କରୁଅଛି ରାବଣ ।
ଲକ୍ଷେ ରଜାଙ୍କ କାଣି ଲକ୍ଷେ ଛତ୍ର ଆଣିଛି ବଳେ ଲଙ୍କ ରାଣ ।
ଛତ୍ର ଛାଇରେ, ଦୃଶ୍ୟ ନୁହନ୍ତି ଏଣୁ ଦିନକରେ ॥ ୧୨

ରାମ ଛାମୁରେ କହିଲେ ଆକାଶରେ ଜାଣିଲା ଦଶରଥ କୁମର ।
ଏହୁ ପାପିଷ୍ଠ ନିଲକ୍ଷଣ ମୋହର ବଂଶ ମରାଇବ ଆଗର ।
ଝଟ୍କେ ମାରିବି, ଏହୁ ମଲେ ମୁଁ ନିଶ୍ଚିନ୍ତ ହୋଇବି ॥ ୧୩

କ୍ରୋଧେ ଦଶମୂର୍ଦ୍ଧା କରେ ଧରି ଗଦା ବିଭୀଷଣଙ୍କୁ ପ୍ରହାରିଲା ।
କୋଟିଏ ସୂର୍ଯ୍ୟଙ୍କ ଏକ ଠାବ ହୋଇ ଆକାଶରୁ ଖସି ଅଇଲା ।
ଭୟ ନାହିଁତ, ରାମ ସୈନ୍ୟ ଦେଖି ହେଲେ ଚକିତ ॥୧୪

ପଶ୍ଚିମ ଦ୍ୱାରୁ ହନୁ ଦେଖି ଖ ମାର୍ଗେ କ୍ଷେପି ଗଦାବର ଧଇଲା ।
ନିଜ ସୈନ୍ୟରେ ସେନାମାନଙ୍କ ସଙ୍ଗେ ଆସିଣ ପ୍ରବେଶ ହୋଇଲା ।
ତାହା ଦେଖିଣ, ବହୁ ପ୍ରଶଂସା କଲେ ସୁରଗଣ ॥ ୧୫

ଶୁଣିଣ ଶବଦ ରାଘବ ଭବଦ ବିଭୀଷଣଙ୍କୁ ପଚାରିଲେ ।
କି ହୋ ଲଙ୍କପତି କି ଶବଦ ଜାତ ନ କହ କିମ୍ପା ମୋତେ ଭଲେ ।
ଏହା ଶୁଣିଣ, କର ଯୋଡ଼ିକ କହି ବିଭୀଷଣ ॥ ୧୬

ଶୁଣ ରଘୁପତି କ୍ରୋଧେ ଲଙ୍କପତି ଗଦା ମୋତେ ପ୍ରହାର କଲା ।
ପଶ୍ଚିମ ଦ୍ୱାରୁ ହନୁ ଗଦା ଦେଖିଣ ଆକାଶରେ ଯାଇ ଧଇଲା ।
ଆଜ ମରନ୍ତି, ଅକାରଣେ ମୁଁ ପ୍ରାଣ ବିସର୍ଜନ୍ତି ॥ ୧୭

ଶୁଣି ରଘୁବୀର କ୍ରୋଧେ ତୀକ୍ଷ୍ଣ ଶର ମନ୍ତ୍ରିଣ ଗୁଣେ ବସାଇଲେ ।
ରାବଣ ଶିର ଛତ୍ର କାଟ ବୋଲି ଶରକୁ ଖରେ ଆଗ୍ୟାଂ ଦେଲେ ।
ରାମ ଆଗ୍ୟାଂରେ, ଛତ୍ର କାଟି ଶର ରାମ ତୁଣୀରେ ॥୧୮

ଗ୍ରହ ସଙ୍ଗେ କି ନକ୍ଷତ୍ର ମେଳ ହୋଇ ଆକାଶରୁ ଖସି ପଡ଼ିଲା ।
ଦେଖି ସମସ୍ତେ ସାଧୁ ସାଧୁ କରନ୍ତି ଛତ୍ର ସିନ୍ଧୁ ଜଳେ ପଡ଼ିଲା ।
ତାହା ଦେଖିଣ, ଭୟ ଚିତ୍ତେ ଭାଳଇ ଲଙ୍କରାଣ ॥ ୧୯

ରାମ ଚକ୍ରପାଣି ବୋଲି ନିଶ୍ଚେ ଜାଣି ଆକାଶୁ ବେଗେ ପଳାଇଲା ।
ବଡ଼ ଭୟରେ ସେନାମାନଙ୍କୁ ରୁନ୍ଧି ଦ୍ୱାର ଜଗି ଆସ ବୋଇଲା ।
ରକ୍ଷ ବାନର, ଯେମନ୍ତେ ନ ଆସିବେ ସେ ଲଙ୍କାପୁର ॥୨୦

ପଶ୍ଚିମ ଦ୍ୱାରୁ ପୁତ୍ରକୁ ଡକାଇଣ କହଇ ସମସ୍ତ ଗୁପତେ ।
ସୈନ୍ୟ କଳିବାକୁ ପୁଷ୍ପକ ଆରୋହି ଯାଇଥିଲି ମୁହିଁ ତୁରିତେ ।
ଏହା ଦେଖିଣ, ବିଭୀଷଣ କହି ରାମ କର୍ଣ୍ଣେଣ ॥୨୧

କ୍ରୋଧରେ ତାହାକୁ ଗଦାସ୍ତ୍ରେ ମାଇଲି ଆକାଶେ ଧରି ହନୁମନ୍ତ ।
ଏ ସମୟେ ରାମ ଏକା ଶରକରେ ଛେଦିଲା ମୋର ଲକ୍ଷେ ଛତ୍ର ।
ଦେଖି ଏମନ୍ତ, ପଳାଇ ଅଇଲି ହୋଇ ତରସ୍ତ ॥୨୨

ଇନ୍ଦ୍ରଜିତ ବୋଲେ ଶୁଖିଲାର ବେଣ୍ଟ ଛେଦିଲେ ସିନା ସେ ଶ୍ରୀରାମ ।
ଏହା କଲେ କି ଜାଣିଯିବ ଆମ୍ଭଙ୍କୁ ବୁଝିବି ମୁଁ ତାର ପ୍ରାକର୍ମ ।
ବୋଧ କରଣ, ପଶ୍ଚିମ ଦ୍ୱାରକୁ ଗଲା ତକ୍ଷଣ ॥ ୨୩

ଏଥୁ ଅନ୍ତେ ରାମ ଗବାକ୍ଷକୁ କହି ଦକ୍ଷିଣ ଦ୍ୱାରକୁ ତୁ ଯିବୁ ।
ଆମ୍ଭର ଆଜ୍ଞା ବୋଲି ବାଲୀସୁତକୁ ଶୀଘ୍ର ତାକୁ ଘେନି ଆସିବୁ ।
ରାମ ଆଜ୍ଞାରେ, ଶିରେ କର ଦେଇ ଗଲା ସତ୍ୱରେ ॥ ୨୪

ରାମ ଆଦେଶ ଅଙ୍ଗଦକୁ କହିଣ ଅତି ବେଗେ ଘେନି ଅଇଲା ।
ଶ୍ରୀରାମ ଛମୁରେ ପାଦ୍ୟେ ପଡ଼ି ଶୋଇ ଉଠି ମସ୍ତକେ କର ଦେଲା ।
ବାଲୀ ସୁତକୁ, ରାମ ବୋଲନ୍ତି ତୁ ଯିବୁ ଲଙ୍କାକୁ ॥ ୨୫

କହି ଜୀବନକୁ ଆଶ ଥିଲେ ସୀତା ଦେଇ ବେଗେ ଶରଣ ପଶ ।
ନୋହିଲେ ତୋ ପ୍ରାଣ ଶ୍ରୀରାମ ମାର୍ଗଣ ଚୂର୍ଣ୍ଣିକ ବଳି ହେବ ଶେଷ ।
ତାକୁ କହିବୁ, ଖର ଦୂଷଣ କଥା ବୁଝାଇବୁ ॥ ୨୬

ସୁତ ବନ୍ଧୁ ଭ୍ରାତ ସର୍ବେ ନାଶ ଯିବେ ଏ କଥା ଅଟଇ ପ୍ରମାଣ ।
ଏ ମୋହର ଆଜ୍ଞା ନୁହଇ ଅବଜ୍ଞା ଲଙ୍କା ଦେବ ମୁଁ ବିଭୀଷଣ ।
ଶରଣ ପଶ, ହରଣ ଦୋଷୁ ରଖିବି ଅବଶ୍ୟ ॥ ୨୭

ଶ୍ରୀରାମ ଆଦେଶ ଘେନି ବାଲୀଶିଶୁ ନମସ୍କାର କରି ଚଳିଲା ।
ରଘୁନାଥ ଦାସ ରାମ ଚନ୍ଦ୍ର କହେ ଦ୍ୱନ୍ଦ୍ୱ ଆରମ୍ଭ ନଷ୍ଟେ ହେଲା ।
ଦୁଷ୍ଟ ରାକ୍ଷସ, ରାମ ଶରେ ଅବଶ୍ୟ ଯିବ ନାଶ ॥ ୨୮

## ରାଗ— **ଚନ୍ତ୍ରାକେଦାର**

ଏଥୁଅନ୍ତେ ଶୁଣ ଭଗବନ୍ତ          ରାମ ଆଜ୍ଞାରେ ବାଲୀ ସନ୍ତତି
ଲଙ୍କାଗଡ଼େ ଯାଇ ପ୍ରବେଶ ହୋଇଲା,
ଦୈତ୍ୟମାନେ ଦେଖିଣ ପଳାନ୍ତି, ସେ ଭୟରେ ॥୧

କେ ବୋଲେ ଏ ଅବା ମୃଗପତି          କି ଅବା ବନଚାର ସନ୍ତତି
କେ ବୋଲେ ବାଲୀର ନନ୍ଦନ ଅଙ୍ଗଦ,
ରାମ କି ବାରତା ଦେଇଛନ୍ତି, ସେ ବଗୃଶ ॥୨

ଏହି କାଳେ ଯାଇ ବାଳୀ ଶିଷ୍ୟ ରାବଣର ନିକଟେ ପ୍ରବେଶ
ଦେଖିଲେ ଅସ୍ଥାନେ ବିଜେ କରନ୍ତି,
ଅଙ୍ଗଦ ବୋଲେ ଉଠ ଲଙ୍କେଶ୍ୱର, ହେ ବନ୍ଧନ ।।୩

ଶ୍ରୀରାମ ପ୍ରଭୁ ମୋତେ ପଠାଇ ତେଣୁ ଅଇଲି ମୁଁ ଲଙ୍କସାଇଁ
ରାବଣ ବୋଇଲା କି କାର୍ଯ୍ୟେ ଆସିଲୁ,
କହି କସ ଯତ୍ନ ଅଛି କହି, ରେ ବାନର ।।୪

**ଅଙ୍ଗଦ ବଚନିକା :—**

ଆରେ ଆରେ ରାବଣ ତୁ ଶୁଣ ମୋ ଉତ୍ତର ।
ସ୍ୱୟଂ ନାରାୟଣ ରାମ ଅଟେ ଚକ୍ରଧର ।।

ସାକ୍ଷାତେ କମଳା ଯେ ଅଟନ୍ତି କ୍ଷିତି ସୁତା ।
ତାହାଙ୍କୁ ତୁ ହରାଇ ଆଣିଲୁ ଦଶମଥା ।।

ନ ଜାଣି ପାମର ତୁ ରେ ଦ୍ରୋହ କର୍ମ କଲୁ ।
କାଳ ସର୍ପ ମୁଖେ ତୁ ରେ କରକୁ ଭରିଲୁ ।।

ତପତ ଅନଳେ ତୁ ରେ ପଶିଲୁ ନ ଜାଣି ।
ସେହି ଦୋଷ କ୍ଷମା ତୋର କଲେ ଶୃପପାଣି ।।

ଇନ୍ଦ୍ରଜିତ ଆଦି ଯେତେ ସମସ୍ତ ରାକ୍ଷସ ।
ଜାନକୀ ଦେଇଣ ପାଦେ ଶରଣ ତୁ ପଶ ।।

ନୋହିଲେ ଅବଶ୍ୟ ନାଶ ଯିବୁ ଦଶଶିର ।
ଯାହାର ବାଣ କେ ହତ ହେଲା ବାଳୀ ବୀର ।।

ସୁଗ୍ରୀବ ରାଜାକୁ କିଷ୍କିନ୍ଧାରେ ରାଜ୍ୟ ଦେଲେ ।
ସୀତା ଖୋଜି ଆସି ହନୁ ଯେତେ କର୍ମ କଲେ ।।

ସୂର୍ପଣଖା ଭଗ୍ନୀ ଖର ତ୍ରିଶିରା ଦୂଷଣ ।
ଏ କଥାମାନ ତୁ ଚିତ୍ତେ ବିଚାର ରାବଣ ।।

ସିନ୍ଧୁଜଳ ବୃକ୍ଷ କପି ଯୋଜନେ ପୋତିଲେ ।
ସୁବଳାଯ୍ୟା ଗିରିରେ କଟକ ଆସି କଲେ ।।

ଏ ତୋହର ସମ୍ପଦ ରେ ରବିତଳେ ଥାଉ ।
ଶ୍ରୀରାମରେ ଶରଣ ତୁ ପଶ ବଂଶ ବାହୁ ॥

**ରାବଣ ବଚନକା :—**

ଶୁଣିଣ ଦଶଗ୍ରୀବ ରାଗରେ ଥରହର ।
ବିଂଶ ଲୋଚନ ବୁଲାଇ ବୋଲଇ ଉତ୍ତର ॥

କାହିଁପାଇଁ ତୁହି ମୋ ଠା ଅଇଲୁ ପାମର ।
ନଲକ୍ଷଣ ହୀନ ଜନ୍ତୁ, ଦେଖିଲି ଆଗର ॥

ଯାହାକୁ ତ ଦେଖିଲେ ଅନେକ ପାପ ପାଇ ।
ସୁବର୍ଣ୍ଣ ଦାନ ଦେଲେ ତେବେ ସେ ପାପ ଯାଇ ॥

**ଅଙ୍ଗଦ ବଚନକା :—**

ଶୁଣି ଅଙ୍ଗଦ ବୋଲେ ଜାଣିବୁ ମୋତେ କାହୁଁ
ସାବଧାନ ହୋଇ ଶୁଣ ଅଇଲି ମୁଁ ଯହୁଁ ॥

ଅଯୋଧ୍ୟାର ନରପତି ଦଶରଥ ସୁତ ।
ସ୍ୱୟଂ ନାରାୟଣେ ଅଛନ୍ତି ଶ୍ରୀରଘୁନାଥ ॥

ଯୁଦ୍ଧରେ ନ ପାରି ତୁ ଅଣିଲୁ ତାଙ୍କ ନାରୀ ।
କିଂତ ବାଣେ ରାମ ପିତାଙ୍କୁ ମୋର ମାରି ॥

ମୁହିଁ ସେହି ବାଲୀ ସୁତ ନାମ ମୋ ଅଙ୍ଗଦ ।
ତୁହି ମୋତେ ଜାଣିମୁ ରେ କାହୁଁ ଦଶକନ୍ଧ ॥

ମୁହିଁ ତ ହାଦେ ତୋତେ ରେ ଚହ୍ନି ନ ପାରିଲି ।
ସ୍ୱାମୀଙ୍କର ଆଜ୍ଞାଂ ଘେନି ଏଥକୁ ଅଇଲି ॥

ରାବଣ ନାମେ ଛନ୍ତି ଅନେକ ନୃପବର ।
ମୁହିଁ ତୋତେ ଜାଣେଁ ତୁ ଅଟୁ ସୀତା ଚୋର ॥

**ରାବଣ ବଚନକା :—**

ଏହା ଶୁଣି ରାବଣ ବୋଇଲେକ ରୋଷେ ।
କେତେ ରାବଣ ଅଛନ୍ତି କେଉଁ କେଉଁ ଦେଶେ ॥

ତୁମ୍ଭେ ଜାଣିଅଛୁ କହ କେତେକ ରାବଣ ।
ଜାଣିଥିଲେ ମୋତେ ଆଗେ କହ ନଳକ୍ଷଣ ॥

**ଅଙ୍ଗଦ ବଚନକା—**

ଅଙ୍ଗଦ ବୋଇଲା ମୁଁ ଜାଣେ ଯାହା ଯାହା ।
ଏକ ମନେ ପାମରରେ ଶୁଣସି ତୁ ତାହା ॥

ସହସ୍ରାର୍ଜ୍ଜୁନ ନାମରେ ଏକଇ ନୃପତି ।
ଏ ମହୀମଣ୍ଡଳେ ସେ ବଡ଼ାଇ ଚକ୍ରବର୍ତ୍ତୀ ॥

ଅନେକ ମାଡ଼ ମାରି ସେ ବାନ୍ଧି ରଖିଥିଲା ।
ପଲ୍ଲସ୍ତି କହନ୍ତେ ତାହାକୁ ଛାଡ଼ି ଦେଲା ॥

ଅହୁର ରାବଣେ କଇଳାସକୁ ତୋଳିଲା ।
ଶିର ମାଡ଼ି ବସନ୍ତେ ସେ କଷ୍ଟରେ ଛାଡ଼ିଲା ॥

ଆହୁର ରାବଣେ ବାନ୍ଧି ଆଣିଲା ମୋ ପିତା ।
ଆହୁର ରାବଣ ଏକ ଚୋରାଇଲା ସୀତା ॥

ଆହୁର ରାବଣେ ବେଦମତୀ କି ହରିଲା ।
ନବାତ-କବଚକୁ ସେ ଜିଣି ନ ପାରିଲା ॥

ଏମନ୍ତ ରାବଣ ଅଛନ୍ତି ଆଉ କେତେ ।
କୋଟିଏ ରାବଣ ହେଲେ ସମ ନୋହେ ମୋତେ ॥

**ଗୀତ**

ବୋଲେ ଶୁଣ ଆରେ ନଳକ୍ଷଣ    କହୁଅଛୁ କେତେ କରି ଠାଣ
ପିତା-ଶତ୍ରୁ ତୋର ଅଟେ ଜଟାଧାରୀ,
ପଶିଅଛୁ ଯାହାରି ଶରଣ, ରେ ବାନର ॥ ୫

ଏତେ କହି କ୍ରୋଧରେ ଉଠିଲା    ସୈନ୍ୟଙ୍କୁ ମାର ବୋଲି ବୋଇଲା
ରାବଣ ଆଗ୍ୟାରେ ଦୈତ୍ୟେ ଅଙ୍ଗଦକୁ,
ଶିରେ ମୁଷ୍ଟି କି ବୃଷ୍ଟି ହୋଇଲା, ସେ କାଳରେ ॥ ୬

ତାହା ଦେଖି ବାଳୀ କୁମର    କ୍ରୋଧେ କାହାକୁ କଲା ବିସ୍ତାର
ସହସ୍ରେ ଅସୁରଙ୍କ କେଶ ଧରି,
ନେଇ କଚାଡ଼ଇ ଭୂମିର, ସେ ଅଙ୍ଗଦ ॥ ୭

ନେଣ ଭରତି ବୋଲଇ ଶୁଣ — ଆଜ ଘେନନ୍ତୁ ମୁଁ ତୋର ପ୍ରାଣ
ପ୍ରଭୁଙ୍କ ଆଗ୍ୟାଂ ମୋ ବ୍ୟର୍ଥ ହୋଇବ,
ତେଣୁ ରଖିଲି ତୋର ଜୀବନ, ରେ ରାକ୍ଷସ ॥୮

ଏତେ କହିଣ ବାଳୀ କୁମର — ଜଗଡ଼ ଚୂଳକୁ ଘେନ ତାର
ଆକାଶରେ କ୍ଷେପି ଆସି ରାମ ପାଦେ,
ଉଭା ହୋଇ କଲା ନମସ୍କାର, ସେ ଅଙ୍ଗଦ ॥୯

**ଅଙ୍ଗଦ ବଚନିକା :—**

ତୁମ୍ଭ ଆଗ୍ୟାଂ ଘେନ ଦେବ ଏଥୁଁ ମୁହିଁ ଗଲି ।
ଦଶଗ୍ରୀବ ଆଗେ ଯାଇ ସମସ୍ତ କହିଲି ॥

ତାହା ଶୁଣିଣ ରାବଣ କ୍ରୋଧ ମୋତେ କଲା ।
ସହସ୍ରେ ମାଲଙ୍କ ହାତେ ମାଡ଼ ମାରୁଥିଲା ॥

ତୁମ୍ଭ ପ୍ରସାଦେ ଦେବ ତାହାଙ୍କୁ ହତ କରି ।
ଜଗଡ଼ ଚୂଳ ତାର ଆଣିଲି ଭାଙ୍ଗି କରି ॥

## ଗୀତ

ଏହା ଶୁଣି ରଘୁକୁଳ ଈଶ — କାଳାଞ୍ଜନକୁ ହକାରି ପାଶ
ପୂର୍ବ ଦ୍ୱାରକୁ ଯାଇ ଆମ୍ଭ ଆଦେଶ,
କହ ମଇନ୍ଦଙ୍କୁ ଘେନ ଅସ, ରେ ସତ୍ୱର ॥୧୦

ଶୁଣି କାଳାଞ୍ଜନ ବେଗେ ଗଲା — ରାମ ଆଗ୍ୟାଂ ସୁଗ୍ରୀବେ କହିଲା
ଶୁଣି କପିରାଜ ବେଗ ହୋଇ ଆସି,
ରାମ ପାଦେ ନମସ୍କାର କଲା, ସେ ସୁଗ୍ରୀବ ॥୧୧

ସୁଗ୍ରୀବେ କହନ୍ତି ରଘୁବୀର — ଲଙ୍କା ପେଷିଲୁ ବାଳୀ କୁମର
ସୀତା ଦେଇଣ ଶରଣ ପଶୁ ବୋଲି,
ବୋଲି ନ କଲା ରାଜା ଅସୁର, ହେ ମଇନ୍ଦ ॥୧୨

ସୀତା ନ ଦେବା କଥା କହିଲା — ସହସ୍ରେ ମାଲଙ୍କୁ ଲଗାଇଲା
ସମସ୍ତଙ୍କୁ ହତ କରି ବାଳୀ ସୁତ,
ଭାଙ୍ଗି ଜଗଡ଼ ଚୂଳ ଆଣିଲା, ହେ ମଇନ୍ଦ ॥୧୩

ଏହା ଶୁଣି କପିକୁଳ ବୀର    କ୍ରୋଧ ଭରେ କମ୍ପିଲା ଶରୀର
ସଙ୍କଟ କାଳେ ଯେହ୍ନେ ଗର୍ଜେ ପନ୍ନଗ,
ମେରୁ ପ୍ରାୟେ ଦିଶେ ସୁଗ୍ରୀବର, ସେ କାଳରେ ।।୧୪

କ୍ରୋଧ ଭରେ କ୍ଷେପି ଆକାଶରେ    ଯାଇ ମିଳିଲା ଲଙ୍କା ଗଡରେ
ଦେଖି ଦୈତ୍ୟମାନେ ବିଚାରନ୍ତି ମନେ,
ଏବେ ଅଇଲା ପୁଣି ବାନରେ, ସେ ଅସୁରେ ।।୧୫

ଏହିକ୍ଷଣି ଜଣେ ଆସିଥିଲା    ସହସ୍ରେ ମାଲଙ୍କୁ ମାରିଗଲା
ରାଜାଙ୍କୁ ଅନେକ ପରାଭବ ଦେଇ,
ଜଗତି ଗୃହକୁ ଭାଙ୍ଗି ନେଲା, ସେ ବାନର ।।୧୬

ଏଥୁଅନ୍ତେ କପିକୁଳ ରାଣ    ଦେଖିଲେ ଜଗତିରେ ରାବଣ
ପାତ୍ରମନ୍ତ୍ରୀ ଯେନ ଅସ୍ଥାନେ ବିଜୟେ,
ଯାଇ ବସିଲେ ମେଲି ଦେଇଣ, ସେ ସୁଗ୍ରୀବ ।।୧୭

ବୋଇଲେ ରେ ନିଶାଚର ଚୋର    ନିନ୍ଦା କରୁ ତୁ ପ୍ରଭୁଙ୍କୁ ମୋର
ବାଳୀ ସୁତକୁ ମରାଇ ଥିଲୁ ପୁଣି,
ଆଜ ବୁଝିବ ପରାକ୍ରମ ତୋର, ରେ ଅସୁର ।।୧୮

ଏତେ କହିଣ ମାଡ଼ି ବସିଲା    କେଶରୀ କି ମୃଗକୁ ଝାମ୍ପିଲା
ବେନି ରାଜାଙ୍କର ବାହୁ ଯୁଦ୍ଧ ହୋଇ,
ଦଶ ମୁକୁଟ ତାର ଭାଙ୍ଗିଲା, ସେ ସୁଗ୍ରୀବ ।।୧୯

ସେହ୍ଲା ବିଦାରି ପୁଣି ଦୈତ୍ୟର    ଆକାଶରେ ଗଲେ ସୁଗ୍ରୀବର
ସୈନ୍ୟଙ୍କୁ ଗର୍ଜିଣ କହେ ଦଶଶିର,
କହୁଥିଲ ମାରିବୁ ବାନର, ରେ ସକଳେ ।।୨୦

ଏବେ ଆସିଲେ ଏ ବେନି ଦୁଇ    ତାଙ୍କୁ ନ ବୋଇଲ କିଛି କେହି
ଶସ୍ତ୍ରେ ମାଡ଼ି ମାରି ମୋ ମୁକୁଟ ଭାଙ୍ଗି,
ନିଶ୍ଚିନ୍ତରେ ଗଲେ ସେ ପଳାଇ, ସେ ବାନରେ ।।୨୧

ନିଷ୍ଟେ ମଲା ଅସୁର ସଇନ    ଶୁଣି ସକଳେ କହନ୍ତି ବାଣୀ
ତୁମ୍ଭଙ୍କୁ ଭୟ କରି ଆମ୍ଭେ ନ ଗଲୁ,
ନଇଲେ କି ଯାନ୍ତେ ପ୍ରାଣ ଘେନି, ହେ ଲୋକଦେବ ।।୨୨

ଏଥୁଅନ୍ତେ ସୁଗ୍ରୀବର ଯାଇ          ରାମ ଚରଣ ତଳେ ନମଇଁ
ରାବଣର ବାର୍ତ୍ତା କହିଣ ସମସ୍ତ,
ଶୁଣି ହୃଷ୍ଟେ କହି ରଘୁସାଇଁ, ସେ ଶ୍ରୀରାମ ।।୨୩

ମିତ ଏକା ହୋଇ କିମ୍ପା ଗଲ          ସଙ୍ଗତରେ ସଇନ ନ ନେଲ
ଶତ୍ରୁ ଭବନକୁ ଯିବାର ଉଚିତ,
କଥାମାନ ନୋହେ କିଛି ଭଲ, ହେ ମଇତ ।।୨୪

ଏବେ କରିବା କସ ବିଚାର          ସୁଗ୍ରୀ ବୋଲେ ବିଲମ୍ବ ନ କର
ଆଗ୍ୟାଂ ଦିଅ ଆମ୍ଭ ସୈନ୍ୟ ଚତୁର୍ଦ୍ୱାରେ,
ଡେଇଁ ହତ କରନ୍ତୁ ଅସୁର, ହେ ଦେବ ଦେବ ।।୨୫

ରାମ ବୋଇଲେ ଯାଅ ହେ ମିତ          ଦେଶ ଉଜାଡ଼ ମାର ଦଇତ
ଅଙ୍ଗଦକୁ ବୋଇଲେ ସତ୍ୱର ଯାଅ,
କହି ହନୁମନ୍ତ ମାରୁ ଦୈତ୍ୟ, ହେ ଅଙ୍ଗଦ ।।୨୬

ଶୁଣି ଅଙ୍ଗଦ ବହନ ଯାଇ          ପଶ୍ଚିମ ଦ୍ୱାରେ ହନୁକୁ କହି
ଗଡ଼ ଡେଇଁ ଦୈତ୍ୟ ମାର ରାମ ଆଗ୍ୟାଂ,
କହି ଦକ୍ଷିଣ ଦ୍ୱାରକୁ ଯାଇ, ସେ ଅଙ୍ଗଦ ।।୨୭

ଏଥୁଅନ୍ତେ କିଷ୍କିନ୍ଧା ନରେଶ          ପୂର୍ବ ଦ୍ୱାରକୁ ଯାଇ ହରଷ
ସୈନ୍ୟଙ୍କୁ ବୋଇଲେ ପାଚେରୀ ଡେଇଁଣ,
ଦୈତ୍ୟମାନଙ୍କୁ କର ବିନାଶ, ରେ ବାନରେ ।।୨୮

କହି ସୈନ୍ୟ ଘେନି ସଙ୍ଗତରେ          ଗଡ଼ ଡେଇଁ ପଶିଲେ ସତ୍ୱରେ
ଦୈତ୍ୟମାନଙ୍କ ସଙ୍ଗତେ ଯୁଦ୍ଧ ଘୋର,
ଅରମ୍ଭିଲେ ଘେନି ଚଳୁଶୀଳା, ହେ ବାନରେ ।।୨୯

ଦକ୍ଷିଣ ଦ୍ୱାରୁ ବାଳୀ ନନ୍ଦନ          ସୈନ୍ୟ ଘେନି ପଶିଲେ ବହନ
ଦୈତ୍ୟମାନଙ୍କ ସଙ୍ଗତେ ଯୁଦ୍ଧ କଲେ,
କହିବାକୁ ତାହା କେ ଭର୍ଜନ, ହେ ସୁଜନେ ।।୩୦

ଏଥୁଅନ୍ତେ ପବନ କୁମର          ରାମ ଆଗ୍ୟାଂକୁ ଶୁଣି ସତ୍ୱର
କୋଟିଏ ସିଂହର ପ୍ରାକର୍ମ ପାଇଲା,
ସେନାମାନଙ୍କୁ ଘେନି ସତ୍ୱର, ସେ ପାବନି ।।୩୧

ହନୁମନ୍ତ କ୍ରୋଧ ହୋଇ ଯାଇ     ବଧା ମାଇଲେ କବାଟେ ନେଇ
ବଜ୍ର କଳଶୀ ସେ ନ ଭଙ୍ଗିବା ଦେଖି,
ହର ପାଚେଷ୍ଟି ପଶିଲେ ଡେଇଁ, ହେ ବନ୍ଦନ ॥ ୩୨

ରାମ ସୈନ୍ୟମାନଙ୍କୁ ଅନାଇଁ     ଗଡ଼ ଡେଇଁ ସୈନ୍ୟ ମାର ଯାଇ
ଶୁଣି ସୈନ୍ୟମାନେ ନମସ୍କାର ହୋଇ,
ପାଚେଷ୍ଟି ଡେଇଁ ଯୁଝନ୍ତି ଯାଇ, ସେ ବାନରେ ॥ ୩୩

ଚାରି ଦ୍ୱାରେ ଅପ୍ରମିତ ଗୋଳ     ଶବଦ ଶୁଭଇ କୋଳାହଳ
ବିଚିତ୍ର ପୁରମାନ ଭଙ୍ଗି ପକାନ୍ତି,
ହୁର ପକାଇ କରନ୍ତି ଗୋଳ, ସେ ବାନରେ ॥ ୩୪

ପୁର ଭଙ୍ଗିବା ଦେଖି ଅସୁରେ     ଯୁଦ୍ଧ କଲେ ଧାଇଁ କ୍ରୋଧଭରେ
ଶର ଚକ୍ର ଭାଲି ଗଦା ମୁଦୁଗର,
ବୃଷ୍ଟି କରନ୍ତି କପିଙ୍କ ଶିର, ସେ ଅସୁରେ ॥ ୩୫

ସୈନ୍ୟ ଭାଜିବା ଦେଖି ପାବନ     ଓଗାଳିଲେ ଗଦାବର ଘେନ
ହନୁକୁ ଦେଖି ଦଇତେ ଭୟ କଲେ,
ପଳାଇ ଗଲେ ହୋଇଣ ଊନ, ସେ ଅସୁରେ ॥ ୩୬

ମହୋଦର ତାକୁ ଓଗାଳିଲା     ହନୁ ତାକୁ ବଧାଏ ମାଇଲା
ବଜ୍ର ସମ ଘାତ ପାଇଣ ଦଇତ,
ଗ୍ୟାଂନ ହାରି ଭୂମିରେ ପଡ଼ିଲା, ସେ ଦଇତ ॥ ୩୭

କପିରାଜ ପ୍ରଶସ୍ତକୁ ଭେଟି     ଶାଳ ତରୁ ଶିଳ ଘେନ ପିଟି
ସୁଗ୍ରୀବ ସଂଗ୍ରାମ ଅଗୋଚର ଦେଖି,
ପ୍ରଶସ୍ତ ଭାଜିଲା ଦେଇ ପିଠି, ସେ ଅସୁର ॥ ୩୮

ଦକ୍ଷିଣେ ମହାପାରୁଶ ଥିଲା     ବାଲୀ ନନ୍ଦନକୁ ଓଗାଳିଲା
କ୍ରୋଧେ ଅଙ୍ଗଦ ପାଦ ଘାତ ମାରଣ,
ଦୈତ୍ୟ ରଥ ଭଙ୍ଗି ପକାଇଲା, ସେ ଅଙ୍ଗଦ ॥ ୩୯

ପାଦ ଗତ ହୋଇ ଦୈତ୍ୟ ବୀର     ଅଙ୍ଗଦକୁ ବୃଷ୍ଟି କଲା ଶର
ବାଲୀ ନନ୍ଦନ କୋପ ମୁଖ ହୋଇଣ,
ମୁଠେ ମାଇଲା ଦୈତ୍ୟ ଉପର, ସେ ଅଙ୍ଗଦ ॥ ୪୦

ମୂର୍ଚ୍ଛାଗତ ହୋଇ ଦୈତ୍ୟ ପଡ଼ି    ଯୁବରାଜ କଲା ଘୋର ରଡ଼ି
ପୁର ଦ୍ୱାର ସୈନ୍ୟ ପଶ୍ଚିମେ ହୋଇଲେ,
ଇନ୍ଦ୍ରଜିତ ରଥବର ଚଢ଼ି, ସେ କାଳରେ ॥ ୪୧

ଶାଳ ଶିଳ ବୃଷ୍ଟି ଅଗୋଚର    ଦୃଶ୍ୟ ନୋହିଲା ତା ରଥବର
କାହାରି ଆୟୁଧ ଅଙ୍ଗେ ନ ବାଜଇ,
ସବୁ କାଟି ପକାଇ ଅସୁର, ସେ କାଳରେ ॥ ୪୨

ଗଦା ଘେନି ପବନ କୁମର    ପିଟି ଭାଙ୍ଗିଲା ତା ରଥବର
ଇନ୍ଦ୍ରଜିତକୁ ସମସ୍ତେ ବେଢ଼ି ମାରି,
ଦେଖି ବୋଲେ ପବନ କୁମର, ସେ ପାବନି ॥ ୪୩

ଆରେ ନିଶାଚର ହିବୁ କାହିଁ    ପିଅରକୁ ଭେଟିବୁନି ଯାଇ
ଆଜ ସଂଗ୍ରାମେ ପ୍ରାଣ ତୋର ଘେନିବି,
ରଖି ନ ପାରିବେ ତୋତେ କେହି, ରେ ଅସୁର ॥ ୪୪

ରାମ ସଇନ୍ୟ ସଂଗ୍ରାମ କରି    ଦୈତ୍ୟମାନଙ୍କୁ ମାରନ୍ତି ଧରି
ପଳାନ୍ତି ଦୈତ୍ୟେ ପ୍ରାଣକୁ ଭୟ କରି,
ରହି ନ ପାରନ୍ତି ଶସ୍ତ୍ର ଧରି, ସେ ଅସୁରେ ॥ ୪୫

ଏହି ରୂପେ ବହୁ ଯୁଦ୍ଧ କଲେ    ଅନେକ ଅସୁରଙ୍କୁ ମାରିଲେ
କ୍ଷଣକେ ଧୂଳୀ କ୍ଷଣକେ ରକ୍ତ ନଦୀ,
ଦେଖି ଦେବେ ବହୁ ହୃଷ୍ଟ ହେଲେ, ସେ ଯୁଦ୍ଧକୁ ॥ ୪୬

ଏଥୁ ଅନ୍ତେ ରଘୁକୁଳ ସାଇଁ    ବଗ୍ରରନ୍ତି ରଚି ଅସ୍ତ୍ର ଗୃହି
ଦୁବନ୍ଧକୁ ବୋଲନ୍ତି ଅମ୍ଭ ଆଦେଶ,
କହି ସୈନ୍ୟଙ୍କୁ ଆଣ ତୁ ଯାଇ, ରେ ହଦ୍ଧରେ ॥ ୪୭

ଅଜ ସମର ଆଉ ନ କର    ଶୁଣି ଦୁବନ୍ଧ ଗଲା ସତ୍ୱର
ସୈନ୍ୟଙ୍କୁ ଡାକଇ ଯୁଦ୍ଧ ନ କରନ୍ତୁ,
ଆସ ଆଜ୍ଞାଂ ଦେଲେ ରଘୁବୀର, ହେ ସକଳେ ॥ ୪୮

ଏ ବଚନ ଶୁଣି ସର୍ବ ସୈନ୍ୟ    ବାହୁଡ଼ି ଆସିଲେ ସେ ବହନ
ଯେ ଯାହା ସୈନ୍ୟ ସଙ୍ଗତେ ଘେନି ଆସି,
ରାମ ଚରଣେ କଲେ ଦର୍ଶନ, ସେ ସକଳେ ॥ ୪୯

ଶ୍ରୀରାମଙ୍କୁ ଚାହିଁ ରୋମାକାନ୍ତ      ରାଇ ଆଣିଲ କମ୍ପା ଆମ୍ଭନ୍ତ
ଆଜ ଏକା ଶତ୍ରୁ ମାରିଣ ଆସନ୍ତୁ,
ଟେଳେ ପଡ଼ିଥିଲା ଇନ୍ଦ୍ରଜିତ ହେ, ଦେଖି ଦେବ ॥ ୫୦

ଶୁଣି ରାମ କହନ୍ତି ଉତ୍ତର      ରାତରେ ନଥିବା ଶତ୍ରୁପୁର
ଚାଲ ବେଗରେ ନିତ୍ୟ-କର୍ମ କରିବା,
ଶତ୍ରୁ ସାଧିବା କି ଡନକର, ହେ ମଇତ ॥ ୫୧

କହି ହନୁ କନ୍ଧେ ବିଜେ ରାମ      ବାଲୀ ସୁତ କନ୍ଧରେ ଲକ୍ଷ୍ମଣ
ସୁଗ୍ରୀ ବିଭୀଷଣ ଆଦି ସେନାମାନେ,
ଚଳନ୍ତି ପଟୁଆର କରିଣ, ସେ ସକଳେ ॥ ୫୨

ଦେବନଦୀରେ ସ୍ନାହାନ କରି      ବିଜେ କଲେ ସୁବଳାସ୍ତା ଗିରି
କନ୍ଦମୂଳ ଫଳ ଭୋଜନ କରିଣ,
ଅଗ୍ରେବନ କଲେ ଚାପଧାରୀ, ସେ ଶ୍ରୀରାମ ॥ ୫୩

ମୃଗ ଚାଲେ ବିଜେ ରଘୁସାଇଁ      ସେନାଏ ଦର୍ଶନ କଲେ ଯାଇ
ରଘୁନାଥ ଦାସ ମନରେ ହରଷ,
ରାମ ପାଦେ ଚିତ୍ତକୁ ରୁହାଇ, ସେ କାଳରେ ॥ ୫୪

●

## ରାଗ—**ମଙ୍ଗଳଗୁଜ୍ଜରୀ**

ଏଥୁ-ଅନ୍ତେ ଶୁଣ ବିଭୀଷଣଙ୍କୁ ଶ୍ରୀରାମ ।
କହନ୍ତି ଆଜ ଯୁଦ୍ଧରେ ହାରିଲା ରାବଣ ଯେ ॥ ୧

କାଲି ବିଷମ ସମର ଆସିଣ କରିବ ।
ଯେତେ ଯୁଦ୍ଧ କଲେ ସେ କି ମୋତେ ଜିଣିପିବ ଯେ ॥ ୨

ସୀତା ସମର୍ପିଲେ ତାକୁ ନ ମାରିବି ମୁହିଁ ।
ନ ଦେଲେ ରଖନ୍ତା ତନପୁରେ କେହି ନାହିଁ ଯେ ॥ ୩

ମୋତେ ମାରୁ ଯାହା ହେଉ ଧର୍ମ ନ ଛାଡ଼ିବା ।
କାଲି ପୁଣି ଥରେ ଲଙ୍କା ହନୁକୁ ପେଷିବା ଯେ ॥ ୪

ସୀତା ନ ଦେଲେ ମାରିବ ଶ୍ରୀରାମ ବୋଇଲେ ।
ଶୁଣି ସୁଗ୍ରୀ ବିଭୀଷଣ ବହୁ ପ୍ରଶଂସିଲେ ଯେ ॥ ୫

ତୁମ୍ଭରେ ଏ କର୍ମମାନ ହୁଅଇ ଗୋସାଇଁ ।
ସଗୋଷ୍ଠ ସହିତେ ନାଶଯିବ ଲଙ୍କସାଇଁ ଯେ ॥ ୬

ଏମନ୍ତ ବିଚାରି ରାମ ଶେଯେ ପହୁଡ଼ିଲେ ।
ସୈନ୍ୟ ସେନାମାନେ ଯେଝା କର୍ମରେ ରହିଲେ ଯେ ॥ ୭

ଏଥୁଅନ୍ତେ ଲଙ୍କାଗଡ଼ ରାଜା ଦଶଶିର ।
ଯୁଦ୍ଧେ ଅଯଶ ହେବାରୁ ମନରେ କାତରେ ଯେ ॥ ୮

ସର୍ବ ସୈନ୍ୟ ପୁଣ୍ଡ ରାଇ କହେ ଲଙ୍କପତି ।
ତୁମ୍ଭେ ସର୍ବେ ଆଜି ମୋତେ ହେଲ ଏହୁ ରୀତି ଯେ ॥ ୯

ତୁମ୍ଭ ଭରସାରେ ମୁହିଁ ରହିଇ ନିଶ୍ଚିନ୍ତେ ।
ନୋହିଲେ କମ୍ପାଇଁ ସୈନ୍ୟ ମୋହର ମରନ୍ତେ ଯେ ॥ ୧୦

ପୃଥିବୀ ଜିଣିଲି ମୁହିଁ ଏକା ବାହୁ ବଳେ ।
ସେ କାଳେ କି ସୈନ୍ୟ ପୁଣ୍ଡ ମୋର୍ ସଙ୍ଗେ ଥିଲେ ଯେ ॥ ୧୧

ଏତେ କହି ଶୁକସାରଣଙ୍କୁ ଆଜ୍ଞାଂ ଦେଇ ।
କାଲି ଯୁଦ୍ଧ ମୁଁ କରିବ ରାମ ସଙ୍ଗେ ଯାଇ ଯେ ॥ ୧୨

ସଜ ହୋଇ ରହିଥିବେ ସେ ସରବ ସୈନ୍ୟ ।
ଏତେ କହି ଭିତରକୁ ବିଜେ ଦଶାନନ ଯେ ॥ ୧୩

ଲଙ୍କେ ନିଜ ପୁରକୁ ଚଳିଲା ଇନ୍ଦ୍ରଜିତ ।
ଯେ ଯାହା ପୁରକୁ ସୈନ୍ୟ ଚଳିଲେ ତୁରିତ ଯେ ॥ ୧୪

ରାଜାର ଆଦେଶ ମନ୍ତ୍ରୀମାନେ ଶୁଣି ଗଲେ ।
ଲଙ୍କା କଟକରେ ଘୋଷଣାକୁ ଦିଆଇଲେ ଯେ ॥ ୧୫

ସମସ୍ତ ସୈନ୍ୟଙ୍କୁ ରାଇ ଆଣିଲେ ବହନ ।
ରଘୁନାଥ ଦାସ ରାମ ପାଦେ ଦେଇ ମନ ଯେ ॥ ୧୬

## ରାଗ – **ମୁଖାରୀ**

ଏ ଅନ୍ତେ ସୁଗ୍ୟଂଜନମାନେ ଶୁଣ      ନିଶାଣ ଘାତ ଶୁଣି ରାମ ରାଣ
ନିଦ୍ରାରୁ, ବେଗ ହୋଇ ଉଠିଲେ,
ମୃଗ ଛାଲ ପରେ ବିଜୟ କଲେ ।।୧

ଏ ସମୟେ ସୁଗ୍ରୀବ ବିଭୀଷଣ      ଅଙ୍ଗଦ ହନୁ ଜମ୍ବେବ ସୁଷେଣ
ସମସ୍ତ, ସୈନ୍ୟ ଯାଇ ମିଳିଲେ
ରାମ ଚରଣେ ନମସ୍କାର କଲେ ।।୨

ଠଣା ଛୁଣ୍ଡି ନୀଳ ବେଗେ ଅଇଲା      ଶ୍ରୀରାମଙ୍କୁ ନମି ବାର୍ତ୍ତା କହିଲା
ଭୋ ଦେବ, ଜସ କରେ ରାବଣ,
ସୈନ୍ୟ ଗହଳ ଶୁଭେ ଅପ୍ରମାଣ ।।୩

ରଣ ଆଉଁ ବାଦ୍ୟ ଶୁଭେ ଅପାର      କହିବାକୁ ମୁଁ ଅଇଲି ସତ୍ୱର
ଶୁଣିଣ, ଶ୍ରୀରାମଚନ୍ଦ୍ର କହି,
କାଲି ଅପମାନ ପାଇଲା ସେହି ।।୪

ସୈନ୍ୟ ସଜ କରୁଅଛି ରାବଣ      ଆଜ ଯୁଦ୍ଧକୁ ଆସିବ ଆପଣ
ବୁଝିବା, କେଡ଼େ ବୀର ଅଟଇ,
ଏତେ କହି ହନୁମନ୍ତକୁ ଚାହିଁ ।।୫

ଲଙ୍କା ପୁରକୁ ତୁ ଯାଅ ମାରୁତି      ଆମ୍ଭର ଆଗ୍ୟାଂ କହି ଲଙ୍କପତି
ଏ କାଣ୍ଡ, ଗୋଟି ଚହ୍ନାଅ ନେଇ,
ବୋଲ ସୀତା ସମର୍ପ ବେଗ ହୋଇ ।।୬

ନୋହିଲେ ଏ ଶରେ ଯିବ ତୋ ପ୍ରାଣ      ବଳୀ ନୋହିଲୁ ଚହ୍ନିଥା ରାବଣ
ଏ ଶର, ତାଡ଼କା କି ମାଇଲା,
ଖର ଦୂଷଣ ଝିଙ୍ଗିରା ଖାଇଲା ।।୭

ବାଳୀର ପ୍ରାଣ ଏହୁ ଖାଇଅଛି      ଏବେ ରାବଣକୁ ମନ କରୁଛି
ଶରଣ, ସୀତା ଦେଇ ପଶିବ,
ନୋହିଲେ ବାଳୀ ସଙ୍ଗେ ସଙ୍ଗ ହେବ ।।୮

ନ ଦେଲେ ମାରିବ ଭ୍ରାତାଙ୍କ ରାଣ      ଏଥିରେ ଦୋଷ ମୋ ନାହିଁ ରାବଣ
ଧନୁକୁ, କେବେ ବହିବ ନାହିଁ,
ଏତେ କହି ଶର ହନୁକୁ ଦେଇ ।।୯

ପୁଣି ସୁଷେଣଙ୍କୁ କହନ୍ତି ରାମ　　　ହନୁମନ୍ତଙ୍କୁ ପେଷ ଲଙ୍କା ଗ୍ରାମ
ପତ୍ରିକା, ଲେଖି ଦିଅ ତା କରେ,
ମୋ ଆଜ୍ଞା କହୁ ଯାଇ ଆଉ ଥରେ ॥୧୦

ଶୁଣି ସୁଷେଣ ଶ୍ରୀମୁଖ ଲେଖିଲେ　　　ମୁଦ କରି ହନୁମନ୍ତଙ୍କୁ ଦେଲେ
ରାମଙ୍କୁ, ନମି ପବନ ସୁତ,
ଲଙ୍କାରେ ପ୍ରବେଶ ହେଲା ତୁରିତ ॥୧୧

ଜଗତି ପରେ ବସିଛି ରାବଣ　　　ଦେଖି ବାହୁରେ ପବନ-ନନ୍ଦନ
କେମନ୍ତେ, ଲେଖ ଦେବଇଁ ମୁହିଁ,
ବାହୁର ଲାଞ୍ଜ ଦେଲା ଟେକାଇ ॥୧୨

ରାବଣ ଜଗତି ସମାନ ହେଲା　　　ତହିଁ ହନୁମନ୍ତ ଯାଇ ବସିଲା
ଜଗତି, ପରେ ପାଦକୁ ଥୋଇ,
ଆନନ୍ଦ ହୋଇ ରାବଣକୁ କହି ॥୧୩

**ହନୁ ବଚନକା :—**

ଉଠ ଉଠ ରାବଣ ଶ୍ରୀରାମ ଆଜ୍ଞା ଘେନ ।
ଦୟା କଲେ ପ୍ରଭୁ ତୋତେ ସଦୟ ହୋଇଣ ॥

ଦନ୍ତେ ତୃଣ ଧରି ଶରଣ ଯିବେ ପଶ ।
ଜାନକୀଙ୍କି ଘେନ ମୋହ ସଙ୍ଗତରେ ଆସ ॥

ନଉଛୁଳି କର ଏବେ ଘେନ ତୁ ଶ୍ରୀମୁଖ ।
ଆଜି ଦୂର ହେଲା ତୋର କୋଟି ଜନ୍ମ ଦୁଃଖ ॥

**ରାବଣ ବଚନକା : –**

ଅରେ ଅରେ ମୂର୍ଖ ପୁଣି ଅଇଲୁ ତୁ କାହିଁ ।
ବନସ୍ତ ମଧ୍ୟରେ ପଶି ଡାଳେ ଡାଳେ ଡେଇଁ ॥

ଛୁକାର ବଚନ ତୁ ରେ କହୁ ମୋର ପାଶ ।
ମାନବ ଜଣାଧାରର ହୋଇଅଛୁ ଦାସ ॥

ଶୁଣିମା ଦେଖି ବାନର ଫେଡ଼ ତୋ ଶ୍ରୀମୁଖ ।
ଏହା ଶୁଣିମାରୁ ମରିବାକୁ ବଡ଼ ସୁଖ ॥

**ହନୁ ବଚନକା :—**

ଶୁଣରେ ରାକ୍ଷସ ଲେଖା ହୋଇଅଛୁ ଯାହା ।
ଏକମନେ ଶୁଣ ଏବେ ପଢ଼ଇ ମୁଁ ତାହା ॥

ମୁଦ ଭାଙ୍ଗି କରଣ ଘେନଲେ ସେ ତାଳିକା ।
ସ୍ୱୟଂ ବ୍ରହ୍ମାଣ୍ଡ ଠାକୁର ପାଳୁ ଆମ୍ଭେ ଏକା ॥

ଆମ୍ଭେ ସେ ବ୍ରହ୍ମାଙ୍କ ନାଭି ମୂଳୁ ଜାତ କଲୁ ।
ଦେବ ରାକ୍ଷସ ମନୁଷ୍ୟ ଜନ୍ତୁଙ୍କୁ ସର୍ଜିଲୁ ॥

ମତ୍ସ୍ୟ କୂରୁମ ବରାହ ନୃସିଂହ ବାମନ ।
ପରଶୁରାମ ରୂପେ ଛେଦିଲୁ କ୍ଷତ୍ରି ମାନ ॥

ରଘୁ ବଂଶରେ ଜାତ ରାଘବ ନାମ ତେଣୁ ।
ସୀତାପତି ସୁନ୍ଦର ଅଟଇ ଅମ୍ଭ ତନୁ ॥

ଶ୍ରୀରାମ ନାମ ଆମ୍ଭର ଲକ୍ଷ୍ମଣ ଅନୁଜ ।
ଦାଶରଥି ନାମ ଯେଣୁ ଦଶରଥାତ୍ମଜ ॥

କାକୁତ୍ସ୍ଥ ବଂଶେ ଜାତ କରୁଣାକର ତେଣୁ ।
ସର୍ବଗୁଣେ ସମ୍ପୂର୍ଣ୍ଣ ଯେ ଗୁଣନିଧି ଯେଣୁ ॥

ସତ୍ୟ ପାଳିବାରୁ ବୋଲାଉ ଯେ ସତ୍ୟସନ୍ଧ ।
ଏବେ ଆମ୍ଭେ ରାବଣାନ୍ତ ଦେବାକୁ ଆୟୁଧ ॥

ସୀତା ଦେଇ ଆସି ତୁ ଶରଣ ବେଗେ ପଶ ।
ନୋହିଲେ ଦଶକନ୍ଧ ନଷ୍ଟହେ ହିବୁ ନାଶ ॥

ନ ଦେଲେ ତୁ ଯେଉଁ କାଣ୍ଡ ନେଇଅଛୁ ହନୁ ।
ସେହି କାଣ୍ଡେ ବିନାଶ କରିବ ତୋର ତନୁ ॥

ଦଶଦିଗପାଳଙ୍କୁ ତୋ ଦଶମୁଣ୍ଡ ବଳି ।
ହୃଦୟ ଖଣ୍ଡ ତୋର ଖାଇବ ମହାଅଳୀ ॥

ବିଭୀଷଣ ନୃପତି ହୋଇବ ଲଙ୍କାପୁର ।
ଏ କଥାରେ ଦୋଷ କେବେ ନାହିଁଟି ମୋହର ॥

**ରାବଣ ବଚନକା :—**

ଆରେ ଆରେ ମର୍କଟରେ ପଢ଼ିଲୁ ତୁ ଯାହା ।
ତୋ ସଙ୍ଗେ ଜଟାଧାରୀ ଖେଳିଲେ କାହିଁ ଏହା ॥

ମାନବ ଜଟାଧାରୀଟା ଶ୍ରୀମୁଖ ଲଦ୍ଧିଛି ।
ଆଡ଼ଢଆ ପଣେ ମାଙ୍କଡ଼ଙ୍କେ ଅଛୁ ଆସି ॥

ରାଜାଧି ରାଜନ ମୁଁ ଅଟଇ ଲଙ୍କପାଳ ।
ଜ୍ୟେଷ୍ଠଭ୍ରାତ କୁବେର ଅଟଇ ଦିଗପାଳ ॥

କନିଷ୍ଠ କୁମ୍ଭକର୍ଣ୍ଣ ମୋ ପୁତ୍ର ମେଘନାଦ ।
ବ୍ରହ୍ମାକୁଳେ ଜାତ ମୁଁ ରାଜସ ଇନ୍ଦ୍ର ପଦ ॥

ଦଶ ମୁଣ୍ଡ ବଂଶ କର କାମ ରୂପୀ ହୋଇ ।
ତେତିଶ କୋଟି ଦେବଙ୍କୁ ମୁଁହିଁ ନ ଗଣଇ ॥

ଯାଅରେ ବାନର ଯତୀକି କହ ତୁ ଯାଇ ।
ସମର ନକଲେ ମୁଁ ସୀତାଙ୍କୁ ଦେବ ନାହିଁ ॥

**ହନୁ ବଚନକା:—**

ଏ ବଚନ ଶୁଣିଣ ବୋଲଇ ହନୁମାନ ।
ଆହୁରି କଥାଏ ଶୁଣ ଆହେ ଦଶାନନ ॥

ଏ କାଣ୍ଡ ଆଣିଛୁ ତୋତେ ଚହ୍ଲାଇବା ପାଇଁ ।
ଏବେ ଚହ୍ଲି ଥାଅ ପଛେ ବଣା ନୁହ ତୁହ ॥

**ରାବଣ ବଚନକା:—**

ଶୁଣି ତାହା ଦଶଗ୍ରୀବ ମହାକୋପ କଲା ।
ଆଜ ଚ୍ଛଣେ ତୁମ୍ଭ କଥା ବୁଝିବି ବୋଇଲା ।

**ହନୁ ବଚନକା:—**

ଆରେ ରାବଣ ଧାନ ହାନ ମତ । ମନୁଷ୍ୟ ପ୍ରାୟେ ମଣୁ ରଘୁପତ ।
ଗଙ୍ଗାକୁ, ଆନ ନଦୀରେ ଗଣୁ
ଅଶ୍ୱ ପ୍ରାୟେ ଉଚ୍ଚୈଶ୍ରବାକୁ ଜାଣୁ ॥ ୧୪

ଅଇରାବତ ସଙ୍ଗେ ଆନ ହସ୍ତୀ          ରମ୍ଭା ସଙ୍ଗେ ମଣ୍ଡୁ ଆନ ଯୁବତୀ ।
ଧେନୁକୁ, କାମଧେନୁରେ ଗଣ୍ଡୁ
ମୁହିଁ ହନୁମନ୍ତ ବାନର ମଣ୍ଡୁ ॥ ୧୫

ନଷ୍ଟପ୍ରେ ନାଶ ଯିବୁ ନିଶାଚର          ଏତେ କହି ହନୁ ହେଲେ ବାହାର ।
ଶ୍ରୀରାମ, ପାଶେ ପ୍ରବେଶ ହୋଇ
ନମସ୍କାର କରି ସବୁ ଜଣାଇ ॥ ୧୬

ରାଘବ ବିଭୀଷଣଙ୍କୁ ରାଇଲେ          ହନୁ ମୁଖୁ ସବୁ ଶୁଣାଇ ଦେଲେ ।
ହେ ରାମ, ପାଦ କରୁଣ ଆଶ
ରଘୁନାଥ ଦାସ କହେ ଏ ରସ ॥ ୧୭

●

ରାଗ—**ମଙ୍ଗଳଗୁଜ୍ଜରୀ**

ଏଥୁଅନ୍ତେ ଲଙ୍କପତି ଦିବ୍ୟ ବେଶ ହୋଇ ।
ବାହାର ହୋଇଲା ରଥ ପୁଷ୍ପୋକ ଆରୋହି ଯେ ॥୧

ଇନ୍ଦ୍ରଜିତ ପ୍ରଶସ୍ତ ସମସ୍ତ ସେନାପତି ।
ଚତୁରଙ୍ଗ ବଳ ଅତି ସମ୍ମୁଖେ ଚଳନ୍ତି ଯେ ॥୨

ଲଙ୍କାଗଡ଼ ଭିତରୁ ବାହାର ସର୍ବ ଆଡ଼ ।
ଆଗୁଆଣି ସୈନ୍ୟେ ଦୈତ୍ୟେ ହୋଇଲେକ ଭେଟ ଯେ ॥୩

ବେନି ସୈନ୍ୟମାନେ ତହିଁ ଯୁଦ୍ଧ ଆରମ୍ଭିଲେ ।
ସୁବଳଯ୍ୟା ପର୍ବତେ ଶ୍ରୀରାମ ଭେଟ ହେଲେ ଯେ ॥୪

ଲକ୍ଷ୍ମଣ ସୁଗ୍ରୀବ ବିଭୀଷଣ ନଳ ନୀଳ ।
ଜାମ୍ବେବ ସୁଷେଣ ସେନାପତି ଯୂଥବଳ ଯେ ॥୫

ହନୁମନ୍ତ ଅଙ୍ଗଦ କନ୍ଦରେ ଦୁଇ ଭାଇ ।
ଲଙ୍କପତି ନିକଟେ ପ୍ରବେଶ ହେଲେ ଯାଇ ହେ ॥୬

ଓହବଳ ସଂଗ୍ରାମ ହୋଇଲା ଅପ୍ରମିତ ।
ରାକ୍ଷସ ବାନରେ ହତ ହୋଇଲେ ବହୁତ ଯେ ॥୭

ରାମ ପାରୁଶରେ କୃଶ ରଥୀ ପରବେଶ ।
କୃଶ ବାଣ ପେଷି ରାମ କଲେ ତାଙ୍କୁ ନାଶ ଯେ ॥ ୮

ବିଦ୍ୟୁନ୍ମାଲୀ ସଙ୍ଗେ ଭେଟ ହୋଇଲେ ସୁଷେଣ ।
ଶାଳତରୁ ମାରି ବେଗେ ଘେନଲେ ତା ପ୍ରାଣ ଯେ ॥ ୯

ବିଭୀଷଣ କରେ ମିତ୍ରଘନ ହେଲା ନାଶ ।
ସୁଗ୍ରୀବ ମାଇଲେ ତହିଁ ଅନେକ ରାକ୍ଷସ ଯେ ॥ ୧୦

ସେନା ଯୂଥପତି ଦୈତ୍ୟରଥୀଙ୍କି ମାଇଲେ ।
ଲଙ୍କପତିକି ଦେଖି ଲକ୍ଷ୍ମଣ ଓଗାଳିଲେ ଯେ ॥ ୧୧

ଶ୍ରୀରାମ ନିକଟେ ଇନ୍ଦ୍ରଜିତ ହେଲା ଯାଇ ।
ଅପୂର୍ବ ସଂଗ୍ରାମ ବେନି ବୀରେ କଲେ ତହିଁ ଯେ ॥ ୧୨

ଶତେକ ନାରାଚ ପ୍ରହାରିଲା ମେଘନାଦ ।
ରଘୁପତି ଛେଦି ଶର ଭେଦି ତାର ହୃଦ ଯେ ॥ ୧୩

ବେଳୁବେଳ ସଂଗ୍ରାମ ହୋଇଲା ଅପ୍ରମିତ ।
ଲକ୍ଷ୍ମଣ ନାରାଚେ ଲଙ୍କପତି ପ୍ରକମ୍ପିତ ଯେ ॥ ୧୪

ଦେଖି ଇନ୍ଦ୍ରଜିତ ମୟଦୈତ୍ୟ ଦେଲା ଶକ୍ତି ।
ଲକ୍ଷ୍ମଣଙ୍କୁ ପ୍ରହାରିଲା କ୍ରୋଧ କରି ମତି ଯେ ॥ ୧୫

ବାଜନ୍ତେ ଲକ୍ଷ୍ମଣ ମୋହେ ପଡ଼ିଲେ ଧରଣୀ ।
ରଥୁ ଓହ୍ଲାଇ ଲକ୍ଷ୍ମଣ ତୋଳେ ବିଂଶପାଣି ଯେ ॥ ୧୬

କ୍ରୋଧ ହୋଇ ବିଂଶ ଭୁଜେ ତୋଳି ମନ କଲା ।
ବିଗ୍ରହରେ କମ୍ପିଲାସୁ ଏହୁ ଗରୁ ହେଲା ଯେ ॥ ୧୭

ଏଣୁ କାଳେ ବିଧାଏ ମାଇଲେ ହନୁ ନେଇ ।
ତୋଳି ନ ପାରି ପ୍ରାଭବ ପାଇ ଲଙ୍କସାଇଁ ଯେ ॥ ୧୮

ପୁଷ୍ପକ ବିମାନେ ଯାଇ ବସିଲା ତୁରିତ ।
ଦେଖିଣ ନାରାଚ ରାମ ଛନ୍ଦିରେ ବହୁତ ଯେ ॥ ୧୯

ଶ୍ରୀରାମ ଶରକୁ ଦୈତ୍ୟ ଅତି ଭୟ କଲା ।
ପୁଷ୍ପକୁ ଘେନିଣ ନିଜ ପୁରେ ବାହୁଡ଼ିଲା ଯେ ॥ ୨୦

ରାମ ଶର ବାଜି ଦୈତ୍ୟ ଗଲେ ଯମ ପଥ ।
ପଳାଇ ନିଜ ନଗରେ ହେଲା ଦଶମାଥ ଯେ ॥ ୨୧

ଲଙ୍କାଗଡ ଦ୍ୱାରୁ ରାମ ବାହୁଡ଼ି ଆସିଲେ ।
ଲକ୍ଷ୍ମଣ କି ହେଲ ବୋଲି ମନେ ଚିନ୍ତା କଲେ ଯେ ॥ ୨୨

ଅନେକ ସ୍ତୁତି ଲକ୍ଷ୍ମଣେ କରି ହନୁମନ୍ତ ।
କାନ୍ଧେ ବହି ଘେନିଗଲେ ସୁବଳ ପର୍ବତ ଯେ ॥ ୨୩

ସୁଷେଣ ଯାଇ ସହସ୍ର ଉପାଡ଼ି ଫୁଙ୍କିଲେ ।
ଶ୍ରୀରାମ କନିଷ୍ଠ ଗ୍ୟାଂନ ପାଇଣ ଉଠିଲେ ଯେ ॥ ୨୪

ତହୁଁ ଆସି ହନୁ ବାଟେ ଭେଟିଲେ ଶ୍ରୀରାମ ।
ନମସ୍କାର ହୋଇ ବହି ନେଲେ ନିଜାଶ୍ରମ ଯେ ॥ ୨୫

ଲକ୍ଷ୍ମଣ ଚେତନା ହୋଇବାର ସେ କହିଲେ ।
ସୁବଳ ଗିରିରେ ଯାଇ ପ୍ରବେଶ ହୋଇଲେ ଯେ ॥ ୨୬

ଲକ୍ଷ୍ମଣଙ୍କୁ କୋଳ କରି ମୁଖେ ଚୁମ୍ବ ଦେଲେ ।
ସ୍ନାନ କରାଇଣ କନ୍ଦମୂଳ ଗ୍ରାସ କଲେ ଯେ ॥ ୨୭

ମୃଗଚ୍ଛଲେ ବିଜେ କଲେ ଜାନକୀ ବିଳାସ ।
ରାମ ପାଦ ଚିନ୍ତି କହେ ରଘୁନାଥ ଦାସ ଯେ ॥ ୨୮

●

## ରାଗ—ଚିନ୍ତାକେଦାର

ଏଥୁଅନ୍ତେ ସୁଗ୍ୟଂଜନେ ଶୁଣ ନିଜ ପୁରେ ପବେଶ ରାବଣ
ପୁତ୍ର ମନ୍ତ୍ରୀମାନେ ମେଳାଣି ହୋଇ,
ପୁରେ ଗଲେ ସର୍ବ ସେନା ସୈନ୍ୟ, ହେ ସୁଜନେ ॥୧

ରାତ୍ର ଥାଉ ଉଠି ଇନ୍ଦ୍ରଜିତ ବେଗେ ସାରିଲା ସେ ନିତ୍ୟ କୃତ୍ୟ
ନିକୁମ୍ଭିଳ ବଟ ତଳେ ହୋମ କରୁଁ,
ତହୁଁ ଦିବ୍ୟ ରଥ ହେଲା ଜାତ, ହେ ସୁଜନେ ॥୨

ଅକ୍ଷ ହୋଣ ବାହାର ହୋଇଲା ଦେଖି ଇନ୍ଦ୍ରଜିତ ହୃଷ୍ଟ ହେଲା
ଅକଳିତ ବଳ ଘେନି ସଙ୍ଗତରେ,
ରଣ ଭୂମିରେ ଆସି ମିଳିଲା, ସେ ଦଇତ ॥୩

ତ୍ରାସେ କପି ସୈନ୍ୟ ପଳାଇଲେ    ରାମ ପାଶରେ ଯାଇ କହିଲେ
ଭୋ ଦେବ ଲଙ୍କାଗଡ଼ରୁ ସୈନ୍ୟ ଆସି,
ଆଗୁଆଣି ଦାଣ୍ଡେ ଯୁଦ୍ଧ କଲେ, ହେ ରାଘବ ॥୪

ଶୁଣି ସେନାମାନଙ୍କୁ ପେଷିଲେ    ବେନି ତୋଣ କନ୍ଧରେ ଭିଡ଼ିଲେ
ବାମେ କୋଦଣ୍ଡ ଦକ୍ଷିଣେ ଭୁଜେ ଶର,
ସୀତା ମଣି କଣ୍ଠେ ଲମ୍ବାଇଲେ, ସେ ରାଘବ ॥୫

ଯୁଇ ରୁଦ୍ରଆ ରୁଦ୍ରାକ୍ଷ ମାଳ    ଶୋଭା ପାଉଛନ୍ତି ବକ୍ଷ ସ୍ଥଳ
ନାନା କୁସୁମେ ଜଟାଭାର ମଣ୍ଡିତ,
ହୃଦେ ଶୋଭିତ ତୁଳସୀ ମାଳ, ସେ ରାଘବ ॥୬

ସଜ ହୋଇ ଅଇଲେ ଲକ୍ଷ୍ମଣ    ସୁଗ୍ରୀ ହନୁମନ୍ତ ବିଭୀଷଣ
ସେନା ଯୂଥପତି ସୈନ୍ୟ ସହିତେଣ,
ରାମ ଯୁଦ୍ଧକୁ କଲେ ପ୍ରୟାଣ, ସେ ରାଘବ ॥୭

ଶକ୍ରଜିତ ଯୁଦ୍ଧ ଠାଣ ପାଇ    ସୈନ୍ୟ ଆସୁଅଛନ୍ତି ପଳାଇ
ଦୂରୁ ଦେଖି ରାମ  ରହ ରହ ବୋଲି,
ଇନ୍ଦ୍ରଜିତ ପାଶେ ହେଲେ ଯାଇ, ସେ ରାଘବ ॥୮

ଶ୍ରୀରାମ ମାଇଲେ ତୀକ୍ଷ୍ଣ ଶର    କୋପେ ଛେଦ ରାବଣ କୁମର
ପାଞ୍ଚ ବାଣ ଧରି ମନ୍ତ୍ରିଣ ମାଇଲା,
ଅଙ୍ଗେ ବାଜିବାରୁ କ୍ରୋଧଭର, ସେ ରାଘବ ॥୯

ରାମ ପେଷିଲେ ବାବନ ଶର    ଯାଇ ପଶିଲା ଦୈତ୍ୟ ହୃଦର
ଏକାଳେ ସୌମିତ୍ରି ପ୍ରବେଶ ହୋଇଣ,
କ୍ରୋଧେ ପ୍ରହାରିଲେ ତିନି ଶର, ସେ ଲକ୍ଷ୍ମଣ ॥୧୦

ବେନି ଭାଇ ଶର ବୃଷ୍ଟି କରି    ଦୈତ୍ୟ ବଳ ପକାଇଲେ ମାରି
ଦେଖି ଇନ୍ଦ୍ରଜିତ ମାୟାଯୁଦ୍ଧ କଲା,
ଅସ୍ତ୍ର-ଶର ରାମଙ୍କୁ ପ୍ରହାରି, ସେ ଦନୁଜ ॥୧୧

ପ୍ରତିଶର କଲେ ରଘୁବୀର    ନାଶ ନୋହିଲା ସେ ଅସ୍ତ୍ରଶର
ରାମ ଲକ୍ଷ୍ମଣଙ୍କୁ ଚହ୍ନି ଭସ୍ମ କରି,
ମନ୍ତ୍ର ବଳେ ବାନ୍ଧିଲା ସତ୍ୱର, ସେ ପନ୍ନଗ ॥୧୨

ବ୍ରହ୍ମ ବୋଲି ମନେ ବିଚାରିଲେ                    ବେନି ଭାଇ କ୍ଷିତିରେ ପଡ଼ିଲେ
ପୁଣି ଇନ୍ଦ୍ରଜିତ ନାରାଚ ପ୍ରହାରି,
ସର୍ବ ସୈନ୍ୟମାନଙ୍କୁ ମାରିଲେ, ସେ ଦଇତ ।।୧୩

ଦେଖି ବିଭୀଷଣ ପଳାଇଲା                    ସୁବଳୟା ପର୍ବତେ ଲୁଚିଲା
ଯୁଦ୍ଧେ ଜୟ କରି ଶକ୍ରଜିତ ବୀର,
ଲଙ୍କାଗଡ଼େ ପ୍ରବେଶ ହୋଇଲା, ସେ ଅସୁର ।।୧୪

ପିତା ପାଦେ ନମସ୍କାର କଲା                    ଯୁଦ୍ଧ ବୃତ୍ତାନ୍ତମାନ କହିଲା
ଶୁଣି ଲଙ୍କପତି ହୃଷ୍ଟ କରି ମତି,
ଇନ୍ଦ୍ରଜିତକୁ ମେଲାଣି ଦେଲା, ସେ ରାବଣ ।।୧୫

ତ୍ରିଜଟାକୁ ଏକାନ୍ତରେ ରାଇ                    ବୋଲେ ପୁଷ୍ପକ ଯାନେ ବସାଇ
ସଂଗ୍ରାମ ଭୂମିରେ ରାମ ହତ ହେଲେ,
ଏବେ ସୀତାଙ୍କୁ ଆଣ ଦେଖାଇ, ଗୋ ବହନ ।।୧୬

ଶୁଣି ତ୍ରିଜଟା ସତ୍ୱରେ ଗଲା                    ଜାନକୀଙ୍କି ସମସ୍ତ କହିଲା
ପୁଷ୍ପକ ଯାନେ ବସାଇଣ ସୀତାଙ୍କୁ,
ରାମ ଲକ୍ଷ୍ମଣଙ୍କୁ ଦେଖାଇଲା, ସେ ତ୍ରିଜଟା ।।୧୭

ଦେଖି ସୀତୟା ଆକୁଳ ହୋଇ                    ଦେବ କର୍ମା ମୋହ ଗୁରୁ ପାଇଁ
ରାକ୍ଷସଙ୍କ ମାୟା ବୁଝି ନ ପାରିଣ,
ଏବେ କ୍ଷିତିରେ ଅଛ ତ ଶୋଇ, ହେ ଭୋଦେବ ।।୧୮

ଆହା ପ୍ରାଣନାଥ ରଘୁବୀର                    ତ୍ରିଦି ସମ ନାହିଁ ତିନି ପୁର
କ୍ରୁର ଦଇତ ନିଲକ୍ଷଣ ସଂଗ୍ରାମେ,
କରୁ ପକାଇଲ ଧନୁଶର ହେ, ଭୋ ଦେବ ।।୧୯

ଦେଖି ଶତ୍ରୁଘନଙ୍କ ବଦନ                    ତାଙ୍କ ମାତା ରଖିବେ ଜୀବନ
କଉଶଲ୍ୟା ପ୍ରାଣ କ୍ଷଣେ ନ ରଖିବେ,
କର୍ଣ୍ଣେ ଶୁଣିଲେ ତୁମ୍ଭ ନିଧନ, ହେ ଭୋ ଦେବ ।।୨୦

ଫୁଟି ଯାଉ ମୋର ବେନି ଆଖି                    ସ୍ୱାମୀ ଦେବରଙ୍କ ଦୁଃଖ ଦେଖି
ଭୋ ଧାତା ମୁଁ ତୋର କେଉଁ ଦୋଷ କଲି,
ମୋତେ କଲୁ ଆଣିଣ ନିର୍ମକ୍ଷୀ, ରେ ଦଇବ ।।୨୧

ସ୍ୱାମୀ ଯେବେ ହୋଇଲେ ମୋ ନାଶ        କଇକେଈ ଅର୍ଜିଲେ ଏ ଯଶ
ଗୁରୁଜନ ଆମ୍ଭ କବା ବୋଲିବ ମୁଁ,
ପୂର୍ବେ ଅର୍ଜିଲି ମୋ କର୍ମ ଦୋଷ, ହେ ଦଇବ ॥୨୨

ପୁଣି ହନୁଙ୍କୁ ଗୃହିଣ ଋଷି        ଗଲୁ ଏକା ଲଙ୍କାପୁର ଧ୍ୱଂସି
ଏଡ଼େ ଏଡ଼େ ବୀର ତର୍କି ନ ପାରିଲ,
ମାୟା ଯୁଦ୍ଧେ ଦୈତ୍ୟ ଗଲ ନାଶି, ହେ ପାବନ ॥୨୩

ଭୋ ଦେବ ଅଯୋଧ୍ୟା ଦଣ୍ଡଧାରୀ        କେତେ ନ ମିଳନ୍ତେ ଅବା ନାରୀ
ରାଜାମାନେ ଯାଚ ଦୁହିତ ଦଅନ୍ତେ,
ତୁମ୍ଭ ପାଦେ ଥାନ୍ତେ ସେବା କରି, ହେ ଭୋଦେବ ॥୨୪

ଅଭିମାନେ ହରାଇଲ ପ୍ରାଣ        ମୋହ ଯୋଗୁ ପାଇଲ ଦୂଷଣ
ଅକାରଣେ ତୁମ୍ଭ ସଙ୍ଗେ ପ୍ରାଣ ଦେଲେ,
କୁଳ ଅଳଅଳ ଏ ଲକ୍ଷ୍ମଣ, ହେ ଭୋଦେବ ॥୨୫

ସେତୁ ବାନ୍ଧ ହେଲେ ସିନ୍ଧୁ ପାରି        କର୍ମ ଅଛିଲ ଅସୁର ପୁରୀ
ଆହା ପ୍ରାଣନାଥ ହେଲି ମୁଁ ଅନାଥ,
ତୁମ୍ଭ ହତ ହେବା ଦେଖିକରି ହେ, ଭୋ ଦେବ ॥ ୨୬

ପୁଣି ନିରେଖି ରାମ ଶରୀର        ଦେଖିଲେ ବାନ୍ଧିଛୁ ଅନ୍ଧ ଶର
ଆହା ପ୍ରାଣନାଥ ମଧୁର ମୂରତି,
ବୋଲି କରି ତାଡ଼ନ୍ତି ହୃଦର, ସେ ଜାନକୀ ॥ ୨୭

ପୂର୍ବେ ପିତା ପୁରେ ତପୀମାନେ        ମୋତେ ଦେଖିଣ ହରଷ ମନେ
ବୋଲନ୍ତି ଏ ସୀତା ବିଧବା ନୋହିବ,
ସୁଲକ୍ଷଣୀ ହେବ ସବୁ ଦିନେ ହେ, ଭୋ ଦେବ ॥ ୨୮

ହୃଦେ ଘେନି ଥାଇ ସେହି କଥା        ତାଙ୍କ ବଚନ ହେଲାତ ବୃଥା
ଶୁଣି ତ୍ରିଜଟା କର ଯୋଡ଼ି କହଇ,
ତାଙ୍କ ବଚନ ନୋହେ ଅନ୍ୟଥା, ଗୋ ଜାନକି ॥ ୨୯

ଏଥୁଅନ୍ତେ ବିଭୀଷଣ ବୀର        ସୁବେଳସ୍ଥାରୁ ଆସି ସତ୍ୱର
ଶ୍ରୀରାମ ସୈନ୍ୟ ଦେଖିଣ ଶୋକ କରି,
ହୃଦେ କରୁଡ଼ଇ ବେନି କରି, ହେ ସୁଜନେ ॥ ୩୦

ସେନା ଯୂଥପତଙ୍କ ତୋଳିଲେ    ଚେତା କରାଇ ଘାଆ ଫୁଙ୍କିଲେ
ଏକ ତୁଣ୍ଡ ଶୁଣି ଆରେକ ଉଠନ୍ତେ,
ସବୁ ସୈନ୍ୟ ଚେତନା ପାଇଲେ, ହେ ସୁଜନେ ॥ ୩୧

ସବୁ ଯୂଥପତିଙ୍କି ପଚାରି    କାହିଁ ଅଛନ୍ତି କୋଦଣ୍ଡଧାରୀ
କପି କହିଲେ ରାମଙ୍କୁ ଅହିଶରେ,
କୋପି ବାନ୍ଧିଲା ଇନ୍ଦ୍ର-ଅରି, ହେ ଲଙ୍କେଶ ॥ ୩୨

ଶୁଣି ଗଲେ ସେ ଶ୍ରୀରାମ ପାଶ    ବେନି ଭାଇଙ୍କି ଦେଖି ବିରସ
ରାମ ବୋଲନ୍ତି ଏଥିରୁ ତରିବାକୁ,
କେଉଁ ଉପାୟ ଅଛି ଲଙ୍କେଶ, ହେ ରାଜନ ॥ ୩୩

ବିଭୀଷଣ କହେ ଯୋଡ଼ି କର    ବିନତା-ନନ୍ଦନ ପକ୍ଷୀବର
ତାହାର ଅଇଲେ ସର୍ପ ପଳାଇବେ,
ଦେବ ସୁମରଣା ତାକୁ କର ହେ, ଶ୍ରୀ ଦେବ ॥ ୩୪

ରାମ ବୋଲନ୍ତି ଏ କଷ୍ଟ ସହି    ଦେହେ ପ୍ରାଣ କମ୍ପା ଅଛି ରହି
ମୁଁ ମାରନ୍ତି ତାକୁ ସେ ମୋତେ ମାରନ୍ତା,
ଅକାରଣେ ମଲା ମୋର ଭାଇ, ହେ ଲଙ୍କେଶ ॥ ୩୫

ରାଜ୍ୟ ଛାଡ଼ି ବନେ ବାସ କଲି    ଭାଇ ଭାରିଜାଙ୍କୁ ହରାଇଲି
ଦଇବ ଈବଳେ ଏବେ ବେନିଭାଇ,
ଅସୁର ହସ୍ତେ ବନ୍ଦୀ ହୋଇଲୁ, ହେ ଲଙ୍କେଶ ॥ ୩୬

ପୁଣି ବୋଲନ୍ତି ହେ ଲଙ୍କସାଇଁ    ଗରୁଡ଼ର ମୋର ଦେଖା ନାହିଁ
କେମନ୍ତେ ଚିନ୍ତିବ ବୋଲୁ ବୋଲେ କଷ୍ଟେ,
ଆସିବ ସେ ସୁମରି ଗୋସାଇଁ ହେ, ଶ୍ରୀ ଦେବ ॥ ୩୭

ବିଭୀଷଣର ଶୁଣି ଉତ୍ତର    ରାମ ଚିନ୍ତିଲେ ସେ ପକ୍ଷୀବର
ଯୋଗବଳେ ଜାଣି ଗରୁଡ଼ ଆସନ୍ତେ,
ପକ୍ଷୀବାତେ ଛୁଟିଲେ ସାହେର, ହେ ସୁଜନେ ॥ ୩୮

ବଇନେଇ ଆସିବାର ଜାଣି    ସର୍ପେ ପଳାଇଲେ ତତକ୍ଷଣି
ବିଚ୍ଛୁରିଲେ ଦୈତ୍ୟ ନ ଜାଣି ପେଷିଲା,
ରାମଚନ୍ଦ୍ର ହୃଷ୍ଟେ ଚକ୍ରପାଣି, ହେ ଶ୍ରୀରାମ ॥ ୩୯

ଏତେ ଖଳ ସମୁଦ୍ରେ ପଶିଲେ　　　　ରାମ ଲକ୍ଷ୍ମଣ ଫାଶ ଫିଟିଲେ

ସ୍ୱର୍ଗୁ ସୁଧା ଆଣି କଶ୍ୟପ-ନନ୍ଦନ,

ରାମ ଲକ୍ଷ୍ମଣ ଅଙ୍ଗେ ସିଞ୍ଚିଲେ, ସେ ଗରୁଡ଼ ॥ ୪୦

ପକ୍ଷୀରାଜ ବୋଲେ ଦୈତ୍ୟ ମାର　　　　ଏତେ କହି ଗଲା ନିଜ ପୁର

ବିଭୀଷଣ ମନେ ବିଚାର କରଇ,

ସ୍ୱୟଂ ବିଷ୍ଣୁ ମର୍ତ୍ତ୍ୟେ ଅବତାର, ସେ ନିଶ୍ଚୟେ ॥ ୪୧

ରାମ ପୟର କମଳ ଦୁଇ　　　　ରଘୁନାଥ ମନ-ଅଳି ଧାଇଁ

ଭବ-ଜଳଧି ତରିବାକୁ ଏ ପାଦ,

ବିନୁ ନାହିଁ ଅନ୍ୟ ଗତି ନାହି, ହେ ସୁଜନେ ॥ ୪୨

●

## ରାଗ— **ମଙ୍ଗଳଗୁଜ୍ଜରୀ**

ରାମ ଲକ୍ଷ୍ମଣ ବେନି ଉଲ୍ଲାସେ ସୁସ୍ଥ ହୋଇ ।
ବସି ବିଭୀଷଣଙ୍କୁ ପୁଚ୍ଛିଲେ ରଘୁସାଇଁ ହେ ॥ ୧

ଆହେ ଲଙ୍କପତି ତୁମ୍ଭେ ଉବୁରିଲ କାହିଁ ।
ଚଣ୍ଡାଳ ରାକ୍ଷସ ମୋର ସୈନ୍ୟ ଗଲା ହନ୍ଧି ହେ ॥ ୨

ଶିରେ କର ଦେଇ କହେ ନିକଷା-ତନୟେ ।
ମାୟାଯୁଦ୍ଧ ଦେଖି ଦେବ ପଳାଇଲି ଭୟେ ହେ ॥ ୩

ସୁବଳୟା ପର୍ବତରେ ଲୁଚି ବସିଥିଲି ।
ସୈନ୍ୟ ଲଙ୍କା ଗଲେ ମୁହିଁ ଏଥକୁ ଆଇଲି ହେ ॥ ୪

ଶ୍ରୀଅଙ୍ଗକୁ ଦ୍ରୋହ ଦେବ ଚଣ୍ଡାଳ ପାମର ।
ଏହିକାଳେ ଦେବ ଆମ୍ଭେ ମାରିବା ଅସୁର ହେ ॥ ୫

ସୁଗ୍ରୀବ ଆଦି ସେନାଏ ସନମତ କଲେ ।
ପାଚେରି ଡେଇଁଣ ଲଙ୍କା ଗଡ଼ରେ ପଶିଲେ ହେ ॥ ୬

ଠଣା ପାଇକକୁ ମାରି ଦ୍ୱାର ଫେଡ଼ି ଦେଲେ ।
ସମସ୍ତ ବାନର ସୈନ୍ୟ ଭିତରେ ପଶିଲେ ହେ ॥ ୭

ଗୃହଦ୍ୱାରେ ହଣାହଣି ହୋଇଲା ଅପାର ।
ନଗରଜନମାନେ ସର୍ବେ କଲେ ଉଚ୍ଚ ସ୍ୱର ଯେ ॥ ୮

ଅସୁରଙ୍କ ରୁଧିରେ ବହିଲା ରକ୍ତ ନଦୀ ।
ଅନେକ ଅସୁର ରାମ ପକାଇଲେ ଛେଦି ଯେ ॥ ୯

ମୁଖରାବ ଶୁଣି ଲଙ୍କପତି ନିଦ୍ରା ଭଙ୍ଗେ ।
ଇନ୍ଦ୍ରଜିତ କୁମରକୁ ହକାରିଲା ବେଗେ ଯେ ॥ ୧୦

କେମନ୍ତେ ତୁ ରାମ ଲକ୍ଷ୍ମଣଙ୍କୁ କଲୁ ହତ ।
ଏବେ ମୁଖରାବ ଧ୍ୱନି ଶୁଭଇ ବହୁତ ଯେ ॥ ୧୧

ଶିରେ କର ଦେଇ ଶକ୍ରଜିତ ବୋଲେ ଦେବ ।
ଜୀବନେ ନ ଥିଲେ କେହି ହୋଇଥିଲେ ଶବ ହେ ॥ ୧୨

ଏବେ କେଉଁ ରୂପେ ଜୀବ ପାଇଲେ ଗୋସାଇଁ ।
ସୈନ୍ୟଙ୍କୁ ପୁଚ୍ଛିବା ହେଉ ବୋଲି ଦୂଷି ରହି ସେ ॥ ୧୩

ଶୁଣି ଲଙ୍କପତି ଉଚ୍ଚେ ନିଃଶ୍ୱାସ ତେଜିଲା ।
କୁମ୍ଭକର୍ଣ୍ଣକୁ ଅଣାଅ ବୋଲି ଆଜ୍ଞା ଦେଲା ସେ ॥ ୧୪

ଏହିକାଳେ ଧୂମ୍ରାକ୍ଷ କହଇ ଯୋଡ଼ିକର ।
କମ୍ପାଇଁ ତୋଳିବ କୁମ୍ଭକର୍ଣ୍ଣ ଦଶଶିର ହେ ॥ ୧୫

ଏହିକ୍ଷଣି ଶ୍ରୀରାମ ଲକ୍ଷ୍ମଣଙ୍କୁ ସଂହାରି ।
ବିଭୀଷଣ ଆଦି କପି ଯିବେ ଯମପୁରୀ ଯେ ॥ ୧୬

ଏତେ କହି ସେ ବାହାର ରାଜାର ଆଜ୍ଞାରେ ।
ଲଙ୍କପତି କ୍ରୋଧେ ନ ବାହାରି ତା' ସଙ୍ଗରେ ଯେ ॥ ୧୭

ନିକୁମ୍ଭ ତ୍ରିଶିରା ମହୋଦର ବାହାରିଲେ ।
ପିଶୁଣ ଆଦି ରଥୀଏ ରଥ ଆରୋହିଲେ ଯେ ॥ ୧୮

ଅନେକ ସୈନ୍ୟ ସଙ୍ଗରେ ଘେନି ବାହାରିଲେ ।
ଋକ୍ଷ କପିମାନେ ମିଳି ବହୁ ଯୁଦ୍ଧ କଲେ ଯେ ॥ ୧୯

ଶ୍ରୀରାମ ନାରାଚେ ରଥୀ ହସ୍ତୀ ହେଲେ ନାଶ ।
ଏହି ମତ ଯୁଦ୍ଧ କଲେ ସୁମିତ୍ରାର ଶିଶୁ ଯେ ॥ ୨୦

ଶ୍ରୀରାମ ଲକ୍ଷ୍ମଣ ସୈନ୍ୟ ହେଲେ ଛଡ଼ାଛଡ଼ି ।
ଅର୍ଦ୍ଧ ନିଶା ଅନ୍ଧାରେ କେ ନ ପାରିଲେ ବାରି ଯେ ॥ ୨୧

ଅଙ୍ଗଦ ହନୁମନ୍ତଙ୍କୁ ଦେଖିଣ ଧାଇଁଲେ ।
ମାଲ ଯୁଦ୍ଧେ ଧରି ହନୁ ବିଧାଏ ମାଇଲେ ଯେ ॥ ୨୨

ରୁଧିର ଉଦ୍‌ଗାରି ଦୈତ୍ୟ ହାରିଲାକ ପ୍ରାଣ ।
ଶ୍ରୀରାମଙ୍କୁ ଦେଖି କହେ ବଧାଇ ତକ୍ଷଣେ ଯେ ॥ ୨୩

ଧୂମ୍ରାକ୍ଷକୁ ଦେଖି ରଥୁଁ ଆଣିଲା ହକୁଡ଼ି ।
ନାତେକ ମାରନ୍ତେ ରଥୁଁ ପଡ଼ ପ୍ରାଣ ଛାଡ଼ି ଯେ ॥ ୨୪

ଦେଖିଣ ପାବନି ଫିଙ୍ଗି ଦେଲା ମୃତ୍ୟୁ ଶବ ।
ନିକୁମ୍ଭ ଉପରେ ଯାଇ ପଡ଼ିଲା ସେ ବେଗ ଯେ ॥ ୨୫

ଦେଖିଣ ଦଇତ ରଥୁ ଛାଡ଼ି ପଳାଇଲା ।
ସୁଗ୍ରୀବର ହାତରେ ସେ ତହୁଁ ହତ ହେଲା ଯେ ॥ ୨୬

ପଛକୁ ନ ଗୃହିଁ ଦୈତ୍ୟେ ଗଡ଼ରେ ପଶିଲେ ।
ଦ୍ୱାରେ ଲକ୍ଷ୍ମଣଙ୍କୁ ରଖି ରାମ ଗୋଡ଼ାଇଲେ ଯେ ॥ ୨୭

ରାଜା ସିଂହଦ୍ୱାର ଠାରୁ ବାହୁଡ଼ି ଆସନ୍ତି ।
ନଗ୍ରଜନମାନଙ୍କୁ ଗୃହିଁଣ ରଘୁପତି ଯେ ॥ ୨୮

ତୁମ୍ଭେ ସର୍ବେ ଜାଣିଥିବ ମୋର ଦୋଷ ନାହିଁ ।
ପଞ୍ଚବଟୀ ବନୁ ସୀତା ଆଣିଲା ଚୋରାଇ ଯେ ॥ ୨୯

ମାଗି ଆସିବା ଲୋକକୁ ମାରେ ଦଶଶିର ।
ଏବେ ଦେଲେ ବାହୁଡ଼ିବ ସୀତାହ୍ୟା ମୋହୋର ଯେ ॥ ୩୦

ନ ଦେଲେ ମାରିବ ମୁହିଁ ସର୍ବେ ଥାଅ ଜାଣି ।
ଶୁଣି ଲଙ୍କା ଜନେ ପ୍ରଶଂସିଲେ ରଘୁମଣି ଯେ ॥ ୩୧

ଏତେ କହି ଶ୍ରୀରାମ ଯେ ତହୁଁ ବାହୁଡ଼ିଲେ ।
ସର୍ବ ସୈନ୍ୟ ଘେନି ବେନି ଭ୍ରାତ ଚଳିଗଲେ ଯେ ॥ ୩୨

ସୁବଳାଦ୍ରି ପର୍ବତରେ ହୋଇଲେ ପ୍ରବେଶ ।
ନିତ୍ୟକର୍ମ ସାରି କନ୍ଦମୂଳ କଲେ ଗ୍ରାସ ॥ ୩୩

ମୃଗଗ୍ରୁଲେ ପହୁଡ଼ିଲେ ଜାନକୀ ବଳାସ ।
ରାମ ପାଦ ଚନ୍ଦ୍ର କହେ ରଘୁନାଥ ଦାସ ଯେ ।। ୩୪

●

## ରାଗ— **ମୁଖାରୀ**

ରାକ୍ଷସ ସୈନ୍ୟ ଭୟେ ପଳାଇଲେ ଲଙ୍କା ନଗରେ ଯାଇଣ ପଶିଲେ
ରାବଣ, ତାଙ୍କୁ ଦୂରୁ ଅନାଇଁ
ପଛକୁ ନ ଚାହିଁ ଯାନ୍ତି ପଳାଇ ।। ୧

ରାଜା ନିକଟରେ ପ୍ରବେଶ ହେଲେ ଲେଉଟି ଯୁଦ୍ଧ ବାରତା କହିଲେ
କ୍ରୋଧରେ, କହଇ ଦଶଶିର,
ଗଡ଼େ ପଶିଲା ଆସି ଜଟାଧାରୀ ।। ୨

ଦ୍ୱାରୀମାନଙ୍କୁ ପାଶକୁ ହକାରି କ୍ରୋଧେ ତାହାଙ୍କୁ ବୋଲେ ଦଶଶିରି
ତୁମ୍ଭେ ରେ, ଦ୍ୱାର କମ୍ପା ଫେଡ଼ିଲ,
ଶତ୍ରୁକୁ ମୋର ମନ୍ଦରେ ଆଣିଲ ।। ୩

ସିଂହ ମନ୍ଦରେ ପଶିଲା ଶୃଗାଳ ବିଶ୍ୱାସଣ ରାଜା ବୋଲୁଣ ଭଲ
କ୍ରୋଧରେ, ଆଗ୍ୟାଂ ଦେଲା ରାବଣ,
ନଗ୍ର ବାହାରେ ଦ୍ୱାରୀ କ ରୁ ହାଣ ।। ୪

ଦୋଷାଧୂ ଧରି ନେଇ ବେଗେ ତାକୁ ଶିର ଛେଦିଲା ସେ ଦ୍ୱାରପାଳକୁ
ସତ୍ୱରେ, ରାଜା ପାଶରେ ଯାଇ,
କରଯୋଡ଼ି ଉଭା ଅଛଇ ହୋଇ ।। ୫

ସେନାମାନଙ୍କୁ ତିରସ୍କାର କରି ମହୋଦରକୁ ପାଶକୁ ହକାରି
ତୁ ଏବେ, କୁମ୍ଭକର୍ଣ୍ଣକୁ ତୋଳ,
ଆଜରେ ନାଶ ନୋହେ କପିବଳ ।।୬

ମହୋଦର ଶିରେ ଯୋଡ଼ିଣ କର ସତ୍ୱରେ ଗଲା କୁମ୍ଭକର୍ଣ୍ଣ ପୁର
ନିଯୋଗୀ, ସ୍ତ୍ରୀମାନଙ୍କୁ ବେଗେ,
ବାରତା ଦେଇ କଢ଼ାଇଲା ଆଗେ ।।୭

ଚାମର ଖଡ୍ଗ ଆଲଟ ପକାଇ          ଛତ୍ର ଘଣ୍ଟା ବୀଣା ମର୍ଦ୍ଦଳ ଥୋଇ
ହୁଡ଼ପ, ଧୂପକାଠି ଆଣିଲେ,
ସମସ୍ତ ଅଙ୍ଗନା ବାହାର ହେଲେ ॥୮

ତହିଁ ପ୍ରବେଶ ହେଲା ମହୋଦର          ନିଦ୍ରା ଭଙ୍ଗକୁ କଲା ଉପଚାର
ପାରୁଣେ, ନାନା ବାଦ୍ୟ ବଜାଇ,
କର୍ଣ୍ଣମୂଳେ ରଡ଼ି ପାଡ଼ନ୍ତି ରହି ॥୯

ନିଃଶ୍ୱାସ ବାତେ ଉଡ଼େ ପୁର ଚାଲ          ଝିଙ୍କନ୍ତି ମାଲେ କରେ ପୁଷ୍ଟ ବାଳ
ତାଡ଼ନ୍ତି, ମାଲେ ତାକୁ ବହୁତ,
ନିଦ୍ରା ଭଙ୍ଗ ହେଲା ବିଶ୍ରବା-ସୁତ ॥୧୦

ବେନି ସହସ୍ର କୁମ୍ଭ ସୁରା ପିଇ          ଅନେକ ପଶୁ ଗ୍ରାସ କଲା ତହିଁ
ଭୋଜନ, ଷଡ଼ରସ ପ୍ରକାରେ,
ଆଚେବନ ସାରି ବସି ଖଟରେ ॥୧୧

ମହୋଦରକୁ ଚାହିଁ ପଚାରଇ          ନିଦ୍ରା ଭଙ୍ଗ କଲୁ ମୋର କିମ୍ପାଇଁ
ନିକଟେ, କହଇ ମହୋଦର,
ରାଜା ଆଜ୍ଞାରେ ଏବେ ଆସ ବୀର ॥୧୨

କି କାର୍ଯ୍ୟ ବୋଲି କୁମ୍ଭକର୍ଣ୍ଣ ପୁଚ୍ଛି          ମହୋଦର ସବୁ କହିଲେ ସଞ୍ଚି
ଏମନ୍ତ, ଶୁଣି ବାହାର ହେଲା,
ଆଜି ନିଃଶତ୍ରୁ କରିବ ବୋଇଲା ॥୧୩

ରାବଣ ପୁରେ ହୋଇଲା ପ୍ରବେଶ          ନମସ୍କାର କରି ଥୋଇଲା ବାସ
ଉଠିଣ, ଲଙ୍କପତି ବହନ,
କୋଳ କରି ବସାଇଲା ଆସନ ॥୧୪

ଇନ୍ଦ୍ରଜିତ ଆଦି ସକଳ ଦୈତ୍ୟେ          କୁମ୍ଭକର୍ଣ୍ଣକୁ ଓଳଗି ତୁରିତେ
ରାଜାକୁ, ଚାହିଁ ପୁଚ୍ଛନ୍ତି ବୀର,
କି କାର୍ଯ୍ୟ କରିବ କୁହ ତୁମ୍ଭର ॥୧୫

ରାବଣ ବୋଲଇ ଶୁଣ ସାନୁଜ          ନିଦ୍ରା ଭୋଗରେ ହୋଇଲୁ ନିସ୍ତେଜ
ସମ୍ପଦ, ବିପଦ ନ ବୁଝିଲୁ,
ରାଜ୍ୟର ହାନି ଲାଭ ନ ଜାଣିଲୁ ॥୧୬

ଅଯୋଧ୍ୟା ରାଜା ଦଶରଥ ଶିଷ    ଦଣ୍ଡକାରଣ୍ୟେ କରିଥିଲେ ବାସ
ସଙ୍ଗତେ, ଭାଇ ଭାରିଜା ଘେନି,
ସୁର୍ପଣଖା ନାସା ଶ୍ରବଣ ଛିନ୍ନି ॥ ୭

ଖର ଦୂଷଣ ତ୍ରିଶିରା ମାଇଲା    ସୁର୍ପଣଖା ଆସି ମୋତେ କହିଲା
ଶୁଣିଣ, ନାରୀ ଆଣିଲି ହରି,
ଅଶୋକ ବନେ ଅଛୁ ବନ୍ଦୀ କରି ॥୧୮

ସୁଗ୍ରୀ ସଙ୍ଗତେ ଋଷ୍ୟମୂକେ ମିତ    ହୋଇ ବାଳୀକି ଘାତ କଲା ହତ
ସମସ୍ତ, କପିବଳ ସହିତେ,
ସୁଗ୍ରୀବ ଅଛୁ ଶ୍ରୀରାମ ସଙ୍ଗତେ ॥୧୯

ସିନ୍ଧୁରେ ସେତୁ ବାନ୍ଧି ପାରି ହେଲେ    ସୁବେଳ ଗିରିରେ ଆସି ରହିଲେ
ମାଇଲେ, ପୁଅ ନାତି ମୋହର,
ଏବେ କି କରିବା କହ ବିଚାର ॥୨୦

କୁମ୍ଭକର୍ଣ୍ଣ କହେ ଯୋଡ଼ିଣ କର    'ତୁମ୍ଭେ ତ କଲ ଅନୀତି ବିଚାର
ରାଜାସ୍ତେ, ଶୁଣି କରିବେ ହାସ୍ୟ,
ବୃଥାର୍ଥେ ସମ୍ପଦ କଲ ଯେ ନାଶ ॥୨୧

ଖରମାନଙ୍କେ ଭୂଷଣ ଆପଣ    ଏବେ ହେଲ ସ୍ତ୍ରୀ ଚୋର ଦୂଷଣ
ଅନ୍ୟାୟ, ବହୁ ସହିବ କେତେ,
ସଗୋଷ୍ଠ ମରିବ ରାମ ହସ୍ତେ ॥୨୨

ବନେ ଥିଲେ ଏକା ରାମ ଲକ୍ଷ୍ମଣ    ସେହି କାଳେ କମ୍ପା ନ କଲ ରଣ
ରାମଙ୍କୁ, ସୁଗ୍ରୀ ସାହା ହୋଇଲେ,
କି ହୋଇବ ଏବେ ମୋତେ କହିଲେ ॥୨୩

ସତୀ ଜାନକୀ ପତିବ୍ରତା ନାରୀ    ବିଚାର ନ କରି ଆଣିଲ ହରି
ପାଶରେ, ମନ୍ତ୍ରୀ ନାହିଁ ତୁମ୍ଭର,
ବିଚାର ଦେଲେ ଅନୀତି ଆଚର ॥୨୪

ମହୋଦର କହେ ଶୁଣ ହେ ବୀର    ଲଙ୍କାପତିଙ୍କି କହୁଛ ବିଚାର
ବୁଦ୍ଧିକି, କେହି ନୁହଇ ସରି,
ତୁମ୍ଭେ କହୁଛ ତାହାଙ୍କୁ ଡରି ॥୨୫

ବୋଲୁଁ ବୋଇଲେ ଆହେ ମହୋଦର  ତୁମ୍ଭ ବଗୃରେ ହେଲ ଏତେ ଦୂର
ରାବଣ, ବୋଲେ ରେ କୁମ୍ଭକର୍ଣ୍ଣ,
ରାମ ପାଶେ ତୁମ୍ଭେ ପଶ ଶରଣ ।।୨୬

ବିଭୀଷଣ ତ ପଶିଛି ଶରଣ  ମୋ ଅନ୍ତେ ପୁଣି ହୋଇବ ରାଜନ
ଏମନ୍ତ, କହି ମନ୍ତ୍ରୀକି ରାଇ,
ସୈନ୍ୟ ସାଜ ଯୁଦ୍ଧ କରିବ ମୁହିଁ ।।୨୭

ଶୁଣି କୁମ୍ଭକର୍ଣ୍ଣ ବୀର ଉଠିଲା  ନମସ୍କାର କରି ଶୂଳ ଧରିଲା
ଗର୍ଜନ, କରି ବାହାର ହୋଇ,
ଚିନ୍ତ ରଘୁନାଥ ଦାସ କହଇ ।।୨୮

●

**ଲଙ୍କା ଆଦ୍ୟଲୀଳା ସମ୍ପୂର୍ଣ୍ଣ**

# ଲଙ୍କା ଦ୍ୱିତୀୟ ଲୀଳା

## ରାଗ—ମଙ୍ଗଳଗୁର୍ଜ୍ଜରୀ

ଚତୁରଙ୍ଗ ବଳ ଘେନି ରାବଣ କନିଷ୍ଠ ।
ଲଙ୍କାଗଡ଼ରୁ ବାହାର ହୋଇଲା ତୁରିତ ଯେ ॥ ୧

ମନ୍ଦର ପର୍ବତ ପ୍ରାୟ ଦିଶଇ ଦୂରକୁ ।
ଭୟ କରି ପଳାଇଲେ ଦେଖିଣ ତାହାକୁ ଯେ ॥ ୨

ଶ୍ରୀରାମ ଦେଖିଣ ବିଭୀଷଣଙ୍କୁ ଚାହିଲେ ।
ପର୍ବତ ପରାୟେ କିସ ଦିଶୁଛି ବୋଇଲେ ଯେ ॥ ୩

ହୁଙ୍କାର ଶବଦ ଶୁଭଇ କାହିଁ ପାଇଁ ।
ଗଡ଼ ଛାଡ଼ି ସୈନ୍ୟ କମ୍ପି ଆସନ୍ତି ପଳାଇ ଯେ ॥ ୪

ଶିରେ କର ଦେଇ ବିଭୀଷଣ ଜଣାଇଲା ।
ହେ ଦେବ ଏ କୁମ୍ଭକର୍ଣ୍ଣ ଯୁଦ୍ଧକୁ ଆଇଲା ହେ ॥ ୫

ସମାନ ନୁହଇ ଏ ଅସୁରକୁଳ ଷଣ୍ଢ ।
ଋକ୍ଷ କପିବଳଙ୍କୁ ଏ ଦେବ ନଷ୍ଟେ ଦଣ୍ଡ ହେ ॥ ୬

ଅତି କ୍ରୋଧେ ଏହାଙ୍କୁ ତୋଳିଲା ଲଙ୍କପତି ।
କଣ୍ଠ ନ ପୂରୁଁ ଉଠିଲା ମରିବ ଏ ଘାତି ହେ ॥ ୭

ଏମନ୍ତ ଶୁଣିଣ ରାମ କନ୍ଧେ ତୂଣ ଭିଡ଼ି ।
କୋଦଣ୍ଡ ନାରାଚ କରେ ଘେନିଣ ବାହାରି ଯେ ॥ ୮

ଲକ୍ଷ୍ମଣ ସୁଗ୍ରୀବ ବିଭୀଷଣ ସେନାମାନେ ।
ଶ୍ରୀରାମ ସଙ୍ଗତେ ଯାଇ ହେଲେ ଯୁଦ୍ଧସ୍ଥାନେ ଯେ ॥ ୯

ରାକ୍ଷସଙ୍କୁ ଦେଖି ଋକ୍ଷ କପି ଯୁଦ୍ଧ କଲେ ।
କୁମ୍ଭକର୍ଣ୍ଣ ଧାଇଁ ଋକ୍ଷ କପିଙ୍କି ଗିଳିଲେ ଯେ ॥ ୧୦

ଏହା ଦେଖି ସୁଗ୍ରୀବ ଓଗାଳି କୁମ୍ଭକର୍ଣ୍ଣ ।
ବୃକ୍ଷେକ ଉପାଡ଼ି ତାକୁ ମାଇଲେ ବହନ ଯେ ॥ ୧୧

ଅଙ୍ଗରେ ବାଜନ୍ତେ ଦୈତ୍ୟ ବିମୁଖ ପାଇଲା ।
ସୁଗ୍ରୀବ ଅଙ୍ଗକୁ ଶୂଳ କ୍ରୋଧରେ ମାଇଲା ଯେ ॥ ୧୨

କପିପତି ମୋହଗତ ହୋଇଣ ପଡ଼ିଲେ ।
ଦେଖିଣ ସେ କୁମ୍ଭକର୍ଣ୍ଣ ବହନ ଧାଇଁଲେ ଯେ ॥ ୧୩

ଧରି ଦୃଢ଼େ ଭିଡ଼ି ରଥେ ବସି ବାହୁଡ଼ିଲା ।
ଲଙ୍କା ଭୁବନକୁ ଘେନି ବେଗେ ଚଳିଗଲା ସେ ॥ ୧୪

ଏ କପି ଈଶ୍ୱର ଯୁଦ୍ଧେ ଜସ୍ନ ଆଜ ମୋତେ ।
ରାବଣକୁ ଦେବି ବୋଲି ଆସଇ ତୁରିତେ ସେ ॥ ୧୫

ହନୁ ଅଙ୍ଗଦ ସଙ୍ଗତେ ଅଛନ୍ତି ଗୋଡ଼ାଇ ।
ବୋଲନ୍ତି କୋପିବେ ରାଜା ଘେନିଲେ ଛଡ଼ାଇ ଯେ ॥ ୧୬

ଏ ସମୟେ ଚେତନା ପାଇଲେ ସୁଗ୍ରୀବର ।
ନାସିକା ଶ୍ରବଣ ବେଗେ ଛିଣ୍ଡାଇଲେ ତାର ଯେ ॥ ୧୭

ବଳମି ଆସିଣ ରାମ ଛାମୁରେ ମିଳିଲେ ।
ନାସା ଶ୍ରବଣ ଥୋଇଣ ନମସ୍କାର କଲେ ଯେ ॥ ୧୮

ଗିରି ଶୃଙ୍ଗ ପ୍ରାୟେ ତାର ନାସିକା ଶ୍ରବଣ ।
କେମନ୍ତେ ଆଣିଲ ଏକା ହୋଇ ତୁମ୍ଭେ ପୁଣ ହେ ॥ ୧୯

ସୁଗ୍ରୀବ ବୋଇଲେ ଦେବ କୁମ୍ଭକର୍ଣ୍ଣ ମୋତେ ।
ଧରି ନେଉଥିଲା ଚେତା ପାଇଲି ତୁରିତେ ହେ ॥ ୨୦

ବେନି କରେ ବେନି କର୍ଣ୍ଣ ଛିଣ୍ଡାଇଲି ତାର ।
ନାସିକା ଦନ୍ତେ ଛିଣ୍ଡାଇ ଆଣିଲି ମୁଁ ତାର ଯେ ॥ ୨୧

ଦେଖିଣ ଶ୍ରୀରାମ ସୁଗ୍ରୀବଙ୍କୁ ପ୍ରଶଂସିଲେ ।
ଆନରେ ଏ କର୍ମମାନ ନୋହୋଇ ବୋଇଲେ ସେ ॥ ୨୨

ଲଙ୍କା ପାଇ ବାହୁଡ଼ିଲା ବିଶବାର ସୁତ ।
ଋକ୍ଷ ରାକ୍ଷସ ମିଶାଇ ଭୁଞ୍ଜିଲା ବହୁତ ସେ ॥ ୨୩

ଶ୍ରୀରାମ ନିକଟେ ଆସି ପ୍ରବେଶ ହୋଇଲା ।
ଆଜି ଯମ ପ୍ରାଣ ନିଶ୍ଚେ ଘେନିବି ବୋଇଲା ସେ ॥ ୨୪

ଦେଖି ରାମଚନ୍ଦ୍ର ଅର୍ଦ୍ଧଚନ୍ଦ୍ର ବାଣ ମାରି ।
ବେନି ବାହା କାଟି ପକାଇଲେ ବେଗ କରି ଯେ ॥ ୨୫

କୋପରେ ରାକ୍ଷସ ରାମ ଉପରକୁ ଧାଇଁ ।
ତୀକ୍ଷ୍ଣ ଶର ମାରି ରାମ ପାଦ ତା ଛିଣ୍ଡାଇ ଯେ ॥ ୨୬

ଭୟଙ୍କର ରୂପ ଧରି ରାବଣ ନନ୍ଦନ ।
ତେଣିକି ଋକ୍ଷ କପିବଳ ଗିଳିଲା ବନ୍ଧନ ଯେ ॥ ୨୭

ବ୍ରହ୍ମଶର ମନ୍ତ୍ରିଣ ମାଇଲେ ରଘୁପତି ।
ହୃଦରେ ବ ଜନ୍ତେ ପ୍ରାଣ ହାରି ପଡ଼ି କ୍ଷିତି ଯେ ॥ ୨୮

ଗର୍ଜନ କରନ୍ତେ ସ୍ଥିର ନୋହେ ସିନ୍ଧୁ ଜଳ ।
ଆକାଶେ ଥାଇଣ ଭୟ କଲେ ଦିଗପାଳ ଯେ ॥ ୨୯

ଲଙ୍କାଗଡ଼ ଭାଙ୍ଗି ମୁଣ୍ଡ ପଡ଼ିଲା ତାହାର ।
ଅଙ୍ଗ ଅଙ୍ଗ ପଡ଼ିଲା ଯେ ସମୁଦ୍ର ଭିତର ଯେ ॥ ୩୦

ଋକ୍ଷ କପିମାନେ ଅଙ୍ଗେ ଉଠିଲେ ତାହାର ।
ସୁବଳାଖ୍ୟ ପର୍ବତକୁ ଗଲେ ରଘୁବୀର ଯେ ॥ ୩୧

ନିତ୍ୟକର୍ମ ସାରି ଫଳମୂଳ ଗ୍ରାସ କଲେ ।
ରଜନୀ ଅବଶେ ମୃଗଚ୍ଛାଲେ ବିଜେ କଲେ ଯେ ॥ ୩୨

ଧନୁଶର ଧରି ସଉମିତ୍ରି ଜଗି ବସି ।
ରଘୁନାଥ ଦାସ ଏହା ଚନ୍ଦ୍ର ଗୀତେ ଭାଷି ଯେ ॥ ୩୩

●

## ରାଗ— ଚକ୍ରାକେଦାର

ରାବଣ ଆଗେ କହଇ ଚର    ଦେବ ଶୁଣ ତ୍ରିଲୋକ ଈଶ୍ୱର
ଯତି ସଙ୍ଗତେ ଅନେକ ଯୁଦ୍ଧ କରି,
ହତ ହେଲା କୁମ୍ଭକର୍ଣ୍ଣ ବୀର ହେ, ମୋ ଦେବ ॥ ୧

ଭ୍ରାତ ମରଣ ଶୁଣି ରାବଣ    ଅତି ବିକଳେ କରେ କାରୁଣ୍ୟ
ନାମ ଶୁଣିଲେ ଜମ୍ବୁପତି ଡରଇ,
କର୍ଣ୍ଣେ ଶୁଣିଲି ତୋର ମରଣ ରେ, ସାନୁଜ ॥ ୨

ବାଳକାଳେ ଐରାବତ ଦନ୍ତ    ଉପାଡ଼ିଲୁ ହେଳାରେ ତୁରିତ
ଆଜ ସୁରପତି ହରଷ ହୋଇବ,
ଯେବେ ଯତି କଲା ତୋତେ ହତ ରେ, ସାନୁଜ ॥ ୩

ଅତିକାୟ ଶୁଣି କୋପଭର          ରାବଣକୁ କହେ ଯୋଡ଼ିକର
ମୋତେ ଆଜ୍ଞା ଦିଅ ସଂଗ୍ରାମରେ ଆଜ,
ମାରି ଆସିବି ନର ବାନର ହେ, ଭୋ ଦେବ ॥ ୪

ନିଃଶଙ୍କ ମୁଁ କରିବି ରାଜନ          ଶୋକ ସମ୍ଭାଳି କହେ ରାବଣ
କୁମ୍ଭକର୍ଣ୍ଣଙ୍କୁ ମାରିଲା ଜଟାଧାରୀ,
ତାକୁ ଇତର ପ୍ରାୟେ ନ ମ ରେ, କୁମର ॥ ୫

ସଙ୍ଗେ ନିଅ ଚତୁରଙ୍ଗ ବଳ          ହେଳା ନ କରି କର ସମର
ଶୁଣି ସେ ତକ୍ଷଣେ ଯାଇ ଋକ୍ଷ କପି---
ସେନା ସଙ୍ଗତେ ଆରମ୍ଭି ଗୋଳ, ସେ ଅସୁର ॥ ୬

ହନୁ ସୁଗ୍ରୀ ଆଦି ବଳିଷ୍ଟ          ନ ସହିଲେ ତାର ବାଣ ଟାଣ
ଋକ୍ଷକପି ସେନାମାନେ ପଳାଇଣ,
ରାମ ଲକ୍ଷ୍ମଣେ ପଶି ଶରଣ, ସେ ବାନରେ ॥ ୭

ଆଗଭର ହୋଇଣ ଲକ୍ଷ୍ମଣ          ତାର ସଙ୍ଗେ କଲେ ଘୋରରଣ
ସମୀର ବଚନେ ବ୍ରହ୍ମଶର ମାରି,
ଅତିକାୟ ମସ୍ତକ କାଟିଣ, ସେ ଲକ୍ଷ୍ମଣ ॥ ୮

ଦେଖି ଭାଜିଲେ ଦନୁଜ ବଳ          ସର୍ବେ ହୋଇଲେ ସେ ହତବଳ
ସୁଗ୍ରୀ ଆଦି ସୈନ୍ୟ ସମର କରନ୍ତେ,
ସବୁ ଦୈତ୍ୟେ ଗଲେ ଯମ ଆଳ, ସେ କାଳରେ ॥ ୯

ରାବଣ ଆଗେ କହିଲା ଚର          ଯୁଦ୍ଧେ ମଲା ଅତିକାୟ ବୀର
ଶ୍ରୀରାମ ସାନୁଜ ବ୍ରହ୍ମଶର କଲା,
ଶୁଣି ଶୋକଭର ଦଶଶିର, ସେ କାଳରେ ॥ ୧୦

ବୋଧି କହେ ଇନ୍ଦ୍ରଜିତ ବୀର          ଋକ୍ଷ କପି କରିବି ସଂହାର
ଏ ଯାନ୍ତ୍ର ବ୍ରହ୍ମାଦି ରଖି ନ ପାରିବେ,
ମୋତେ ଆଜ୍ଞା ଦିଅ ଲଙ୍କେଶ୍ୱର ହେ, ଭୋ ଦେବ ॥ ୧୧

ଶୁଣି ଶୋକ ସମ୍ଭାଳି ରାବଣ          ସ୍ନେହେ ଦେଲା ଅଙ୍ଗ ଆଭରଣ
ତୋହ ଅଇଲେ ମଣୋହ ଆଜ ମୋର
ଯାଇ ମାର ତୁ ରାମ ଲକ୍ଷ୍ମଣ, ରେ କୁମର ॥ ୧୨

ଶୁଣି ପିତାଙ୍କୁ ନମି ବାହାର          ବଟ ମୂଳେ ପୂଜ ବୈଶ୍ୱାନର
ଦେବଦଳନ ରଥ ତହୁଁ ବାହାରୁଁ,
ତହିଁ ଆରୋହିଲା ଦୈତ୍ୟ ବୀର, ସେ ରାବଣି ॥ ୧୩

ସଙ୍ଗେ ଅକଳିତ ସୈନ୍ୟ ତାର          ପ୍ରବେଶ ହେଲା ରଣ ଭୂମିର
ଦ୍ୱାର ଦହନ ଚରାଳ ଦେଖି ରାମ,
ସୁଗ୍ରୀ ଲକ୍ଷ୍ମଣ ସଙ୍ଗେ ବାହାର, ସେ ରାଘବ ॥ ୧୪

ଦୈତ୍ୟ ଆଗ କପି ସୈନ୍ୟ ମାର          ଭୟେ ପଳାଇଲେ ଋକ୍ଷ ହରି
ରହ ରହ ବୋଲି ଲକ୍ଷ୍ମଣ ଡାକିଲେ,
ଦୈତ୍ୟ ଅଙ୍ଗେ ନାରାଚ ପ୍ରହାରି, ସେ ଲକ୍ଷ୍ମଣ ॥ ୧୫

ନୂଥପତି ସୁଗ୍ରୀବର ରାଣ          ବିଭୀଷଣ ଶ୍ରୀରାମ ଲକ୍ଷ୍ମଣ
ବେଢ଼ି ମାରନ୍ତେ ଶକ୍ରଜିତ ଭୟରେ,
ଗୁଣେ ବସାଇଲା ବ୍ରହ୍ମ ବାଣ, ସେ ଦଇତ ॥୧୬

ବ୍ରହ୍ମ ଶର ଦେଖି ବିଭୀଷଣ          ଭୟେ ପଳାଇଗଲା ତକ୍ଷଣ
ମନ୍ତ୍ରି ମେଘନାଦ ପ୍ରହାର କରନ୍ତେ,
ଶର ଛେଦି ନ ପାରି ଶ୍ରୀରାମ, ସେ କାଳରେ ॥୧୭

ଅଙ୍ଗେ ଆସି ପଡ଼ିଲା ତକ୍ଷଣ          ମୋହେ ପଡ଼ିଲେ ରାମ ଲକ୍ଷ୍ମଣ
ଦେଖି ମେଘନାଦ ଶଙ୍ଖଧ୍ୱନି କରି,
ସର୍ବ ସୈନ୍ୟ ସଂହାରି ତକ୍ଷଣ, ସେ ଅସୁର ॥୧୮

ଖଣ୍ଡା ଘେନି ରଥରେ ଉଠିଲା          ଶିର ଛେଦିବା ବିଚାର କଲା
ବ୍ରହ୍ମା ବଚନେ ଶାରଦା କଣ୍ଠେ ବସି,
ବେଗ ହୋଇ ତହୁଁ ବାହୁଡ଼ିଲା, ସେ ରାକ୍ଷସ ॥୧୯

ମନେ ବିଚାରେ ରାବଣ-ସୁତ          କିମ୍ପା କରିବି ଏମନ୍ତ କୃତ୍ୟ
ମଲା ଲୋକଙ୍କୁ ମାଇଲେ କେଉଁ ଯଶ,
କ୍ଷତ୍ରି ଧର୍ମର ନୋହେ ଉଚିତ, ସେ ଦନୁଜ ॥୨୦

ଏତେ ଭାଳି ରଥରେ ବସିଲା          ସୈନ୍ୟ ସହିତେ ଗଡ଼େ ପଶିଲା
ପିତା ଚରଣେ ଓଳଗି ଉଭା ହୋଇ,
ଶତ୍ରୁ ତୋର ମାଇଲି ବୋଇଲା, ସେ ଦନୁଜ ॥୨୧

ଶୁଣି ରାବଣ ସନ୍ତୋଷ ହୋଇ    କୋଳ କରି ପୁତ୍ରକୁ ବସାଇ
କେମନ୍ତେ ବାବୁ ଯଜ୍ଞକ ହତ କଲୁ,
ବିଭୀଷଣ ହତ ହେଲା କାହିଁ, ରେ କୁମର ॥୨୨

କର ଯୋଡ଼ି କହେ ଇନ୍ଦ୍ରଜିତ    ବ୍ରହ୍ମଶରେ କଲି ସବୁ ହତ
ଶୁଣି ରାବଣ ବୋଲଇ ତୋହ ପରା,
ଷଣ୍ଢି କଲୁ କର୍ମ ଅନୋଚିତ, ରେ କୁମର ॥୨୩

ସେହୁ ଅଟନ୍ତି ନର ବାନର    ତାଙ୍କୁ ଭ୍ରମାଇଲୁ ବ୍ରହ୍ମଶର
ଇନ୍ଦ୍ରଜିତ କହେ ରାମ କି ମନୁଷ୍ୟ ?
ସୁଗ୍ରୀବାଦିଙ୍କି ଲେଖ ବାନର, ହେ ପିଅର ॥୨୪

ନର ବାନରଙ୍କ ହସ୍ତେ କାହିଁ    କୁମ୍ଭକର୍ଣ୍ଣ ଅକ୍ଷୟ ମରଇ
ବ୍ରହ୍ମଶର ତନବେଲ ନ ପେଷିଲେ,
ଆଜ ବାହୁଡ଼ି ଆସନ୍ତା ନାହିଁ ହେ, ଭୋଦେବ ॥୨୫

ଶୁଣି ରାବଣ ହରଷ ହେଲା    ଯୋଦ୍ଧାମାନଙ୍କୁ ମେଲାଣି ଦେଲା
ଇନ୍ଦ୍ରଜିତକୁ ପରିତୋଷ କରଣ,
ନିଜ ପୁରେ ନିଶ୍ଚିନ୍ତେ ରହିଲା, ସେ ରାବଣ ॥୨୬

ଏଥୁଅନ୍ତେ ବିଭୀଷଣ ବୀର    ରାମ ସୈନ୍ୟେ ମିଳିଲା ସତ୍ୱର
ସେନା ଯୂଥପତିମାନଙ୍କୁ ତୋଳନ୍ତେ,
ଚେତ ଉଠିଲେ ସେ ସର୍ବ ବୀର, ସେ ସେନାଏ ॥୨୭

ରାମ ନିକଟେ ପ୍ରବେଶ ହେଲେ    ଚେତା ଅଛି ଅଶକ୍ତ ଦେଖିଲେ
ସୁଷେଣ ବଚନ ଶୁଣି ହନୁମନ୍ତ,
ହେମବନ୍ତ ପର୍ବତେ ମିଳିଲେ, ସେ ମାରୁତି ॥୨୮

ମହୌଷଧି ନ ପାଇଲେ ଚିହ୍ନି    ଗିରି ସହିତେ ବହି ମୂର୍ଦ୍ଧନି
ସଂଗ୍ରାମ ଭୂମିରେ ପ୍ରବେଶ ହୁଅନ୍ତେ,
ମହୌଷଧି ତହୁଁ ନେଲେ ଚିହ୍ନି, ସେ ସୁଷେଣ ॥୨୯

ପତ୍ର ଛିଣ୍ଡାଇ ତହୁଁ ଚଲିଲେ    ରାମ ଲକ୍ଷ୍ମଣଙ୍କୁ ନାଶ ଦେଲେ
ଅନେକ ବଳ ପ୍ରାକର୍ମ ପାଇ ରାମ,
ଲକ୍ଷ୍ମଣ ହିଁ ଉଠିଣ ବସିଲେ, ସେ କାଳରେ ॥୩୦

କ୍ରମେ ସମସ୍ତ ସୈନ୍ୟ ସୁର୍ଙ୍ଗିଲେ ବଳ ପ୍ରାକର୍ମବନ୍ତ ହୋଇଲେ
ଦୀନ ହୀନ ରଘୁନାଥ ଦାସ ମନ,
ରାମ ପାଦ ଚନ୍ଦ୍ର ରହୁ ଭଲେ, ହେ ସୁଜନେ ।।୩୧

●

## ରାଗ— **ମଙ୍ଗଳଗୁଜ୍ଜରୀ**

ଏଥୁଅନ୍ତେ ଶ୍ରୀରାମ ଅଗ୍ରତେ ବିଭୀଷଣ ।
ଶିରେ କର ଦେଇ ଉଭା ହୋଇଲେ ତକ୍ଷଣେ ଯେ ।।୧

ଶୁଣିମା ଦେବଦେବ ଆମ୍ଭେ ଏଥି କମ୍ପା ଥିବା ।
ଯାଚେରୀ ଡେଇଁଣ ଲଙ୍କା ଗଡ଼ରେ ପଶିବା ଯେ ।।୨

ଆମ୍ଭଙ୍କୁ ମାରି ନିଶ୍ଚିନ୍ତ ହୋଇଛି ରାବଣ ।
ଏହିକାଳେ ପୁର ଦହି ଆରମ୍ଭିବା ରଣ ଯେ ।। ୩

ସୁଗ୍ରୀବ ଅଙ୍ଗଦ ହନୁମନ୍ତ ଏହା କହି ।
ହେମନ୍ତ ଶୁଣି ସନ୍ତୋଷ ହେଲେ ରଘୁସାଇଁ ଯେ ।। ୪

ଲକ୍ଷ୍ମଣ ସୁଗ୍ରୀବ ସେନା ଯୂଥପତି ସୈନ୍ୟ ।
ଲଙ୍କାଗଡ଼ଦ୍ୱାରେ ଯାଇ ମିଳିଲେ ବହନ ଯେ ।। ୫

ଯାଚେରୀ ଡେଇଁଣ ସେନାମାନେ ଦ୍ୱାର ଫେଇ ।
ଠଣା ପାଇକ ମାରିଣ ଅନଳ ଲଗାଇ ଯେ ।। ୬

ଋକ୍ଷ କପିମାନେ ବୋବ ଦେଇଣ ଧାଇଁଲେ ।
ଲଙ୍କା ନଗ୍ର ଯାକ ଅଗ୍ନି ଲଗାଅ ବୋଇଲେ ଯେ ।। ୭

ଅନେକ ରାକ୍ଷସ ରାମ ଶରେ ନାଶ ଗଲେ ।
ବିଭୀଷଣ ଲକ୍ଷ୍ମଣ ଅନେକ ସଂହାରିଲେ ଯେ ।। ୮

ସୁଗ୍ରୀବ ସହିତେ ସେନାମାନେ ଯୁଦ୍ଧ କଲେ ।
କ୍ଷଣକେ ମାତ୍ରକେ ରକ୍ତ ନଦୀ ବୁହାଇଲେ ଯେ ।। ୯

ଅଗ୍ନିତାପେ ରାକ୍ଷସେ ହୋଇଲେ ଥୋକେ ଦହି ।
ଘର ଦ୍ୱାର ତେଜି ନଦୀ ନିକଟକୁ ଯାଇ ଯେ ।। ୧୦

ଖଣ୍ଡା ଗଣ୍ଡି ଆୟୁ ଧନଦ୍ରବ୍ୟ ଘେନିଗଲେ ।
ପୁଅକୁ ଛାଡ଼ିଣ ମାତାମାନେ ପଳାଇଲେ ଯେ ॥ ୧୧

କାହାକୁ ବାନରେ ପଥେ ଦେଖି କଲେ ହତ ।
ନିଶାଚରୀମାନେ ହେଲେ ମାନବ ସଂକାଶ ଯେ ॥୧୨

ରାକ୍ଷସୀମାନେ ବୋଲନ୍ତି ସର୍ବେ ଯିବା ନାଠ ।
କେ ବୋଲଇ ଆଜ ଆମ୍ଭେ ହୋଇବା ବିନାଶ ଯେ ॥ ୧୩

କେ ବୋଲେ ଅନାଥ ଆରମ୍ଭଇ ଦଶଶିର ।
ଏି କୋଟି ପଞ୍ଚାଶ ଲକ୍ଷ ଅଛେ ନାଶି ଯାର ଯେ ॥ ୧୪

ଶ୍ରୀରାମ ନଥିଲେ ହରି ଆଣିଲା ଏ ସତୀ ।
କେତେହେଁ ଅନ୍ୟାୟ ଆଉ ସହିବ ଧରଣୀ ଯେ ॥ ୧୫

କେ ବୋଲେ କହେତ ଭଣ୍ଡି ମାଇଲେ ରାମଙ୍କୁ ।
ଋକ୍ଷ କପିମାନେ ଯୁଦ୍ଧେ ସମ କି ଆମ୍ଭଙ୍କୁ ଯେ ॥ ୧୬

ଏବେ କମ୍ପା ପୁରେ ଲୁଚଅଛି ଦଶଶିର ।
ଗଡ଼େ ପଶିଛନ୍ତି ଯୁଦ୍ଧେ ନ ମାରେ କି କରି ଯେ ॥ ୧୭

ଏମନ୍ତ ବୋଲିଣ ନଗ୍ର ଲୋକେ ଚିନ୍ତା କରି ।
ରୋଦନ କରନ୍ତେ ଲଙ୍କାଗଡ଼େ ପଡ଼େ ହୁରି ଯେ ॥ ୧୮

ଗୃହଦ୍ୱାରେ ଅନଳ ଲଗାଇ କପି ବୀରେ ।
ହସ୍ତୀ ଘୋଡା ରାକ୍ଷସ ମାଇଲେ ନିର୍ଭୟରେ ଯେ ॥ ୧୯

ଗୋଳଯୁଦ୍ଧ ଶୁଣି ଲଙ୍କପତି ନିଦ୍ରା ଭାଜି ।
ପାତ୍ର ମନ୍ତ୍ରୀ ହକାରି ବହନ ସୈନ୍ୟ ସାଜି ଯେ ॥ ୨୦

ସେନାପତିମାନେ ରାଜା ପାଶେ ଯେ ପ୍ରବେଶ ।
ରାମ ପାଦ ଚିନ୍ତି କହେ ରଘୁନାଥ ଦାସ ଯେ ॥ ୨୧

●

## ରାଗ—ମଙ୍ଗଳଗୁଜ୍ଜରୀ

ଶୁଣି ତା ମକରାକ୍ଷସ କୁମ୍ଭପାକ୍ଷ ବୀର ।
କୁମ୍ଭ ନିକୁମ୍ଭ ବେନି ଯେ ଆଗୁଆଣି ସାର ଯେ ॥ ୧

* ଏ ଷଡ଼ ବୀରେ ରାଜାଙ୍କୁ କରି ନମସ୍କାର ।
ସଙ୍ଗେ ସୈନ୍ୟ ଘେନି ଯୁଦ୍ଧେ ମିଳିଲେ ସତ୍ୱର ଯେ ॥ ୨

ରାକ୍ଷସ ସେନାଏ ରାମ ନିକଟେ ମିଳିଲେ ।
ଷଡ଼ଗୋଷ୍ଠା ରାହୁ କି ଚନ୍ଦ୍ରକୁ ଓଗାଳିଲେ ଯେ ॥ ୩

ଶ୍ରୀରାମ ଲକ୍ଷ୍ମଣ ଦେଖି ହେଲେ ଆଗୁଁସାର ।
ସଂଗ୍ରାମ କରିଣ ସଂହାରିଲେ ନିଶାଚର ହେ ॥ ୪

ଅଙ୍ଗଦକୁ ଦେଖି ବିରୁପାକ୍ଷ ଓଗାଳିଲା ।
ବାଳୀର ତନୟ ନଖ ଦନ୍ତେ ବିଦାରିଲା ହେ ॥ ୫

ମୂର୍ଦ୍ଧ୍ନ ଫାଟିଣ ଦୈତ୍ୟ ହୋଇଲା ବିନାଶ ।
ଶ୍ରୋଣିତାକ୍ଷ ଦେଖି ଅଙ୍ଗଦକୁ କଲା ରୋଷ ହେ ॥ ୬

ମୁଦ୍‌ଗର ଧରି ଦୈତ୍ୟ ପ୍ରହାରିଲା ନେଇ ।
ବାଜନ୍ତେ ବିମୁଖ ବାଳୀରାଜାସୁତ ହୋଇ ଯେ ॥ ୭

ଅଙ୍ଗଦ ବିଧାଏ ପୁଣି ପ୍ରହାରିଲେ ନେଇ ।
ଏହି କାଳେ ମହେନ୍ଦ୍ର ଧାଇଁଲା ବେଗ ହୋଇ ଯେ ॥ ୮

ମାଳକନେ ଗଡ଼ାଗଡ଼ି ହେଲେ ବେନି ବୀରେ ।
ଦନୁଜକୁ ବିଧାଏ ମାଇଲେ କପିବୀରେ ଯେ ॥ ୯

ମୂର୍ଦ୍ଧ୍ନ ଫାଟିଣ ମଲା ଶ୍ରୋଣିତାକ୍ଷ ବୀର ।
ଦେଖିଣ ତା କୁମ୍ଭପାକ୍ଷ ହେଲା ଅଗୁଁସାର ଯେ ॥ ୧୦

ପୁଣିହିଁ ମହେନ୍ଦ୍ର ଶାଳ ବୃକ୍ଷେକ ମାଇଲା ।
ତେଣୁ କୁମ୍ଭପାକ୍ଷ ମୃତ୍ୟୁ ପାଇଣ ଶୋଇଲା ଯେ ॥ ୧୧

---

* ଏଠାରେ ଚାରିନି ଦୈତ୍ୟଙ୍କ ନାମ ଥିଲେ ମଧ୍ୟ ପରବର୍ତ୍ତୀ ପଦରେ ବିରୁପାକ୍ଷ ଓ ଶ୍ରୋଣିତାକ୍ଷଙ୍କ ନାମ ରହିଛି । ତେଣୁ ଏଠାରେ 'ଷଡ଼ବୀରେ' ପାଠ ଅସମୀଚୀନ ନୁହେ ।

ଏମନ୍ତ ଦେଖନ୍ତେ ଦୈତ୍ୟ ସୈନ୍ୟ ପଳାଇଲେ ।
କୁମ୍ଭ ନିକୁମ୍ଭର ତହିଁ ଶରଣ ପଶିଲେ ଯେ ॥ ୧୨

କୋପଭର ହୋଇ କୁମ୍ଭକର୍ଣ୍ଣ ବେନି ସୁତେ ।
ଅଙ୍ଗଦକୁ ଦେଖି ତହିଁ ପ୍ରହାରିଲେ କୁନ୍ତେ ଯେ ॥ ୧୩

ମହେନ୍ଦ୍ର ଦ୍ବିବିଦକୁ ମାଇଲା ଦୈତ୍ୟ ଶୂଳ ।
ଦେଖି ଓଗାଳିଲେ ତହିଁ କିଷ୍କିନ୍ଧା ଭୂପାଳ ହେ ॥ ୧୪

ମାଲବନ୍ଧେ ମାଡ଼ି ବସି କପିକୁଳ ଶ୍ରେଷ୍ଠ ।
ମୁଣ୍ଡେ ମୁଣ୍ଡ ପ୍ରହାରନ୍ତେ ଫାଟି ଦୈତ୍ୟ ମୁଣ୍ଡ ଯେ ॥ ୧୫

ବେନି ଫାଳ ହୁଅନ୍ତେ ପଡ଼ିଲା କୁମ୍ଭ ବୀର ।
ଦେଖି ନିକୁମ୍ଭ ଧଇଲା ବେଗେ ଧନୁଶର ଯେ ॥ ୧୬

ହନୁମନ୍ତ ଦେଖି ତାକୁ ଓଗାଳିଲେ ଯାଇ ।
ଅତି ବଡ଼ ପଥରେକ ମାଇଲେ ବୁଲାଇ ଯେ ॥ ୧୭

ବାବଲ ସୁମତି ତାହା ଛେଦିଲା ରାକ୍ଷସ ।
କୁନ୍ତେକ ମାରନ୍ତେ ମୋହ ପବନର ଶିଷ ଯେ ॥ ୧୮

ମୋହ ଦେଖି ମାରୁତକ ତୋଳିଲା ନିକୁମ୍ଭ ।
ଲଙ୍କା ଗଡ଼କୁ ଚଳିଲା ମନେ ହୋଇ ଦମ୍ଭ ଯେ ॥ ୧୯

ମହେନ୍ଦ୍ର ଦ୍ବିବିଦ ସଙ୍ଗେ ଅଛନ୍ତି ଗୋଡ଼ାଇ ।
ମୋହ ତେଜି ହନୁମନ୍ତ ସତ୍ବରେ ଉଠଇ ଯେ ॥ ୨୦

ବଜ୍ରସମ ଚାପୋଡ଼େ ମାରନ୍ତେ ହନୁବର ।
ମୁଣ୍ଡ ଫାଟିଣ ପ୍ରାଣ ଗଲା ନିକୁମ୍ଭର ଯେ ॥ ୨୧

ଦେଖିଣ ଦନୁଜ ଦଳ ନ ରହିଲେ କେହି ।
ଲଙ୍କାଗଡ଼ ଭିତରେ ପଶିଲେ ବେଗେ ଯାଇ ହେ ॥ ୨୨

ବିଭୀଷଣ କହନ୍ତେ ଲକ୍ଷ୍ମଣ ଲେଉଟିଲେ ।
ସୁବେଳାଖ୍ୟ ପର୍ବତରେ ପ୍ରବେଶ ହୋଇଲେ ଯେ ॥ ୨୩

ନିତ୍ୟକର୍ମ ସାରି କନ୍ଦମୂଳ ଗ୍ରାସ କରି ।
କୃଷ୍ଣାଜିନ ଛାଲେ ପହୁଡ଼ିଲେ ରାବଣାରି ଯେ ॥ ୨୪

ରାବଣ ଅଗ୍ରତେ ଯାଇ ଜଣାଇଲା ଦୂତ ।
ସୈନ୍ୟ ସେନାପତି ରାମ ବାଣେ ହେଲେ ହତ ହେ ॥୨୫

ଶୁଣି ଲଙ୍କପତି କ୍ରୋଧେ ଛାଡ଼ିଲା ନିଃଶ୍ୱାସ ।
ଇନ୍ଦ୍ରଜିତ କର ଯୋଡ଼ି କହଇ ବିଶ୍ୱାସ ହେ ॥୨୬

ଆହେ ଲଙ୍କପତି ଦେବ କ୍ରୋଧ ଶାନ୍ତ କର ।
ମାୟାରେ ସୀତାୟା କରି ଛେଦିବି ତା ଶିର ହେ ॥୨୭

ନିରାଶ ହୋଇଣ ଯତି ଯିବ ସେହିକ୍ଷଣି ।
ତୁମ୍ଭଙ୍କୁ ଭୋଗ୍ୟ ହୋଇବ ଜନକ ଦୁଲଣୀ ଯେ ॥୨୮

ଶୁଣି ଲଙ୍କପତି ପୁଚ୍ଛେ ଦେଲା ଶାଢ଼ୀ ବଳା ।
ଆରେ ଇନ୍ଦ୍ରଜିତ ମୋର ଛଡ଼ାଅ ତୁ କଳା ରେ ॥୨୯

ବେଗ ବେଗ ହୋଇ ତହୁଁ ଇନ୍ଦ୍ରଜିତ ଗଲା ।
ଅଶୋକ ବନରେ ଯାଇ ପ୍ରବେଶ ହୋଇଲା ଯେ ॥୩୦

ଅଧ ବାଟ ଯାଇ ସେହୁ ବୁଦ୍ଧି ସ୍ଥିର କଲା ।
ଜମ୍ବୋମାଳୀ ପୁତ୍ର ସିଂହକେତୁକୁ ଡାକିଲା ଯେ ॥୩୧

ବୋଇଲା ତୁ ଏହିକ୍ଷଣି ବୁଦ୍ଧି ସ୍ଥିର କରିବୁ ।
ମାୟାରେ ଜନକ ଜେମା ତିଆଇଣ ଦେବୁ ହେ ॥୩୨

ନଖ ମୁଖ ନାସିକା ଯେ ହୋଇବାକ ସେହି ।
ଯେସନେକ ରୂପ ଗୁଣ ଅଛେ ବଇଦେହୀ ଯେ ॥୩୩

ବେଗ କରି ଆଣ ଯେ ସମର୍ପ ମୋର ଆଗ ।
ଶୁଣି ସିଂହନାଦ* ସେହୁ ଚଳିଲାକ ବେଗ ଯେ ॥୩୪

ଆପଣାର ଭଗ୍ନୀ ଯେ ସୁକାନ୍ତ ନାମେ ନାରୀ ।
ତାହାକୁ ଘେନିଣ ଯେ ଅଇଲା ବେଗ କରି ଯେ ॥୩୫

ସେ ନାରୀ ଅଟଇ ମକରାକ୍ଷସର ବାମା ।
ନାହିଁ ପଟାନ୍ତର ତିନି ଭୁବନେ ଉପମା ଯେ ॥୩୬

---

* ୩୧ଶ ପଦରେ ସିଂହକେତୁ ଥିଲେ ମଧ୍ୟ ୩୪ଶ ପଦରେ ସିଂହନାଦ ରହିଛି ।

ଭାଇ ଭଗ୍ନୀ ଦୁହେଁ ଯେ ଗଗନ ମାର୍ଗେ ଗଲେ ।
ଜମ୍ବୋଦ୍ୱୀପ ପ୍ରୟାଗ ତୀର୍ଥରେ ସେ ମିଳିଲେ ଯେ ॥୩୭

ଗଙ୍ଗା ଯମୁନା ସଙ୍ଗମ ହୋଇଛି ସେହୁ ବେନି ।
ଗୁପତରେ ସରସ୍ୱତୀ ସେହୁ ପୁଣ୍ୟ ତିନି ଯେ ॥୩୮

ବାଞ୍ଛାବଟ ଠାରେ ସେହୁ ବାଞ୍ଛାକୁ କରିବ ।
ମନାସିଣ ଝାସିଲେ କାମନା ପୂର୍ଣ୍ଣ ହେବ ଯେ ॥୩୯

ମାଧବ ଦେବତାକୁ ଯେ ପ୍ରଦକ୍ଷିଣ କରି ।
ବୋଇଲା ମୋ କାର୍ଯ୍ୟ ସିଦ୍ଧି କର ଚକ୍ରଧାରୀ ହେ ॥୪୦

କାର୍ଯ୍ୟ ସିଦ୍ଧି ହେଉ ଅମ୍ଭ ତୋହର ବଚନେ ।
ଏତେ ବୋଲି ତହୁଁ ସେ ଚଳିଲେ ବେନିଜନେ ଯେ ॥୪୧

ତିନି ଧାର ମଧ୍ୟେ ସେ ଯେ ଅଛୁ ଅନ୍ତ ଭେଦ ।
ତହିଁ ସେ ବସିଣ ବ୍ରହ୍ମା ତପ କଲା ସାଧି ଯେ ॥୪୨

ସେ ଜଳେ ଯାଇ ସ୍ନାହାନ କଲେ ଭଗ୍ନୀ ଭାଇ ।
ସୁକାନ୍ତ କି ସିଂହନାଦ ବୋଇଲାକ ତହିଁ ଯେ ॥୪୩

ତୁହି ଗୋ ମନାସିଣ ଏହି ଜଳରେ ପଶ ।
ଶ୍ରୀରାମ ସତୀ ପ୍ରାୟେ ତୁ ହୋଇବୁ ସାଦୃଶ୍ୟ ଯେ ॥୪୪

ତୋତେ ଦେଖିଣ ଯେ ଲଙ୍କା ଲୋକେ ସୁସ୍ଥେ ଥିବେ ।
ନୋହିଲେ ଅସୁର ଯେ ସମସ୍ତେ କ୍ଷୟ ହେବେ ଯେ ॥୪୫

ତୁହି ସେ ରଘୁନାଥର ହୋଇବୁ ଘରଣୀ ।
ଅଯୋଧ୍ୟା କଟକେ ତୁ ହୋଇବୁ ପାଟରାଣୀ ଯେ ॥୪୬

ଏହା ଶୁଣି ସୁକାନ୍ତ ଯେ ସନମତ କଲା ।
ସୀତା ରୂପ ହୋଇବି ବୋଲି ଯେ ମନାସିଲା ଯେ ॥୪୭

ଗଙ୍ଗାରେ ବୁଡ଼ି ସେହୁ ଯମୁନାରେ ଝାସି ।
ପୁଣି ବାହୁଡ଼ିଣ ସେ ହୋଇଲା କୂଳେ ଆସି ଯେ ॥୪୮

ପ୍ରତ୍ୟକ୍ଷେ ସେହୁ ଦିଶିଲା ଶ୍ରୀରାମଘରଣୀ ।
ନବ ଯଉବନୀ ସେ ସମ୍ପୂର୍ଣ୍ଣ କମଳିଣୀ ଯେ ॥୪୯

ଦେଖି ତାକୁ ସିଂହନାଦ ହରଷ ହୋଇଲା ।
ଭଗିନୀକି ଘେନି ସେହୁ ଲଙ୍କାକୁ ହିଁ ଗଲା ଯେ ।।୫୦

ମାୟା ସୀତାକୁ ନେଇ ମେଘନାଦକୁ ଦେଲା ।
ଦେଖିଣ ଯେ ଇନ୍ଦ୍ରଜିତ ହରଷ ହୋଇଲା ଯେ ।।୫୧

ରଥେ ବସାଇଣ ତାକୁ ସଂଗ୍ରାମକୁ ଚଳି ।
ମୁଣ୍ଡ ପୋଢିଣ ସେ ଯେ ବସିଛି ମାୟା ବାଲୀ ଯେ ।।୫୨

ଅଶୋକ ବିପିନରୁ ଅଇଲା ପ୍ରାପ୍ତେ ହୋଇ ।
ଲଙ୍କା ଲୋକଙ୍କୁ ସେହୁ ଯେ ବୋଇଲାକ ଗୃହିଁ ଯେ ।।୫୩

ଏହି ସୀତାର ପାଇଁ ହୋଇଲା ଏତେ ଦ୍ୱନ୍ଦ ।
ବଗୃର ନ କଲା ସେ ମୋ ପିତା ଦଶକନ୍ଧ ହେ ।।୫୪

ପର ଯୁବତୀକି ତାତ ଆଣିଲା ଚୋରାଇ ।
ଏବେ ମୁହିଁ ସୀତାକୁ ଯେ ଦେବ ବାହୁଡ଼ାଇ ଯେ ।।୫୫

ନଗ୍ର ନରନାରୀମାନେ ତୁମ୍ଭେ ଥାଅ ଶୁଣି ।
ବୋଲୁ ଯେ ଥିଲ ମନ୍ଦ କଲା କ ବଂଶପାଣି ଯେ ।।୫୬

ଏବେ ଏହିଠାରୁ ଆଜ ରହୁ କଳିମାନ ।
ଏତେ କହି ରଥ ସେ ବାହିଲା ଘନଘନ ଯେ ।।୫୭

ରଥରେ ବସାଇ ଲଙ୍କାଗଡ଼ୁ ବାହାରିଲା ।
ଚତୁରଙ୍ଗବଳ ତା'ର ସଙ୍ଗରେ ଅଇଲା ଯେ ।।୫୮

ଆଗୁଆଣି ସୈନ୍ୟରେ ହୋଇଲା ମରାମରି ।
ରାଘବ ପେଷିଲେ ହନୁମନ୍ତକୁ ହକାରି ଯେ ।।୫୯

ଯାଅ ହେ ପାବନି ଦଣ୍ଡେ ଥାଅ ଯୁଦ୍ଧ ଭୂଇଁ ।
କୋଦଣ୍ଡରେ ଗୁଣ ଦେଇ ଯାଉଅଛି ମୁହିଁ ହେ ।।୬୦

ନମସ୍କାର କରି ହନୁ ସଂଗ୍ରାମେ ପ୍ରବେଶ ।
ରାକ୍ଷସଙ୍କୁ ମାରି ହେଲେ ଇନ୍ଦ୍ରଜିତ ପାଶ ଯେ ।।୬୧

ଅତି ବଡ଼ ପଥର ମାଇଲେ ରୋଷ ବନ୍ଧି ।
ତାହା ଛେଦି ରାକ୍ଷସ ବୋଲଇ ହନୁ ଚାହିଁ ସେ ।।୬୨

ଶୁଣ କପି ତୁମ୍ଭ ଆମ୍ଭ କଲ ଯହିଁ ପାଇଁ ।
ଏତେ ବୋଲ ମାୟା ସୀତା ଧଇଲା ସେ ଯାଇ ସେ ॥୬୩

ଖଡ଼ଗ ଧରିଣ ତାକୁ ଛେଦ ପକାଇଲା ।
ସଙ୍ଗେ ସୈନ୍ୟ ଘେନି ଲଙ୍କାଗଡ଼ରେ ପଶିଲା ସେ ॥୬୪

ଦେଖିଣ ପାବନି ଶୋକ କରି ବାହୁଡ଼ିଲେ ।
ରଘୁନାଥ ଦାସ ବୋଲେ ରାମଙ୍କୁ ଭେଟିଲେ ସେ ॥୬୫

●

## ରାଗ—ଚନ୍ଦ୍ରାକେଦାର

ଅତି ଶୋକଭରେ ହନୁମନ୍ତ ରାମ ଚରଣେ ପଡ଼ି ତୁରିତ
ପାପୀ ଶକ୍ରଜିତ ସୀତାଙ୍କୁ ମାଇଲା,
ଦେଖି ଅଇଲି ମୁହିଁ ତୁରିତ ହେ, ଭୋଦେବ ॥ ୧

ଏହା ଶୁଣି ରଘୁକୁଳ ପତି ସୁଗ୍ରୀବଙ୍କୁ ହକାରିଲେ କତି
ଆହେ ମିତ୍ର ହନୁମନ୍ତ କି କହୁଛି,
ଶୁଣି ଫାଟି ଯାଉଅଛି ଛାତି, ହେ ମଇତ୍ର ॥ ୨

ଏତେ କହି ସୁଗ୍ରୀ କର ଧରି ଶୋକ କରଣେ ତହୁଁ ବାହାରି
ମାରୁତି ଦେଖାଇ ଦେଲେ ସୀତା ବଧ,
ଦେଖି ଶୋକ କଲେ କୃପଧାରୀ, ସେ ଶ୍ରୀରାମ ॥ ୩

ଆହା ସଖୀ ବୋଲି ପାଶେ ଯାଇ ମୃତ୍ୟୁ ଶବ କୋଳରେ ବସାଇ
ସୁଗ୍ରୀବଙ୍କୁ ଚାହିଁ ବୋଲନ୍ତି ଭୋ ମିତ୍ର,
ଏତେ ଶ୍ରମ କଲ ଯହିଁ ପାଇଁ, ହେ ମଇତ୍ର ॥ ୪

ସେତୁ ହୋଇଲା ଏବେ ବ୍ୟର୍ଥ ଆଉ ଜୀବରେ କି ପୁରୁଷାର୍ଥ
ଆହାରେ ଜାନକୀ ଏତେ ଶ୍ରମମାନ,
ତୋର ବନ୍ଧନେ ହେଲା ବ୍ୟର୍ଥ, ରେ ବରାଙ୍ଗି !! ୫

ଗୁଣ ଗୁଣି କରନ୍ତି ରୋଦନ କେଣେ ଛାଡ଼ିଗଲୁ ପ୍ରାଣଧନ
ମୋ କର ଧରି ଅସୁର ନିଲକ୍ଷଣ,
କରେ ହୋଇଲୁ ଏବେ ଛେଦନ, ରେ ବରାଙ୍ଗି !! ୬

ସଖି ! ତୋ' ପରି ସୁନ୍ଦର ପଣେ     ଇନ୍ଦ୍ର ଭୁବନେ ନ ଥିବେ ଜଣେ
କୁନ୍ଦରଦନା କନ୍ଦର୍ପ ଦର୍ପହାରୀ,
ମୋତେ ଛାଡ଼ିଗଲୁ ଏବେ କେଣେ, ରେ ସଙ୍ଗିନି !! ୭

ଛାଇ ପ୍ରାୟେ ସେବୁଥାଉ ମୋତେ     ମନ୍ଦେ ହସି କଥା କହୁ କେତେ
ଆହାରେ ତୃଷିତନୟ୍ନା କାହିଁ ଗଲୁ ?
ସଖି ! ଅନାଥ କରିଣ ମୋତେ, ରେ ସଜନି !! ୮

ଚିତ୍ରକୂଟେ ଯେଉଁ ଯେଉଁ ଭାବ     କାମ ରତି ନ ଜାଣିବେ ଲବ
ମାନ ଅନ୍ତରେ ଆରମ୍ଭ ଯେଉଁ ବିଧି,
ତାକୁ ଚିନ୍ତି ଚିନ୍ତି ଜୀବ ଯିବ, ରେ ସୁମୁଖି !! ୯

ପିତା ପୁରେ ଧନୁ ସ୍ୱୟଂବର     ମିଳିଥିଲେ ଲକ୍ଷେ ନୃପବର
ବର୍ଣ୍ଣିମାଳା କରେ ଘେନି ସଭା ମଧ୍ୟେ,
ଆଣି ଲମ୍ବାଇଲୁ ମୋର ଉର, ରେ ସଜନି ।। ୧୦

ମଧୂଶେଯେ ଅଗ୍ନି ସାକ୍ଷୀ କରି     ଥିଲଉଁ ଯେ ନୟମ ଆଚରି
ତୁ ସିନା ସଙ୍ଗାତ ମୋତେ ପଛ କରି,
ଅଗ ଗଲୁ ତୁ ତାହା ପାଶୋରି, ରେ ବରାଙ୍ଗି ।। ୧୧

ତୋର ଶୋଭା ଗୁ ˘ ପ୍ରାୟେକ୍ଷ     ଲେଶ ନ ପାରିବେ ଶେଷ କହି
ମୋର ବଚନେ କହିବ ସଖି ! କେତେ,
ଶାରଦା ନ ପାରିବେ ତ ଲିହି, ରେ ସୁନ୍ଦରି ।। ୧୨

ସଖୀ ଅଙ୍ଗେ ଅବଗୁଣ ଲେଶ     ନାହିଁ ଶସ୍ତ୍ରଘାତେ କମ୍ପା ନାଶ
ଆହା ଜାନକି ! ଶିରୀଷ କୋମଳାଙ୍ଗି,
ଖଡ଼ଗରେ ହୋଇଲୁ ବିନାଶ, ରେ ସୁନ୍ଦରି ।। ୧୩

ଏହା ବୋଲି ରଘୁକୁଳ ପତି     ବେଗେ ଢଳିଣ ପଡ଼ିଲେ କ୍ଷିତି
ଶୋକ ସମ୍ଭାଳି ଲକ୍ଷ୍ମଣ ଆଉଜାଇ,
କୋଳ କରି ବସିଲେ ତତ୍‌କ୍ଷଣ, ସେ ଶ୍ରୀରାମ ।। ୧୪

ଏ ବାରତା ନିକଟା ଶୁଣିଲା     ସୀତାଙ୍କ ଆଗରେ କହିଲା
ଶୁଣି ବେଦ୍ଧ ଜନ ହସିଣ ବୋଲନ୍ତି,
ଜାଣି ନ ପାରି ଏହା ସେ କଲା, ଗୋ ସୁନ୍ଦରି ।। ୧୫

ମନେ ବିଚାରିଲେ ବଇଦେହୀ  ଗୁପତରେ ରାକ୍ଷସୀଏ ରାଇ
ବିଭୀଷଣେ କହ  ସୀତାୟା ନୁହନ୍ତି,
ଶୋକ ନ କରନ୍ତୁ ରଘୁସାଇଁ, ଲୋ କହରୁ ॥ ୧୬

ଆସି ବିଭୀଷଣଙ୍କୁ କହଇ  ଏ ସୀତା ନୁହନ୍ତି ଲଙ୍କସାଇଁ
କହଣ ରାକ୍ଷସୀ  ବାହୁଡ଼ି ଅଇଲା,
ଶୁଣି ଆନନ୍ଦ ହୋଇ ଆସଇ, ସେ ଲଙ୍କେଶ ॥ ୧୭

ବିଭୀଷଣ କହେ ଯୋଡ଼ି କର  ଦେବ ଅକାରଣେ ଶୋକ କର
ସାକ୍ଷାତେ ଲକ୍ଷ୍ମୀ ତୁମ୍ଭର ପାଟରାଣୀ,
ତାଙ୍କୁ ଛୁଇଁବା ସକ୍ଷ କାହାର, ହେ ଦେବଦେବ ॥ ୧୮

ଏବେ ଛାଡ଼ ଏହୁ ମୃତ୍ୟୁ ଶବ  ଏହୁ ସୀତା ନୁହନ୍ତି ହେ ଦେବ
ଲଙ୍କାଗଡ଼ରୁ ଅଇଲା ମୋର ଚର,
ବାର୍ତ୍ତା ଶୁଣି ଅଇଲା ଦେବଦେବ, ହେ ରାଘବ ॥ ୧୯

ଶୁଣି ଚିହ୍ନ ଦେଖିଲେ ଶ୍ରୀରାମ  ଉରେ ନାହିଁ କାକ ପାଦ ଚିହ୍ନ
ଓଷ୍ଠେ ବାୟସ ଅଙ୍କ ଚିହ୍ନ ନ ଦେଖି,
ଛାଡ଼ି ଅନ୍ତର ହେଲେ ଶ୍ରୀରାମ,  ସେ କାଳରେ ॥ ୨୦

ଉଠି ବୋଲନ୍ତି ହେ ଲଙ୍କପତି  ସତ୍ୟ ପ୍ରାୟେ ବୁଝିଲୁ ଏ କଥା
ଏବେ ଏହାକୁ ଘେନଯାଅ କପିୟେ,
ସିନ୍ଧୁ ମଧ୍ୟେ ପକାଅ ତଡ଼ିତ,  ହେ କପିୟେ ॥ ୨୧

କପିମାନେ ଶବ ଘେନି ଗଲେ  ମାୟା ସୀତା ସମୁଦ୍ରେ ପିଙ୍ଗିଲେ
ଶ୍ରୀରାମ ଲକ୍ଷ୍ମଣ  ସୁଗ୍ରୀ ବିଭୀଷଣ,
ରାମ ସଙ୍ଗତେ ତହୁଁ ଅଇଲେ, ହେ ସୁଜନେ ॥ ୨୨

ସୁବେଳସ୍ଥାରେ ହେଲେ ପ୍ରବେଶ  କର୍ତ୍ତବ୍ୟକର୍ମ ସାରି ରଘୁସିଂହ
କନ୍ଦମୂଳ ଫଳ ମନୋହର ସାରିଲେ,
ରାମ ଚନ୍ଦ୍ରେ ରଘୁନାଥ ଦାସ, ହେ ସୁଜନେ ॥ ୨୩

●

## ରାଗ— **ମଙ୍ଗଳଗୁଜ୍ଜରୀ**

ଏଥୁଅନ୍ତେ ଶୁଣ ସୁରାସଂଜନେ ମନ ଦେଇ ।
କୁମ୍ଭାଜିନ ଗୁଡ଼ଲେ ପହୁଡ଼ିଲେ ରଘୁସାଇଁ ଯେ ॥ ୧

ନିଦ୍ରା ଭଙ୍ଗ ହୋଇ ସଉମିତ୍ରିଙ୍କି ଡାକିଲେ ।
ଶୁଣି ସଉମିତ୍ରି କର ଯୋଡ଼ି ଜଣାଇଲେ ଯେ ॥ ୨

**ଶ୍ରୀରାମ ବଚନକ :—**

ଶୁଣ ହେ ଲକ୍ଷ୍ମଣ ସ୍ୱପ୍ନ ଦେଖିଲଇଁ ମୁହିଁ ।
ଶ୍ୱେତ-ପର୍ବତ ଉପରେ ଅଛୁ ମୁଁ ଆରୋହି ॥

ଶ୍ୱେତ ବସ୍ତ୍ର ପରିଧାନ ଶ୍ୱେତ ଛତ୍ର ଶିରେ ।
ମଙ୍ଗଳ ଅଷ୍ଟକ ପଢ଼ୁଛନ୍ତି ଦ୍ୱିଜବରେ ॥

ଶ୍ୱେତ ପୁଷ୍ପ ବୃଷ୍ଟି ହୁଅଇ ଯେ ନିରନ୍ତରେ ।
ଶ୍ୱେତ ହସ୍ତୀ ଆରୋହି ଆମ୍ଭେ ବୁଲୁ ନଗରେ ॥

ଏହିକ୍ଷଣି ସ୍ୱପନ ଯେ ଦେଖିଲଇଁ ମୁହିଁ ।
ତୋତେ ହକାରିଲି ଆରେ ଶୁଣ ମୋର ଭାଇ ॥

କି ଉପାୟ କରିବା କହସି ନୀତି ମୋତେ ।
ଇନ୍ଦ୍ରଜିତ ବୀର ଆଜ ମରିବ କେମନ୍ତେ ॥

**ଲକ୍ଷ୍ମଣ ବଚନକ :—**

ଶୁଣ ହେ ଭୋ ଦେବ ନିଦ୍ରା ନ ଥିଲି ମୁଁ କରି ।
ଜଗି ବସିଥିଲି ପାଶେ ଧନୁ ଶର ଧରି ॥

ଘୁମାଇ ଆସନ୍ତେ ମୁହିଁ ଦେଖିଲି ସ୍ୱପନ ।
ରାବଣ କୁମର ଯେ ହୋଇଛି ବିବସନ ॥

ତଇଲେ ଜରଜର ମନ୍ଦାର ମାଳା ଗଳେ ।
ମହିଷ ପୃଷ୍ଠେ ବସି ଦକ୍ଷିଣ ଦିଗେ ଚଳେ ॥

ଏହି ସମୟରେ ମୋତେ ଡାକିଲ ଭୋ ଦେବ ।
ଇନ୍ଦ୍ରଜିତ ଜାଣ ଆଜ ନିଶ୍ଚୟ ମରିବ ॥

ଦଶଦିଗପାଳେ କେହି ନ ପାରିବେ ରଖି ।
ଏଥକୁ ଚନ୍ଦ୍ର ସୂର୍ଯ୍ୟ ଯେ ହୋଇଥାନ୍ତୁ ସାକ୍ଷୀ ॥

ତାହାକୁ ଆଜ ନିଶ୍ଚୟ ମାରିବଇଁ ମୁହିଁ ।
ନିୟମ କରୁଅଛି ମୁଁ ଧନୁଶର ଛୁଇଁ ॥

## ଗୀତ

ଏ ସମୟେ ସର୍ବ ସୈନ୍ୟ ରାମଙ୍କୁ ଭେଟିଲେ ।
ବିଭୀଷଣ ମୁଖ ଚାହିଁ ଶ୍ରୀରାମ କହିଲେ ଯେ ॥ ୩

କହୋ ବିଭୀଷଣ ତୁମ୍ଭେ କି ବିଚାର କର ।
କେମନ୍ତେ ମାରିବା ଆମ୍ଭେ ଇନ୍ଦ୍ରଜିତ ବୀର ହେ ॥ ୪

ଧନ୍ୟ ଇନ୍ଦ୍ରଜିତ ବୀର ବୋଲନ୍ତି ଜଗତେ ।
ପଳାଇବ ମୁହିଁ ନକି ଭୟ କରି ତୋତେ ରେ ॥ ୫

ଏହା ଶୁଣି ବିଭୀଷଣ କହେ ଶୁଣ ଦେବ ।
ଇନ୍ଦ୍ରଜିତ କଥା ମୋତେ ଲାଗେ ଅସମ୍ଭବ ହେ ॥ ୬

ବାର ବରଷ ତପ କରି ପାଇଛି ବର ।
ଆହାର ମୈଥୁନ ନିଦ୍ରା ବର୍ଜିଲା ପାମର ହେ ॥ ୭

ତପବଳେ ଇନ୍ଦ୍ରପୁର ଜିଣିଲା ଅସୁର ।
ଭୟେ ତାର ତୁଲେ ମିଛ ହେଲେ ବଜ୍ରଧର ହେ ॥ ୮

ବାର ବରଷ ଯେହୁ ସେ ବ୍ରତ ପାଳିଥିବ ।
ତାହା ହାତେ ଇନ୍ଦ୍ରଜିତ ଅବଶ୍ୟ ମରିବ ହେ ॥ ୯

ଶୁଣିଣ ଆଶ୍ଚର୍ଯ୍ୟ ହେଲେ ରଘୁକୁଳ ସାଇଁ ।
ବଡ଼ାଇ ଦୁର୍ଲ୍ଲଭ କଥା କହି ଲଙ୍କସାଇଁ ହେ ॥ ୧୦

ଯେବଣ ବିଷ୍ଣୁ ପୁଣି ଏ ସୃଷ୍ଟିକି ସର୍ଜିଲା ।
ସେ ପୁଣି ନ ଛାଡ଼ି ଲକ୍ଷ୍ମୀଙ୍କି ସେ ଭୋଗ କଲା ହେ ॥ ୧୧

ବ୍ରହ୍ମା ରୁଦ୍ର ଚନ୍ଦ୍ର ଯେ ନୁହନ୍ତି ସାମରଥ ।
ଆଉ ଏହା ପାଳି କେ ପାରିବ ଲଙ୍କନାଥ ହେ ॥ ୧୨

ଏ ତିନ କଥା ମୁଁ ପାଳିନାହିଁ ଲଙ୍କସାଇଁ ।
ନାହିଁ ମୋତେ ଯଶ ଇନ୍ଦ୍ରଜିତ ନ ମରଇ ହେ ॥ ୧୩

ସେନା ଯୂଥପତି ସୁଗ୍ରୀ ଏମାନଙ୍କୁ ପୁହିଁ ।
ଏ ବ୍ରତ ପାଳିଅଛ କି ତୁମ୍ଭେମାନେ କେହ୍ବ ହେ ॥ ୧୪

ସମସ୍ତେ ବୋଲନ୍ତି ଏହୁ ଅଟେ ଅସମ୍ଭବ ।
କି କରିବା ମିତ୍ର ଏବେ ବୋଲନ୍ତି ରାଘବ ହେ ॥ ୧୫

ଜାମ୍ବୁବ କହନ୍ତି ତୁମ୍ଭେ ଶୁଣ ରଘୁରାଣ ।
ଏ ବ୍ରତ ପାଳି ଅଛନ୍ତି ଯାନୁଜ ଲକ୍ଷ୍ମଣ ହେ ॥ ୧୬

ଶୁଣି ରାମ ହସି ବୋଲନ୍ତି ହେ ମନ୍ତ୍ରୀବର ।
ଏ ବ୍ରତ କାହୁଁ ପାଳିବ ସୁମିତ୍ରା କୁମର ହେ ॥ ୧୭

ସ୍ତ୍ରୀ ସଙ୍ଗ ଅବା ପ୍ରତିପାଳିଥିବ ବୀର ।
ନିଦ୍ରା ଆହାର ପାଳି ନାହାନ୍ତି ମନ୍ତ୍ରୀବର ହେ ॥ ୧୮

ବନସ୍ତକୁ ଫଳ ମୂଳ ପାଇଁ ଯାଉଥାଇ ।
ଆଗ ନ ଖାଇ କି ସେହୁ ମୋତେ ପରଷଇ ହେ ॥ ୧୯

ଜାମ୍ବୁବ ବୋଲନ୍ତି ମିଥ୍ୟା ନୋହେ ଲଙ୍କରାଣ ।
ଏ କଥା ସତ କି ମିଛ ପଚ୍ଚାର ଆପଣ ହେ ॥ ୨୦

ଶୁଣିଣ ଶ୍ରୀରାମ ଲକ୍ଷ୍ମଣଙ୍କୁ ଅନାଇଲେ ।
ବେନିକର ଯୋଡ଼ିଣ ସୌମିତ୍ରି ଜଣାଇଲେ ସେ ॥ ୨୧

ଶୁଣ ଦେବ ଏ ତିନ ବ୍ରତ ପାଳିଅଛୁ ମୁହିଁ ।
ଅଯୋଧ୍ୟାରୁ ଯେଉଁ ଦିନ ଅଇଲ ଗୋସାଇଁ ହେ ॥ ୨୨

ନିଦ୍ରା ଆକର୍ଷଣ ଆସି କଲା ମୋର ନେତ୍ର ।
ପ୍ରବୋଧିଣ ତାଙ୍କୁ ମୁହିଁ କହିଲି ବହୁତ ହେ ॥ ୨୩

ବୋଇଲି ଶ୍ରୀରାମ ବନ ଯାଉଛନ୍ତି ମୋର ।
ବନସ୍ତରେ ତାଙ୍କୁ ଜଗି ହେବ ଉଜାଗର ହେ ॥ ୨୪

ମୋତେ ଆକର୍ଷଣ ତୁମ୍ଭ କରିବୁ ଅଇଲେ ।
ପ୍ରବୋଧି ଅଇଲି ଦେବ ତାଙ୍କୁ ମୁହିଁ ଭଲେ ହେ ॥ ୨୫

ବନସ୍ତରେ ତେଣୁ ମୋତେ ନିଦ୍ରା ନ ମାଡ଼ଇ ।
ତୁମ୍ଭେ ନିଦ୍ରା ଯାଅ ମୁହିଁ ଜଗି ବସିଥାଇ ହେ ॥ ୨୬

ବୋଇଲ ଆହାର ଆଗ ଖାଇ ପଛେ ଦେଇ ।
ତୁମ୍ଭଙ୍କୁ ନ ଦେଲେ କି ଭରସା ମୋର ହୋଇ ହେ ॥ ୨୭

ଯାଚ ନ ଦିଅ ହେ ଦେବ ମୁଁ ମାଗି ନ ଖାଇ ।
ଏ ତୁମ୍ଭ ଶ୍ରୀଚରଣରେ ସେବା କରୁଥାଇ ହେ ॥ ୨୮

ରାଜ୍ୟରୁ ଆସିବା ଦିନୁ ନାହିଁ ମଇଥୁନ ।
ଏ ତିନି ବ୍ରତ ମୁଁ ପାଳିଅଛି ରଘୁରାଣ ହେ ॥ ୨୯

ଏହା ଶୁଣି ରାମଚନ୍ଦ୍ର ଶୋକଭର ହୋଇ ।
ଲକ୍ଷ୍ମଣଙ୍କୁ କୋଳ କରି ମୁଖେ ଚୁମ୍ବ ଦେଇ ଯେ ॥ ୩୦

ଆହାରେ ଭାଇ ଲକ୍ଷ୍ମଣ କୁଳର ପ୍ରଦୀପ ।
ଏ କଷ୍ଟ ସହି ବନରେ ସେବା କଲୁ ବାପ ରେ ॥ ୩୧

ପୋଡ଼ୁ ମୋହର ଜୀବନ ନ ଯାଇ କିମ୍ପାଇଁ ।
ଆହାର ନ ଖାଇ ବ୍ରତୀ ଅଛୁ ମୋର ଭାଇ ରେ ॥ ୩୨

ମୁହିଁ ଚଣ୍ଡାଳରେ ତୋତେ ଯାଚ ନ ଦିଅଇ ।
ଏବେ ସେ କଥା କାରଣ ହେଲା ଆରେ ଭାଇ ॥ ୩୩

## ଗୀତ

ଏହା ଶୁଣିଣ ଲକ୍ଷ୍ମଣ ଉଠିଲେ ସତ୍ୱର ।
ବାମ ଭୁଜେ କୋଦଣ୍ଡ ଦକ୍ଷିଣେ ଦିବ୍ୟଶର ଯେ ॥ ୩୪

ଅକ୍ଷୟ ତୋଣିକୁ ବେନି କନ୍ଧେ ଦମ୍ଭେ ଭିଡ଼ି ।
ଶ୍ରୀରାମ ନିକଟେ ଉଭା ହେଲେ କର ଯୋଡ଼ି ଯେ ॥ ୩୫

ଭୋ ଦେବ ନିଶ୍ଚୟେ ଇନ୍ଦ୍ରଜିତକୁ ମାରିବି ।
ନୋହିଲେ ଏ ଧନୁଶର କରେ ନ ବହିବି ହେ ॥ ୩୬

ଶୁଣି ରଘୁପତି ଲକ୍ଷ୍ମଣଙ୍କୁ କୋଳ କଲେ ।
ଲକ୍ଷ୍ମଣଙ୍କ କର ବିଭୀଷଣ କରେ ଦେଲେ ଯେ ॥ ୩୭

ଭୋ ରାଜା ଲକ୍ଷ୍ମଣ କଥା ଲଗିଲଟି ଭୋଗେ ।
ଇନ୍ଦ୍ରଜିତକୁ ତୁ ଆଜ ଜାଣି ଦେବୁ ମୋତେ ହେ ॥ ୩୮

ଶିରେ କର ଯୋଡ଼ି ଉଭା ହେଲେ ବିଭୀଷଣ ।
ଭୋ ଦେବ ଆଗ୍ୟାଂ ପ୍ରମାଣେ ମାରିବେ ଲକ୍ଷ୍ମଣ ହେ ॥ ୩୯

ଏବେ ଦେବ ଆମ୍ଭେ ଏଥୁ ଜାଣି ଥାଉଁ ଯିବା ।
କବାଟ ଫିଟିଲେ ଲଙ୍କାଗଡ଼ରେ ପଶିବା ହେ ॥ ୪୦

ଏତେ କହି ସଜ ହେଲେ ସୈନ୍ୟ ସେନାପତି ।
ଜଣବଦ୍ଧ ହୋଇ ପର୍ବତରୁ ଚଳିଯାନ୍ତି ଯେ ॥ ୪୧

ଲଙ୍କାଗଡ଼ ଦ୍ୱାରେ ଯାଇ ମିଳିଲେ ତଡ଼ିତ ।
ସୌମିତ୍ରି ଯିବାରୁ ବାହାରିଲେ ରଘୁପତି ଯେ ॥ ୪୨

ଜାଣି ଅବଶେଷେ ଦୈତ୍ୟେ କବାଟ ଫେଡ଼ିଲେ ।
ଲକ୍ଷ୍ମଣ ସହିତେ ସୈନ୍ୟ ଭିତରେ ପଶିଲେ ଯେ ॥ ୪୩

ଭିତରେ ନ ପଶି ଦ୍ୱାରେ ରହି ରଘୁପତି ।
ସୈନ୍ୟ ଘେନି ଓଗାଳିଲେ ଦୈତ୍ୟ ସାତରଥୀ ଯେ ॥ ୪୪

ଅନେକ ସଂଗ୍ରାମ ତହିଁ କଲେ ରଘୁପତି ।
ଅନେକ ଅଛନ୍ତି ସୈନ୍ୟ ଏକା ରଘୁପତି ଯେ ॥ ୪୫

ଅଷ୍ଟ ସେନାମାନେ ଲକ୍ଷ୍ମଣରେ ସଙ୍ଗେ ଗଲେ ।
ଇନ୍ଦ୍ରଜିତ ପୁରେ ଯାଇ ବେଢ଼ିଣ ରହିଲେ ଯେ ॥ ୪୬

ଚାର ମୁଖୁ ବାରତା ପାଇଣ ଶକ୍ରଜିତ ।
ହୋମ ରହୁବର ଚଢ଼ି ବାହାର ତୁରିତ ଯେ ॥ ୪୭

ଧନୁଶର ଧରି ଆସି ସଂଗ୍ରାମେ ପଶିଲା ।
ଦେଖିଲା ଶାର୍ଦ୍ଦୂଳ ମୃଗ ପଲେ କି ମିଳିଲା ସେ ॥ ୪୮

ରଣଗୋଳ ଲାଗିଲା ମିଳିଲେ ବେନି ଥାଟ ।
ଇନ୍ଦ୍ରଜିତ ହେଲା ଆସି ଲକ୍ଷ୍ମଣ ନିକଟ ଯେ ॥ ୪୯

ବେନି ଜନେ ଅହୋଭେଟ ହୋଇଲେ ତୁରିତ ।
ଲକ୍ଷ୍ମଣଙ୍କୁ ଚାହିଁଣ ବୋଇଲା ଇନ୍ଦ୍ରଜିତ ସେ ॥ ୫୦

ମରିବାକୁ ଆସି ସିନା ପଶିଲୁ ଏ ପୁରେ ।
ମୋହର ପ୍ରତାପ୍ୟାଂ ଶୁଣିନାହୁଁ କି କର୍ଣ୍ଣରେ ରେ ॥ ୫୧

ତୋତେ ଆଜ ନଷ୍ଟେ ପ୍ରାଣେ ସଂହାରିବ ମୁହିଁ ।
ଏତେ ବୋଲି ନାଗ୍ରଚ ବାନ୍ଧିଲା ଗ୍ରୋଷ ବହି ଯେ ॥ ୫୨

ଲକ୍ଷ୍ମଣ ବୋଲନ୍ତି ନଷ୍ଟେ ଶୁଣରେ ଦନୁଜ ।
କେ କେତେ ଗର୍ଜନ ତାହା ବୁଝିବା ତ ଆଜ ରେ ॥ ୫୩

ମୋହର ଗ୍ରୁମୁରୁ ତୁ କି ଫିଟୁ ନଜ ଘର ।
ଆଜ ମୁଁ ପେଷିବ ତୋତେ ସଞ୍ଜୀବନୀ ପୁର ରେ ॥ ୫୪

ବଚନ କହନ୍ତି ଯୁଦ୍ଧେ ନ ରହନ୍ତି କ୍ଷଣେ ।
ଆକାଶେ ଥାଇଣ ଦେଖୁଛନ୍ତି ଦେବଗଣେ ଯେ ॥ ୫୫

ଲକ୍ଷ୍ମଣଙ୍କ ଶରେ ହତ ହୁଅନ୍ତେ ସାରଥି ।
ଶକ୍ରଜିତ ବୋଲଇ ଲକ୍ଷ୍ମଣ ଥାଅ ଏଥି ହେ ॥ ୫୬

ଆନ ରଥ ଚଢ଼ି ପିତା ଗ୍ରୁମୁରେ ଜଣାଇ ।
ବହନ ଆସିବି ସୈନ୍ୟ ସଙ୍ଗେ ଯୁଝ ରହି ରେ ॥ ୫୭

ବିଭୀଷଣ କହିଲେ ଲକ୍ଷ୍ମଣ କର୍ଣ୍ଣମୂଳେ ।
ଏହାକୁ ନ ଛାଡ଼ ବୀର ଏମନକ କାଲେ ଯେ ॥ ୫୮

ନକୁମ୍ଭିଲା ବଟମୂଳେ ହୋମ ଏ କରିବ ।
ରଥ ବାହାରନ୍ତେ ବସି ସଂଗ୍ରାମେ ଜିଣିବ ଯେ ॥ ୫୯

ବିଭୀଷଣ କହନ୍ତେ ଜାଣିଲା ଇନ୍ଦ୍ରଜିତ ।
ଅନ ରଥେ ବସି ତହିଁ ଆସିଲା ତୁରିତ ଯେ ॥ ୬୦

**ଇନ୍ଦ୍ରଜିତ ବଚନକା :---**

ଏ ମୋହୋର ବଚନ ତୁ ଶୁଣ ବିଭୀଷଣ ।
ଏ ମୋତେ ଜଣନ୍ତେ ତୋତେ ଅଛେ କି କାରଣ ଯେ ॥ ୬୧

ଶତ୍ରୁରେ ଶରଣ ପଶି ରଖିଲୁ ତୋ ଦେହୀ ।
ସଗୋତ୍ର ମରାଇ କି କରିବୁ ଏକା ରହି ଯେ ॥ ୬୨

ମୁହିଁ ଇନ୍ଦ୍ରଜିତ ତୁହି ନ ଜାଣୁ କି ମୋତେ ।
ଆଜ ରଣେ ଚଣ୍ଡାଳରେ ମାରିବି ମୁଁ ତୋତେ ରେ ॥ ୬୩

**ବିଭୀଷଣ ବଚନଙ୍କ :—**

ଶୁଣରେ ତୁ ଇନ୍ଦ୍ରଜିତ ମୋହୋର ଉତ୍ତର ।
ତୁମ୍ଭ ଠାରେ ଶରଧା ତ ନାହିଁରେ ମୋହୋର ଯେ ॥ ୬୪

ଶ୍ରୀରାମ ମୋହୋର ଏକା ଅଟନ୍ତି ଠାକୁର ।
ତାହାଙ୍କ କାର୍ଯ୍ୟରେ ଆଜ ଛେଦିବି ତୋ ଶିର ରେ ॥ ୬୫

## ଗୀତ

ଏହା ଶୁଣି ମେଘନାଦ ମନେ କ୍ରୋଧ ବହି ।
ଗଦାଏ ମାରିଲା ବିଭୀଷଣଙ୍କୁ ଅନାଇ ଯେ ॥ ୬୬

ଲକ୍ଷ୍ମଣ ଛେଦିଲେ ତାହା କହିତ ପ୍ରକାରେ ।
ପାଞ୍ଚବାଣ ବିନ୍ଧିଲେ ସେ ଇନ୍ଦ୍ରଜିତ ପରେ ଯେ ॥ ୬୭

ବାବନ ସୁମର ତାହା ଛେଦିଲା ଦଇତ ।
ଏହି ରୂପେ ଦୁହେଁ ଯୁଦ୍ଧ କଲେ ଅପ୍ରମିତ ଯେ ॥ ୬୮

ତିନ ଦିନ ତିନ ରାତ୍ର ଅସଂଖ୍ୟ ସମର ।
ନୟନେ ଦେଖିଣ ଦେବେ ହୋଇଲେ କାତର ଯେ ॥ ୬୯

ପୁଣି ଦଶ ବାଣ ବିନ୍ଧି ଶ୍ରୀରାମ ଅନୁଜ ।
ଅଙ୍ଗରେ ପଡନ୍ତେ କ୍ରୋଧ ହୋଇଲା ଦନୁଜ ଯେ ୭୦

ସୁଗ୍ରୀବ ଅଙ୍ଗଦ ହନୁମନ୍ତ ବିଭୀଷଣ ।
ସେନା ଋକ୍ଷ କପି ସର୍ବ ଯୂଥପତିମାନ ଯେ ॥ ୭୧

ସମସ୍ତଙ୍କୁ ଶର ବୃଷ୍ଟି କଲା ଶକ୍ରଜିତ ।
ବାନରା ମାନେ ସେ ମୋହ ହୋଇଲେ ତୁରିତ ଯେ ॥ ୭୨

ଲକ୍ଷ୍ମଣ ପୁନଃ ତିନି କାଣ୍ଡ ଗୁଣେ ବସାଇଲା ।
ମନ୍ତ୍ରିଣ ନାରାଚ ସଉମିତ୍ରିଙ୍କି ବିନ୍ଧିଲା ଯେ ॥ ୭୩

ଲକ୍ଷ୍ମଣ ଲଲାଟେ ଶର ପଡ଼ିଲାକ ଯାଇ ।
ବ୍ୟଥା ପାଇ ସଉମିତ୍ରି ପଛକୁ ଅନାଇ ଯେ ॥ ୭୪

ବିଭୀଷଣ ବୋଲେ ମୋତେ ନ ଅନାଅ ଆଉ ।
ମାର ଶକ୍ରଜିତ ବାବୁ ଯଶ ତୋର ରହୁ ହେ ॥ ୭୫

ସେନାମାନେ ଚେତା ତୋର ପାଇଲେଣି ସର୍ବେ ।
ଶ୍ରୀରାମ ଅଇଲେ ସୈନ୍ୟ ଢଗିଲେଣି ଏବେ ହେ ॥ ୭୬

ଶୁଣିଣ ଲକ୍ଷ୍ମଣ ବହୁ ପ୍ରାକର୍ମ ପାଇଲେ ।
ଇନ୍ଦ୍ର ଦେବା ବାବଲକୁ ଗୁଣେ ବସାଇଲେ ଯେ ॥ ୭୭

ଶ୍ରୀରାମ ସୁମରି ଶର ଛାଡ଼ିଲେ ତୁରିତ ।
ହୃଦରେ ପଡ଼ନ୍ତେ ହତ ହେଲା ଇନ୍ଦ୍ରଜିତ ଯେ ॥ ୭୮

ଆକାଶରେ ସର୍ବ ଦେବେ ପୁଷ୍ପ ବୃଷ୍ଟି କଲେ ।
ହୁଳହୁଳି ଦେଇ ହନୁ ସଂଗ୍ରାମେ ନାଚିଲେ ଯେ ॥ ୭୯

ସ୍ୱର୍ଗପୁରେ ଶଚୀପତି ହୋଇଲେ ହରଷ ।
ରାମ ପାଦ ଚିନ୍ତି କହେ ରଘୁନାଥ ଦାସ ଯେ ॥ ୮୦

●

## ରାଗ—**ଚକ୍ରାକେଦାର**

ଇନ୍ଦ୍ରଜିତ ହୋଇବାରୁ ହତ    ରାମ ସୈନ୍ୟ ହେଲେ ତୋଷ ଚିତ୍ତ
ଅଙ୍ଗଦ କନ୍ଧେ ବସିଣ ସଉମିତ୍ରି,
ଗଡ଼ଁ ବାହାରିଲେ ବେନି ଭ୍ରାତ, ହେ ସୁଜନେ ॥୧

ସୁଗ୍ରୀ ବିଭୀଷଣ ବେନି ପାଶ    ଆଗେ ବାହାରି ପବନ ଶିଷ
ସୈନ୍ୟ ସେନାପତି ହୋଇ ଆଗପଛ,
ବେଗେ ମିଳନ୍ତି ଶ୍ରୀରାମ ପାଶ, ହେ ସୁଜନେ ॥୨

ଲଙ୍କାଗଡ଼ ଦ୍ୱାରେ ରଘୁପତି    ଦୈତ୍ୟବଳ ସଂହାରେ ନରପତି
ଆତଙ୍କ ଚିତ୍ତେ ମନରେ ଛଳଛଳ,
ସଉମିତ୍ରି ଠାରେ ଦେଇ ମତି, ସେ ଶ୍ରୀରାମ ॥୩

ମନେ ବିଚାରନ୍ତି ରଘୁରାଣ          ତାକୁ ଅଗୋଚର ସ୍ନେହ ରଣ
ଘଡ଼ିକେ ଜଗତ ଜିଣିମ ମୋ ଭାଇ,
ମୋର ଭୟେ ସେ ଥାଇ ରହିଣ, ସେ ବିଚାର ॥୪

ଏହି ସମୟେ ସୈନ୍ୟ ଦିଶିଲେ          ରାମ ଦେଖି ସାନନ୍ଦ ହୋଇଲେ
ଲକ୍ଷ୍ମଣ ସୁଗ୍ରୀ ବିଭୀଷଣ ସହିତେ,
ରାମ ଚରଣ ତଳେ ପଡ଼ିଲେ, ସେ କାଳରେ ॥୫

ସ୍ନେହେ ଅଶ୍ରୁ ପୁଲକିତ ହୋଇ          କୋଳ କଲେ ଲକ୍ଷ୍ମଣଙ୍କୁ ତହିଁ
ଅଙ୍ଗେ କ୍ଷତ ଦେଖି ଆକୁଳ ହୋଇଲେ,
ବିଭୀଷଣ ମୁଖକୁ ଅନାଇଁ, ସେ ରାଘବ ॥୬

କରଯୋଡ଼ି କହେ ବିଭୀଷଣ          ଦେବ କ୍ଷତ୍ରିବର ଏ ଲକ୍ଷ୍ମଣ
ଶୁଣି ତ ଥିଲି ନୟନରେ ଦେଖିଲି,
ଇନ୍ଦ୍ରଜିତ ମଲା ଆଜ ରଣେ, ହେ ଭୋ ଦେବ ॥୭

ଶୁଣି ରାମ ଆନନ୍ଦ ହୋଇଲେ          ଲଙ୍କାଗଡ଼ୁ ସର୍ବେ ବାହାରିଲେ
ତହିଁ ଅସୁର ସୈନ୍ୟ ବହୁ ଦେଖିଣ,
ବିଭୀଷଣ ନୟନ ବୁଜିଲେ, ସେ କାଳରେ ॥୮

ଅକମ୍ପନ ମୂଳେ ସାତ ଭ୍ରାତ          ରଥ ଗଜ ସୈନ୍ୟ ଅପ୍ରମିତ
ସୁଗ୍ରୀ ଆଦି ସୈନ୍ୟ ବୋଲନ୍ତି ଶ୍ରୀରାମ,
ଏକା ହୋଇ କଲେ ସବୁ ହତ, ହେ ସୁଜନେ ॥୯

ରାମ ବୋଲନ୍ତି ହେ ବିଭୀଷଣ          କେ କେ ଏ କ୍ଷତ୍ରିୟରେ ନିପୁଣ
ଅସ୍ତ୍ର ସଙ୍ଗତରେ ଯୁଦ୍ଧ କରି ଏମାନେ,
ମରାଇଲେ ଏବେ ନିଜ ପ୍ରାଣ, ହେ ଲଙ୍କେଶ ॥୧୦

ବିଭୀଷଣ ବୋଲନ୍ତି ଭୋଦେବ          ଆଉ ମାତ୍ର ଅଛି ଦଶଗ୍ରୀବ
ଆଉମାନଙ୍କୁ ଗାରରେ ନ ଗଣେ,
ଯୁଦ୍ଧେ ଏଥର ମରିବେ ସର୍ବ, ହେ ଭୋ ଦେବ ॥୧୧

ଦୈତ୍ୟ ଗୁରୁ କେତେକ ମାତର          ଦେବ ସ୍ଥିତି ପ୍ରଳୟକୁ କର
ଆଜ ଯୁଦ୍ଧେ ହତ ହେଲେ ଯେଉଁମାନେ,
ଅଟେ ସ୍ୱେ ଅସମ୍ଭବ ଆଚର, ହେ ଭୋ ଦେବ ॥୧୨

ଏତେ କହି ଘୁଞ୍ଚି ବିଭୀଷଣ     ହନୁ କନ୍ଧେ ବସି ରାମ ରାଣ
ଅଙ୍ଗଦର କନ୍ଧେ ବସି ସଉମିତ୍ରି,
ସୁବେଲଯାକୁ କଲେ ପ୍ରୟାଣ, ସେ ରାଘବ ॥୧୩

ଦେବନଦୀର କୂଳେ ପ୍ରବେଶ     ସ୍ନାନ ସନ୍ଧ୍ୟା ସାରି ରଘୁଶିଷ
କନ୍ଦମୂଳ ଫଳ ଭୋଜନ ସାରିଣ,
ପହୁଡ଼ିଲେ ଜାନକୀ-ବିଳାସ, ହେ ସୁଜନେ ॥୧୪

ଏଥୁଅନ୍ତେ ରାବଣ ଅଗ୍ରତେ     ଚାର କହିଲା ଯାଇ ତୁରତେ
ଶୁଣିବା ହେଉ ପ୍ରତାପୀ ଲଙ୍କେଶ୍ୱର,
ଇନ୍ଦ୍ରଜିତ ରଣେ ହେଲା ହତ, ହେ ରାଜନ ॥୧୫

କାଷ୍ଠ ପିତୁଳା ପରାୟେ ଶୁଣି     ପୁଣି ପଚାରଇ ବିଂଶପାଣି
ବଜ୍ର ପକାଇ ଶିର କେଉଁ ପାଡିଲା,
ଇନ୍ଦ୍ରଜିତକୁ ଗଲା କେ ହାଣି, ରେ ଡଗର ॥୧୬

ଶିରେ କର ଦେଇ ସେ ଡଗର     ରାବଣକୁ କହଇ ଉତ୍ତର
ଶ୍ରୀରାମ ସାନୁଜ ରଣେ ହତ କଲା,
ଦେଖି ଅଇଲି ମୁହିଁ ସତ୍ୱର, ହେ ରାଜନ ॥୧୭

ଏହା ଶୁଣି ଅତି ଶୋକ କଲା     ଜ୍ଞାନ ହରା ଭୂମିରେ ପଡ଼ିଲା
ମହୋଦର ମୁଖେ ଜଳ ସିଞ୍ଚି ବାଞ୍ଛି,
ଶୋକ ଅନ୍ତେ ଜ୍ଞାନକୁ ପାଇଲା, ସେ ରାବଣ ॥୧୮

ଚେତ ଶୋକ କରଇ ରାବଣ     ଅଟୁ କୁଳ ପ୍ରଦୀପ ନନ୍ଦନ
ଯତି ପୁଣି ତୋତେ ପ୍ରାଣେରେ ମାଇଲା,
ପ୍ରତେ ନ ଆସଇ ମୋର ମନ, ରେ କୁମର ॥୧୯

ଆଗେ ଯୁଦ୍ଧ କଲୁ କି ନୋହିଲୁ     ତୋତେ ପୁଣି ପ୍ରାଣେରେ ମାଇଲା
ମୁହିଁ ନ ଦେଖିଲେ ପ୍ରତେ ନ କରିବ,
ଶୋକେ ଆସ୍ଥାନୁ ବେଗେ ଉଠିଲା, ସେ ରାବଣ ॥୨୦

ରଣ ଭୂଇଁରେ ପ୍ରବେଶ ଯାଇ     ଦେଖିଲା ପୁତ୍ର ପଡ଼ି ଅଛଇ
ଆହା ପୁତ୍ର ବୋଲି କୋଳରେ ଧରିଣ,
ଉଚ୍ଚ ସ୍ୱରେ ରୋଦନ କରଇ, ସେ ରାବଣ ॥୨୧

ଏହା କରି ଗଲୁ ବାବୁ କାହିଁ		ଇନ୍ଦ୍ର ଡରଇ ତୋ ମୁଖ ଚାହିଁ
ବୀର ପଣେ ତୋହ ସଙ୍ଗେ ଊଣା ପୁଣି,
ପୂର୍ବେ ନ ଥିବେ ନୋହିବେ କେହି, ରେ କୁମର ।।୨୨
ସିନ୍ଧୁ ମଧ୍ୟେ ବୁଡ଼ାଇଲୁ ଭେଳା		କାହିଁ ଛାଡ଼ି ଗଲୁ ମୋର ବଳା
ବନସ୍ତ ମଧ୍ୟରେ ଏକା କରି ମୋତେ,
କାଟି ଦେଇଗଲୁ ମୋର ଗଳା, ରେ କୁମର ।।୨୩
ବ୍ୟୋମ-ରଥେ ନ ଥିଲୁ କି ବସି		ହେଳା ଯୁଦ୍ଧ କଲୁ କି ଆଶ୍ୱାସି
ମନ ବଚନ କର୍ତ୍ତବ୍ୟକୁ ନ ଆସେ,
ନର-ବାନରେ ଗଲେ ବିନାଶି, ରେ କୁମର ।।୨୪
ପିଠି ନ ଦେଉ ବାବୁ ତୁ ରଣ		ପ୍ରାଣ ଅଛୁ ଦେଖି ତୋ ମରଣ
କୁମ୍ଭକର୍ଣ୍ଣ ମଲା ପୁତ୍ରମାନେ ଗଲେ,
ତୋତେ ଦେଖି ବିକଳ ମୋ ମନ, ରେ କୁମର ।।୨୫
ଚଣ୍ଡାଳ ବିଭୀଷଣ ମୋ ଭାଇ		ଛେଦ ଭେଦ ଶ୍ରୀରାମକୁ କହି
ଏହା ପରି ପୁତ୍ର ପ୍ରାଣେ ମରାଇଲା,
ତୋତେ କେମନ୍ତେ ମୁଞ୍ଚିବି ମୁହିଁ, ରେ କୁମର ।।୨୬
ମାୟା ଭଣ୍ଡାର ଅଟୁ ନନ୍ଦନ		କେତେ ବାହୁନିବ ତୋର ଗୁଣ
ଆହାରେ କୁମର ବୋଲି କାନ୍ଦି ଗଡ଼ି,
ବହୁ ବିକଳେ କରେ କାରୁଣ୍ୟ, ସେ ରାବଣ ।।୨୭
ଶୋକ ଦେଖିଣ ସୁପୁତ୍ର-ଘନ		ରାବଣକୁ କହଇ ବଚନ
ଇନ୍ଦ୍ରଜିତ ପଡ଼ିବାର ଜାଣିଅଛୁ,
ଦ୍ୱାରେ ସାତ ପୁତ୍ର ମାରି ରାମ, ହେ ରାଜନ ।।୨୮
ଶୁଣି ରାବଣ ଆଶ୍ଚର୍ଯ୍ୟ ହେଲା		ରାମଙ୍କୁ ବହୁତ ଭୟ କଲା
ମୃତ୍ୟୁ ପିଣ୍ଡ ଛାଡ଼ି କ୍ରୋଧ ହୋଇ ପୁଣି,
ଯେଣୁ ମୋର ବଂଶ ବୁଡ଼ାଇଲା, ସେ ଶ୍ରୀରାମ ।।୨୯
ଯେଉଁ କାଳେ ପୃଥ୍ୱୀ ସାଧି କଲା		ସେ କାଳେ କି ପୁତ୍ର ନେଇଥିଲା
ମଲେ ଗଲେ ପୁତ୍ର ନାହିଁ ମୋ କାରୁଣ୍ୟ,
ଏକା ଯୁଦ୍ଧ ମୁଁ କରିବି କାଲି, ହେ ସକଳେ ।।୩୦
ପୁଣି ସୈନ୍ୟଙ୍କୁ ରାବଣ କହି		ପୁତ୍ରକୁ ଦହନ କର ଯାଇ
ଏତେ କହି ନିଜ ପୁରକୁ ଚଳିଲା,
ରଘୁନାଥ ଦାସ ରାମ ଧ୍ୟାୟି, ହେ ସୁଜନେ ।।୩୦

( ଲୀଳା ସମ୍ପୂର୍ଣ୍ଣ )

# ଶକ୍ତିଭେଦ ଲୀଳା

## ରାଗ-- ମୁଖାରୀ

ଏଥିଅନ୍ତେ ରାଜା ଦଶଶିର    ଶୋକେ ପ୍ରବେଶ ହୋଇ ନିଜପୁରୀ
ବଗୃରେ, ମୋ ସମ୍ପଦ ସରିଲା,
ଇନ୍ଦ୍ରଜିତ ପ୍ରାୟେ କୁମର ମଲା ॥ ୧

ମୁଁ ମାଇଲେ ସେହୁ ନୋହିଲେ ନାଶ  ଅସୁରେ ସଗୋଷ୍ଠେ ହେଲେ ବିନାଶ
ସୀତାକୁ, ଆଣି ଭୋଗ ନ କଲି,
ଦୁଇ କୁଳରୁ ମୁଁ ବାହାର ହେଲି ॥ ୨

ମାୟାରେ ସୀତା ହାଣିଲାତ ନେଇ    ସତେ ସୀତା ଆଜ ହାଣିମି ମୁହିଁ
ଜାନକୀ, ଥାଇ କିମ୍ପା କରିବ,
କ୍ରୋଧ ହୋଇଣ ଉଠି ଦଶଗ୍ରୀବ ॥ ୩

କରେ ଖଡ଼ଗ ଧରିଣ ବହନ    ପ୍ରବେଶ ହେଲା ଅଶୋକ ବିପିନ
ଦେଖିଣ, ସର୍ବ ରାକ୍ଷସୀମାନେ,
କର ଯୋଡ଼ି ଉଭା ହେଲେ ମଉନେ ॥ ୪

ତ୍ରିଜଟା କହେ ଶୁଣ ମହାସତୀ    କ୍ରୋଧେ କମ୍ପାଇଁ ଆସେ ଲଙ୍କାପତି
ଏମନ୍ତ, କହି ମଉନ ହେଲେ,
ଜାନକୀ ମୁଖ ଲମ୍ବାଇ ବସିଲେ ॥ ୫

ନିକଟେ ଯାଇ ହେଲା ଦଶଶିର    ବୋଇଲା ସୀତାକୁ ଆଣିଲି ଧରି
ଏହାର, ଯୋଗୁ ମଲେ ମୋ ସୁତ,
ଏହାକୁ ଆଜ ମୁଁ କରିବି ହତ ॥ ୬

ଏହା ଦିଅର ଆଜ ଗଡ଼େ ପଶି    ଇନ୍ଦ୍ରଜିତକୁ ଗଲା ଲେ ବିନାଶି
କନିଷ୍ଠ, ସାତ ପୁଅଙ୍କୁ ମୋର,
ସଂଗ୍ରାମେ ମାରି ଗଲା ଏହା ବର ॥ ୭

ରଥ ଗଜ ଅଶ୍ୱ ପଦାନ୍ତ ବଲ    ଏହା ଯୋଗୁ ହତ ହେଲେ ସକଳ
ଏହାକୁ, ଆଜ ନିଜେ ନଷ୍ଟେ ମାରିବ,
ପୁତ୍ରମାନଙ୍କ କଷ୍ଟ ପାଶୋରିବ ॥ ୮

ନିକଟା ଯୋଡ଼ି କହେ ବେଦକର ଭୋ ଦେବ ଦୋଷ ନାହିଁ ସୀତାଙ୍କର
ଏଠାରେ, ବନ୍ଦିନୀ ଅଛୁ ହୋଇ,
ଏହାଙ୍କୁ କ୍ରୋଧ କର କାହିଁ ପାଇଁ ॥ ୯

ତୁମ୍ଭେ ବଶିଷ୍ଠ ଋଷିଙ୍କର ଶିଷ ପୁରୁଷେ ସ୍ତ୍ରୀ ହତ୍ୟା ବଡ଼ ଦୋଷ
ଶିବଙ୍କୁ, ପୁଣି ମାଗ ହେ ବର,
ଯୁଦ୍ଧେ ଜିଣିଲେ ସୀତା ଭୋଗ କର ॥ ୧୦

ଶୁଣି ଲଙ୍କପତି ହରଷେ ଗଲା ନିଜ ପୁରରେ ଶିବଙ୍କୁ ପୂଜିଲା
ପ୍ରସାଦ, ଘେନି ସନ୍ତୋଷ ହେଲା,
ମନ୍ଦୋଦରୀଙ୍କ ଯାଇଣ ବୋଧିଲା ॥ ୧୧

ମନରେ ସନ୍ତାପ କମ୍ପାଇଁ ପାଅ ରଣେ ସିନା ମଲେ କ୍ଷତ୍ରିୟ ପୁଅ
କାଲି ମୁଁ, ଯୁଦ୍ଧ ଯାଇ କରିବି,
ରାମ ଲକ୍ଷ୍ମଣ କପି ସଂହାରିବି ॥ ୧୨

ମନ୍ଦୋଦରୀଙ୍କ ବୋଧିଣ ଚଳିଲେ ମନ୍ତ୍ରୀମାନଙ୍କୁ ରାଜା ଆଜ୍ଞା ଦେଲେ
ସୈନ୍ୟ ମୋ, ସଜ ହୋଇଣ ଥିବେ,
କାଲି ଆମ୍ଭ ସଙ୍ଗେ ଯୁଦ୍ଧକୁ ଯିବେ ॥ ୧୩

ଶୁଣି ମନ୍ତ୍ରୀ ଆଜ୍ଞା ପ୍ରମାଣେ କହି ସୈନ୍ୟ ସଜ କରିଥିବୁ ଗୋସାଇଁ
କହିଣ, ରାଜା ଭିତରେ ଗଲେ,
ମନ୍ତ୍ରୀ ବେଗେ ସୈନ୍ୟ ସାଜି ଆଣିଲେ ॥ ୧୪

ରାଜା ଭୋଜନ ନ କଲେ ସେ ନିଶି ପ୍ରଭାତୁ ସଜ ହୋଇ ବେଗେ ଆସି
ସମସ୍ତ, ସୈନ୍ୟ ଅଛନ୍ତି ଦ୍ୱାରେ,
ଆପେ ବସିଲେ ପୁଷ୍ପକ ଯାନରେ ॥ ୧୫

ଛନ୍ଦ ଦୃମର ବାଦ୍ୟ ଶଙ୍ଖ ଭେରୀ ରଥ ଘୋଷରେ ପୂରେ ବସୁନ୍ଧରୀ
ଗଡ଼ରୁ, ବାହାରିଲେ ସତ୍ୱରେ,
ପବେଶ ହେଲେ ସଂଗ୍ରାମ ଭୂମିରେ ॥ ୧୬

ଆଗୁଆଣି ଦଣ୍ଡେ ହେଲା ସଂଗ୍ରାମ ସୁବେଳାଦ୍ୱାରେ ଅଛନ୍ତି ଶ୍ରୀରାମ
ବାରତା, ପାଇ ହୋଇଲେ ସଜ,
ଆଗେ ବାହାରିଲେ ବିକର୍ତ୍ତିନଜ ॥ ୧୭

ଲକ୍ଷ୍ମଣଙ୍କୁ ଚାହିଁ କହନ୍ତି ରାଘବ    ପୁନର ଛଳେ ରାବଣ ଯୁଝିବ
ମୋହର, ରାଣ ଅଛଇ ତୋତେ,
ଆଗରେ ନ ଯୁଝିବୁ କଦାଚତେ ॥ ୧୮

ତୁ ମୋହର ପ୍ରାଣ ସଖାରେ ଭାଇ    ଜାନକୀ ଶପଥ ଦେଇ କହଇ
ବୋଧିଣ, ଲକ୍ଷ୍ମଣଙ୍କୁ କହିଲେ,
ଯୁଦ୍ଧକୁ ଅନୁକୂଳେ ବିଜେ କଲେ ॥ ୧୯

ଡାହାଣ ପାଶେ ଜାମ୍ବୁବ ଲକ୍ଷ୍ମଣ    ବାମେ ଅଙ୍ଗଦ ହନୂ ବିଭୀଷଣ
ପଛରେ, ସେନା ସୈନ୍ୟ ଅଛନ୍ତି,
କଂସାଳ ତାଳ ମର୍ଦ୍ଦଳ ବଜାନ୍ତି ॥ ୨୦

ରାକ୍ଷସ ଋକ୍ଷ କପି ହେଲେ ମେଳ    ଆକାଶ ପୂରିଲା ମୁଖ ଚହଲ
ଉଭୟ, ବଳ ସଂଗ୍ରାମେ ଲେଟି,
କବନ୍ଧ ନୃତ୍ୟ କଲେ କୋଟି କୋଟି ॥ ୨୧

ଶ୍ରୀରାମ ବାଣେ ହତ ଦୈତ୍ୟ ଷତ୍ରି    ଅନେକ ସଂହାରିଲେ ସଉମିତ୍ରି
ସୁଗ୍ରୀବ, ଅଙ୍ଗଦ ବିଭୀଷଣ,
ହନୂ ସହିତେ କଲେ ଘୋର ରଣ ॥ ୨୨

ଶ୍ରୀରାମ ପାଶେ ମିଳିଲା ରାବଣ    ଭାଇଙ୍କ ପଛ କରି ରାମ ରାଣ
ଆପଣେ, ଧନୁ ବନ୍ଧିଲେ ଶର,
କାଟି ପକାଇଲା ଲଙ୍କା ଈଶ୍ୱର ॥ ୨୩

ପୁଣି ରାମ କ୍ରୋଧେ ବନ୍ଧିଲେ ବାଣ    ସବୁ ବିନାଶି ଦେଲା ଲଙ୍କା ରାଣ
ରାବଣ, ଅଙ୍ଗେ ନ ବାଜେ ଯାଇ,
ଦେଖି ଲକ୍ଷ୍ମଣ ମନେ କ୍ରୋଧ ହୋଇ ॥ ୨୪

ଛୁର ଦଇତ କାଟେ ଅସ୍ତ୍ର ବାଣ    ଅଗ ହେଲେ ବିଭୀଷଣ ଲକ୍ଷ୍ମଣ
ରାବଣ, ଦେଖି କଲା ସମର,
ଶ୍ରୀରାମ ବନ୍ଧିଲେ ଅନେକ ଶର ॥ ୨୫

ବିଭୀଷଣ ବାଣ ବନ୍ଧେ ବିକୋଟି    ଏ ଛନକଣ ଏକା ଲଙ୍କପତି
ଅଙ୍ଗରେ, ଶର ବାଜନ୍ତେ ଯାଇ,
କ୍ରୋଧେ ବୋଇଲା ଦୈତ୍ୟ କୁଳସାଇଁ ॥ ୨୬

ବିଭୀଷଣଙ୍କୁ ବୋଲେ ଦଶଶିର ଆରେ ପାପିଷ୍ଠ ଅଟୁ ଦୁରାଚାର
ସଗୋଷ୍ଠ, ନାଶ କଲୁ ଦୁର୍ମତି,
ପ୍ରାଣ ଘେନିବି ମୁଁ ମାରି ଶକତି ॥ ୨୭

ଏତେ ବୋଲି କରେ ଧରି ସେ ଶର ଜୁଳନ୍ତେ ପୃଥ୍ଵୀ ହୋଇଲା ଅସ୍ଥିର
ବିଧାତା, ନିଜ ତେଜକୁ ସେ ଜାତ,
ବାଜିଲେ ବିହି ବିଷ୍ଣୁ ହର ହତ ॥ ୨୮

ସେ ଶକ୍ତି ନାମ ଅଟେ ଏକଘନ ପ୍ରଭୁ ଦଶଇ ପ୍ରଳୟ ବହ୍ନିନ
ଦେଖିଣ, ବିଭୀଷଣ ଭୟରେ,
ଲୁଚିଲା ଯାଇ ଲକ୍ଷ୍ମଣ ପଛରେ ॥ ୨୯

**ରାବଣ ବଚନଙ୍କା :—**

ଆଡ଼ ହୋଇ ଏବେ ତୁ ଯାଅରେ ଲକ୍ଷ୍ମଣ ।
ଏ ଶକ୍ତି ମାରି ଘେନିବି ବିଭୀଷଣ ପ୍ରାଣ ॥

ଏ ପାପିଷ୍ଠ ମୋର କୁଳ ଗୋଷ୍ଠ କଲା ନାଶ ।
ଏହାକୁ ମାରିଲେ ମୋର କିଛି ନାହିଁ ଦୋଷ ॥

**ଲକ୍ଷ୍ମଣ ବଚନଙ୍କା :—**

ଆରେ ଅରେ ରାବଣ ତୁ କହୁ କେତେ ଠାଣ ।
କି କରି ପାରିବ ତୋ ଶକତି ନିଲକ୍ଷଣ ॥

ଶରଣ ପଞ୍ଜର ବାନା ଅଛଇଟି ମୋର ।
ଏହିକ୍ଷଣି ତୋତେ ମୁଁ ପେଷିବି ଯମପୁର ॥

## ଗୀତ

ଏତେ ବୋଲି ଶର ଛନ୍ଦେ ଲକ୍ଷ୍ମଣ ବାଜନ୍ତେ ଭୟ ପାଇଲା ରାବଣ
ଆକାଶେ, ଦିଗପାଳଙ୍କୁ ଗୁହାରି,
ସମସ୍ତେ ଶୁଣ ମୋର ଦୋଷ ନାହିଁ ॥ ୩୦

ଏ ବ୍ରହ୍ମଶର ଅଟେ ଅନିବାର ବିଭୀଷଣଙ୍କୁ କରିବ ପ୍ରହାର
ବିଷୟେ, ହୀନ ଅଟେ ଲକ୍ଷ୍ମଣ,
ଏଥେ ମୋ ଦୋଷ ନାହିଁ ସର୍ବେ ଶୁଣ ॥ ୩୧

ଏତେ ବୋଲି ଚଳାଇଲା ଶକଟ        ଅଥିର ହେଲା ସପ୍ତ ଦ୍ୱୀପା ପୃଥ୍ୱୀ
ଦେଖିଣ, ରାମଚନ୍ଦ୍ର ବିରସ,
ସେ ପାଦେ ଭଜେ ରଘୁନାଥ ଦାସ ॥ ୩୨

●

## ରାଗ—ମଙ୍ଗଳଗୁଜ୍ଜରୀ

ଏଥୁ ଅନ୍ତେ ଶୁଣ ରାମ ଚରିତ ଅମୃତ ।
ଶ୍ରୀରାମ ଲକ୍ଷ୍ମଣ ଶର ବିନ୍ଧିଲେ ବହୁତ ଯେ ॥ ୧

ଶକ୍ତି ବିନାଶ କରନ୍ତେ ନୋହିଲେ ଭର୍ଜନ ।
ଦହୁଡ଼ି ଆଗରେ ଦୀପ ଦିଶିଲେ ଯେସନ ଯେ ॥ ୨

ରବି କିରଣକୁ କିବା ଲକ୍ଷ୍ୟ ଦେବା ଆଉ ।
ଏହି ପ୍ରାୟେ ଯେତେ ଶର ବିନ୍ଧ ରାମ ରାହୁ ଯେ ॥ ୩

ରାବଣ ହୃଦରେ ଶର ପଡ଼ନ୍ତେ କାତର ।
ଅତି କ୍ରୋଧ ଭରେ ଶକ୍ତି କଲାକ ପ୍ରହାର ଯେ ॥ ୪

ଲକ୍ଷ୍ମଣ ହୃଦରେ ଶକ୍ତି ପଡ଼ିଲା ତୁରିତେ ।
ମୋହଗତ ହୋଇ ସେ ପଡ଼ିଲେ ଭୂମିଗତେ ଯେ ॥ ୫

ଦେଖିଣ ରାବଣ ଜୟ ଶଙ୍ଖ ଧ୍ୱନି କଲା ।
ସୈନ୍ୟବଳ ଘେନି ନିଜ ପୁରେ ବାହୁଡ଼ିଲା ଯେ ॥ ୬

କ୍ରୋଧେ ରାମ ଗୋଡ଼ାଇଣ ବିନ୍ଧିଲେକ ଶର ।
କାଟି ପକାଇଲେ ରଥୀ ସାରଥିଙ୍କ ଶିର ଯେ ॥ ୭

ଲକ୍ଷ ଲକ୍ଷ ସୈନ୍ୟ ରାମ କ୍ରୋଧେ ବଧ କଲେ ।
ବିକଳରେ କେହୁ ରଡ଼ି ଛାଡ଼ି ପଳାଇଲେ ଯେ ॥ ୮

ବିରଥୀ ହୋଇ ପଳାଇ ବେଗେ ଲଙ୍କାସାଇଁ ।
ବିକଳ ହୋଇଣ ବାହୁଡ଼ିଲେ ଲଙ୍କାସାଇଁ ଯେ ॥ ୯

ଦୁଃଖେ ଦୁଃଖୀ ହୋଇ ବିକେ କରନ୍ତି ରାଘବ ।
ଦେଖିଲେ ଭାଇକ ବେଢ଼ିଛନ୍ତି ସୈନ୍ୟ ସର୍ବ ଯେ ॥ ୧୦

ଶୋକଭର ହୋଇ ଯାଇ ନିକଟେ ମିଳିଲେ ।
କରେ ଧରି ତୋଳିବାକୁ ଟୁଳି ନ ପାରିଲେ ଯେ ॥ ୧୧

ରୋଦନ କରଣ ସୁଗ୍ରୀ ବିଭୀଷଣ ରାଇ ।
ଆହେ ଲଙ୍କପତି ଯେବେ ମଲା ମୋର ଭାଇ ହେ ॥ ୧୨

ଟଳନ୍ତେ ନ ଚଳେ ମେରୁ ପରାଯେ ଅଚଳ ।
ଆହାରେ ଲକ୍ଷ୍ମଣ କାହିଁ ଥିଲା ଏଡ଼େ କାଳରେ ॥ ୧୩

ରାଜ୍ୟ ସୁଖ ଛାଡ଼ି ସଙ୍ଗେ ଅଇଲୁ ଗୋଡ଼ାଇ ।
ବନେ କଷ୍ଟ ପାଇ ସେବା କରିବାର ପାଇଁ ରେ ॥ ୧୪

ତୋହର ଆଆନ୍ତେ ସୀତା ମୂର୍ଚ୍ଛିଲି ରେ ଭାଇ ।
ଘରକୁ ମୁଁ ଗଲେ ମୋତେ କି ବୋଲିବେ ଆଈ ରେ ॥ ୧୫

ଅବେଭର କଥାରେ ମୋତେ ଦେଉ ଶିଖାଇ ।
ଜନକ ନଗରେ ଧନୁ ଧରନ୍ତେ ମୁଁ ଯାଇ ରେ ॥ ୧୬

ଶିର ଲମ୍ବାଇଣ ବୋଇଲୁ ଧନୁ ନ ଧର ।
ନମସ୍କାର ହେଲା ପ୍ରାପ୍ତ ଋଷିବ ଆମ୍ଭର ଯେ ॥ ୧୭

ତିନପୁରେ ବୀର ତୋତେ ନାହିଁ ସମ ପଣେ ।
ଇନ୍ଦ୍ରଜିତ ପରି ଷଣ୍ଢି ହତ ତୋର ବାଣେ ରେ ॥ ୧୮

ଶୋକ ଆକୁଳରେ ସୁଗ୍ରୀବରଙ୍କୁ ଅନାଇ ।
ଉପାଡ଼ି ଶକତି କେଡ଼େ ଘାଅ ଅଛୁ ହୋଇ ଯେ ॥ ୧୯

ସୁଗ୍ରୀବ ଧରନ୍ତେ ଶକ୍ତି ନ ପାରିଲେ ଟଳି ।
ସେନା ଯୂଥପତି ବୀରମାନେ ଯାଇ ମିଳି ଯେ ॥ ୨୦

ସମସ୍ତେ ଧରନ୍ତେ ଶକ୍ତି ଚଳେ ବସୁନ୍ଧରୀ ।
ଉଠ ଉଠ ବୋଲି ରାମଚନ୍ଦ୍ର ଶୋକ କରି ଯେ ॥ ୨୧

ଦକ୍ଷକର ଦେଲେ ନେଇ ଲକ୍ଷ୍ମଣ ହୃଦରେ ।
ବାମକରେ ଉପାଡ଼ନ୍ତେ ମନ୍ଦର ଅବୋରେ ଯେ ॥ ୨୨

ବେଦନ ଖଣ୍ଡ କରିଣ ଆପଣେ ଫିଙ୍ଗି ଦେଲେ ।
ହୁଲା ଅଣାଇଣ ଘାଅ ଦେଖି ମୋହ ଗଲେ ଯେ ॥ ୨୩

ସୁଗ୍ରୀ ବିଭୀଷଣ ତୋଳି ବସାଇଲେ ଆଣି ।
ଚେତନା ପାଇଣ ଶୋକ କଲେ ରଘୁମଣି ଯେ ॥୨୪

ଅବେଭର କଥା ଏବେ କଲ କମ୍ପା ବୀର ।
ସମସ୍ତ ବେଭରମାନ ଆଦ୍ୟେ ତ ଅସ୍ତ୍ର ହେ ॥ ୨୫

ବିଶ୍ୱାମିତ୍ର ମୁନି ଦେବା ଅସ୍ତ୍ରଶସ୍ତ୍ର ଯେତେ ।
ଆଗ ମୋତେ ଦେଇ ପରେ ସମର୍ପିଲେ ତୋତେ ରେ ॥ ୨୬

ଜନକ ନଗରେ ଆଦ୍ୟେ ବିବାହ ଆସ୍ତୁର ।
ପଛେ ବରଣ ତୁମ୍ଭଙ୍କୁ କଲେ ମୁନିବର ଯେ ॥ ୨୭

ଶମନ ପୁରକୁ ଏବେ ଗଲ ଆଗ ହୋଇ
ଅନାଡ଼ କର୍ମାଇଁ ଆଚରିଲୁ ସାନ ଭାଇ ରେ ॥ ୨୮

ଏହିକାଳେ ସୁଷେଣ ଯୋଡ଼ିଲେ ବେନି କର ।
ଭୋ ଦେବ ରାଘବ ଏବେ ଶୋକ ତୁ ନ କର ହେ ॥ ୨୯

ଏ କେମନ୍ତ ପୋଥି ଦେବ ଅଛୁ ମୋର କର ।
ତବେ ଲକ୍ଷ୍ମଣ କଛୁ ବିଗୃର ନ କର ହେ ॥ ୩୦

ଗନ୍ଧମାର୍ଦ୍ଦନ ପର୍ବତୁ ଅଣାଅ ଔଷଧି ।
ଆଗତ ଜାଣିଣ ଏହା ଲେଖିଅଛୁ ବିଧି ଯେ ॥ ୩୧

ଛପ୍ପାଶୀ ସହସ୍ର ଯୋଜନ ଅଟଇ ସେ ଦୂର ।
ରାତ୍ରି ନ ପାହୁଁ ଔଷଧି ଅଣାଅ ସତ୍ୱର ହେ ॥ ୩୨

ଶୁଣିଣ ଭରସା ହୋଇ କହି ରଘୁବୀର ।
ଏହା ତୁ କହିଲୁ ବୋଧିବାକୁ ମୋ ଆଗର ଯେ ॥ ୩୩

ଛପ୍ପଶୀ ସହସ୍ର ଯୋଜନ କେ ଯାଇ ପାରିବ ?
ରାତ୍ରି ନ ପାହୁ ଔଷଧି କେହୁ ଆଣିଦେବ ଯେ ॥ ୩୪

ଔଷଧି ନ ଆସଇ ନ ବଞ୍ଚି ମୋର ଭାଇ ।
ଏମା ମୋତେ ଛିଆଇଲା କଇକେଇ ଆଇ ଯେ ॥ ୩୫

ଭାଇର ମରଣ ଦେଖି ଅଛୁ ମୋର ପ୍ରାଣ ।
କର ଯୋଡ଼ିଣ ସୁଷେଣ କହଇ ବଚନ ଯେ ॥ ୩୬

ହନୁମନ୍ତ ଯାଇ ଦେବ ଔଷଧ ଆଣିବ ।
ରାତ୍ର ନ ପାହୁଁ ସେ ଦେବ ଯାଇଣ ଆସିବ ହେ ॥ ୩୭

ଶ୍ରୀରାମ ବୋଲନ୍ତି ସେହୁଡ଼େ ଦୁର୍ଗମ ପଥକୁ ।
କେମନ୍ତେ ପେଷିବ ଏକା ପବନ-ସୁତକୁ ଯେ ॥ ୩୮

ଶୁଣି ହନୁ କର ଯୋଡ଼ି କହଇ ବଚନ ।
ମୋହଠାରେ କମ୍ପାଇଁ ନଧର୍ଯ୍ୟା ରଘୁନାନ ହେ ॥ ୩୯

ଏ କସ ଦୁର୍ଗମ ପଥ ଅଟେ କେତେ ଦୂର ।
ଆଗ୍ୟା° ପ୍ରମାଣେ ଔଷଧ ଆଣିମି ସତ୍ୱର ହେ ॥ ୪୦

ଶୁଣି ରାମଚନ୍ଦ୍ର ମନେ ଆନନ୍ଦ ହୋଇଲେ ।
ରଘୁନାଥ ଦାସ ରାମ ଚରଣେ ଧ୍ୟାଇଲେ ଯେ ॥ ୪୧

●

## ରାଗ—**ମୁଖାରୀ**

ଏଥୁଅନ୍ତେ ରାମ ହନୁକୁ କହି        ରାତ୍ର ନ ପାହୁ ଆସ ବେଗ ହୋଇ
ବସିଛୁ, ମୁହିଁ ତୋତେ ଅନାଇ,
ପଥେ ରକ୍ଷା ହୋନ୍ତୁ କମଳା ସାଇଁ ॥ ୧

ଶୁଣି ହନୁ ନମସ୍କାର ହୋଇଲେ        କାୟା ବଢ଼ାଇ ଉଚେ ଉଡ଼ିଗଲେ
ଦେଖିଣ, ଲଙ୍କାଗଡ଼ ଉପର,
ଯାଇ କହିଲା ରାବଣ ଛାମୁର ॥ ୨

ଶୁଣିମା ହେଉ ଆହେ ଲଙ୍କେଶ୍ୱର        ଶକତି ମାଇଲା ଲକ୍ଷ୍ମଣ ପର
ସେନାଏ, ତା ତୋଳି ନ ପାରିଲେ,
ଶ୍ରୀରାମ ବାମ କରେ ଉପାଡ଼ିଲେ ॥ ୩

ଆଇକ ଶ୍ରୀରାମ କୋଳେ ଧରିଣ        ବହୁତ ବାକଲେ କଲେ କାରୁଣ୍ୟ
ବୈଦ୍ୟ ତା, ହୋଇଅଛୁ ସୁଷେଣ,
ସେ ବୋଲେ ମୁଁ ଜିଆଇବ ଲକ୍ଷ୍ମଣ ॥ ୪

ଏବେ ଗନ୍ଧମାର୍ଦ୍ଦନ ପର୍ବତକୁ      ବୈଦ୍ୟ ବୋଲେ ରାମ ପେଷି ହନୁକୁ
ରାତ୍ରରେ, ଔଷଧି କି ଆଣିବ,
ଶୁଣି ଆଶ୍ଚର୍ଯ୍ୟ ହେଲେ ଦଶଗ୍ରୀବ ॥ ୫

ତତକ୍ଷଣେ କାଳନେମି ଦୈତ୍ୟକୁ      ରାବଣ ରାଇଣ କହେ ତାହାକୁ
ଔଷଧି, ପାଇଁ ହନୁ ଯାଉଛି,
ମାରି ପାରିବୁ କି ପବନ ବଚ୍ଛି ॥ ୬

ଗନ୍ଧମାର୍ଦ୍ଦନ ନିକଟରେ ଯାଇ      ପାତାଳ ଭେଦି ଗଣ୍ଡେକ ଅଛଇ
ତହିଁରେ, ଏକ କୁମ୍ଭୀରି ଅଛି,
ସେ ଜଳେ ଯେ ପଶେ ତାକୁ ଖାଉଛି ॥ ୭

ମାରି ପାରିଲେ ତ ଉତ୍ତମ ହେବ      ନୋହିଲେ ଭଣ୍ଡି ରାଏ ପୁହାଇବ
ଶୁଣିଣ, ଦୈତ୍ୟ ହୃଷ୍ଟ ହୋଇଲା,
ମାରି ଆସିବି ବୋଲିଣ କହିଲା ॥ ୮

ବେଗେ ରାଜାକୁ ନମସ୍କାର ହୋଇ      ହନୁମନ୍ତକୁ ବଳି ଚଳି ଯାଇ
କପଟେ, ହେଲା ସେ ମୁନିବର,
ମାୟାରେ ଦେଉଳେ କଲା ସମ୍ଭର ॥ ୯

ଶିବଙ୍କୁ ସ୍ଥାପି ସେ ଜପ କରଇ      ଊର୍ଦ୍ଧ୍ୱେ ହନୁମନ୍ତ ଯାନ୍ତେ ଦେଖଇ
ଡାକଇ, ଆସରେ ହନୁମନ୍ତ,
ଶ୍ରମ ଭାଙ୍ଗି ତୁ ଯାଅ ତୁରିତ ॥ ୧୦

ମୋ କଥା ଯଦି ତୁହି ନ କରିବୁ      ଯହିଁକି ଯାଉଛୁ ତୁ ନ ପାଇବୁ
ଶୁଣିଣ, ହନୁ ଭୟ ପାଇଣ,
ଋଷିର ପାଦେ କଲେକ ପ୍ରଣାମ ॥ ୧୧

ମୋତେ ରାଇଲ ହେ ମୁନି କମ୍ପାଇଁ      ରହିବାକୁ ମୋତେ ସମୟ ନାହିଁ
ଔଷଧି, ବେଗେ ଆଣିବି ଯାଇ,
ଶକ୍ତିରୁ ବର୍ତ୍ତିବେ ଶ୍ରୀରାମ ଭାଇ ॥ ୧୨

ମୁନି ବୋଲେ ତୁ ଏ ଜଳେ ପଶିବୁ      ସ୍ନାନ ଦାନ କରି ଶଙ୍କର ଦେଖିବୁ
ସମସ୍ତ, ପାତକ ହେବ କ୍ଷୟ,
ଯହିଁକି ଯାଉଛୁ ହୋଇବ ଜୟ ॥ ୧୩

ଶୁଣି ହନୁ ସେ ଜଳରେ ପଶିଲା ତତକ୍ଷଣେ କୁମ୍ଭୀରଣୀ ଧଇଲା
ଜାଣିଣ, ହନୁ ବୁଡ଼ିଲେ ଜଳେ,
ଉଛୁଡ଼ି ଆଣି ପକାଇଲେ କୂଳେ ॥ ୧୪

ଦୁଇଗୋଡ ଧରି ଚିରି ପକାଇ ମଲା କୁମ୍ଭୀରଣୀ ଗର୍ଜନ ଦେଇ
ତକ୍ଷଣେ, ନିଜ ଶରୀର ପାଇ,
ଦେଖି ହନୁମନ୍ତ ଆଶ୍ଚର୍ଯ୍ୟ ହୋଇ ॥ ୧୫

**କନ୍ୟା ବଚନିକା !—**

କରଯୋଡ଼ି କନ୍ୟା ବୋଲେ ଶୁଣ ହେ ମାରୁତ ।
ମୁହିଁ ଦକ୍ଷବାଳୀ ଅଟେ ଦକ୍ଷର ଦୋହିତ୍ର ॥

ବ୍ରହ୍ମାଙ୍କ ଶାପରେ କୁମ୍ଭୀରଣୀ ହୋଇଥିଲି ।
ତୁମ୍ଭ ଦର୍ଶନରେ ଏବେ ମୁହିଁ ମୋକ୍ଷ ହେଲି ॥

ମାୟା ମୁନି ଏହୁ ମୋତେ ଦୃଶ୍ୟ ହେଉଅଛୁ ।
ତୁମ୍ଭଙ୍କୁ ମାରିବା ପାଇଁ ରାବଣ ପେଷିଛୁ ॥

ଏତେ କହି ବାଳୀ ତହୁଁ ନିଜ ସ୍ଥାନେ ଗଲା ।
ଧାଇଁ ହନୁମନ୍ତ କ୍ରୋଧେ ଯତିକି ଧଇଲା ॥

## ଗୀତ

ବୋଇଲା ଭଣ୍ଡିଆରେ ଏହା କଲୁ ବିଶ୍ୱାସ କରି ମାରିତ ଲୋଡ଼ିଲୁ
କ୍ରୋଧରେ, ଅସୁରକୁ ବୁଲାଇ,
ଦେଉଳ ଉପରେ ପିଟିଲା ନେଇ ॥ ୧୬

ପ୍ରାଣ ଛାଡ଼ିଣ ପଡ଼ିଲା ଅସୁର ତକ୍ଷଣେ ହନୁ ଚଳିଲେ ସତ୍ୱର
ପ୍ରବେଶ, ହେଲେ ଗନ୍ଧମାର୍ଦ୍ଧନ,
ଦେଖି ହନୁ ତୋଷେ ଭାଳନ୍ତି ମନ ॥ ୧୭

ବ୍ରହ୍ମ ପଦରୁ ବଡ଼ ନାହିଁ ଆନ ବିବ୍ରୁ ଗନ୍ଧର୍ବେ ମିଳି ବହନ
ହନୁକୁ, ବୋଲନ୍ତି ରେ ବାନର,
କି କାର୍ଯ୍ୟେ ପଶିଲୁ ତୁ ଦେବ ପୁର ॥ ୧୮

ଆଜ ନଷ୍ଟେ ପ୍ରାଣ ଘେନବୁ ତୋର    ହନୁ ବୋଲଇ ଶୁଣ ମୋ ଉତ୍ତର
ରାବଣ, ରାମ ଯୁଦ୍ଧ ହୋଇଲା,
ଲକ୍ଷ୍ମଣ ହୃଦେ ଶକତି ପଡ଼ିଲା ॥ ୧୯

ତେଣୁ ଔଷଧି ବେଗେ ମୁହିଁ ନେବି    ଯୁଦ୍ଧ କଲେ ତୁମ୍ଭ ପ୍ରାଣ ଘେନିବି
ଗନ୍ଧର୍ବେ, ଶୁଣି ହୋଇଲେ କ୍ରୁଦ୍ଧ,
ହନୁ ଅଙ୍ଗେ ପ୍ରହାରିଲେ ଆୟୁଧ ॥ ୨୦

କ୍ରୋଧେ ପାବନି ବୃକ୍ଷେ ଉପାଡ଼ିଲା    ଗନ୍ଧର୍ବ ଉପରେ ନେଇ ପିଟିଲା
କାହାକୁ, ପାଦେ ମର୍ଦ୍ଦି ପକାଇ,
ବିଧା ଘାତେ କେହୁ ଧୂଳି ହୁଅଇ ॥ ୨୧

ଘଡ଼ିକେ ଗନ୍ଧର୍ବେ ସମସ୍ତେ ମଲେ    ଯୁଦ୍ଧ ଛାଡ଼ି କେହୁ ପଳାଇ ଗଲେ
ଦେଖିଣ, ହନୁ ସନ୍ତୋଷ ହୋଇ,
ରଘୁନାଥ ଦାସ ଶ୍ରୀରାମ ଧ୍ୟାୟି ॥ ୨୨

## ରାଗ—ମଙ୍ଗଳଗୁଜ୍ଜରୀ

ହନୁମନ୍ତ ବିଚାରଇ କି ବୁଦ୍ଧି କରିବି ।
ନ ଚିହ୍ନଇ ମହୌଷଧି କେମନ୍ତେ ମୁଁ ନେବି ଯେ ॥ ୧

ଏତେ ବିଚାରି କ୍ରୋଧରେ ପର୍ବତ ଭାଙ୍ଗିଲା ।
ଶତେ-ଯୁଣ ସ୍ଥଳୀ ମୁଣ୍ଡେ ବହିଣ ଚଳିଲା ଯେ ॥ ୨

ଦକ୍ଷିଣ ଦିଗକୁ ମୁଖ କରିଣ ଆସଇ ।
ଏହା ଦେଖି ଚର ଯାଇ ରାବଣକୁ କହି ଯେ ॥ ୩

ଶୁଣ ଦେବ ହନୁ କାଳନେମି କି ମାରିଲା ।
କୁମ୍ଭୀରଣୀ ଖା'ନ୍ତେ ତାକୁ ଚିରି ପକାଇଲା ଯେ ॥ ୪

ଗନ୍ଧମାର୍ଦ୍ଦନ ପର୍ବତେ ଗନ୍ଧର୍ବ ମାରିଲା ।
ଔଷଧି ନ ଚିହ୍ନି କ୍ରୋଧେ ପର୍ବତ ଭାଙ୍ଗିଲା ଯେ ॥୫

ଏବେ ଆସୁଛି ପର୍ବତ ମୁଣ୍ଡେ ଅଛି ଧରି ।
ଶୁଣି ଲଙ୍କପତି ମନେ ଅତି କ୍ରୋଧ କରି ଯେ ॥ ୬

ଦଶ ସହସ୍ର ରାକ୍ଷସେ ରାବଣ କହଇ ।
ହନୁକୁ ମାରି ପର୍ବତ ରଖିବ ଛଡାଇ ଯେ ॥ ୭

ଆଜ୍ଞା ପାଇ ଦୈତ୍ୟେ କରେ ଶସ୍ତ୍ରମାନ ଧରି ।
ଧାଇଁଲେ ଦୈତ୍ୟେ ହନୁକୁ ଦେଖି ଯୁଦ୍ଧ କରି ଯେ ॥ ୮

ହନୁମନ୍ତ ବୋଲେ ତୁମ୍ଭେ କିମ୍ପାରେ ଅଇଲ ।
ନ ଜାଣି କି ମୁହିଁ ହନୁମନ୍ତ ବାଇ ହେଲ ହେ ॥ ୯

ଏହିକ୍ଷଣି ତୁମ୍ଭ ପ୍ରାଣ ଯିବ ଯମପଥ ।
ହୃଟେ ପର୍ବତକୁ ଧରି ଯୁଝେ ହନୁମନ୍ତ ଯେ ॥ ୧୦

ଦୁଇ ପାଦେ ମାରନ୍ତେ ଅସୁର ପ୍ରାଣ ଛୁଟି ।
ଲାଙ୍ଗୁଳେ ଗୁଡିଆନ୍ତେ ମରି ପଡି ଗୁଡି ରଡି ଯେ ॥ ୧୧

ଅସୁର ମାରନ୍ତେ ପାବନର ଭୟ ନାହିଁ ।
ଘଡିକେ ଧୂମାନ୍ତ କଲେ ପବନ ତନୟି ଯେ ॥ ୧୨

ହନୁକୁ ଦେଖିଣ ଦେବେ ବହୁ ପ୍ରଶଂସିଲେ ।
ଏ ଯୁଝ ଆନ ଲୋକରେ ନୁହଇ ବୋଇଲେ ଯେ ॥ ୧୩

ଏ ଅନ୍ତେ ମନରେ ଭାଳି ହନୁମନ୍ତ ବୀର ।
ନ ପୁଟ ଥାଟ ମେଘଇ ଆଉ ଦଶଶିର ଯେ ॥ ୧୪

ବାଟ ଭାଙ୍ଗି ଯିବା ବୋଲି ଆଡ ହୋଇ ଗଲା ।
ପଶ୍ଚିମକୁ ମୁଖ କରି ତାହାଟେ ଚଳିଲା ଯେ ॥ ୧୫

ଅଯୋଧ୍ୟା କଟକେ ନନ୍ଦିଗ୍ରାମେ ଯାଇ ହେଲେ ।
ଶବଦ ଶୁଣିଣ ଭରଥ ଆଶ୍ଚର୍ଯ୍ୟ ହୋଇଲେ ଯେ ॥ ୧୬

କେହୁ ଯାଉଅଛୁ ଆମ୍ଭେ ଜାଣିବା କେମନ୍ତ ।
ଏତେ ବରୁଷି ବାଟୁଳି ବିନ୍ଧିଲେକ ଭରଥ ଯେ ॥ ୧୭

ଗର୍ଜିଣ ବାଟୁଳି ହନୁ କପୋଳେ ବାଜିଲା ।
ପର୍ବତ ଧରି ବିକଳ ହୋଇ ମୋହ ଗଲା ଯେ ॥ ୧୮

ଚେତନା ପାଇ ଶ୍ରୀରାମ ସୁମରି ଉଠଇ ।
ଦେଖି ଭରଥ ହନୁକୁ ବହୁତ ପ୍ରଶଂସଇ ଯେ ॥ ୧୯

ମୋହର ବାଟୁଲି ସହି ନ ପାରନ୍ତି କେହି ।
ପର୍ବତେ ଧରନ୍ତି କ୍ଷଣେ ମାତ୍ର ମୋହ ଯାଇ ଯେ ॥ ୨୦

ଏତେ ଭଲି ଭରଥ ବୀର ନିକଟକୁ ଗଲେ ।
ତୁ ମହାତ୍ମା କେହୁ ଅଟୁ ହନୁକୁ ପୁଚ୍ଛିଲେ ଯେ ॥ ୨୧

ହନୁମନ୍ତ ବୋଲେ ମୁହିଁ ପବନର ସୁତ ।
ପ୍ରଭଞ୍ଜନା ଗର୍ଭୁ ଜାତ ନାମ ହନୁମନ୍ତ ଯେ ॥ ୨୨

କି ପଗ୍ରୁର କହ ମୋତେ କେତେ ଅଛି ରାତି ।
ଭରଥ କହନ୍ତି ଆସିଣ ହେଲଣି ପାହାନ୍ତି ଯେ ॥ ୨୩

ଶୁଣି ବେଗ ବେଗ ହୋଇ ପାବନି ଉଠଇ ।
ଭରଥ ବୋଲେ ତରତର ହେଉ କାହିଁପାଇଁ ଯେ ॥ ୨୪

ହନୁମନ୍ତ ବୋଲେ କଥା କହି ନ ପାରଇ ।
ଲକ୍ଷ୍ମଣ ଶକ୍ତିଭେଦ ମାଇଲା ଲଙ୍କସାଇଁ ଯେ ॥ ୨୫

ତେଣୁ ମଉଷଧି ମୁହିଁ ନେବଇଁ ତୁରିତ ।
ବାଟ ଗୃହିଁ ରହିଥିବେ ମୋତେ ରଘୁନାଥ ହେ ॥ ୨୬

କେଉଁ ଦେଶ କେଉଁ ରାମ କାହିଁର ଲକ୍ଷ୍ମଣ ।
ତୁ କାହାର ସେବକ ମାଇଲା କୋ ରାବଣ ହେ ॥ ୨୭

ହନୁମନ୍ତ ବୋଲେ ଅଯୋଧ୍ୟାର ଦଶରଥ ।
ତିନି ରାଣୀରୁ ତାଙ୍କର ଚ୍ୟରିପୁତ୍ର ଜାତ ଯେ ॥ ୨୮

ଜନକ ନଗରେ ଶିବଧନୁକୁ ଭାଙ୍ଗିଲେ ।
ବିଭାମାନ ହୋଇ ନିଜ ରାଜ୍ୟକୁ ଅଇଲେ ଯେ ॥ ୨୯

ଦଶରଥଙ୍କୁ କୈକେୟୀ କରାଇଲେ ସତ୍ୟ ।
ରାମ ବନ ଯିବା ରାଜା ହେବ ମୋ ଭରତ ଯେ ॥ ୩୦

ଶୁଣି ଭାଇ ଭାରିଯାଙ୍କୁ ସଙ୍ଗେ ଘେନି ରାମ ।
ପିତା ସତ୍ୟେ ବାସ କଲେ ପଞ୍ଚବଟୀ ବନ ଯେ ॥ ୩୧

ଲଙ୍କାର ରାବଣ ମାୟା ମୃଗେ ଦେଖାଇଲା ।
ବେନି ଭ୍ରାତ ମାରଯାନ୍ତେ ସୀତା ଘେନିଗଲା ଯେ ॥ ୩୨

ନ ଦେଖି ସୀତାଙ୍କୁ ରାମ ବହୁ ଶୋକ କଲେ ।
ଋଷ୍ୟମୂକେ ସୁଗ୍ରୀବ ସଙ୍ଗତେ ମିତ୍ର ହେଲେ ଯେ ।।୩୩

ମଇତ୍ର ଛଳେ ଶ୍ରୀରାମ ବାଳୀ ବଧ କଲେ ।
ସୈନ୍ୟ ବଳ ସଙ୍ଗେ ଘେନି ସିନ୍ଧୁ କୂଳେ ହେଲେ ଯେ ।।୩୪

ସମୁଦ୍ରେ ସେତୁ ବାନ୍ଧି ଲଙ୍କାକୁ ରାମ ଯାଇ ।
ରାବଣ ସଙ୍ଗତେ ମହା ଘୋର ଯୁଦ୍ଧ ହୋଇ ଯେ ।। ୫୩

ଲକ୍ଷ୍ମଣଙ୍କୁ ଶକ୍ତି ମାରି ଗଲା ଲଙ୍କସାଇଁ ।
ତେଣୁ ମହୌଷଧି ବେଗ ନେଉଅଛୁ ମୁହିଁ ହେ ।।୩୬

ବାଟେ ବଦ୍ଧ ପଡ଼ିବାରୁ ଏ ବାଟେ ଅଇଲି ।
ତୋହର କଣ୍ଟିତ ବାଟୁଲିରେ ମୋହ ଗଲି ହେ ।।୩୭

କେଉଁ ଦେଶ ନାମ କିସ କହ ମୋତେ ସତ୍ୟ ।
ନୋହିଲେ ପ୍ରାଣ ଘେନିବି ମାରି ପରବତ ଯେ ।।୩୮

ଶୁଣି ଭରଥ ବୀର ବୋଲେ ଆହେ ହନୁମନ୍ତ ।
ଶ୍ରୀରାମଙ୍କ ଭାଇ ନାମ ଅଟେ ମୋର ଭରଥ ଯେ ।।୩୯

**ଭରଥ ଶୋକ : -**

ମୋହର ଭାଇ ବନସ୍ତେ ଏ କଷ୍ଟ ସହିଲେ ।
ପାମରୀ ମାତା ଯୋଗରୁ ବନେ ବାସ କଲେ ଯେ ।।୪୦

ସୀତା ପରା ସୁନ୍ଦରୀ ଅସୁର ଘରେ ବନ୍ଦୀ ।
ଲକ୍ଷ୍ମଣ ଶକତି ଭେଦ ରାମଚନ୍ଦ୍ର କାନ୍ଦି ହେ ।।୪୧

ଏହା ଶୁଣି ମୋର ପ୍ରାଣ ନ ଯାଇ କମ୍ପାଇଁ ।
ଯାଅସି ପାବନ ବେଗେ ବନ୍ଧୁ ମୋର ଭାଇ ଯେ ।।୪୨

ଶୋକ କ୍ଷମା କର ବୀର କହେ ହନୁମାନ ।
ଅସୁର ଜିଣିକି ଚିବ ରାମ ନାରାୟଣ ହେ ।।୪୩

ତୋଷ ହୋଇ ଭରଥ ବୋଲେ ଶୁଣ ହନୁମାନ ।
ବାଟୁଲି ମାରିବା କଥା ନ ଜାଣିମେ ଅନ ହେ ।।୪୪

ମୋତେ ମାଇଲ ବୋଲି କେ ନ ଜାଣିମେ ଭ୍ରଥ ।
ବେନଜନେ କୁହାକୁହି ହୋଇ କଲେ ସତ୍ୟ ଯେ ॥୪୫

ଏତେ ଭାଳି ହନୁମନ୍ତ ଊର୍ଦ୍ଧ୍ୱେ ଚାଲିଗଲେ ।
ରାତ୍ର ଥାଉଁ ଲଙ୍କାଗଡ଼େ ପ୍ରବେଶ ହୋଇଲେ ଯେ ॥୪୬

ହନୁକୁ ଦେଖି ଆନନ୍ଦ ହୋଇଲେ ସମସ୍ତେ ।
ରଘୁନାଥ ଦାସ ରାମ ପାଦେ ଭଜେ ନିତ୍ୟେ ଯେ ॥୪୭

●

## ରାଗ – **ଚକ୍ରାକେଦାର**

ଏଥୁଅନ୍ତେ ପବନ କୁମର ରାମଙ୍କୁ କରଣି ନମସ୍କାର
ଦେଖିଣ ସନ୍ତୋଷେ ଶ୍ରୀରାମ କହନ୍ତି,
ଅଇଲୁ କି ଶୁଭେ ବାବୁ ମୋର ରେ, ପାବନି ॥ ୧

ତୋତେ ନ ଦେଖି ଜୀବ ଅସ୍ଥିର ବସି ରହିଛୁ ମୁଁ ଗୃହିଁ ବୀର
ଉତ୍ତର ଦିଗକୁ କରିଛୁ ନୟନ,
ସୁଝି ନ ପାରିବି ଉପକାର ରେ, ପାବନି ॥୨

ଶୁଣି କହେ ପବନ କୁମର ଦେବ ଶୁଣ ମୋହର ଉତ୍ତର
ମୋତେ ମାରିବାକୁ କପଟେ ରାବଣ,
ପଥକୁ ପେଷି ବହୁ ଅସୁର ହେ, ଭୋ ଦେବ ॥୩

ଶ୍ରୀଚରଣ-ପ୍ରସାଦୁ ତମ୍ଭର ଜିଣି ଅଇଲି ମୁହିଁ ଅସୁର
ଔଷଧି ନ ଚିହ୍ନି ପର୍ବତ ଆଣିଲି,
ଦୋଷମାନ କ୍ଷମା ଦେବ ମୋର ହେ, ଭୋ ଦେବ ॥୪

ଶୁଣି ବୋଧି କହି ସୀତାକାନ୍ତ ତୋହୋରେ ହୋସ୍ତେ ଏସନ କୃତ୍ୟ
ସେନାମାନଙ୍କୁ ରହିଁ ରାମ କହନ୍ତି,
ହନୁ ମୁଣ୍ଡୁ ଓହ୍ଲାଅ ପର୍ବତ ହେ, ସେନାଏ ॥ ୫

ସେନାମାନେ ପର୍ବତ ଓହ୍ଲାଇ ସୁଷେଣକୁ ରାମଚନ୍ଦ୍ର କହି
ବେଗେ ଆଣ ମଉଷଧି ମନ୍ତ୍ରୀବର,
ବଞ୍ଚୁ ଲକ୍ଷ୍ମଣ ମୋହର ଭାଇ, ହେ ସୁଷେଣ ॥ ୬

ଶୁଣି ସୁଷେଣ ବେଗେ ଚଳିଲେ    ଖୋଜି ମଉଷଧି ଠାବ କଲେ
କୋମଳ ପତ୍ର ତହୁଁ ତୋଳି ଆଣି,
ରାମ ଛାମୁରେ ଯାଇ କହିଲେ, ସେ ସୁଷେଣ ॥ ୭

ଆଉ କଥାଏ ଅଛଇ ଦେବ !    ଏକସ୍ତମ୍ନୀ କ୍ଷୀରେ ବଞ୍ଚା ହେବ
ଲକ୍ଷ୍ମଣ ପ୍ରାଣ ପାଇବେ ବୋଲି କହିଲେ,
ଶୁଣି ଆଶ୍ଚର୍ଯ୍ୟ ହେଲେ ରାଘବ, ସେ କାଳରେ ॥ ୮

**ଶ୍ରୀରାମ ଶୋକ :—**

ଏହା କିମ୍ପା କହିଲ ସୁଷେଣ    କେହୁ ଅଛନ୍ତି ଏମନ୍ତ ପୁଣ
ଏକସ୍ତମ୍ନୀ ହୋଇ ବ୍ରହ୍ମାଣ୍ଡେ ନ ଥିବେ,
ନଷ୍ଟେ ମଲ୍ ମୋ ଭାଇ ଲକ୍ଷ୍ମଣ, ହେ ସୁଷେଣ ॥ ୯

ଆଉ କାହିଁ ଜିଇବ ମୋ ଭାଇ    ଧିକ ପ୍ରାଣ ମୋ କିମ୍ପା ନ ଯାଇ
ଆହାରେ ଲକ୍ଷ୍ମଣ ଗୁଣନିଧି ମୋର,
ଏଥେ ମଲୁ ତୁ ଅରକ୍ଷ ହୋଇ, ରେ ଲକ୍ଷ୍ମଣ ॥ ୧୦

ବନେ ଏକା ହେବି ବୋଲି ମୁହିଁ    ସଙ୍ଗେ ଗୋଡ଼ାଇ ଆସିଲୁ ତୁହି
ଏବେ ଛାଡ଼ିଗଲୁ ଅସୁର ପୁର ରେ,
ଆହା କରିବାକୁ କେହି ନାହିଁ, ରେ ଲକ୍ଷ୍ମଣ ॥ ୧୧

ବିଭୀଷଣ କହେ ଯୋଡ଼ି କର    କିମ୍ପା ଶୋକ କର ରଘୁବର
ଏକସ୍ତମ୍ନୀ ପକ୍ଷୀ ଅଛଇ ଲଙ୍କାରେ,
ଲେଖା ଲେଖିରେ ଝିଆଣ୍ଟ ମୋର ହେ, ଶ୍ରୀ ଦେବ ॥ ୧୨

ବିଭୀଷଣଙ୍କୁ କହି ରାଘବ    ଡକାଇଲେ ସେ କିମ୍ପା ଆସିବ
ବିଭୀଷଣ ବୋଲେ ଶୁଣିବା ମାତ୍ରକେ,
ତତକ୍ଷଣେ ଏଠାକୁ ଆସିବ ହେ, ଶ୍ରୀ ଦେବ ॥ ୧୩

ଏହା ଶୁଣି ବୋଲେ ହନୁମନ୍ତ    ଯେବେ ନ ଆସିବ ସେ ତୁରିତ
ମୁହିଁ ବଳେ ତାକୁ ଆଣିମି ଗୋସାଇଁ,
ବେଗେ ଆଜ୍ଞା ଦିଅ ସୀତାକାନ୍ତ ହେ, ଶ୍ରୀ ଦେବ ॥ ୧୪

ଶୁଣି ରାମ ହରଷ ହୋଇଲେ    ବେଗେ ତାହାକୁ ଆଣ ବୋଇଲେ
ନମସ୍କାର କରି ହନୁ ଚଳିଯାନ୍ତେ,
ଅଧ ବାଟେ ତାରାକୁ ଦେଖିଲେ, ସେ ପାବନି ॥ ୧୫

ତାରକୁ ହନୁମନ୍ତ କହଇ          ମୋତେ ପେଷିଛନ୍ତି ରଘୁସାଇଁ
ଲକ୍ଷ୍ମଣ ଶକ୍ତିଭେଦ ତୋତେ ମୁଁ ନେବି,
ଆସ ସୁନ୍ଦରୀ ତୁ ବେଗ ହୋଇ, ଗୋ ସୁନ୍ଦର ॥ ୧୬

ଶୁଣି ତାରା ବନ୍ଧନ ଅଚଳେ          ରାମେ ଦେଖି ନମସ୍କାର କଲେ
ଶ୍ରୀରାମ ବୋଲନ୍ତି ଖାଇ ଶକ୍ତିଭେଦ,
ପ୍ରାଣ ପାଇବେ ତୁ ଦୟା କଲେ, ଗୋ ସୁନ୍ଦର ॥ ୧୭

ଶୁଣି ତାରା ଆନନ୍ଦ ହୋଇଲା          ସ୍ତନୁ କ୍ଷୀର ବେଗେ ଚିପୁଡ଼ିଲା
ମଣିଶିଳ ପରେ ଔଷଧି ବାଟିଣ,
ଲକ୍ଷ୍ମଣ ଉରେ ନେଇ ବୋଳିଲା, ସେ ସୁନ୍ଦରୀ ॥ ୧୮

ଲକ୍ଷ୍ମଣ ନାସାରେ ରସ ଦେଲେ          ଘାଆମାନ ଶୁଖି ସମ ହେଲେ
ନିଦ୍ରା ଯାଇଥିଲେ ଯେସନେ ଉଠନ୍ତି,
ସେହି ପ୍ରାୟେ ଲକ୍ଷ୍ମଣ ଉଠିଲେ, ସେ ସତ୍ୱରେ ॥ ୧୯

ରାମ କୋଳୁ ଉଠି ଉଭା ହୋଇ          ସର୍ବେ ଦେଖିଣ ଆନନ୍ଦ ହୋଇ
ରାମ ବହୁ ହୃଷ୍ଟ ହୋଇ ଲକ୍ଷ୍ମଣଙ୍କୁ,
କୋଳ କରି ମୁଖେ ଚୁମ୍ବ ଦେଇ, ସେ ଶ୍ରୀରାମ ॥ ୧୯

ସୁଷେଣକୁ ଚାହିଁଣ ଶ୍ରୀରାମ          ତୁମ୍ଭ ଯୋଗୁ ଜିଇଲେ ଲକ୍ଷ୍ମଣ
ସୁଷେଣ କହଇ ସ୍ତୁତି ହନୁ କଲେ,
ମୋତେ କ୍ଷମା କର ରଘୁରା  ହେ, ଖେ ଦେବ ॥ ୨୧

ରାମ ପୁଣି କହି ସୁଷେଣକୁ          ମୁହିଁ ଏକଦ୍ଧ ମତେ ସଭିଙ୍କୁ
ରାବଣକୁ ମାରି ଅଯୋଧ୍ୟାକୁ ଗଲେ,
କପାଳବନ୍ଧା ଦେବି ହନୁକୁ, ହେ ସୁଷେଣ ॥ ୨୨

ପୁଣି ତାରକୁ ଶ୍ରୀରାମ କହି          ତୋହର ଯୋଗୁ ଜିଇଲେ ମୋ ଭାଇ
କିସ ଦେଇ ତୋ ଉପକାର ସୁଝିବି,
ବନେ ଅଛୁ ମୁଁ ଭିକାରି ହୋଇ, ଗୋ ସୁନ୍ଦର ॥ ୨୩

ତାରା କହେ ରାମ ମୁଖ ଚାହିଁ          ସ୍ୱର୍ଗ ଅପସରା ଅଟେ ମୁହିଁ
ଇନ୍ଦ୍ରଙ୍କ ଶାପରେ ଏଥେ ଜନମିଲି,
ତୋତେ ଦେଖି ମୁକ୍ତ ହେଲି ମୁହିଁ, ହେ ଶ୍ରୀରାମ ॥ ୨୪

ଏତେ କହି ପ୍ରଦକ୍ଷିଣ କଲା    ରାମ ଦେଖନ୍ତେ ସେ ସ୍ୱର୍ଗେ ଗଲା
ହନୁ ମୁଖ ଚୁମ୍ବି ସୁଷେଣ କହନ୍ତି,
ଦେବ ପର୍ବତ ଏଥେ ରହିଲା, ହେ ପାବନି ॥ ୨୫

ନେଇ ନିଜ ସ୍ଥାନେ ଥୋଇ ଆସ    ରାମଙ୍କୁ ନମି ପବନ ଶିଷ୍ୟ
ଶିରେ ପର୍ବତ ବୋହି ବେଗେ ଚଳନ୍ତେ,
ଚୂର କହିଲା ରାବଣ ପାଶ, ସେ ସତ୍ୱରେ ॥ ୨୬

ଶୁଣ ଆହେ ଦେବ ଲଙ୍କେଶ୍ୱର    ମହୌଷଧି ନେଲା କପିବୀର
ଏକସ୍ତମ୍ଭ ତାର ଔଷଧି ବାଟିଲା,
ଲେପ ଦ୍ୟନ୍ତେ ପ୍ରାଣ ପାଇ ବୀର, ହେ ରାଜନ ॥ ୨୭

ଏବେ ହନୁ ପର୍ବତକୁ ଧରି    ଯାଉଛି ଅଇଲି ଦେଖି କରି
ଶୁଣି ରାଏ ପଞ୍ଚାଶ ସହସ୍ର ଦୈତ୍ୟ,
ରାଇଣ ବୋଲଇ କ୍ରୋଧ କରି, ସେ ରାବଣ ॥ ୨୮

ତୁମ୍ଭେମାନେ ଏହିକ୍ଷଣି ଯାଇ    ବେଗେ ମାର ପବନ-ତନୟି
ଶୁଣି ଅସୁରେ ଶସ୍ତ୍ରମାନ ଧରନ୍ତି,
ହନୁକୁ ଭେଟିଲେ ପଥେ ଯାଇ, ସେ ଅସୁରେ ॥ ୨୯

ଦେଖି ହନୁ କରନ୍ତି ଖଳେଣି    ଧନ୍ୟ ଧନ୍ୟ ଅଟୁ ଲଙ୍କମଣି
ଏତେ ସୈନ୍ୟ ମୋର ହାତେ ମରାଇଲୁ,
ଭଲ ପେଷୁଛୁ ତୁ କାଳ ଜାଣି ରେ, ରାବଣ ॥ ୩୦

ଏତେ ଭାଳି ପର୍ବତ ଧଇଲେ    ବେନି ପାଦେ ଦୈତ୍ୟଙ୍କୁ ମାଇଲେ
ଲାଞ୍ଜେ ଗୁଡ଼ାଇ ସମୁଦ୍ରେ ପକାନ୍ତି,
କେହୁ ପଡ଼ନ୍ତି ରକ୍ତ ଗ୍ରୁଡ଼ିଲେ, ସେ ଦଇତେ ॥ ୩୧

ଦୈତ୍ୟ ମାରନ୍ତେ ତ ଭୟ ନାହିଁ    ହନୁମନ୍ତ ମାରେ କ୍ରୋଧ ହୋଇ
କେହୁ ମଲେ କେହୁ ଛଟପଟ ହୋଇ,
କେହୁ ଲଙ୍କାକୁ ଗଲେ ପଳାଇ, ସେ ଅସୁରେ ॥ ୩୨

ଯାଇ ରାବଣ ଆଗେ କହନ୍ତି    ସର୍ବ ସୈନ୍ୟ ମାଇଲା ମାରୁତି
ରାବଣ ମନରେ ବହୁ ଚିନ୍ତା କଲା,
ମନେ ରାମଙ୍କୁ କରଇ ସ୍ତୁତି, ସେ ରାଜନ ॥ ୩୩

ଏଥୁ ଅନନ୍ତେ ପବନ ସୁତ		ତହୁଁ ବାହାର ହେଲେ ତୁରିତ
ଗନ୍ଧମାଦନ ପର୍ବତେ ଯାଇ ସେଠେ,
ନିଜ ସ୍ଥାନେ ଥୋଇଲେ ପର୍ବତ, ହେ ପାବନ ॥ ୨୪

ହୃଷ୍ଟେ ହନୁ ବାହୁଡ଼ି ଅଇଲେ		ଲଙ୍କାଗଡ଼େ ପ୍ରବେଶ ହୋଇଲେ
ଶ୍ରୀରାମଙ୍କୁ ନମି କହଇ ବାରତା,
ପଥେ ଦୈତ୍ୟେ ମୋତେ ମାରୁଥିଲେ ହେ, ଖେ ଦେବ ॥ ୩୫

ଶୁଣି ରାମ ବହୁ ପ୍ରଶଂସିଲେ		ସବୁ ସୈନ୍ୟଙ୍କୁ ଘେନଣ ତୁଲେ
ହନୁ ଅଙ୍ଗଦ କନ୍ଧରେ ବେନିଭାଇ,
ବସି ସୁବଳଯ୍ୟା ବଜେ କଲେ, ହେ ସୁଜନେ ॥ ୩୬

ନିତ୍ୟକର୍ମ ସାରି ରଘୁସାଇଁ		ଫଳମୂଳ ସାରି ବେଗ ହୋଇ
ମୃଗ ଗ୍ରୁଲେ ରାମ ସୁଷ୍ଟେ ପହୁଡ଼ିଲେ,
ରଘୁନାଥ ଦାସ ରାମ ଧ୍ୟାୟି ହେ, ସୁଜନେ ॥ ୩୭

# ରାବଣ ବଧ ଲୀଳା

## ରାଗ—ମଙ୍ଗଳଗୁଜ୍ଜରୀ

ପୁତ୍ର ବଧ କ୍ଷୋଭେ ରାଜା ମହା କ୍ରୋଧ ହୋଇ ।
ନିକୁମ୍ଭିଳା ବଟ ତଳେ ହୋମ କଲା ଯାଇ ଯେ ।।୧

ପୂର୍ବେ ବ୍ରହ୍ମା ଦେବା ମନ୍ତ୍ର ବସି ଧ୍ୟାନ କରି ।
ଘୃତ ସମିଧ ପକାଇ ବେଦକୁ ଉଚ୍ଚାରି ଯେ ।।୨

ମହା ତେଜ ହୋଇ ଅଗ୍ନି ଜଳଣ ଉଠିଲା ।
ଏହା ଦେଖି ଚର ରାମ ଆଗେ ଜଣାଇଲା ଯେ ।।୩

ନିକୁମ୍ଭିଳା ବଟେ ଯାଗ ରାବଣ କରଇ ।
ଶୁଣି ରାମ ବିଭୀଷଣ ମୁଖକୁ ଅନାଇ ଯେ ।।୪

ବିଭୀଷଣ ବୋଲେ ହୋମୁଁ ରଥ ବାହାରିବ ।
ସେ ରଥେ ଚଢ଼ିଲେ ତାକୁ କେହି ନ ପାରିବ ଯେ ।।୫

ହୋମ ଭଗ୍ନ କଲେ ନ ବାହାରିବ ସେ ରଥ ।
ଶୁଣି ଅଷ୍ଟ ସେନା ରାଇ ବୋଲେ ରଘୁନାଥ ଯେ ।।୬

ନିକୁମ୍ଭିଳା ବଟ ତଳେ ବସି ଦଶଶିର ।
ହୋମ କରୁଅଛି ବେଗେ ଯାଇ ଭଗ୍ନ କର ଯେ ।।୭

ଶୁଣି ସେନାମାନେ ନମି ବେଗେ ଚଳିଗଲେ ।
ରାବଣ ଆଗରେ ଯାଇ ପ୍ରବେଶ ହୋଇଲେ ଯେ ।।୮

ବୋଇଲେ ରେ ସୀତା ଚୋର କି ହୋମ କରୁଛୁ ।
ଆଜି କା'କୁ ଚୋରାଇବା ପାଇଁ ପାଞ୍ଚୁଅଛୁ ଯେ ।।୯

ଅନେକ ପ୍ରକାରେ କହନ୍ତେ ସେ ନ ଚଳଇ ।
ବଟ ଡାଳେ ବସି ମଳମୂତ୍ର କଲେ ଯାଇ ଯେ ।।୧୦

ରଥ ଗୋପ୍ୟ ହୋଇ ଅଗ୍ନି ନିଭନ ହୋଇଲା ।
ତେବେ ରାବଣ ନ ଉଠି କେବେ ନ ଗୃହିଁଲା ଯେ ।।୧୧

ସେନାଏ ବଗୁର କଲେ କି ବୁଦ୍ଧି କରିବା ।
ଚାଲ ବେଗେ ମନ୍ଦୋଦରୀ ରାଣୀକି ଆଣିବା ଯେ ॥୧୨

ଶୁଣିଣ ଅଙ୍ଗଦ ଲଙ୍କାପୁରକୁ ଚଳିଲେ ।
ଅନ୍ତଃପୁରୁ ମନ୍ଦୋଦରୀ ରାଣୀକୁ ଆଣିଲେ ଯେ ॥୧୩

ମନ୍ଦୋଦରୀ ରାଣୀ ବଡ଼ ଆକୁଳ ହୋଇଲା ।
ଆହାରେ ଦଇବ ମୋତେ କି ଦଶା ପଡ଼ିଲା ଯେ ॥୧୪

ମନ୍ଦୋଦରୀ ବାଣୀ ଶୁଣି ରାବଣ ଉଠିଲା ।
ବିଂଶ ଲୋଚନେ ଚାହିଁ ମହା କ୍ରୋଧ କଲା ସେ ॥୧୫

ରାବଣ ଉଠିବା ଦେଖି ଅଷ୍ଟ ସେନା ଗଲେ ।
ଭଗ୍ନ କଲୁ ହୋମ ରାମ ଛାମୁରେ କହିଲେ ଯେ ॥୧୬

ମନ୍ଦୋଦରୀ କର ଧରି ରାବଣ ବୋଲଇ ।
ବିଭୀଷଣ କୁତ୍ୟ ସବୁ ଛେଦ ଭେଦ କହି ସେ ॥୧୭

ଏତେ ବିଚାରିଣ ନିଜ ପୁରେ ଯାଇ ହେଲା ।
ମନ୍ଦୋଦରୀକି ବସାଇ ସମସ୍ତ କହିଲା ସେ ॥୧୮

ଶୁଣରେ ସଖି ! ବିଷ୍ଣୁର ଦ୍ୱାରପାଳ ମୁହିଁ ।
ଲକ୍ଷ୍ମୀ ଶାପରେ ଅସୁର ଜନ୍ମ ହେଲି ସହି ଗୋ ॥୧୯

ଭାଇ ମୋର କୁମ୍ଭକର୍ଣ୍ଣ ଗଲା ଆଗ ହୋଇ ।
ନଷ୍ଟେ ମୋତେ ମାରି ସୀତା ନେବେ ରଘୁସାଇଁ ଯେ ॥୨୦

ମନ୍ଦୋଦରୀ ବୋଲେ ଦେବ ଜାଣିଅଛ ଏହା ।
କିମ୍ପା ସୀତାଙ୍କୁ ଭୁଞ୍ଜନା କର ବଂଶ ବାହା ହେ ॥୨୧

ଶୁଣି ବୋଇଲା ପ୍ରତେ ନାହିଁ ମୁଁ ଅଛି କି ନାହିଁ ।
ସୀତା ଦେଲେ ଏବେ ବାହୁଡ଼ିବେ ରଘୁସାଇଁ ଯେ ॥୨୨

ମନ୍ଦୋଦରୀ କହେ ଶୁଣ ଶୁଣ ନୃପବର ।
କେଉଁ ସୁନ୍ଦରୀ ସ୍ତ୍ରୀ ନାହାନ୍ତି ତୁମ୍ଭ ପୁର ହେ ॥୨୩

ସର୍ବ ରାଣୀ ବନସ୍ତକୁ ଘେନ ଲଙ୍କସାଇଁ ।
ସୀତାଙ୍କୁ ରାମଙ୍କୁ ବାହୁଡ଼ାଇ ଦେବା ନେଇ ହେ ॥୨୪

ଏହି ଅବସରେ ମଧ୍ୟ ମନ୍ଦୋଦେଈ ବସେ ।
ଢରଣି ଧରଣୀ ଦନ୍ତେ ପଡ଼ିଲେ ଚରଣେ ଯେ ॥୨୫

ଅସ୍ତ୍ରେ ଲଙ୍କପତି ସର୍ବ ରାଣୀଙ୍କି ଡାକିଲା ।
ସମସ୍ତଙ୍କ ମୁଖ ଗୃହିଁ ଏମନ୍ତ ଭାଷିଲା ଯେ ॥୨୬

ଶୁଣରେ ସୁନ୍ଦରୀ ସୀତା ଦେବ ବାହୁଡ଼ାଇ ।
ଭ୍ରାତା ପୁତ୍ରମାନେ କି ଆସିବେ ପ୍ରାଣ ପାଇ ଗୋ ॥୨୭

ଏ ବ୍ରହ୍ମାଣ୍ଡ ମଧ୍ୟେ ମୁଁ କାହାକୁ ଅଛି ହାରି ।
ବ୍ରହ୍ମା ଇନ୍ଦ୍ର ଦେବ ମୋତେ ଥାନ୍ତି ସେବା କରି ଯେ ॥୨୮

ଛପନ ଗଣ୍ଡା ଯୁଗ ମୁଁ ଜିଣିବି ନିଶ୍ଚିନ୍ତେ ।
ଚଉଦ ଗଣ୍ଡା ଯୁଗ ଆସିଣ ହେଲା ମୋତେ ଗୋ ॥୨୯

ଏବେ କାଲି ସମରେ ମାରିବି ଶ୍ରୀରାମକୁ ।
ସ୍ୱର୍ଗପୁର ଛଡ଼ାଇ ଜିଣିପାରେ ଦେବଙ୍କୁ ଯେ ॥୩୦

ବାଧାଏ ମାରିଣ ପୃଥ୍ୱୀ ପକାଇବି ତଳେ ।
ଏତେ ବୋଲି ଗର୍ଜିଣ ଉଠିଲା ଲଙ୍କପାଳେ ଯେ ॥୩୧

ଖଡ଼୍ଗ ଧରି ଓଷ୍ଠ କାମୁଡ଼ିଲା ରାଗେ ।
ଦେଖି ମନ୍ଦୋଦେଈ ଭୟେ ନ ରହିଲେ ଆଗେ ଯେ ॥୩୨

ନଗରୁ ବାହାରି ଯାଇ ଅସ୍ଥାନେ ବସିଲା ।
ଶୁକ ସାରଣଙ୍କୁ ରାଗି କ୍ରୋଧେ ଅଗ୍ୟାଂ ଦେଲା ଯେ ॥୩୩

ଚତୁରଙ୍ଗ ବଳ ସାଜି ଅଣ ବେଗ କରି ।
ବୀର ମହାବୀର ଯେତେ ଛନ୍ତି ଲଙ୍କପୁରୀ ଯେ ॥୩୪

ଶୁଣି ସେ ସୈନ୍ୟମାନଙ୍କୁ ସାଜିଣ ତୁରିତେ ।
ବୀର ମହାବୀର ଦେଲେ ରାବଣ ଅଗ୍ରତେ ଯେ ॥୩୫

ଭଣ୍ଡାରୁ କଢ଼ାଇ ସବୁ ଅଲଙ୍କାର ବାସ ।
ଜଣେ ଜଣେ ରାଇ ରାଜା କଲା ପରିତୋଷ ଯେ ॥୩୬

ଆପଣେ ଅମୂଲ୍ୟ ସେହିଁ ଅଙ୍ଗେ ଲଗାଇଲା ।
ମର୍କତ କୁଣ୍ଡଳ ବଂଶ ଶ୍ରବଣେ ଖଞ୍ଜିଲା ଯେ ॥୩୭

ହୀରାର ଟୋପର ଦଶ ମୂର୍ଦ୍ଧନରେ ଲାଇ ।
ଅଷ୍ଟରତ୍ନ ପଦକ ହୃଦରେ ଶୋଭା ପାଇ ଯେ ।।୩୮

ବୀର ବେଶ ହୋଇ ପୁଷ୍ପ ବିମାନେ ବସିଲା ।
ଚତୁରଙ୍ଗ ବଳ ଘେନି ଯୁଦ୍ଧକୁ ଚଳିଲା ଯେ ।।୩୯

ବାଦ୍ୟ ଶଙ୍ଖ ନାଦେ ପୃଥ୍ୱୀ ପ୍ରଳୟ ପରାୟେ ।
ହୁଳହୁଳି ଧ୍ୱନି କରନ୍ତି ଯେ ଜୟେ ଜୟେ ଯେ ।।୪୦

ଚାରି ଦ୍ୱାର ବାଟେ ସୈନ୍ୟ ହୋଇଲେ ବାହାର ।
ରଘୁନାଥ ଦାସ ଭଜେ ଶ୍ରୀରାମ ପୟର ଯେ ।।୪୧

●

## ରାଗ— **ଚକ୍ରାକେଦାର**

ଏଥୁଅନ୍ତେ ଶୁଣ ସୁଗ୍ୟଂଜନେ ରାମ ଚରିତକୁ ତୋଷ ମନେ
ଚତୁରଙ୍ଗ ସୈନ୍ୟ ବାଣ୍ଟିଲା ରାବଣ,
ଚାରି ଭାଗ କଲା ଭିନ୍ନେ ଭିନ୍ନେ, ସେ ରାବଣ ।।୧

ମହାପାରୁଶ ହସ୍ତୀ ଦଣ୍ଡରେ ଚାରି ସେନା ଦେଇ ସଙ୍ଗତରେ
ବୋଲେ ତୁମ୍ଭେ ହସ୍ତୀ ଦଣ୍ଡ ଘେନିଥିବ,
ସୁବଳୟା ଗିରି ସଲାଖରେ, ହେ ସେନାଏ ।।୨

ପୁଣି ମୋକ୍ଷକର୍ଣ୍ଣକୁ ହକାରି ତାକୁ ଆଜ୍ଞା ଦେଲା ଦଶଶିର
ବୋଲଇ ଅଶୀ କୋଟି ରଥ ଘେନିଣ ,
ସିନ୍ଧୁ ତଟେ ଥିବ ଲୁଚି କରି, ହେ ଦଇତେ ।।୩

ରାମ ସୈନ୍ୟ ପୃଷ୍ଠରେ ଯୁଟିବ ଗୋଳ ଯୁଦ୍ଧେ କପିଙ୍କି ମାରିବ
କୁମରମାନଙ୍କୁ ଡାକିଣ ପାଶକୁ,
ପୁଣି କହିଲାକ ଦଶଗ୍ରୀବ, ସେ କାଳରେ ।।୪

ବହୁ ସୈନ୍ୟ ଘେନି ତୁମ୍ଭେ ଥିବ ପୂର୍ବ ଦ୍ୱାରେ ବାହାର ହୋଇବ
ଶ୍ରୀରାମ ଲକ୍ଷ୍ମଣ ଯୁଦ୍ଧରେ ପଶିଲେ,
ପୃଷ୍ଠ ଦେଶରୁ ତୁମ୍ଭେ ମାରିବ, ହେ କୁମର ।।୫

ବ୍ୟୂହରୂପେ ବ୍ୟୂହ ଭାଗ କରି      ସୈନ୍ୟ ବାଣ୍ଟିଦେଲା ଦଶଶିର
ଆପଣେ ଉତ୍ତର ଦ୍ୱାରେ ବାହାରିଲା,
ଚତୁରଙ୍ଗ ସୈନ୍ୟ ସଙ୍ଗେ ଧରି, ସେ ରାବଣ ॥୬

ସିଂହ ଘୋଷ ପ୍ରାୟ ଶୁଭେ ବାଣୀ      ପ୍ରଳୟ କି ହେବ ଏହିକ୍ଷଣି
ଶ୍ରୀରାମ ଆଗୁଅଣି ସୈନ୍ୟ ସଙ୍ଗତେ,
ଦୈତ୍ୟ ସୈନ୍ୟ ହେଲେ ହଣାହଣି, ସେ ସମରେ ॥୭

ସୁବଳଯାତ୍ରେ ଥାଇ ରାଘବ      ଗୃହେଁ ଜାଣିଲେ ଏ ଦଶଗ୍ରୀବ
ଆମ୍ଭେ ନ ଗଲେ ଅସୁର ସୈନ୍ୟ ଘେନି,
କପି ଦହିଯିବ ଦଶଗ୍ରୀବ, ହେ ମଇନ୍ଦ ॥୮

ଏତେ କହି ରାମ ସଜ ହେଲେ      ସୁଗ୍ରୀବର କାଛଟା ପିନ୍ଧିଲେ
ସଙ୍ଗତେ ସେନା ଯୂଥପତି ଘେନିଣ,
ରାମ ନିକଟେ ପ୍ରବେଶ ହେଲେ, ସେ ସୁଗ୍ରୀବ ॥୯

ନମସ୍କାର କରି ଉଭା ହେଲେ      ରାମ କନ୍ଧରେ ତୋଣ ଭିଡ଼ିଲେ
ଅମଳାନ ଶାଢ଼ୀ କଟିତଟେ ଭିଡ଼ି,
ସୀତାମଣି ହୃଦେ ଭିଡ଼ାଇଲେ, ସେ ରାଘବ ॥୧୦

କଣ୍ଠେ ତୁଳସୀ କାଷ୍ଠର ମାଳ      ପୁଇରୁଦ୍ରଆ ଇଙ୍ଗୁଦ ଫଳ
ନାନା ବର୍ଣ୍ଣି ପୁଷ୍ପେ ତୁଳସୀ ସହିତେ,
ମାଳ ହୃଦୁ ଲମ୍ବେ ପାଦତଳ, ସେ ରାଘବ ॥୧୧

ଶ୍ରୀଅଙ୍ଗରେ ଚନ୍ଦନ କସ୍ତୁରୀ      ଶୋଭା କହି ତ ନୋହେ ବସ୍ତାରି
ଲକ୍ଷ୍ମଣ କାଛେଣି ବେଶ ହୋଇ ଉଭା,
ରାମ ନିକଟେ କୋଦଣ୍ଡ ଧରି, ସେ ଲକ୍ଷ୍ମଣ ॥୧୨

ଜାମ୍ବୁବାନ ଉଭା ହୋଇ କହି      ଦେବ ଅନୁକୂଳ ବେଳ ଏହି
ଏତେ କହିଣ ସିନ୍ଦୂର ଟିକା ଦେଇ,
ଆଳତି କି ବନ୍ଦାଇଲେ ନେଇ, ସେ ଜାମ୍ବେବ ॥୧୩

ସୀତା ରୂପ ଚନ୍ଦ୍ର ଅନୁକୂଳେ      କରି ବାହାରିଲେ ରଘୁବାଳେ
ମର୍ଦ୍ଦଳ କଂସାଳ ରାମତାଳି ତାଳ,
ବାଜିବାରୁ ସ୍ୱର୍ଗ ଉଛୁଳିଲେ, ସେ ସମୟେ ॥୧୪

ସୁବଳାଦ୍ରି ପର୍ବତୁ ଉତୁରି    ଦେବେ ଆକାଶରେ ସ୍ତୁତି କରି
ଦେଖିଲେ ଲଙ୍କା ପାଚେରି ଦ୍ୱାର ଯାଏ,
ଦୈତ୍ୟେ ଯୁଦ୍ଧଭୂମି ଛନ୍ତି ପୂରି, ହେ ସୁଜନେ ।।୧୫

ରାମ ଗୃହିଁଣ ସେ ବିଭୀଷଣ    ଆହେ ଲଙ୍କପତି ଏବେ ଶୁଣ
ଏତେ ସୈନ୍ୟ କେଉଁ ସ୍ଥାନେ ଆସି ନାହିଁ,
ଆଜ କରିବେ ଏ ଘୋର ରଣ, ହେ ଲଙ୍କେଶ ।।୧୬

ସମୁଦ୍ର ପ୍ରାୟେ ସୈନ୍ୟ ଦଶଇ    ଏ ଯୁଦ୍ଧରେ ଜୟ ମୋତେ ନାହିଁ
ବିଭୀଷଣ ବୋଲେ ନ ଭାଳ ଭୋ ଦେବ,
ଆଜ ମାରିବାକି ଲଙ୍କସାଇଁ ହେ, ଭୋ ଦେବ ।।୧୭

ଏତେ କହି ସଂଗ୍ରାମେ ପଶିଲେ    ରାମ କୋଦଣ୍ଡରେ ଗୁଣ ଦେଲେ
ଲକ୍ଷ୍ମଣ ସହିତେ ବେନି ଭାଇ ଯୁଝି,
ବହୁ ସୈନ୍ୟ ସଂଗ୍ରାମେ ମାଇଲେ, ସେ ରାଘବ ।।୧୮

ଏହା ଦେଖିଣ ରାବଣ ସୈନ୍ୟ    ଚାରି ଦଗୁ ପଡ଼ିଲେ ବନ୍ଧନ
ଦେଖିଣ ଶ୍ରୀରାମ ସୁଗ୍ରୀ ଆଦି ସେନା,
ସୈନ୍ୟମାନଙ୍କୁ ବାନ୍ଧି ବନ୍ଧନ, ସେ ରାଘବ ।।୧୯

ହସ୍ତୀ ଦଣ୍ଡେ ଗଲେ ହନୁମନ୍ତ    ପଶ୍ଚିମକୁ ଗଲେ ତାରା ସୁତ
ନୀଳ ଧାଇଁଲେ କରରେ ଶିଳା ଧରି,
ପୃଷ୍ଠ ଦେଶରେ ଦେଖି ଦଇତ, ସେ କାଳରେ ।।୨୦

ବେନି ପାଶେ ଦେଖି ଅଶ୍ୱବଳ    ବେଗେ ଧାଇଁଲେ ସୁଷେଣ ନୀଳ
ଆରେ ଆରେ ଦୈତ୍ୟେ ବୋଲି ଡାକି କପି,
ଚାରିଦିଗେ ଆରମ୍ଭିଲେ ଗୋଳ, ସେ କାଳରେ ।।୨୧

ଦୈତ୍ୟେ କଲେ ବିଷମ ସମର    ଭଙ୍ଗି ଅଇଲେ ସବୁ ବାନର
ଦେଖିଲେ ରାମ ସେନାମାନେ ଭଙ୍ଗିଲେ,
ଦୈତ୍ୟେ ବେଢ଼ିଲେ ଚାରି ପାଶର, ସେ ରାକ୍ଷସେ ।।୨୨

ରାମ ଗୃହିଁ ବିଭୀଷଣ ମିତ    ଚାରିଦଗୁ ଆସୁଛନ୍ତି ଦୈତ୍ୟ
ଏତେ ବାଗେ କେଉଁ ସ୍ଥାନ ନ ଆସଇ,
ତୁମ୍ଭେ କି ବିଗ୍ରହ କର ଚାଉ, ହେ ରାଜନ ।।୨୩

ସୁଗ୍ରୀ ବିଭୀଷଣ ରଘୁବୀର ତହିଁ ରହଣି କଲେ ବିଗୁର
ହନୁମନ୍ତଙ୍କୁ ଲକ୍ଷ୍ମଣ ସାହା ହେଲେ,
ସୁଗ୍ରୀ ଗଲେ ଅଙ୍ଗଦ ପାଶର, ସେ ସମରେ ॥୨୪

ନୀଳ ପାଶକୁ ଜାମ୍ବେବ ଗଲେ ନଳ ପାଶେ କେଶରୀ ମିଳିଲେ
ବିଭୀଷଣ ସଙ୍ଗେ ଘେନି ରଘୁପତି,
ଦୈତ୍ୟ ସୈନ୍ୟ ବିକୋଡ଼ି ମାଇଲେ, ସେ ଶ୍ରୀରାମ ॥୨୫

ନନ୍ଦନିଙ୍କ ସହାୟ ପାଇ ହନୁମନ୍ତ ହସ୍ତୀ ସଂହାରଇ
ଲକ୍ଷ୍ମଣ ଶର ବାଜନ୍ତେ ଦୈତ୍ୟ ସୈନ୍ୟ,
ପ୍ରାଣ ହାରଣ ପଡ଼ିଲେ ଭୂଇଁ, ସେ ସମରେ ॥୨୬

ଅଙ୍ଗଦକୁ ସୁଗ୍ରୀ ହେଲେ ଭେଟ ଯୁଦ୍ଧ କଲେ ସେ ହୋଇ ମୁରାଟ
ତରୁ ଶିଳ ଧରି ଯୁଝନ୍ତେ ବାନରେ,
ଦୈତ୍ୟେ ଭାଜିଲେ ନ ପାଇ ବାଟ, ସେ ରଣରେ ॥୨୭

ନୀଳ ସଙ୍ଗେ ଜାମ୍ବେବ ମିଶିଲେ ଯୁଦ୍ଧ କରନ୍ତେ ଦୈତ୍ୟେ ନସିଲେ
ନଳକୁ କେଶରୀ ସହାୟ ହେବାରୁ,
ଦୈତ୍ୟ ସୈନ୍ୟ ଦେଖି ପଳାଇଲେ, ସେ କାଳରେ ॥୨୮

ଗୃରିଦଗ ସୈନ୍ୟ ପଳାଇଲେ ସେନାମାନେ ରାମଙ୍କୁ ଭେଟିଲେ
ଲକ୍ଷ୍ମଣ ସହିତେ ନମସ୍କାର କରି,
ରାମ ଶ୍ରୀମୁରେ ସବ କହିଲେ, ସେ ସେନାଏ ॥୨୯

ଏହି କାଳରେ ସେ ଦଶାନନ ଚଢ଼ି ଅଛୁ ପୁଷ୍ପକ ବିମାନ
ପୁତ୍ର ନାତି ସେନା ଘେନି ସଙ୍ଗତରେ,
ଆସି ହେଲେ ରାମ ସନ୍ନିଧାନ, ସେ ରାବଣ ॥୩୦

ଶ୍ରୀରାମ ସଙ୍ଗେ ରାବଣ ରଣ ମିନ୍ଦ୍ରଧନକୁ ଯୁଝେ ଲକ୍ଷ୍ମଣ
ମହାଶନକୁ ମାରୁତି ଯମ୍ବୁମାଲୀ,
ପରମାର୍ଥ ବିଭୀଷଣ ରଣ, ସେ କାଳରେ ॥୩୧

ଅଙ୍ଗଦ ସଙ୍ଗେ ମହା ଅଶ୍ୱିନ ଯୁଦ୍ଧେ ହୋଇଲେକ ଅନ୍ୟାଅନ୍ୟ
ସୁଗ୍ରୀବ ସଙ୍ଗେ ବିତ୍ରିଶ ଯୁଝଇ,
ଦୁହେଁ ହସ୍ତେ ଛନ୍ତ ଖଣ୍ଡା ଘେନି, ସେ ସମରେ ॥୩୨

ଏହିରୂପେ ସବୁ ସେନାପତି ଏକେ ଏକେ ସଂଗ୍ରାମ କରନ୍ତି
ଭୂରିଧ୍ବ ଯିଏ ଭ୍ରାମ୍ଭେ ମୁଖ ଚାହିଲା,
ରସାତଳେ ପଡ଼ିବ କି ପୃଥ୍ୱୀ, ସେ କାଳରେ ॥୩୩

ଏହିରୂପେ ଏକେ ଏକେ ରଣ ଯୁଦ୍ଧେ ମଲେ ନିଶାଚର ଗଣ
ସୈନ୍ୟ ସହିତେ ସମରେ ନ ରହିଲେ,
ଦେଖି କ୍ରୋଧେ ଧାଇଁଲା ରାବଣ, ସେ ସମରେ ॥୩୪

ରାମ ନିକଟେ ପ୍ରବେଶ ହେଲା କ୍ରୋଧଭରେ ନାରାଚ ବିନ୍ଧିଲା
ଶ୍ରୀରାମ ଦେଖି ନାରାଚ ବୃଷ୍ଟି କଲେ,
ବେଳୁବେଳ ସଂଗ୍ରାମ ବଢ଼ିଲା, ସେ କାଳରେ ॥ ୩୫

ସଉମିତ୍ରି ସଙ୍ଗେ ବିଭୀଷଣ ଆସି ମିଳିଲେକ ତତକ୍ଷଣେ
ରାବଣ ରଥ ନିକଟେ ମିଳି ଦୁହେଁ,
ଆରମ୍ଭିଣ କଲେ ଘୋର ରଣ, ସେ କାଳରେ ॥ ୩୬

ଦଶଧନୁ ଧରି ଦୈତ୍ୟ ବୀର ତିନିଜଣଙ୍କୁ କରି ସମର
ହନୁ ଅଙ୍ଗଦ ସହିତେ ସେନାମାନେ,
ରଥ ଧଇଲେ ଯାଇ ତାହାର, ସେ କାଳରେ ॥ ୩୭

ଉଚ୍ଛୁତନ୍ତେ ନ ଉଠିଲା ଯାନ ଦେଖି କ୍ରୋଧେ ଯୁଦ୍ଧେ ଦଶାନନ
ଆରେ ଆରେ ଦୈତ୍ୟ ବୋଲି ସୈନ୍ୟମାନେ,
ପୁଣି ପଛକୁ ନେଲେ ବିମାନ, ସେ କାଳରେ ॥ ୩୮

ଏହି ସମୟେ ସେ ବିଭୀଷଣ ବାଛି ବିନ୍ଧିଲେ ବହୁତ ବାଣ
ରଘୁନାଥ ଦାସ କହେ ଏହି ରସ,
ରାମ ଚରଣେ ପଶି ଶରଣ, ହେ ସୁଜନେ ॥ ୩୯

●

## ରାଗ—**ମଙ୍ଗଳଗୁଜ୍ଜରୀ**

ଏଥୁ ଅନନ୍ତରେ ରାମ ରାବଣ ସମର ।
ସୁରାସୁରଜନମାନେ କର୍ଣ୍ଣେ ଶୁଣି ଭୟେ ତରହେ ॥ ୧

ଶ୍ରୀରାମ ଲକ୍ଷ୍ମଣ ସାହା ପାଇ ବିଭୀଷଣ ।
ରାବଣ ସଙ୍ଗତେ ସେହୁ ଆରମ୍ଭିଲେ ରଣ ଯେ ॥ ୨

ରାମ ଲକ୍ଷ୍ମଣ ସ୍କନ୍ଧତେ ବନ୍ଧିଛନ୍ତି ଶର ।
ପୁଷ୍ପକ ଯାନରେ ବସିଅଛୁ ନିଶାଚର ଯେ ॥ ୩

ଆକାଶରେ ଥାଇ ଦେବେ କରନ୍ତି ବିଚାର ।
ଆମ୍ଭପାଇଁ କ୍ଲେଶ ସ୍ୱାମୀ ପାଇଲେ ଅପାର ଯେ ॥ ୪

ପାଦରେ ଚାଲନ୍ତି କଷ୍ଟ ପାଇ ପୀତବାସ ।
ପୁଷ୍ପକ ବିମାନେ ବସି ଯୁଝଇ ରାକ୍ଷସ ଯେ ॥ ୫

ବ୍ରହ୍ମା ଇନ୍ଦ୍ର ଆଦି ଦେବେ ମାତଳି କି କହିଁ ।
ବୋଇଲେ ବିମାନ ଘେନି ଯାଅ ଲଙ୍କା ଭୂଇଁ ଯେ ॥ ୬

ସେ ରଥ ଚକରେ ନନ୍ଦୀ ବିଶ୍ରାମ କରିବ ।
ସେ ଧ୍ୱନି ଶୁଣିଲେ ରାମ ପ୍ରାକର୍ମ ବଢ଼ିବ ଯେ ॥ ୭

ଯେହ୍ନେ ଗର୍ଜନ ଶୁଣି ଦୈତ୍ୟେ ହେବେ ପ୍ରାଣେ ନାଶ ।
ଆଜିଁ ଯେହ୍ନେ ରଥର ନାମ ହେବ ନନ୍ଦିଘୋଷ ଯେ ॥ ୮

ଏହା ଶୁଣି ମାତଳି ମସ୍ତକେ କର ଦେଲା ।
ରଘୁବର ଘେନି ଲଙ୍କା ଭୁବନେ ମିଳିଲା ଯେ ॥ ୯

ଇନ୍ଦ୍ର ଦେଲା ଧନୁ ତୋଣ ରଥରେ ସମ୍ଭାଇ ।
ରାମ ନିକଟେ ମାତଳି ବେଗେ ହେଲା ଯାଇ ଯେ ॥ ୧୦

ବେନି କର ଯୋଡ଼ି କହେ ଶୁଣ ରଘୁସାଇଁ ।
ବ୍ରହ୍ମା ଇନ୍ଦ୍ର ପଠାଇଲେ ରଥ ତୁମ୍ଭ ପାଇଁ ଯେ ॥ ୧୧

ବିଜେ କର ରଥେ ବେଗେ ମାର ଲଙ୍କସାଇଁ ।
ରାବଣ ମାଇଲେ ରଥ ଘେନିଯିବ ମୁହିଁ ଯେ ॥ ୧୨

ଶୁଣି ରାମଚନ୍ଦ୍ର ବିଭୀଷଣଙ୍କୁ ପୁଚ୍ଛିଲେ ।
ରାବଣ ମାୟା କି ସତେ ଦେବତାଏ ଦେଲେ ଯେ ॥ ୧୩

ବିଭୀଷଣ କହେ ପ୍ରଭୁ ଶୁଣ ରଘୁଶିଷ ।
ମାୟା ନୁହଇ ଅଟେ ଏ ନିଶ୍ଚେ ନନ୍ଦିଘୋଷ ଯେ ॥ ୧୪

ସ୍ୱୟଂ ନାରାୟଣ ତୁମ୍ଭେ ଅଟ ରଘୁନାଥ ।
ବେଗେ କର ରଥେ ନାଶ ଯିବ ଲଙ୍କନାଥ ଯେ ॥ ୧୫

ଏହା ଶୁଣି ଯାନ ଆରୋହିଲେ ରଘୁନାଥ ।
ନନ୍ଦଘୋଷ ରଥେ କି ବିଜୟେ ଜଗନ୍ନାଥ ଯେ ॥ ୧୬

ଇନ୍ଦ୍ର ଦେଲା ଧନୁ ଯୋଗି ଘେନିଲେ ହାତରେ ।
ମାତଲି ବସିଲେ ଅଶ୍ୱ ବାଗ ଧରି କରେ ଯେ ॥ ୧୭

ଦେଖି ସେ ରାବଣ ଅତି ଆଶ୍ଚର୍ଯ୍ୟ ହୋଇଲା ।
ହୃଦପଦ୍ମ ମଧ୍ୟରେ ରାମଙ୍କୁ ଭୟ କଲା ଯେ ॥ ୧୮

ପୁଷ୍ପକ ବିମାନ ଆଣି କଲା ରାମ ପାଶ ।
ରଘୁକୁଳ ନାଥ ବସି ରଥ ନନ୍ଦଘୋଷ ଯେ ॥ ୧୯

ବେଳୁବେଳ ଅଗୋଚର ହୋଇଲା ସମର ।
ବିଭୀଷଣ ବାଣେ ମୋହ ହେଲା ଦଶଶିର ଯେ ॥ ୨୦

ଅନ୍ଧାର ନିଶିରେ କିଛୁ ନୋହିଲା ଗୋଚର ।
ଦେଖି ବେନି ମନ୍ତ୍ରୀ ରଥ ବାହୁଲେ ତାହାର ଯେ ॥ ୨୧

କେତେ ଦୂରେ ଚେତନା ପାଇଲା ଲଙ୍କେଶ୍ୱର ।
ଶୁକସାରଣଙ୍କୁ କ୍ରୋଧେ ବୋଲେ ଦଶଶିର ଯେ ॥ ୨୨

ନ ଜାଣି ଶତ୍ରୁ ନିକଟୁ ଆଣିଲ ମୋ ରଥ ।
ମନ୍ତ୍ରୀ ନୋହିଥିଲେ ମୁଁ ଛେଦନ୍ତ ତୁମ୍ଭ ମାଥ ଯେ ॥ ୨୩

ଶୁଣି ବେନି ମନ୍ତ୍ରୀ ସବୁ ବୁଝାଇ କହିଲେ ।
ପୁଷ୍ପକ ବିମାନ ନନ୍ଦଘୋଷ ପାଶେ କଲେ ଯେ ॥ ୨୪

ରାମ ରାବଣର ତହିଁ ହୋଇଲା ସମର ।
ଲକ୍ଷ କୋଟି ସଂଖ୍ୟା ଶର ବିନ୍ଧନ୍ତି ସତ୍ୱର ଯେ ॥ ୨୫

ଦିଗପାଳେ ଦେଖି ଭୟ କଲେ ଯୁଦ୍ଧ ଚାହିଁ ।
ମଧ୍ୟସ୍ଥ ପରାୟେ ବେନି ସୈନ୍ୟ ଛନ୍ତି ରହି ଯେ ॥ ୨୬

ରଜନୀ ଦିବସ ବାରି ନୁହଇ ରଣରେ ।
ଚନ୍ଦ୍ରାକାର ବେନି ଧନୁ ଦିଶଇ ସମରେ ଯେ ॥ ୨୭

ଦେଖିଣ ଶ୍ରୀରାମ କ୍ରୋଧ ହେଲେ ଗରୁତର ।
ତୀକ୍ଷ୍ଣ ଶର ପେଷିଣ ଛେଦିଲେ ଦଶଶିର ଯେ ॥ ୨୮

ଛିଣ୍ଡି ଦଶ ମୁଣ୍ଡ ପୁଣି ଲାଗିଲା କନ୍ଧରେ ।
ବାଲୀ ବଧ ଶର ରାମ ପେଷିଲେ ସତ୍ୱରେ ଯେ ॥ ୨୯

ଛିଡ଼ି ଦଶମୁଣ୍ଡ ପୁଣି କନ୍ଧରେ ଲାଗିଲେ ଯେ ।
ଦେଖି ରାମଚନ୍ଦ୍ର ମନେ ଅତି କ୍ରୋଧ କଲେ ଯେ ॥ ୩୦

ତାଡ଼କା ବଧିଲା ଶର ଗୁଣରେ ବସାଇ ।
ପୁଣି ହିଁ ପେଷିଲେ ଶିରଚ୍ଛେଦ ଆଜ୍ଞା ଦେଇ ଯେ ॥ ୩୧

ଛିଡ଼ିଣ ଦଶମୁଣ୍ଡ ପୁଣି ହେଲା ତଳ ।
କ୍ରୋଧଭର ହୋଇଣ ବୋଲଇ ଲଙ୍କାପାଳ ଯେ ॥ ୩୨

**ରାବଣ ବଚନକା :- -**

ଆରେ ଆରେ ଯତି ତୁହି ଶୁଣ ମୋ ଉତ୍ତର ।
ମସ୍ତକ ଛେଦିଲେ କି ମରଣ ଅଛି ମୋର ॥

ଅକାରଣେ ଅନଳେ ଝାସିଲୁ ଜାଣି ଜାଣି ।
ଇନ୍ଦ୍ରଜିତ କୁମ୍ଭକର୍ଣ୍ଣ ସଙ୍ଗେ ମୋତେ ମଣି ॥

ଆଜ ତୋତେ ସମରେ ମାରିବଇଁରେ ମୁହିଁ ।
ତ୍ରିଭୁବନେ ରଖନ୍ତା ତୋତେ ରେ କେହି ନାହିଁ ॥

**ରାମଚନ୍ଦ୍ର ବଚନକା :—**

ଶ୍ରୀରାମ ବୋଇଲେ ଶୁଣ ଶୁଣରେ ଅସୁର ।
ବଢ଼ାଇ କହୁ କମା ଯେବେ ଅଛେ ମୃତ୍ୟୁପୁର ॥

## ଗୀତ

ଏତେ ବୋଲି ରାମ ପୁଣି ବିନ୍ଧେ ଦଶ ବାଣ ।
ଛିଡ଼ିଣ ମୂର୍ଦ୍ଧ କନ୍ଧେ ଲାଗିଲା ତକ୍ଷଣ ଯେ ॥ ୩୩

ବେଳୁବେଳ ରାମ କ୍ରୋଧ ହେଲେ ଗରୁତର ।
ଛେଦିଲେ ମସ୍ତକ ଶତେ ଏକୋଇର ବାର ଯେ ॥ ୩୪

ଶଙ୍କା ମନେ କରି ରାମ ମାତଳି କି ବୁଦ୍ଧିଁ ।
ଏମନ୍ତ ଦନୁଜ ପୂର୍ବେ ଦେଖିଲୁତ ନାହିଁ ଯେ ॥ ୩୫

ମାତଳୀ ବୋଇଲେ ଦେବ କର ବ୍ରହ୍ମ ଶର ।
ବକ୍ଷସ୍ଥଳ ଫୁଟିଲେ ମରିବ ଦଶଶିର ଯେ ॥ ୩୬

ଶୁଣି ରଘୁବୀର ମନେ ଆନନ୍ଦ ହୋଇଲେ ।
ଅଗସ୍ତିଙ୍କ ଦେଲା ଶରାଶନେ ଗୁଣ ଦେଲେ ଯେ ॥ ୩୭

ତାଙ୍କ ଦଶଶର ରାମ ଗୁଣରେ ବସାଇ ।
ଉଚ୍ଛୁଡ଼ିଲେ ଆକର୍ଣ୍ଣ ପର୍ଯ୍ୟନ୍ତେ ରଘୁସାଇଁ ଯେ ॥ ୩୮

ରାବଣ ଭଲେ ସମ୍ପଦ ସରିଲା ମୋହର ।
ରାମ ସୈନ୍ୟଙ୍କୁ ଚୁହାଇ ମାରିଲେକ ଶର ସେ ॥ ୩୯

ଏକ ଏକ କପିଙ୍କି ବିନ୍ଧିଲା ଦଶବାଣ ।
ଏକା ନାରାଚକେ ସବୁ ଛେଦିଲେ ଲକ୍ଷ୍ମଣ ଯେ ॥ ୪୦

ଏହି ସମୟରେ ରାମ ବିନ୍ଧିଲେ ନାରାଚ ।
ତ୍ରଶର ଜ୍ୱାଳାରେ ପୃଥ୍ୱୀ ହୋଇଲା ଦହର୍ଯ୍ୟ ଯେ ॥୪୧

କୋଟିଏ ବଜ୍ର ପଡ଼ିଲା କିବା ଏକାବେଳେ ।
ବ୍ରହ୍ମଶର ପଡ଼ିଲା ରାବଣ ବକ୍ଷସ୍ଥଳେ ଯେ ॥୪୨

ବୁକୁ ଫୁଟି ପୃଷ୍ଠ ଦେଶେ ବାହାର ହୋଇଲା ।
ସମୁଦ୍ରେ ବୁଡ଼ିଣ ରାମ ତୋଣେ ସମ୍ଭାଇଲା ଯେ ॥୪୩

ପୁଷ୍ପକ ବିମାନୁ ତଳେ ପଡ଼ିଲା ରାବଣ ।
ଆକାଶରୁ ପୁଷ୍ପ ବୃଷ୍ଟି କଲେ ଦେବଗଣ ଯେ ॥୪୪

ଦୁନ୍ଦୁଭି ବଜାଇ ନୃତ୍ୟ କଲେ ଅପ୍ସରୀ ।
ଆନନ୍ଦେ ଦେବେ ସ୍ୱର୍ଗରେ ଉତ୍ସବକୁ କରି ଯେ ॥

ମାତଳିକୁ ରାଇ ଆଗ୍ୟାଂ ଦେଲେ ରଘୁବଚ୍ଛ ।
ଅନ୍ଧକାର ସଂସାର କମ୍ପାଇଁ ଦଶୁଅଛୁ ଯେ ॥୪୬

ଶୁଣ ଦେବ ରାବଣକୁ କଲ ଯେ ସଂହାର ।
ବ୍ରହ୍ମହତ୍ୟା ଦୋଷ ଯେ ଲାଗିଲା ରଘୁବୀର ଯେ ।। ୪୭

ଆପଣା ନାମକୁ ଏବେ ସୁମରଣା କର ।
ସମସ୍ତ ପାତକମାନ ହୋଇବ ଅନ୍ତର ହେ ।। ୪୮

ଶୁଣି ରାମଚନ୍ଦ୍ର ନିଜ ନାମକୁ ସୁମରି ।
ମନୁ ବ୍ରହ୍ମହତ୍ୟା ଦୋଷ ଗଲା ଅପସରି ଯେ ।। ୪୯

ରାବଣ ପଡ଼ିବା ଦେଖି ବିଭୀଷଣ ବୀର ।
ଶୋକଭର ହୋଇ ପାଶେ ମିଳିଲା ତାହାର ଯେ ।। ୫୦

**ବିଭୀଷଣ ଶୋକ !—**

ଆହା ଭାଇ ରଥୀ ମୋର ଦିଗପାଳ ସରି ।
ଅବନୀ ତଳେ ପଡ଼ିଲ ଏବେ ଗ୍ୟାଂନ ହାରି ହେ ।। ୫୧

ହିତ କଥା ଢିଆରନ୍ତେ ଅହିତ ମଣିଲ ।
ସୀତାଙ୍କୁ ଆଣି ଏବେ ପ୍ରାଣ ବିସର୍ଜିଲ ଯେ ।। ୫୨

ତପନ ଚନ୍ଦ୍ରମା ନ ଦେଖନ୍ତି ମନ୍ଦୋଦରୀ ।
ଏବେ ତାହାଙ୍କୁ କାହାକୁ ଦେଲ ଦଣ୍ଡଧାରୀ ହେ ।। ୫୩

ସୀତା ନ ହରିବୁ ଧାତା କହିଥିଲେ ତୋତେ ।
ପାଶୋରିବୁ ବୋଲି ପୁରେ ପଢ଼ୁଥାନ୍ତି ନିତ୍ୟେ ଯେ ।। ୫୪

ସଗୋତ୍ର ମରାଇ ନାଶ ଗଲୁ ତୁ ଆପଣ ।
ଶ୍ରୀରାମ ସଙ୍ଗତେ କମ୍ପା ଆରମ୍ଭିଲ ରଣ ଯେ ।। ୫୫

ସୀତା ସମର୍ପିଲେ ତୁମ୍ଭେ ନୁହନ୍ତ ବିନାଶ ।
ରାମ ପାଦ ଚିନ୍ତି କହେ ରଘୁନାଥ ଦାସ ଯେ ।। ୫୬

●

## ରାଗ—**କେଦାରକାମୋଦୀ**

ସୁଜନେ ଶୁଣ ଏବେ ସୁରସ ବାଣୀ ପାର୍ବତୀ ଆଗେ ଯାହା ଶଙ୍କର ଭଣି ।
ବିଭୀଷଣ ରୋଦନ ସୁଗ୍ରୀବ ଶୁଣି,
ପାରୁଶେ ବସି ତାକୁ କହନ୍ତି ବାଣୀ ଯେ ।। ୧

ଆହେ ଲଙ୍କା ନାୟକ ଶୋକ ସମ୍ଭାଳ  ନିଶ୍ଚିନ୍ତ ହୋଇ ଲଙ୍କା ଭୁବନ ପାଳ ।
ଅକାରଣରେ କ୍ଷମା କର ଶୋକକୁ,
ତୁମ୍ଭେ ତ ବୁଦ୍ଧି କହ ଅମ୍ଭମାନଙ୍କୁ ଯେ ॥ ୨

ଅନେକ ଶୋକ କଲେ ସେ ବିଭୀଷଣ  ନ ଘେନଲେ ସେ ସୁଗ୍ରୀବ ଉଆରଣ ।
ଶ୍ରୀରାମ ପୁଣି ପାଶେ ମିଳିଲେ ଆସି,
କହିଲେ କଥାମାନ ବହୁ ଆଶ୍ୱାସି ଯେ ॥ ୩

ତୁନି ନୋହିବା ଦେଖିଣ ରଘୁନାଥ  ବୋଲନ୍ତ କ୍ଷମା କର ଏତେକ କୃତ୍ୟ ।
ମୁଁ ଜାଣିଥିଲେ ନ ମାରନ୍ତି ରାବଣ,
ସୀତା ନେବାରେ ମୋ ନଥିଲା କାରଣ ଯେ ॥ ୪

ଆହେ ରାଜନ ଏବେ ଶୋକ ନ କର  ଜିଆଇ ଦେବା ଆମ୍ଭେ ଭ୍ରାତ ତୁମ୍ଭର ।
ଏମନ୍ତ ଶୁଣି ବିଭୀଷଣ ଉଠିଲେ,
ଶ୍ରୀରାମ ପାଦେ ଶିର ଦେଇ ଲୋଟିଲେ ଯେ ॥ ୫

ହେ ଦେବ ଅଗ୍ୟାଂ କ୍ଷମା ହେଲା ଏ ବାଣୀ  ଲୋକାଚାରକୁ ଭୟ କରି ମୁଁ ଜାଣି ।
ଯେବେ ମୁଁ ଶୋକ ନ କରନ୍ତି ଗୋସାଇଁ
ଲଙ୍କା ନଗରେ କେହି ରହନ୍ତେ ନାହିଁ ଯେ ॥ ୬

ଲଙ୍କାରେ ରାଜପଣ ମୋତେ ତ ଦେଲ  ରାବଣକୁ ଜିଆଇ ଦେବ ବୋଇଲ ।
ମଲା ଲୋକ ଯେବେ ଜିଇବେ ଗୋସାଇଁ,
କିଛି ସୈନ୍ୟ ଜିଅନ୍ତୁ ମୋ ବଳ ନାହିଁ ହେ ॥ ୭

ଏହି କାଳରେ ଲଙ୍କାଗଡ଼ରେ ଦୂତ  କହିଲା ଯାଇ ଲଙ୍କପତିର ହତ ।
ଏହା ଶୁଣି ତରସ୍ତ ସକଳ ଜନ,
ପୁଅ ଦୁହିତା ଅଣ ଛୁଣ୍ଡି ବହନ ଯେ ॥ ୮

କେ ବୋଲେ ସିନ୍ଧୁକୂଳେ ଗଡ଼ିବା ଯାଇ  କେ ବୋଲେ ସିନ୍ଧୁଜଳେ ପଡ଼ିବା ଡେଇଁ ।
କେ ବୋଲେ ଏକାବେଳେ ନ ଯିବ ବାବୁ,
ଅକାଳ ମୃତ୍ୟୁ କାହିଁ ଥିଲା ଏ ସବୁ ଯେ ॥ ୯

ଏମନ୍ତ ବୋଲି କଲେ ଅନେକ ଶୋକ  ସଂଗ୍ରାମ ସ୍ଥଳକୁ ପୁଣି ଆଇଲେ ଲୋକ ।
ବିଭୀଷଣ ରୋଦନ କହିଲେ ଆସି,
ଶୁଣି ସ୍ଥିର ହୋଇଲେ ସେ ପୁରବାସୀ ଯେ ॥ ୧୦

ଅନ୍ତଃପୁରେ ଶୁଣିଣ ଏମନ୍ତ ବାଣୀ    ମନ୍ଦୋଦରୀ ସହିତେ ସବୁ ତରୁଣୀ ।
ରୋଦନ କରି ଗଡ଼ୁ ବାହାର ହେଲେ,
ବଧୂପଣ ଥିବାରୁ ଧର୍ମ ପାଇଲେ ଯେ ॥ ୧୧

ଯୁଦ୍ଧ ଭୂମିରେ ଆସି ହେଲେ ପ୍ରବେଶ    ଦେଖିଲେ ପଡ଼ିଅଛି ରାକ୍ଷସ ଈଶ ।
ଶବକୁ କୋଳ କରି ମସ୍ତଦୂଲଣୀ,
କର ପାଦ ଧଇଲେ ଆବର ରାଣୀ ଯେ ॥ ୧୨

ଶ୍ରୀରାମ ସୈନ୍ୟ ସେନା ଆଦି ସହିତେ ଅନ୍ତର ହେଲେ ସ୍ତ୍ରୀମାନେ ରୋଦନ୍ତେ ।
କେ ନେଇ ଶିରପାଦ ଉଦରେ କଲେ,
କେ କର ନେଇ ଉର ଉପରେ ଦେଲେ ଯେ ॥ ୧୩

ଆହା ହେ ନାଥ ଆମ୍ଭମାନଙ୍କ କୋଳ ଛାଡ଼ି ଶୋଇଲ ଏବେ ଅବନୀ ତଳ ।
ନବୀନଘନ ଅଙ୍ଗ ରୁଧିରେ ରଙ୍ଗ,
ଶୋଭାକୁ ନିନ୍ଦା କରେ କୋଟି ଅନଙ୍ଗ ଯେ ॥ ୧୪

ଶିରଗଣକୁ ଦଶ ମୁକୁଟ ଶୋଭା    କର୍ଣ୍ଣେ କୁଣ୍ଡଳ ରବି ପରାୟେ ଆଭା ।
କସ୍ତୁରୀରେଖ ନାଶ ଅରୁଣାଧର,
ମେଘଗମ୍ଭୀର ବାଣୀ ନେତ୍ର-ମଞ୍ଜୁଳ ଯେ ॥ ୧୫

ବିସ୍ତାର ହୃଦେ ହାରେଶ୍ୱରର ସେହ୍ନା ପଦକମଳେ ରବି ପ୍ରାୟେ ଜୋଛନା ।
କରିରାଜର କର ପରାୟେ କର,
ଆମ୍ଭମାନଙ୍କୁ ତହିଁ ଆଶ୍ଳେଷ କର ହେ ॥ ୧୬

ସିଂହ କଟୀରେ ରକ୍ତ ଦୁକୂଳ ପଟୀ ବେଢ଼ା ହେବାରୁ ଶୋଭା ଦିଶଇ କଟି ।
ଅଳଙ୍କୃତରେ ଶୋଭା ଦିଶଇ ଅଙ୍ଗ,
ପିନ୍ଧିବା ବାସ ହସେ ସବୁ ଦେବାଙ୍ଗ ଯେ ॥ ୧୭

ଅନର୍ଗଳ ତୋଡ଼ର ଚରଣେ ଶୋଭା ସମରେ ସମ ଦେବ ନୋହେ ମଘବା ।
ବୀରମାନଙ୍କେ ବୀରବର ଗୋସାଇଁ,
ତୁମ୍ଭ ପରାୟେ ସ୍ୱାମୀ ପାଇବୁ କାହିଁ ଯେ ॥ ୧୮

ଆମ୍ଭମାନଙ୍କୁ ଅଛ ଯେ ଭୋଗ ଦେଇ ଶଚୀ ସାବିତ୍ରୀ ତାହା ପାଇବେ ନାହିଁ ।
ହେ ଦେବ ଦେବ ଅମ୍ଭ ଦୁଃଖ ନ ଦେଖ,
କ୍ଷଣ ମାତ୍ରକେ ଏବେ ହେଲୁ ନିରେଖ ଯେ ॥ ୧୯

ପତି ଭକ୍ତିନା ସତୀ ଆଣିଲ ହରି  ବୋଇଲେ ବୋଲ ନ ଘେନିଲ କାହାରି ।
ଦଇବ ପ୍ରତିକୂଳ ଜାଣୁ ତୁମ୍ଭର,
ବିଭୀଷଣଙ୍କୁ ତେଣୁ କଲ ବାହାର ହେ ॥ ୨୦

ଏବେ ଆମ୍ଭରେ କେ କରିବ ଆଶ୍ୱାସ  ଅନଳେ ସ୍ୱାମୀ ସଙ୍ଗେ ଦିଅନ୍ତୁ ଝାସ ।
ନୋହିଲେ ବିଷ ଖାଇ ମରିବା ବାଣୀ,
ନିଶ୍ଚୟ କଲେ ତହିଁ ସକଳ ରାଣୀ ଯେ ॥ ୨୧

ଏହି ସମୟେ ବିଭୀଷଣ ଅଇଲେ    ମନ୍ଦୋଦରୀ ନିକଟେ ପ୍ରବେଶ ହେଲେ ।
ବୋଇଲେ ଲଙ୍କାଗଡ ପ୍ରଭୁ ତ ତୁମ୍ଭେ,
ତୁମ୍ଭେ ବୋଇଲେ ଶବ ଦହିବୁ ଆମ୍ଭେ ଯେ ॥ ୨୨

ମୟଦୁଲଣୀ କହେ ଶୁଣ ହେ ବୀର    ତୁମ୍ଭଙ୍କୁ ଦେଲେ ରାମ ଏ ଲଙ୍କାପୁର ।
ଏବେ ଏ ରାଜ୍ୟ ସୁଖେ ପାଳ ରାଜନ,
ଶ୍ରୀରାମ ପାଦେ ରଘୁନାଥ ଶରଣ ଯେ ॥ ୨୩

ରାଗ—**ମଙ୍ଗଳଗୁଜ୍ଜରୀ**

ମନ୍ଦୋଦରୀ ନିକଟେ ପ୍ରବେଶ ରଘୁପତି ।
ବୋଲନ୍ତି ରୋଦନ କାହିଁ କରୁଅଛ ସତୀ ଗୋ ॥ ୧

ଶ୍ରୀରାମଙ୍କୁ ଦେଖି ମୟଦୈତ୍ୟର ଦୁଲଣୀ ।
ନମସ୍କାର କରି ବେଗେ ପଡ଼ିଲେ ଧରଣୀ ଯେ ॥ ୨

ହେ ଦେବ ଇକ୍ଷ୍ୱାକୁ କୁଳ-କୁମୁଦ ସୁଧାଂଶୁ ।
ଦଶନ ମାତ୍ରକେ ସର୍ବ କଳୁଷ ମୋ ନାଶୁ ଯେ ॥ ୩

ଆହେ ଦେବ ମୋତେ ଦେଲ ଶ୍ରୀମୁଖ ଦର୍ଶନ ।
ମୋର ସ୍ୱାମୀ ଅନୀତି କି ମନରେ ନ ଘେନ ହେ ॥ ୪

ସତୀ ବୋଲି ଯାହା ଆଗ୍ୟାଂ ଦେଲ ଦେବ ମୋତେ :
ସ୍ୱାମୀ ହତ ହେଲେ ମୁହିଁ ବିଧବା ଯୁଗତେ ଯେ ॥ ୫

ଶୁଣି ମନ୍ଦୋଦରୀ ଆଜୁଁ ହୁଅ ସୁଲକ୍ଷଣୀ ।
ସୀତା ତାରା ଅହଲ୍ୟା ଦ୍ରୌପଦୀ ସଙ୍ଗେ ଗଣି ଯେ ॥ ୬

ମନ୍ଦୋଦରୀ ସଙ୍ଗତେ ଯେ କରିବ ପଠନ ।
ଧନ ଜନ ହେବ ଅନ୍ତେ ମୋକ୍ଷ ସେହୁ ଜନ ଯେ ॥ ୭

ଏତେ ବୋଲି ବିଭୀଷଣ ମୁଖକୁ ଚାହିଁଲେ ।
ମନ୍ଦୋଦରୀ କର ଧରି ସମର୍ପଣ କଲେ ଯେ ॥ ୮

ପୁଣି ମନ୍ଦୋଦରୀ ରାମ ଚରଣେ ପଡ଼ିଲା ।
କାରୁଣ୍ୟ ହୋଇଣ ନିଜ ସଦନକୁ ଗଲା ଯେ ॥ ୯

ରାମ ଆଜ୍ଞା ଦେଲେ ବିଭୀଷଣ ମୁଖ ଚାହିଁ ।
ରାବଣକୁ ଦହନ ତୁ କର ବେଗେ ଯାଇ ହେ ॥ ୧୦

ରାମ ଆଜ୍ଞା ପାଇ ଶୀଘ୍ର ବିଭୀଷଣ ବୀର ।
ଶ୍ମଶାନେ ନେଇ ଦହନ କଲେ ଦଶଶିର ଯେ ॥ ୧୧

ନିଜ କୁଟୁମ୍ବେ ତାହାର କରି ଦାନ ପୁଣ୍ୟ ।
ଲେଉଟି ରାମଙ୍କୁ ଆସି କଲେଟି ଦର୍ଶନ ଯେ ॥ ୧୨

ଶ୍ରୀରାମ ବୋଇଲେ ରାଜା ନଗରକୁ ଯାଅ ।
ପାତ୍ର ମନ୍ତ୍ରୀ ସୈନ୍ୟ ଘେନ ଅଭିଷେକ ହୁଅ ହେ ॥ ୧୩

ପୁଣି ସଉମିତ୍ରୀ ସୁଗ୍ରୀବଙ୍କୁ ଚାଇଲେ ।
ବିଭୀଷଣ ରାଜା ସଙ୍ଗେ ଯାଅ ଆଜ୍ଞା ଦେଲେ ହେ ॥ ୧୪

ଅଭିଷେକ କରି ତୁମ୍ଭେ ଲେଉଟିଣ ଆସ ।
ଶୁକ ସାରଣଙ୍କୁ ଚାହିଁ କହି ରଘୁଶିଷ ଯେ ॥ ୧୫

ସିନ୍ଧୁ କୂଳରେ ସତ୍ୟକୁ କରିଥିଲି ମୁହିଁ ।
ରାବଣ ମାରି ଘରଣୀ ଆନକୁ ଦେବଇଁ ଯେ ॥୧୬

ଏବେ ତାର ଘରଣୀ କି ଦେଲି ବିଭୀଷଣେ ।
ଆମ୍ଭ ଆଜ୍ଞା ପାଳୁ କହ ଯାଇଣ ବହନେ ଯେ ॥୧୭

ଶୁଣି ବିଭୀଷଣ ମନ୍ତ୍ରୀ ହୋଇଲେ ହରଷ ।
ଶ୍ରୀରାମ ଆଜ୍ଞାରେ ସର୍ବେ ଗଲେ ଲଙ୍କାଦେଶ ଯେ ॥୧୮

ଏଥୁଅନନ୍ତରେ ରାମ ମାରୁତିକି ଚାହିଁ ।
ବୋଇଲେ ସୀତାଙ୍କୁ ତୁ ବାରତା କହ ଯାଇ ରେ ॥୧୯

ଶୁଣି ହନୁମନ୍ତ ନମସ୍କାର କରି ଗଲା ।
ଅଶୋକ ବପିନେ ସୀତା ଚରଣେ ପଡ଼ିଲା ଯେ ॥୨୦

ରାବଣ ପଡ଼ିବା କଥା ହନୁ ଜଣାଇଲେ ।
ରାକ୍ଷାସୁଣୀମାନେ ଭୟ ପାଇ ଉଭା ହେଲେ ଯେ ॥୨୧

ସୀତୟା ଶୁଣିଣ ଦଶାନନର ବିନାଶ ।
ବୋଇଲେ କ୍ଳେଶ ଖଣ୍ଡିଲେ ବିଧାତା ପୁରୁଷ ଯେ ॥୨୨

ରାବଣ ମରିବା କଥା ଜଣାଇଲୁ ତୁହି ।
କି ବର ମାଗ ତୁ ମୋତେ ତୋଷେ ଦେବି ମୁହିଁ ଯେ ॥୨୩

ହନୁ ବୋଲେ ଦିଅ ମୋତେ ରାକ୍ଷସୀମାନଙ୍କୁ ।
ମାରିବି ଏହାଙ୍କୁ ଡରାଉଥାନ୍ତି ତୁମ୍ଭଙ୍କୁ ଯେ ॥୨୪

ଏହା ଶୁଣି ନାସ୍ତି କଲେ ସୀତା ଚନ୍ଦ୍ରମୁହିଁ ।
ରାଜା ବୋଲେ ଥାନ୍ତୁ ଏହାଙ୍କର ଦୋଷ ନାହିଁ ଯେ ॥୨୫

ହନୁ ବୋଲେ ଭୋ ମାତ ଅବନୀ ତୋର ମାତ ।
ପାଦେ ପଡ଼ି କହି ବାହୁଡ଼ିଲେ ସେ ତୁରିତ ଯେ ॥୨୬

ଶ୍ରୀରାମ ଚରଣେ ଯାଇ ନମସ୍କାର କଲେ ।
ସୀତାର ସନ୍ଦେଶମାନ ସବୁ ଜଣାଇଲେ ଯେ ॥୨୭

ଏଥିଅନ୍ତେ ଲକ୍ଷ୍ମଣ ସୁଗ୍ରୀବ ବିଭୀଷଣ ।
ସମ୍ଭବେ ପ୍ରବେଶ ହେଲେ ରାବଣ ଅସ୍ଥାନ ଯେ ॥୨୮

ଅଭିଷେକ ଯୋଗାଡ଼କୁ ବେଗେ ଅଣାଇଲେ ।
ବିବିଧ ପ୍ରକାରେ ନାନା ବାଦ୍ୟ ବଜାଇଲେ ଯେ ॥୨୯

ବେନି ମନ୍ତ୍ରୀ ମନ୍ଦୋଦରୀ ରାଣୀଙ୍କି ବୁଝାଇ ।
ସୁବେଶ ହୋଇ ଅସ୍ଥାନେ ବେଗେ ହେଲେ ଯାଇ ଯେ ॥୩୦

ବିଭୀଷଣ ପାଶେ ମନ୍ଦୋଦରୀ ବସାଇଲେ ।
ହୁଳହୁଳି ଦେଇଣ ଲକ୍ଷ୍ମଣ ବନ୍ଦାଇଲେ ଯେ ॥୩୧

ପାଟକେ ଲକ୍ଷ୍ମଣ ରାଜା ମସ୍ତକେ ବାନ୍ଧିଲେ ।
ନଗ୍ରନାରୀମାନେ ହୃଷ୍ଟେ ହୁଳହୁଳି ଦେଲେ ଯେ ॥୩୨

ତହୁଁ ବିଭୀଷଣେ ମନ୍ଦୋଦରୀ ଉଠିଗଲେ ।
ଲକ୍ଷ୍ମଣ ପାଦ ତଳରେ ଯାଇଣ ପଡ଼ିଲେ ଯେ ॥୩୩

ଉଠି ବିଭୀଷଣ ବେନି ମନ୍ତ୍ରୀଙ୍କି କହଇ ।
ଭଣ୍ଡାରୁ ସମସ୍ତ ଦ୍ରବ୍ୟ ଅଣାଅ ବୁହାଇ ଯେ ॥୩୪

ମହାଦେଈ ସହିତରେ କରିବୁ ଦର୍ଶନ ।
ଲକ୍ଷ୍ମଣ ସହିତେ ସବେ ଚଳିଲେ ବହନ ଯେ ॥୩୫

ଲକ୍ଷ୍ମଣ ଆଗେ ରାମେ ନମସ୍କାର କରି ।
ସବୁ ରାଣୀ ସଙ୍ଗେ ଘେନି ଆସେ ଦଣ୍ଡଧାରୀ ହେ ॥୩୬

ନଉଚୁଲି ଦେଇ ସବେ ଗଡ଼ ପାଲି ଶୋଇ ।
ଆନନ୍ଦରେ ଉଠ ଉଠ ବୋଲି ରଘୁସାଇଁ ଯେ ॥୩୭

ମନ୍ଦୋଦରୀ କର ଧରି ଶ୍ରୀରାମ ବୋଲନ୍ତି ।
ଚନ୍ଦ୍ର ସୂର୍ଯ୍ୟ ଥିବାଯାଏ ଭୋଗ କର ସତୀ ଗୋ ॥୩୮

ଏବେ ବେଗେ ସୀତାଙ୍କୁ ମୋ ଆଣ ବେଗେ ଯାଇ ।
ଦେଖିବି ପ୍ରିୟାଙ୍କୁ ମୋର ନୟନ ପୁରାଇ ଯେ ॥୩୯

ବିଭୀଷଣ ବୋଲେ ରାମରେ ଏ ଭଣ୍ଡାର ।
ଆଣିଅଛୁ ଦେଖ ନମିତ୍ତରେ ରଘୁବର ହେ ॥୪୦

ରାମ ଆଗ୍ୟାଂ ଦେଲେ ତୁମ୍ଭେ ଏହା ନ କହିବ ।
ରାବଣ ମାରି ତୁମ୍ଭଙ୍କୁ ସମର୍ପିଲି ସବୁ ହେ ॥୪୧

ମନ୍ଦୋଦରୀ ବୋଲେ କିଛି ଅଳଙ୍କାର ମୁହିଁ ।
ସୀତାଙ୍କୁ ଦେବା ଦୟାକର ରଘୁସାଇଁ ହେ ॥୪୨

ବିଭୀଷଣ ବୋଲେ ମୁଁ କନକଦଣ୍ଡ ଦେବି ।
ରାମ କହି ହେଉ ଏବେ ସନ୍ତୋଷେ ରଖିବ ଯେ ॥୪୩

ଶୁଣି ସେ ଶ୍ରୀରାମ ପାଦେ କଲେ ନମସ୍କାର ।
ସୀତା ଆଣିବାକୁ ବାହାରିଲେ ତତପର ଯେ ॥୪୪

ମନ୍ଦୋଦରୀ ସହିତରେ ସବୁ ମହାଦେଈ ।
ସୀତାଙ୍କୁ ମାଜଣା କରି ଅଳଙ୍କାର ଦେଇ ଯେ ॥୪୫

ହାନ୍ଦୋଳାରେ ବସାଇଣ ଗଲେ ରାମ ପାଶ ।
ରାକ୍ଷସ ରାକ୍ଷସୀ ବେଢ଼ି କଲେ ବାଦ୍ୟ ଘୋଷ ଯେ ॥୪୬

ରାମ ପଚ୍ଚାରନ୍ତି ମିତ କି ଗୋଳ ଶୁଭଇ ?
ସୁଗ୍ରୀ କହେ ହାନ୍ଦୋଳାରେ ବଜେ ବଇଦେହୀ ଯେ ॥୪୭

ଦୃବନ୍ଦଙ୍କୁ ଚାହିଁ ରାମ ବୋଇଲେ ବଚନ ।
ଆମ୍ଭେ କହିଲୁ ବୋଲିଣ କହ ବିଭୀଷଣ ଯେ ॥୪୮

ସୀତା ଚାଲି ଆସନ୍ତୁ ଦେଖନ୍ତୁ ସର୍ବ ସୈନ୍ୟ ।
ଏତେ କଷ୍ଟ ପାଇ ସେବା କଲେ ମୋର ସୈନ୍ୟ ଯେ ॥୪୯

ଶୁଣିଣ ଦୃବନ୍ଧ ବିଭୀଷଣଙ୍କୁ କହଇ ।
ଦେଖିବେ ସର୍ବେ ଚାଲି ଆସନ୍ତୁ ବଇଦେହୀ ଯେ ॥୫୦

ବିଭୀଷଣ ଜଣାଇଲେ ସୀତା ପାଶେ ଯାଇ ।
ସୈନ୍ୟ ଦେଖିବେ ଚାଲନ୍ତୁ ରାମ ଆଗ୍ୟାଂ ହୋଇ ଯେ ॥୫୧

ଜାନକୀ ଚାଲିଲେ ମନେ ସୁଖ ଦୁଃଖ ରଖି ।
ସନ୍ତୋଷ ହୋଇଲେ ସେନା ସୈନ୍ୟମାନେ ଦେଖି ଯେ ॥୫୨

ରାମ ସୀତା ଭେଟ ହେଲା ଚାରିଚକ୍ଷୁ ଏକ ।
ରଘୁନାଥ ଦାସ ବୋଲେ ବରଷେ ଲୋତକ ଯେ ॥୫୩

●

ରାଗ **ଚକ୍ରାକେଦାର**

ଏଥୁଅନ୍ତେ ଶୁଣ ସୁଗ୍ୟଂଜନେ ରାମ ଚରିତକୁ ସାବଧାନେ
ସୀତା ମୁଖ ଚାହିଁ ବୋଲନ୍ତି ଶ୍ରୀରାମ,
ତୁମ୍ଭେ ଥିଲ ଅସୁର-ଭୁବନେ, ଗୋ ଜାନକି ॥ ୧

ଏବେ ରାବଣ ମାରିଲୁ ରଣେ ରଘୁବଂଶ ଲଦ୍ଧି କାରଣେ
ତୋତେ କେମନ୍ତେ ପାଣିଗ୍ରହ କରିବି,
ଏଥୁଁ ବର ବାଛି ଯେନ ଜନେ, ଗୋ ଜାନକି ॥ ୨

ମୋର ଆଶା ଛାଡ଼ ବଇଦେହୀ          ଅଛନ୍ତି ସାନୁଜ ତିନ ଭାଇ
ତାହାଙ୍କୁ କ ରାଜ ନୋହିଲେ ତୋ ଇଚ୍ଛା,
ସୁଗ୍ରୀ ଆଦି ଛନ୍ତି ଲଙ୍କସାଇଁ, ଗୋ ଜାନକି ॥ ୩

ଏହା ଶୁଣି ଶୁଖିଲା ଅଧର          ଶୋକଭରେ ବୋଲନ୍ତି ଉତ୍ତର
ଆହେ ଦେବ ମୋତେ ନଷ୍ଟ-ନାରୀ ପ୍ରାୟେ,
କପିମାନଙ୍କୁ ବୋଲୁଛ ବର ହେ, ଶ୍ରୀ ଦେବ ॥ ୪

ପିତା ବଂଶ ଅକଳଙ୍କ ବଧୂ          ସୂର୍ଯ୍ୟବଂଶର ମୁଁ କୁଳବଧୂ
ଉଭୟ କୁଳ ବିଶୁଦ୍ଧ ମୋର ଦେବ,
ଦୋଷ ଥିଲେ ବୈଶ୍ୱାନର ବଧୂ ହେ, ଶ୍ରୀ ଦେବ ॥ ୫

ସଉମିତ୍ରିଙ୍କି କ ବୋଲନ୍ତି ଚାହିଁ          ଅଗ୍ନି ଜାଳ ମୁଁ ପଶିବି ଯାଇ
ଲକ୍ଷ୍ମଣ ଉଠି ଶ୍ରୀରାମଙ୍କୁ ଚାହାନ୍ତେ,
ନେତ୍ର ଠାରି ଦେଲେ ରଘୁସାଇଁ, ସେ କାଳରେ ॥ ୬

ସଉମିତ୍ରି ବୋଲେ କପି ସୈନ୍ୟ          କାଷ୍ଠ ବହି ଆଣିଲେ ବହନ
ଯୋଣ୍ଡ କାଢ଼ି ଅଗ୍ନି ଶରକୁ ବାନ୍ଧନ୍ତେ,
ବେଗେ ଜଳିଲା ସେ ହୁତାଶନ, ସେ କାଳରେ ॥ ୭

ଦଶଦିଗ ଚାହିଁ ବଇଦେହୀ          ବୋଲେ ରାମ ବିନୁ ଅନ୍ୟ କାହିଁ
ମନ-ବଚନ-କର୍ତ୍ତବ୍ୟେ ଆନ ଥିଲେ,
ବୈଶ୍ୱାନର ପକାଇବେ ଦହି, ସେ ମୋ ଅଙ୍ଗ ॥ ୮

ପ୍ରଦକ୍ଷିଣ କରି ବହ୍ନି କ          ଅଗ୍ନି ମଧ୍ୟେ ମିଳିଲେ ଜାନକୀ
ଦେଖି ସମସ୍ତେ ହାହାକାର କରଣ,
ଶୋକଭରେ ଚାହିଁଲେ ଅଗ୍ନିକି, ସେ କାଳରେ ॥ ୯

ଏହା ଦେଖି ରଘୁକୁଳ ପତି          ଗ୍ୟାଂନ ହାରଣି ପଡ଼ିଲେ କ୍ଷିତି
ଲକ୍ଷ୍ମଣ ତୋଳି ବସାଇଲେ ବନ୍ଧନ,
ଧୀରେ ଧୀରେ ବିଞ୍ଚି କପିପତି, ସେ ରାମକୁ ॥ ୧୦

ଗ୍ୟାଂନ ପାଇ ବୋଲନ୍ତି ରେ ସଖି !          କଥା ଛଟକେ ହେଲୁ ଜନମାଖି
ଆହାରେ ରୁଷିତନମ୍ରା କାହିଁ ଗଲୁ,
ମୋତେ କରିଗଲୁ ଜନମୋଖି, ରେ ଜାନକି ॥ ୧୧

ପାପ ବୁଦ୍ଧି ପ୍ରସରିଲା କାହୁଁ ଗ୍ୟାଂନ ହତ ହେଲା କହୁଁ କହୁଁ
ଦଇବ ପ୍ରତିକୂଳ ମୋତେ ହୋଇଲା,
ଏହା କାହାକୁ କହିବି ଆଉ, ରେ ସୁମୁଖି ॥ ୧୨

ମନେ ପାଞ୍ଚିଥିଲି ନାଥବର ଦୈତ୍ୟ ନାଶି ଗଲେ ଆମ୍ଭ ପୁର
ଚିତ୍ରକୂଟ ପରି ବିହାର କରନ୍ତେ,
ବ୍ୟର୍ଥ ହେଲା ସେ ସୁଖ ମୋହର, ରେ ଜାନକି ॥ ୧୩

ବିଭା କାଳେ କଲୁ ଅଗ୍ନି ସାକ୍ଷୀ ଜନ୍ମ ଯେ କଲୁ ଏକିମୁଖି
ଏବେ ସଖୀ ଆଗ ହୋଇ ଛାଡ଼ିଗଲୁ,
ଏଠି ଏକା କରି ମୋତେ ରଖି, ରେ ଜାନକି ॥ ୧୪

କିସ ବାଖାଣିବି ତୋର ଗୁଣ ସବୁ କଥାରେ ତୁ ଅଟୁ ପୂର୍ଣ୍ଣ
ତୋତେ ଜିଜ୍ଞାସ କଲି ଯାହା ନ ଜାଣି,
ଧିକ ନ ଯାଏ କିମ୍ପା ମୋ ପ୍ରାଣ, ରେ ଜାନକି ॥ ୧୫

ଯେତେ ଦୋଷ କଲେ ମୁଁ ତୋହର କ୍ଷମା ନ କଲୁରେ ରାମାବର
ଆହେ ଲକ୍ଷ୍ମଣ ଉପାୟ କୁହ ଏବେ,
ଜୀବ ଯିବ କିମ୍ପା ଏବେ ମୋର, ରେ ଲକ୍ଷ୍ମଣ ॥ ୧୬

ଶୁଣି ହନୁମନ୍ତ ଶୋକ କଲେ ଜ୍ଞାନ ହାରି ଭୂମିରେ ପଡ଼ିଲେ
ବାଲୀ କୁମର ତାଙ୍କୁ ତୋଳି ଧରନ୍ତେ,
ପୁଣି ଶୋକରେ ନିମଗ୍ନ ହେଲେ, ସେ ଲକ୍ଷ୍ମଣ ॥ ୧୭

ବୋଲନ୍ତି ରେ ଅବିବେକ ବିଧି କେତେ କଷ୍ଟ ତୁ ନ ଥିଲୁ ଦେଇ
ରାଜ୍ୟ ଛାଡ଼ି ଆମ୍ଭେ ବନକୁ ଆଇଲୁ,
ପିତା ହାନିକୁ ଶୁଣିଲୁ ତହିଁ, ରେ ଦଇବ ॥ ୧୮

ଯିବା ପ୍ରାଣ କବନ୍ଧ ମୁଖରେ ରକ୍ଷା ହୋଇଲା କେଉଁ ଧର୍ମରେ
ଯେତେକ ଶର ମାରିଅଛି ଅସୁର,
ବ୍ରଣ ପୂରି ରହିଛି ଶରୀର, ରେ ଦଇବ ॥ ୧୯

ଏକଘନ ମାଇଲା ହୃଦରେ ପ୍ରାଣ ନ ଗଲା କିମ୍ପା ତହିଁରେ
ଏହୁ କଷଣ ଦେଖିଣ ମୋର ପ୍ରାଣ,
ରକ୍ଷା ହୋଇଛି କିମ୍ପା ପିଣ୍ଡରେ, ରେ ଦଇବ ॥ ୨୦

ସତ୍ତମିଙ୍କି ବିକଳ ଶୁଣିଲେ ସୁଗ୍ରୀ ବିଭୀଷଣ ଶୋକ କଲେ
ସେନା ଯୂଥପତି ସୈନ୍ୟ ସହିତରେ,
କାନ୍ଦି ଅବନୀ ତଳେ ପଡ଼ିଲେ, ସେ ସକଳେ ॥ ୨୧

ସୀତା ରଖିଥିବା ରାକ୍ଷସୁଣୀ ମନ୍ଦୋଦରୀ ଆଦି ଯେତେ ରାଣୀ
କାନ୍ଦଣି ନିନ୍ଦା କରଣ ସେ ବୋଲନ୍ତି,
ବଡ଼ ନିଷ୍ଠୁର ଏ ରଘୁମଣି, ଗୋ ସଜନି ॥ ୨୨

ମାଣ୍ଡୁ ବୃକ୍ଷା ସର୍ପଘଟ ଯେତେ ଆମ୍ଭେ କରିବା ସୀତା ନିମନ୍ତେ
ସୂଚୀ-ମାତ୍ର ପରୀକ୍ଷାରେ ସୀତା ଥିଲେ,
ଏହା ଜାଣି ଅଛନ୍ତି ସମସ୍ତେ, ଗୋ ସଜନି ॥ ୨୩

ଏହା ଶୁଣି ଅଧିକରେ ଶୋକ-- କଲେ ରଘୁବଂଶର ନାୟକ
କମ୍ପା ସଖୀ ମୁଁ କି ଦୋଷେ ଏହା କଲି,
ନିନ୍ଦା କରୁଛନ୍ତି ମୋତେ ଲୋକ, ରେ ସୁମୁଖି ॥ ୨୪

ଏହିମତେ ଅନେକ ବିଲାପ ଶୁଣି ଅଗ୍ନି ଧରି ନିଜ ରୂପ
ସୀତା କର ଧରି ବାହାର ହୋଇଲେ,
ଦହିବା ହେମ ପରାୟେ ରୂପ, ସେ ଜାନକୀ ॥ ୨୫

ଯାଇ ରାମ ନିକଟେ ମିଳିଲେ କୃତ ଆଞ୍ଜୋଳି ହୋଇ କହିଲେ
ଭୋ ଦେବ ସୀତା ଅଟନ୍ତି କମଳିଣୀ,
ବିନା ଦୋଷେ ଏ ଦଣ୍ଡ ପାଇଲେ, ହେ ରାଘବ ॥ ୨୬

ଶୁଣି ରାମ ହରଷ ହୋଇଲେ ଆସ ପ୍ରିୟା କର ବଢ଼ାଇଲେ
ଅଗ୍ନିରୁ ବାହାରି ପାଶେ ସୀତା ମିଳି,
ରାମ ଆଣି କୋଳେ ବସାଇଲେ, ସେ ଶ୍ରୀରାମ ॥ ୨୭

ଏହିକାଳେ ସ୍ୱର୍ଗୁ ଦେବଗଣ ବ୍ରହ୍ମା ସହିତେ ଶଚୀ ରମଣ
ରାମଙ୍କୁ ବିନୟ ହୋଇଣ କହନ୍ତି,
ଦେବ ଆମ୍ଭର ବଚନ ଶୁଣ, ହେ ଶ୍ରୀରାମ ॥ ୨୮

ତୁମ୍ଭେ ଅଟ ବଇକୁଣ୍ଠ ବାସୀ ଦୈତ୍ୟ ବିନାଶେ ଜନମ ଆସି
ତୁମ୍ଭ ଘରଣୀ ଅଟନ୍ତି ଅଗ୍ନିକାନ୍ତି,
ତାଙ୍କୁ ଛୁଇଁବ କେହୁ ଭରସି ହେ, ଭୋ ଦେବ ॥ ୨୯

ବାସବଙ୍କୁ ଗୃହିଁ ରଘୁପତି     ବିନୟ ହୋଇ କହିଲେ ଅତି
ତୁମ୍ଭେମାନେ କିମ୍ପା ଏଥକୁ ଆଇଲ,
ସଙ୍ଗତରେ ଘେନି ବେଦପତି, ହେ ବିବୁଧେ ॥୩୦

ଦେବେ କହି ତୁମ୍ଭେ ନାରାୟଣ     ଜାତ ରାବଣ ବଧ କାରଣ
ସୀତା କମଳିନୀ ଅଟନ୍ତି ନିଶ୍ଚୟେ,
ଶେଷଦେବ ଏ ଭ୍ରାତ ଲକ୍ଷ୍ମଣ ହେ, ଶ୍ରୀ ଦେବ ॥ ୩୧

ଆମ୍ଭମାନଙ୍କୁ କଲ ଉଦ୍ଧାର     ଏବେ ଯାଅ ଅଯୋଧ୍ୟା ନଗର
ସୀତାଙ୍କୁ ଘେନି ଅଭିଷେକ ହୋଇଣ,
ପ୍ରଜା ପାଳି ସୁଖେ ରାଜ୍ୟ କର ହେ, ଶ୍ରୀ ଦେବ ॥ ୩୨

ଦେବ ମନ ଜାଣି ଅତି ବେଗେ     ଦଶରଥ ଉଭା ରାମ ଆଗେ
ଦେଖି ରାମ ଲକ୍ଷ୍ମଣ ସୀତା ନମିଲେ,
ଦଶରଥ କହନ୍ତି ସରାଗେ, ସେ ରାମଙ୍କୁ ॥ ୩୩

ତୁମ୍ଭେ ମଣ୍ଡିଲ ଏ ରଘୁକୁଳ     ବ୍ରହ୍ମା ଆଦି ଦେବେ ଆଖଣ୍ଡଳ
ତୁମ୍ଭଙ୍କୁ ବିନୟ ହୋଇଣ କହନ୍ତି,
ସୀତା ଘେନି ନିଜ ରାଜ୍ୟ କର, ହେ ଶ୍ରୀରାମ ॥ ୩୪

ରାମ ବୋଲନ୍ତି ଧନ୍ୟ ମୋ ନେତ୍ର     ଧନ୍ୟ ଅଟଇ କୈକୟୀ ମାତ
ମୋତେ ଯେବେ ସେ ବନକୁ ନ ପେଷନ୍ତେ,
କାହୁଁ ଦେଖନ୍ତି ମୋହର ତାତ ହେ, ଶ୍ରୀ ମାତ ॥ ୩୫

ଦେବଗଣଙ୍କୁ ରାମ ବୋଇଲେ     ଯେତେକ ଅସୁର ନାଶ ଗଲେ
ଦୁଷ୍ଟଜନ ଛୁଡ଼ି ନିର୍ଦ୍ଦୋଷେ ଯେ ମଲେ,
ତାଙ୍କୁ ଜିଆଇ ଦିଅ ବୋଇଲେ, ସେ ନନ୍ଦନ ॥ ୩୬

ରାମ ଆଜ୍ଞାଂ ପାଇ ସୁନାସୀର     ବୃଷ୍ଟି କଲେ ତହିଁ ସୁଧାଧାର
ସମସ୍ତ ବାନରେ ଜୀବନ ପାଇଲେ,
ପୁଣି ରାମେ କଲେ ନମସ୍କାର, ସେ ଅସୁରେ ॥ ୩୭

ରାମ ବୋଲନ୍ତି ଶୁଣ ଅମର     ତୁମ୍ଭେ ଯିବ ଅଯୋଧ୍ୟା ନଗର
ବ୍ରହ୍ମା ସହିତରେ ଅଯୋଧ୍ୟା ନଗରେ,
ଅଭିଷେକ କରିବ ମୋ ସ୍ଥିର, ହେ ଅମରେ ॥ ୩୮

ମୋର ପ୍ରାକୃତ ସେବକମାନ    ଦ୍ୱିଜ ବନ୍ଧୁ ନ ଛୁଇଁବେ ଆନ
ଏହା ନୋହିଲେ ବସ୍ତୁ ତୋଳିଣ ମୋତେ,
ନ ବୋଲିବେ ଲୋକେ ତ୍ରିଭୁବନ, ହେ ଅମରେ ॥ ୩୯

ରାମ କହିଲେ ଯେତେ ଉତ୍ତର    ବ୍ରହ୍ମା କଲେ ସର୍ବ ଅଙ୍ଗୀକାର
ଏତେ କହି ଦେବେ ଶିରେ କର ଦେଲେ,
ଦଶରଥ କଲେ ନମସ୍କାର, ସେ ରାମଙ୍କୁ ॥ ୪୦

ସୀତା କ୍ଷମା କଲ ଅବେଗ୍ଭର    ବୋଲି ରାମ ଧଇଲେ ପୟର
ରଘୁନାଥ ଦାସ ରାମ ଚନ୍ଦ୍ର କହେ,
ସ୍ୱର୍ଗପୁରେ ଗଲେ ସର୍ବ ସୁର, ହେ ସୁଜନେ ॥ ୪୧

●

## ରାଗ **ମଙ୍ଗଳଗୁଜ୍ଜରୀ**

ଏଥିଅନ୍ତେ ରାମ ବିଭୀଷଣଙ୍କୁ ହକାରି ।
ବୋଲନ୍ତି ଆମ୍ଭେ ଯାଉଛୁ ଅମ୍ଭ ନିଜ ପୁରୀ ଯେ ॥୧

ନିଷ୍କିନ୍ତ ହୋଇଣ ତୁମ୍ଭେ ପାଳ ଲଙ୍କାପୁରୀ ।
ଆମ୍ଭଠାରେ ସ୍ନେହ ରଖିଥିବ ଦଣ୍ଡଧାରୀ ହେ ॥୨

ସୁଗ୍ରୀବଙ୍କୁ ତହିଁ ପୁଣି ବୋଲନ୍ତି ଉତ୍ତର ।
ଅହେ ମିତ୍ର ତୁମ୍ଭେ ଯାଅ କିଷ୍କିନ୍ଧା ନଗର ହେ ॥୩

ଶୁଣି ବିଭୀଷଣ କର ଯୋଡ଼ିଣ କହଇ ।
ଏଠାରେ ରହି ମାଜଣା ହୋଇ ରଘୁସାଇଁ ହେ ॥୪

ରାମ ବୋଲନ୍ତି ଏହା ନ କହ ଲଙ୍କନାଥ ।
ଚିତ୍ରକୂଟେ ମୋତେ ସତ୍ୟ କରାଇଲେ ଭ୍ରଥ ହେ ॥୫

ଚଉଦ ବରଷୁଁ ଆଉ ଦିନେ ନ ବଳିବ ।
ଦିନେକ ବଳିଲେ ସତ୍ୟ ମୋର ପ୍ରାଣ ଯିବ ହେ ॥୬

ସେ ମୋହର ପ୍ରାଣସଖା ଅଛେ ଲଙ୍କସାଇଁ ।
ତାହାକୁ ଦେଖିଲେ ମୁଁ ମାଜଣା ହୋଇବଇଁ ଯେ ॥୭

ମନେ ତୁମ୍ଭେ ଅନ୍ତର ନ ଧର ଲଙ୍କଈଶ ।
ଧନ୍ୟ ଧନ୍ୟ ରାମ ବୋଲି ଶୁଭିଲକ ଘୋଷ ଯେ ॥୮

ସୁଗ୍ରୀ ବିଭୀଷଣ କର ଯୋଡ଼ି ଜଣାଇଲେ ।
ଶ୍ରେ ଦେବ ତୁମ୍ଭ ସଙ୍ଗତେ ଯିବୁ ଅଗ୍ୟାଂ ହେଲେ ଯେ ॥୯

ରାମ ବୋଲନ୍ତି ଛୁଡ଼ିବା ନାହିଁ ମୋର ମନ ।
ଦେଖିବ ପିତା କଷ୍ଟକେ ଭ୍ରଥ ଶତ୍ରୁଘନ ଯେ ॥୧୦

ଶୁଣି ବେନ ରାଜା ସୈନ୍ୟ ହରଷ ହୋଇଲେ ।
କେଉଁ ବାଟେ ଯିବା ବୋଲି ରାମ ପଚାରିଲେ ଯେ ॥୧୧

କର ଯୋଡ଼ି ବିଭୀଷଣ ପଚାରିଲେ ପୁଣି ।
ପୁଷ୍ପକ ବିମାନେ ବିଜେ କର ରଘୁମଣି ଯେ ॥୧୨

ଶ୍ରୀରାମ ବୋଇଲେ ଆମ୍ଭେ ବସି ଯିବା ରଥେ ।
ସୈନ୍ୟ କଷ୍ଟ ପାଇ କେହ୍ନେ ଚାଲିବେ ଏ ପଥେ ଯେ ॥୧୩

ଏ ରଥେ ବସିଲେ ଦେବ ସୈନ୍ୟ ତୁମ୍ଭଙ୍କ ହିଁ ।
କାମରୂପୀ ବିମାନ ଏ ପାରେ ପୃଥ୍ୱୀ ବହି ଯେ ॥୧୪

ଏତେ କହି ବରୁଣ ବିମାନ ଦଣ୍ଡଛନ୍ଦ ।
ଶ୍ରୀରାମଙ୍କୁ ସମର୍ପିଲେ ନଉକେଶୀ ପୁତ୍ର ଯେ ॥୧୫

ଏହିକାଳେ ବିଭୀଷଣ କହେ ରଘୁପତି ।
ସମୁଦ୍ର ତେଲିଁ ଅପୁରେ ଭ୍ରମଣ କରନ୍ତି ଯେ ॥୧୬

ଏବେ ସୁଖେ ସେତୁ ପାଞ୍ଚ ହୋଇଣ ବୁଲିବେ ।
ଋଷି ପ୍ରଜା ଖାଇ ଉପଦର୍ପିକୁ କରିବେ ହେ ॥୧୭

ଶୁଣି ରାମ ଲକ୍ଷ୍ମଣ ହନୁକୁ ରାଇ କହି ।
ବିଭୀଷଣ ସଙ୍ଗେ ଯିବ ତୁମ୍ଭେ ବେଗ ହୋଇ ଯେ ॥୧୮

ଯେଉଁଠାରେ ଏ କହିବେ କାଟିବ ଛେଦନ ।
ଲକ୍ଷ୍ମଣ ସଙ୍ଗତେ ଚଳି ରାଜା ହନୁମାନ ଯେ ॥୧୯

ତିନିଠାରେ ତିନି ଧାର ଲକ୍ଷ୍ମଣ କାଟିଲେ ।
ଶ୍ରୀରାମେ ନମି ବୃତ୍ତାନ୍ତ ସବୁ ଜଣାଇଲେ ଯେ ॥୨୦

ଶୁଣି ତୋଷେ ରାମ ସୀତା କର ଧରି ନେଲେ ।
ଶତେପୁର ବିମାନ ଉପରେ ବିଜେ କଲେ ଯେ ॥୨୧

ତହିଁ ତଳପୁରେ ସଉମିତ୍ରି ସୁଗ୍ରୀବର ।
ବିଭୀଷଣ ଜାମ୍ବେବ ସୁଷେଣ ସର୍ବ ବୀର ଯେ ॥୨୨

ତଳପୁରେ ଅଙ୍ଗଦ ମାରୁତି ସହିତରେ ।
ସେନା ଯୂଥପତିମାନେ ବସି ବିମାନରେ ଯେ ॥୨୩

ଯେ ଯାହା କ୍ରମରେ ସୈନ୍ୟ ବସିଲେ ସନ୍ତୋଷେ ।
ଶ୍ରୀରାମଙ୍କୁ ବହି ଯାନ ଚଳିଲା ଆକାଶେ ଯେ ॥୨୪

ଶ୍ରୀରାମ ସୀତାଙ୍କୁ କୋଳେ ବସାଇଲେ ଆଣି ।
ବୋଲନ୍ତି ଲଙ୍କା ଏ ଦେଖ ନାରୀ ଶିରୋମଣି ଯେ ॥୨୫

ସୁବର୍ଣ୍ଣ ଭବନ ରତ୍ନେ ନିର୍ମାଣି ଅଣିଛି ।
ନଗ୍ରଯାକ ଦେଖ ସ୍ୱର୍ଗ ପରାୟେ ଦିଶୁଛି ଯେ ॥୨୬

ଦେଖରେ ସୁମୁଖି ଏ ସଂଗ୍ରାମ ଭୂମି ସ୍ଥାନ ।
ଏଠାରେ ମାଇଲୁ କୁମ୍ଭକର୍ଣ୍ଣ ଦଶାନନ ଯେ ॥୨୭

ଦେଖ ଅଶୋକ ବନ ଯେ କି ଶୋଭା ଦିଶଇ ।
ବନ୍ଦୀ କରିଥିଲା ତୋତେ ଅସୁରୀ ଜଗାଇ ଗୋ ॥୨୮

ଏହିଠାରେ ଇନ୍ଦ୍ରଜିତ କଲା ନାଗଫାଶ ।
କଶ୍ୟପ ସୁତ ଆସନ୍ତେ ପାଇଲୁ ଉଶ୍ୱାସ ଯେ ॥୨୯

ଦେଖରେ କନକ କେମା ପ୍ରାଣପ୍ରିୟା ମୋର ।
ଏ ଠାବରେ ଇନ୍ଦ୍ରଜିତ କଲା ବ୍ରହ୍ମଶର ଗୋ ॥୩୦

ଇନ୍ଦ୍ରଜିତ ମାୟା ସୀତା ଏଠାରେ ହାଣିଲା ।
ଶୋକ କରୁଥିଲୁ ଗୃର ବାରତା କହିଲା ଯେ ॥୩୧

ଏଠାରେ ସଉମିତ୍ରି ମାଇଲେ ମେଘନାଦ ।
ରାବଣେଶ୍ୱର ଏଠାରେ କଲା ଶକ୍ତିଭେଦ ଯେ ॥୩୨

ଦେଖ କନକ ବରନା ସୁବଳୟା ଗିରି ।
ତୋତେ ମୁହିଁ ପାଇଲି ଏହାକୁ ଆଶ୍ରେ କରି ଗୋ ॥୩୩

ଦେଖରେ ମୃଗାକ୍ଷି ସେତୁ ଏ ସିନ୍ଧୁ ଦକ୍ଷିଣ ।
ଏଠାରେ ଟି ବିଭୀଷଣ ପଶିଲା ଶରଣ ଯେ ।।୩୪

ଏହି ଶୃଙ୍ଗ ପୟୋଧର ଋଷ୍ୟମୂକ ଗିରି ।
ଏଥେ ସୁଗ୍ରୀ ଲୁଚ ମିତ୍ର ହେଲେଟି ମୋହର ଗୋ ।।୩୫

ଏ ସପ୍ତଶାଳ ଛେଦିଲୁ ଫିଙ୍ଗିଲୁ ଏ ଅସ୍ଥି ।
ଏହା ଦେଖି ମିତ୍ର ମନେ ହେଲା ମହା ସୁଖୀ ଯେ ।।୩୬

ତୁମ୍ଭ ଆଭରଣ ବାସ ମିତ୍ର ଦେଲେ ଆଣି ।
ଡାଳିମ୍ବରଦନା ଶୋକ କଲୁ ତଥ୍ୟ ଜାଣି ଗୋ ।।୩୭

ଦେଖରେ ମୃଗାକ୍ଷି ଏହୁ ମାଲ୍ୟବନ୍ତ ଗିରି ।
ବରୁଣ ବାନ୍ଧି ଣ ଏଥୁଁ ଗଲୁ ଲଙ୍କାପୁରୀ ଗୋ ।।୩୮

ରୃନ୍ଧାଁ ଆରେ କ୍ଷୀରୋଦର କିଷ୍କିନ୍ଧା ନଗରୀ ।
ବାଳୀ ମାରି ମିତ୍ର ଏଥେ କଲୁ ଦଣ୍ଡଧାରୀ ଗୋ ।।୩୯

ଦେଖରେ ସୁମେଧା ଶବରୀ ଏଥେ ଥିଲା ।
ଚୂତଫଳ ଦେଇ ମୋତେ ମୋକ୍ଷ ହୋଇଗଲା ଯେ ।।୪୦

ମୁଦ୍ର ବନ୍ଧା ଦେଇ ଏଥେ ପାନ କଲୁ ଦୁଗ୍ଧ ।
ଏଠାରେ ସୁକେଶୀ ଆମ୍ଭେ ମାଇଲୁ କବନ୍ଧ ଗୋ ।।୪୧

ଦେଖ ଦେଖ ଚନ୍ଦ୍ରହାସି ଏ ଟି ଗୋଦାବରୀ ।
ଏଠାରେ ଟି ପକ୍ଷୀଜଟା ଥିଲା ପ୍ରାଣ ଧରି ରେ ।।୪୨

ଦେଖରେ ବିମ୍ବୋଷ୍ଠି ଏ ଅଟଇ ପଞ୍ଚବଟୀ ।
ଏଠାରେ ଥିଲେ ଟି ଆମ୍ଭେ କରି ପର୍ଣ୍ଣକୁଟୀ ରେ ।।୪୩

ଏଠାରେ ଟି ଦଶାନନ ନେଲା ତୋତେ ହରି ।
ନବୀନା ତୋ ବୋଲେ ମୁହିଁ ଗଲି ମୃଗ ମାରି ରେ ।।୪୪

ଏଠାରେ ସଜନ ଖର ଦୂଷଣଙ୍କ ନାଶ ।
ସୂର୍ପଣଖା ନାସିକା ଶ୍ରବଣ କଲୁ ଶେଷ ଗୋ ।।୪୫

ଋଷିକୁଲ୍ୟା ନଦୀ ଏହି ମରାଳ ଗମନା ।
ଆମ୍ଭେ ଯେଉଁ ଶଙ୍କର ପୂଜିଲୁ ଅନା ଅନା ଗୋ ।।୪୬

ଦେଖ ଜବାଧର ଏ ଅଟଇ ନୀଳଗିରି ।
ଚତୁର୍ଦ୍ଧା ରୂପରେ ବିଜେ କରିଛନ୍ତି ହରି ଗୋ ।।୪୭

ସୃଜି ବଚନେ ଏ ସ୍ଥାନେ କୁମୁଦନି କର ।
ବାଲୁଙ୍କେଶ୍ୱର ନାମରେ ପୂଜିଲୁ ଶଙ୍କର ଗୋ ।।୪୮

ଦେଖ ଦେଖ ପ୍ରିୟେ ଦଶେ ଏକାମ୍ର ବନ ।
ଲିଙ୍ଗରାଜ ନାମେ ଏଥି ବିଜୟେ ଈଶାନ ଗୋ ।।୪୯

ଭାଗୀରଥୀ ଗଙ୍ଗା ଏ'ଠି ଅଟେ ପୁଣ୍ୟ ସ୍ଥାନ ।
ଘନକେଶି କାଶୀପୁର କର ତୁ ଦର୍ଶନ ଗୋ ।।୫୦

ଦେଖ ଦେଖ ଜାନକି ଏ ଗଦାଧର ଦେଶ ।
ଏଠାରେ ଟି ବାଲି ପିଣ୍ଡେ କଲୁ ପିତୃ ତୋଷ ଗୋ ।।୫୧

ଚିତ୍ରକୂଟ ପର୍ବତ ପ୍ରେ ଦେଖ ପିକଭାଷି !
ଏଠାରେ ଟି ଭରଣ ନେବାକୁ ଥିଲା ଆସି ଯେ ।।୫୨

ଏହିଟି ମନ୍ଦାଗ୍ନି ନଦୀ ଏଠି ଆମ୍ଭ କୁଟୀ ।
ଏଠାରେ ଟି ନାନା କ୍ରୀଡ଼ା କଲେ ଦାଅ ଦୁହିଁ ଯେ ।।୫୩

ପ୍ରୟାଗ ସଲଖେ ସଖି ଆସି ହେଲା ଯାନ ।
ଭରଦ୍ୱାଜ ଋଷିଙ୍କି କରିବାଟି ଦର୍ଶନ ଗୋ ।।୫୪

ଏମନ୍ତ କହନ୍ତେ ରାମ ଖସିଲା ଯେ ଯାନ ।
ଋଷିଙ୍କର ମଠ ଦ୍ୱାରେ ରହିଲା ବିମାନ ଯେ ।।୫୫

ଶିଷ୍ୟେ କହିବାରୁ ମଠୁ ବାହାରିଲେ ଋଷି ।
ଶ୍ରୀରାମ ଲକ୍ଷ୍ମଣ ସୀତା ରଥୁ ଉଠି ଆସି ଯେ ।।୫୬

ନମସ୍କାର କରନ୍ତେ କଲ୍ୟାଣ ଋଷି କଲେ ।
ଶୁଭେ ଅଛ କି ଋଷି ରାମଙ୍କୁ ପଚାରିଲେ ଯେ ।।୫୭

ଶ୍ରୀରାମ ବୋଇଲେ ମୁହିଁ ବନବାସ କଲି ।
ପଞ୍ଚବଟୀ ବନେ ରହି ସୀତା ହରାଇଲି ଯେ ।।୫୮

ସୀତା ଖୋଜି ଯାଇ ସୁଗ୍ରୀ ସଙ୍ଗେ ମିତ୍ର ହେଲୁ ।
ବାଳୀ ମାରି କିଷ୍କିନ୍ଧାରେ ସୁଗ୍ରୀ ରାଜା କଲୁ ଯେ ।।୫୯

ସେତୁ ବାନ୍ଧି ସିନ୍ଧୁରେ ଲଙ୍କାରେ ପ୍ରବେଶିଲୁ ।
ପୁତ୍ର ନାତି ସହିତରେ ରାବଣ ମାରିଲୁ ଯେ ।।୬୦

ବାହୁଡ଼ି ଅଇଲୁ ସଙ୍ଗେ ଘେନି ବଇଦେହୀ ।
ତୁମ୍ଭ କଲ୍ୟାଣରୁ ଯଶ ପାଇଲଇଁ ମୁହିଁ ଯେ ।।୬୧

ଏହା ଶୁଣି ମାରୁତି ବଗୁରେ ହୃଦଦେଶ ।
ମୁଁ ଥିବାରୁ ରାମଚନ୍ଦ୍ର ପାଇଲେ ଏ ଯଶ ଯେ ।।୬୨

ଶ୍ରୀରାମ ଜାଣିଣ ହନୁମନ୍ତକୁ ରାଇଲେ ।
ଯୁଦ୍ଧେ ମହା କଷ୍ଟ ଦୁଃଖ ପାଇଛୁ ବୋଇଲେ ଯେ ।।୬୩

ଏ ବନରେ ଫଳମୂଳ ଭୁଞ୍ଜି ଆଗ୍ୟାଂ ଦେଲେ ।
ରାତ୍ରି ରହି ପ୍ରଭାତରୁ ଆସ ତୁ ବୋଇଲେ ଯେ ।।୬୪

ଶ୍ରୀରାମଙ୍କୁ ଓଳଗିଣ ଚଳିଲେ ମାରୁତି ।
ଋଷିଙ୍କ ଆଶ୍ରମେ ରାମ ବଞ୍ଚିଲେ ସେ ରାତି ଯେ ।।୬୫

ସୈନ୍ୟ ସହିତରେ ହେଲେ ଫଳମୂଳେ ତୋଷ ।
ଶ୍ରୀରାମ ପାଦେ ଶରଣ ରଘୁନାଥ ଦାସ ଯେ ।।୬୬

# ଅଭିଷେକ ଲୀଳା

## ରାଗ—**ମୁଖାରୀ**

ରାମ ଆଜ୍ଞାରେ ଗଲେ ମାରୁତ   ବନରେ ପ୍ରବେଶ ହେଲେ ତଡ଼ତ
ଦଇବା, ମାୟା ସେ ରଘୁପତ,
ହତ କଲେ ହନୁମନ୍ତର ମତ ॥୧

ମୋହନୀ ରୂପେ ମୋହିଲେ ହରଙ୍କୁ   ମାୟାରେ ଭଣ୍ଡିଲେ ବେଦବରଙ୍କୁ
ହନୁ ତା, ଜାଣିବଟି କେମନ୍ତେ,
ବନେ ଭ୍ରମିଲ ଅଧାର ଜମନ୍ତେ ॥୨

ସେ ବନୁ ପକ୍ଷୀ ପଳାନ୍ତେ ସତ୍ୱରେ   ମାରୁତ ଦେଖିଣ ତାଙ୍କୁ ପଚାରେ
କି ଅର୍ଥେ, ପଳାଉଛ ବୋଇଲେ,
ବଳୀମାଳ ଭୟେ ଆସୁ ବୋଇଲେ ॥୩

ଦେଖିଲେ ମାରିବ ହନୁ ବୋଇଲେ   ଏମନ୍ତ କହି ତାଙ୍କୁ ପ୍ରବୋଧିଲେ
ଏ କାଳେ, ଆସି ହେଲେ ଅଷ୍ଟକ,
ଦେଖି ପଳାଇଲେ ସେ ପକ୍ଷୀଯାକ ॥୪

ମାରୁତ ତା ସଙ୍ଗେ କଲେ ସମର   ଅଷ୍ଟକ ହନୁକୁ ଧରି ସତ୍ୱର
ଗିଳିବା, କାଳେ ବୋଲେ ଉତ୍ତର,
ବାନର ତୋହର ଇଷ୍ଟ ସୁମର ॥୫

ହନୁ ସୁମରଣା କଲା ରାମଙ୍କୁ   ଅଷ୍ଟକ ଶୁଣି ପଚାରଇ ତାକୁ
ଶ୍ରୀରାମ, ଦୂତ ଅଟୁ ସଞ୍ଚପି,
କେମନ୍ତେ ତୋତେ ଗିଳିବରେ କପି ॥୬

ଏତେ ବୋଲି ତୁଣ୍ଡୁ କଲା ବାହାର   ବୋଲେ ଉପବାସ ହେଲା ମୋହର
ଏମନ୍ତ, କହି ଅଷ୍ଟକ ଗଲା,
ପ୍ରଭାତୁ ହନୁ ରାମଙ୍କୁ ଭେଟିଲା ॥୭

ଚରଣେ ପଡ଼ି ପବନ କୁମର   ବୋଲଇ ଦୋଷ ମୋର କ୍ଷମା କର
ଶ୍ରୀରାମ, ହସି ବୋଲନ୍ତି ତାକୁ,
କି ଫଳ ଭୁଞ୍ଜିଲ କହ ଆମ୍ଭଙ୍କୁ ॥୮

ମାରୁତ ବୋଲଇ ଶୁଣ ହେ ଦେବ ଜାଣି ଯାଇଥିଲି କରଣ ଗର୍ବ
ରାକ୍ଷସ, ମୋତେ ଗିଳୁ ଯେ ଥିଲା,
ତୁମ୍ଭ ନାମ ସୁମରନ୍ତେ ଛାଡ଼ିଲା ॥୯

ଆହେ ହନୁ ଉଠ ବୋଲି ଧଇଲେ ଆଶ୍ୱାସି କାନ୍ଧ ପାଶେ ବସାଇଲେ
ବୋଲନ୍ତି, ଆହେ ବାତ କୁମର,
ତୁମ୍ଭେ ଯାଅ ଏବେ ଅଯୋଧ୍ୟା ପୁର ॥୧୦

ଆମ୍ଭେ ଆସିବାର କହ ଭରତକୁ ବାଟେ କହିବ ଗୁହ ଶବରକୁ
ହନୁ ତା, ଶୁଣି ବେଗେ ଉଠିଲେ,
ରାମ ଚରଣେ ନମସ୍କାର କଲେ ॥୧୧

ଊର୍ଦ୍ଧ୍ୱେ ଉଠିଲେ ପବନ କୁମର ବାଟେ ଦେଖିଲେ ଶୃଙ୍ଗବେର ପୁର
ଊର୍ଦ୍ଧ୍ୱରେ, ଥାଇ ଡାକିଲେ ଆଣ୍ଟେ,
ଶ୍ରୀରାମ ବିଜେ କରିବେ ଏ ବାଟେ ॥୧୨

ଶୁଣି ଶବର ବୋଲଇ ଉତ୍ତର କାହିଁ ଅଛନ୍ତି ଅଯୋଧ୍ୟା ଠାକୁର
ପବନ, ସୁତ ବୋଲନ୍ତି ଶୁଣ,
ବିମାନେ ଊର୍ଦ୍ଧ୍ୱେ କରିବେ ପ୍ରୟାଣ ॥୧୩

ଭରତଙ୍କୁ ବାରତା କହିବି ଯାଇ ରହିବାକୁ ମୋତେ ସମୟ ନାହିଁ
ଏମନ୍ତ, କହି ବାହାର ହେଲେ,
ଅଯୋଧ୍ୟା ନଗରେ ପ୍ରବେଶ ହେଲେ ॥୧୪

ଦେଖିଲେ ଭରଥ ସୈନ୍ୟଙ୍କୁ ଡକାଇ ବଶିଷ୍ଠ ମନ୍ତ୍ରୀଙ୍କି ଶୋକେ କହଇ
ବାନର, ଜଣେ ରାଜେ ଦେଖିଲି,
ପର୍ବତେ ବହିଯାନ୍ତେ ପଶୁରିଲି ॥୧୫

ସେ କହିଲା ସୀତାଙ୍କୁ ଲଙ୍କସାଇଁ ମୃଗ ଦେଖାଇ ନେଲାକ ଚୋରାଇ
ସୀତା ନ ଦେଖି ରାମ ବୁଲିଲେ,
ବାଲୀ କି ମାରି ସୁଗ୍ରୀ ରାଜା କଲେ ॥୧୬

ସୁଗ୍ରୀଙ୍କ ସହାୟ ପାଇ ଶ୍ରୀରାମ ସମୁଦ୍ରେ ସେତୁ ବାନ୍ଧିଲେ ବହନ
ଲଙ୍କାରେ, ଯାଇଣ ଯୁଦ୍ଧ କଲେ,
ଅସୁର ସୈନ୍ୟ ବହୁତ ମାଇଲେ ॥୧୭

ଏକାଘନି ଶକ୍ତି ଲଙ୍କା ରାବଣ  ଲକ୍ଷ୍ମଣଙ୍କୁ ମାରନ୍ତେ ହାରି ପ୍ରାଣ
ବନ୍ଧୁତ, ଶୋକ କଲେ ଶ୍ରୀରାମ,
ଔଷଧି ନଥନ୍ତେ ଶୁଣି ଏମାନ ॥୧୮

ଏତେ କଷ୍ଟ ପାଇଲେ ମୋର ଭାଇ  ସବୁ ମନ୍ଦ କଲା କୈକେୟୀ ଆଇ
କି ବୁଦ୍ଧି, ଏବେ ଆମ୍ଭେ କରିବା,
ଏହା ଶୁଣି କି ନିଶ୍ଚିନ୍ତ ରହିବା ॥୧୯

ଚର ପେଷି ରାଜାମାନ ଆଣିଲେ  ଲଙ୍କାକୁ ଯିବାକୁ ସଜ ହୋଇଲେ
ଜନନୀମାନେ ଶୁଣି ଏସନ,
ଅନ୍ତଃପୁରେ କଲେ ବହୁ କାରୁଣ୍ୟ ॥୨୦

ସୁମନ୍ତ୍ର ଘୋଷଣା ରାଜ୍ୟେ ଦିଅଇ  ସୈନ୍ୟ ସାଜି ଆସ ବହନ ହୋଇ
ଚଳନ୍ତେ, ରାମ ପଦ୍ମ ଚରଣେ,
ରଘୁନାଥ ଦାସ ପଶେ ଶରଣ ॥୨୧

●

ରାଗ **ଚକ୍ରାକେଦାର**

ଏଥୁଅନ୍ତେ ଶୁଣ ସୁଗ୍ୟଂ ଜନ  ଏହି କାଳେ ମିଳି ହନୁମାନ
ଭ୍ରଥଙ୍କୁ ନମିଣ ବୋଲନ୍ତି ଉତ୍ତର,
ବିଜେ କଲେ ରଘୁକୁଳ ରାଣ, ହେ ଭରତ ॥ ୧

ଭରଦ୍ୱାଜ ମଠେ ଛନ୍ତି ରହି  ମୋତେ ପେଷିଲେ କହ ତୁ ଯାଇ
ଶୁଣି ଭ୍ରଥ ବୀର ଆନନ୍ଦ ହୋଇଣ,
ପାବନି କି କୋଳ କଲେ ଯାଇ, ସେ ଭରତ ॥ ୨

ସତେ କି ବିଜେ କଲେ ଶ୍ରୀରାମ  ଦେଖିବ କି ମୋ ପାପ ନୟନ
ହନୁ କହେ ଏହିକ୍ଷଣି ବିଜେ ହେବେ,
ଶୁଣି ଆନନ୍ଦ ସକଳ ଜନ, ସେ ସକଳେ ॥ ୩

ଅନ୍ତଃପୁରେ ଶୁଣି ମାତୃଗଣ  ଆନନ୍ଦରେ ପୁଚ୍ଛି ପୁଣ ପୁଣ
ସତେ କି ଆମ୍ଭର ସୁଭାଗ୍ୟ ହୋଇବ,
ବିଜେ କରିବେ କି ରାମ ରାଣ, ହେ ଦଇବ ॥ ୪

ଭରଥ ବୀର କହେ ମନ୍ତ୍ରୀବର          ନଗ୍ର ପୁର ମଣ୍ଡାଅ ସତ୍ୱର
ହନୁମନ୍ତଙ୍କୁ ହସ୍ତୀପରେ ବସାଇ,
ସମ୍ଭ୍ରମରେ ବୁଲନ୍ତି ସତ୍ୱର, ସେ ହନୁକୁ ॥ ୫

ରାମ ବଚନ କରିବାର ଜାଣି          ପାତ୍ର ମନ୍ତ୍ରୀ ଅମାତ୍ୟ ଘେନି
ପାଦୁକାକୁ ଦଣ୍ଡ-ଛତ୍ର ଧରାଇଣ,
ବାଜେ ନାନା ବାଦ୍ୟ ଶଙ୍ଖ ଧ୍ୱନି, ସେ ଆନନ୍ଦେ ॥ ୬

ଭରଥ ପାଛୋଟି ଗଲେ ବନ୍ଦନ          ସଙ୍ଗତରେ ଘେନି ମାତୃଗଣ
ରାମ ଋଷିଙ୍କୁ ନମି ମେଲାଣି ହୋଇ,
ରଥ ଆରୋହି ଚଳେ ବନ୍ଦନ, ସେ ଶ୍ରୀରାମ ॥ ୭

ହନୁମନ୍ତଙ୍କୁ ଭରତ ପୁଛି          କିମ୍ପାଇଁ ନଇଲେ ରଘୁସାଇଁ
ଆକାଶକୁ ପୁଛି ବୋଲନ୍ତି ମାରୁତି,
ଦେଖ ପୁଷ୍ପକ-ଯାନ ଦିଶଇ, ହେ ଭରତ ॥ ୮

ଶୁଣି ସମସ୍ତେ ଆନନ୍ଦ ହୋଇ          ସବେ ଆକାଶକୁ ଦୃଷ୍ଟି ଦେଇ
ଶୃଙ୍ଗବେର ସଳଖରେ ଦିଶେ ରଥ,
ଗୁହ ବୀର ଦର୍ଶନ କରନ୍ତି, ସେ ରାମଙ୍କୁ ॥ ୯

ପୁଛି ଅଙ୍ଗଦକୁ ରଘୁବୀର          ଗୁହ ବୀରକୁ କହ ସତ୍ୱର
ଅଯୋଧ୍ୟାକୁ ଆସୁ ମୋର ଆଜ୍ଞାଂ କୁହ,
ଶୁଣି ନମି ଚଳିଲେ ସତ୍ୱର, ସେ ଅଙ୍ଗଦ ॥ ୧୦

ଗୁହବୀରକୁ ଅଙ୍ଗଦ କହି          ଅଯୋଧ୍ୟାକୁ ଆସ ବେଗ ହୋଇ
ଏମନ୍ତ କହନ୍ତେ ବାହୁଡ଼ି ଆସିଣ,
ରାମ ଛାମୁରେ ସମସ୍ତ କହି, ସେ ଅଙ୍ଗଦ ॥ ୧୧

ଏଥୁଅନ୍ତେ ରଘୁକୁଳ ସାଇଁ          ନନ୍ଦଗ୍ରାମ ପାଶେ ହେଲେ ଯାଇ
ଦେଖିଣ ସମସ୍ତେ ହୁଳହୁଳି ଦେଇ,
ଆକାଶୁ ଧୀରେ ରଥ ଖସଇ, ସେ ବନ୍ଦନ ॥ ୧୨

ନାନା ବାଦ୍ୟମାନ ବଜାଇଲେ          ନୃତ୍ୟକାରୀ ନୃତ୍ୟମାନ କଲେ
ଦେବଗଣ ପୁଷ୍ପ ବୃଷ୍ଟି କି କରିଣ,
ଆନନ୍ଦେ ଦୁନ୍ଦୁଭି ବଜାଇଲେ, ସେ ବିବୁଧେ ॥ ୧୩

ସୀତା କର ଧରି ରଘୁବର ସେନା ସଙ୍ଗତେ ଲକ୍ଷ୍ମଣ ବୀର

ଧୀର ଧୀର ହୋଇ ରଥୁଁ ଓହ୍ଲାଇଲେ,

ରଘୁନାଥ ଚନ୍ଦ୍ର ନିରନ୍ତର, ହେ ସୁଜନେ ॥ ୧୪

●

## ରାଗ— **ମଙ୍ଗଳଗୁର୍ଜ୍ଜରୀ**

ଏଥୁଁ ଅନ୍ତେ ରାମଚନ୍ଦ୍ର ତହିଁ ବିଜେ କଲେ ।
ଭରତ ଶତ୍ରୁଘନ ପାଦ ତଳରେ ପଡ଼ିଲେ ଯେ ॥ ୧

ଆପଣେ ଶ୍ରୀହସ୍ତେ ତୋଳି ମୁଖେ ଚୁମ୍ବ ଦେଇ ।
ଶୋକଭରେ ନୟନରୁ ଲୋତକ ବୁହାଇ ଯେ ॥ ୨

ଭରତ କର ଧରି ରାମ ଚିହ୍ନାଇ ଦିଅନ୍ତି ।
ଏ ଟି ସୁଗ୍ରୀ ମିତ ମୋର କିଷ୍କିନ୍ଧାର ପତି ହେ ॥ ୩

ଜାମ୍ବେବ ସୁଷେଣ ଏ ଅଙ୍ଗଦ ବାଲୀ ସୁତ ।
ଅଷ୍ଟ ସେନାପତି ଏ ହନୁର ଏହି ତାତ ହେ ॥ ୪

ରାବଣର ଭାଇ ବିଭୀଷଣ ଏ ଅଟଇ ।
ଭାଇ ବନ୍ଧୁ ଛାଡ଼ି ସେବା କଲା ମୋତେ ଏହି ହେ ॥ ୫

ଭରତ ଶୁଣି ସୁଗ୍ରୀବ ଜାମ୍ବେବଙ୍କୁ ଓଳଗିଲେ ।
ବିଭୀଷଣ ସୁଷେଣଙ୍କୁ ଆଲିଙ୍ଗନ କଲେ ଯେ ॥ ୬

ତହୁଁ ଭରତ ଶତ୍ରୁଘନ ସୀତାଙ୍କୁ ନମିଲେ ।
ଲକ୍ଷ୍ମଣ ଯାଇ ଭରତଙ୍କୁ ପ୍ରଣିପତ୍ୟ କଲେ ଯେ ॥ ୭

ଲକ୍ଷ୍ମଣଙ୍କୁ ନମସ୍କାର କରି ଶତ୍ରୁଘନ ।
ଶ୍ରୀରାମଙ୍କୁ ଲକ୍ଷେ ରାଜା କଲେ ଦରଶନ ଯେ ॥ ୮

ଶ୍ରୀରାମ ଲକ୍ଷ୍ମଣ ସୀତା ଗଲେ ତତକ୍ଷଣ ।
ମାତାମାନଙ୍କ ଚରଣେ କଲେ ମାନ୍ୟଧର୍ମ ଯେ ॥ ୯

ବଶିଷ୍ଠଙ୍କୁ ଓଳଗି ଲକ୍ଷ୍ମଣ ରଘୁବର ।
କଠାଉକୁ ଦେଇ ଭରତ କହିଲେ ଉତ୍ତର ଯେ ॥ ୧୦

ମୋ ଦେବ ବନକୁ ଗଲ ଲକ୍ଷ୍ମଣଙ୍କୁ ଘେନି ।
ମୋହଠାରେ ଦୟା ତୋର କାହିଁ ରଘୁମଣି ହେ ॥ ୧୧

ଏହା ଶୁଣି ଭରଥ କର ଧରି ବନ୍ଦେ କଲେ ।
ନିଜ ନଗରେ ଯାଇଣ ପ୍ରବେଶ ହୋଇଲେ ଯେ ॥ ୧୨

ଦେଖିଲେ ବିଭୂତି କୃଷ୍ଣାଜିନ ଫଳମୂଳ ।
ବତ୍ସରନ୍ତ ଏଥେ ଭରଥ ନୋହିଲ ଭୂପାଳ ଯେ ॥ ୧୩

ସୁମନ୍ତ ମନ୍ତ୍ରୀକି ଗୃହିଁ ରାମ ଆଜ୍ଞା ଦେଲେ ।
ଏ ସର୍ବ ସୈନ୍ୟଙ୍କ କଥା ଲଗିଲ ବୋଇଲେ ଯେ ॥ ୧୪

ଯେ ଯାହା କ୍ରମରେ ମନ୍ତ୍ରୀ ଚରଙ୍କୁ କରି ।
ପୁଷ୍ପକ ରଥକୁ ଆଜ୍ଞା ଦେଲେ ଚାପଧାରୀ ଯେ ॥ ୧୫

କୁବେର ପାଶକୁ ଯାଅ ତୁହି ବେଗ ହୋଇ ।
ଶୁଣି ଯାନ କୁବେର ପାଶରେ ହେଲା ଯାଇ ଯେ ॥ ୧୬

ଦେଖି ଧନପତି ବୋଲେ କାହିଁ ତୁ ଅଇଲୁ ।
ବହି ରାମ ନାରାୟଣ ଛାଡ଼ି ନ ପାରିଲୁ ଯେ ॥ ୧୭

ଶୁଣି ଯାନ ବାହୁଡ଼ିଲା ଅତି ବେଗ ହୋଇ ।
କାହିଁ ବାହୁଡ଼ିଲା ରାମ ବଶିଷ୍ଠଙ୍କ ଗୃହିଁ ଯେ ॥ ୧୮

ବଶିଷ୍ଠ କହିଲେ ତୁମ୍ଭେ ଅଟ ନାରାୟଣ ।
କୁବେର କି ବସିପାରେ ପୁଷ୍ପକ ବିମାନ ଯେ ॥ ୧୯

ରାମ ଆଜ୍ଞାରେ ସୁମନ୍ତ ରଥ ରଖାଇଲେ ।
ଶତ୍ରୁଭ୍ରାତ ବେଗେ ମାର୍ଜନାକୁ ବନ୍ଦେ କଲେ ଯେ ॥ ୨୦

ମାର୍ଜନା ବଢ଼ାଇ ରାମ ବନ୍ଦେ କଲେ ତହିଁ ।
ବେନି କର ଯୋଡ଼ି ଭରଥ ଶ୍ରୀମୁଖରେ ଜଣାଇ ଯେ ॥ ୨୧

ଏ ତୋହୋର ରାଜ୍ୟଭାର ସମ୍ଭାଳ ମୋ ଦେବ ।
ମୁହିଁ ନୁହଇ ଭାଜନ ଅଟେ ଅସମ୍ଭବ ହେ ॥ ୨୨

ଯେଉଁ ଦିନୁ ରାଜ୍ୟ ଦେଇ ଗଲ ରଘୁବୀର ।
ଦିନୁ କ୍ଷୀଣ ହେଲି ନୟନରୁ ବହେ ନୀର ଯେ ॥ ୨୩

ବଶିଷ୍ଠ ଆଦି ସକଳେ କହେ ଯେଉଁ ବାଣୀ ।
ରାମ ଆଜ୍ଞା ଦେଲେ ନିଷ୍ଟେ ହେବ ନୃପମଣି ଯେ ॥ ୨୪

ଅନୁକୂଳ ବିଚାରଣ ଅଯୋଧ୍ୟାକୁ ଯିବା ।
ତେତେବେଳେ ମୁହିଁ ଅଭିଷେକକୁ ହୋଇବି ଯେ ॥ ୨୫

ନନ୍ଦିଗ୍ରାମେ ଏବେ ତୁମ୍ଭେ ଘୋଷଣା ଦିଅ ।
ବୋଲ ସର୍ବ ଲୋକ ତୁମ୍ଭେ ଅଯୋଧ୍ୟାକୁ ଯାଅ ହେ ॥ ୨୬

ଆମ୍ଭର ନଗର ବେଗେ ନିର୍ମାଣ କର ଯାଇ ।
ସର୍ବ ସୈନ୍ୟଙ୍କୁ ଚରଣ୍ଡ କର ତୁମ୍ଭେ ରହି ହେ ॥ ୨୭

ଏତେ କହି ଭିତରେ ବିଜୟେ ରଘୁସାଇଁ ।
ଭରତ ମନ୍ତ୍ରୀ ଚାର ପେଷି ସମସ୍ତ ଅଣାଇ ଯେ ॥ ୨୮

ଏକଇ ପରଜା ସହି ନ ପାରି ଅଇଲା ।
ସିଂହ ଦ୍ୱାରେ ଯାଇ ମହାଘୋର ରାବ କଲା ଯେ ॥ ୨୯

ଭରତ ରାଜା ହୋଇ ନାନା ଅନ୍ୟାୟକୁ କରି ।
ରାଜେ ଅନ୍ନ ଖାଇ ଦିବସରେ ତ ପରାଣ ହେ ॥ ୩୦

ଏହା ଶୁଣି ଭିତରୁ ବିଜୟେ ରଘୁସାଇଁ ।
କିମ୍ପାଇ ଗୁହାରି କରୁଅଛୁ ଏଥେ ରହି ଯେ ॥ ୩୧

ବଶିଷ୍ଠ ସୁମନ୍ତ ମନ୍ତ୍ରୀ ଶ୍ରୀରାମଙ୍କୁ କହି ।
ଫଳମୂଳ ଆଣିବାରୁ ଏମାନ କହଇ ହେ ॥ ୩୨

ଶୁଣି ରାମ ମନେ ମନେ ବିଚାରକୁ କଲେ ।
ଧଇଡ଼ି ଦିଅ ବୋଲି ଭିତରେ ବିଜେ କଲେ ଯେ ॥ ୩୩

ଭରତ ତାକୁ ଡକାଇଣ ବୋଲନ୍ତି ରେ ବାଇ ।
କି ଅନ୍ୟାୟ କଲି ରାମ ଆଗରେ ତୁ କହି ଯେ ॥ ୩୪

କଳିଯୁଗେ ବହୁ କଷ୍ଟ ତୁମ୍ଭେ ରେ ପାଇବ ।
ଆୟୁ ଊଣୁ ଯାଇ ଚୋର ପରାୟେ ହୋଇବ ରେ ॥ ୩୫

ଗଳଥା ମାରଣ ତାକୁ ଧଇଡ଼ିଣ ଦେଲେ ।
ମନ୍ତ୍ରୀବର ରାଜ୍ୟେ ଘୋଷଣାକୁ ଦିଆଇଲେ ଯେ ॥ ୩୬

ସର୍ବେ ଯାଅ ଅଯୋଧ୍ୟାକୁ ରାମ ଆଜ୍ଞା ଦେଲେ ।
ରଘୁନାଥ ଦାସ ରାମ ଚରଣେ ଧ୍ୟାଇଲେ ଯେ ॥ ୩୭

●

## ରାଗ—ଚକ୍ରାକେଦାର

ଏଥୁଅନ୍ତେ ଶୁଣ ସୁଜ୍ଞଜନ   ଆସ୍ଥାନରେ ବିଜେ ରଘୁରାଣ
ଭରଥ ଲକ୍ଷ୍ମଣ ସୁଗ୍ରୀ ଲଙ୍କେଶ ଗୃହିଁ,
ତୁମ୍ଭେ ଯିବ ଅଯୋଧ୍ୟା ଭୁବନ, ହେ ବହନ ॥ ୧

ଅଯୋଧ୍ୟାପୁର ନିର୍ମ କରାଇ   ବେଗେ ଆସ ତୁମ୍ଭେମାନେ ଯାଇ
ଶୁଣି ନମସ୍କାର କରି ସମ୍ଭବରେ,
ଅଯୋଧ୍ୟାରେ ହେଲେ ସର୍ବେ ଯାଇ, ସେ ବଦନ ॥ ୨

ନାନା ରୂପେ ପୁର ନିର୍ମି କରି   ସ୍ୱର୍ଗ ଭୁବନ ନୁହଇ ସରି
ଏହି ସମୟରେ ରଘୁକୁଳ ସାଇଁ,
ଅଶ୍ୱ ଆରୋହଣ ଗୃପଧାରୀ, ଯେ ଶ୍ରୀରାମ ॥ ୩

ବେଗେ ଅଯୋଧ୍ୟାରେ ଯାଇ ଦେଲେ   ନିଜ ନଗରେ ପ୍ରବେଶ ହେଲେ
ଦେଖି ସର୍ବେ ନମି ଭରଥ ଜଣାଇଲେ,
କିମ୍ପା ଦେବ ଏଥି ବିଜେ ହେଲେ ହେ, ଭୋ ଦେବ ॥ ୪

ଚତୁର୍ଦ୍ଦଶ ବରଷ ଏଥିର   କେହି ନ ଥିଲେ ହେ ରଘୁବୀର
ଅପ୍ରତିଷ୍ଠା ପୁରକୁ ବିଜେ ହେବାର,
ଉଚିତ ନୁହଇ ଏ ତୁମ୍ଭର ହେ, ଭୋ ଦେବ ॥ ୫

ରାମ ବୋଲନ୍ତି ରେ ଭାଇ ଶୁଣ   ଅଛନ୍ତି ସୁଗ୍ରୀବ ବିଭୀଷଣ
ଏମାନେ ଯେବେ ପ୍ରବେଶ ଆସି ହେଲେ,
ସର୍ବ ଦୋଷ ଗଲା ତତକ୍ଷଣ, ରେ ସାନୁଜ ॥ ୬

ଏତେ କହି ଭରଥ ସଙ୍ଗେ ଘେନି   ବୁଲି ଦେଖନ୍ତି ସେ ରଘୁମଣି
ସୁଗ୍ରୀ ବିଭୀଷଣ ଗୃହିଁ ରଘୁପତି,
କେମନ୍ତ ପାଇଲା ଲଙ୍କମଣି, ହେ ଲଙ୍କେଶ ॥ ୭

ସ୍ୱର୍ଣ୍ଣମୟ ଅଟେ ଲଙ୍କାପୁର   ବିଭୀଷଣ କହନ୍ତି ଉତ୍ତର
ଭୋ ଦେବ ଅଯୋଧ୍ୟାକୁ ସେ ସରି ନୋହେ,
ନାହିଁ ନଥିବ ଏ ସ୍ୱର୍ଗପୁର ହେ, ଭୋ ଦେବ ॥ ୮

ରାମ ତହୁଁ ବିଜେ କରିଗଲେ   ନନ୍ଦିଗ୍ରାମରେ ପ୍ରବେଶ ହେଲେ
ଭରଥ ସଉମିତ୍ରି ସୁଗ୍ରୀ ବିଭୀଷଣ,
ସର୍ବେ ଅଯୋଧ୍ୟାକୁ ବାହୁଡ଼ିଲେ, ସେ ବହନ ॥ ୯

ନନ୍ଦୀଗ୍ରାମରେ ଯାଇ ହୋଇଲେ    ରାମ ଚରଣେ ନମି କହିଲେ
ଲେଖି ଦେବ ନଗର କାର୍ଯ୍ୟ ଏବେ ହେଲା,
ରଘୁନାଥ ରାମଙ୍କୁ ଧାଇଲେ, ହେ ସୁଜନେ ॥ ୧୦

●

## ରାଗ—ମୁଖାରୀ

ଏଥୁଅନ୍ତେ ଶୁଣ ହେ ସୁରାଂଜନେ    ଶ୍ରୀରାମ ବିଜେ କରଣ ଆସ୍ଥାନେ
ବଶିଷ୍ଠ, ମୁଖକୁ ରାମ ଚାହିଁ,
ଦିନ ଶୋଧ ଅଯୋଧ୍ୟା ଯିବାପାଇଁ ॥ ୧

ଶୁଣି ବଶିଷ୍ଠେ ଶ୍ରୀରାମ ଉତ୍ତର    ଦିନ ଶୋଧି କହି ରାମ ଛାମୁର
ଆଷାଢ଼, ଶୁକ୍ଳ ପଞ୍ଚମୀ ଦିନ,
ତୁମ୍ଭଙ୍କୁ ଅମୃତ ପ୍ରାୟେ ସେ ଦିନ ॥ ୨

ବିଶାଖା ନକ୍ଷତ୍ର ଚନ୍ଦ୍ରରେ ଥିବ    ପୁଷ୍ୟା ନକ୍ଷତ୍ର ପଞ୍ଚମ ହୋଇବ
ଏ ଘଡ଼ି, ହେଲେ ଏଠାରୁ ଯିବା,
ଭରତଙ୍କେ ଅଯୋଧ୍ୟାରେ ମିଳିବା ॥ ୩

ଏକାଦଶୀରେ ହେବ ଅଭିଷେକ    ତେବେ ସୁଖି ହେବେ ଅଯୋଧ୍ୟା ଲୋକ
ଶୁଣିଣ, ରାମ ଭୃତ୍ୟକୁ କହି,
କାଲି ଅଯୋଧ୍ୟାକୁ ଯିବା ଯୋଗାଇ ॥ ୪

ପ୍ରଭାତୁ ସର୍ବେ ସଜ ହୋଇଥିବେ    ଆମ୍ଭ ସଙ୍ଗତରେ ଅଯୋଧ୍ୟା ଯିବେ
ସୁମନ୍ତ୍ର, ମନ୍ତ୍ରୀକି ପୁଣ କହି,
ସମସ୍ତ କାର୍ଯ୍ୟ କର ବେଗେ ଯାଇ ॥ ୫

ଆଜ୍ଞା ପ୍ରମାଣେ ବୋଲି କହିଗଲେ    ଦୂତ ପେଷି ସମସ୍ତ କାର୍ଯ୍ୟ କଲେ
ସେ ଗ୍ରାମେ, ଦିଆଇଲେ ଘୋଷଣ,
କାଲି ଅଯୋଧ୍ୟା ବିଜେ ଶ୍ରୀରାମ ॥ ୬

ପ୍ରଭାତୁ ସର୍ବେ ଆସିବେ ବହନ    ଶୁଣିଣ ସମସ୍ତେ ଆନନ୍ଦ ମନ
ଅଯୋଧ୍ୟା, ପୁଣି ପେଷିଲେ ଚର,
ବେଗେ ମଣ୍ଡନ କର ସର୍ବପୁର ॥ ୭

ଦଧି ମାଝରେ ଥିବ ରାଜହଂସ    ଚନ୍ଦ୍ର ହୋଇଥିବ ସମସ୍ତ ବାସ
ସୁବର୍ଣ୍ଣ, କଳସରେ ଚରାଳ,
ଲମ୍ବି ଥିବ ତହିଁ ମୁକୁତା ମାଳ ॥ ୮

ଦ୍ୱାରରେ ପୂର୍ଣ୍ଣକୁମ୍ଭକୁ ଥୋଇବ    କଦଳୀ ନଟିକାଳ ରହିଥିବ
ଦାଣ୍ଡରେ, ବାଲିକା ପକାଇବ,
ସବୁଠାରେ ଯୋଣା ଲମ୍ବାଇ ଦେବ ॥ ୯

ଠାବେ ଠାବେ ବାଟେ ନୃତ୍ୟ ହୋଇବ    ବାଦ୍ୟ ନାଦେ ହୁଳହୁଳି ପଡ଼ିବ
ଶୁଣିଣ, ଡଗର ବେଗେ ଗଲା,
ଘଡ଼କେ ସବୁ ନର୍ଭ କରାଇଲା ॥ ୦

ସୁମନ୍ତ୍ର ପୁଣି ରାଇ ଚନ୍ଦ୍ରସେନ    ଅଯୋଧ୍ୟାପୁରକୁ ଯାଅ ବହନ
ରାଜାଙ୍କ, ନଗର ମଣ୍ଡ ଯାଇ,
ଯେମନ୍ତେ ତୋଷ ହେବେ ରଘୁସାଇଁ ॥ ୧୧

ଏସନ ଭିଆଣ କରି ସୁମନ୍ତ୍ର    ରାମ ଛାମୁରେ କହିଲେ ତୁରିତ
ଦେଖ ଦେବ, ସବୁ କଲି ନିର୍ମାଣ,
ଶୁଣି ଆନନ୍ଦ ହେଲେ ରଘୁରାଣ ॥ ୧୨

ପ୍ରଭାତୁ ସୁମନ୍ତ୍ର ରାଇ ଶ୍ରୀରାମ    ନିଶାଣ ଦିଆଅ ଆସନ୍ତୁ ସୈନ୍ୟ
ସୁମନ୍ତ୍ର, ଶୁଣି ବେଗେଣ ଗଲେ,
ସିଂହଦ୍ୱାରେ ଡମକ ଦିଆଇଲେ ॥ ୧୩

ନିଶାଣ ଶୁଣି ଲକ୍ଷେ ନୃପଗଣ    ସର୍ବ ସୈନ୍ୟ ସୁଗ୍ରୀବ ବିଭୀଷଣ
ମିଳିଲେ, ସିଂହଦ୍ୱାରରେ ଯାଇ,
ଗୁହ ଶବରକୁ ଶ୍ରୀରାମ କହିଁ ॥ ୧୪

ଦେଖ ମଇଧ ଆମ୍ଭେ ବନକୁ ଗଲୁ    ଅନେକ ଦୁଃଖ ପାଇଣ ଆସିଲୁ
ଅଯୋଧ୍ୟା, ପୁରକୁ ଚାଲି ଯିବା,
ସେଠାରେ ସମସ୍ତ କଥା ହେବା ॥ ୧୫

ଆଗୁଆଣି ତୁମ୍ଭେ ଯାଅସି ମିତ    ଧରାଇବା ମୟୂର ଝୁଲ ଛନ୍ଦ
ଶୁଣିଣ, ଗୁହ ଆଗରେ ଗଲା,
ନାନାବିଧ ବାଦ୍ୟମାନ ବଜାଇଲା ॥ ୧୬

ଲକ୍ଷେ ରାଜାର ବାଜିଲା ବାଜଣା ସବୁ ବାଦ୍ୟରୁ ରାମତାଳ ଜଣା

ଦେଖିଣ, ଦେବେ ଆନନ୍ଦ ହେଲେ,

ରଘୁନାଥ ଦାସ ରାମ ଧ୍ୟାଇଲେ ॥ ୧୭

●

## ରାଗ- ମଙ୍ଗଳଗୁଜ୍ଜରୀ

ଏଥୁଅନ୍ତେ ଶୁଣ ସୁରାଂ ଜନେ ମନ ଦେଇ ।
ବେଗ ହୋଇ ନିତ୍ୟକର୍ମ ସାରି ରଘୁସାଇଁ ଯେ ॥ ୧

ଦେବାର୍ଚ୍ଚନ ନବରେ ଯାଇଣ ବିଜେ କଲେ ।
ଦ୍ୱିଜବରେ ଯାଇ ବନ୍ଧୁ କଲ୍ୟାଣ ବାଞ୍ଛିଲେ ଯେ ॥୨

ତହୁଁ ଯାଇ ଲକ୍ଷ୍ମୀ ନାରାୟଣଙ୍କୁ ଦେଖିଲେ ।
ପ୍ରସାଦ ଘେନିଣ ବେଗେ ବାହୁଡ଼ି ଅଇଲେ ଯେ ॥୩

ହିବାକୁ ସଜ ହୋଇଲେ ବେଗେ ରଘୁମଣି ।
ଶ୍ରୀଅଙ୍ଗ ଶୋଭିକୁ ସର ନୋହେ ଦାନମଣି ଯେ ॥୪

ବରୁଣ ଯେବଣ ଅଲଙ୍କାର ଦେଇଥିଲେ ।
ସେ ରତ୍ନ ଶ୍ରୀରାମ ଅଙ୍ଗେ ଆଭରଣ କଲେ ଯେ ॥୫

କନ୍ଧେ ତୋଣ ଭିଡ଼ି ଧନୁବାଣକୁ ଧଇଲେ ।
ସୁବର୍ଣ୍ଣ - ପୀଢ଼ାରେ ବେଗେ ଯାଇ ବିଜେକଲେ ଯେ ॥୬

ବ୍ରାହ୍ମଣ ମାନେ ମଙ୍ଗଳ ଅଷ୍ଟକ ପଢ଼ନ୍ତି ।
ଦଧିମାଛ ପୂର୍ଣ୍ଣ କୁମ୍ଭ ଆଗରେ ରଖନ୍ତି ଯେ ॥୭

ମଙ୍ଗଳ ଗୁଜ୍ଜରୀ ରାଗେ ବାଦ୍ୟ ବଜାଇଲେ ।
ହୁଳହୁଳି ଦେଇ ଗଣିକାଏ ନୃତ୍ୟ କଲେ ଯେ ॥୮

ବଶିଷ୍ଠେ ସିନ୍ଦୂର ଚିତା ଶ୍ରୀରାମଙ୍କୁ ଦେଇ ।
ହିଁଶାଖା ଶ୍ୱେତ ଦୂର୍ବା ମସ୍ତକେ ଦେଲେ ନେଇ ଯେ ॥୯

ମଙ୍ଗଳ ଆଳତି ଘେନି ବନ୍ଦାପନା କଲେ ।
ଅନୁକୂଳ ହେଲା ଜଉତଷେ ଜଣାଇଲେ ଯେ ॥୧୦

ଶୁଣିଣ ଶ୍ରୀରାମଚନ୍ଦ୍ର ଉଠିଣ ତକ୍ଷଣ ।
ଷାରଛତ୍ର ତୋଳିଣ ଧଇଲେ ବିଭୀଷଣ ଯେ ॥୧୧

ସୁମନ୍ତ୍ର ସାଜିଆଣି ପୁଷ୍ପକ ରଘୁବର ।
ତହିଁ ଯାଇ ବିଜେ କଲେ ରାମ ତତପର ଯେ ॥୧୨

ନନ୍ଦିଘୋଷ ରଥେ କି ବିଜୟେ ଜଗନ୍ନାଥ ।
ତେସନ ଶୋଭା ପ୍ରାୟେ ଦିଶନ୍ତି ରଘୁନାଥ ଯେ ॥୧୩

ଭରଥ ଲକ୍ଷ୍ମଣ ଶତ୍ରୁଘ୍ନ ଚଉଁରି ରଘୁବର ।
ରଘୁବର ଆରୋହିଲେ ଲକ୍ଷେ ନୃପବର ଯେ ॥୧୪

ହସ୍ତୀପରେ ବସି ବିଭୀଷଣ ସୁଗ୍ରୀବର ।
ସମସ୍ତ ସେନାଏ ଚଉଁରି ମତ୍ତ କପିବର ଯେ ॥୧୫

ଶ୍ରୀରାମ ଛାମୁରେ ଯାଇ ସମସ୍ତେ ମିଳିଲେ ।
ଆଲଟ ଚାମର ଧରି ରାମଙ୍କୁ ଢାଳିଲେ ଯେ ॥୧୬

ବଶିଷ୍ଠ ଜାବାଳି ବାମଦେବ ଯେ କଶ୍ୟପ ।
ଏହାଙ୍କୁ ଗୃହିଁ ବୋଲନ୍ତି ରଘୁକୁଳ ନୃପ ଯେ ॥୧୭

ମାତୃପଣ ସୀତା ଦେଇ ଯେତେକ କାମିନୀ ।
ବିଳମ୍ବ ନକର ପଛେ ଆସ ବେଗେ ମୁନି ହେ ॥୧୮

ସମ୍ମୁଖ ହୋଇଣ ରାମଚନ୍ଦ୍ର ବିଜେ କଲେ ।
ବ୍ରାହ୍ମଣମାନେ ମିଳିଣ ବେଦଧ୍ୱନି କଲେ ଯେ ୧୯

ସ୍ୱର୍ଗେ ଥାଇ ଦେବଗଣେ ପୁଷ୍ପ ବୃଷ୍ଟି କଲେ ।
ଦୁନ୍ଦୁଭି ବଜାଇ ଅପସରା ନୃତ୍ୟ କଲେ ଯେ ॥୨୦

ସୈନ୍ୟର ଗହଳେ ନ ଦିଶଇ ଦିବାକର ।
ଅଯୋଧ୍ୟାରେ ପ୍ରହରକେ ମିଳି ରଘୁବୀର ଯେ ॥୨୧

ଦେଖି ନଗ୍ରଜନମାନେ ଆନନ୍ଦ ହୋଇଲେ ।
ନାରୀଗଣେ ମିଳି ହୃଷ୍ଟେ ହୁଳହୁଳି ଦେଲେ ଯେ ॥୨୨

ସିଂହଦ୍ୱାରେ ରାମ ଯାଇ ପ୍ରବେଶ ହୋଇଲେ ।
ରଥୁଁ ଓହ୍ଲାଇ ଜଗତି ପରେ ବିଜେ କଲେ ଯେ ॥୨୩

ଏହି କାଳେ ବଶିଷ୍ଠ ମିଳିଲେ ରାମ ପାଶ ।
ଜଣାଇଲେ ଅଇଲେ ତୁମ୍ଭର ରାଣୀହଂସ ହେ ।।୨୦

ଏକାଉ ଲାଗି ହୋଇଣ କୃତ୍ୟକର୍ମ ସାର ।
ରଘୁନାଥ ଦାସ ରାମ ପାଦ ଧ୍ୟାନ କରି ସେ ।।୨୫

●

ରାଗ—**ଚକ୍ରାକେଦାର**

ଏଥୁଅନ୍ତେ ରଘୁକୁଳ ସାଇଁ ସୁମନ୍ତ୍ରଙ୍କୁ ବେଗେ ଆଜ୍ଞା ଦେଇ
ଲଙ୍କେ ରାଜା ସୁଗ୍ରୀବର ବିଭୀଷଣ,
ଅନୁରୂପେ ରଖ ପୁର ଦେଇ, ହେ ସୁମନ୍ତ୍ର ।।୧

ଫଳ ମୂଳ ସଞ୍ଚା ଦିଅ ନେଇ ସୁଖେ ରହନ୍ତୁ ସମସ୍ତେ ଯାଇ
ରଥ ଗଜ ଅଶ୍ୱ ପାଦାନ୍ତ ରଖାଅ,
ରାମ ଆଜ୍ଞାରେ ମନ୍ତ୍ରୀ ଚଳାଇ, ସେ ସତ୍ୱରେ ।।୨

ସ୍ଥିର ଦେଖି ମନ୍ତ୍ରୀ କାର୍ଯ୍ୟ କଲେ ରାମ-ଛାମୁରେ ଯାଇ କହିଲେ
ସବୁ ସୈନ୍ୟଙ୍କୁ ସୁସ୍ଥରେ ରଖାଇଲି,
ଶୁଣି ରାମ ପୁଣି ଆଜ୍ଞା ଦେଲେ, ସେ ଶ୍ରୀରାମ ।।୩

କାଲି ଅଭିଷେକ ଯେ ହୋଇବ ସମସ୍ତ କାର୍ଯ୍ୟ କରିଣ ଥିବ
ହନୁକୁ ରାମ ବୋଲନ୍ତି ବେଗେ ଯାଇ,
ପ୍ରଭାତରୁ ଋଷିଙ୍କି ଆଣିବ ହେ, ପାବନି ।।୪

ନଳକୁ କହନ୍ତି ରାବଣାରି ତୁମ୍ଭେ ସଙ୍ଗେ ନିଅ ଋକ୍ଷ ହରି
ନାନା ତୀର୍ଥରୁ ଜଳମାନ ଆଣିମ,
ପ୍ରଭାତରୁ ଆସ ବେଗ କରି, ହେ ବହନ ।।୫

ପୁଣି ରାଜା, ସୁଗ୍ରୀବ ସୁଷେଣ ଜାମ୍ବବ ସଙ୍ଗର ନୃପଜନେ,
ଏହାଙ୍କୁ ଲକ୍ଷ୍ମଣ ଶ୍ରୀରାମ ବୋଲନ୍ତି,
ତୁମ୍ଭେ ଚାରି ତୀର୍ଥୁ ଜଳ ଆଣ, ହେ ବହନ ।।୬

ଉତ୍ତରକୁ ହେ ମଇନ୍ଦ ଯିବ ଦକ୍ଷିଣକୁ ସଙ୍ଗର ଚଳିବ
ପଶ୍ଚିମେ ଜାମ୍ବବ ପୂର୍ବକୁ ସୁଷେଣ,
ପ୍ରଭାତରୁ ବହନ ଆସିବ, ହେ ସତ୍ୱରେ ।।୭

ରାମ ଆଜ୍ଞା ଶୁଣି ତୋଷ ହୋଇ ନମସ୍କାର କରି ଚଳିଯାଇ
ନଗ୍ରପୁର ମନ୍ତ୍ରୀ ମଣ୍ଡଳ କରାଇ,
ଅଭିଷେକ ଯୋଗାଡ଼ ଭିଆଇ, ସେ ସୁମନ୍ତ ॥୮

ରାଜ୍ୟେ ଘୋଷଣା ମନ୍ତ୍ରୀ ଦିଆଇ ଅଭିଷେକ ହେବେ ରଘୁସାଇଁ
କାଲି ପ୍ରଭାତୁ ସଜ ହୋଇ ଆସିବ,
ରାଜେ ସୁମନ୍ତ ସବୁ ଭିଆଇ, ସେ ବହନ ॥୯

ନିଶି ଶେଷେ ରଘୁକୁଳ ସାଇଁ ନିତ୍ୟକର୍ମ ସାରି ବେଗ ହୋଇ
ଏହିକାଳେ ହନୁ ଦର୍ଶନ କରିଣ,
କହେ ଋଷି ଅଇଲେ ଗୋସାଇଁ, ହେ ଭୂଦେବ ॥୧୦

ବାଲମିକ ବିଶ୍ୱାମିତ୍ର ମୁନି ଗଉତମ ଭରଦ୍ୱାଜ ଘେନି
ନାରଦ ମାର୍କଣ୍ଡ କପିଳ ସହିତେ,
ସୁତୀକ୍ଷଣ ଜନକଙ୍କୁ ଆଣି ହେ, ଭୂଦେବ ॥୧୧

ଋଷ୍ୟଶୃଙ୍ଗ ବଶିଷ୍ଠକ ତୁଲେ ଅଗସ୍ତି ରାଜର୍ଷି ମିଳିଲେ
ବ୍ରହ୍ମ ଋଷି ଦେବର୍ଷିଙ୍କି ଆଣିଲି,
ଶୁଣି ରାମ ଆନନ୍ଦ ହୋଇଲେ, ସେ କାଳରେ ॥୧୨

ତଦଅନ୍ତେ ଜାମ୍ବେବ ରୋମାସାଇଁ ସଉରି ସୁଷେଣ ବେଗ ହୋଇ
କ୍ଷୀର ସମୁଦ୍ରରୁ ନୀର କୁମ୍ଭେ ଭରି,
ଅମ୍ବୁ ଜାମ୍ବୁ ପଣକୁ ଘୋଡାଇ, ସେ ସତ୍ୱରେ ॥୧୩

ରାମ ସମ୍ମୁଖରେ ମିଳିଲେ ଯାଇ ନୀର ଥୋଇ ନମସ୍କାର ହୋଇ
ସୁଗ୍ରୀ କହାଇ କ୍ଷୀର ସମୁଦ୍ର ଜଳ,
ଆଜ୍ଞା ପ୍ରମାଣେ ଆଣିଲୁ ଯାଇ, ହେ ଭୂଦେବ ॥୧୪

ନୀଳସେନ ତୀର୍ଥ ବାରି ଧରି କହେ ରାମଙ୍କୁ ଦର୍ଶନ କରି
ଭୂ ଦେବ ଗଙ୍ଗା ଗୋଦାବରୀ ନର୍ମଦା,
ସରସ୍ୱତୀ ଯମୁନା କାବେରୀ ହେ, ଭୂ ଦେବ ॥୧୫

ମନ୍ଦାକିନି ସରଯୂ କୃଷ୍ଣବେଣୀ ପ୍ରୟାଗ ଫଲ୍‌ଗୁ ବଇତରଣୀ
ଋଷିକୁଲ୍ୟା ଶ୍ୱେତଗଙ୍ଗା ଗନ୍ଧନଦୀ,
ବିନ୍ଦୁସାଗର ଗଉରବେଣୀ, ହେ ଭୂଦେବ ॥୧୬

ଏହିରୂପେ ଅଠଷଠୀ ତୀର୍ଥ ଯାଇ ଜଳ ଆଣିଲୁ ହେ ନାଥ
ଶୁଣି ରାମ ହୃଷ୍ଟ ହୋଇ ବେଶ ହେଲେ,
ରାମ ଭକେ ଦାସ ରଘୁନାଥ, ଦେ ସୁଜନେ ॥୭

●

## ରାଗ **ମଙ୍ଗଳଗୁଜ୍ଜରୀ**

ଏଥୁଅନ୍ତେ ରାମଚନ୍ଦ୍ର ସୁବେଶ ହୋଇଲେ ।
ଅନୁକୂଳ ବେଳ ଦେଖି ତହୁଁ ବିଜେ କଲେ ଯେ ॥୧

ବଚଧ ମଣ୍ଡପେ ରାମ ବିଜେ ପରବେଶେ ।
ଅଭିଷେକ ଯୋଗାଡ଼କୁ ମନ୍ତ୍ରୀ ଦେଲେ ପାଶେ ଯେ ॥୨

ଜାନକୀଙ୍କି ସଜ କରି ସଖୀଗଣମାନ ।
ପଟୁଆର କରି ନେଲେ ରାମ ସନ୍ନିଧାନ ଯେ ॥୩

ଶ୍ରୀରାମ ବାମ ପାରୁଶେ ବସି ବଇଦେହୀ ।
ବଷ୍ଟୁ ପାଶେ ବିଜେ କ କମଳିଣୀ ଧରଇ ଯେ ॥୪

ଅନୁକୂଳ ହେଲା ଦେବ ଜଉତିଷ କହି ।
ଶୁଣି ସପ୍ତଋଷି ଅଗଭର ହେଲେ ଯାଇ ଯେ ॥୫

ଶ୍ରୀରାମ ମସ୍ତକେ ପାଟ ମୁକୁଟ ବାନ୍ଧିଲେ ।
ସୀତାଙ୍କ ଶିରେ ରତ୍ନଲୋଳକୁ ଖଞ୍ଜିଲେ ଯେ ॥୬

ସ୍ୱର୍ଣ୍ଣକୁମ୍ଭେ ପଞ୍ଚାମୃତ ପଞ୍ଚରତ୍ନ ଭରି ।
ଶ୍ରୀରାମ ଶିରେ ଢାଳନ୍ତି ବେଦଧ୍ୱନି କରି ଯେ ॥୭

ଶଙ୍ଖ ଭେରୀ ବାଦ୍ୟ ନାଦେ କମ୍ପେ ବସୁନ୍ଧରୀ ।
ରାମକେରୀ ରାଗେ ବାଜେ ମଙ୍ଗଳ ମହୁରୀ ଯେ ॥୮

ନାନା ତୀର୍ଥ ଜଳ ନେଇ ସ୍ନାନ କରାଇଲେ ।
କନକ ଦଣ୍ଡକୁ ତୋଳି ଲକ୍ଷ୍ମଣ ଧରାଇଲେ ଯେ ॥୯

ଏସନ ସମୟେ ବ୍ରହ୍ମା ଇନ୍ଦ୍ର ଆଦି କରି ।
ତେତିଶ-କୋଟି ଦେବେ କନ୍ଦର ଅପସରୀ ଯେ ॥୧୦

ସ୍ୱର୍ଗୁ ଆସି ରାମ ଅଭିଷେକକୁ ଦେଖିଲେ ।
ଦୁନ୍ଦୁଭି ବାଦ୍ୟ ବଜାଇ ପୁଷ୍ପ ବୃଷ୍ଟି କଲେ ଯେ ॥୧୧

ହୁଳାହୁଳି ଦେଇ ସର୍ବ ବାଦ୍ୟ ବଜାଇଲେ ।
ଅପ୍ସରାମାନେ ଆନନ୍ଦରେ ନୃତ୍ୟ କଲେ ଯେ ॥୧୨

ନୀଳଗିରି ଜଗନ୍ନାଥେ ଯେସନ୍ତେ ସ୍ଥାନ କରି ।
ସେହି ରୂପେ ବସନ୍ତି ସୀତାସ୍ତୁ ଗୃପଧାରୀ ଯେ ॥୧୩

**ବଚନିକା ! -**

ଅଗସ୍ତି ବୋଲେ ମାରକଣ୍ଡେୟଙ୍କୁ ଚାହିଁ ।
ମାଲ୍ୟବନ୍ତ ପର୍ବତେ ଯାହା କହିଥିଲୁ ॥

ଏ ରାମଟି ଦଶଗ୍ରୀବ ସମ୍ପଦ ନାଶିଲେ ।
ଏବେ ଅଯୋଧ୍ୟାରେ ଆସି ଅଭିଷେକ ହେଲେ ।

ତୁ ଯେ ମାରକଣ୍ଡେୟ ହୋ ମନେ ଭ୍ରାନ୍ତ କଲୁ ।
ନାରାୟଣ ନୁହନ୍ତି ଏ ବୋଲିଣ ବୋଇଲୁ ॥

**ମାର୍କଣ୍ଡେୟ ବଚନିକା :- -**

ମାର୍କଣ୍ଡେୟ ବୋଲନ୍ତି ଶୁଣହେ କୁମ୍ଭଜାତ ।
ଏହି ସେ ଶ୍ରୀରାମ ଯେ ଅବ୍ୟୟ ଅଚ୍ୟୁତ ॥

ଏହାଙ୍କ ପ୍ରସାଦରୁ ଦୁଃଖ ମୋର ଗଲା ।
ପୁଣି ମୋହ ମନେ କମ୍ପା ଭ୍ରାନ୍ତ ଉପୁଜିଲା ॥

ପ୍ରଥମରେ ମହା ପ୍ରଳୟ ହେଲା ଯେଉଁ କାଳେ ।
ଦେଖିଲି ନାରାୟଣ ଅଛନ୍ତି ବଟ ଡାଳେ ॥

ପତ୍ର ଗୋଟିକରେ ଦେବ ଉତ୍ତାନେ ଶୟନ ।
ବୃଦ୍ଧଙ୍ଗୁଠି ଉଦରେ ଯେ ଧଇଲେ ଜନାର୍ଦ୍ଦନ ॥

ସେ ରୂପ ଅନ୍ୟପରି ନ ଦେଖିଲି ମୁହିଁ ।
ବାଳକେ ଦେଖି ପଚାରନ୍ତି ରଘୁସାଇଁ ॥

**ଶ୍ରୀରାମ ବଚନିକା :—**

କିସ ବିଚାର କରୁଛ ଆହେ ମୁନିବର ।
ଶୁଣି ଅଗସ୍ତି ବୋଲନ୍ତି ଶୁଣ ରଘୁବୀର ॥

**ଅଗସ୍ତି ବଚନକା :**

ମାଲ୍ୟବନ୍ତେ ଦେଖିଲୁ ତୁମ୍ଭଙ୍କୁ ଆମ୍ଭେ ଯାଇ ॥
ବନ୍ଦନ ଆସି ବାଟେ ପୂର୍ବର କଥା ହୋଇ ॥

ଏବେ ସେ ଦେଖିଲୁ ଦେବ ବର ଶ୍ରୀରମଣ ।
ଅଭିଷେକ କରନ୍ତି ବ୍ରହ୍ମାଦି ସୁରଗଣେ ॥

ତେଣୁ ମାରକଣ୍ଡଙ୍କୁ ବୋଇଲୁ ଏବେ ଦେଖ ।
ମାଲ୍ୟବନ୍ତ ପର୍ବତେ ଦେଖିଲୁ ଯେଉଁ ଦୁଃଖ ॥

ଏମନ ବୁଝାନ୍ତେ ମୁହିଁ ନ ବୁଝନ୍ତି ମନ ।
ବୋଲନ୍ତି ଏହାଙ୍କୁ ମୁହିଁ ନ ପାରିଲି ଚହ୍ନି ॥

ଜଳେ ବୁଡନ୍ତେ ମୋତେ ଏ ଉଦରେ ଧଇଲେ ।
ପ୍ରଳୟ କାଳରେ ସେହୁ ବଟପୁଟେ ଥିଲେ ॥

ସେ ମୂର୍ତ୍ତି ନୟନେ ମୁହିଁ ନ ଦେଖିଲି କାହିଁ ।
ଶୁଣିଣ ଶ୍ରୀରାମଚନ୍ଦ୍ର ମାରକଣ୍ଡ ରାଇ ॥

**ଶ୍ରୀରାମ ବଚନକା : -**

ଯାହା ତୁ ଦେଖିଲୁ ମୁନି ସେ ରୂପ ଗୋ! ନାହିଁ ।
ଏ ଅବତାରେ ମୁଁ ସତ୍ୟବାଦୀ ମାୟା ନାହିଁ ॥

ଦ୍ୱାପର ଯୁଗରେ ଜାତ କୃଷ୍ଣ ଅବତାର ।
ତେବେ ମାୟା ମୋର ତୁ ଦେଖିବୁ ମୁନିବର ॥

## ଗୀତ

ଏଥୁଅନ୍ତେ ଅଭିଷେକ ଶ୍ରୀରାମ ସାରିଲେ ।
ଆସ୍ଥାନରୁ ରାମ ସୀତା ଭିତରକୁ ଗଲେ ଯେ ॥ ୧୪

ସୁବାସିତ ଜଳେ ବେଗେ ସ୍ନାହାନଙ୍କୁ କରି ।
ସୁବେଶ ହୋଇ ଆସ୍ଥାନେ ବସେ ରୂପଧାରୀ ଯେ ॥ ୧୫

ମୃଦୁସୁଲ୍ଲୀ ମାନେ ରାମ ସୀତା ପାଶେ ଗଲେ ।
ନାନା ବାଦ୍ୟ ବଜାଇଣ ହୁଳହୁଳି ଦେଲେ ଯେ ॥ ୧୬

କନକ ଦଣ୍ଡ ତୋଳି ଧଇଲେ ସଉମିତ୍ରି ।
ଚାମର ଢାଳନ୍ତି ରହି କିଷ୍କିନ୍ଧାର ପତି ଯେ ॥ ୧୭

ଭରଥ ଶତ୍ରୁଘନ ଲକ୍ଷେ ରାଜା ସହିତରେ ।
ଚାମର ଢାଳନ୍ତି ନେଇ ଶ୍ରୀରାମଙ୍କ ଶିରେ ଯେ ॥ ୧୮

ଶ୍ରୀଧମ୍ବୁର ମଶାଲ କରଇ ଯେ ମାରୁତି ।
ନିଯୋଗ ଧରି ଅଛନ୍ତି ସେନା ଯୂଥପତି ଯେ ॥ ୧୯

ମାତୃଗଣମାନେ ଆସି ନିକଟେ ମିଳିଲେ ।
ସ୍ୱର୍ଣ୍ଣ ସ୍ଥାଳୀରେ ଅକ୍ଷତ ଭରି ବନ୍ଦାଇଲେ ଯେ ॥ ୨୦

ସର୍ବ ବାମାମାନେ ମିଳି ବନ୍ଦାପନା କଲେ ।
ହୁଳହୁଳି ଦେଇ ଲକ୍ଷେ ଶଙ୍ଖ ବଜାଇଲେ ଯେ ॥ ୨୧

ଏହିକାଳେ ଦୂମାଇଲେ ବୀର ସଉମିତ୍ରି ।
ଚେତ ହସିବାରୁ ସର୍ବେ ମନେ ବିଚାରନ୍ତି ଯେ ॥ ୨୨

ସର୍ବ ସୈନ୍ୟ ଯାକ ମନେ କେ କି ବିଚାରିଲେ ।
ଶ୍ରୀରାମ ଜାଣିଣ ଲକ୍ଷ୍ମଣଙ୍କୁ ପଚାରିଲେ ଯେ ॥ ୨୩

କମ୍ପାଇ ହସିଲ କହ କହ ସଉମିତ୍ରି ।
ଲକ୍ଷ୍ମଣ ବୋଲନ୍ତି ଶୁଣ ଆହେ ଦାଶରଥି ହେ ॥ ୨୪

ଚଉଦ ବରଷ ବନବାସ କଲି ମୁହିଁ ।
ନିଦ୍ରା ବୋଲି ଧନେ ମୋତେ ନ ମାଡ଼େ ଗୋସାଇଁ ହେ ॥ ୨୫

ଏବେ ଅଭିଷେକ ପ୍ରଭୁ ହୋଇବାର ବେଳେ ।
ନିଦ୍ରା ଅକସ୍ମାତୁ ମାସିଲା ରଘୁବାଳେ ହେ ॥ ୨୬

ଏହା ଶୁଣି ସର୍ବେ ମନେ ଆନନ୍ଦ ହୋଇଲେ ।
ଅନ୍ତର୍ଯାମୀନାଥ ସର୍ବ ଭ୍ରାନ୍ତି ଫିଟାଇଲେ ଯେ ॥ ୨୭

ଏଥୁଅନ୍ତେ ବନ୍ଦାପନା ସାରି ରଘୁସାଇଁ ।
ହନୁ ଅକ୍ଷତ ଭକ୍ଷିବା ଦେଖି ରଘୁସାଇଁ ଯେ ॥ ୨୮

ଦେଖି ହନୁ ବୋଲେ ଏ ପ୍ରକୃତି ମୋ ଗୋସାଇଁ ।
ଆହୁଁ ! ଏ ପ୍ରକୃତି ଯାଉ ରାମ ଆଜ୍ଞା ଦେଇ ଯେ ॥ ୨୯

ଦେବଗଣ ଅକ୍ଷତ କଇଁଣ ମାଳ ଦେଲେ ।
ଆନନ୍ଦରେ ରାମ ସୀତା କଣ୍ଠେ ଲମ୍ବାଇଲେ ଯେ ।।୩୦

ସୀତା ସନ୍ତୋଷରେ ମାଳ ପାବନ୍ନ କ ଦେଲେ ।
ଧନ୍ୟ ଧନ୍ୟ ହନୁ ବୋଲି ସମସ୍ତେ ବୋଇଲେ ଯେ ।।୩୧

ବଶିଷ୍ଠଙ୍କୁ ଚାହିଁ ରାମ ବୋଲନ୍ତି ବଚନ ।
କସ ଦେଇ ପଠାଇବା ଆମ୍ଭେ ଦେବଗଣ ଯେ ।।୩୨

ବାନସ୍ଥୀ ହୋଇ କହିଲେ ଯିବେ ଦେବଗଣ ।
ଅଞ୍ଜଳି ଦେଇଣ ବୋଧ କଲେ ରାମରାଣ ଯେ ।।୩୩

ବ୍ରହ୍ମା ଆଜ୍ଞା ଦେଲେ ଆମ୍ଭେ ଯାଉଛୁ ସ୍ୱର୍ଗକୁ ।
ରାଜା ହେଲେ ରଥେ ବସି ବୁଲନ୍ତି ନଗରକୁ ହେ ।।୩୪

ଏତେ କହି ଦେବଗଣ ଗଲେ ସ୍ୱର୍ଗ ପୁର ।
ରାମ ଆଜ୍ଞା ଦେଲେ ବେଗେ ଆଣ ରଥବର ଯେ ।।୩୫

ଶୁଣି ପୁଷ୍ପକ ରଥକୁ ଆଣିଲେ ସୁମନ୍ତ ।
ଭିତରକୁ ବିଜେକଲେ ଜନକ ଦୋହିତା ଯେ ।।୩୬

ଅଢ ସମ୍ଭବରେ ରଥେ ବିଜେ କଲେ ଯାଇ ।
ରଘୁନାଥ ଦାସ ରାମ ଚରଣରେ ଧ୍ୟାୟୀ ଯେ ।।୩୭

●